

ଆସିଲା
'ଥାମା' ଟିଜର
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-58 ◆FRIDAY ◆22 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୮ ◆ଶୁକ୍ରବାର ◆୨୨ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସମୂହ ଜୀବନ ହାରିଲେ ପରିବାରର ୫ ସଦସ୍ୟ




■ହାଇଦରାବାଦ୍,୨୧।୮ (ଏଜେନ୍ସି):ହାଇଦରାବାଦ୍‌ରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ପରିବାର ୫ ଜଣ ସଦସ୍ୟଙ୍କ ମୃତଦେହ ସନ୍ଦେହଜନକ ଭାବେ ଗୋଟିଏ ଘରୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧ୍ୟରେ ଜଣେ ଦୁଇ ବର୍ଷର ଶିଶୁ ମଧ୍ୟ ରହିଛି। ମୃତକଙ୍କ ମଧ୍ୟରେ ଜଣେ ପୁରୁଷ (୬୦), ତାଙ୍କ ପତ୍ନୀ (୫୫), ଝିଅ (୨୪), ଜ୍ୱାଇଁ (୩୨)ଓ ଦୁଇବର୍ଷର ଶିଶୁ ରହିଛନ୍ତି। ମିୟାପୁର ପୁଲିସ ଥାନ୍ ଅନ୍ତର୍ଗତ ମକଥା ମେହବୁବପେଟ୍‌ରେ ଏହି ଘଟଣା ଘଟିଛି। ପଡୋଶୀଙ୍କଠାରୁ ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ଏହି ପରିବାର କର୍ଣ୍ଣାଟକର ଗୁଲବର୍ଗା ଜିଲ୍ଲାର ଆସି ଏଠାରେ ଗତ ୬ ବର୍ଷ ହେବ ରହୁଥିଲେ। ଏମାନେ ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ମୃତଦେହଗୁଡିକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘରର ମୁଖ୍ୟ ଲକ୍ଷ୍ମୀମାଇଆ ଜଣେ ଶ୍ରମିକ ଭାବେ କାର୍ଯ୍ୟକରନ୍ତି। ପୂର୍ବରୁ ଋଣ କରିଥିବାରୁ ଓ ଏହାକୁ ପରିଶୋଧ କରିବା ଉଦ୍ଦେଶ୍ୟରେ ରୋଜଗାର ପାଇଁ ଏହି ପରିବାର ହାଇଦରାବାଦ ସ୍ଥାନାନ୍ତର ହୋଇଥିଲେ। ଋଣ ବୋଝ ଓ ଆର୍ଥିକ ଅନାଟନ ପାଇଁ ସମସ୍ତେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ସହିତ ତଦନ୍ତ ସରିବା ପରେ ସବୁ କିଛି ସ୍ପଷ୍ଟ ହୋଇଯିବ ବୋଲି ଆଶା ପୁଲିସ ପକ୍ଷରୁ କୁହାଯାଇଛି।

## ଭାରତ-ପାକ୍ ଏସିଆ କପ୍ ମ୍ୟାଚ୍‌କୁ ସବୁଜ ସଙ୍କେତ



■ ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ସେପ୍ଟେମ୍ବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇଭୋଲଟେଜ ଏସିଆ କପ୍ କ୍ରିକେଟ୍ ମ୍ୟାଚକୁ କେନ୍ଦ୍ର କ୍ରୀଡ଼ା ବିଭାଗର ସବୁଜ ସଙ୍କେତ ମିଳିଛି। ନୂଆ ନୀତି ଅନୁଯାୟୀ ଭାରତ କୌଣସି ଦ୍ୱିପାକ୍ଷିକ ସିରିଜ କିମ୍ବା ଇଭେଣ୍ଟରେ ପାକିସ୍ତାନ ସହ ଖେଳିବ ନାହିଁ। କିନ୍ତୁ ଅନ୍ତର୍ଜାତୀୟ ଇଭେଣ୍ଟରେ ଯେଉଁଥିରେ ପାକିସ୍ତାନ ଦଳ ଓ ଖେଳାଳି ଅଂଶଗ୍ରହଣ କରୁଥିବେ ସେଥିରେ ଭାରତୀୟ ଖେଳାଳି ଏବଂ ଦଳକୁ ଖେଳିବା ଲାଗି ବାରଣ କରାଯିବ ନାହିଁ। କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯିବା ପରେ ଏସିଆ କପ୍ କ୍ରିକେଟ୍‌ରେ ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ଦୀର୍ଘଦିନ ହେବ ଲାଗି ରହିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରର ୧୭ତମ ସଂସ୍କରଣ ସେପ୍ଟେମ୍ବର ୯ରୁ ୟୁଏଇରେ ଆରମ୍ଭ ହେବ। ପ୍ରକାଶଯୋଗ୍ୟ, ଏପ୍ରିଲ ୨୨ରେ ପହଲଗାମ ଆକ୍ରମଣ ଓ ପରେ ଭାରତର 'ଅପରେସନ ସିନ୍ଦୂର'କୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିଲା। ଏପରିକି ପାକିସ୍ତାନ ସହ କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ନ ଖେଳିବା ଲାଗି ଦେଶରୁ ସ୍ୱର ଉତ୍ତୋଳନ ହୋଇଥିଲା।

# ହଟିବ ୧୨%, ୨୮% ଜିଏସ୍‌ଟି ସ୍ଲାବ୍

**ବିଳାସ ସାମଗ୍ରୀ ଉପରେ ଲାଗିବ ୪୦% ଟିକସ**

- ମନ୍ତ୍ରୀ ସ୍ତରୀୟ ବୈଠକରେ ପ୍ରସ୍ତାବକୁ ମଞ୍ଜୁରୀ
- ଜିଏସ୍‌ଟି ସରଳୀକରଣକୁ ମିଳିଲା ସହମତି
- ଶସ୍ତା ହେବ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ

■ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ଚାରିଟି ଜିଏସ୍‌ଟି ସ୍ଲାବ ବଦଳରେ ଏଣିକି ଦୁଇଟି ଜିଏସ୍‌ଟି ସ୍ଲାବ୍ ରହିବ । ପ୍ରଚଳିତ ବ୍ୟବସ୍ଥାରେ ଥିବା ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ, ୨୮ ପ୍ରତିଶତ ଟିକସ ସ୍ଲାବରୁ ୧୨ ପ୍ରତିଶତ ଓ ୧୮ ପ୍ରତିଶତକୁ ଟିକସକୁ ପ୍ରତ୍ୟାହାର କରାଯିବ। ଯେଉଁ ସାମଗ୍ରୀଗୁଡ଼ିକରୁ ୨୮% ଟିକସ ନିଆଯାଉଥିଲା, ତାହାକୁ ୧୮% ବର୍ଗରେ ରଖାଯିବ ଏବଂ ୧୨% ଟିକସ ବର୍ଗକୁ ୫ ପ୍ରତିଶତକୁ ହ୍ରାସ କରାଯିବ। ଯାହା ଫଳରେ ଅନେକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ। ଜିଏସ୍‌ଟି ପରିଷଦର ମନ୍ତ୍ରୀଗୋଷ୍ଠୀ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଛି। ଏହା ଲାଗୁ ହେଲେ ସିମେଣ୍ଟ, ପ୍ରସାଧନ ସାମଗ୍ରୀ, ସାଧାରଣ ପରିବହନରେ ବ୍ୟବହୃତ ବାହନ, କୃଷି ଯନ୍ତ୍ରାଂଶ, ସୌର ପ୍ୟାନେଲ, ଟାୟାର ଆଦିର ମୂଲ୍ୟ ହ୍ରାସ ପାଇବ।

ସମ୍ପ୍ରତି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ନେଇ ସାରା ଦେଶରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। କେନ୍ଦ୍ର ସରକାରଙ୍କ ଉପରେ ଏଥିପାଇଁ ଚାପ ବଢୁଛି। ଅନ୍ୟପକ୍ଷରେ ଦେଶର ଅର୍ଥନୀତିକୁ ଗତି ଦେବା ପାଇଁ ବଜାର କାରବାର ଦ୍ରୁତ କରାଯିବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ଦରଦାମ ତାତିରୁ ଖାଉଟିଙ୍କୁ ରିହାତି ନ ମିଳିଲେ ଦେଶର ଅର୍ଥନୀତି ଆଗକୁ ବଢ଼ିବ ନାହିଁ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି। ତେଣୁ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାକୁ ଆହୁରି ସରଳ କରିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆଜି ଅନୁଷ୍ଠିତ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କ ବୈଠକରେ କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ ଜିଏସ୍‌ଟି ସରଳୀକରଣକୁ ସହମତି ମିଳିଛି। ଯାହାଫଳରେ ଜିଏସ୍‌ଟି ବ୍ୟବସ୍ଥାରେ ରହିଥିବା ୧୨% ଏବଂ




୨୮% ସ୍ଲାବ୍ ହଟିବ ବୋଲି ଆଶା କରାଯାଉଛି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୬ ସଦସ୍ୟ ବିଶିଷ୍ଟ ମନ୍ତ୍ରୀଗୋଷ୍ଠୀର ସୁପାରିସକୁ ଅନୁମୋଦନ ମିଳିଲେ ନୂତନ ଟିକସ ହାର ୨୦୨୬ ପ୍ରାରମ୍ଭ ସୁଦ୍ଧା କାର୍ଯ୍ୟକାରୀ ହୋଇପାରେ ବୋଲି କୁହାଯାଉଛି।

ବୈଠକ ନିଷ୍ପତ୍ତି ଅନୁସାରେ ଜିଏସ୍‌ଟି ହାରକୁ କେବଳ ଦୁଇଟି ସ୍ଲାବରେ ବିଭକ୍ତ କରାଯିବ। ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ୫% ହାର ଲାଗୁ ହେବ ଏବଂ ଅନ୍ୟ ସେବାମୂଳକ ସାମଗ୍ରୀ ଉପରେ ୧୮% ଟିକସ ଲାଗୁ ହେବ। ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ୪୦% ସ୍ଲାବ୍ ରହିବ। ପୂର୍ବରୁ ୧୨% ଟିକସ ଲାଗୁ ହେଉଥିବା ପ୍ରାୟ ୯୯% ସାମଗ୍ରୀ ଏବେ ୫% ସ୍ଲାବ ଅଧୀନକୁ ଆସିବ। ଅନ୍ୟପକ୍ଷରେ ପୂର୍ବରୁ ୨୮% ଟିକସ ଲାଗୁ ହେଉଥିବା ପ୍ରାୟ ୯୦% ସାମଗ୍ରୀ ଉପରେ ୧୮% ଟିକସ ଲାଗୁ ହେବ। ବୈଠକରେ ମନ୍ତ୍ରୀ ଗୋଷ୍ଠୀ ଏହା ମଧ୍ୟ ପ୍ରସ୍ତାବ ଦେଇଛି ଯେ ବିଳାସପୂର୍ଣ୍ଣ କାରଗୁଡ଼ିକ ଉପରେ ୪୦% ହାରରେ ଟିକସ ଲାଗୁ କରାଯିବା ଉଚିତ। ଏହାସହିତ, କିଛି ହାନୀକାରକ ଦ୍ରବ୍ୟକୁ ମଧ୍ୟ ଏହି ସ୍ଲାବରେ ରଖାଯିବ। ମନ୍ତ୍ରୀ ଗୋଷ୍ଠୀରେ ଥିବା ଉତ୍ତର ପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, ▶ପୃଷ୍ଠା-୭

# ଅଚଳାବସ୍ଥା ମଧ୍ୟରେ ସରିଲା ଅଧିବେଶନ

### ଲୋକସଭା ଚାଲିଲା ୩୭ ଘଣ୍ଟା, ରାଜ୍ୟସଭା ୪୧ ଘଣ୍ଟା

■ ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆରକୁ ନେଇ ଅଚଳ ରହିଥିବା ସଂସଦର ମୌସୁମୀ ଅଧିବେଶନ ଆଜି ଶେଷ ହୋଇଛି। ଅପରେସନ ସିନ୍ଦୂର ଆଲୋଚନାକୁ ଛାଡ଼ିଦେଲେ ଆଉ କୌଣସି ଦିନ ସଂସଦ ଚାଲିପାରି ନାହିଁ। ଏକ ମାସ ଧରି ଚାଲିଥିବା ସଂସଦର ଏହି ଅଧିବେଶନରେ ଆଲୋଚନା ପାଇଁ ୧୨୦ ଘଣ୍ଟା ଧାର୍ଯ୍ୟ କରାଯାଇଥିବା ବେଳେ ଲୋକସଭାରେ ମାତ୍ର ୩୭ ଘଣ୍ଟା ଆଲୋଚନା ହୋଇଥିବା ବେଳେ ରାଜ୍ୟସଭାରେ ୪୧ ଘଣ୍ଟା ପାଇଁ ଆଲୋଚନା ହୋଇଛି। ଅନ୍ୟ ସମୟ ସବୁ ପ୍ରବଳ ହଟ୍ଟଗୋଳ ଓ ୱାକଆଉଟ୍ ଯୋଗୁଁ ଧୋଇ ହୋଇଯାଇଛି।



**ଲୋକସଭାରେ ୧୨, ରାଜ୍ୟସଭାରେ ୧୫ ବିଲ୍ ପାସ**

ତେବେ ଯେତେ ସମୟ ଧରି ସଂସଦ ଚାଲିଲା, ତାହା ମଧ୍ୟରେ ଲୋକସଭାରେ ୧୨ଟି ବିଲ୍ ଗୃହୀତ ହୋଇଥିବା ବେଳେ ରାଜ୍ୟସଭାରେ ୧୫ଟି ବିଲ୍ ଗୃହୀତ ହୋଇପାରିଛି। ତେବେ ଏହି ଅଧିବେଶନରେ ସବୁଠାରୁ ଚର୍ଚ୍ଚିତ ଘଟଣା ଥିଲା ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା। ଗତମାସ ୨୧ ତାରିଖରେ ସଂସଦ ଅଧିବେଶନ ଆରମ୍ଭ ହେବାପରେ ସନ୍ଧ୍ୟା ବେଳେ ସେ ଅଚାନକ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିଲେ ମଧ୍ୟ ପ୍ରକୃତ କାରଣ ଏବେ ବି ରହସ୍ୟରେ ରହିଛି।

ସଂସଦ ଅଧିବେଶନର ପ୍ରଥମ ସପ୍ତାହ ବିହାର ଭୋଟର ତାଲିକା ସଂଶୋଧନ ▶ପୃଷ୍ଠା-୭

# ସେପ୍ଟେମ୍ବର ୧୮ ରୁ ମୌସୁମୀ ଅଧିବେଶନ



### ୨୫ରେ ସରିବ ଅଧିବେଶନ, ରହିଛି ୭ଟି କାର୍ଯ୍ୟ ଦିବସ

■ ଭୁବନେଶ୍ୱର, ୨୧।୮ (ସମିସ): ସେପ୍ଟେମ୍ବର ୧୮ ତାରିଖରୁ ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନ ଆରମ୍ଭ ହେବ। ବିଧାନସଭା ସଚିବାଳୟ ସୂତ୍ରରୁ ଜଣାପଡ଼ିଛି ।।ଯେ ଅଧିବେଶନ ୧୮ ତାରିଖରୁ ଆରମ୍ଭ ହୋଇ ତୋରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନରେ ମୋଟ ୭ଟି କାର୍ଯ୍ୟ ଦିବସ ରହିଥିବା ବେଳେ ଏକାଧିକ ପ୍ରସଙ୍ଗକୁ ନେଇ ଗୃହ ସରଗରମ ରହିବା ନେଇ ଅନୁମାନ କରାଯାଉଛି। ଆସନ୍ତା ଅଧିବେଶନ ରାଜ୍ୟ ସରକାରଙ୍କ ପାଇଁ ସହଜ ହୋଇନପାରେ। ନିକଟରେ ଏକାଧିକ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାର ବିରୋଧୀଙ୍କ ଶାଣିତ ସମାଲୋଚନା ଏବଂ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ମହିଳା ସୁରକ୍ଷାକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ସରକାରଙ୍କୁ

**ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ ପାଇଁ ବିରୋଧୀଙ୍କ ସଜବାଜ**

**ଆଇନଶୃଙ୍ଖଳା, ମହିଳାଙ୍କ ସୁରକ୍ଷା ପାଲଟିବ ମୁଖ୍ୟ ପ୍ରସଙ୍ଗ**

**ସରକାରଙ୍କ ଦମ୍ଭୋକ୍ତି, ଗଠନମୂଳକ ଆଲୋଚନା ପାଇଁ ପ୍ରସ୍ତୁତ**

ଷଣ୍ଢଆସୀ ଆକ୍ରମଣ କରିପାରନ୍ତି ବୋଲି ଆକଳନ କରୁଛନ୍ତି ରାଜନୈତିକ ସମୀକ୍ଷକ। ସେହିପରି ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି, ଚାଷୀ ସମସ୍ୟା, ପରୀକ୍ଷା କେଳେଙ୍କାରୀ, ପ୍ରଶାସନିକ ସ୍ଥାଣୁତା, ବିକାଶ କାର୍ଯ୍ୟ ଠପ୍ ହୋଇପଡ଼ିବା, ରଥଯାତ୍ରା ବିଭ୍ରାଟ, ରଙ୍ଗମରା ରାଜନୀତି ଆଦି ପ୍ରସଙ୍ଗକୁ ▶ପୃଷ୍ଠା-୭

### ୧୭ ଆଇପିଏସ୍, ୧୩ ଓପିଏସ୍‌ଙ୍କ ବଦଳି

# ପ୍ରତୀକ ସିଂ ପୁରୀ ଏସ୍‌ପି

■ ଭୁବନେଶ୍ୱର, ୨୧।୮ (ସମିସ): ରାଜ୍ୟ ସରକାର ଆଇପିଏସ୍ ଓ ଓପିଏସ୍ ସ୍ତରରେ ଏକ ବଡ଼ ଅଦଳବଦଳ କରିଛନ୍ତି। ଏନେଇ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ଦୁଇଟି ଭିନ୍ନ ଭିନ୍ନ ବିଜ୍ଞପ୍ତିରେ ୧୭ଜଣ ଆଇପିଏସ୍ ଏବଂ ୧୩ ଓପିଏସ୍‌ଙ୍କୁ ବଦଳି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଏସ୍‌ସିଆରବି ନିର୍ଦ୍ଦେଶକ ସନ୍ତୋଷ ବାଲାଙ୍କୁ ଏସ୍‌ଏଫଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ନିଯୁକ୍ତି କରାଯାଇଛି। କେନ୍ଦ୍ରାଞ୍ଚଳ ଆଇଜି ଏସ୍.ପ୍ରବୀନ କୁମାରଙ୍କୁ ଆଇଜି ପ୍ରୋଭିଜନିଂକୁ ବଦଳି କରାଯାଇଛି। ସେହିପରି ହେଡ୍‌କ୍ୱାର୍ଟର୍ସରେ ଥିବା ଗଜଭିଏ ଶତୀଶ୍ କୁମାରଙ୍କୁ ଆଇଜି ସ୍ପେଶାଲ ଆର୍ମଡ ପୁଲିସକୁ ବଦଳି କରାଯାଇଛି। ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଲଙ୍କୁ ଇଓଡବ୍ଲ୍ୟୁ(ଅର୍ଥନୈତିକ ଅପରାଧ ଶାଖା) ଆଇଜି ଭାବେ ବଦଳି କରାଯାଇଛି। ସ୍ପେଶାଲ ଆର୍ମ୍ ପୁଲିସ ଆଇଜି ଅଭିନାଶ କୁମାରଙ୍କୁ ରାଜ୍ୟ ଅପରାଧ ନଥି ଶାଖାର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ସେହିପରି ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ୍ ନାୟକଙ୍କୁ କେନ୍ଦ୍ରାଞ୍ଚଳ ଡିଆଇଜି ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ପୁରୀ ଏସ୍‌ପି ପିନାକ ମିଶ୍ରଙ୍କୁ ପୂର୍ବାଞ୍ଚଳର ଡିଆଇଜି ଭାବେ ବଦଳି କରାଯାଇଛି। ଝାରସୁଗୁଡ଼ା ଏସ୍‌ପି ପରମାର ସ୍ମିତ୍ ପରଶୋତ୍ତମ ଦାସଙ୍କୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ▶ପୃଷ୍ଠା-୭

# ନିୟମିତ ହେବେ ସ୍କିମାଟିକ୍ ପ୍ରାଥମିକ ଶିକ୍ଷକ

### ଆସନ୍ତା ୩ ବର୍ଷରେ ପ୍ରାଥମିକ ଶିକ୍ଷା ପାଇଁ ନିଯୁକ୍ତ ହେବେ ୪୫ ହଜାର ଶିକ୍ଷକ

■ ଭୁବନେଶ୍ୱର,୨୧।୮ (ସମିସ): ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି। ଏହିକ୍ରମରେ ସ୍କିମାଟିକ୍ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଏ ସଂକ୍ରାନ୍ତୀୟ ନିଷ୍ପତ୍ତି ନେଇଛନ୍ତି। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ଶିକ୍ଷାନୀତି ଅନୁଯାୟୀ ଅଧିକ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ରାଜ୍ୟରେ ବର୍ତ୍ତମାନ ୪୫, ୨୯୨ ଟି ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ଟି ଶିକ୍ଷକ ପଦବୀ ରହିଛି। ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ ଟି ପଦବୀ ସୃଷ୍ଟି କରାଯିବ। ଏହାସହିତ ଡିସେମ୍ବର ୨୦୨୫ ସୁଦ୍ଧା ୫,୦୬୭ଟି ଶିକ୍ଷକ ପଦବୀ ମଧ୍ୟ ଖାଲି



**ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ମିଳିବ ମାଗଣା ପାଠ୍ୟପୁସ୍ତକ: ମୁଖ୍ୟମନ୍ତ୍ରୀ**

**ରାଜ୍ୟ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମିଶି ହେବ ଗୋଟିଏ ବୋର୍ଡ**

ହେବ। ତେଣୁ ଏହି ସମସ୍ତ ପଦବୀକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ୪୪, ୪୩୩ଟି ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଏହି ପରାମର୍ଶ ଦେବା ସହିତ ଅନେକ ନୂତନ ନିଷ୍ପତ୍ତି ନେଇଛନ୍ତି। ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅନୁଯାୟୀ ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ କେବଳ ଅନୁସୂଚିତ ▶ପୃଷ୍ଠା-୭

# କେନ୍ଦ୍ର ନିୟନ୍ତ୍ରଣରେ ନାହିଁ ଏଫ୍‌ସିଆଇ

### ମିଲ୍‌ରେ ଚାଉଳ ଭର୍ତ୍ତି; ଖରିଫ ଧାନ ଉଠିବ କେମିତି

■ ଭୁବନେଶ୍ୱର, ୨୧।୮ (ସମିସ): ଓଡ଼ିଶା ପ୍ରତି ପାତରଅନ୍ତର ମନୋଭାବ ପୋଷଣ କରୁଛି ଏଫ୍‌ସିଆଇ। ପୂର୍ବରୁ ରାଜ୍ୟରେ ବିଜେଡି ସରକାର ଥିବାବେଳେ ଏଫ୍‌ସିଆଇ ଯେଉଁପରି ମନୋଭାବ ଦେଖାଉଥିଲା, ଏବେ ଡ଼ବଲ ଇଞ୍ଜିନ୍ ସରକାର ସମୟରେ ମଧ୍ୟ ଅନୁରୂପ ମନୋଭାବ ଦେଖାଉଛି। ସେତେବେଳେ ତତ୍‌କାଳୀନ ରାଜ୍ୟ ସରକାର, ବିଜେଡ଼ିର ସାଂସଦମାନେ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏବେ ରାଜ୍ୟରୁ ନିର୍ବାଚିତ ଶାସକ ଦଳର ୨୦ ସାଂସଦ ଏ ପ୍ରସଙ୍ଗରେ ନିରବ ଥିବାବେଳେ କେବଳ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀ ଏହାକୁ ନେଇ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଫ୍‌ସିଆଇ ଓଡ଼ିଶାରୁ ଅଧିକ ଚାଉଳ ଉଠାଇବାକୁ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

**ଏଫ୍‌ସିଆଇ ମନମାନିକୁ ସ୍ୱୀକାର କଲେ ରାଜସ୍ୱ ମନ୍ତ୍ରୀ**

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଖରିଫ୍ ଋତୁରେ ରାଇସ ମିଲ୍ ଗୋଦାମ ଖାଲି ନ ହେଲେ ଅସୁବିଧା ହେବ। ଏଫସିଆଇ ଧାନ ଉଠାଣ ନେଇ ସମସ୍ୟା ଅଛି। କିଛି ନିୟମର ପରିବର୍ତ୍ତନ ଆବଶ୍ୟକ ରହିଛି। ଓଡ଼ିଶାରୁ କିପରି ଏଫସିଆଇ ଧାନ ଉଠାଇବ, ତାହା ଉପରେ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ପଡ଼ୋଶୀ ରାଜ୍ୟମାନେ ଆସି ଓଡ଼ିଶାରେ ଧାନ ବିକ୍ରି କରୁଛନ୍ତି। କିଛି ତ୍ରୁଟିବିଚ୍ୟୁତି ରହିଛି। ତେଣୁ ଏହାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି ବିଜେଡ଼ି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଦେବ। ସେ କହିଛନ୍ତି ଯେ ଯେଉଁମାନେ ବିରୋଧୀରେ ଥିଲେ, ସେମାନେ ସରକାରରେ ଅଛନ୍ତି। କ୍ଷମତାକୁ ଆସିଲା ପରେ ▶ପୃଷ୍ଠା-୭

# ସାରା ରାଜ୍ୟରେ ସାର କଳାବଜାର

### ଚାରିଗୁଣା ଚଢ଼ା ଦରରେ ବିକ୍ରି ହେଉଛି ୟୁରିଆ

■ ଭୁବନେଶ୍ୱର, ୨୧।୮ (ସମିସ): ଚାଷୀ ପଞ୍ଜୀକରଣଠାରୁ ଆରମ୍ଭ କରି ସାର ପର୍ଯ୍ୟନ୍ତ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ପଞ୍ଜୀକରଣ ପାଇଁ ନାକେଦମ୍ ହେବାକୁ ପଡ଼ିଥିଲା। ଏବେ ଧାନ ରୋଇବା ପରେ ସାର ଅଭାବ ଚାଷୀଙ୍କୁ ନାକରେ କନ୍ଦାଇ ସାରିଲାଣି। ରାଜ୍ୟବ୍ୟାପୀ ଲାମ୍ପସ୍ ଓ ସମବାୟ ଆଗରେ ଚାଷୀମାନେ ଯାଇ ଧାରଣା ଆନ୍ଦୋଳନ କରୁଛନ୍ତି କେବେ ସାର ମିଳିବ, ତା'ର ଉତ୍ତର ମିଳୁନାହିଁ। ଯେଉଁ ୟୁରିଆ ସାର ସରକାରୀ ଭାବେ ୨୬୬ଟଙ୍କା ବାହାରେ ୭ଶହରୁ ୮ଶହ ଟଙ୍କାରେ ବିକ୍ରି ହେଉଛି। ଏତେ ଟଙ୍କା ଦେଇ ଚାଷୀମାନେ କିଣିବାକୁ ସକ୍ଷମ ହେଉନାହାନ୍ତି।

ସାରା ରାଜ୍ୟରେ ୟୁରିଆ ସାର ଅଭାବ। ସାଲେପୁରରୁ ସମ୍ବଲପୁର, ସୁନ୍ଦରଗଡ଼ରୁ କୋରାପୁଟ ସବୁଠି ସାର ଅଭାବକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ସରକାର କହୁଛନ୍ତି, କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରନ୍ତୁ। ଚାଷୀଙ୍କ ପାଖକୁ ଯାଇ ସମସ୍ୟା ବୁଝି ସମାଧାନ କରନ୍ତୁ। ଅନ୍ୟପଟେ ଚାଷୀ ବାଧ୍ୟହୋଇ ଚାଷ ସମୟରେ ବିଲବାଡ଼ି ଛାଡ଼ି ପ୍ରତିବାଦ, ଆନ୍ଦୋଳନରେ ସାମିଲ ହେଉଛନ୍ତି। କ୍ଷେତରେ ଫସଲ ଉଜୁଡ଼ିଯିବାକୁ ବସିଲାଣି। ଅଧିକାଂଶ ପ୍ୟାକ୍ସରେ ସାର ଆଦୌ ନାହିଁ। ଯେଉଁଠି ଅଛି, ଆଧାର କାର୍ଡ ଦେଖାଇଲେ, ଗୋଟିଏ ବସ୍ତା ସାର ଦେଉଛନ୍ତି। ପ୍ରତ୍ୟେକ ଚାଷୀ ଏକର, ଦୁଇ ଏକର ଲେଖାଁଏ ଚାଷ କରିଛନ୍ତି, ସେଠି ଗୋଟିଏ ବସ୍ତା ସାର ନେଇ କିଭଳି ନିଜର ଆବଶ୍ୟକତା ପୂରଣ କରିବୁ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଜଣେ ପ୍ୟାକ୍ସ ସଭାପତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସରକାର ପର୍ଯ୍ୟାପ୍ତ ସାର ଯୋଗାଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି। ସରକାର ଆମକୁ ନ ଦେଲେ, ଆମେ କୋଉଠୁ ଦେବୁ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ପ୍ୟାକ୍ସରେ ସାର ମିଳୁନଥିବା ବେଳେ ବାହାର ଖୋଲାବଜାରରେ ଚଢ଼ା ଦରରେ ବିକ୍ରି ହେଉଛି। ତେଣୁ ସାର ଅଭାବ କୃତ୍ରିମ ବୋଲି ଚାଷୀମାନେ ▶ପୃଷ୍ଠା-୭



**୧୦ ବସ୍ତା ସ୍ଥାନରେ ମିଳୁଛି ଗୋଟିଏ ବସ୍ତା**

**ରାଜ୍ୟସାରା ଅସୁବିଧା; ସରକାର ବେଫିକର୍**



# ଭୁବନେଶ୍ୱର ସିଟି

**ଜିଜିପି ସହରାଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ର ବିଲଡିଂ**

## ନିର୍ମାଣ ପରେ ହୋଇପାରୁନି ହସ୍ତାନ୍ତର

ଭୁବନେଶ୍ୱର, ୨୧।୮ (ସମିସ): ରସୁଲଗଡ଼ସ୍ଥିତ ଗଡ଼ଗୋପିନାଥ ପ୍ରସାଦ (ଜିଜିପି) ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ଗତ ୯ ମାସ ଧରି ନିର୍ମାଣ ସରିଥିଲେ ମଧ୍ୟ ତାହା ହସ୍ତାନ୍ତର ହୋଇପାରୁନାହିଁ।

**ଡାକ୍ତର ନିଯୁକ୍ତି ପରେ ବି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ସ୍ଥାନୀୟ ଲୋକେ**

ଫଳରେ ଉଦ୍‌ଘାଟନ ହୋଇପାରୁ ନାହିଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର। ଏମିତି କି ଡାକ୍ତର ନିଯୁକ୍ତି ହୋଇସାରିଥିଲେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି।

ସୂଚନା ଅନୁସାରେ, ରସୁଲଗଡ଼ସ୍ଥିତ ଗଡ଼ଗୋପିନାଥ ପ୍ରସାଦଠାରେ ପୂର୍ବରୁ ରହିଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ପାଣ୍ଡରା, ରସୁଲଗଡ଼, ଜିଜିପି କଲୋନୀ, ଜଗନ୍ନାଥ ବିହାର, ପଳାଶୁଣି ଆଦି ଆଖପାଖ ଅଞ୍ଚଳର ଶତାଧିକ ଲୋକେ ନିର୍ଭର କରୁଥିଲେ। ତେବେ ଏଠାରେ ଜଣେ ମାତ୍ର ଡାକ୍ତର ରହିଥିବା ବେଳେ ରୋଗୀଙ୍କ ସଂଖ୍ୟା ୪ଗୁଣା ହୋଇଥିବାରୁ ସମସ୍ତ ରୋଗୀଙ୍କୁ ଦେଖିବା ସମ୍ଭବ ହୋଇ ନ ଥାଏ। ଅନ୍ୟପଟେ ଅଧିକ ଡାକ୍ତରଙ୍କ କାର୍ଯ୍ୟ କରିବା ପାଇଁ



ଆବଶ୍ୟକ ସୁବିଧା ମଧ୍ୟ ନଥିଲା। ବିଶେଷ କରି ରୋଗୀଙ୍କ ଅପେକ୍ଷା କରିବା, ପିଇବା ପାଣି ଠାରୁ ଆରମ୍ଭ କରି ଶୌଚାଳୟ ଯାଏ ସବୁଠି ରହିଥିଲା ସମସ୍ୟା। ତେଣୁ ତେଣୁ ଲୋକମାନଙ୍କ ଆବଶ୍ୟକତା ପୂରଣ ଓ ସୁବିଧା ଯୋଗାଇ ଦେବାକୁ ଉକ୍ତ ହସ୍ପିଟାଲ ନକିଟରେ ନୂତନ ଭାବେ ଆଉ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଗଲା। ପ୍ରାୟ ୨କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୨୨ ମସିହାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ନୂଆକରି ନିର୍ମାଣ ହୋଇଥିବା ଏହି ହସ୍ପିଟାଲରେ ଅତ୍ୟାଧୁନିକ ମେସିନ୍ ସାଙ୍ଗକୁ ରହିଛି ବିଭିନ୍ନ ସୁବିଧା। ଯେଉଁଠାରେ ଜରୁରୀ ସମୟରେ ଆପାତକାଳୀନ ସେବା ପାଇଁ ବ୍ୟବସ୍ଥା ରହିଛି। ସପ୍ତାହରେ ପ୍ରାୟ ୬ଦିନ ବିଭିନ୍ନ ବିଭାଗର ଭିନ୍ନ ଭିନ୍ନ ଡାକ୍ତର ଯଥା: ଶିଶୁ ବିଭାଗ, ପ୍ରସୂତି ବିଭାଗ, ଚକ୍ଷୁ ବିଭାଗ, ଫିଜିଓଥେରାପି, ମେଡିସିନ୍, ହୃଦ୍ ବିଭାଗର ଡାକ୍ତର ନିୟମିତ ଚିକିତ୍ସା ସେବା ଯୋଗାଇଦେବାକୁ ମଧ୍ୟ ସମସ୍ତ ସୁବିଧା ରହିଛି। କିନ୍ତୁ ବର୍ତ୍ତମାନ ହସ୍ପିଟାଲ କାମ ଶେଷ ହୋଇଥିବା ବେଳେ ହୋଇପାରୁନି ଉଦ୍‌ଘାଟନ। ଫଳରେ ଡାକ୍ତରମାନେ ମଧ୍ୟ ଆସିପାରୁ ନ ଥିବା ଜଣାପଡ଼ିଛି। ଏନେଇ ୱାର୍ଡର କର୍ପୋରେଟର ବିପ୍ଳବ ବେହେରା କହିଛନ୍ତି ଯେ, ହସ୍ପିଟାଲ କାମ ଶେଷ ହେବାର ୯ ମାସ ବିତିଗଲାଣି। ହେଲେ କଣ୍ଟ୍ରାକ୍ଟର ଫିନିସିଂ କରୁନାହାନ୍ତି କି ହସ୍ତାନ୍ତର କରୁନଥିବାରୁ ଉଦ୍‌ଘାଟନ ହୋଇପାରୁ ନାହିଁ। ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ନିଯୁକ୍ତ ହୋଇ ମଧ୍ୟ ଆସି ପାରୁ ନାହାନ୍ତି। ଯଥାଶିଘ୍ର ଏହାକୁ ଉଦ୍‌ଘାଟନ କରି ଚିକିତ୍ସା ସେବା ଯୋଗାଇ ଦେବାକୁ ପ୍ରୟାସ ଜାରୀ ରହିଛି।

## ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ



ଭୁବନେଶ୍ୱର, ୨୧।୮ (ସମିସ): ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ୍)ର ୧୯ତମ ସଂସ୍କରଣ ଶୁଭାରମ୍ଭ ହୋଇଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ସଂସ୍କରଣ ଟାଟା ଷ୍ଟିଲ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ସହଭାଗିତାରେ ଆୟୋଜନ କରାଯାଉଛି। କିମ୍ବଦନ୍ତୀ ପୁରୁଷ ଓଡିଆ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଜ୍ୟୋତିର୍ବିଜ୍ଞାନ ପ୍ରତି ରହିଥିବା ଅତୁଳନୀୟ ଅବଦାନର ପ୍ରଚାରପ୍ରସାର କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷର ବିଷୟବସ୍ତୁ 'ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଚାରୀ' ଶୀର୍ଷକ ଉପରେ ଏହି ସଂସ୍କରଣ ଆୟୋଜିତ ହେଉଛି। ବିଭିନ୍ନ ଜିଲ୍ଲା ଓ ବ୍ଲକସ୍ତରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଏବଂ ନବମ-ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କୁଇଜ୍ ପ୍ରତିଯୋଗିତା ଓ ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା କରାଯାଇ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ। ସେମାନଙ୍କ ମଧ୍ୟରୁ ପ୍ରତି ଜିଲ୍ଲାରୁ ଶ୍ରେଷ୍ଠ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଡିସେମ୍ବର ୧୩ ତାରିଖରେ ଚୂଡାନ୍ତ ଚୟନ ପାଇଁ ଭୁବନେଶ୍ୱରକୁ ଆମନ୍ତ୍ରଣ କରାଯିବ। ବିଶେଷଜ୍ଞମାନଙ୍କ ଦ୍ୱାରା ବ୍ୟକ୍ତିଗତ ଆଲୋଚନା, ପ୍ରସ୍ତୁତ ମଡେଲ ଓ ମୂଲ୍ୟାଙ୍କନ ଆଧାରରେ ଶ୍ରେଷ୍ଠ ୩୦ ଜଣ ବିଜେତାଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ଏହି ସଂସ୍କରଣର ପୁସ୍ତିକା ଉନ୍‌ମୋଚନ କରିଛନ୍ତି। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ଶ୍ରୀମତୀ ପୂଜା ମିଶ୍ର, ବିତ୍ତ ପରାମର୍ଶଦାତା ବିଦ୍ୟୁତପ୍ରଭା ରାଉତ, ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ଚିନ୍ମୟୀ ଚେତନା ଦାସ, ଟାଟା ଷ୍ଟିଲର ମୁଖ୍ୟ ନିର୍ବାହୀ ଦେବାଶିଷ ଜେନା, ଅନନ୍ୟା ମିହିର ପ୍ରମୁଖ ଉପସ୍ଥିତ ଥିଲେ।

**'ଉତ୍କଳ' ଆଲୁମିନି ଆସୋସିଏସନର ବାର୍ଷିକ ସମାରୋହ**

## ପୁରାତନ ଛାତ୍ରଛାତ୍ରୀ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ନିଅନ୍ତୁ: ରାଜ୍ୟପାଳ

ଭୁବନେଶ୍ୱର, ୨୧।୮ (ସମିସ): ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଏକ ସାମୁହିକ ଦାୟିତ୍ୱ ଭାବରେ ଗ୍ରହଣ କରିବା, ସେମାନଙ୍କର ଜ୍ଞାନକୁ ସମାଜର ଉନ୍ନତି ଏବଂ କରୁଣାପୂର୍ଣ୍ଣ ସମାଜ ଗଠନ ପାଇଁ ବ୍ୟବହାର କରିବା ସହ ସାମାଜିକ ପରିବର୍ତ୍ତନର ଦାୟିତ୍ୱ ନିଅନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଦେଇଛନ୍ତି।




ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରର ଏମ୍‌କେସିଜି ଅଡିଟୋରିୟମ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟର ଆଲୁମିନି ଆସୋସିଏସନ୍‌ର ପଞ୍ଚମ ବାର୍ଷିକ ସମାରୋହରେ ମୁଖ୍ୟଅତିଥି ଭାବେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଶିକ୍ଷା କେବଳ ବ୍ୟକ୍ତିଗତ ସଫଳତା ନୁହେଁ ଏହା ସମାଜକୁ ଆଲୋକିତ ଏବଂ ପରିବର୍ତ୍ତନ କରିବା ପାଇଁ ଜୀବନବ୍ୟାପୀ ଦାୟିତ୍ୱ। ଆଠଟି ଗୌରବମୟ ଦଶନ୍ଧିରୁ ଅଧିକ ସମୟ ଧରି ଉତ୍କଳ ବିଶ୍ୱବିଦ୍ୟାଳୟ ଜ୍ଞାନର ଏକ ଉଜ୍ଜ୍ୱଳ ଆଲୋକପଥ ହୋଇ ନେତୃତ୍ୱକୁ ଆକାର ଦେଇଛି ବୋଲି ରାଜ୍ୟପାଳ କହିବା ସହିତ ବିଶ୍ୱ ବିଦ୍ୟାଳୟର ଅଭିବୃଦ୍ଧିକୁ ପ୍ରଶଂସା କରିବା ସହ ଶିକ୍ଷାଗତ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଏବଂ 'ସବୁଜ ଏବଂ ସୁସ୍ଥ କ୍ୟାମ୍ପସ' ଅଭିଯାନକୁ ପ୍ରୋତ୍ସାହିତ କରିବା ଦିଗରେ ଆଲୁମିନି ଆସୋସିଏସନ୍‌ର ପଦକ୍ଷେପକୁ ରାଜ୍ୟପାଳ କରିଥିଲେ। ସମାରୋହରେ ଅନ୍ୟତମ ଅତିଥି ଭାବେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ବିଶ୍ୱବିଦ୍ୟାଳୟର ଭାଇସ୍ ଚ୍ୟାନ୍‌ସେଲର ଯଜ୍ଞେଶ୍ୱର ଦଣ୍ଡପାଟ, ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଆଲୁମିନି ଆସୋସିଏସନ୍‌ର ସଭାପତି ତଥା ଅବସରପ୍ରାପ୍ତ ବରିଷ୍ଠ ଆଇପିଏସ୍ ଅଫିସର ଡ. ସତ୍ୟଜିତ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା 'ଉତ୍କଳାୟନ' ଉନ୍ମୋଚିତ ହୋଇଥିଲା ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଖୁବଶୀଘ୍ର ସମାଧାନ ହେବ ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା



ଭୁବନେଶ୍ୱର, ୨୧।୮ (ସମିସ): ଖୁବଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ବସି ଓଡ଼ିଶାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ବୁଧବାର ସନ୍ଧ୍ୟାରେ ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏହି ଅବସରରେ ଗତ ବୁଧବାର ସଂଘର ନେତାଙ୍କୁ ପ୍ରତିଶ୍ରୁତି ଦେଇ ମନ୍ତ୍ରୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟା ସମାଧାନ ଦିଗରେ ଯୁଗାନ୍ତକାରୀ ନିଷ୍ପତ୍ତି ନେବାକୁ ସଙ୍କଳ୍ପବଦ୍ଧ ଅଛନ୍ତି। ଖୁବଶୀଘ୍ର ଆଉଟସୋର୍ସିଙ୍ଗ ମହାସଂଘର ପ୍ରତିନିଧା ମଣ୍ଡଳୀ ଓ ମନ୍ତ୍ରୀସ୍ତରୀୟ କମିଟି ସହ ମୁଖ୍ୟମନ୍ତ୍ରୀଙ୍କର ଏକ ବୈଠକ ଅନୁଷ୍ଠିତ ହେବ ଓ ସମସ୍ୟାର ସମାଧାନ କରାଯିବ। ଭଟଲିର ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଆଲୋଚନାରେ କର୍ମଚାରୀ ନେତା ବିଜୟ ମଲ୍ଲ, ସଂଘର ଅଧ୍ୟକ୍ଷ ପ୍ରଭାତ ମହାନ୍ତି, ସଭାପତି ସଞ୍ଜୟ ପଟ୍ଟନାୟକ, ମହାସଚିବ ହେମନ୍ତ ବଣ୍ଡିଆ, ଯୁଗ୍ମ ସମ୍ପାଦକ ଦୀପକ ପାଣି, ଲୁଲୁ ସ୍ୱାଇଁ, ବିଶ୍ୱଜିତ ନାଥ, ଭୁବନେଶ୍ୱର ଅଧ୍ୟକ୍ଷ ଦୀପକ ମହାପାତ୍ର, ସୂର୍ଯ୍ୟ ମହାପାତ୍ର ସମେତ ଶତାଧିକ କର୍ମଚାରୀ ନେତା ଉପସ୍ଥିତ ରହିଥିଲେ।

## ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ୍‌ର ନୂତନ କାର୍ଯ୍ୟକାରୀ ସମିତି



ଭୁବନେଶ୍ୱର, ୨୧।୮ (ସମିସ): ଉତ୍ତର ଆମେରିକାରେ ଓଡ଼ିଆ ସଂସ୍କୃତିର ପ୍ରଚାର ଓ ସଂରକ୍ଷଣ ପାଇଁ ୧୯୬୯ ମସିହାରୁ କାର୍ଯ୍ୟ କରୁଥିବା ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ୍ (ଓଏସଏ) ୨୦୨୫-୨୦୨୭ ମସିହା ପାଇଁ ନୂତନ କାର୍ଯ୍ୟକାରୀ ସମିତିର ନିର୍ବାଚନ ଘୋଷଣା କରିଛି। ୫୦୧(ସି)(୩) ଅଣ ଲାଭଜନକ ଓ ଅଣ ରାଜନୈତିକ ସଂଗଠନ ଭାବେ ଓଏସଏ ଯୁକ୍ତରାଷ୍ଟ୍ର ଓ କାନାଡାରେ ରହୁଥିବା ପ୍ରବାସୀ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ଭାଷାର ପ୍ରଚାର କରି ଆସୁଅଛି। ଓଏସଏର ସମ୍ବିଧାନ ଅନୁଯାୟୀ ଅନୁଷ୍ଠିତ ନିର୍ବାଚନ ପରେ ସଦସ୍ୟାମନେ ୨୦୨୫ ଜୁଲାଇ ୫ରୁ ୨୦୨୭ ଜୁଲାଇ ୩ ପର୍ଯ୍ୟନ୍ତ ଦୁଇ ବର୍ଷ ପାଇଁ ନେତୃତ୍ୱ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଭାପତି ଭାବେ ନାଗେଶ୍ୱର ରାଜନାଲା (ନିଉ ଜର୍ସୀ), ଉପସଭାପତି ଉତ୍କଳ ନାୟକ (ମେରିଲ୍ୟାଣ୍ଡ), ସମ୍ପାଦିକା ସ୍ନିଗ୍ଧା ହୋତା (ମେରିଲ୍ୟାଣ୍ଡ), କୋଷାଧ୍ୟକ୍ଷ ସଞ୍ଜିବ୍ ରାଉତ (ନର୍ଥ କାରୋଲିନା)ଙ୍କ ସମେତ ଦେବଦତ୍ତ ବେହେରା, ନୀଳ ବିଷୋଇ ଓ ସୁନୀଲ ସାବତଙ୍କୁ ଜନସମ୍ପର୍କ ବିଭାଗର ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଆମେ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ଆମେରିକା ଓ କାନାଡାରେ ବାସ କରୁଥିବା ଓଡ଼ିଆ ସମୁଦାୟ ମଧ୍ୟରେ ଆହୁରି ପ୍ରଚାର କରିବୁ ଓ ନୂତନ ପିଢ଼ିଙ୍କୁ ଏହା ସହିତ ସଂଯୋଗ କରିବୁ। ଏଥିସହିତ ନୂତନ କାର୍ଯ୍ୟକାରୀ ସମିତି ସାଂସ୍କୃତିକ, ଶିକ୍ଷାଗତ ଓ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଓଏସଏର ମିଶନକୁ ଆଗକୁ ନେବାକୁ ପ୍ରସ୍ତୁତ ବୋଲି ସଭାପତି ରାଜନାଲା କହିଛନ୍ତି।

## 'ରମାଦେବୀ'ରେ ଶିକ୍ଷକ ପ୍ରଶିକ୍ଷଣ

ଭୁବନେଶ୍ୱର, ୨୧।୮ (ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଶିକ୍ଷା ଏବଂ ଶିକ୍ଷକ ଶିକ୍ଷା ବିଭାଗ ପକ୍ଷରୁ ଏକ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଏହି ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରମାଦେବୀ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ ୪୮ ଟି ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ଯୋଗ ଦେଇଛନ୍ତି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ଫକୀରମୋହନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ଭୁଜେନ୍ଦ୍ର ନାଥ ପଣ୍ଡା, ପ୍ରଫେସର ରମାକାନ୍ତ ମହାଳିକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ଶାସ୍ତ୍ର ଅଧ୍ୟାପକ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ପ୍ରମୁଖ ଶିକ୍ଷାଦାନ ଶୈଳୀ, ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ସହ ପ୍ରଶିକ୍ଷଣ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ଡ. ସସ୍ମିତା କର ଓ ଶିକ୍ଷକ ଶିକ୍ଷା ବିଭାଗ ମୁଖ୍ୟ ଡ. ଅଶୋକ କୁମାର ଦିଗାଲ୍ ପରିଚାଳନା କରିଥିଲେ। ଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପାର୍ବଣରେ ଆକର୍ଷଣ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ

ଭୁବନେଶ୍ୱର, ୨୧।୮ (ସମିସ): ଓଡ଼ିଶା କଳା ଓ ହସ୍ତଶିଳ୍ପ ସମିତିର ସମଗ୍ର ଭାରତର କାରିଗରମାନଙ୍କ ଦ୍ୱାରା ସ୍ଥାନୀୟ ଦ ନ୍ୟୁ ମାରିୟନ୍ ହୋଟେଲରେ ଗତ ଅଗଷ୍ଟ୧୪ ତାରିଖରୁ ଆରମ୍ଭ ହୋଇଥିବା 'ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନ୍' ପ୍ରଦର୍ଶନୀରେ ଦିନକୁ ଦିନ ଗ୍ରାହକଙ୍କ ଭିଡ଼ ଜମୁଛି। ପାର୍ବଣ ଋତୁର ଚାହିଦାକୁ ପୂରଣ କରିବା ପାଇଁ ଏଥନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରାଯାଇଛି। ସକାଳ ୧୦ଟା ୩୦ରୁ ରାତି ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲୁଥିବା ଏହି ପ୍ରଦର୍ଶନୀକୁ ଅଭିନେତ୍ରୀ ପୁନମ୍ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀରେ ବିଭିନ୍ନ ରାଜ୍ୟର ବୁଣାକାରମାନେ ଅଂଶଗ୍ରହଣ କରିଥିବା ବେଳେ ଉପ୍ପଦା, ବନାରସି ସିଲ୍କ, ଗଡ଼ୱାଲ, ଧରମାଭରମ୍, ଜାମ୍‌ଦାନି, ଜମାୱାର ଓ ସମ୍ବଲପୁରୀ ଆଦିର ବେଶ୍ ଚାହିଦା ରହିଛି। ସେହିପରି ଦେଶର ବିଭିନ୍ନ ଅଞ୍ଚଳରୁ ଶାଢି ଠାରୁ ଆରମ୍ଭ କରି ଡ୍ରେସ୍ ମ୍ୟାଟେରିଆଲ, ଫେଶନ ଜୁଏଲାରୀ, ହୋମ୍ ଫର୍ଣ୍ଣିସିଙ୍ଗ୍ ଡିଜାଇନର୍ ପୋଷାକ ଆଦି ଉପଲବ୍ଧ ରହିଛି। ଏଥିରେ ୧୪ଟି ହସ୍ତତନ୍ତ ବୁଣାକାର ରାଜ୍ୟ ଯେପରିକି ଆସାମ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ବିହାର, ଓଡ଼ିଶା, ଛତିଶଗଡ଼, ଗୁଜୁରାଟ, ଜମ୍ମୁ ଓ କଶ୍ମୀର ଆଦି ୧୪ଟି ରାଜ୍ୟର ହସ୍ତତନ୍ତ ପ୍ରଦର୍ଶିତ ହୋଇଛି। ସିଲ୍କ ଇଣ୍ଡିଆ-ୱେଡିଙ୍ଗ୍ କଲେକ୍ସନର ଆୟୋଜକ, ମାନସ ଆଚାର୍ଯ୍ୟ କହିଛନ୍ତି ଯେ, ଏହି ହସ୍ତତନ୍ତ ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି



ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ହସ୍ତତନ୍ତ ଶିଳ୍ପକୁ ଏକ ବଜାର ପ୍ରଦାନ କରିବା। ପ୍ରଦର୍ଶିତ ହେଉଥିବା କଟନ ଓ ସିଲ୍କ ହସ୍ତତନ୍ତ ଉତ୍ପାଦଗୁଡିକର ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ କରି ସ୍ୱତନ୍ତ୍ର ହାତ ତିଆରି ଶାଢୀଗୁଡିକ ପାଇଁ ୧, ୫୦, ୦୦୦ ଟଙ୍କା ଯାଏ ରହିଛି।

## ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କର ଜୟନ୍ତୀ

ଭୁବନେଶ୍ୱର, ୨୧।୮ (ସମିସ): ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କର ଜୟନ୍ତୀ ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ 'ଲିପିତତ୍ତ୍ୱ: ଇତିହାସ ରଚନାରେ ଏକ ମୂଳ ଉପାଦାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଉପନିର୍ଦ୍ଦେଶିକା ଦବଯାନୀ ଭୂୟାଁ, ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ସୁବ୍ରତ କୁମାର ଆଚାର୍ଯ୍ୟ, ଡ. ଉମାକାନ୍ତ ମିଶ୍ର ଓ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ଯୋଗ ଦେଇଥିଲେ।

## ପ୍ରଶାନ୍ତ ମହାପାତ୍ରଙ୍କ ସ୍ମୃତିରେ ମାଗଣା ସ୍ୱାସ୍ଥ୍ୟମେଳା

ଭୁବନେଶ୍ୱର, ୨୧।୮ (ସମିସ): ଭୁବନେଶ୍ୱରର ସଂଗ୍ରାମୀ, ସ୍ୱାଭିମାନ ଯୁବ ନେତା ସ୍ୱର୍ଗତ ପ୍ରଶାନ୍ତ ମହାପାତ୍ରଙ୍କ ୬୪ତମ ଜୟନ୍ତୀ ଉପଲକ୍ଷେ ପ୍ରଶାନ୍ତ ମହାପାତ୍ର ସ୍ମୃତି ସଂସଦ ପକ୍ଷରୁ ରାଜଧାନୀ ଉପକଣ୍ଠ ଇଟିପୁର ପଞ୍ଚାୟତ ଦିବ୍ୟଜ୍ୟୋତି ମହିଳା ମହାସଂଘ ଗୃହରେ ମାଗଣା ସ୍ୱାସ୍ଥ୍ୟ ମେଳା



ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରୋଗର କାରଣ ଓ ଏହାର ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ଏହାସହ ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ଏଥିରେ ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଖଦି ବୋର୍ଡ ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ ପାଇକରାୟ, ରଶ୍ମି ମହାପାତ୍ର, ସଂଯୋଜକ ଶ୍ରୀହର୍ଷ ହୋତା, ସରୋଜ ମିଶ୍ର, କ୍ଷିରୋଦ ବେହେରା, ଶିବାନୀ ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାସାରା ଖାଲ; ଗାଡ଼ି ଗଡ଼େଇ ଗଡ଼େଇ ଚାଲ

ଭୁବନେଶ୍ୱର, ୨୧।୮ (ସମିସ): ରାସ୍ତାରେ ଭିଡ଼ ଠାରୁ ବଳିଯାଉଛି ବର୍ଷା ପାଣି। କାର୍ ଚାଳକମାନେ ଯାହା ଯେମିତି ରାସ୍ତାକୁ ଅତିକ୍ରମ କରୁଛନ୍ତି, କିନ୍ତୁ ଦୁଇ ଚକିଆ ଯାନରେ ଯାଉଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟେପଟେ ରାସ୍ତାରେ ପ୍ରବଳ ଭିଡ଼ ଜମୁଥିବା ବେଳେ ଗୋଡ଼ ରଖିଲେ କାଦୁଅ ଭର୍ତ୍ତି ପାଣି। ନର୍ଦ୍ଦମା ପାଣିରେ ବୁଡ଼ି ଯାଉଛି। ତା ସାଙ୍ଗକୁ ରାସ୍ତାରେ ଭରି ରହିଛି ବଡ଼ ବଡ଼ ଖାଲଖମା। ଯାହା ଦୁର୍ଘଟଣାର କାରଣ ପାଲଟିଛି। ଯାତ୍ରୀମାନେ ହଂସପାଳସ୍ଥିତ ପୁରୀ କେନାଲ ରାସ୍ତାରେ ଗାଡ଼ି ଗଡ଼େଇ ଗଡେଇ ଯାତାୟତ କରୁଥିବା ଦେଖିବାକୁ ମିଳିଛି।

ଜାତୀୟରାଜପଥଠାରୁ ମାତ୍ର ୧କିଲୋମିଟର ଦୂରରେ ରହିଛି ଏହି ବିପଦପୂର୍ଣ୍ଣ ରାସ୍ତା। ଏହି ରାସ୍ତା ଦେଇ ଅଟଳା, ବାଲିଅନ୍ତା, ପୁରୀକୁ, ଭାରତ ଭିଲ୍ଲା, ପ୍ରତିଦିନ ଶହଶହ ଗାଡ଼ି ଚାଳକ ନିର୍ଭର କରୁଥିବା ବେଳେ ଏହି ଅଞ୍ଚଳରେ ଦିନକୁ ଦିନ ବଡ଼ ବଡ଼ ଆପାର୍ଟମେଣ୍ଟ ସାଙ୍ଗକୁ ଜନବସତି ଗଢ଼ିଉଠୁଛି। ହେଲେ ରାସ୍ତାର ଅବସ୍ଥା ସୁଧୁରୁନି। ରାସ୍ତାରେ ପ୍ରତିଦିନ ଶହଶହ ସଂଖ୍ୟାରେ କାର୍, ବାଇକ୍, ସ୍କୁଲ ବସ୍ ଠାରୁ ଆରମ୍ଭ କରି ଭାରିଯାନବାହନ ମଧ୍ୟ ଯାତାୟତ କରୁଛି। ଫଳରେ ସକାଳ ଓ ସନ୍ଧ୍ୟା ସମୟରେ ପ୍ରବଳ ଭିଡ଼ ଜମୁଛି। ଏମିତିକି ୨୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ଘଣ୍ଟା ଘଣ୍ଟା ଧରି ଭିଡ଼ରେ ଫସୁଛନ୍ତି ଲୋକେ।



ତେବେ ଭିଡ଼ ଠାରୁ ଆହୁରି ଚିନ୍ତାରେ ପକାଇଛି ରାସ୍ତାରେ ରହିଥିବା ଖାଲ। ସେହିପରି ଏଠାରେ ରହିଥିବା ଭାରତ ଭିଲ୍ଲାକୁ ଯିବାକୁ ଭୟ କରୁଛନ୍ତି ଲୋକେ। କାରଣ ଏହି ଭିଲ୍ଲା ଭିତରେ ଶହଶହ ଘର ରହିଥିଲେ ବି ରାସ୍ତା ଅବସ୍ଥା ଦେଖି ଛାନିଆ ହେଉଛନ୍ତି ଲୋକେ। ରାସ୍ତା ସାରା ବଡ଼ ବଡ଼ ଖାଲ ରହିଥିବା ବେଳେ ବର୍ଷା ପାଣି ଜମି କାଦୁଅ ପଚ ପଚ ହୋଇଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ବିଶେଷ କରି ଏଠାରେ ଛୋଟ ପିଲାମାନଙ୍କ ନିମନ୍ତେ ରହିଥିବା ଶିକ୍ଷାନୁଷ୍ଠାନକୁ ଆସୁଥିବା ଛୋଟ ପିଲା ଓ ଅଭିଭାବକମାନେ ନାକେଦମ୍ ହେଉଥିବା ଅଭିଯୋଗ କରିଛନ୍ତି। ରାସ୍ତାରେ ପାଣି ପାଦୁଅ ପ୍ରବାହିତ ହେଉଥିବାରୁ ଖାଲ ଦିଶୁ ନାହିଁ। ବିଶେଷକରି ବର୍ଷା ସମୟରେ ବାଇକ୍ କିମ୍ବା ସ୍କୁଟି ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏନେଇ ୱାର୍ଡର କର୍ପୋରେଟର ସୁକୁମାର ସାହୁ କହିଛନ୍ତି ଯେ, ଏହି ରାସ୍ତା ପାଇଁ କଚ୍ଚାପକ୍କା ଯୋଜନାରେ ୧୪ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଅଧା କାମ ସରିଛି। ତେବେ ମୁଖ୍ୟ ରାସ୍ତା ୩ ମାସ ପୂର୍ବରୁ ପିଚୁ ପକାଯାଇଥିଲେ ବି ଏହି ରାସ୍ତା ଦେଇ ନିୟମିତ ବଡ଼ ବଡ଼ ଯାନବାହନ ଯାତାୟତ କରୁଥିବାରୁ ରାସ୍ତାର ଅବସ୍ଥା ଏଭଳି ହୋଇଛି। ବିଶେଷ

**ନର୍ଦ୍ଦମା ପାଣିରେ ବୁଡ଼ି ରହୁଛି ରାସ୍ତା**

କରି ଏଠାରେ ନିର୍ମାଣ କରାଯାଉଥିବା ବଡ଼ବଡ଼ ଆପାର୍ଟମେଣ୍ଟ ପାଇଁ ହେଭି ଭେହିକିଲ ଆସୁଛି ଯାହାକି ଏହି ରାସ୍ତା ପାଇଁ ପ୍ରଯୁଜ୍ୟ ନୁହେଁ। ତେଣୁ ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ରାସ୍ତାକୁ ଚଉଡ଼ା କରାଯିବ। ଏଥିପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ। ତେବେ ଇଣ୍ଟରନାଲ ରାସ୍ତା ଗୁଡ଼ିକରେ ମଧ୍ୟ ଖାଲଖମା ଭର୍ତ୍ତି ହୋଇଛି। ବିଲଡରମାନେ ଘର ବିକ୍ରି କରି ଚାଲିଯିବା ପରେ ଯେଉଁମାନେ ରହୁଛନ୍ତି ସେମାନେ ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତା ଗୁଡ଼ିକ ବିଏମସି ପକ୍ଷରୁ କରାଯିବାକୁ ସମୟ ଲାଗିବ।





## ହାଇକୋର୍ଟରେ କଟକ ସହର ସମସ୍ୟା

# ରାସ୍ତା ଅବରୋଧ କରି ତୋରଣ ମନା

କଟକ,୨୧।୮ (ସମିସ):

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଛନ୍ତି। ଆସନ୍ତା ଗଣେଶ ପୂଜା ଠାରୁ କଟକରେ ପାର୍ବଣ ଋତୁ ଆରମ୍ଭ ହେଉଥିବାରୁ ଏହି ସମୟରେ ଯେପରି ପୂର୍ବରୁ ଜାରି ହୋଇଥିବା କଟକଣା ଉଲ୍ଲଙ୍ଘନ ନହୁଏ ତାହା ସୁନିଶ୍ଚିତ କରିବା ପାଇଁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ସମସ୍ତ ବିଭାଗକୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସବିଶେଷ ସତ୍ୟପାଠ ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂଜା ମଣ୍ଡପ ଗୁଡିକ ପକ୍ଷରୁ ଯେପରି ରାସ୍ତାଘାଟ ଫୁଟପାଥ ଅବରୋଧ କରି ତୋରଣ,ଇଲେକ୍ଟ୍ରିକ ଗେଟ ଆଦି ନିର୍ମାଣ



### ‘ଶବ୍ଦ ପ୍ରଦୂଷଣ କଟକଣା କଡ଼ାକଡ଼ି କର’

ନ କରିବେ ଓ ଗତ ବର୍ଷ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁପାଳନ ହେବ ତାହା ଜିଲ୍ଲା ପ୍ରଶାସନ ସୁନିଶ୍ଚିତ କରାଇବ ବୋଲି କହିଛନ୍ତି ଖଣ୍ଡପୀଠ। ଗତ ବର୍ଷ ଖାନନଗର ପୂଜା ପେଣ୍ଡାଲରେ ଏକ ତୋରଣ ଭୁଶୁଡିପଡିଥିବା ହେତୁ ପୂଜା ମଣ୍ଡପ ଗୁଡିକୁ ଏନଓସି ପ୍ରଦାନ ବେଳେ ନିରାପତ୍ତା ଦିଗ ପ୍ରତି କଣ ଧ୍ୟାନ ଦିଆଯାଇଛି ସେ ନେଇ ସତ୍ୟପାଠ ଦାଖଲ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଶବ୍ଦ ପ୍ରଦୂଷଣ ପାଇଁ ୬୫ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନ ଉପରେ ଥିବା କଟକଣାକୁ କାର୍ଯ୍ୟକାରୀ କରିବା ପାଇଁ କଟକ ଡିସିପି ପଦକ୍ଷେପ ନେବାକୁ ହାଇକୋର୍ଟ କହିଛନ୍ତି। ଶୋଭାଯାତ୍ରାରେ ଯାଉଥିବା ପ୍ରତିବ୍ୟାଣ୍ଡସାଉଣ୍ଡଲିମିଟରଲଗାଇବାକୁ ବାଧ୍ୟତାମୂଳକ କରାଯିବ ବୋଲି ଡିସିପି କହିଥିଲେ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବଶିନ୍ଦେ ଭର୍ଚୁଆଲ ଶୁଣାଣିରେ ଉପସ୍ଥିତ ରହି ଦର୍ଶାଇଥିଲେ ଯେ ଏଥର ସିଙ୍ଗିଲ ଉଇଣ୍ଡୋ ପଦ୍ଧତିରେ ପୂଜାମଣ୍ଡପ ଗୁଡିକୁ ସର୍ତ୍ତାରୋପ ପୂର୍ବକ ପ୍ରଥମେ ପ୍ରୋଭିଜିନାଲ ଓ ପରେ ଚୂଡାନ୍ତ ଏନଓସି ପ୍ରଦାନ କରାଯିବ। ବିଶେଷକରି ତୋରଣ ନିର୍ମାଣ ପୂର୍ବରୁ ପୂଜା ମଣ୍ଡପ ଗୁଡିକୁ ପ୍ରଥମେ ଏଗୁଡିକର ଡ୍ରଇଂ ମଗାଯିବ ବୋଲି ଜିଲ୍ଲାପାଳ କହିଥିଲେ।



### ଅପମିଶ୍ରିତ ଓ ଭେଜାଲ ଖାଦ୍ୟ ସମ୍ପର୍କିତ ଅଭିଯୋଗ ଗ୍ରହଣ ବ୍ୟବସ୍ଥା କର

ପାର୍ବଣ ସମୟରେ ଅପମିଶ୍ରିତ ତଥା ଭେଜାଲ ଖାଦ୍ୟ ଚିନ୍ତାଜନକ ହୋଇଥାଏ। ଏହାର ଯାଞ୍ଚ ସହ ଏସମ୍ପର୍କିତ ଲୋକଙ୍କ ଅଭିଯୋଗ ଗ୍ରହଣ ପାଇଁ ମୋବାଇଲ ନମ୍ବର ଅଥବା ୱେବସାଇଟ କିମ୍ବା ସାମାଜିକ ଗଣମାଧ୍ୟମରେ ବ୍ୟବସ୍ଥା ଗ୍ରହଣ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଯେପରି ସହଜରେ ଲୋକେ ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ବିରୋଧରେ ଅଭିଯୋଗ କଲେ ମହାନଗର ନିଗମ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ଖାଦ୍ୟ ସୁରକ୍ଷା ଅଧିକାରୀ ଓ ସାନିଟାରୀ ଇନସ୍ପେକ୍ଟରମାନଙ୍କୁ ନେଇ ଟିମ ଗଠନ କରାଯିବ ବୋଲି ଲୋକଙ୍କୁ ଅବଗତ କରାଯାଇଥିଲା।

### ୧୧୧ ପଦରୁ ୯୬ ଡାକ୍ତରଙ୍କ ନିଯୁକ୍ତି ପାଇଁ ସୁପାରିସ କରିଛି ଓପିଏସ୍‌ସି

ଏସସିବି ମେଡିକାଲ କଲେଜ ଓ ହସପିଟାଲରେ ଡାକ୍ତରଙ୍କ ନିଯୁକ୍ତି ପ୍ରସଙ୍ଗରେ ମେଡିକାଲ ଅଧୀକ୍ଷକ ଏକ ସତ୍ୟପାଠ ଦାଖଲ କରିଛନ୍ତି। ମେଡିକାଲରେ ମୋଟ ୧୧୧ଟି ସହକାରୀ ପ୍ରାଧ୍ୟାପକ ପଦ ଓ ୯ଟି ସୁପରସ୍ପେଶିଆଲିଟି ଡାକ୍ତର ପଦରେ ନିଯୁକ୍ତି ପ୍ରକ୍ରିୟା କରିବା ପାଇଁ ଓପିଏସସିକୁ କୁହାଯାଇଥିଲା। ତେବେ ୧୧ରୁ ଇତିମଧ୍ୟରେ ଓପିଏସସି ପକ୍ଷରୁ ୮୯ଜଣ ସହକାରୀ ପ୍ରାଧ୍ୟାପକ ଓ ୭ଜଣ ସୁପରସ୍ପେସ।ଲିଟି ଡାକ୍ତରଙ୍କ ନାମ ନିଯୁକ୍ତି ପାଇଁ ସରକାରଙ୍କୁ ସୁପାରିସ କରାଯାଇଥିବା ସତ୍ୟପାଠରେ କୁହାଯାଇଛି।

### ଏସ୍‌ସିବିର ବିଭିନ୍ନ ବିଭାଗକୁ ଦୁଇ ବର୍ଷରେ କେତେ ଯନ୍ତ୍ରପାତି ଆସିଛି ଜଣାଅ

ଏସସିବି ହୃଦରୋଗ ବିଭାଗ ଅଧିନସ୍ଥ କାର୍ଡିଓଥୋରାସିସ ଭସ୍କୁଲାର ସର୍ଜରୀ ଓ ଇକମୋ ୟୁନିଟରେ ଦୀର୍ଘ ୧୦ବର୍ଷ ଧରି ଆବଶ୍ୟକ ନୂତନ ଯନ୍ତ୍ରପାତି କିଣାଯାଇନଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ବିଭାଗରେ କେତେକ ଯନ୍ତ୍ରପାତି ଅତିରିକ୍ତ ଭାବେ ମହଜୁଦ ରହିବାର ଆବଶ୍ୟକତା ରହିଛି । ପୁରୁଣା ଯନ୍ତ୍ରପାତି କାର୍ଯ୍ୟ ନକରିଲେ ଯଦି ବିକଳ୍ପ ଯନ୍ତ୍ରପାତି ନଥିବ ତାହେଲେ ରୋଗୀଙ୍କ ଜୀବନ ଚାଲିଯିବାର ଆଶଙ୍କା ରହିଛି ବୋଲି ଆଡଭୋକେଟ କମିଟି ଓ ଆମିକସକ୍ୟୁରୀଙ୍କ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏସସିବି ମେଡିକାଲର ସମସ୍ତ ବିଭାଗରୁ ଗତ ୨୦୨୩ଅଗଷ୍ଟ୧୫ରୁ ୨୦୨୫ଜୁନ ସୁଦ୍ଧା କେତେ ଯନ୍ତ୍ରପାତି ଓ ଡାକ୍ତରୀ ସରଞ୍ଜାମ କ୍ରୟ ପାଇଁ ଅନୁରୋଧ ଆସି ଡିଏମଇଟିଙ୍କ ନିକଟକୁ ପଠାଯାଇଛି ଓ କେତେ ଯନ୍ତ୍ରପାତି କିଣାଯାଇ ଏସସିବିକୁ ଦିଆଯାଇଛି ସେ ନେଇ ଅଦାଲତ ସବିଶେଷ ରିପୋର୍ଟ ମାଗିଛନ୍ତି। ପରବର୍ତ୍ତୀ ଶୁଣାଣିରେ ଉଭୟ ଅଧୀକ୍ଷକ ଓ ରାଜ୍ୟ ସରକାର ଏ ସମ୍ପର୍କରେ ସତ୍ୟପାଠ ଦେବାକୁ କହିଛନ୍ତି ହାଇକୋର୍ଟ। ଏସସିବି ଯକୃତ ପ୍ରତିରୋପଣ ପ୍ରସଙ୍ଗରେ ସଚିବଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏଆଇଜି ଏହାର ପରିଚାଳନା ପାଇଁ ଚୁକ୍ତି ଅନୁସାରେ ମଧ୍ୟବର୍ତ୍ତୀକାଳୀନ ସେବା ଯୋଗାଇବାକୁ ସମ୍ମତି ଦେଇଥିବା କୁହାଯାଇଛି।

### ରାସ୍ତାଘାଟକୁ ନେଇ ହାଇକୋର୍ଟଙ୍କ ଅସନ୍ତୋଷ

ସହରର ଅଧିକାଂଶ ରାସ୍ତାଘାଟଗୁଡିକର ବିପର୍ଯ୍ୟସ୍ତ ଅବସ୍ଥା ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ସହରର ରାସ୍ତାଘାଟ ଗୁଡିକରେ ସୃଷ୍ଟି ପଟହୋଲଗୁଡିକ ଦୀର୍ଘ ମାସ ଧରି ମରାମତି ହୋଇପାରୁନଥିବା ନେଇ ଆଡଭୋକେଟ କମିଟି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜି ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଶୁଣାଣିରେ ଉପସ୍ଥିତ ରହି କଟକରେ ୧୫ଟି ରାସ୍ତା କାମ ଅନଲାଇନ ଟେଣ୍ଡର କରାଯାଇଛି ଓ ଏହି ସବୁ ରାସ୍ତାଘାଟ କାମ ଆସନ୍ତା ସେପ୍ଟେମ୍ବର ୨୫ ତାରିଖ ସୁଦ୍ଧା ସରିବ ବୋଲି କହିଥିଲେ। ମହାନଗର ନିଗମ ଅଧିନରେ ଥିବା ୱାର୍ଡଗୁଡିକରେ ଥିବା ରାସ୍ତାଘାଟ ପାଇଁ ନିଆଯାଇଥିବା ପଦକ୍ଷେପର ସ୍ଥିତି ସମ୍ପର୍କରେ ପରବର୍ତ୍ତୀ ଶୁଣାଣିରେ ଅବଗତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

### ସତ୍ୟବ୍ରତ ଷ୍ଟାଡିୟମ ଡିପିଆର କ୍ରୀଡ଼ା ବିଭାଗକୁ ପଠାଯିବ

ସତ୍ୟବ୍ରତ ଷ୍ଟାଡିୟମର ଦୂରବସ୍ଥା ନେଇ ହାଇକୋର୍ଟ ଶୁଣାଣି କରିଆସୁଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଏହି ଷ୍ଟାଡିୟମର ସ୍ଥିତି ସୁଧୁରିବାକୁ ଯାଉଛି। ଏଥିପାଇଁ ଏଏସଆଇ(ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା) ସହ କଟକ ମହାନଗର ନିଗମ,କଟକ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ମିଳିତ ବୈଠକ ଅନୁଷ୍ଠିତ ହୋଇଥିବା ନେଇ ଆଜି ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ଉନ୍ନତିକରଣ ନିମନ୍ତେ ଏକ ଡିପିଆର ପ୍ରସ୍ତୁତ ହୋଇଛି ଓ ତାହାକୁ କ୍ରୀଡା ବିଭାଗକୁ ପଠାଯାଇ ଅର୍ଥ ଅନୁମୋଦନ ପାଇଁ ନିବେଦନ କରାଯିବ ବୋଲି ଜିଲ୍ଲାପାଳ ଅବଗତ କରିଥିଲେ। ସେହିପରି ଏଠାରେ ପାନୀୟଜଳ, ପରିମଳ ଓ ଆଲୋକୀକରଣ କାର୍ଯ୍ୟ ସିଏମସି ପକ୍ଷରୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

## ସିଟି ହସ୍ପିଟାଲରେ କେନ୍ଦ୍ରୀୟ ଦଳ

କଟକ,୨୧।୮ (ସମିସ): କେନ୍ଦ୍ରୀୟ ଦଳ ଗୁରୁବାର କଟକ ଗସ୍ତ କରି କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲ ପରିଦର୍ଶନ କରିଥିଲା। ପ୍ରତିନିଧିମାନେ ହସ୍ପିଟାଲର ଇଏନଟି ଓ ଚକ୍ଷୁ ବିଭାଗରେ କାର୍ଯ୍ୟର ସମୀକ୍ଷା କରିବା ସହ ମେଡିକାଲ କର୍ତ୍ତୃପକ୍ଷ ଓ ରୋଗୀଙ୍କୁ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲା। ଏହାସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା ସମସ୍ତ ଯୋଜନା ଠିକ ଭାବେ କାର୍ଯ୍ୟକାରୀ କରାଯାଉ ନା ନାହିଁ ତାହାର ତଦାରଖ କରାଯାଇଥିଲା। ସିଟି ହସ୍ପିଟାଲର ଉଭୟ ବିଭାଗରେ ରୋଗୀ ସଂଖ୍ୟା ଅଧିକ ଥିବା ବେଳେ ଚକ୍ଷୁ ବିଭାଗରେ ମାତ୍ରାଧିକ ସଂଖ୍ୟାର ଅସ୍ତ୍ରୋପଚାର ବିଷୟରେ ଜାଣିବାରୁ ଟିମ ସନ୍ତୋଷ ବ୍ୟକ୍ତ କରିଥିଲା।

## ସେପ୍ଟେମ୍ବର ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୨୧।୮ (ସମିସ): କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ୍ ଆଇନ ସେବା କମିଟି ପରିସରରେ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ଶନିବାର ପୂର୍ବାହ୍ନ ୧୦ଟା ସମୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରଧୀନ ମକଦ୍ଦମା ଯଥା ମୋଟରଯାନଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ ଓ ଫୌଜଦାରୀ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ।

## ଦେବୀଗଡ଼ା ପରିଦର୍ଶନ କଲେ ମେୟର ଓ କମିସନର



କଟକ,୨୧।୮ (ସମିସ): ଚଳିତ ବର୍ଷ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଆଜି ସକାଳ ୮.୩୦ ସମୟରେ କଟକ ମେୟର ସୁବାସ ସିଂହ, ସିଏମସି କମିଶନର, ଶାନ୍ତିକମିଟି କର୍ମକର୍ତ୍ତା, କର୍ପୋରେଟର, ସମସ୍ତ ବିଭାଗର ଅଧିକାରୀଙ୍କୁ ସାଥୀରେ ଧରି ପୁରୀଘାଟ ଦେବୀଗଡାସ୍ଥିତ ଭସାଣି ବିସର୍ଜନସ୍ଥଳର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। କଟକ ସହରରେ ଦୁର୍ଗା, କାଳୀ ମେଢର ଭସାଣି ନିମନ୍ତେ ଦେବୀଗଡାଠାରେ ଅସ୍ଥାୟୀ ପୋଖରୀ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଦେବୀଗଡାକୁ କଟକର ଗର୍ବ ଓ ଗୌରବ ବିସର୍ଜନସ୍ଥଳ ଭାବରେ ସ୍ୱତନ୍ତ୍ର ପରିଚୟକୁ ଆଖିଆଗରେ ରଖି କାର୍ଯ୍ୟ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ମେୟର ଶ୍ରୀ ସିଂହ ଆଦେଶ ଦେଇଥିଲେ। ଏହି ଅବସରରେ କଟକ ମେୟର ଶ୍ରୀ ସିଂହଙ୍କ ସହିତ ସିଏମସି କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆ, କର୍ପୋରେଟର ବିକାଶ ରଞ୍ଜନ ବେହେରା, କର୍ପୋରେଟର ଲକ୍ଷ୍ମୀଧର ବେହେରା, କର୍ପୋରେଟର ଗଗନ ଓଝା, କର୍ପୋରେଟର ବନଲତା ପ୍ରଧାନ, ଏକଜିକ୍ୟୁଟିଭ ଇଞ୍ଜିନିୟର ଭରତ ସେଠୀ, ଏକଜିକ୍ୟୁଟିଭ ଇଞ୍ଜିନିୟର ସୁବାସ ସାହୁ, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରୀ ଦାସ, କୋଷାଧ୍ୟକ୍ଷ ନରେଶଚନ୍ଦ୍ର ସାହୁ, ଶାନ୍ତି କମିଟି କର୍ମକର୍ତ୍ତା ଦେବାଶିଷ ରାୟ, ଦିପାୟନ ପଟ୍ଟନାୟକ, ରାଜୀବ ବେହେରା, ସ୍ଥାନୀୟ ମୁରବି ତଥା ଆଇନଜୀବୀ ଆଲୋକ ମହାପାତ୍ର, ପ୍ରସନ୍ନ ବେହେରା, ରଘୁନାଥ ଦାସ, ଦେବେନ୍ଦ୍ର ପାଣିଗ୍ରାହୀ ସ୍ଥାନୀୟ ଅଞ୍ଚଳର ଅନେକ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ।

■ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ

## ପୂଜା ଓ ଭସାଣି ସୁରୁଖୁରୁରେ ସମ୍ପନ୍ନ କରିବାକୁ ଗୁରୁତ୍ୱାରୋପ

କଟକ,୨୧।୮ (ସମିସ): ଚଳିତ ବର୍ଷ ଗଣେଶ ପୂଜା-୨୦୨୫କୁ ସରସ ସୁନ୍ଦର ଓ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଏଥି ସହ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଶାନ୍ତି କମିଟିର କର୍ମକର୍ତ୍ତା ତଥା ପୂଜା କମିଟିର କର୍ମକର୍ତ୍ତାଙ୍କୁ ନେଇ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ପକ୍ଷରୁ ଗଣେଶ ପୂଜା ପାଳନ ଓ ଭସାଣି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାତ୍ରି ୧୦ ପରେ ଡାକବାଜି ଯନ୍ତ୍ରର ବ୍ୟବହାର ନିଷେଧ ଏବଂ ସମ୍ବେଦନଶୀଳ ସ୍ଥାନରେ କମ ଧ୍ୱନି କରିବା ସହ ଲେଜର ଲାଇଟକୁ ପୂଜାମଣ୍ଡପ ଓ ଭସାଣୀ ଉତ୍ସବରେ ବ୍ୟବହାର ନ କରିବା ତଥା ନିଶା ସେବନ ନ କରି ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଉପସ୍ଥିତ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ଗଣେଶ ପୂଜା ୨୭ ତାରିଖ ଦିନ ପାଳନ କରାଯାଇ ପର୍ଯ୍ୟାୟ କ୍ରମେ



୩୧, ୭, ୧୪ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଗଣେଶ ପୂଜା ପାଳନ ଓ ଭସାଣୀ ସମୟରେ ବିଦ୍ୟୁତ ସରବରାହ, ରାସ୍ତା ମରାମତି, ପାନୀୟଜଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ସ୍ୱାସ୍ଥ୍ୟ, ପରିମଳ, ଆଇନଶୃଙ୍ଖଳା, ମେଢ ଯାତାୟାତ ନିମନ୍ତେ କେବୁଲ ତାର ଅପସାରଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ନାଥ ସାହୁ, ସଂପାଦକ ଭିକାରୀ ଦାସ, କଟକ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ଶାନ୍ତି କମିଟିର ବରିଷ୍ଠ କର୍ମକର୍ତ୍ତା ଶିବେନ୍ଦ୍ର ହାତୀ, ନରସିଂହ ଚୌଧୁରୀ, ନରସିଂହ ସାହୁ, ଦୀପାୟନ ପଟ୍ଟନାୟକ ପ୍ରମୁଖ ଏହି ବୈଠକରେ ଆଲୋଚନା କରିଥିଲେ। ଚଳିତ ବର୍ଷ ତିନିଟି ପର୍ଯ୍ୟାୟରେ ଭସାଣୀ ନିମନ୍ତେ ଅନୁମତି ଥିବା କଥା ଦର୍ଶାଇ ଓ ପାରମ୍ପରିକ ରୀତି ଅନୁଯାୟୀ ବିସର୍ଜନ ହେବାକୁ ଥିବା ମୂର୍ତ୍ତିଗୁଡିକ ପାଇଁ ଆଉ ଗୋଟିଏ ଭସାଣି ଦିନ ସ୍ଥିର କରାଯିବା ପାଇଁ ପୂଜା କମିଟିମାନେ ଅନୁରୋଧ କରିଥିଲେ। ଏଥିସହ ସହରର ମୁଖ୍ୟ ରାସ୍ତାଗୁଡିକରେ ତଥା ବିଭିନ୍ନ ୱାର୍ଡରେ ଖାଲଖମା ଯୁକ୍ତ ରାସ୍ତାଘାଟର ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଏବଂ ସ୍ୱଚ୍ଛ ଜଳଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ। କଟକ ମହାନଗର ନିଗମ କମିଶନର କିରନଦୀପ କୌର ସହୋତା କଟକ ମହାନଗର ନିଗମ ପକ୍ଷରୁ ସମସ୍ତ ଆବଶ୍ୟକ ମୌଳିକ କାର୍ଯ୍ୟ ଗଣେଶ ପୂଜା ଭସାଣି ପୂର୍ବରୁ ଶେଷ କରାଯିବ ବୋଲି ସୂଚନା ଦେବା ସହ ମହାନଗର ନିଗମ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ ଗ୍ରହଣ କରାଯାଇ ଏହାର ସମାଧାନ ଉପରେ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ପୁଲିସ ଉପଆୟୁକ୍ତ ଦେବଦତ୍ତ କର ମତାମତ ପ୍ରଦାନ କରିଥିଲେ। ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ-୧ ଏବଂ ୨, ନଗର ସ୍ୱାସ୍ଥ୍ୟ ଅଧିକାରୀ, ଟିପିସିଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

### ୟୁଥ୍ ୱିଇଙ୍ଗ ଆସୋସିଏସନ୍, ସେକ୍ଟର-୬

## ପୂଜା ପାଇବେ ଆକର୍ଷଣୀୟ ଗଣେଶ ମୂର୍ତ୍ତି

କଟକ,୨୧।୮ (ସମିସ):

ପାର୍ବଣର ପ୍ରଥମ ପର୍ଯ୍ୟାୟ ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନରେ ରୌପ୍ୟନଗରୀକୁ ଆସିବେ ଗଜାନନ। ପାର୍ବଣ’ର ପହିଲି ଚିଟାଉ ଧରି ହଜାର ବର୍ଷର ସହରରେ ପୂଜା ପାଇବେ ଶ୍ରୀଗେଣଶ...ଦୁଲୁକିବ କଟକ। ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ଝଲସି ଉଠିବ ମହାନଦୀବିହାରରୁ ମର୍କତନଗର। ମହାନଦୀ ଆଉ କାଠଯୋଡି’ର ହୃଦୟ ଚିରା ବକ୍ଷ’ରେ ଏ ସହରରେ ଶୁଭିବ ‘ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ..ନିର୍ବିଘ୍ନ କୁରୁମେ ଦେବୋ, ସର୍ବକାର୍ଯ୍ୟେଷୁ ସର୍ବଦା’.. କଟକିଆ ବରାଦ ଦେଇ ନିର୍ଘୁମ୍ ପିଟିବେ ଶିଙ୍ଗ ବାଜା, ଦୁଲୁଦୁଲି, ମାଦଳ, ପଞ୍ଜାବୀ ବାଜା, ଘଣ୍ଟ ସାଂଗକୁ ବ୍ୟାଣ୍ଡ ବାଜା। ମୂର୍ତ୍ତି ଗଢ଼ା ଚାଲିଲାଣି। ପୂଜାର ପୂର୍ବପ୍ରସ୍ତୁତିର ଝଲକକୁ ନେଇ ଆରମ୍ଭ ବିଶେଷଃ ଉପସ୍ଥାପନା....ଆସୁଛନ୍ତି ଗଜାନନ।

**ଆସୁଛନ୍ତି ଗଜାନନ**

୨୦୨୩ ମସିହାରେ ଏହି କ୍ଲବଟି ଗଢି ଉଠିଥିଲା ଓ ଅଗ୍ରପୂଜ୍ୟ ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା କରାଯାଇଥିଲା। ଚଳିତ ବର୍ଷ ୩ ବର୍ଷ ଗଣେଶ ପୂଜା ଏହି କ୍ଲବ ଆୟୋଜନ କରୁଛି। ଚଳିତ ବର୍ଷ ପୂଜାରେ ଅନାଥ ଆଶ୍ରମରେ ଭୋଗ ବଣ୍ଟନ ସହ ବହି, ଖାତା ଇତ୍ୟାଦି ପାଠ୍ୟ ଉପଯୋଗୀ ଉପକରଣ ଯୋଗାଇ ଦିଆଯିବ ବୋଲି କ୍ଲବର ସମ୍ପାଦକ ବିବେକ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୂଜାକୁ ପ୍ରାଧାନ୍ୟ ଦିଆଯାଇ ସାଜସଜ୍ଜା ଓ ଭସାଣି ମଧ୍ୟ ବେଶ ଆଡମ୍ବର ସହକାରେ ପାଳନ କରାଯାଏ। ବିଶେଷକରି ଗଜାନନ ଅବତାରର ୬ ଫୁଟ ଉଚ୍ଚାଟର ମୂର୍ତ୍ତି ପୂଜା ପାଇବେ ନିଶାମୁକ୍ତ, ପଲିଥିନମୁକ୍ତ ହେବ ବୋଲି ସଭାପତି ଆଶିଷ ଦେ ସୂଚନା ଦେଇଛନ୍ତି। ଗତବର୍ଷ ଶ୍ରୀ ଗଣେଶ ମହୋତ୍ସବ ୨୦୨୪ ପକ୍ଷରୁ ଏହି କ୍ଲବ ସିନ୍ଦୁର ମୂର୍ତ୍ତି ପାଇଁ ପୁରସ୍କାର ପାଇଥିଲା। ତେବେ ଦୀର୍ଘ ଦିନ ହେବ ଏହି ଗ୍ରୁପ ପୂଜା ବାଦ ବିଭିନ୍ନ ସାମାଜିକ କାର୍ଯ୍ୟରେ ଚାରାରୋପଣ, ଖରା ସମୟରେ ଜଳଦାନ ଓ ଦହିପାଣି ବଣ୍ଟନ, ମାଗଣା ସ୍ୱାସ୍ଥ୍ୟ ଶିବିର, ବଡ ମେଡିକାଲ ରେ ମାଗଣା ଖାଦ୍ୟ ବଣ୍ଟନ କରାଯାଉଛି। ସଭାପତି ଆଶିଷ ଦେ, ଉପସଭାପତି ରୋଶନ ସାହୁ, ସମ୍ପାଦକ ବିବେକ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଡ. ଦିଗବିଜୟ ସାହୁ ସହ ମୟୁର ଠକର, ଆଲୋକ ନାୟକ, ଚଣ୍ଡୀ ପ୍ରସାଦ, ଆଲୋକ ମିଶ୍ର, ସବ୍ୟସାଚୀ, ବାଦଲ ମହାନ୍ତି, ସୁଦାମ, ସାର୍ଥକ ସହଯୋଗ କରୁଛନ୍ତି।



## ୪୬ନଂ ୱାର୍ଡ ପରିଦର୍ଶନ କଲେ କଂଗ୍ରେସ ନେତୃବୃନ୍ଦ



କଟକ,୨୧।୮ (ସମିସ): ଆଜି ପୂର୍ବାହ୍ନରେ ବରିଷ୍ଠ କଂଗ୍ରେସ ନେତା ଇଂ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ, ପୂର୍ବତନ ମେୟର ପ୍ରାର୍ଥିନୀ ଗିରିବାଳା ବେହେରା ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ କଟକ ମହାନଗର ନିଗମ ୪୬ନମ୍ବର ୱାର୍ଡ ଅନ୍ତର୍ଗତ ଶିଖରପୁର, ଶିଖରପୁର ତଳସାହି ଓ ଉପରସାହି, ନଦୀକୂଳ ସାହି, ପୋତାପୋଖରୀ ଆଦି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ମୁରବୀ, ବରିଷ୍ଠ ନାଗରିକ, ଯୁବକ ଓ ମହିଳାଙ୍କ ସହିତ ୱାର୍ଡର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରୁ ଶିଖରପୁର ଗୁରୁଦ୍ୱାର ଠାରେ ସମସ୍ତ ନେତୃବୃନ୍ଦ ପ୍ରାର୍ଥନା କରି ଗୁରୁନାନକଙ୍କ ଆଶୀର୍ବାଦ ନେଇଥିଲେ। ୱାର୍ଡର ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ୱାର୍ଡର ସଂଗଠନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଶିଖରପୁରସ୍ଥିତ ଡ୍ରାଇଭର ମହାସଂଘ କାର୍ଯ୍ୟାଳୟ ଯାଇ ସେମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ। ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ, ପ୍ରତାପ ପରିଡା, ଅଜୟ ଗୋଛାୟତ, ଜିତେନ୍ଦ୍ର ଶତପଥି, ଅଶୋକ ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, ଅଜୟ ମହାନ୍ତି, ଜୟନାରାୟଣ ତ୍ରିପାଠୀ, ସୁରେନ୍ଦ୍ର ବେହେରା, ଦିଲ୍ଲୀପ ନାୟକ, ଗଣେଶ ରାଉତ, ଚନ୍ଦ୍ରମଣି ଗୋଛାୟତ, ନନ୍ଦକିଶୋର ମହାନ୍ତି, ନୀଳକଣ୍ଠ ଦାସ, ସୌମେନ୍ଦ୍ର ମହାନ୍ତି, ବିଭୁତି ଭୂଷଣ ଗୋଛାୟତ, କର୍ପୋରେଟର ସନ୍ତୋଷ ଭୋଳ, ବଟକୃଷ୍ଣ ସାହୁ, ଜେ କାମେଶ୍ୱର ରାଓ ଓ ସ୍ୱର୍ଣ୍ଣପ୍ରଭା ପଶାୟତ, ସତ୍ୟାନନ୍ଦ ରାଉତ, ସୁରଜିତ ସାହୁ, ସୁନୀଲ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଏବେଠୁ ୟୁରିଆ ସାର ସଂକଟ

■ କଳାବଜାରୀଙ୍କ ଉପରେ ହେଉନି କାର୍ଯ୍ୟାନୁଷ୍ଠାନ

■ ଗ୍ରାମାଞ୍ଚଳରେ ମାଳମାଳ ଅଣଲାଇସେନ୍ସପ୍ରାପ୍ତ ବିକ୍ରେତା

କଟକ,୨୧।୮ (ସମିସ):

ଖରିଫ ଧାନ ଫସଲ ପାଇଁ ୟୁରିଆ ସାରର ପ୍ରୟୋଜନ ବେଳେ ଏହି ସାର ସଂକଟ ଚାଷୀଙ୍କ ଚିନ୍ତା ବଢ଼ାଇଲାଣି । ବିଶେଷକରି ସାର ସରକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ ଯଥେଷ୍ଟ ଅଧିକ ମୂଲ୍ୟରେ ମଧ୍ୟ ବିକ୍ରି କରାଯାଉଛି । ଏପରିକି ଗ୍ରାମାଞ୍ଚଳରେ ଲାଇସେନ୍ସପ୍ରାପ୍ତ ସାର ବିକ୍ରେତାଙ୍କୁ ବାଦ ଦେଲେ ବିନା ଲାଇସେନ୍ସରେ ବେଆଇନ ଭାବେ ସାର ବିକ୍ରୟ କେନ୍ଦ୍ର ମାନ ଖୋଲିଛି । ଏହି ସବୁ କେନ୍ଦ୍ରକୁ ନିୟନ୍ତ୍ରଣ ପାଇଁ କୃଷି ବିଭାଗ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ଫଳରେ ଛତୁ ଫୁଟିବା ଭଳି ଏଭଳି ସାର ବିକ୍ରି କେନ୍ଦ୍ର ମାନ ଖୋଲିଛି ଯେଉଁଠି ଦିନଦ୍ୱିପ୍ରହରରେ ସାର କଳାବଜାର ହେଉଛି । ସାଧାରଣତଃ ଧାନ ତଳି ଲଗାଯିବାର ୨୦ରୁ ୨୫ଦିନ ମଧ୍ୟରେ ୟୁରିଆ ସାର ଆବଶ୍ୟକ କରିଥାନ୍ତି ଚାଷୀ । ଏବେ ଚାଷୀ ବିଲରୁ ଘାସ ବଛାବଛି କରି ୟୁରିଆ ସାର ପକାଇଥାଏ । ବର୍ତ୍ତମାନ ପାକ୍ସ(ପ୍ରାଥମିକ ସେବା ସମବାୟ ସମିତି)ଗୁଡ଼ିକରେ ଏହା ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ହୋଇପାରୁନାହିଁ । ଏପରିକି ଜିଲ୍ଲାରେ ରହିଥିବା ପଞ୍ଜିକୃତ ସାର ବିକ୍ରେତାମାନେ ମଧ୍ୟ ଏହି ସାର ନ ଥିବା କହି ଚାଷୀଙ୍କୁ ଫେରାଇଦେଉଛନ୍ତି । ଏହି ସୁଯୋଗରେ କିନ୍ତୁ ଅସାଧୁ ବ୍ୟବସାୟୀମାନେ ଚଢ଼ା ଦରରେ ସାର ବିକ୍ରି କରୁଛନ୍ତି । ଯେଉଁଠି ବସ୍ତା ପ୍ରତି ୩୨୦ଟଙ୍କାରେ ସାର ବିକ୍ରି ହେଉଥିଲା ତାହା ଏବେ ୪୦୦ରୁ ୪୨୦ଟଙ୍କା ହୋଇଯାଇଛି । ସାର ମିଳୁ ନଥିବାରୁ ଚାଷୀମାନେ ଚଢ଼ା ଦରରେ ବାହାରୁ କ୍ରୟ କରିବାକୁ ବାଧ ହେଉଛନ୍ତି ।

ମିଳିଥିବା ସୂଚନାନୁସାରେ, ଚଳିତ ଖରିଫ ଋତୁରେ ପ୍ରାୟ ୧୯ ହଜାର ମେଟ୍ରିକ ଟନ୍‌ର ୟୁରିଆ ସାରର ପ୍ରୟୋଜନ ରହିଛି ବୋଲି ସରକାରୀ ସ୍ତରରେ କୁହାଯାଉଥିଲେ ମଧ୍ୟ ବାସ୍ତବରେ ଚାହିଦା ଏହାଠାରୁ ଯଥେଷ୍ଟ ଅଧିକ ରହିଛି । ହେକ୍ଟର ପ୍ରତି ରସାୟନିକ ସାର ବ୍ୟବହାର ସରକାରୀ ଭାବେ ୮୦କିଲୋ ଦର୍ଶାଯାଉଥିଲେ ମଧ୍ୟ ଚାଷୀମାନେ ୨୦୦କିଲୋରୁ ଅଧିକ ପ୍ରୟୋଗ କରୁଥିବା ଜଣାପଡିଛି । ସେହିଭଳି ହେକ୍ଟର ପ୍ରତି ୟୁରିଆ ସାର ବ୍ୟବହାର ପ୍ରାୟ ୬୦କିଲୋରୁ ଅଧିକ ହେଲାଣି । ସରକାରୀ ଦରଠାରୁ ସାର ବସ୍ତା ପ୍ରତି ୨୦୦ଟଙ୍କା ଅଧିକ ବାହାରେ ବିକ୍ରି ହେଉଛି । ଚଳିତ ଖରିଫ ଋତୁରେ ଜିଲ୍ଲାରେ ରହିଥିବା ୧ ଲକ୍ଷ ୮୮ ହଜାର ୧୫୦ ହେକ୍ଟର ଚାଷ ଜମିରୁ କେବଳ ୧ ଲକ୍ଷ ୨୩ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଛି । ଅନ୍ୟପଟରେ ୟୁରିଆ ସାରର ବିକଳ୍ପ ଭାବେ ନାନୋ ୟୁରିଆର ପ୍ରଚଳନ କରାଯାଇଥିଲେ ବି ଏହା ବହୁଳ ଆଦୃତ ହୋଇପାରିନାହିଁ । ଚାଷ ପାଇଁ ପ୍ରୟୋଜନ ହେଉଥିବା ଡିଏପି, ଏମଓପି, ୨୮-୨୮-୯ ଆଦି ସାରକୁ ଆଇପିଏଲ, କୃଷି ଭାରତ, କରମଣ୍ଡଳ, ଇଫକୋ ଓ ନାଗାର୍ଜୁନ ଆଦି କମ୍ପାନୀ ଯୋଗାଇଥାନ୍ତି । ୧୫୦ରୁ ଅଧିକ ଘରୋଇ ଡିଲରଙ୍କ ଜରିଆରେ ସାର ବିକ୍ରୟ କରାଯାଇଆସୁଛି; ହେଲେ ୧୦୦ରୁ ଅଧିକ ଡିଲରଙ୍କ ପାଖରେ ୟୁରିଆ ଓ ପଟାସ ସାର ନଥିବା ନେଇ ଅଭିଯୋଗ ଆସୁଛି ।

## ସୂଚନା ଅଧିକାର କର୍ମକର୍ତ୍ତାଙ୍କ ଧାରଣା




ଚୌଦ୍ୱାର,୨୧।୮ (ସମିସ): ସୂଚନା ଅଧିକାର ଆଇନ ଆଧାରରେ ମଗାଯାଇଥିବା ସୂଚନା ମିଳୁ ନ ଥିବାରୁ ଏହାର ପ୍ରତିବାଦରେ ଚୌଦ୍ୱାର ସୂଚନା ଅଧିକାର ଅଭିଯାନର କର୍ମକର୍ତ୍ତାମାନେ ଗୁରୁବାର ଚୌଦ୍ୱାର ପୌରପାଳିକା ମୁଖ୍ୟଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ । ପ୍ରଥମ ଅପିଲ ଶୁଣାଣି ନ କରିବା ତଥା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଉଥିବା ପ୍ରତିବାଦରେ ଧାରଣା ଦିଆଯାଇଥିବା ସେମାନେ କହିଛନ୍ତି । ପରେ କର୍ମୀଙ୍କ ତରଫରୁ ଏକ ଦାବିପତ୍ର ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରାଯାଇଛି । ଆସନ୍ତା ମାସକ ଭିତରେ ପୌରପାଳିକାକୁ ମଗାଯାଇଥିବା ତଥ୍ୟଗୁଡ଼ିକର ଉତ୍ତର ପ୍ରଦାନ କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା କର୍ମୀ ପ୍ରଭାନନ୍ଦ ସାହୁ ପ୍ରକାଶ କରିଛନ୍ତି । ଶ୍ରୀକାନ୍ତ ପାକଳ, ମନୋଜ ସାହୁ, ହରିହର ବେଉରା, ରାଜୀବ ମହାନ୍ତି, ପ୍ରତାପ ଜେନା, କେଶବ ସ୍ୱାଇଁ ପ୍ରମୁଖ ଧାରଣାରେ ଅଂଶଗ୍ରହଣ କରିଥିଲେ ।

## ଟ୍ରାକ୍ଟର ଧକ୍କାରେ ବାଳକ ମୃତ

ନରସିଂହପୁର,୨୧।୮ (ସମିସ): କାନପୁର ଥାନା ମାନପୁର ଗ୍ରାମରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ୮ ବର୍ଷର ବାଳକର ମୃତ୍ୟୁ ହୋଇଛି । ବାଳକଟି ତୃତୀୟ ଶ୍ରେଣୀ ଛାତ୍ର । ଅମର ବେହେରାଙ୍କ ପୁଅ ଆକାଶ ଘରୁ ବାହାରିଥିବା ବେଳେ ଟ୍ରାକ୍ଟରଟି ଧକ୍କା ଦେଇ ଫେରାର ହୋଇଯାଇଥିଲା । ସେ ଗୁରୁତର ଅବସ୍ଥାରେ କାନପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା; ମାତ୍ର ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । କାନପୁର ପୁଲିସ ତଦନ୍ତ କରିବା ସହ ଶୁକ୍ରବାର ମୃତଦେହର ବ୍ୟବଚ୍ଛେଦ ହେବ ବୋଲି ଥାନାଧିକାରୀ ତପନ ନାୟକଙ୍କ ସୂଚନା ଦେଇଛନ୍ତି ।

## ବଡମ୍ବା ପୁଲିସ ହାତରେ ୨ ଆନ୍ତଃଜିଲ୍ଲା ଲୁଟେରା

ବଡମ୍ବା,୨୧।୮ (ସମିସ): କଟକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବଡମ୍ବା ଥାନା ଭାରପ୍ରାପ୍ତ ଅଧିକାରୀ ଅରବିନ୍ଦ ମୁଦୁଲିଙ୍କ ଟିମ ଗଙ୍ଗାଧର କଅଁରଙ୍କ ସହଯୋଗରେ ୨ ଆନ୍ତଃ ଜିଲ୍ଲା ଲୁଟେରାଙ୍କୁ ଗିରଫ କରିଛି । ବଡମ୍ବା ଥାନା ଅଧୀନ ବେଲିଆପାଳ ଗ୍ରାମର ପପୁ ଚୌଧୁରୀ (୨୮) ନାମରେ ଗତ ୨୦୧୬-୨୫ ମଧ୍ୟରେ ବାରଙ୍ଗ, ବଡମ୍ବା, ଜଗତପୁର ଆଦି ଥାନାରେ ୭ଟି ଦୁଷ୍କର୍ମ, ଡକାୟତି, ହତ୍ୟା ଓ ଚୋରି ମାମଲା ସହ ମାରଣାସ୍ତ୍ର ରଖିବା, ବ୍ୟବହାର କରିବା ଅଭିଯୋଗ ରହିଛି । ସେହିପରି ଅଭିଯୁକ୍ତ ନାମରେ ୩ଟି ୱାରେଣ୍ଟ ରହିଛି । ଅଭିଯୁକ୍ତ ଲୁହା ବେପାର କରୁଥିବାର ଜାଣି ବଡମ୍ବା ପୁଲିସ ଟିମ ଯୋଡ଼ା ବଡବିଲ ଶିଳ୍ପାଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି । ସେହିପରି ଆନ୍ତଃଜିଲ୍ଲା ଲୁଟେରା ଢେଙ୍କାନାଳ ଜିଲ୍ଲା କାଦମ୍ବାପାଳ ଗ୍ରାମର କାଳନ୍ଦୀ ନାଏକଙ୍କ ପୁଅ ଶ୍ରୀକୃଷ୍ଣ (୩୨) ବଡମ୍ବା ଥାନା ଅନ୍ତର୍ଗତ ମାଳତୀ ପଞ୍ଚାୟତ ଦୁଧିଆବେରେଣି ଗ୍ରାମରୁ ଏକ ସ୍କୁଟି (ଓଡି ୦୫ ଏଲ ୫୦୫୬)କୁ କିଛି ମାସ ତଳେ ଚୋରି କରିନେଇଥିଲା । ବଡମ୍ବା ଥାନା କେସ ନମ୍ବର ୯୪/୨୫ ଅନୁସାରେ ପୁଲିସ ଗାଡି ସହ ଲୁଟେରା ଶ୍ରୀକୃଷ୍ଣ ନାଏକକୁ ଢେଙ୍କାନାଳ ଭାପୁର ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି ।

## ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ଅଭିଯୋଗ

ଟାଙ୍ଗୀ,୨୧।୮ (ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଅଧୀନସ୍ଥ ଉଛପଦା ପଞ୍ଚାୟତ ନିଶ୍ଚିନ୍ତା ଅଙ୍ଗନବାଡ଼ି କେନ୍ଦ୍ରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଅଣ୍ଡା ଓ ଚାଉଳ ସହ ରନ୍ଧାନ ଗ୍ୟାସ ଭର୍ତ୍ତି ସିଲିଣ୍ଡର ଚୋରି କରିଥିବା ଟାଙ୍ଗୀ ଥାନାରେ ଅଭିଯୋଗ ହୋଇଛି । ଅଙ୍ଗନବାଡ଼ି କର୍ମୀ ମନୋରମା ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ ଦୁର୍ବୃତ୍ତମାନେ କେନ୍ଦ୍ରରେ ପଡ଼ିଥିବା ୩ଟି ତାଲା ଭାଙ୍ଗି ଗଚ୍ଛିତ ୩୫-୪୦ କିଲୋ ଚାଉଳ, ୩ଟି ଟ୍ରେ'ରେ ଥିବା ୯୦ଟି ଅଣ୍ଡା ଓ ରନ୍ଧନ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଚୋରି କରିଛନ୍ତି । ସେହିପରି ଘଟଣା ସଂକ୍ରାନ୍ତରେ ସିଡ଼ିପିଓ ତଥା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିବା ଶ୍ରୀମତୀ ସ୍ୱାଇଁ ଜଣାଇଛନ୍ତି । ଟାଙ୍ଗୀ ପୁଲିସ ମାମଲା ରୁଜୁପୂର୍ବକ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜାଣିବାକୁ ମିଳିଛି ।

## ଅଟଳ ସେନା ପକ୍ଷରୁ ବାଜପେୟୀଙ୍କ ଶ୍ରାଦ୍ଧ ଦିବସ

ସାଲେପୁର,୨୧।୮ (ସମିସ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସପ୍ତମ ଶ୍ରାଦ୍ଧ ଦିବସ ଅଟଳ ସେନା ପକ୍ଷରୁ ରୋଧପୁରସ୍ଥିତ ଶାରଳା ଠାକୁରାଣୀଙ୍କ ପୀଠରେ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରଫେସର ବ୍ରଜବନ୍ଧୁ ଚିନ୍ନରା, ସାଲେପୁର କଲେଜର ପୂର୍ବତନ ଅଧକ୍ଷ ଡଃ ଉମେଶଚନ୍ଦ୍ର ପତି, ଶିକ୍ଷାବିତ୍ ବିପିନ ବିହାରୀ କର, କବି ପ୍ରସନ୍ନ ମିଶ୍ର, ଡଃ ଚିତ୍ତରଞ୍ଜନ ପଣ୍ଡା, ପ୍ରତାପ କିଶୋର ମିଶ୍ର, ଅଶୋକ ସ୍ୱାଇଁ, ଆଡ୍‌ଭୋକେଟ୍ ଗୌତମ ରାୟ ଚୌଧୁରୀ, ସଂପାଦକ ଅଶୋକ ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ବିଜେପି ନେତ୍ରୀ ଅମିତା ସାହାଣୀ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷକ ଦେବେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଅଟଳ ସେନାର କାର୍ଯ୍ୟାଳୟ ସାଲେପୁର କଲେଜରୋଡ଼ଠାରେ ପ୍ରଫେସର ବ୍ରଜବନ୍ଧୁ ଚିନ୍ନରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ।

### ପୁରୁଣା ପୋଖରୀ ଦେଖାଇ ଅର୍ଥ ହରିଲୁଟ୍ ମାମଲା

## କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପୂର୍ବତନ ଜିଆର୍‌ଏସ୍ ନିଲମ୍ବିତ

ନରସିଂହପୁର,୨୧।୮ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କାଠଖୁଣ୍ଟ ଗ୍ରାମରେ ମନରେଗା କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ଉଚ୍ଚସ୍ତରୀୟ ଅଭିଯୋଗ ପରେ ଏହାର ତଦନ୍ତ ଦାବିରେ ପ୍ରାୟ ୧୫ଦିନ ମଧ୍ୟରେ ତଳେ ବ୍ଲକ ସମ୍ମୁଖରେ କଠଖୁଣ୍ଟ ଗ୍ରାମବାସୀଙ୍କ ଦ୍ୱାରା ଏକ ଧାରଣା ଦିଆଯାଇଥିଲା । ସେହି ଧାରଣା ସମୟରେ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଳୟାନନ୍ଦ ଶତପଥୀଙ୍କ ପ୍ରତିଶ୍ରୁତି ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କଟକ ଜିଲ୍ଲାପାଳଙ୍କ ଦ୍ୱାରା ଉଭୟଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ଦୁଇଜଣ କର୍ମଚାରୀ ଅନୁପ୍ରିୟା ନାଥଙ୍କ ନାଁରେ ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନାରେ ଏକ ପୁରୁଣା ପୋଖରୀକୁ ଦେଖାଇଥିଲେ । ଦୁର୍ନୀତିରେ ଲିପ୍ତଥିବା କାଠଖୁଣ୍ଟ ପଞ୍ଚାୟତର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିର୍ମୟୀ ବେହେରା ଓ ଜିଆରଏସ ସଂଜୀବ ମିଶ୍ରଙ୍କୁ କାର୍ଯ୍ୟରୁ ନିଲମ୍ବନ ନୋଟିସ ଆସିଛି ବୋଲି ନରସିଂହପୁର ବିଡ଼ିଓ ଶ୍ରୀ ଶତପଥୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ



ଚୌଦ୍ୱାର,୨୧।୮ (ସମିସ): ଚୌଦ୍ୱାର ଫଟୋଗ୍ରାଫର ଆସୋସିଏସନ୍ ତରଫରୁ ଓଟିଏମ୍ ମୁଣ୍ଡାସାହିର ଅଗ୍ନିବିପନ୍ନ ରତ୍ନାକର ସେଠୀଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଶ୍ରୀ ସେଠୀଙ୍କ ଘରେ ପହଞ୍ଚି ଆବଶ୍ୟକ ବାସନ କୁସନ, ସପ, ମଶାରୀ, ବେଡ଼ସିଟ, ଛତା, ବାଲ୍ଟି ଆଦି ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ କିଛିଦିନ ତଳେ ରତ୍ନାକରଙ୍କ ଘରେ ନିଆଁ ଲାଗି ୨ ବଖରା ଚାଳଘର ସହିତ ସମସ୍ତ ସମାଗ୍ରୀ ପୋଡ଼ି ଯାଇଥିଲା । ଆସୋସିଏସନ୍‌ର ସଭାପତି ସତ୍ୟବ୍ରତ ଦାସ, ଜୀବନେନ୍ଦୁ ଲେଙ୍କା, ଗୋକୁଳାନନ୍ଦ ସାହୁ, ପରୀକ୍ଷିତ ଲେଙ୍କା, ଦୀପକ ବେଉରା, ସଞ୍ଜୀବ ତିୱାରୀ, ପ୍ରଦୀପ ମହାପାତ୍ର, ଆଲୋକ ଦାସ, ଅଜିତ ସ୍ୱାଇଁ, ବିଶ୍ୱଜିତ ଭଞ୍ଜ, ରଞ୍ଜିତ ବେଉରା, ରାଜେଶ ସେଠୀ, ଚିନ୍ମୟ ବେଉରା ପ୍ରମୁଖ ଉପସ୍ଥିତ ଥିଲେ ।

## କଂଗ୍ରେସ ବ୍ଲକ୍ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ



ତିଗିରିଆ,୨୧।୮ (ସମିସ): ତିଗିରିଆ ବ୍ଲକ କଂଗ୍ରେସ ପକ୍ଷରୁ ଆଜି ନିଜିଗଡ଼ ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏକ ସାଙ୍ଗଠନିକ ବୈଠକ ସହ ବ୍ଲକ ସଭାପତି ପଦ ଚୟନ ପାଇଁ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା । ବ୍ଲକର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ଉପସଭାପତି ଗିରିଜା ପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, ଜିଲ୍ଲା ଅନୁସୂଚିତ ଜନଜାତି ସେଲର ଅଧକ୍ଷ ପ୍ରକାଶ ମଲ୍ଲିକ, ପର୍ଯ୍ୟବେକ୍ଷକ ଭାବେ ହିମାଂଶୁ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ । ଉପସ୍ଥିତ କର୍ମୀମାନେ ବ୍ଲକ ସଭାପତି ପଦ ଚୟନ ନିମନ୍ତେ ୫ ଜଣିଆ ଆଶାୟୀଙ୍କର ଏକ ଚିଠା ଜିଲ୍ଲା ଟିମକୁ ପ୍ରଦାନ କରିଥିଲେ । ଆଗାମୀ ଦିନରେ ରାଜ୍ୟ ସଭାପତିଙ୍କ ସହ ଆଲୋଚନା ପରେ ଉକ୍ତ ନାମ ମଧ୍ୟରୁ ସଭାପତି ଚୟନ କରାଯିବ ବୋଲି ଜିଲ୍ଲା ଟିମ ସୂତ୍ରରୁ ପ୍ରକାଶ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ତଥା ଯୁବନେତା ମାନସ ରଞ୍ଜନ ଜେନା, ଯୁବନେତା ମୃଣ୍ମୟ ଦାଶ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଅଭିଷେକ ପଟ୍ଟନାୟକ, ବରିଷ୍ଠ ନେତା ମନୋରଞ୍ଜନ ଦାଶ, ମାନସ ମଲ୍ଲିକ, ତାରାପ୍ରସାଦ ପଟ୍ଟନାୟକ, ଜୟକୃଷ୍ଣ ଗୁଇଁ, ପ୍ରସନ୍ନ ନାୟକ, ପ୍ରତାପ ରଣା, ମାୟାଧର ସାହୁ, ସୁରେଶ ଦଳେଇ, ପଞ୍ଚାନନ ଦାସ, ନିରଞ୍ଜନ ସାମଲ, ଜିତେନ୍ଦ୍ର ମାଝୀ, ବିଜୟ ବିଶୋଇ, ଉମେଶ ଚୌଧୁରୀ, ଶ୍ରୀଧର ପଣ୍ଡା ଉପସ୍ଥିତ ଥିଲେ ।

## କନ୍ଦରପୁର ଅଞ୍ଚଳରେ ଗଣେଶ ପୂଜା ପ୍ରସ୍ତୁତି




କନ୍ଦରପୁର,୨୧।୮ (ସମିସ): କମିଶନରେଟ କନ୍ଦରପୁର ପୁଲିସ ପକ୍ଷରୁ ଫୁଲମା ମାର୍କେଟ କମ୍ପ୍ଲେକ୍ସରେ କନ୍ଦରପୁର ଅଞ୍ଚଳର ଗଣେଶ ପୂଜାର ପ୍ରସ୍ତୁତି ବୈଠକ ଥାନାଧିକାରୀ ଆର୍ତ୍ତତ୍ରାଣ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ୬୦ଟି ପୂଜା କମିଟିର ସଦସ୍ୟ ଆଲୋଚନାରେ ଭାଗନେଇଥିଲେ । ଶାନ୍ତିଶୃଙ୍ଖଳା ସହିତ କିପରି ଭସାଣ ଉତ୍ସବ ଅନୁଷ୍ଠିତ ହେବ ସେ ବିଷୟରେ ଆଲୋଚନା କରାଯାଇଥିଲା । ୩ଟି ପର୍ଯ୍ୟାୟ ୩୧ ଅଗଷ୍ଟ, ୭ ସେପ୍ଟେମ୍ବର ଓ ୧୪ ସେପ୍ଟେମ୍ବରରେ ଭସାଣ ଉତ୍ସବ ପାଳନ ହେବ ବୋଲି ଆଲୋଚନା ହୋଇଥିଲା । ଏଥିରେ ଏସଆଇ ବିଚିତ୍ରାନନ୍ଦ ପ୍ରଧାନ, ଆଦିତ୍ୟ ପ୍ରସାଦ ମହାନ୍ତି, ପୁଲିସ କର୍ମଚାରୀ ଓ ଇଲେକ୍ଟ୍ରି ଡିପାର୍ଟମେଣ୍ଟର ଅଧିକାରୀ ଯୋଗଦେଇଥିଲେ ।

## ସିରିଜ୍ ଦୁର୍ଘଟଣାରୁ ବର୍ତ୍ତିଗଲେ ଯାତ୍ରୀ

ତ୍ରିଶୂଳିଆ,୨୧।୮ (ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ବାରଙ୍ଗ ମୁଖ୍ୟରାସ୍ତାରେ ସିରିଜ ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଯାତ୍ରୀ । ଗୁରୁବାର ଅପରାହ୍ନ ୨ଟା ସମୟରେ ତ୍ରିଶୂଳିଆ ବଜାରରୁ ତିନୋଟି କାର ଆଗପଛ ହୋଇ ବାରଙ୍ଗ ଅଭିମୁଖେ ଯାଉଥିଲେ । ଓଡି ୦୨ ସିଏନ ୫୦୨୯ କାରଟି ଆଗରେ ଯାଉଥିଲା ଏହା ପଛରେ ଓଡି ୦୫ ବିଜି ୭୭୭୨କୁ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଓଡି ୦୫ ବିକିୟୁ ୬୪୨୯ କାରଟି ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଯାତ୍ରୀଙ୍କ କୌଣସି କ୍ଷତି ହୋଇ ନ ଥିବା ବେଳେ ତିନୋଟି ଯାକ କାର ଆଗପଛ କ୍ଷୟକ୍ଷତି ହୋଇଥିଲା । ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବାରଙ୍ଗ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।



## ଟାଙ୍ଗୀ ଅଞ୍ଚଳରେ ଷଣ୍ଢ ଓ ମଇଁଷିଙ୍କ ଉପଦ୍ରବ

ଟାଙ୍ଗୀ,୨୧।୮ (ସମିସ): ଚଳିତ ବର୍ଷ ଆଗୁଆ ବର୍ଷା ହୋଇଥିବାରୁ ଚାଷୀ ତରତର ହୋଇ ବିଲରେ ଟ୍ରାକ୍ଟର ମାଧ୍ୟମରେ ଚାଷ କରି ତଳି ପକାଇ ଅଧିକ ମୂଲମଜୁରୀ ଦେଇ ଧାନ ତଳି ରୂଆପୋତା କରିଛି । ମଝିରେ ନିଅଣ୍ଟିଆ ବର୍ଷା ହୋଇଥିଲେ ମଧ୍ୟ ଧାନ ଗଛ ଭଲ ଭାବରେ ଉଠି ପାରିଛି । ବର୍ତ୍ତମାନ ଷଣ୍ଢ ଓ ମଇଁଷି ବିଲରେ ପଶି ଧାନ ଗଛ ଖାଇବା ସହ ଗୋଡ଼ରେ ଦଳି ମକଚି ନଷ୍ଟ କରୁଛନ୍ତି । ଯାହାଫଳରେ ଚାଷୀ ଦୁଃଖରେ କାଳାତିପାତ କରୁଛି । ଏଭଳି ସମସ୍ୟା ଦେଖିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ବ୍ଲକର ସଫା, ଗରୁଡ଼ଗାଁ, କରଞ୍ଜି, ବ୍ରହ୍ମପୁର, ଶାଳଗାଁ, କହ୍ନେଇପୁର, କୋଟସାହି, ଉଛପଦା, ମହିଷାଲଣ୍ଡା, ଶଙ୍କରପୁର ଓ ମଙ୍ଗରାଜପୁର ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ । କଟକ ଓ ଚୌଦ୍ୱାର ମ୍ୟୁନିସିପାଲଟିର କର୍ମଚାରୀ ଅନେକ ବୁଲା ଷଣ୍ଢକୁ ରାତିରେ ଆଣି ଟାଙ୍ଗୀ ଅଞ୍ଚଳର ଜଙ୍ଗଲ ନିକଟରେ ଛାଡ଼ିଦେବା ଦ୍ୱାରା ଶତାଧିକ ଷଣ୍ଢ ବିଭିନ୍ନ ଗ୍ରାମରେ ରାତି ସମୟରେ ବିଲରେ ପଶି ଧାନ ଗଛ ଖାଇ ମୂଳପୋଛ କରୁଛନ୍ତି । ଏତଦବ୍ୟତୀତ ଶତାଧିକ ଜଙ୍ଗଲୀ ମଇଁଷି ଜଙ୍ଗଲ ନିକଟସ୍ଥ ଗ୍ରାମର ବିଲରେ ପଶି ଧାନ ଗଛ ଖାଇବା ସହ ଗୋଡ଼ରେ ଦଳି ମକଚି ନଷ୍ଟ କରୁଛନ୍ତି । ଯାହାଫଳରେ ଧାନ ଫସଲ ଉଜୁଡିଯିବାକୁ ବସିଛି । ଏ ବିଷୟରେ ଜିଲ୍ଲାପାଳ ଓ ବନବିଭାଗ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । କିଛି ତଦାରଖ ନ କରି ଗୃହପାଳିତ ପଶୁ କହି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରୁଛନ୍ତି ବିଭାଗୀୟ ଅଧିକାରୀ । ସରକାର ଚାଷୀମାନଙ୍କ ବିକାଶ କଥା କହୁଥିବାବେଳେ ବାସ୍ତବରେ ଯଦି ଷଣ୍ଢ ଓ ମଇଁଷି ଏଭଳି ଉପଦ୍ରବ କରନ୍ତି ଚାଷୀର ବିକାଶ କିପରି ହେବ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି । ଯଦି ସରକାର ଉକ୍ତ ସମସ୍ୟାର ସମାଧାନ ନ କରନ୍ତି ଆଗାମୀ ଦିନରେ ଟାଙ୍ଗୀ ଅଞ୍ଚଳରେ ଚାଷୀ ଆନ୍ଦୋଳନ କରିବାକୁ ପଛାଇବେ ନାହିଁ ବୋଲି ଅଞ୍ଚଳର ଚାଷୀମାନେ ଚେତାବନୀ ଦେଇଥିବା ଜଣାପଡିଛି ।

## ନିଟ୍ ପିଜି ପ୍ରବେଶିକାରେ ୧୫ତମ ସ୍ଥାନରେ ଜ୍ୟୋତିପ୍ରକାଶ

ନିଶ୍ଚିନ୍ତକୋଇଲି,୨୧।୮ (ସମିସ): ଚଳିତ ନିଟ୍ ପିଜି ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୧୫ତମ ସ୍ଥାନ ଦଖଲ କରି ଜ୍ୟୋତିପ୍ରକାଶ ଷଡ଼ଙ୍ଗୀ ନିଶ୍ଚିନ୍ତକୋଇଲି ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି । ସେ ଭୁବନେଶ୍ୱର ଏମସରେ କୃତିତ୍ୱର ସହିତ ଏମବିବିଏସ୍ ପାସ କରି ପ୍ରଥମ ଥର ପିଜି ପ୍ରବେଶିକା ପରୀକ୍ଷା ଦେଇ ସେଥିରେ ୮ଶହ ନମ୍ବରରୁ ୬୮୬ ରଖି ଏହି କୃତିତ୍ୱ ଲାଭ କରିଛନ୍ତି । ସରକାରଙ୍କ ଚୟନ ଅନୁଯାୟୀ ସେ ଦିଲ୍ଲୀ ଏମସ୍‌ରେ ମେଡ଼ିସିନ୍ ବିଭାଗରେ ପିଜି କରିବେ ଓ



ପରେ ଜଣେ ହୃଦରୋଗ ବିଶେଷଜ୍ଞ ହେବେ ବୋଲି ସେ ଲକ୍ଷ୍ୟ ରଖିଛନ୍ତି । ସେ ହେଉଛନ୍ତି ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଜମରା ଶ୍ରୀ ବାସୁଦେବଜୀଉ ଉପ୍ରା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ହରପ୍ରସାଦ ଷଡ଼ଙ୍ଗୀ ଓ ଗୃହିଣୀ ସ୍ମୃତିଙ୍କ ସୁପୁତ୍ର । ତାଙ୍କ ଏହି କୃତିତ୍ୱ ପାଇଁ ସେ ଜେଜେ ବନମାଳି ଷଡ଼ଙ୍ଗୀ, ଜେଜେମା ଜୟନ୍ତୀ, ଅଜା ବଂଶୀଧର ମିଶ୍ର, ଆଈ ନଳିନୀପ୍ରଭା ମିଶ୍ରଙ୍କୁ ଶ୍ରେୟ ଦେଇଛନ୍ତି ।

### କଟକ ସଦର ଓ ୪୨ ମୌଜା ଥାନା ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି

# ନିଶାମୁକ୍ତ ଭସାଣି ଉତ୍ସବକୁ ପ୍ରାଧାନ୍ୟ

ଫୁଲନଖରା,୨୧।୮ (ସମିସ):

ପ୍ରତାପନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠ ସଭାଗୃହରେ ଚଳିତବର୍ଷ ପାର୍ବଣ ଋତୁର ପ୍ରାରମ୍ଭରେ ଆଦ୍ୟ ଦେବତା ଶ୍ରୀ ଗଣେଶଙ୍କ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବାକୁ

### ଅଶ୍ଳୀଳ ନୃତ୍ୟ ସଂଗୀତକୁ ବର୍ଜନ

ଥିବା ପୂଜାକୁ ବିଭିନ୍ନ ଅନୁଷ୍ଠାନମାନେ କିଭଳି ଶାନ୍ତିଶୃଙ୍ଖଳାର ସହିତ ସମାପାନ କରିବେ ସେଥିପାଇଁ କଟକ ସଦର ଓ ୪୨ମୌଜା ଥାନା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତିକମିଟିର ସଂପାଦକ ସୁରେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଏଡିସିପି ଦେବଦତ୍ତ କର ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ପୂଜା ଓ ଭସାଣି ଉତ୍ସବ ନିମନ୍ତେ ପ୍ରଶାସନର ସମସ୍ତ ନୀତି ନିୟମ ଗୁଡ଼ିକର ସୂଚନା ପ୍ରଦାନ କରିଥିଲେ । ଜୋନ୍-୪ ଏସିପି ଶଶିକାନ୍ତ ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ରାତ୍ର ୧୦ଟା ସୁଦ୍ଧା ଶେଷ କରିବା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୌଣସି ଅଶ୍ଳୀଳ ନୃତ୍ୟ କିମ୍ବା ସଂଗୀତ ପରିବେଷଣ ନ କରି ନିଜ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ମୂର୍ତ୍ତି ବିସର୍ଜନ ପାଇଁ ଅଗଷ୍ଟ ୩୧ରେ ପ୍ରଥମ ପର୍ଯ୍ୟାୟ ଭସାଣି, ସେପ୍ଟେମ୍ବର ୭ରେ ଦ୍ୱିତୀୟ ପର୍ଯ୍ୟାୟ ଓ ଅଗଷ୍ଟ ୧୪ତାରିଖରେ ତୃତୀୟ ପର୍ଯ୍ୟାୟ ଭସାଣିକୁ ଶୃଙ୍ଖଳିତ ଭାବରେ ନିଶାମୁକ୍ତ ଭାବରେ ପାଳନ କରିବାକୁ ଅନୁରୋଧ କରିଥିଲେ । ଆଇଆଇସି ଓମ୍ ପ୍ରକାଶ ମହାନ୍ତି ସମସ୍ତ ପୂଜା ମଣ୍ଡପର ସହଯୋଗ ଲୋଡିବା ସହ ପ୍ରତ୍ୟେକ କମିଟିର ୫ଜଣ ସ୍ୱେଚ୍ଛାସେବୀଙ୍କ ପରିଚୟ ପତ୍ର ଥାନା ପକ୍ଷରୁ ଯୋଗାଇ ଦିଆଯିବା ସହ ସମସ୍ତ ମଣ୍ଡପକୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ । ମୃଣ୍ମୟ ମୂର୍ତ୍ତି ଗୁଡିକୁ ଅସ୍ଥାୟୀ ଜଳାଶୟରେ ବିସର୍ଜନ କରିବାକୁ ପାଇଁ ପରାମର୍ଶ ଦିଆଯାଇଥିଲା । ଏତଦ୍‌ବ୍ୟତୀତ ଶବ୍ଦଯୁକ୍ତ ବାଣକୁ ନିଷେଧ କରାଯିବା ସହ ପ୍ରତ୍ୟେକ ମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା ବାଧ୍ୟତାମୂଳକ ବୋଲି ମଧ୍ୟ ଏସିପି କହିଥିଲେ । ଉକ୍ତ ବୈଠକରେ ୧୦୦ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପର ସଭାପତି ଓ ସଂପାଦକ ଉପସ୍ଥିତ ଥିଲେ । ଅତିରିକ୍ତ ଆଇଆଇସି ରାମହରି ସେଠୀ, ଆଞ୍ଚଳିକ ଶାନ୍ତି କମିଟିର ସଭାପତି ନିମାଇଁ ଚରଣ ଲେଙ୍କା, ମା' ଧାକୁଲେଇ ଗ୍ରାମ୍ୟ କମିଟିର ସଭାପତି ପ୍ରମୋଦ ସ୍ୱାଇଁ ଉପସ୍ଥିତ ଥିବାବେଳେ ଗ୍ରାମ୍ୟ କମିଟିର ସହ ସଂପାଦକ ବାଦଲ ଜେନା ଧନ୍ୟବାଦ ଦେଇଥିଲେ ।



ସକାଳ THE SAKALA



**ଯୌତୁକ ନିର୍ଯାତନା ମାମଲା**

## ସ୍ୱାମୀ ଓ ଯାଆଙ୍କୁ ୨ ବର୍ଷ ଜେଲ୍

ବ୍ରହ୍ମପୁର,୨୧।୮(ସମିସ): ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଜେଏମଏଫସି) ରାଜଶ୍ରୀ ଆରିୟବାଳା ତ୍ରିପାଠୀ ଏକ ଯୌତୁକ ନିର୍ଯାତନା ମାମଲାର ବିଚାର କରି ମହିଳାଙ୍କ ସ୍ୱାମୀ ଓ ତାଙ୍କ ଯାଆଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଗୁରୁଣ୍ଡି ଗ୍ରାମର ସ୍ୱର୍ଗତ ଦୁର୍ଯ୍ୟୋଧନ ମହାରଣାଙ୍କ ପୁଅ ସୀମାଞ୍ଚଳ ମହାରଣା ଓ ନିର୍ଯାତିତାଙ୍କ ଯାଆ ତଥା ସ୍ୱର୍ଗତ ରାଜେନ୍ଦ୍ର ମହାରଣାଙ୍କ ଝିଅ ଜୟନ୍ତୀ ମହାରଣା। ମାଜିଷ୍ଟ୍ରେଟ ଉଭୟଙ୍କୁ ଦୁଇବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ପ୍ରତ୍ୟେକେ ୫ହଜାର ଟଙ୍କା ଲେଖାଏଁ ଜରିମାନା ଦେବେ, ନଚେତ ଅତିରିକ୍ତ ଦୁଇମାସ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି।

ପ୍ରକାଶ ଯେ, ୨୦୧୫ ଜୁନ୍ ୧୨ରେ ବିଜୟଲକ୍ଷ୍ମୀ ମହାରଣାଙ୍କୁ ଗୁରୁଣ୍ଡି ଗ୍ରାମର ସୀମାଞ୍ଚଳ ମହାରଣା ବିବାହ କରିଥିଲେ। ବିବାହବେଳେ ଦାବି ମୁତାବକ ଯୋ÷ତୁକ ଦିଆଯାଇଥିଲା। ମାତ୍ର ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ତାଙ୍କୁ ସ୍ୱାମୀ ସୀମାଞ୍ଚଳ ଓ ଯାଆ ବିଜୟଲକ୍ଷ୍ମୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏପରିକି ସେ ପୁଲିସ ଚାକିରିରେ ଥିବାରୁ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ସୀମାଞ୍ଚଳ ତାଙ୍କ ପତ୍ନୀଙ୍କୁ ଧମକ ଦେବା ସହ ମାରପିଟ ମଧ୍ୟ କରୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ୨୦୧୮ରେ ବିଜୟଲକ୍ଷ୍ମୀ ଏନେଇ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିଥିଲା। ପରେ ସୀମାଞ୍ଚଳ ଓ ତାଙ୍କ ଯାଆଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟରେ ପୁଲିସ ଚାର୍ଜସିଟ ଦାଖଲ କରିଥିଲା। ମାମଲାର ବିଚାରଣା ବେଳେ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଅଭିଯୁକ୍ତମାନେ ପୂର୍ବରୁ ଜାମିନରେ ଥିବାବେଳେ ରାୟ ପ୍ରକାଶ ସମୟରେ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନ ଆଧାରରେ ମାଜିଷ୍ଟ୍ରେଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ସୁରେନ୍ଦ୍ରନାଥ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

**୬ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲା**

## ଅଭିଯୁକ୍ତ ବୃଦ୍ଧକୁ ୨୦ବର୍ଷ ଜେଲ୍



ବ୍ରହ୍ମପୁର,୨୧।୮(ସମିସ): ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅଞ୍ଚଳରେ ୬ବର୍ଷର ନାବାଳିକାକୁ ଦୁଷ୍କର୍ମ ମାମଲାରେ ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଣତୀ ପଟ୍ଟନାୟକ ବିଚାରଣା କରି ଅଭିଯୁକ୍ତକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଗାଙ୍ଗପୁର ଥାନା ଅଞ୍ଚଳର ମାଧବ ସ୍ୱାଇଁ (୬୨)। ଜେଲଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ମଧ୍ୟ ଉକ୍ତ ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ପୀଡ଼ିତା ନାବାଳିକାଙ୍କୁ ୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପ୍ରମାଣ ଅଭାବରୁ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଭିକାରୀ ଲେଙ୍କା(୪୮)ଙ୍କୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୪ ମେ’ ୨୨ରେ ଗାଙ୍ଗପୁର ଥାନା ଅଞ୍ଚଳର ଜଣେ ୬ବର୍ଷର ଶିଶୁକନ୍ୟା ନିଜ ଗ୍ରାମ ଦୋକାନକୁ ଯାଇଥିବାବେଳେ ଦୋକାନ ନିକଟରେ ଥିବା ମାଧବ ସ୍ୱାଇଁ ସମ୍ପୃକ୍ତ ନାବାଳିକାଙ୍କୁ ଚକୋଲେଟ ଦେବା ବାହାନାରେ ନିକଟସ୍ଥ ଖଳାକୁ ନେଇ ଦୁଷ୍କର୍ମ କରିଥିଲା। ଅଭିଯୁକ୍ତ ମାଧବ କବଳରୁ ମୁକୁଳି ନାବାଳିକା ଜଣକ ରକ୍ତାକ୍ତ ଅବସ୍ଥାରେ ଘରକୁ ଫେରି ମା’ଙ୍କୁ ଜଣାଇଥିଲା। ଏନେଇ ମା’ ଅଭିଯୁକ୍ତ ମାଧବ ଘରକୁ ଯାଇ ପଚାରିବାରୁ ସେ ହତ୍ୟା ଧମକ ଦେଇଥିଲା। ଉକ୍ତଦିନ ରାତି ୧୧ଟାରେ ଅଭିଯୁକ୍ତ ମାଧବ ସ୍ୱାଇଁ ଓ ତାର ସହଯୋଗୀ ଭିକାରୀ ସେଠୀ ଆସି ନାବାଳିକା ଓ ତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିଲେ। ମେ’ ୨୪ରେ ପୀଡ଼ିତାଙ୍କ ମା’ ଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ନଂ.୩୦୬ /୨୪ରେ ଏକ ମାମଲା ରୁଜୁ କରି ୨୫ ତାରିଖରେ ମାଧବ ଓ ଭିକାରୀ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ପରଠାରୁ ମାଧବ ସ୍ୱାଇଁ ବ୍ରହ୍ମପୁର ଜେଲରେ ବିଚାରାଧୀନ କଏଦୀ ଭାବେ ରହିଥିବା ବେଳେ ଭିକାରୀ ଜାମିନରେ ମୁକୁଳିଥିଲେ। ଗୁରୁବାର ଉକ୍ତ ମାମଲାର ଚୂଡ଼ାନ୍ତ ରାୟପ୍ରକାଶ ବେଳେ ମାଧବ ଓ ଭିକାରୀ କୋର୍ଟରେ ହାଜର ହୋଇଥିଲେ। ମାମଲାର ବିଚାରଣା ବେଳେ ମୋଟ ୬ଜଣ ସାକ୍ଷୀଙ୍କ ବୟାନ ଓ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ମାଧବ ସ୍ୱାଇଁକୁ ଦଣ୍ଡିତ କରିଥିବା ବେଳେ ଭିକାରୀ ସେଠୀକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମୋକଦ୍ଦମା ପରିଚାଳନା କରୁଥିଲେ।

## ଲଙ୍ଗଳେଶ୍ୱର ମନ୍ଦିରରୁ ଲକ୍ଷାଧିକ ଟଙ୍କା ଲୁଟ୍

ଖଲ୍ଲିକୋଟ, ୨୧।୮(ସମିସ): ଖଲ୍ଲିକୋଟ ଅଞ୍ଚଳରେ ପୁଣି ମନ୍ଦିରକୁ ଟାର୍ଗେଟ କରିଛନ୍ତି ଲୁଟେରା। ମଥୁରାର କେଦାରେଶ୍ୱର ମନ୍ଦିର, ସାନ ଘାଟିରେ ଥିବା ଡ଼ାଳଖାଇ ମନ୍ଦିର ପରେ ଏବେ ଲଙ୍ଗଳେଶ୍ୱରର ଲଙ୍ଗଳେଶ୍ୱର ମନ୍ଦିରରୁ ଲୁଟ କରିଛନ୍ତି ଲୁଟେରା। ବୁଧବାର ରାତିରେ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଲଙ୍ଗଳେଶ୍ୱର ମନ୍ଦିରରେ ଥିବା ୫ଟି ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି କରି ନେଇଛନ୍ତି ଚୋର। ବୁଧବାର ରାତିରେ ଠାକୁରଙ୍କ ନୀତି ସମାପନ ହେବା ପରେ ପୂଜକ ମନ୍ଦିରରେ ତାଲା ପକାଇ ଘରକୁ ଯାଇଥିଲେ। ଗୁରୁବାର ସକାଳୁ ପୂଜକ ଆସି ଦେଖିବା ବେଳକୁ ମନ୍ଦିର ମୁଖ୍ୟ ଫାଟକର ତାଲା ଭାଙ୍ଗି ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେ ମନ୍ଦିର ପରିଚାଳନା କମିଟିକୁ ଖବର ଦେଇଥିଲେ। କମିଟି ସଦସ୍ୟ ପହଞ୍ଚି ଦେଖିବା ବେଳକୁ ମନ୍ଦିରରେ ଥିବା ୫ଟି ହୁଣ୍ଡୀ ଭାଙ୍ଗି ସବୁ ଟଙ୍କା ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ସାମଲ ପୁଲିସ ଟିମ ସହିତ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଚୋରି ଅଭିଯୋଗରେ ୪ ଗିରଫ

ଧରାକୋଟ, ୨୧।୮(ସମିସ): ଧରାକୋଟ ଥାନା ଅନ୍ତର୍ଗତ ଧରାକୋଟ ଗ୍ରାମର ସୁଦେଷ୍ଣା ସାହୁଙ୍କ ଘରୁ ଗତ ଜୁନ ୧୯ ତାରିଖ ରାତିରେ କିଛି ଅଜଣା ବ୍ୟକ୍ତି ସିନ୍ଧୁକ ଭାଙ୍ଗି ଅଧ ତୋଳା ସୁନା, ରୂପା ସାମଗ୍ରୀ, ନଗଦ ୫ହଜାର ଟଙ୍କା, ଲୁଗାପଟା ସହ ଏକ ମୋବାଇଲ ଫୋନ ଚୋରି କରି ନେଇଥିଲେ। ଏ ସମ୍ପର୍କରେ ସୁଦେଷ୍ଣା ସାହୁ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ। ପୁଲିସ କେସ ନମ୍ବର



୨୩୫/୨୫ ପ୍ରକାରେ ମାମଲା ରୁଜୁ କରିଥିଲା। ଥାନା ଅଧିକାରି ଚନ୍ଦ୍ରିକା ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତକାରୀ ଅଧିକାରୀ ଅଭିମନ୍ୟୁ ପାଣ୍ଡେ ତଦନ୍ତ ଜାରି ରଖିଥିଲେ। ବୈଷୟିକ ଦଳର ସହାୟତାରେ ଏହି କେସ ସହ ସମ୍ପୃକ୍ତ ଧରାକୋଟ ଥାନା ଅନ୍ତର୍ଗତ ଘୋଡାପଲି ଗ୍ରାମର ବଚନ ଶିକାରୀ(୨୧), ଟାଙ୍ଗୀ ଥାନା ଅନ୍ତର୍ଗତ କୁଞ୍ଜୁର ଗ୍ରାମର ସୁଶାନ୍ତ ପ୍ରଧାନ(୨୫), ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗି ଗ୍ରାମର ସଞ୍ଜୟ ପାତ୍ର (୩୫) ଓ ଚୋରି ସାମଗ୍ରୀ କିଣିଥିବା ଜଙ୍କିଆ ଥାନାର ଅଚ୍ୟୁତପୁର ଗ୍ରାମର ଅରକ୍ଷିତ ରାଉଳଙ୍କୁ ଗଞ୍ଜାମ, ବ୍ରହ୍ମପୁର ଓ ଖୋର୍ଦ୍ଧା ପୁଲିସ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ୪ ଗୋଟି ମୋବାଇଲ ଫୋନ, ସୁନା ମଙ୍ଗଳସୂତ୍ର, ସୁନା ଲକେଟ, ୨ଟି କାନ ରିଙ୍ଗ, ୧୬ଟି ସୁନା ରୋଲ, ୧ଟି ସୁନା ଲକେଟ, ତାଲା ଭଙ୍ଗା ରଡ, ଆଧାର, ପାନ୍, ଏଟିଏମ ଓ ଭୋଟ ପରିଚୟ ପତ୍ର ଜବତ କରାଯାଇଛି। ଅନୁସନ୍ଧାନ ବେଳେ ସେମାନେ ଗଞ୍ଜାମ, ବ୍ରହ୍ମପୁର ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ହୋଇଥିବା ଚୋରିରେ ସମ୍ପୃକ୍ତ ଥିବା ପୁଲିସ ଜାଣିବାକୁ ପାଇଛି। ଅଭିଯୁକ୍ତ ଚାରି ଜଣଙ୍କୁ କୋର୍ଟଚାଲାଣ କରାଯାଇଛି।

## ତାରାତାରିଣୀ ମନ୍ଦିର ଉନ୍ନୟନ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା



ପୁରୁଷୋତ୍ତମପୁର, ୨୧।୮(ସମିସ): ଗଞ୍ଜାମ ଜିଲ୍ଲାପାଳ ଭି କିର୍ତ୍ତି ଭାସନ ମା’ ତାରାତାରିଣୀଙ୍କ ପୀଠକୁ ଗୁରୁବାର ଅପରାହ୍ନରେ ଆସି ମନ୍ଦିର ପରିସରରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ଏଥିସହ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରିଛନ୍ତି। ଏହାସହ ପର୍ଯ୍ୟଟକଙ୍କ ସୁବିଧାଲାଗି ସିଂହଦ୍ୱାର ନିକଟରେ ତିନିମହଲା ବିଶିଷ୍ଟ ଧର୍ମଶାଳା ନିର୍ମାଣ, ମନୋରଞ୍ଜନଲାଗି ମନ୍ଦିର ଉତ୍ତର ପାର୍ଶ୍ୱରେ ଲେଜରସୋଓର ବ୍ୟବସ୍ଥା, ସ୍ଥାୟୀ ହେଲିପେଡ ନିର୍ମାଣ, ମା’ଙ୍କ ସମ୍ପୂର୍ଣ୍ଣ କିମ୍ବଦନ୍ତୀକୁ ଉପଲବ୍ଧକରାଇବା ପାଇଁ ୧୦ ମହାବିଦ୍ୟାମୂର୍ତ୍ତିକୁ ପାର୍କରେ ନିର୍ମାଣ ଓ ପ୍ରତ୍ୟେକସ୍ଥାନରେ ସାଇନବୋର୍ଡଲଗାଇବା ଭଳି ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହ ଯାହାକି ଭକ୍ତମାନଙ୍କୁ ପ୍ରତ୍ୟେକ ଦିନ ପ୍ରସାଦ ସେବନ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇ ପ୍ରାୟ ଏକକୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପ୍ରତିଷ୍ଠା କରାଯାଇଥିବା ଅତ୍ୟାଧୁନିକ ଶୈଳୀର ସ୍ୱୟଂଚାଳିତ ରନ୍ଧନ ମେସିନ ବୁଲି ଦେଖିବା ସହ ଏହି ମେସିନ ମାଧ୍ୟମରେ ଖାଦ୍ୟ ପ୍ରସ୍ତୁତ ହୋଇ ସ୍ୱଳ୍ପ ମୂଲ୍ୟରେ ଭକ୍ତଙ୍କୁ ଯୋଗାଇଦେବାର ବ୍ୟବସ୍ଥାକୁ ଯଥାଶିଘ୍ର କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଛତ୍ରପୁର ଉପଜିଲ୍ଲାପାଳ ଡ.ଶିବାଶିଶ ବରାଳ, ପୁରୁଷୋତ୍ତମପୁର ତହସିଲଦାର ବିନୋଦକୁମାର ବେହେରା, ବିଡିଓ ଶରତ କୁମାର ପାତ୍ର, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ସୁରେଶ କୁମାର ମିଶ୍ର, ମନ୍ଦିର ଉନ୍ନୟନ ପରିଷଦ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସମସ୍ତ ସେବାୟତମାନେ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲ୍ଲା ଅଙ୍ଗନବାଡ଼ି ସଂଘର ବିକ୍ଷୋଭ

ଛତ୍ରପୁର, ୨୧।୮(ସମିସ): ବିଭିନ୍ନ ଦାବି ନେଇ ଭାରତୀୟ ମଜଦୁର ସଙ୍ଘ ସଂଲଗ୍ନ ଅଲ ଓଡ଼ିଶା ଅଙ୍ଗନବାଡି ଲେଡ଼ିଜ ୱାର୍କର୍ସ ଆସୋସିଏସନ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ



କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଇସିଡିଏସ ଯୋଜନାର ନାମ ଉଚ୍ଛେଦ କରାଯିବା ସହ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ଘୋଷଣା କରାଯିବା, ସରକାରୀକରଣ ନ ହେବା ପର୍ଯ୍ୟନ୍ତ ଅଙ୍ଗନବାଡି କର୍ମଚାରୀଙ୍କୁ ସର୍ବନିମ୍ନ ୧୮ ହଜାର ଟଙ୍କା ଓ ସହାୟିକାଙ୍କ ପାଇଁ ୯ ହଜାର ଟଙ୍କା ପ୍ରଦାନ କରାଯିବା, ଅବସର ପରେ ଅଙ୍ଗନବାଡି କର୍ମୀଙ୍କୁ ଅବସରକାଳୀନ ସହାୟତା ରାଶି ୧୦ ଲକ୍ଷ ଓ ସହାୟିକାଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରିବା, ପୋଷଣ ଟ୍ରାକରରେ ଏଫଆରଏସ ହେଉଥିବା ନେଟୱାର୍କ ପ୍ରୋବ୍ଲେମ, ହାଇସ୍କେଲ ଭର୍ସନ କାର୍ଯ୍ୟ କରିବାକୁ ଉନ୍ନତ ମାନର ମୋବାଇଲ ଯୋଗାଇ ଦେବା ସମେତ ୧୨ ଦଫା ସମ୍ବଳିତ ଦାବି ଏବଂ ଆଞ୍ଚଳିକ ଦାବି ଉପରେ କୁହାଯାଇଛି। ବିକ୍ଷୋଭ ପ୍ରଦର୍ଶନ ବେଳେ ଅଲ ଓଡ଼ିଶା ଅଙ୍ଗନବାଡି ସଂଘର ଗଞ୍ଜାମ ଜିଲ୍ଲା ସଭାନେତ୍ରୀ ହେମଲତା ମହାନ୍ତି, ସମ୍ପାଦିକା ବାସନ୍ତୀ କୁମାରୀ ପ୍ରଧାନ, ବିଏମସି ଜିଲ୍ଲା ଉପସଭାପତି ଅର୍ଜୁନ କୁମାର ବେହେରା, ସମ୍ପାଦକ ଉମା ଚରଣ ସାହୁଙ୍କ ସମେତ ବହୁ ଅଙ୍ଗନବାଡି କର୍ମୀ ଓ ଭାରତୀୟ ମଜଦୂର ସଙ୍ଘର ବହୁ କର୍ମୀ ଯୋଗଦେଇଥିଲେ।

## ରଷିକୁଲ୍ୟା ମୁହାଁଣରେ କୂଳ ଲଂଘୁଛି ସମୁଦ୍ର

ଗଞ୍ଜାମ, ୨୧।୮(ସମିସ): ସମ୍ପ୍ରତି ଲଘୁଚାପ ରହିଥିବାରୁ ସମୁଦ୍ରରେ ଉଚ୍ଚ ଲହରି ସୃଷ୍ଟି ହେଉଛି। ଯାହାକୁ ନେଇ ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ରଷିକୁଲ୍ୟା ମୁହାଁଣ ଅଞ୍ଚଳରେ ସମୁଦ୍ର କୂଳ ଲଂଘୁଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ରଷିକୁଲ୍ୟା ମୁହାଁଣ ପୋଡମପେଟା ଓଡ଼ିଆରପି କଲୋନୀ ସମ୍ମୁଖରେ ରହିଥିବା ବେଳେ ସେହିଠାରୁ କିଛି ଦୂରତା ମଧ୍ୟରେ ରହିଥିବା ପୁରୁଣପୋଡ଼ମପେଟା ଗ୍ରାମରେ ରହିଥିବା ଘର ଗୁଡିକ ସମୁଦ୍ର ଜୁଆର ମାଡ଼ରେ ଅତଡ଼ା ଖସି ସମୁଦ୍ରର



ଆଁ ମଧ୍ୟରେ ଲୀନ ହେଉଥିବା ଲକ୍ଷ କରାଯାଇଛି। ସେହିପରି ଝାଉଁ ଓ କାଜୁ ହେନ୍ତାଳ ବଣ ମଧ୍ୟ ନଷ୍ଟ ହୋଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ସୂଚନା ଥାଉକି ପୂର୍ବରୁ ଏପରି ସମସ୍ୟାକୁ ନେଇ ପୁରୁଣା ପୋଡ଼ମପେଟା ଗ୍ରାମବାସୀଙ୍କୁ ପାଳିବନ୍ଧ ପଞ୍ଚାୟତର ମୟୂରପଦା ଗ୍ରାମ ଓ ରାମଗଡ଼ ପଞ୍ଚାୟତର ଡୁମୁନଗିରୀ ପାହାଡ଼ ପାଦ ଦେଶରେ ପାଲୁରୁ ସାହେବ କେନାଲ ପାର୍ଶ୍ୱରେ ସିଦ୍ଧାନ୍ତ ନଗରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇଛି। ପ୍ରତି ବର୍ଷ ବର୍ଷା ଦିନ ମାନଙ୍କ ରେ ଏପରି ସମୁଦ୍ର କୁଳଲଙ୍ଘି ସ୍ଥାନୀୟ ଭୌଗଳିକ ପରିବେଶ ବିଗୁଡ଼ୁ ଥିବା ଯୋଗୁଁ ଅଞ୍ଚଳବାସୀ ଓ ପରିବେଶବିତ ଚିନ୍ତିତ ହୋଇପଡ଼ିଛନ୍ତି। ତେଣୁ ଏଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।

## ଜଙ୍ଗଲ ଜମି ଅଧିକାର ସମସ୍ୟାର ସମାଧାନ ଦାବି

ଛତ୍ରପୁର, ୨୧।୮(ସମିସ): ଖଲ୍ଲିକୋଟ ତହସିଲ ଅନ୍ତର୍ଗତ ଛକାସିଂ, ଫାସିଖୋଲ, ଖଜୁରୀସାହି, ନୋଲସିଂ, ମରେଇ ନୂଆଗାଁ, କୁମାର ସିଂ, ଖଣ୍ଡିଆନାଳ ଏବଂ ଦେବିଝର ଗ୍ରାମର ଜଙ୍ଗଲ ଅଧିକାର ସମ୍ପର୍କିତ ସମସ୍ୟାର ଶୀଘ୍ର ସମାଧାନ କରି ବ୍ୟକ୍ତିଗତ, ଗୋଷ୍ଠୀ ଗତ, ଗୋଷ୍ଠୀ ସମୂଳ ଅଧିକାର ଯୋଗାଇ ଦେବା ଦାବି ନେଇ ଆଜି ଭିଟା ମାଟି ସୁରକ୍ଷା ଅଭିଯାନ ଆଦିବାସୀ ଲୋକ ସଂଗଠନ ପକ୍ଷରୁ ଛତ୍ରପୁର ଉପଜିଲ୍ଲାପାଳ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପୃଥକ ଦାବିପତ୍ର ପ୍ରଦାନ କରାଯାଇଛି। ଜଙ୍ଗଲ ଅଧିକାର ଆଇନର ଧାରା ୩(୧), ଜି ଅନୁସାରେ ଲିଜ ପ୍ରତ୍ୟାହାର କରାଯାଇ ସେମାନଙ୍କୁ ଜଙ୍ଗଲ ଅଧିକାର ପ୍ରଦାନ କରିବା ସହ ବିଭିନ୍ନ ଦାବି ସମ୍ପର୍କରେ ସେମାନେ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ରାଜୁ ଶବର, ଗଙ୍ଗା ଶବର ଓ କୈଳାଶ ଶବରଙ୍କ ସମେତ ବହୁ ଆଦିବାସୀ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ଦୁଷ୍କର୍ମ, ଦୁଇ ସାଙ୍ଗ ଗିରଫ



ସାନଖେମୁଣ୍ଡି, ୨୧।୮(ସମିସ): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା। ଜଣେ ଯୁବତୀଙ୍କୁ ଦୁଇ ଜଣ ଦୁଷ୍କର୍ମ କରି କୋର୍ଟ ଚାଲାଣ ହୋଇଥିବା ପାଟପୁର ଥାନା ପକ୍ଷରୁ ସୂଚନା ମିଳିଛି। ଅଭିଯୁକ୍ତ ଦୁଇ ବନ୍ଧୁ ହେଲେ ଶେରଗଡ଼ ଥାନା ଦାସ ସାହିର ବସନ୍ତ ଦାସ ଓ ଶେରଗଡ଼ ଥାନା ବାରିଶୀଙ୍ଗି ଗ୍ରାମର ଶଙ୍କର ପ୍ରଧାନ। ସୂଚନା ମୁତାବକ ଗତ ୧୫ ତାରିଖରେ ପାଟପୁର ଥାନା ଅଞ୍ଚଳର ଜଣେ ଯୁବତୀ ଘରୁ କେଉଁଆଡେ ଚାଲିଯାଇଥିବା ହେତୁ ଯୁବତୀଙ୍କ ବାପା ୧୬ ତାରିଖରେ ପାଟପୁର ଥାନାରେ ଝିଅର ନିଖୋଜ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଯୁବତୀ ଜଣଙ୍କୁ ୧୬ ତାରିଖ ସନ୍ଧ୍ୟାରେ ଶେରଗଡ଼ ଥାନା ଅଞ୍ଚଳରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ଯୁବତୀ ଜଣଙ୍କ ମଙ୍ଗଳବାର ପାଟପୁର ଥାନାରେ ପହଞ୍ଚି ୧୫ ତାରିଖରେ ବସନ୍ତ ଦାସ ତାଙ୍କୁ ଡାକି ନେଇ ଶେରଗଡ଼ ଦକ୍ଷିଣ କାଳୀ ମନ୍ଦିର ନିକଟରେ ଦୁଷ୍କର୍ମ କରିଥିଲେ। ପରେ ତାଙ୍କର ବନ୍ଧୁ ଶଙ୍କର ପ୍ରଧାନ ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ୩୯ ୬/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୁଇ ବନ୍ଧୁକୁ କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି।

## ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଲେ

ପାତ୍ରପୁର, ୨୧।୮(ସମିସ): ଜରଡ଼ା ଥାନା ସାନ୍ତରାପୁର ପଞ୍ଚାୟତ ଅନ୍ତର୍ଗତ ସିନ୍ଧୁରପୂର ଗ୍ରାମର ଝୁନୁ ଶବର ନାମକ ଜଣେ ମହିଳା ଓ ତାଙ୍କ ଝିଆରୀ ପାଞ୍ଚାମ୍ବ ମିନି ବ୍ୟାଙ୍କରୁ ଟଙ୍କା ଉଠାଣ ପାଇଁ ଯାଉଥିବା ବେଳେ ସିନ୍ଧୁରପୂର ଓ ପାଞ୍ଚାମ୍ବ ମଧ୍ୟ ସ୍ଥଳରେ ଜଣେ ଯୁବକ ମଟର ସାଇକେଲରେ ଆସି ଝୁନୁଙ୍କ ନିକଟରେ ଗାଡ଼ି ରଖି ଝୁନୁଙ୍କ ବେକରୁ ସୁନା ଖାସୁ ମାଳ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଏନେଇ ଝୁନୁ ଶବର ଜରଡା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଆରମ୍ଭ କରିଛନ୍ତି। ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡ଼ିବ ବୋଲି ଜରଡା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

## ସୀମାନ୍ତ ସାମ୍ବାଦିକ ସଂଘର କର୍ମକର୍ତ୍ତା ଚୟନ



ପାତ୍ରପୁର, ୨୧।୮(ସମିସ): ପାତ୍ରପୁର ବ୍ଲକରେ ଗଠିତ ହୋଇଥିବା ସୀମାନ୍ତ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ ଗୁରୁବାର ଜିଲୁଣ୍ଡା ଓ ବୁରୁପଡ଼ା ମଧ୍ୟସ୍ଥଳି ସ୍ଥିତ ଭୈରବୀ ଚାଞ୍ଚଡାରେ ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମାଧବ ବାଡତ୍ୟା ପୂର୍ବ ବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ନୀଳାଞ୍ଚଳ ପଟ୍ଟନାୟକଙ୍କୁ ଚୟନ କରାଯାଇଥିବା ବେଳେ ସମ୍ପାଦକ ଭାବେ ପୁନଶ୍ଚ ମାଧବ ବାଡତ୍ୟାଙ୍କୁ ମନୋନୀତ କରାଯାଇଥିଲା। ଏଥି ସହିତ ଉପ ସଭାପତି ଭାବେ ସନ୍ତୋଷ ମହାପାତ୍ର, ସହ ସମ୍ପାଦକ ଭାବେ ବଦ୍ରିନାରାୟଣ ରଣା, କୋଷାଧ୍ୟକ୍ଷ ଭାବେ ପୁନଶ୍ଚ ଉମା ଚରଣ ନେପାକଙ୍କୁ ମନୋନୀତ କରାଯାଇଥିବା ବେଳେ ରବୀନ୍ଦ୍ର କୁମାର ମିଶ୍ର ଓ ରାଜ ଗୋପାଳ ପାଢ଼ୀଙ୍କୁ ସଂଘର ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଲୁ ଜୟପ୍ରକାଶ, ରାଜେଶ ସେଠୀ, ଅଞ୍ଚଳେଶ୍ୱର ପଟ୍ଟନାୟକ ଓ ଗୌରାଙ୍ଗ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଧରାକୋଟରେ ପାଗଳ କୁକୁର ଆତଙ୍କ

ଧରାକୋଟ, ୨୧।୮(ସମିସ): ଗତ ଦୁଇ ଦିନ ହେବ ଧରାକୋଟ ବ୍ଲକର କୁସୁରାବ, ଲକ୍ଷ୍ମୀପୁର, ବରିଗୁଡା ଗ୍ରାମରେ ପାଗଳା କୁକୁର ଆକ୍ରମଣରେ ଯୁବକ, ବୃଦ୍ଧ, ମହିଳା ଶିକାର ହୋଇଛନ୍ତି। ଘରୁ ବାହାରି ଚାଷ ଜମିକୁ ଯିବା ବେଳେ, ମନ୍ଦିରରୁ ଫେରିଲା ସମୟରେ, ଶୌଚ ସାରି ଆସୁଥିବା ବେଳେ କିମ୍ବା ରାସ୍ତାରେ ଚାଲିଯିବା ସମୟରେ ହଠାତ କୁକୁର ମାନେ କାମୁଡି ରକ୍ତାକ୍ତ କରୁଥିବା ଦେଖିବାକୁ ମିଳିଛି। ଆହତ ମାନଙ୍କୁ ନିକଟସ୍ଥ ଆସିକା ଉପ ଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଯିବା ସହିତ ରାବିଜ ଟୀକା ପ୍ରଦାନ କରାଯାଇଛି। ଆସିକା ମେଡିକାଲକୁ କୁକୁର କାମୁଡାରେ ଆସିଥିବା ଲୋକ ମାନେ ହେଉଛନ୍ତି ଧରାକୋଟ ବ୍ଲକର କୁସୁରାବ ଗ୍ରାମର ବିପ୍ର ପ୍ରଧାନ, ରମେଶ ଗୌଡ଼, ଅଶ୍ୱିନୀ ଡାକୁଆ, ଇନ୍ଦ୍ର ରାଉତ, କାଶୀନାଥ ଜେନା, ଲକ୍ଷ୍ମୀପୁରର ବିଶ୍ୱନାଥ ଦାସ, ବାରିଗୁଡାର ବନମାଳୀ ଦାସ ବୋଲି ଜଣାପଡ଼ିଛି। ଗ୍ରାମବାସୀ ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଯୋଗୁଁ ଭୟଭିତ ରହିଥିବା ଦେଖିବାକୁ ମିଳିଛି।

**● ଆର. ବାହାଡ଼ାପଲ୍ଲୀ ଅଶାନ୍ତ**

## ଥାନାର ଦ୍ୱାରସ୍ଥ ହେଲେ ଗ୍ରାମବାସୀ



ରମ୍ଭା,୨୧।୮(ସମିସ): କ୍ରମାଗତ ପ୍ରାୟ୨୫ ବର୍ଷ ଧରି ରେଣ୍ଟୀ ବାହାଡାପଲ୍ଲୀ ଗ୍ରାମରେ ସାମାନ୍ୟ ସମସ୍ୟାକୁ ନେଇ ଯୁକ୍ତିତର୍କ, ଗ୍ରାମ ସଭାକୁ ଅବଜ୍ଞା ଫଳରେ ୬ ମୁଣ୍ଡ ଗଡ଼ିଲାଣି। ଏବେ ଏହାକୁ ନେଇ ଗାଁ ପରିସ୍ଥିତି ଉତ୍ତେଜନାମୂଳକ ରହିଛି। ତେଣୁ ଗ୍ରାମବାସୀ ଗୁରୁବାର ରମ୍ଭା ଥାନାର ଦ୍ୱାରସ୍ଥ ହେବା ସହ ଗାଁରେ ଶାନ୍ତି ଫେରାଇ ଆଣିବାକୁ ପୁଲିସ ପ୍ରଶାସନ ଚେଷ୍ଟା କରୁ ବୋଲି ନେହୁରା ହୋଇଛନ୍ତି। ଅଭିଯୁକ୍ତମାନେ ହତ୍ୟାକାଣ୍ଡରେ ଶାନ୍ତି ନହୋଇ ପରବର୍ତ୍ତୀ ସମୟରେ ଗ୍ରାମବାସୀଙ୍କୁ ଭଡାଟିଆ ଗୁଣ୍ଡା ସହିତ ନିଜେ ଗୋପନରେ ରହି ଟାର୍ଗେଟ କରି କୁଆଡେ ୯ ଗୋଟି ମୁଣ୍ଡ ଯିବା ବୋଲି ସଫେଇ ଦିଆଯାଇଛି। ଜିଲ୍ଲା ପ୍ରଶାସନ ଓ ଶାନ୍ତି ଶୃଙ୍ଖଳା ରକ୍ଷା ବାହିନୀ ଏହାପରେ କଡା ନଜର ନ ଦିଅନ୍ତି ପରିଣାମ ଭୟଙ୍କର ହେବା ହେୟଜ୍ଞାନ କରାଯାଇନପାରେ। ଉପରୋକ୍ତ ଘଟଣାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଲିଖତ ପତ୍ରରେ ଉଲ୍ଲେଖ ରହିଥିବା ଆର. ସମ୍ବାରିଆ ପ୍ରଧାନ ପି -ମୃତ ରାମ ପ୍ରଧାନ, ୱି. ମଦନ ପ୍ରଧାନ ପି -ମୃତ ଗୁରୁବାରୀଆ ପ୍ରଧାନ, ବି. ପ୍ରକାଶ ପ୍ରଧାନ ପି- ବି. ମଦନ ପ୍ରଧାନ ସହିତ ମହିଳାଙ୍କ ପକ୍ଷରୁ ବି. ସୁନି ପ୍ରଧାନ ଓ ଆର. ସୁଷମା ପ୍ରଧାନ( ଜାଡି) ପ୍ରମୁଖ ଧାରୁଆ ଅସ୍ତ୍ର ସହ ପନିକି ଧରି ଦିନ ଦ୍ୱିପ୍ରହରରେ ଦାଣ୍ଡ ମଝିରେ ଆତଙ୍କ ସୃଷ୍ଟି କରି ଭୟଭିତ କରାଉଛନ୍ତି। ତେଣୁ ସୁରକ୍ଷା ପାଇଁ ଆଇଆଇସି କୁମର ମୁଦୁଲିଙ୍କୁ ନିବେଦନ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଖଲ୍ଲିକୋଟ, ୨୧।୮(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ପଞ୍ଚାୟତର ପେଣ୍ଠୁରାପଲ୍ଲୀ ଗ୍ରାମ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲଙ୍ଗଳେଶ୍ୱର ଗ୍ରାମର କେଦାର ପଲେଇ। ବୃଦ୍ଧ ଜଣକ ବୁଧବାର ରାତିରେ ପେଣ୍ଠୁରାପଲ୍ଲୀ ଗ୍ରାମରେ ଥିବା ପୋଖରୀକୁ ଯାଇ ଥିଲେ। ତେବେ ସେଠାରୁ ସେ ଆଉ ଘରକୁ ଫେରି ନଥିଲେ। ଗୁରୁବାର ସକାଳେ ପୋଖରୀ ଭିତରେ ସ୍ଥାନୀୟ ଲୋକେ କେଦାର ପାଲେଇଙ୍କ ମୃତଦେହ ଭାସୁଥିବା ଦେଖି ଖଲ୍ଲିକୋଟ ପୁଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ପାଣି ଭିତରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରି ଖଲ୍ଲିକୋଟ ମେଡ଼ିକାଲକୁ ଆଣିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି।

**ପୁଲିସ କବ୍‌ଜାରେ ଚୋର ଗ୍ୟାଙ୍ଗ**

## ୪ ଲୁଟେରା ସମେତ ସୁନା ଦୋକାନୀ ଗିରଫ

ଦିଗପହଣ୍ଡି, ୨୧।୮(ସମିସ)



ଗୁରୁବାର ଦିଗପହଣ୍ଡି ପୁଲିସ ଏକ ଚୋର ଚୋରି ଘଟଣାରେ ୪ ଜଣ ପେଶାଦାର ଚୋରଙ୍କ ସମେତ ଜଣେ ସୁନା ଦୋକାନୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସେମାନଙ୍କ ନିକଟରୁ ୨୫୦ ଗ୍ରାମ ଓଜନର ସୁନା ଅଳଙ୍କାର, ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା, ଘର ଗ୍ରିଲ୍ ଭାଙ୍ଗିବା ନିମନ୍ତେ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଗିରଫ ମାନଙ୍କ ମଧ୍ୟରେ କେ . ନୂଆଗାଁ ଥାନା ବମକୋଇ ଗ୍ରାମରେ ରହୁଥିବା ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ବେଣାପଞ୍ଝରୀ ଗ୍ରାମର ଜେ. ମୋହନ, କବିସୂର୍ଯ୍ୟ ନଗର ଥାନା ପଥରାପଲ୍ଲୀ ଗ୍ରାମର ବୁଲୁ ପାତ୍ର ଏବଂ କ୍ରିଷ୍ଣା ପାତ୍ର, ବମକୋଇ ଗ୍ରାମର ଜେ . ପ୍ରକାଶ ଓ ଶେରଗଡ଼ ଥାନା ପରମାନନ୍ଦପୁର ଗ୍ରାମର ସୁନା ଦୋକାନୀ ମନୋଜ ପାଢ଼ୀ। ଗତ ଅଗଷ୍ଟ ୧ ତାରିଖରେ ଦିଗପହଣ୍ଡି ବ୍ଲକ ବଡତୁମୁଳା ପଞ୍ଚାୟତ ସୁମନ୍ତପୁର ଗ୍ରାମର ପ୍ରହଲ୍ଲାଦ ପ୍ରଧାନଙ୍କ ଘରୁ ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ପ୍ରହଲ୍ଲାଦଙ୍କ ଏତଲାକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଥିଲା। ଏପରିକି ପୁଲିସ ଚୋରଙ୍କୁ ଧରିବାକୁ ଏକ ଟିମ୍ ଗଠନ କରି ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ କରି ଆସୁଥିଲା। ପୁଲିସ ଚୋରି ହୋଇଥିବା ପ୍ରହଲ୍ଲାଦଙ୍କ ମୋବାଇଲକୁ ଟ୍ରାକିଂ କରି ବୁଧବାର ରାତିରେ କେ.ନୂଆଗାଁ ଥାନା ଦେଖାଳି ଗ୍ରାମରୁ ଅଭିଯୁକ୍ତ ମାନଙ୍କୁ କାବୁ କରିଥିଲା। ଏହାପରେ ସେମାନଙ୍କୁ ଥାନାରେ ରଖି ଜେରା କରିବା ପରେ ସେମାନେ ଗତ କିଛିଦିନ ଧରି ଦିଗପହଣ୍ଡି ଥାନା ସୁମନ୍ତପୁର, ବାଗଡ଼ା, ଗୋଲଣ୍ଡା ଗ୍ରାମ ସମେତ କେ . ନୂଆଗାଁ ଥାନା ଅର୍ନ୍ତଗତ ପରସମା, ଡଭାର, ଚନ୍ଦନପୁର, କୃଷ୍ଣପୁର ଏବଂ ବଡପଲଙ୍କ ଗ୍ରାମରୁ ସୁନା ଚୋରି କରିବା ସହ ଆସିକାରେ ସୁନା ଦୋକାନ କରିଥିବା ମନୋଜଙ୍କୁ ସବୁ ସୁନା ବିକ୍ରି କରି ଦେଇଥିବା କହିଥିଲେ। ଏହାପରେ ପୁଲିସ ଗହଣା ବ୍ୟବସାୟୀ ମନୋଜଙ୍କୁ ମଧ୍ୟ ଗିରଫ କରି ଜେରା କରିବା ପରେ ସେ ପୁଲିସ ନିକଟରେ ଚୋରି ସୁନାକୁ କିଣିଥିବା ସ୍ୱୀକାର କରିଥିଲେ। ପୁଲିସ ସମସ୍ତ ଅଭିଯୁକ୍ତଙ୍କ ବୟାନ ରେକର୍ଡ କରି ଥାନା ମାମଲା ନଂ. ୨୭୩/୨୫ ଅନୁଯାୟୀ କୋର୍ଟଚାଲାଣ କରିଥିଲା। ପୂର୍ବରୁ ସମସ୍ତ ଅଭିଯୁକ୍ତଙ୍କ ନାମରେ ଦିଗପହଣ୍ଡି ଓ କେ . ନୂଆଗାଁ ଥାନାରେ ୧୦ରୁ ଉର୍ଦ୍ଧ୍ୱ ଚୋରି ମାମଲା ରହିଥିବା ପୁଲିସ କହିଛି। ତେବେ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ମାନଙ୍କୁ ଦିଗପହଣ୍ଡି ସବ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

### କାଳିଆ ଜେନାଙ୍କୁ ବୋମା ଓ ଗୁଳିମାଡ଼ ମାମଲା

# ମୁଖ୍ୟ ଅଭିଯୁକ୍ତ ଓ ଷଡ଼ଯନ୍ତ୍ରକାରୀ ଗିରଫ



ଶେରଗଡ଼,୨୧।୮ (ସମିସ):

ଗତ ଜୁଲାଇ ୨୫ ତାରିଖରେ ବୋମାମାଡ଼ ସହିତ ବନ୍ଧୁକ ଗର୍ଜନରେ ଥରହର ହୋଇଉଠିଥିଲା ଶେରଗଡ଼ ଥାନା ଅନ୍ତର୍ଗତ ସୁନାଥର ଗ୍ରାମ। ପୂର୍ବରୁ ଥିବା ବ୍ୟକ୍ତିଗତ ଶତ୍ରୁତା ଏବଂ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ବୋମାମାଡ଼ କରିବା ସହ ଘର ସମ୍ମୁଖରେ ବସିଥିବା ନିରଞ୍ଜନ ଜେନା ଓରଫ କାଳିଆଙ୍କୁ ଗୁଳିମାଡ଼ କରିଥିଲେ। ଏହି ଘଟଣାକୁ ନେଇ ନିରଞ୍ଜନଙ୍କ ସ୍ତ୍ରୀ ସରିତା ଜେନା ଶେରଗଡ଼ ଥାନାରେ ୧୯ ଜଣଙ୍କ ନାମରେ ୨୬ ତାରିଖ ଦିନ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାକୁ ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା ନିଜେ ତଦନ୍ତ କରିବା ସହ ଆସାମୀଙ୍କୁ ଧରିବା ଲାଗି ଏକ ଟିମ୍ ଗଠନ କରିଥିଲେ। ଏଥିରେ ଆସିକା, ଧରାକୋଟ, ପାଟପୁର, କବିସୂର୍ଯ୍ୟନଗର, ହିଞ୍ଜିଳି ଥାନାଧିକାରୀ ଏବଂ କିଛି ପୁଲିସ କର୍ମଚାରୀଙ୍କୁ ନେଇ ତଦନ୍ତ ଜୋରସୋରରେ ଚାଲିଥିଲା। ଏହି ଘଟଣାରେ ୫ ଜଣ ଷଡ଼ଯନ୍ତ୍ରକାରୀ ଏବଂ ଜଣେ ଘଟଣାସ୍ଥଳରେ ଉପସ୍ଥିତ ଆସାମୀଙ୍କୁ ଅଗଷ୍ଟ୧ ତାରିଖରେ ଗିରଫ କରିବାରେ ପୁଲିସ ସକ୍ଷମ ହେବା ସହ କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ୧୪ ତାରିଖରେ ପୁଲିସ ସୁପାରୀ କିଲର ଧରାକୋଟ ଥାନା ଧରାକୋଟ ମୁସଲିମ୍ ସାହିର ନବାର ଖାନଙ୍କ ପୁଅ ଜମିର ଖାନ (୩୩) ଓ ସହଯୋଗୀ ଭାଇ ବଖାରୀ ଖାନ (୨୭)କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଉକ୍ତ ଘଟଣାର ମାଷ୍ଟରମାଇଣ୍ଡ ସୁନାନ୍ତର ଗ୍ରାମର ପୂର୍ବତନ ଶେରଗଡ଼ ବ୍ଲକ ଅଧ୍ୟକ୍ଷ ତଥା ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସ୍ୱର୍ଗତ ମକରା ଗୌଡଙ୍କ ପୁଅ ତପନ ଗୌଡ ଏବଂ ସହଯୋଗୀ ସୁଦୁରୁ ଗୌଡ଼। ଉକ୍ତ ଦୁଇ ଷଡ଼ଯନ୍ତ୍ରକାରୀଙ୍କ ସହିତ ଆଉ ଜଣେ ସୁପାରୀ କିଲର ଧରାକୋଟ ମୁସଲିମ୍ ସାହି ନବାର ଖାନଙ୍କ ପୁଅ ସାନ ଜମିର ଖାନଙ୍କୁ କୋର୍ଟଚାଲାଣ କରାଯାଇଛି। ପୁଲିସ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ବନ୍ଧୁକ, ୩ଟି ଜୀବନ୍ତ ଗୁଳି, ୧ଟି ମାଗାଜିନ, ଗୋଟିଏ ମୋବାଇଲ ଜବତ କରିଛି।

## ପଥର ତଳେ ଚାପିହୋଇ ନାବାଳକ ମୃତ

ପାତ୍ରପୁର,୨୧।୮ (ସମିସ): ଜରଡ଼ା ଥାନା ସୁନାରୀବାଡ଼ ଗ୍ରାମ ନିକଟସ୍ଥ ମେଙ୍କାଡ଼ାଇ ଝରଣାରେ ଗାଧୋଉଥିବାବେଳେ ପଥର ତଳେ ଚାପି ହୋଇ ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ସ୍ୱର୍ଗତ ଭୀମ ଶବରଙ୍କ ପୁଅ ଶଙ୍କର ଶବର(୧୨)। ଗୁରୁବାର ସକାଳେ ମେଙ୍କାଡାଇ ଝରଣାକୁ ଗ୍ରାମର ତିନି ଜଣ ପିଲା ଗାଧୋଇ ଯାଇଥିଲେ। ଝରଣାରେ ତିନି ଜଣ ଗାଧୋଉଥିବା ବେଳେ ହଠାତ ଉପର ପଟୁ ବଡ଼ ପଥର ଖସି ଆସିବା ଫଳରେ ଶଙ୍କର ଶବର ଦୁଇଟି ପଥର ସନ୍ଧିରେ ଛନ୍ଦି ହୋଇପଡ଼ିଥିଲା। ତାଙ୍କ ସହିତ ଥିବା ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଜଣେ ଗ୍ରାମବାସୀଙ୍କୁ ଡ଼ାକି ଆଣିଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଶଙ୍କର ଶବରକୁ ପଥର ସନ୍ଧିରୁ ଉଦ୍ଧାର କରି ଦୋଳା ସାହାଯ୍ୟରେ ବୋହି ଆଣିବାବେଳେ ବାଟରେ ଶଙ୍କରଙ୍କ ମୃତ୍ୟୁ ଘଟିଥିଲା। ଏଏସ୍‌ଆଇ କୃଷ୍ଣ ଚନ୍ଦ୍ର ଭୁୟାଁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ନେଇ ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ କହିଛନ୍ତି।

## ଅଙ୍ଗନବାଡି ସଂଘର ସ୍ମାରକପତ୍ର ପ୍ରଦାନ

ପାରଳାଖେମୁଣ୍ଡି,୨୧।୮ (ସମିସ): ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡ଼ିଜ ୱାର୍କରସ୍ ଆସୋସିଏସନ୍ ଗଜପତି ଶାଖା ପକ୍ଷରୁ ୧୧ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଉପ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ସଂଘର ଏକ ପ୍ରତିନିଧି ଦଳ ଆଜି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟକରି ଆଇସିଡିଏସ୍ ଯୋଜନାର ନାମ ଉଚ୍ଛେଦ, ଅଙ୍ଗନବାଡ଼ି କର୍ମୀ ଏବଂ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ସର୍ବନିମ୍ନ ଯଥାକ୍ରମେ ୧୮,୦୦୦ ଟଙ୍କା ଏବଂ ସହାୟିକାଙ୍କ ପାଇଁ ୯,୦୦୦ ଟଙ୍କା ଦରମା ପ୍ରଦାନ ଦାବି ରହିଛି। ସ୍ମାରକ ପତ୍ର ପ୍ରଦାନ ବେଳେ ସୁଜିତ ପ୍ରଧାନ, ଅଙ୍ଗନବାଡି ସଂଘର ସଭାନେତ୍ରୀ କୁମାରୀ କୁନୀ ଜାନି ଓ ସମ୍ପାଦିକା ପୁଷ୍ପାଞ୍ଜଳୀ ପଣ୍ଡା ଉପସ୍ଥିତ ରହିଥିଲେ।



## ଛାତ୍ରୀଙ୍କୁ ମାଡ଼ ଘଟଣାରେ ଶିକ୍ଷୟିତ୍ରୀ ନିଲମ୍ବିତ

ବାଲିଗୁଡ଼ା,୨୧।୮ (ସମିସ): ବାଲିଗୁଡ଼ା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଛାତ୍ରୀଙ୍କୁ ପାଇଖାନା ସଫା କରିବାକୁ ବାଧ୍ୟ କରିବା ସହ ମାଡ଼ ମାରିଥିବା ଅଭିଯୋଗରେ ଶିକ୍ଷୟିତ୍ରୀ କମଳା ଦିଗାଲଙ୍କୁ ଗୁରୁବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନିଲମ୍ବିତ କରିଛନ୍ତି ଗୋଷ୍ଠୀ ଶିକ୍ଷା ଅଧିକାରୀ। ସୂଚନା ଅନୁସାରେ ମଙ୍ଗଳବାର ଦିନ ସପ୍ତମ ଶ୍ରେଣୀର ଅଧ୍ୟୟନ କରୁଥିବା ୧୦ରୁ ୧୨ ଜଣ ଛାତ୍ରୀଙ୍କୁ ପାଇଖାନା ସଫା କରାଇବା ସହ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ଆଣିଥିଲେ ପିଲାଙ୍କ ପରିବାରବର୍ଗ। ଏହି ଖବର ଜଣାପଡ଼ିବା ପରେ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁରୁବାର ଘଟଣାର ତଦନ୍ତ କରି ମାଡ଼ ମାରିଥିବା ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ କରିଛନ୍ତି। ଏଥିସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସମ୍ପୃକ୍ତିରେ ବିଦ୍ୟାଳୟରେ ବିଭିନ୍ନ ସମୟରେ ଏଭଳି ଘଟଣା ଘଟିଥିବା ନେଇ ଜଣାପଡ଼ିବା ପରେ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ତଦନ୍ତରେ ଆସିଥିବା ଗୋଷ୍ଠୀ ଶିକ୍ଷାଧିକାରୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ରିପୋର୍ଟ ଦେଇଥିବା ଜଣାପଡ଼ିଛି।

## ବିପଦସଂକୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



ଖଲ୍ଲିକୋଟ,୨୧।୮ (ସମିସ): ମୁଣ୍ଡ ଉପରେ ମୃତ୍ୟୁ। କେତେବେଳେ କାହାର ଜୀବନ ଯିବ କହି ହେବନି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଭେଜିପୁଟ ଗ୍ରାମରେ। ଭେଜିପୁଟ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଓଭର ବ୍ରିଜ ପାୱାର୍ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ ଖୁଣ୍ଟ ରାସ୍ତା ଉପରକୁ ଢଳି ରହିଛି। ବର୍ଷା ପାଣି ଖାଇ ମୂଳରୁ ପ୍ରାୟତଃ ଉପୁଡ଼ି ପଡ଼ିଲାଣି। କେବଳ ତାର ସଂଯୋଗ ହୋଇ ଥିବାରୁ ଏହା ସାହାରା ହୋଇଛି। ମାତ୍ର ବିଦ୍ୟୁତ ବିଭାଗର ଏଥିପ୍ରତି ନଜର ପଡୁନି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦା ଏନେଇ ବିଦ୍ୟୁତ ବିଭାଗକୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଶୁଣୁନାହାନ୍ତି। ଗତ ୫ ଦିନ ତଳେ ଗଞ୍ଜାମ ନିକଟସ୍ଥ ୧୬ ନମ୍ବର ଜାତୀୟ ରାଜପଥ ଉପରେ ୧୧ କେଭି ତାର ଛିଡି ଜଣେ ଯୁବକଙ୍କ ଉପରେ ପଡିବାରୁ ସେ ଗୁରୁତର ଆହତ ହୋଇଥିଲେ। ତେଣୁ ଏଭଳି ଘଟଣାର ପୁନରାବୃତ୍ତି ଯେଭଳି ଭେଜିପୁଟରେ ନ ହେଉ ସେଥିପ୍ରତି ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେବା ଜରୁରୀ ହୋଇ ପଡ଼ିଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନଥିଲା।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

ଛତ୍ରପୁର,୨୧।୮ (ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମର ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ମଞ୍ଚର ଆଇନ ପରାମର୍ଶଦାତା ତଥା ଛତ୍ରପୁରର ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସଭାପତି ନରହରି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବରିଷ୍ଠ ସାହିତ୍ୟିକ ତଥା କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା, ବରିଷ୍ଠ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥି ସମ୍ମାନୀତ ଅତିଥି, ଅନ୍ୟତମ ଅତିଥି ରୂପେ ଶିକ୍ଷକ ମହାସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅଶୋକକୁମାର ଦଳାଇ ଯୋଗଦେଇଥିଲେ। ସମାଜସେବୀ ବିକ୍ରମ କୁମାର ପାଣିଗ୍ରାହୀ ବରିଷ୍ଠମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ପାଇଁ ଯୁବ ବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ମଞ୍ଚର ସଂଯୋଜକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ଶୁକୁରୁ ପ୍ରଧାନ, କୈବଲ୍ୟ ପ୍ରଧାନ, ଗୋଦାବରୀ ପଣ୍ଡା ଓ ଗାଣ୍ଡୁ ଗୌଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିବା ବେଳେ ସଂପାଦକ ଗଗନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ସାହୁ, ଈଶ୍ୱର ପ୍ରଧାନ, ସୋମନାଥ ବେହେରା, ବାବୁଲା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସାମୂହିକ ଫାଇଲେରିଆ ଔଷଧ ସେବନ

ଶେରଗଡ଼,୨୧।୮ (ସମିସ): ବୁଧବାର ବନ୍ଧାଗୁଡା ପଞ୍ଚାୟତ ରେ ଆରମ୍ଭ ହୋଇଛି ଫାଇଲେରିଆ ନିରାକରଣ ସାମୂହିକ ଔଷଧ ସେବନ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତୃପ୍ତିମୟୀ ଜେନା, ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡଃ ରାଜ କୁମାର ସୁବୁଦ୍ଧିଙ୍କ ସହିତ ମେଡ଼ିକାଲର କର୍ମକର୍ତ୍ତା, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ସ୍ଥାନୀୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପିଣ୍ଟୁ ମହାରଣା ପ୍ରମୁଖ ଉପସ୍ଥିତ ରହି ଘରକୁ ଘର ବୁଲି ଲୋକଙ୍କୁ ଔଷଧ ସେବନ କରିବା ଲାଗି ପରାମର୍ଶ ଦେଇଥିଲେ।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ



ଛତ୍ରପୁର,୨୧।୮ (ସମିସ): ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ହିତାଧିକାରୀ ମାନଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ଜିଲାପାଳ ଭି.କିର୍ତି ଭାସନ ବିଭିନ୍ନ ବିଭାଗର ହିତାଧିକାରୀମାନଙ୍କୁ ଏହି ସହାୟତା ରାଶି ବଣ୍ଟନ କରିଥିଲେ। ଜିଲ୍ଲାରେ ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ ମାନଙ୍କ ପିଲାଙ୍କ ପାଠ ପଢା ବାବଦକୁ ୧୩୧୬ ଜଣ ହିତାଧିକାରୀଙ୍କୁ ୫୨ ଲକ୍ଷ ୭୦ ହଜାର ୪ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ନିର୍ମାଣ ଶ୍ରମିକ କାର୍ଡଧାରୀଙ୍କ ଝିଅ ବିବାହ ବାବଦରେ ୫୮୮ ଜଣକୁ ୨କୋଟି ୯୨ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ସେହିପରି ୩୮ଜଣ ହିତାଧିକାରୀଙ୍କୁ ପ୍ରସୂତିକାଳୀନ ସହାୟତା ବାବଦକୁ ୩ଲକ୍ଷ ୮୦ହଜାର, ମୃତ୍ୟୁ ପରେ ଶବଦାହ ବାବଦକୁ ୪୭ ଜଣ ହିତାଧିକାରୀଙ୍କୁ ୨ଲକ୍ଷ ୩୫ ହଜାର ଟଙ୍କା, ୭୯ ଜଣ ହିତାଧିକାରଙ୍କ ପରିବାରବର୍ଗଙ୍କୁ ମୃତ୍ୟୁ କାଳୀନ ସହାୟତା ବାବଦକୁ ୧ କୋଟି ୮୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାରେ ମୋଟ ୨୦୬୮ ଜଣ ହିତାଧିକାରୀଙ୍କୁ ୫ କୋଟି ୩୩ ଲକ୍ଷ ୬୦ ହଜାର ୪ଶହ ଟଙ୍କା ର ସହାୟତା ରାଶି ବଣ୍ଟନ କରାଯାଇଛି। ଏହାସହ ଯେଉଁମାନେ ନିର୍ମାଣ ଶ୍ରମିକରେ ଅର୍ନ୍ତଭୁକ୍ତ ରହିଛନ୍ତି ସେମାନେ ସେମାନଙ୍କ କାର୍ଡକୁ ପ୍ରତି ବର୍ଷ ନବୀକରଣ କରିବାକୁ କୁହାଯାଇଛି। ଏହି ଅବସରରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ସୁନିଲ କେର୍କେଟା, ଛତ୍ରପୁର ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା ଓ ବ୍ରହ୍ମପୁର ଶ୍ରମ ଅଧିକାରୀ ଶୁଭଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କୁ ମତ୍ସ୍ୟ ଯାଆଁଳ ବଣ୍ଟନ



ଛତ୍ରପୁର,୨୧।୮ (ସମିସ): ଛତ୍ରପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଆତ୍ମା ତରଫରୁ ୫ଜଣ ମତ୍ସ୍ୟ ଚାଷୀଙ୍କୁ ମାଛ ଯାଆଁଳା ଓ ମାଛ ଖାଦ୍ୟ ବଣ୍ଟନ କରାଯାଇଛି। ଆଗ୍ରହୀ ମାଛ ଚାଷୀଙ୍କୁ ଚୟନ କରି ସେମାନଙ୍କ ନିଜସ୍ୱ ପୋଖରୀରେ ମାଛ ଚାଷ ପ୍ରଦର୍ଶନ କ୍ଷେତ୍ର ପ୍ରସ୍ତୁତ କରିବା ଏହାର ଲକ୍ଷ୍ୟ। ମାଛ ଯାଆଁଳା ବଣ୍ଟନ ବେଳେ ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସନମାର୍ଗ କର, ସହକାରୀ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ନାୟକ, ସହକାରୀ ଉଦ୍ୟାନ ଅଧିକାରୀ ସନ୍ଦୀପ କୁମାର ବଢ଼େଇ, ଗୋଷ୍ଠୀ ବୈଷୟିକ ପରିଚାଳିକା ସ୍ମୃତି ସ୍ମରଣିକା ସାହୁ, କୃଷି ଅଧୀଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ, ସହକାରୀ ବୈଷୟିକ ପରିଚାଳକ ଗୋପୀନାଥ ଦାଶ ଓ ସୋନାଲି ପ୍ରିୟଦର୍ଶିନୀ ମହାନ୍ତି ଉପସ୍ଥିତ ଥିଲେ।

## ପ୍ୟାନେଲ୍ ଆଇନଜୀବୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୧।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ସିଭିଲ୍ କୋର୍ଟର ସଭାଗୃହରେ ପ୍ୟାନେଲ୍ ଆଇନଜୀବୀଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବାର ଅଦାଲତର ନ୍ୟାୟାଧୀଶ ଅଶୋକ କୁମାର ପାହି ଅଧ୍ୟକ୍ଷତା କରିଥିଲେ। ସେ ବିଭିନ୍ନ ଆଇନ ସମ୍ବନ୍ଧୀୟ ପ୍ରସଙ୍ଗ ବିଷୟରେ ଆଲୋଚନା କରିଥିଲେ ଏବଂ ପ୍ୟାନେଲ୍ ଆଇନଜୀବୀଙ୍କର ବୃତ୍ତିଗତ ଜ୍ଞାନକୁ ଆହୁରି ସୁଦୃଢ଼ କରିବା ପାଇଁ ମୂଲ୍ୟବାନ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିମଳ ରାଉଳ ଓ ଜେଏମ୍ଏଫସି ସତ୍ୟଜିତ ପାଣି ଉପସ୍ଥିତ ଥିଲେ। ସେମାନେ ବିଧି ସହାୟତା ସେବାର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ ଏବଂ ପ୍ୟାନେଲ୍ ଆଇନଜୀବୀଙ୍କୁ ଆଇନର ଗଭୀର ଜ୍ଞାନ ଅର୍ଜନ କରିବାକୁ ପ୍ରୋତ୍ସାହିତ କରିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ପ୍ୟାନେଲ୍ ଆଇନଜୀବୀଙ୍କର କୌଶଳକୁ ବୃଦ୍ଧି କରିବା ଏବଂ ଗ୍ରାମୀଣ ସ୍ତରରେ ନ୍ୟାୟ ବିତରଣକୁ ଆହୁରି କାର୍ଯ୍ୟକ୍ଷମ କରିବା।

## ବିଧାୟକଙ୍କ ମା'ଙ୍କ ସ୍ମୃତିସଭା



କୁକୁଡାଖଣ୍ଡି/ଦିଗପହଣ୍ଡି,୨୧।୮ (ସମିସ): ଦିଗପହଣ୍ଡି ବିଧାୟକ ଡଃ ସିଦ୍ଧାନ୍ତ ମହାପାତ୍ରଙ୍କ ମା' ଡଃ କନକ ମହାପାତ୍ରଙ୍କ ବିୟୋଗରେ ବୁଧବାର ଦିନ ଗଞ୍ଜାମର ପ୍ରମୁଖ ଶକ୍ତିପୀଠ ମହୁରୀ କାଳୁଆରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆସିକା ବିଧାୟକ ସରୋଜ ପାଢୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସମାଜସେବୀ ଉଦୟ ବେହେରା, ପୂର୍ବତନ ସମବାୟ ସଂଘ ଜିଲ୍ଲା ସଭାପତି ସନାତନ ସଂଗ୍ରାମ ସିଂ, ପୂର୍ବତନ ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ସମେତ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀରୁ ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ଦିଗପହଣ୍ଡି ଓ କୁକୁଡାଖଣ୍ଡି ପଞ୍ଚାୟତ ସମିତିର କାର୍ଯ୍ୟରତ କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି ଏବଂ ସହସ୍ରାଧିକ ଦଳୀୟ କର୍ମୀ ଓ ଉପସ୍ଥିତ ଥିଲେ। ଏହି ସମୟରେ ବିଧାୟକ ଶ୍ରୀ ମହାପାତ୍ରଙ୍କ ବାପା ମନମୋହନ ମହାପାତ୍ର, ଅଭିନେତ୍ରୀ ତଥା ସହଧର୍ମିଣୀ ମାମା ମିଶ୍ର ସମେତ ବହୁ ଜନସାଧାରଣ ସହଯୋଗ ପ୍ରଦାନ କରିଥିଲେ।

### ମା'ତାରିଣୀ ରାଇସ୍ ମିଲ୍‌ର ଗୋଦାମରେ ଷ୍ଟକ୍ ନାହିଁ

# କାର୍ଯ୍ୟାନୁଷ୍ଠାନ ବିଳମ୍ବକୁ ନେଇ ଉଠୁଛି ପ୍ରଶ୍ନ

ଛତ୍ରପୁର,୨୧।୮ (ସମିସ):

ପୁରୁଷୋତ୍ତମପୁର ବ୍ଲକ୍ ବାଲିଆ ଗ୍ରାମର ମା' ତାରିଣୀ ରାଇସ୍ ମିଲ୍‌ରେ ଯୋଗାଣ ବିଭାଗ ବାରମ୍ବାର ଚଢ଼ଉ କରିଛି। ହେଲେ ତ୍ୱରିତ୍ ପଦକ୍ଷେପ ନେବାକୁ କାହିଁକି ବିଳମ୍ବ ଦେଖାଉଛି ପ୍ରଶ୍ନବାଚୀ ସୃଷ୍ଟି କରିଛି। ମା' ତାରିଣୀ ରାଇସ୍ ମିଲ୍ ସରକାରଙ୍କୁ ବାକି ଥିବା ଧାର୍ଯ୍ୟ ପରିମାଣ ଧାନ ଓ ଚାଉଳ ଗୋଦାମରେ ଷ୍ଟକ୍ ନଥିବା ନେଇ ଗତ ୭ ତାରିଖରେ ୨ଟି ଗୋଦାମ୍‌କୁ ଜଉମୁଦ ଦେଇ ସିଲ୍ କରାଯାଇଥିଲା। ପୁଣି ଗତ ୧୯ ତାରିଖରେ ଜଉମୁଦ ସିଲ୍ ଖୋଲି ପେପର ସିଲ୍ କରାଯାଇଛି। ଯୋଗାଣ ବିଭାଗ ଅବଗତ ରହିଛି ଯେ, ମିଲ୍ ଅଧୀନରେ ଥିବା ୨ଟି ଗୋଦାମରେ ସରକାରଙ୍କୁ ପୈଠ କରିବାକୁ ଧାର୍ଯ୍ୟ ଥିବା ପରିମାଣର ଧାନ କିମ୍ବା ଚାଉଳ ଷ୍ଟକ୍ ନାହିଁ ହେଲେ ସଂପୃକ୍ତ ମିଲ୍ ଉପରେ ତ୍ୱରିତ ପଦକ୍ଷେପ ନେବା ବଦଳରେ ପୁଣି ସେହି ଦୁଇଟି ଗୋଦାମ୍‌ରେ ମହଜୁଦ ଥିବା ଚାଉଳ ଓ ଧାନ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ପଦକ୍ଷେପ ନିଆଯାଉଛି।

ସୂଚନାନୁସାରେ, ୨୦୨୪-୨୫ ଖରିଫ୍ ଋତୁରେ ମା'ତାରିଣୀ ରାଇସ୍ ମିଲ୍ ଧାନସଂଗ୍ରହ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ୧ ଲକ୍ଷ ୪ ହଜାର କ୍ୱିଣ୍ଟାଲ୍ ଧାନ ଉଠାଇଥିଲେ ତାହା ଅଧୀନରେ ୬୯ ହଜାର କୁଇଣ୍ଟାଲ ଚାଉଳ ସରକାରଙ୍କୁ ପୈଠ କରିବା ପାଇଁ ଧାର୍ଯ୍ୟ ରହିଥିଲା। ହେଲେ ୨୮ ହଜାର କ୍ୱିଂଟାଲ୍ ଚାଉଳ ସରକାରଙ୍କୁ ପୈଠ କରିଥିବାବେଳେ ଆହୁରି ବଳକା ୪୧ ହଜାର କୁଇଣ୍ଟାଲ ଚାଉଳ ସରକାରଙ୍କୁ ପୈଠ କରିବାକୁ ବାକି ରହିଥିଲା। ହେଲେ ଯୋଗାଣ ବିଭାଗ ଓ ପୁରୁଷୋତ୍ତମପୁର ତହସିଲଦାର ବିଭିନ୍ନ ପ୍ରତିନିଧି ଦଳର ଉପସ୍ଥିତିରେ ମା'ତାରିଣୀ ରାଇସ୍ ମିଲ ଅଧୀନରେ ଥିବା ୨ଟି ଗୋଦାମରେ ଚାଉଳ ଭର୍ତ୍ତି ୪୩୯୧ ଝୋଟ ବ୍ୟାଗ୍, ଚାଉଳ ଭର୍ତ୍ତି ୬୬୦ଟି ପ୍ଲାଷ୍ଟିକ୍ ବ୍ୟାଗ, ମିଲ୍ ଚଟାଣରେ ୭୦ଟି ଧାନ ବ୍ୟାଗ୍, ଓଜନମାପ ଯନ୍ତ୍ର ନିକଟରେ ଚାଉଳ ୩୦୦ ବ୍ୟାଗ୍ ଏବଂ ରାଇସ୍ ମିଲ୍‌ର ଗାଡି ଚାଳକଙ୍କ କହିବାନୁସାରେ ପ୍ରାୟ ପୋକ ଥିବା ଚାଉଳ ୧୫୦୦ଟି ବ୍ୟାଗ୍ ମିଲ୍ ଓ ଦୁଇଟି ଗୋଦାମରେ ମହଜୁଦ ଥିବା ନେଇ ଯାଂଚକାରୀ ଟିମ୍ ସୂତ୍ରରୁ ଜଣାପଡିଛି। ହେଲେ ମା'ତାରିଣୀ ରାଇସ୍ ମିଲ୍ ସରକାରଙ୍କୁ ବାକି ରହିଥିବା ୪୧ ହଜାର କୁଇଣ୍ଟାଲ ଚାଉଳ ତଥା ସେହି ପରିମାଣରେ ଧାନ ମହଜୁଦ ନଥିବା ଯୋଗାଣ ବିଭାଗ ଜାଣିଥିଲେ ମଧ୍ୟ କାହିଁକି ମିଲ୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଣ୍ଠାବୋଧ କରୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ସୂଚନାନୁସାରେ, ସରକାରଙ୍କୁ ଧାର୍ଯ୍ୟ ରହିଥିବା ଚାଉଳ ତରବରିଆ ଭାବେ ଦେବା ନିମନ୍ତେ ପୂର୍ବରୁ ମା'ତାରିଣୀ ରାଇସ୍ ମିଲ୍ ଚାଉଳର ଗୁଣବତ୍ତାକୁ ଯୋଗାଣ ବିଭାଗର ବିନା ଯାଂଚରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଓ ଯୋଗାଣ ନିରୀକ୍ଷକଙ୍କ ଡିଜିଟାଲ୍ ଦସ୍ତଖତ ଜାଲିଆତି କରି ମା' ତାରିଣୀ ରାଇସ୍ ମିଲ୍ ବଳକା ଚାଉଳ ପୈଠ ପାଇଁ ଡେଲିଭରି ସାର୍ଟିଫିକେଟ୍ ହାତେଇଥିଲା। ଏସଂପର୍କରେ ପ୍ରାକ୍ତନ ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ଜାଣିବା ପରେ ମା' ତାରିଣୀ ରାଇସ୍ ମିଲ୍ ଡିପରେ ଚାଉଳ ପୈଠକୁ ବାତିଲ କରିଥିଲେ। ନିଜର ଦସ୍ତଖତକୁ ନେଇ କିଏ କିପରି ଏଭଳି ଏକ ଜଘନ୍ୟ କାର୍ଯ୍ୟ କରିଛି ସେଥିଲାଗି ସେ ସଂପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଦକ୍ଷେପ ନେଇଥିଲେ ଏବଂ ଏ ସଂକ୍ରାନ୍ତରେ ଗତ ୨ ତାରିଖରେ ସେ ରାଜ୍ୟ ଯୋଗାଣ ବିଭାଗର ପରିଚାଳନା ନିର୍ଦ୍ଦେଶଙ୍କୁ ପତ୍ର ଲେଖି ଅବଗତ କରାଇଥିଲେ। ଏହି ପତ୍ର ମାଧ୍ୟମରେ ବିଭିନ୍ନ ଜାଲି ନଥିପତ୍ର ମଧ୍ୟ ସଂଲଗ୍ନ କରାଯାଇଥିଲା। ସେଥିରେ ମଧ୍ୟ ଉଲ୍ଲେଖ ରହିଥିଲା ଯେ କାର୍ଯ୍ୟାଳୟରେ ୨ ଜଣ କର୍ମଚାରୀଙ୍କ ନାଁ ମଧ୍ୟ ଦର୍ଶାଇ ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତକୁ ନେବା ନିମନ୍ତେ ଅବଗତ କରାଇଥିଲେ। ଗଞ୍ଜାମ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଅଭିଯୋଗ ଅନୁସାରେ ୨୦୨୪-୨୫ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ମା' ତାରିଣୀ ରାଇସ୍ ମିଲ ଡିପୋରେ ଚାଉଳ ପୈଠ କରିବା ପାଇଁ ଯେଉଁ ଜାଲ୍ ପ୍ରମାଣପତ୍ର ପାଇଛନ୍ତି ତାହା କିଏ ଏବଂ କେଉଁ ପ୍ରକାରେ ପ୍ରାପ୍ତ କରିଛନ୍ତି ତାହାର ଟିକିନିଖି ତଦନ୍ତ କରିବା ନିମନ୍ତେ ରାଜ୍ୟ (ଧାନ ସଂଗ୍ରହ) ମହାପ୍ରବନ୍ଧକଙ୍କ ତରଫରୁ ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାମଧ୍ୟରେ ଜୁଲାଇ ୯ ତାରିଖରେ ଶ୍ରୀ ମୁଣ୍ଡା ଭିଜିଲାନ୍ସ ହାତରେ ଧରାପଡିଥିବା ବେଳେ ୧୦ ତାରିଖରେ ନୂତନ ଗଞ୍ଜାମ ଜିଲ୍ଲା ମୁଖ୍ୟ ଯୋଗଣ ଅଧିକାରୀ ଭାବେ ପ୍ରଦ୍ୟୁମ୍ନ କୁମାର ରାଉତରାୟ ଦାୟିତ୍ୱ ନେବା ପରେ ଘଟଣାର ତଦନ୍ତରେ ରାଜ୍ୟ ଯୋଗାଣ ଟିମ୍‌କୁ ସହଯୋଗ କରିଥିଲେ। ରାଜ୍ୟ ଯୋଗାଣ ବିଭାଗର ବୈଷୟିକ ପ୍ରତିନିଧି ଦଳ ତଦନ୍ତ କରିବାରେ ଜିଲ୍ଲା ଯୋଗାଣ ବିଭାଗର ଦୁଇଟି ଆଇପି ଠିକଣା ଜରିଆରେ ଜାଲ୍ ଡେଲିଭରି ସାର୍ଟିଫିକେଟ୍ ବାହାର କରାଯାଇଥିବା ଜାଣିପାରିଥିଲେ। ଏ ସଂକ୍ରାନ୍ତରେ ସାଇବର ଥାନାରେ ଅଭିଯୋଗ କରିବା ପାଇଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ରାଜ୍ୟ ବୈଷୟିକ ପ୍ରତିନିଧି ଦଳ ସୂଚନା ଦେଇଥିଲେ। ବୈଷୟିକ୍ ଟିମ୍‌ର ସୂଚନାନୁସାରେ ଜୁଲାଇ ୧୮ ତାରିଖରେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସାଇବର ଥାନାରେ ମାମଲା ରୁଜୁ କରାଯାଇଥିଲା।

# ବିଶ୍ୱ ଯୁବ ଦିବସ ପାଳିତ




ଧର୍ମଶାଳା,୨୧।୮ (ସମିସ): ଜାରକାସ୍ଥିତ ଇନରହୁଇଲ କ୍ଲବ୍ ତରଫରୁ ସ୍ଥାନୀୟ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ବିଶ୍ୱ ଯୁବ ଦିବସ ପାଳିତ ହୋଇଯାଇଛି। କ୍ଲବର ସଭାପତି ଲୋପାମୁଦ୍ରା ଷେଣ୍ଢଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ଯୋଗଦେଇ ବିଶ୍ୱ ଯୁବ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବାସହ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକମାନଙ୍କର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉତ୍ସବରେ କ୍ଲବର ସମ୍ପାଦକ ପ୍ରଭାତନଳିନୀ ସାହୁ ବିଶ୍ୱ ଯୁବ ଦିବସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ ସଭାପତି ଇଂ ସୁକାନ୍ତ କୁମାର ସ୍ୱାଇଁ, ସମ୍ପାଦକ ଦୀପକ କୁମାର ଜେନା, ଇନରହୁଇଲ କ୍ଲବ ତରଫରୁ ପୂର୍ବତନ ସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, ଶକୁନ୍ତଳା ମହାନ୍ତି, ରଶ୍ମିତା ନାୟକ, କଳ୍ପନା ପରିଡା, ବିଶ୍ୱମିତ୍ରା ସାହୁ, ଅର୍ଚ୍ଚନା ସ୍ୱାଇଁ, ସରୋଜିନୀ ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ପୂର୍ବତନ ସଭାପତି ଶୁଭଲକ୍ଷ୍ମୀ କର ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ରେ ଦଶରଥପୁର ବ୍ଲକ୍ ଉତ୍କଳ ସାମ୍ବାଦିକ ସଂଘର ୨ୟ ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ର

ମଙ୍ଗଳପୁର,୨୧।୮ (ସମିସ): ଦଶରଥପୁର ବ୍ଲକର ମଙ୍ଗଳପୁର ବଜାରସ୍ଥିତ ମହାଲକ୍ଷ୍ମୀ ମିଷ୍ଟାନ୍ନ ଭଣ୍ଡାର (ମଣ୍ଡପ)ରେ ବ୍ଲକ୍ ଉତ୍କଳ ସାମ୍ବାଦିକ ସଂଘର ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ସଭାପତି ଜୟପ୍ରକାଶ ନାୟକ, କୋଷାଧ୍ୟକ୍ଷ ରାକେଶ କୁମାର ସାହୁ, ବରିଷ୍ଠ ସଭ୍ୟ ସୀତାଂଶୁ ଶେଖର ଯେନା, ସରୋଜ ପଣ୍ଡା, ସରୋଜ ପୃଷ୍ଟି, ସଞ୍ଜୟ ରାୟ, ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଅଗଷ୍ଟ ମାସ ୨୪ ତାରିଖରେ ଉତ୍କଳ ସାମ୍ବାଦିକ ସଂଘ ଦଶରଥପୁର ଶାଖା ପକ୍ଷରୁ ହେବାକୁ ଥିବା ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ର ସମ୍ପର୍କରେ ଆଲୋଚନା ହୋଇଥିଲା। ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ରରେ ଅତିଥିଭାବେ ମୁଖ୍ୟତ ଓଡ଼ିଶା ବିଧାନସଭା ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ଜିଲ୍ଲାର ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗୌତମ ରାୟ, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କର, ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଜିଲ୍ଲା ସଭାପତି ହରିହର ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକର ସାମ୍ବାଦିକମାନେ ଯୋଗ ଦେବେ ବୋଲି ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ ସୂଚନା ଦେଇଥିଲେ।

# ଆଦି କର୍ମଯୋଗୀ ଅଭିଯାନ ପାଇଁ ବୈଠକ

ଯାଜପୁର,୨୧।୮ (ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମଙ୍ଗଳ ବିଭାଗ ଆନୁକୁଲ୍ୟରେ ଆଦି କର୍ମଯୋଗୀ ଅଭିଯାନ ପାଇଁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କର କହିଲେ ଅନୁସୂଚିତ ଜନଜାତି ମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ "ଆଦି କର୍ମଯୋଗୀ ଅଭିଯାନ' ନାମରେ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଚଳିତ ବର୍ଷ ତଥା ୨୦୨୫ ଅଗଷ୍ଟରୁ ଓଡିଶାର ୨୨ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଜିଲ୍ଲାମାନଙ୍କ ଭିତରେ ଯାଜପୁର ଜିଲ୍ଲା ଅନ୍ତର୍ଭୁକ୍ତ ଅଛି। ଜିଲ୍ଲାର ୫ଟି ବ୍ଲକର ୬୭ଟି ଆଦିବାସୀ ବହୁଳ ଗ୍ରାମରେ ଯଥା ସୁକିନ୍ଦା ବ୍ଲକ୍‌ର ୩୪ଟି ଗ୍ରାମ, ଦାନଗଦି ବ୍ଲକ୍‌ର ୧୬ ଟି ଗ୍ରାମ, କୋରେଇ ବ୍ଲକର ୫ଟି ଗ୍ରାମ, ଧର୍ମଶାଳା ବ୍ଲକର ୫ଟି ଗ୍ରାମ ଏବଂ ବଡ଼ଚଣା ବ୍ଲକ୍‌ର ୭ଟି ଗ୍ରାମରେ ଏହି ଅଭିଯାନର ସଫଳ ରୂପାୟନ ହେବାକୁ ଯାଉଛି। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଓ ଜନଜାତୀୟ ଗୌରବ ବର୍ଷ ପାଳନ ଅବସରରେ ଗତ ଅକ୍ଟୋବର



୨ରେ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଶୁଭାରମ୍ଭ କରାଯାଇଥିଲା। ଆଦି କର୍ମଯୋଗୀ ଅଭିଯାନ ଏହି ଯୋଜନାର ପୂର୍ଣ୍ଣାଙ୍ଗ ପରିପ୍ରକାଶ। ଅଭିଯାନରେ ଶିକ୍ଷା, ସାସ୍ଥ୍ୟ, ଗମନାଗମନ, ପଞ୍ଚାୟତ ଓ ପାନୀୟଜଳ, ଗ୍ରାମ ଉନ୍ନୟନ, କୃଷି, ମହିଳା ଓ ଶିଶୁ ବିକାଶ, ଜଙ୍ଗଲ ପରିବେଶ ଓ ସର୍ବୋପରି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସହଭାଗିତାରେ ଅନୁସୂଚିତ ଜନଜାତି ବହୁଳ ଗ୍ରାମମାନଙ୍କରେ ତୃଣମୂଳସ୍ତରରେ ପ୍ରଶାସନକୁ ପହଁଚାଇବା। ଏଥିସହିତ ଯୋଜନାର ପ୍ରଚାର ପ୍ରସାର ଓ ଅତ୍ୟାବଶ୍ୟକ ସେବାର ଉପଲବ୍ଧତା କରାଇବା ପାଇଁ ପ୍ରତ୍ୟେକ ଗ୍ରାମରେ ୨୦ ଜଣ ବିଶିଷ୍ଟ ଆଦିବାସୀ କ୍ୟାଡର ସୃଷ୍ଟି କରାଯିବ। ଏମାନଙ୍କୁ ଆଦି କର୍ମଯୋଗୀ, ଆଦି ସହଯୋଗୀ ଏବଂ ଆଦି ସାଥୀ ନାମରେ ଅବିହିତ କରାଯାଇ ସରକାର ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟଙ୍କ ମଧ୍ୟରେ ଏକ ସେତୁ ସୃଷ୍ଟି କରାଯିବ ଏବଂ କାର୍ଯ୍ୟକ୍ରମ ରୂପାୟନ କରାଯିବ। ପ୍ରତ୍ୟେକ ଗ୍ରାମରେ ଏକ ସେବା କେନ୍ଦ୍ର ଚିହ୍ନଟ କରାଯିବ। ସାଧାରଣ ଭାବରେ ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ର, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ସେବା କେନ୍ଦ୍ର କାର୍ଯ୍ୟକରିବ। ଆଗାମୀ ଦିନରେ ବିଭିନ୍ନ ପର୍ଯ୍ୟାୟରେ ଜିଲ୍ଲା, ବ୍ଲକ୍, ପଞ୍ଚାୟତ ସ୍ତରରେ ପ୍ରଶିକ୍ଷଣ ପ୍ରଦାନ ପରେ ଏହି ଅଭିଯାନର କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ବିଭିନ୍ନ ଯୋଜନାକୁ ଅଧୀନ କରି ପ୍ରତ୍ୟେକ ଗ୍ରାମ ନିମନ୍ତେ ଗ୍ରାମ୍ୟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ତଦନୁଯାୟୀ କାର୍ଯ୍ୟର ସଫଳ ରୂପାୟନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ କର ପ୍ରକାଶ କରିଥିଲେ। ସମ୍ମିଳନୀରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମାଙ୍ଗଳିକା ରାଉତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ପ୍ରିଣ୍ଟ ଏବଂ ଇଲେକଟ୍ରୋନିକ୍ ମିଡିଆର ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ପୁଲିସ ଡିଏସ୍‌ପିଙ୍କ ଘରୁ ସୁନାଗହଣା ଲୁଟ୍

ଯାଜପୁର,୨୧।୮ (ସମିସ):

ଜଣେ ଅବସରପ୍ରାପ୍ତ ପୁଲିସ ଡିଏସ୍‌ପିଙ୍କ ଘରୁ ଗୁରୁବାର ଦିନ ଲକ୍ଷାଧିକ ଟଙ୍କାର ସୁନାଗହଣା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଯାଜପୁର ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯାଜପୁର ଜିଲ୍ଲା ଟାଉନ୍ ଥାନା ଅଧୀନ ନରହରିପୁର ଗ୍ରାମର ଅବସରପ୍ରାପ୍ତ ପୁଲିସ ଡିଏସ୍‌ପି ବିରଜା କିଙ୍କର ପତି ତାଙ୍କ ସ୍ତ୍ରୀଙ୍କ ସହ ଝିଅ ଘର ବ୍ରହ୍ମପୁରକୁ ଯାଇଥିଲେ। ସେଠାରୁ ସେ ରାଉରକେଲା ଏବଂ ସମ୍ବଲପୁର ଯାଇଥିଲେ। ଗତ ୨୦ତାରିଖ ଦିନ ତାଙ୍କ ଘରର ମୁଖ୍ୟ ଗ୍ରିଲ୍ କାଟିବା ସହ ଘରର କବାଟ ଭାଙ୍ଗି ୨ଟି ଆଲମିରାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଦୁର୍ବୃତ୍ତମାନେ ଲୁଟିନେଇଥିଲେ। ଘରକୁ ପୂଜା କରିବାକୁ ଆସୁଥିବା ଦିପୁନା ନାମକ ଜଣେ ପୂଜକ ଏହି ଘଟଣା ବିଷୟରେ ଅବସରପ୍ରାପ୍ତ



ପୁଲିସ ଡିଏସପିଙ୍କ ପତ୍ନୀଙ୍କୁ ଫୋନ କରି ଜଣାଇଥିଲେ। ଏହି ଘଟଣା ଜାଣିବା ପରେ ତାଙ୍କ ସ୍ତ୍ରୀ ନରହରିପୁର ଗ୍ରାମକୁ ଆସି ୨ଟି ଆଲମିରାକୁ ଭଙ୍ଗାଯାଇ ଆସବାବପତ୍ରକୁ ଏଣେତେଣେ ଫୋପଡା ଯାଇଛି ଏବଂ ଆଲମିରାରେ ଥିବା ନଗଦ ୫ହଜାର ଟଙ୍କା ସହ ୩୦ ଗ୍ରାମର ସୁନା ଚେନ୍, ୨୫ ଗ୍ରାମ୍‌ର ଜଗନ୍ନାଥ ଲକେଟ୍ ଲାଗିଥିବା ସୁନା ହାର, ୧୨ଗ୍ରାମର ସୁନା କାନଫୁଲ, ୩୦ଗ୍ରାମର ସୁନା ଖଡ଼ୁ, ୯ଗ୍ରାମର ସୁନା କାନଫୁଲ, ୫ଗ୍ରାମର ସୁନା ମୁଦି ପ୍ରାୟ ୨ଶହ ଗ୍ରାମର ସୁନା ଅଳଙ୍କାର, ୨ଟି ରୂପା ପାଉଁଜି, ୩ଟି ରୂପା ମୁଦି, ୨ଟି ଘଣ୍ଟା ଇତ୍ୟାଦି ମୂଲ୍ୟବାନ ଜିନିଷ ଲୁଟ ହୋଇଥିବା ଦେଖିଥିଲେ। ଏନେଇ ସେ ୨୧ ତାରିଖ ଦିନ ବିରଜା ଯାଜପୁରଟାଉନ୍ ଥାନାରେ ଅଭିଯୋଗ କରିବା ପରେ ଯାଜପୁର ପୁଲିସ ଥାନା କେସ୍ ନଂ୩୧୪/୨୦୨୫ ରୁଜୁ କରି ତଦନ୍ତକାରୀ ଅଫିସର ଭାବେ ସବ୍ ଇନ୍ସପେକ୍ଟର ସୁବାଷ ଚନ୍ଦ୍ର ମୁଦୁଲିଙ୍କୁ ଦାୟିତ୍ୱ ଦେଇଛନ୍ତି। ସେ ଘଟଣାସ୍ଥଳରେ ସନ୍ଧାନୀ କୁକୁର ଲଗାଇ ତଦନ୍ତ ଜାରି ରଖିଥିବା ବେଳେ ଜଣକୁ ସନ୍ଦେହରେ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ଗୋଟିଏ ରାତିରେ ବିଦ୍ୟାଳୟ ଓ ମନ୍ଦିରରୁ ଚୋରି

ବାଲିଚନ୍ଦ୍ରପୁର,୨୧।୮ (ସମିସ):ବଡ଼ଚଣା ବ୍ଲକ୍ ତଥା ବାଲିଚନ୍ଦ୍ରପୁର ଥାନା ଅଧୀନ ଦୁଇଟି ଅନୁଷ୍ଠାନରୁ ଗତ ୧୯ ତାରିଖ ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ସୂଚନାନୁଯାୟୀ, ନାନପୁର ଗ୍ରାମ ସ୍ଥିତ ଶିରିଡି ସାଇ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ମନ୍ଦିର ଭିତରେ ଥିବା ଗୋଟିଏ ଟେବୁଲ ଫ୍ୟାନ ସହିତ ବାବାଙ୍କ ମଥାରେ ଲଗା ଯାଇଥିବା ଗୋଟିଏ ଚାନ୍ଦି ମୁକୁଟ, ଚାନ୍ଦି ଚେନ, ବାସନକୁସନ ସହିତ ଅନ୍ୟାନ୍ୟ ସାମଗ୍ରୀକୁ ଲୁଟି ନେଇଛନ୍ତି। ଯାହାର ମୂଲ୍ୟ ୪୦ ହଜାରରୁ ଅଧିକ ଟଙ୍କା ହେବ ବୋଲି କୁହାଯାଇଛି। ତେବେ ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯିବା ପରେ ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରିବା ସହିତ ମନ୍ଦିର ନିକଟସ୍ଥ ଜଣଙ୍କ ଘରୁ ଚୋରି ଫ୍ୟାନକୁ ଜବତ ପୂର୍ବକ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଥିବା ନେଇ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଏହି ଥାନା ଅଧୀନ ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଦୁଇଟି ପାଣି ଟାଙ୍କି ମଟର ଓ ସ୍କୁଲ ପରିସରରେ ଲଗାଯାଇଥିବା ୨୫ଟି ଷ୍ଟିଲ ପାଣି ଟ୍ୟାପକୁ ସେହି ୧୯ ତାରିଖ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବନିତା ବିଶ୍ୱାଳ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଚୋରି ଯାଇଥିବା ଉଭୟ ଅନୁଷ୍ଠାନର ସାମଗ୍ରୀ ଜବତ ସହିତ ଚୋରମାନଙ୍କୁ ତୁରନ୍ତ ଧରିବା ସହିତ ଏହି ଥାନା ଅଞ୍ଚଳରେ ଚୋରି ଡକାୟତି ଓ ଲୁଟ ଆଦିକୁ ରୋକିବା ଦିଗରେ ଥାନା ପକ୍ଷରୁ ଦୃଢ଼ ପଦକ୍ଷେପ ପାଇଁ ବିଭିନ୍ନ ମହଲରୁ ଦାବି କରାଯାଇଛି।



# ସେରପୁର ପଞ୍ଚାୟତରେ ବାରମ୍ବାର ଚୋରି

ବରୀ,୨୧।୮ (ସମିସ): ଯାଜପୁର ଜିଲ୍ଲାର ବରୀ ବ୍ଲକ୍ ଅଧୀନ ସେରପୁର ପଞ୍ଚାୟତ କୃଷ୍ଣ ନଗର ଗ୍ରାମର ଯୁବ ବ୍ୟବସାୟୀ ଲକ୍ଷ୍ମୀଧର ସାହୁଙ୍କ ଘରେ ଚୋରି ହୋଇଥିବାର ଥାନାରେ ଅଭିଯୋଗ ହୋଇଛି। ଚୋରମାନେ ତାଙ୍କର ଏକ ଦ୍ରୁତବେଗ ଯୁକ୍ତ ମଟର ସାଇକଲ ଓ ମୋବାଇଲ ଫୋନ ନେଇ ଯାଇଛନ୍ତି। ଏପରିକି ଟ୍ରାଫିକ ନିୟମ ଉଲ୍ଲଙ୍ଘନ କରି କମିସନରେଟ ପୁଲିସ ଅଧୀନରେ ୧ ହଜାର ଟଙ୍କାର ଚାଲାଣ ମଧ୍ୟ କଟିଛି ବୋଲି ଲକ୍ଷ୍ମୀଧରଙ୍କ ମୋବାଇଲକୁ ମେସେଜ ଆସିଛି। ଚଳିତ ମାସରେ ଏହି ପଞ୍ଚାୟତର ସେରପୁର ଓ ଶୁକ୍ଳ ସାହି ଗାଁରୁ ଗୋଟିଏ ମଟର ସାଇକଲ ଓ ଗୋଟିଏ ସ୍କୁଟି ଚୋରି ହୋଇଛି। ତେବେ ଏମାନେ ପୁଲିସରେ ଅଭିଯୋଗ କରିନାହାନ୍ତି। ପୁଲିସ ଘଟଣାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଗତ ବର୍ଷ ମଧ୍ୟ ଲକ୍ଷ୍ମୀଧରଙ୍କ ଘରେ ଚୋରମାନେ ପଶି ବିଭିନ୍ନ ସାମଗ୍ରୀ ଲୁଟି ନେଇଥିଲେ।

# ବିରଜା ଆଇନ ମହାବିଦ୍ୟାଳୟରେ ନବାଗତଙ୍କ ପ୍ରବେଶ ଉତ୍ସବ

ଯାଜପୁର,୨୧।୮ (ସମିସ): ବିରଜା ଆଇନ ମହାବିଦ୍ୟାଳୟରେ ନବାଗତଙ୍କ ପ୍ରବେଶ ଉତ୍ସବ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି।




ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦର୍ଶନ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଆଇନଜୀବୀ ବଟକୃଷ୍ଣ ମହାପାତ୍ର ମୁଖ୍ୟଅତିଥି, ଅଧ୍ୟାପିକା ମହେଶ୍ୱତା ଉପାଧ୍ୟାୟ ଓ ଅଧ୍ୟାପକ ସୌମ୍ୟରଂଜନ ଦାଶ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ମହାବିଦ୍ୟାଳୟର ଐତିହ୍ୟ, ପ୍ରତିଷ୍ଠା, ଓ ଜନଜୀବନରେ ଆଇନର ଆବଶ୍ୟକତା ସଂପର୍କରେ ଆଲୋକପାତ କରିବା ସହିତ ଶୃଙ୍ଖଳା ଓ ନୈତିକ ମୂଲ୍ୟବୋଧ ଉପରେ ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଦିଗ୍ଦର୍ଶନ ଦେଇଥିଲେ। ମହାବିଦ୍ୟାଳୟର କର୍ମଚାରୀ କାମାକ୍ଷା ପ୍ରସାଦ ନନ୍ଦ ଓ ତପନ କୁମାର ନାୟକ, ହେମନ୍ତ କୁମାର ନନ୍ଦ ଓ ମଦନ ଜେନା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ଏବଂ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମୋନାଲିସା ତ୍ରିପାଠୀ ସ୍ୱାଗତ ଭାଷଣ, ସତ୍ୟବ୍ରତ କର ପରିଚୟ ପ୍ରଦାନ, ସାଇ ସ୍ମାରକୀ ଦାଶ ବିବରଣୀ ପାଠ ଓ ଜ୍ୟୋତି ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ଗୁରୁ ସମ୍ବର୍ଦ୍ଧନା ସମାରୋହ ପ୍ରସ୍ତୁତି

ଯାଜପୁର,୨୧।୮ (ସମିସ): ଭାରତର ପ୍ରାକ୍ତନ ରାଷ୍ଟ୍ରପତି ତଥା ମହାନ୍ ଦାର୍ଶନିକ ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୧୩୮ତମ ଜନ୍ମବାର୍ଷିକ ଉପଲକ୍ଷେ ରାଜ୍ୟସ୍ତରୀୟ ଗୁରୁସମ୍ବର୍ଦ୍ଧନା ସମାରୋହ-୨୦୨୫ ଆସନ୍ତା ସେପ୍ଟେମ୍ବର ୫ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତିଭବନ ପରିସରରେ ଅନୁଷ୍ଠିତ ହେବ। ସମାରୋହକୁ ଯାଜପୁର ବିଧାୟିକା ସୁଜାତା ସାହୁ ଶୁଭ ଉଦ୍‌ଘାଟନ କରୁଥିବା ବେଳେ ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ମୁଖ୍ୟଅତିଥି, ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ନଗେନ୍ଦ୍ର କୁମାର ପ୍ରଧାନ ମୁଖ୍ୟବକ୍ତା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗୌତମ ରାୟ ଓ କଳିଙ୍ଗନଗର ଜନଜୀବନ ସୁରକ୍ଷା ପରିଷଦ ସଭାପତି ପ୍ରଶାନ୍ତ ରାୟ ବିଶିଷ୍ଟ ଅତିଥି, ଓଡ଼ିଶା ଡିଏଭି ସ୍କୁଲ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଓ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡା. ସତ୍ୟନାରାୟଣ ରାଉତରାୟ ବରେଣ୍ୟ ଅତିଥି, ବାଲେଶ୍ୱରର ପ୍ରାକ୍ତନ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ଓ କବି ହେମନ୍ତ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ସମାଜସେବା କ୍ଷେତ୍ରରେ ଜୀବନବ୍ୟାପୀ ଉତ୍ସର୍ଗୀକୃତ ସେବା ଓ ସାଧନା ନିମନ୍ତେ ଓଡ଼ିଶାର ୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯିବ। ଏତଭିନ୍ନ




ଦକ୍ଷତାର ସହିତ ଶିକ୍ଷାଦାନ ନିମନ୍ତେ "ଆଦର୍ଶ ଗୁରୁ ସମ୍ମାନ-୨୦୨୫' ଓ ସମାଜସେବା ଓ ଜନହିତକର କାମରେ କାର୍ଯ୍ୟରତ ସାହିତ୍ୟାନୁରାଗୀ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ "ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ। ଏଥିପାଇଁ "ଓଡ଼ିଶା ସାରସ୍ୱତ ସମାବେଶ ମଞ୍ଚ'ର ସଭାପତି ସାହିତ୍ୟିକ ଘନ ପରିଡାଙ୍କ ପୌରୋହିତ୍ୟରେ ଯାଜପୁର ଟାଉନସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ପୂର୍ବାହ୍ନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ସାହିତ୍ୟିକ ନିତ୍ୟାନନ୍ଦ ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ଧରଣୀଧର ମହାପାତ୍ର, ସୁରେନ୍ଦ୍ର ରାୟ, ଉଦୟ ନାଥ ମାଝୀ, ବିଜୟ ମୋହନ ରାୟ, ଡ. ସୁଦର୍ଶନ ବେହେରା, କାମାକ୍ଷା ପ୍ରସାଦ ନନ୍ଦ, ସେକ୍ ଅବଦୁଲ ସାଜିଦ୍, କବି ପ୍ରଭାତ ମଲ୍ଲିକ, ଗାଳ୍ପିକ ରମେଶ ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସମାରୋହର ସଫଳ ରୂପାୟନ ପାଇଁ ଏକ ଅଭ୍ୟର୍ଥନା କମିଟି ଗଠିତ ହେଲା। ଏଥିରେ ପ୍ରଫେସର ଡା. ସତ୍ୟନାରାୟଣ ରାଉତରାୟ ଅଧ୍ୟକ୍ଷ, ସାହିତ୍ୟିକ ଘନ ପରିଡ଼ା ମହାସଚିବ, ଶିକ୍ଷାବିତ୍ ଧରଣୀଧର ମହାପାତ୍ର, ସୁରେନ୍ଦ୍ର ରାୟ, ସମାଜସେବୀ ଦେବେନ୍ଦ୍ର ପଣ୍ଡା, ଡ ରବୀନ୍ଦ୍ର କୁମାର ପରିଡ଼ା, ଗାଳ୍ପିକ ରମେଶ ପଣ୍ଡା ଓ ଆଇନଜୀବୀ ସମରେନ୍ଦ୍ର ଦାସଙ୍କୁ ଉପାଧ୍ୟକ୍ଷ, ଡ. ସୁଦର୍ଶନ ବେହେରା ସାଧାରଣ ସଂପାଦକ, କାମାକ୍ଷା ପ୍ରସାଦ ନନ୍ଦଙ୍କୁ ସଂଗଠନ ସଂପାଦକ ଓ ଗୁରୁପ୍ରସାଦ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଏହି ସମାରୋହରେ ରାଜ୍ୟର ୨ ଶହ ପ୍ରତିନିଧି ଯୋଗଦେବେ ଓ ସେମାନଙ୍କ ରାତ୍ରରହଣି ଓ ଖାଦ୍ୟପେୟର ସମସ୍ତ ବ୍ୟବସ୍ଥା କରାଯିବ ବୋଲି କମିଟିର ମହାସଚିବ ଶ୍ରୀ ପରିଡ଼ା ସୂଚନା ଦେଇଥିଲେ।

# ପ୍ରମିଳାଙ୍କ ହସ୍ତକ୍ଷେପ ଫଳରେ ଚାଷୀଙ୍କୁ ମିଳିଲା ବୀମା

ପ୍ରୀତିପୁର,୨୧।୮ (ସମିସ): ବିଞ୍ଝାରପୁର ବ୍ଲକ୍‌ର କେତେକ ରାଜସ୍ୱ ଗ୍ରାମରେ ବନ୍ଦୋବସ୍ତ ଚୂଡ଼ାନ୍ତ ହୋଇ ନଥିବା ଅଞ୍ଚଳର ଚାଷୀମାନେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ ହେବାପାଇଁ ନାନାଦି ସମସ୍ୟାର ସାମ୍ନା କରୁଥିଲେ। ବିଗତ ବର୍ଷରେ ଅଫଲାଇନ୍‌ରେ ବୀମା କରିବା ପାଇଁ କେତେକ ଚାଷୀ ସୁଯୋଗ ପାଇଥିବା ବେଳେ କେତେକ ବଞ୍ଚିତ ହୋଇଥିଲେ। ଚଳିତ ବର୍ଷ ଫସଲବୀମାର ସମୟ ଜୁଲାଇ ୩୧ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା। ପୁନଶ୍ଚ ବନ୍ଦୋବସ୍ତ ଚୂଡ଼ାନ୍ତ ହୋଇ ନଥିବା ଅଞ୍ଚଳର ଚାଷୀମାନଙ୍କର ଅଫଲାଇନ୍‌ରେ ବୀମା କରିବା ନିମନ୍ତେ ନୀତିଗତ ଗାଇଡ୍‌ଲାଇନ ନଥିବା ଯୋଗୁ ଏହି ଅଞ୍ଚଳର ଚାଷୀମାନେ ଜୁଲାଇ ୩୧ ମଧ୍ୟରେ ପ୍ରଧାନମନ୍ତ୍ରୀ ଫସଲ ବୀମୀ କରିବାରୁ ବଞ୍ଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ବୀମା କରିବାର ଅବଧି ବୃଦ୍ଧି ହେବାରୁ ବୀରଭଦ୍ର ସାମଲଙ୍କ ନେତୃତ୍ୱରେ ପର୍ଶୁରାମ ସାହୁ, ଆକୁଳି ସାହୁ, କମଳାକାନ୍ତ ପଣ୍ଡା, ଅଞ୍ଜନ ପତି, ଅକ୍ଷୟ ଜେନା ପ୍ରମୁଖ ଚାଷୀମାନେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ସାକ୍ଷାତକରି ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଏନେଇ ବିଧାୟିକା ପ୍ରମିଳା ମଲ୍ଲିକ ପ୍ରଶାସନ ଓ ବୀମା କମ୍ପାନୀ ସହିତ ଯୋଗାଯୋଗ କରାଯାଇଥିଲା। ପରେ ବୀମା କମ୍ପାନୀ ପକ୍ଷରୁ କର୍ମଚାରୀ ପଠାଯାଇ ବିଞ୍ଝାରପୁର ବ୍ଲକ ପରିସରରେ ଚାଷୀମାନଙ୍କ ଠାରୁ ଆବେଦନପତ୍ର ସହିତ ଆନୁସଙ୍ଗିକ କାଗଜପତ୍ର ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି। ଚାଷୀମାଙ୍କର ବୃହତ୍ ସ୍ୱାର୍ଥ ରକ୍ଷାରେ ପ୍ରଶାସନ ଓ ବିଧାୟିକାଙ୍କର ପ୍ରମୁଖ ଭୂମିକା ପାଇଁ କୃଷକନେତା ବୀରଭଦ୍ର ସାମଲ, ତରୁଣ କୁମାର ସ୍ୱାଇଁ, ଆକୁଳି ସାହୁ, ପ୍ରଶାନ୍ତ କୁମାର ନାୟକ, ବିଜୟ ରାଉତ, ସୁଶାନ୍ତ କୁମାର ମଲ୍ଲିକ, ହରେକୃଷ୍ଣ ଦାସ, ବାସୁଦେବ ସାମଲ, ଦେବେନ୍ଦ୍ର କୁମାର ସ୍ୱାଇଁ, ସନାତନ ମଲିକଙ୍କ ସମେତ ଶତାଧିକ ଚାଷୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅନଲାଇନ୍ ଗେମ୍‌ରେ ହାରିବାରୁ ଜୀବନ ହାରିଲେ ଯୁବକ

ବରୀ,୨୧।୮ (ସମିସ): ଯାଜପୁର ଜିଲ୍ଲା ବରୀ ଥାନା ଅଧୀନ ବାଇଁଶିରିଆ ପଞ୍ଚାୟତରେ ଅଭାବନୀୟ ଘଟଣା ଘଟିଛି। ୧୦ ନମ୍ବର ୱାର୍ଡର କାଳନ୍ଦୀ ସାହୁଙ୍କ ଏକମାତ୍ର ପୁଅ ସୋମନାଥ ସାହୁ (୩୫) ଅନଲାଇନ୍ ଗେମ୍ ଖେଳି ଲକ୍ଷାଧିକ ଟଙ୍କା ହାରିଯିବା ପରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ସୋମନାଥ ଗତକାଲି ରାତିରେ ଘର ପାଖ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ଆଜି ସକାଳୁ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେପଟେ ଖବରପାଇ ବରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ କରୁଛି। ସୋମନାଥ ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅ ହୋଇଥିବା ବେଳେ ତାଙ୍କ ବିୟୋଗରେ ପୁରା ପରିବାର ଭାଙ୍ଗି ପଡିଛନ୍ତି। ସୋମନାଥଙ୍କର ୬ ବର୍ଷର ଗୋଟିଏ ପୁଅ ଥିବା ଜଣାପଡିଛି।

## ଗାନ୍ଧୀ ବିଚାର: ସବୁ ସମସ୍ୟାର ଉପଚାର ଶୀର୍ଷକ ଆଲୋଚନାଚକ୍ର

# ଗାନ୍ଧିଜୀ ବିଂଶ ଶତକର ସର୍ବଶ୍ରେଷ୍ଠ ମାନବ

ଯାଜପୁର,୨୧।୮ (ସମିସ):

ଗାନ୍ଧୀଙ୍କର ବିବେଚନା ଏକ ଆତ୍ମିକ ଶକ୍ତିର ଉତ୍ସ। ଏଥିପାଇଁ ଗାନ୍ଧୀ ବିଚାରର ବିଭିନ୍ନ ଦିଗକୁ ନେଇ ସମଗ୍ର ବିଶ୍ୱରେ ଚାଲିଛି ବ୍ୟାପକ ଗବେଷଣା ଓ ପ୍ରୟୋଗ। ତେଣୁ ଗାନ୍ଧୀଜୀଙ୍କୁ ବିଂଶ ଶତକର ସର୍ବଶ୍ରେଷ୍ଠ ମାନବ ରୂପେ ବିବେଚନା କରାଯାଇଛି ବୋଲି ବହୁ ବିଶିଷ୍ଟ ବକ୍ତାମାନେ ମତ ଦେଇଛନ୍ତି। ଗାନ୍ଧୀଜୀଙ୍କର ଦ୍ୱିତୀୟବାର ଓଡ଼ିଶାଗସ୍ତର ଶତବାର୍ଷିକୀ ଉପଲକ୍ଷେ "ବିରଜା ସଂସ୍କୃତିକ ପରିଷଦ' ପକ୍ଷରୁ "ଗାନ୍ଧୀ ବିଚାର ସବୁ ସମସ୍ୟାର ଉପଚାର' ଶୀର୍ଷକ ଏକ ଆଲୋଚନାଚକ୍ର ଗତକାଲି ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଯାଜପୁର ଟାଉନସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଭବନଠାରେ ଅନୁଷ୍ଠିତ ହୋଇଥିଲା।



ପରିଷଦର ସଭାପତି ସାହିତ୍ୟିକ ନିତ୍ୟାନନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ "କ୍ରାନ୍ତି କାମୋଦୀ କଳ୍କୀ'ର ସଂପାଦକ ଘନପରିଡ଼ା ମୁଖ୍ୟ ଅତିଥି ଓ "ରକ୍ ପେବୁଲ୍ସ'ର ସଂପାଦକ ଉଦୟନାଥ ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନୁରୋଧକ୍ରମେ "ଉତ୍କଳ ଟେନେରୀ' ପରିଦର୍ଶନ କରିବାକୁ ଗାନ୍ଧୀଜୀ ମୁଖ୍ୟତଃ ଓଡ଼ିଶାକୁ ଦ୍ୱିତୀୟବାର ଆସିଥିବାବେଳେ ଅଗଷ୍ଟ ୧୯ ତାରିଖରେ କଟକ ଚାଉଳିଆଗଞ୍ଜ ଠାରେ ଖଦିବୁଣାକେନ୍ଦ୍ର ଓ ସ୍ୱରାଜ୍ୟ ଆଶ୍ରମରେ ଥିବା ସୂତା କଟାକେନ୍ଦ୍ର ପରିଦର୍ଶନ କରିଥିଲେ ଓ ଅଗଷ୍ଟ ୨୦ ତାରିଖରେ କଟକ ମ୍ୟୁନିସ୍ପାଲିଟି ହତାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ସୁରେନ୍ଦ୍ର ରାୟ, ଧରଣୀଧର ମହାପାତ୍ର, କବି ପ୍ରଭାତ ମଲ୍ଲିକ, ଡ. ସୁଦର୍ଶନ ବେହେରା, ସେକ୍ ଅବଦୁଲ ସାଜିଦ୍ ଓ କାମାକ୍ଷା ପ୍ରସାଦ ନନ୍ଦ ପ୍ରମୁଖ ଗାନ୍ଧୀ ବିଚାର ଓ ଦର୍ଶନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ।

# ଥାଲାସେମିଆ ରୋଗ ନିୟନ୍ତ୍ରଣ ପାଇଁ ଜନସଚେତନା ଆବଶ୍ୟକ

ଯାଜପୁର,୨୧।୮ (ସମିସ): ଶିଶୁମାନଙ୍କ ସୁସ୍ଥ ଜୀବନଯାପନ ପାଇଁ ଜାତୀୟ ଏବଂ ରାଜ୍ୟସ୍ତରରେ ସେମାନଙ୍କ ପାଇଁ ପୋଲିଓ, ଟିଟାନସ୍, ହୁପିଂ କାଶ, ଡିପ୍ଥେରିଆ ଇତ୍ୟାଦି ରୋଗର ନିୟନ୍ତ୍ରଣ ଓ ପ୍ରତିରୋଧ ମୂଳକ କାର୍ଯ୍ୟକ୍ରମ ଓ ଯୋଜନା ବ୍ୟବସ୍ଥା ରହିଛି। କିନ୍ତୁ ଦୀର୍ଘ ୩୦ବର୍ଷ ହେଲା ବିଭିନ୍ନ ଜିଲ୍ଲାରେ ଏହି ରୋଗର ପ୍ରାଦୁର୍ଭାବ ଦେଖାଯାଇଛି। ଏହି ମାରାତ୍ମକ ରୋଗ ହେତୁ ଅକାଳରେ କେତେକ ପିଲା ମୃତ୍ୟୁବରଣ କରୁଛନ୍ତି। କେବଳ ଯାଜପୁର ଜିଲ୍ଲାରେ ୩୨୫ଟି ଚିକିତ୍ସିତ ଥାଲାସେମିଆ ରୋଗୀ ମଧ୍ୟରେ ୧୨ଜଣଙ୍କର ଅକାଳରେ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କର ଜୀବନ ରକ୍ଷା ପାଇଁ ସରକାରଙ୍କ ତରଫରୁ କୌଣସି ଯୋଜନା କିମ୍ବା କାର୍ଯ୍ୟକ୍ରମ ହେଉନାହିଁ ବୋଲି ଅଭିଯୋଗ ହେଉଛି। ଗତ ୨୦ବର୍ଷ ହେଲା ଯାଜପୁର ଜିଲ୍ଲାର ରୋଟାରିଆନ ବିଶେଷଜ୍ଞ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ରେଡକ୍ରସ ବ୍ଲଡ୍ ବ୍ୟାଙ୍କ ମେଡିକାଲ ଅଫିସର ବଦାନ୍ୟ ବ୍ୟକ୍ତି ମାନଙ୍କ ଉଦ୍ୟମରେ ଜିଲ୍ଲା ଥାଲସେମିଆ ସୋସାଇଟି ଗଠନ କରାଯାଇ ସେମାନଙ୍କ ପାଇଁ ପ୍ରତିମାସରେ ବ୍ଲଡ ଡୋନେସନ କ୍ୟାମ୍ପ ଏବଂ ରକ୍ତ କ୍ରୟ ମୂଲ୍ୟ ସହିତ ଗସ୍ତ ଖର୍ଚ୍ଚ ବହନ କରାଯାଉଥିଲା। କିନ୍ତୁ ୨୦୧୮ ମସିହାରୁ ଭାରତ ସରକାରଙ୍କ ସେମାନଙ୍କୁ ମାସିକ ଭତ୍ତା ପ୍ରଦାନ, ରାଜ୍ୟ ସରକାର ମେଡିକାଲ ଯିବା ଆସିବା ଗସ୍ତ ଖର୍ଚ୍ଚ ବହନ କରିବା ସହିତ ଭାରତୀୟ ରେଡକ୍ରସ ବ୍ଲଡ ବ୍ୟାଙ୍କ ମାଗଣା ରକ୍ତ ଯୋଗାଣ କରୁଅଛନ୍ତି। ଜିଲ୍ଲା ଥାଲାସେମିଆ ସୋସାଇଟିର କାର୍ଯ୍ୟକ୍ରମ ହ୍ରାସ ପାଇଥିଲେ ମଧ୍ୟ ରାଜ୍ୟ ସରକାର ଅକାଳରେ ମୃତ୍ୟୁ ବରଣ କରୁଥିବା ନିରିହ ଶିଶୁମାନଙ୍କ ପାଇଁ ବିଶେଷ ଧ୍ୟାନ ଦେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଯୋଜନା, ପ୍ରସ୍ତୁତ କରିବା ନିମିତ୍ତ ଯାଜପୁର ଜିଲ୍ଲା ଥାଲାସେମିଆ ସୋସାଇଟିର ସମ୍ପାଦକ ପରମାନନ୍ଦ ନାୟକ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଏଥିପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଥାଲାସେମିଆ ରୋଗୀ ମାନେ ବିଶେଷ ଭାବେ ଉପକୃତ ହେବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ଜଗନ୍ନାଥପୁର ନାରାୟଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ମଧ୍ୟାହ୍ନଭୋଜନ ବନ୍ଦ; ଉପାସରେ ଛାତ୍ରଛାତ୍ରୀ

ବାସୁଦେବପୁର,୨୧।୮ (ସମିସ)

ବାସୁଦେବପୁର ବ୍ଲକ ଜଗନ୍ନାଥପୁର ନାରାୟଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ ଦିନ ହେଲା ମଧ୍ୟାହ୍ନ ଭୋଜନ ବନ୍ଦ ଯୋଗୁଁ ଛାତ୍ରଛାତ୍ରୀ ଉପାସରେ ରହୁଛନ୍ତି। ତେଣୁ ବ୍ଲକ ଶିକ୍ଷାଧିକାରୀ ତୁରନ୍ତ ଶିଶୁଙ୍କୁ ସୁଖିଲା ଖାଦ୍ୟ ଯୋଗାଇ ଦେବାକୁ ଦାବି ହେଉଛି। ପିଏମ୍ ପୋଷଣ କାର୍ଯ୍ୟକ୍ରମରେ କୁନି କୁନି ଶିଶୁଙ୍କୁ ମଧ୍ୟାହ୍ନ ଭୋଜନରେ ପୃଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ସୂଚନାଯୋଗ୍ୟ ଯେ, ଜଗନ୍ନାଥପୁର ଗ୍ରାମର ନାରାୟଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏ ୨୦୧ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବଣ୍ଟନ ଦାୟିତ୍ୱ ଭଦ୍ରକର ଦାମୋଦର ଜୀଉ ସେବା ସଂସ୍ଥାକୁ ପ୍ରଦାନ କରାଯାଇଛି। ସୋମବାର ପିଲାଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିଲା;ହେଲେ ଜଣେ ଛାତ୍ରୀଙ୍କ ଖାଦ୍ୟ ଥାଳିରୁ ଏକ କେଚଣ୍ଡି ବାହାରିଥିଲା ବୋଲି ଅଭିଯୋଗ ହୋଇଥିଲା। କେଚଣ୍ଡି ଦେଖି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଘୃଣା ଭାବ ସୃଷ୍ଟି ହୋଇଥିଲା। ଏପରିକି କିଛି ପିଲା ଭାତ ତରକାରୀ ନଷ୍ଟ କରିଥିଲେ।ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସେଠୀ ଖାଦ୍ୟର ମାନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଦାମୋଦର ଜୀଉ ସଂସ୍ଥା ସହିତ କଥା ହୋଇ ଖାଦ୍ୟ ବନ୍ଦ କରିଦେଇଥିଲେ।

**ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ଦାବି**

ତିନିଦିନ ଧରି ଖାଦ୍ୟ ବନ୍ଦ ରହିଥିବାରୁ ଛାତ୍ରଛାତ୍ରୀ ଉପାସରେ ଘରକୁ ଫେରୁଛନ୍ତି। ତେବେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଛି ଯେ କେଚଣ୍ଡି ଆସିଲା କେଉଁଠୁ। ଏ ସମ୍ପର୍କରେ ଦାମୋଦର ଜୀଉ ସଂସ୍ଥାର ମୁଖ୍ୟ ପରିଚାଳକଙ୍କୁ ଯୋଗାଯୋଗ କରିବାରୁ ଆମ ସେଣ୍ଟ୍ରାଲ କିଚେନ ସମ୍ପୂର୍ଣ୍ଣ



ଜୀବାଣୁ ମୁକ୍ତ। ସ୍କୁଲରେ ଖାଦ୍ୟ ରଖିବା ପରେ କେଚଣ୍ଡି ପଡିଥାଇପାରେ। ଆମ ଗରମ ତରକାରୀରେ ପଡିଥିଲେ ସିଝି ଯାଇଥାନ୍ତା। ଖାଦ୍ୟ ପ୍ରଦାନ କରିବା ପରେ ଯଦି କିଛି ପୋକ, ଜୋକ, କେଚଣ୍ଡି ପଡେ ବିଦ୍ୟାଳୟର ଖାଦ୍ୟ ପରସିବା ଦାୟିତ୍ୱରେ ଥିବା ପାଚିକା ଓ ସହାୟିକା ଦାୟୀ ବୋଲି ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ବହୁ ସମୟରେ ଖାଦ୍ୟ ନ ଘୋଡାଇବା ଆଦି ଅସାବଧାନତା ଯୋଗୁଁ ପୋକ ପଡିଥାନ୍ତି। ଏହି କେଚଣ୍ଡି ପଡିବା କାହାର ଅସାବଧାନତା। ଯଦି କେହି ଜାଣିଶୁଣି କୌଣସି ଉଦ୍ଦେଶ୍ୟ ରଖି କେଚଣ୍ଡି ପକାଇଛନ୍ତି ତାହା ତଦନ୍ତ ସାପେକ୍ଷ। ଏ ନେଇ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ଅଭିଯୋଗ ମିଳିବା ପରେ ତଦନ୍ତ କରି ଡିଇଓଙ୍କୁ ରିପୋର୍ଟ ପ୍ରଦାନ କରିଛୁ। ନିର୍ଦ୍ଦେଶ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ସ୍କୁଲର ଶହ ଶହ କୁନି କୁନି ଶିଶୁ ଭୋକ ଉପାସରେ ଫେରୁଛନ୍ତି। ତେଣୁ ପରବର୍ତ୍ତୀ ପଦକ୍ଷେପ ପର୍ଯ୍ୟନ୍ତ ବିଇଓ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ

ଭଦ୍ରକ,୨୧।୮ (ସମିସ): ଜିଲ୍ଲା ସଦର ମହକୁମା ଦିବ୍ୟମ ପରିସରରେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ପୌରୋହିତ୍ୟରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ହୋଇଛି। ଏହି ଦିବସଟିକୁ ପ୍ରଥମେ ୧୯୯୧ ମସିହରେ ଯୁକ୍ତରାଷ୍ଟ୍ର ଆମେରିକା ଆରମ୍ଭ କରିଥିବା ବେଳେ ସାରା ବିଶ୍ୱ ଆଜି ମଧ୍ୟ ପାଳନ କରିଆସୁଛନ୍ତି ବୋଲି ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଏହାର ଉଦ୍ଦେଶ୍ୟରେ ସମାଜରେ ବରିଷ୍ଠମାନଙ୍କ ମହତ୍ୱ ଏବଂସରକାଙ୍କୁ ବାର୍ତ୍ତା ଦେବାରେ ଏକ ସର୍ବୋତ୍ତମ ମାଧ୍ୟମ। ବରିଷ୍ଠଙ୍କ ଜ୍ଞାନ ଜୀବନର ଅଭିଜ୍ଞତା ଏବଂ ମୂଲ୍ୟବୋଧକୁ ସମ୍ମାନ ଜଣାଇବା ସହ ଜୀବନର



ଅବଶିଷ୍ଟ ସମୟକୁ ସମ୍ମାନର ସହ ବଞ୍ଚିବାର ପ୍ରେରଣା ଯୋଗାଏ। ଏହି ସ୍ମୃତିକୁ ବର୍ଷକରେ ଥରେ ମନେ ପକାଇବା ପାଇଁ ଆମ ଜିଲ୍ଲାର ବରିଷ୍ଠ ନାଗରିକ ସମବେତ ହୋଇ ପାଳନ କରୁଥିବାରୁ ଆଜି ଦିନ ବରିଷ୍ଠଙ୍କ ପାଇଁ ଏକ ସ୍ମରଣୀୟ ଦିବସ ବୋଲି ଆଲୋଚନା କରିଥିଲେ। ଏଥିରେ କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ଉପଦେଷ୍ଟା ମଧୁସୂଦନ ସାହୁ, ଅଜୟକୁମାର ନାୟକ, ଇନ୍ଦ୍ରମଣି ପଣ୍ଡା, କୋଷାଧକ୍ଷ ବିଜୟ ସେନାପତି, କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ନାୟକ, ବୈଲୋଚନ ବେହୁରିଆ, ଶାନ୍ତିଲତା ବାରିକ,ସଂଗୀତା ଦେ, ବାବୁଲାଲ ଦାସ, ଲକ୍ଷ୍ମଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

● ୩ ବର୍ଷ ହେଲା ଖରାବର୍ଷାରେ ପଡିଛି ଆଖଣ୍ଡଳମଣିଙ୍କ ଦାନହୁଣ୍ଡି

# ନଷ୍ଟ ହେବାକୁ ବସିଛି ଲକ୍ଷାଧିକ ଟଙ୍କା

ଭଦ୍ରକ/ଆରଡି,୨୧।୮ (ସମିସ): ଭଦ୍ରକ ଜିଲ୍ଲା ଆରଡି ପୀଠର ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ଭିଡ ଲାଗିଥାଏ। ଆଗନ୍ତୁକ ଶ୍ରଦ୍ଧାଳୁ ବାବାଙ୍କୁ ଦର୍ଶନ କରିବା ସହ ମାନସିକ ସ୍ୱରୂପ ହୁଣ୍ଡିରେ ଟଙ୍କା, ସୁନା, ରୁପା ଆଦି ଆଦି ଦାନ କରିଥାନ୍ତି। ଏହି ଦାନହୁଣ୍ଡିକୁ ପ୍ରତି ୨/୩ ମାସରେ ଖୋଲାଯାଇ ଗଣତିମଣତି ପରେ ବ୍ୟାଙ୍କରେ ଜମା



କରାଯାଇଥାଏ। ଏପରିକି ଉକ୍ତ ଦାନଟଙ୍କାରେ ବାବାଙ୍କ ପର୍ବପର୍ବାଣି ସହ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟରେ ଲାଗିଥାଏ। ହେଲେ ମନ୍ଦିର ପରିଚାଳନା କମିଟିର ଅଣଦେଖା ଯୋଗୁ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ମନ୍ଦିର ଭିତର ବେଢା ଉତ୍ତର ପାଶ୍ୱର୍ରେ ଥିବା ଦାନହୁଣ୍ଡି ଅଚଳ ଅବସ୍ଥାରେ ପଡିରହିଛି। ଏହି ଅଚଳ ହୁଣ୍ଡିକୁ ଭଙ୍ଗା ଯାଇ ଟଙ୍କା ବାହାର କରାଯିବା ପାଇଁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁ ତାହା ଆଜି ପର୍ଯ୍ୟନ୍ତ ଖୋଲାଯାଇନାହିଁ। ଖୋଲା ଆକାଶ ତଳେ ହୁଣ୍ଡି ପଡ଼ି ରହିଥିବାରୁ ଲକ୍ଷାଧିକ ଟଙ୍କା ବର୍ଷାରେ ଭିଜିବା ସହ ଖରାରେ ସିଜୁଛି। ଏପରି ଅବ୍ୟବସ୍ଥାକୁ ନେଇ ଭକ୍ତଙ୍କ ମନରେ ଘୋର ଆଘାତ ସୃଷ୍ଟି କରିଛି। ଏ ନେଇ ମନ୍ଦିର ନିର୍ବାହୀ ଅଧିକାରୀ ବିଦ୍ୟାଧର ପଲାଇଙ୍କୁ ପଚାରିବାରୁ ମ୍ୟାନେଜିଂ ଟ୍ରଷ୍ଟିଙ୍କ ନିଷ୍ପତ୍ତି କ୍ରମେ ତହସିଲଦାର ଓ ପୁଲିସଙ୍କ ଉପସ୍ଥିତିରେ ଖୋଲାଯିବ ବୋଲି କହିଛନ୍ତି। ଅନ୍ୟପଟେ ଦୀର୍ଘଦିନ ହେବ ମନ୍ଦିର ପରିଚାଳନା କମିଟି ବୈଠକ ବସୁ ନ ଥିବାରୁ ମନ୍ଦିରରେ ବିଭିନ୍ନ ସମସ୍ୟା ଦେଖା ଦେବା ସହ ବେନିୟମ ଭାବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବା ସଭ୍ୟମାନେ କହିଛନ୍ତି।

● ପ୍ରଶାସନକୁ ମାଫିଆଙ୍କ ବେଖାତିର

# ବେଧଡକ୍ ଚାଲିଛି ବାଲି ଚାଲାଣ; ଗ୍ରାମ୍ୟ ରାସ୍ତା ନଷ୍ଟ

ବନ୍ତ/ଆଗରପଡ଼ା,୨୧।୮ (ସମିସ): ଗ୍ରାମ୍ୟ ରାସ୍ତାଦେଇ ବେଆଇନ ଭାବେ ବଡ଼ ବଡ଼ ହାଇୱାରେ ରାତିଦିନ ବାଲି ଚାଲାଣ ହେଉଥିବାରୁ ଗ୍ରାମବାସୀ ଓ ପଥଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବର୍ଷାକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲ୍ଲାର ସମସ୍ତ ବାଲି ଘାଟଗୁଡ଼ିକୁ ଅକ୍ଟୋବର ୧୫ତାରିଖ ପର୍ଯ୍ୟନ୍ତ ବନ୍ଦ କରାଯାଇଥିବା ନେଇ ନିର୍ଦ୍ଦେଶନାମା ଜାରି ହୋଇଥିଲେ ସୁଦ୍ଧା ବାଲି ଉତ୍ତୋଳନଳ ଅନବରତ ଚାଲିଛି। ହାଟଡିହି ତହସିଲ ଅଞ୍ଚଳର ଗିରିଗାଁ, ଅମୃତପୁର, ଡିମିରିଆ, ହାବଳେଶ୍ୱର, ଗୋବିନ୍ଦପୁର ସମେତ ବିଭିନ୍ନ ବେଆଇନ ବାଲି ଘାଟରୁ ମାଫିଆମାନେ ଦୈନନ୍ଦିନ ହାଇୱା ଯୋଗେ



ବାଲି ବୋଝେଇ କରି ଗ୍ରାମ୍ୟ ରାସ୍ତାରେ ପରିବହନ କରୁଥିବା ଅଭିଯୋଗ ହୋଇଛି। ମାଫିଆମାନେ ଡ଼ଅଁର ରାସ୍ତାରେ ବନ୍ତ ତହସିଲ ବନ୍ତ-ଓଳମ ଗ୍ରାମ୍ୟ ରାସ୍ତାରେ ଆସି ନିଳୋକ ରାସ୍ତା ଦେଇ ବାରିକପୁରରେ ପହଞ୍ଚି ବିଭିନ୍ନ ସ୍ଥାନକୁ ବାଲି ଚୋରା ଚାଲାଣ କରୁଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ସେହିପରି ମାଫିଆମାନେ ଚତୁରତାର ସହ ଚଷାଖଣ୍ଡ ଗେଡ଼ମା ଗାଁ ଦେଇ ଭଣ୍ଡାରିପୋଖରୀ ତହସିଲ କୋଟିକାପଦୀ-ନାଆଁମୀ କଲେଜ ମଞ୍ଜୁରୀରୋଡ଼ ଦେଇ ସିଧାସଳଖ ଭଣ୍ଡାରିପୋଖରୀ ୧୬ନଂ ଜାତୀୟ ରାଜପଥରେ ପହଞ୍ଚି ବିଭିନ୍ନ ଜିଲ୍ଲାକୁ ବାଲି ଚାଲାଣ କରୁଛନ୍ତି। ଫଳରେ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। ଏପରିକି ଗ୍ରାମ୍ୟ ରାସ୍ତା ଦେଇ ବାଲି ବୋଝେଇ ଭାରୀଯାନ ଚାଲାଣ ଯୋଗୁଁ ବନ୍ତ-ଆଗରପଡ଼ା, ବନ୍ତ-ଭଦ୍ରକ ଆଦି ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗ୍ରାମ୍ୟ ରାସ୍ତାରେ ଚୋରା ବାଲି ଚାଲାଣକୁ ସମ୍ପୁର୍ଣ୍ଣ ବନ୍ଦ କରିବାକୁ ଦାବି ଜୋର୍ ଧରିଛି।

**ଅନୁଦାନ ଦାବିରେ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ**

# ଚାନ୍ଦବାଲି କଲେଜରେ ପାଠପଢ଼ା ବ୍ୟାଘାତ

ଭଦ୍ରକ,୨୧।୮ (ସମିସ): ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ନିଷ୍ପତ୍ତି କ୍ରମେ ରାଜ୍ୟର ମହାବିଦ୍ୟାଳୟଗୁଡିକରେ ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନେତୃତ୍ୱରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମ ଛାଡ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମ ଛାଡ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଗତ ୧୮ ତାରିଖରୁ ତିନି ଦିନ ହେଲାଣି କଲମ ଛାଡ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିରହିଛନ୍ତି ଅଧ୍ୟାପକ ଓ ଅଧ୍ୟାପିକା। ଫଳରେ କଲେଜରେ ଶିକ୍ଷାଦାନ ସହିତ



ଅନ୍ୟାନ୍ୟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏବେ ପରୀକ୍ଷା ଥିବା କାରଣରୁ ପିଲାମାନେ ହଇରାଣ ହେଉଥିବା ନେଇ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଦାନ ଦାବିରେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଆନ୍ଦୋଳନ କରିଥିଲା। ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଓଡ଼ିଶାର ସମସ୍ତ କଲେଜରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ଏହି କ୍ଷେତ୍ରରେ ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀମାନେ କଲେଜ ପରିସରରେ ଧାରଣା ଦେବା ସହ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ଅନୁଦାନ ଘୋଷଣା ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ଏହି ଅବସରରେ ଚାନ୍ଦବାଲି ମହାବିଦ୍ୟାଳୟ ୪୦ରୁ ଉର୍ଦ୍ଧ୍ୱ କର୍ମଚାରୀ ମଧ୍ୟ ସମାନ କାର୍ଯ୍ୟକୁ ସମାନ ଦରମା ପାଇଁ ଦାବି କରିଛନ୍ତି। ଦୀର୍ଘ ବର୍ଷ ଧରି ଦରମା ପାଉ ନାହାନ୍ତି। ଅଗାମୀ ଦିନରେ ସରକାର ଦାବି ପୂରଣ ନ କରନ୍ତି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଖାଲଖମାରେ ଭର୍ତ୍ତି ଆଗରପଡ଼ା-ମୁଣ୍ଡଳି ରାସ୍ତା



ବନ୍ତ/ଆଗରପଡ଼ା, ୨୧।୮ (ସମିସ): ଆଗରପଡ଼ା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରୁ ମୁଣ୍ଡଳୀ ପର୍ଯ୍ୟନ୍ତ ୫ କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଆବଶ୍ୟକୀୟ ମରାମତି ଅଭାବରୁ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଦୀର୍ଘ ବର୍ଷ ଧରି ଖରାପ ହୋଇପଡ଼ିବା ପରେ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ଏଥିନେଇ ଲୋକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା; ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁଁ କିଛିବର୍ଷ ପରେ ପୁଣି ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଯାଇଛି। ରାସ୍ତାରେ ଗାଡ଼ିମଟର ଯିବା ଦୂରେଥାଉ ଖାଲି ପାଦରେ ଯିବା ମଧ୍ୟ ସମ୍ଭବପର ହେଉନାହିଁ। ଲଗାଣ ବର୍ଷାରେ ଖାଲ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମିରହି ଡେଙ୍ଗୁକୁ ଆମନ୍ତ୍ରଣ କଲାଣି। ବିଭିନ୍ନ ଗାଁର ଶତାଧିକ ଲୋକ ପ୍ରତିଦିନ ଏହି ରାସ୍ତା ଦେଇ ଯାଆଆସ କରୁଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ସାମ୍ବାଦିକଙ୍କ ମାତୃ ବିୟୋଗ



ଭଦ୍ରକ,୨୧।୮ (ସମିସ): ଭଦ୍ରକର ବରିଷ୍ଠ ସାମ୍ବାଦିକ ସଞ୍ଜୟ ଦାସଙ୍କ ମାତା କୁସୁମଲତା ଦାସଙ୍କ ଗୁରୁବାର ସକାଳେ ହୃଦଘାତରେ ପରଲୋକ ଘଟିଛି। ସେ କିଛିଦିନ ହେବ ଚରମ୍ପା ୫ ନଂ ୱାର୍ଡ ପଥରଆଡ଼ି ସ୍ଥିତ ନିଜ ଘରେ ରହି ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା। ସେ ଜଣେ ମେଳାପୀ ଓ ଧର୍ମପ୍ରାଣ ମହିଳା ଭାବେ ପରିଚିତ ଥିଲେ। ଚରମ୍ପା ସ୍ଥିତ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ପ୍ରବୀର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ସମେତ ଜିଲ୍ଲାର ବହୁ ସାମ୍ବାଦିକ ଓ ବହୁ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ପହଞ୍ଚି ଗଭୀର ଶୋକ ପ୍ରକାଶ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ୫ ମାସ ହେଲା ବେତନରୁ ଗୋଷ୍ଠୀ ସଂଯୋଜିକା ବଞ୍ଚିତ

ବାରିକପୁର,୨୧।୮ (ସମିସ): ଓଡିଶା ଜୀବିକା ମିଶନ ତଥା ମିଶନ ଶକ୍ତି ଦ୍ୱାରା ପରିଚାଳିତ ଏବଂ ନିଯୁକ୍ତ ହୋଇଥିବା ପଞ୍ଚାୟତ ସ୍ତରୀୟ ଗୋଷ୍ଠୀ ସଂଯୋଜିକାମାନେ ୫ ମାସ ହେଲା ବେତନରୁ ବଞ୍ଚିତ ହୋଇଛନ୍ତି। ସରକାର ଏଥିରେ ୬ଟି କ୍ୟାଡରକୁ ଅନ୍ତର୍ଭୁକ୍ତ କରିଥିବା ବେଳେ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ଆଦି କର୍ମଚାରୀ ରହିଛନ୍ତି। ଏବେ ସମସ୍ତ କର୍ମଚାରୀଙ୍କୁ କାମ ଅନୁସାରେ ପ୍ରୋତ୍ସାହନ ବାବଦ ପ୍ରାପ୍ୟ ପ୍ରଦାନ କରିବାକୁ ସରକାର ନୂତନ ବ୍ୟବସ୍ଥା ପ୍ରଚଳନ କରିଥିବା ବେଳେ ମାସିକିଆ ବେତନରୁ ବଞ୍ଚିତ କରାଯାଇଛି। ଯାହାକି ଗୋଷ୍ଠୀ ସଂଯୋଜିକା ଙ୍କ ପାଇଁ ପ୍ରତାରଣା ସଦୃଶ ବୋଲି ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ରମାନେ ମାସକୁ ମାସ ଦରମା ପାଉନାହାନ୍ତି। ତେଣୁ ମହିଳା କର୍ମଚାରୀମାନେ ପାଞ୍ଚ ମାସ ଧରି ଦରମା ନପାଇ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଛନ୍ତି। ଏପଟେ କର୍ମଚାରୀମାନେ ପ୍ରୋତ୍ସାହନ ରାଶି ଗ୍ରହଣ କରୁନାହାନ୍ତି। ଏ ନେଇ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ବିଡିଓ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଆଗାମୀ ଦିନରେ ସରକାର କୌଣସି ପଦକ୍ଷେପ ନ ଗ୍ରହଣ କରନ୍ତି ତାହାହେଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ବର୍ଷୀଆନ ମଞ୍ଚ ନିର୍ଦ୍ଦେଶକଙ୍କ ପରଲୋକ



ବାରିକପୁର,୨୧।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ ପଞ୍ଚାୟତ ସୁନାହାର ଗ୍ରାମର ବର୍ଷିଆନ କଳାକାର ତଥା ମଞ୍ଚ ନିର୍ଦ୍ଦେଶକ ସୁରେନ୍ଦ୍ର ଜେନା (୬୭) ଙ୍କ ପରଲୋକ ଘଟିଛି। ସେ ଗତ ଶନିବାର ଅସୁସ୍ଥ ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ କଟକ ସ୍ଥିତ ଏକ ଘରୋଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ; ହେଲେ ବୁଧବାର ତାଙ୍କର ପରଲୋକ ହୋଇଯାଇଛି। ସେ ଜଣେ ଧର୍ମ ପରାୟଣ, ମେଳାପି, ପରୋପକାରୀ ଓ ମଞ୍ଚ କଳାକାର ଭାବେ ବେଶ ଜଣାଶୁଣା ଥିଲେ। ପୂର୍ବରୁ ବିଭିନ୍ନ ଯାତ୍ରା ଅନୁଷ୍ଠାନରେ ଅଭିନୟ କରିଥିବା ବେଳେ ସଂପ୍ରତି ଦୀର୍ଘ ବର୍ଷ ହେବ ଆଖପାଖ ଅଞ୍ଚଳର ଗ୍ରାମ୍ୟମଞ୍ଚରେ ଜଣେ ସଫଳ ନାଟ୍ୟ ନିର୍ଦ୍ଦେଶକ ଭାବେ ବେଶ ପରିଚିତ ଥିଲେ। ଏହାଛଡା ଅନେକ ଧାର୍ମିକ ଅନୁଷ୍ଠାନ ସହିତ ମଧ୍ୟ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ କଳାକାର ଓ ସାମାଜିକ ଅନୁଷ୍ଠାନ ବ୍ୟକ୍ତି ବିଶେଷଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିଶେଷ ଦର୍ଶନ କରିଥିଲେ। ଗାଁ ମଶାଣିରେ ଶେଷ କୃତ୍ୟ ସଂପନ୍ନ ହୋଇଥିବା ବେଳେ ପୁତ୍ର ବ୍ରଜକିଶୋର ମୁଖାଗ୍ନି ଦେଇଥିଲେ।

# ଖବର ପ୍ରକାଶ ପରେ ବିଦ୍ୟୁତ୍ ତାର ସ୍ଥାନାନ୍ତର

ବନ୍ତ/ଆଗରପଡ଼ା,୨୧।୮ (ସମିସ): ଫେବୃଆରୀ ୨୫ ତାରିଖ 'ବିଦ୍ୟାଳୟ ଉପରେ ୧୧କେଭି ବିଦ୍ୟୁତ୍ ତାର; ଅଭିଯୋଗର ୨ବର୍ଷ ପରେ ବି ପଦକ୍ଷେପ ଶୂନ୍' ଶୀର୍ଷକ ଏକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଦ୍ୟାଳୟ ପରିସର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ ତାର ସ୍ଥାନାନ୍ତରଣର ପ୍ରକ୍ରିୟା ଆରମ୍ଭ ବିଭାଗ ପକ୍ଷରୁ ହୋଇଛି। ବନ୍ତ ବ୍ଲକ ଓଡ଼ଙ୍ଗ କ୍ଲଷ୍ଟର ଅଧୀନ ୧୯୬୮ ମସିହାରେ ସ୍ଥାପିତ ସରକାରୀ ସଂଯୁକ୍ତ ମଙ୍ଗୁଲି ଉ.ପ୍ରା.ବିଦ୍ୟାଳୟ ପରିସର ଦେଇ ୧୧କେଭି ବିଦ୍ୟୁତ ତାର ଯାଇଥିବାରୁ ଏହା ପିଲାଙ୍କ ଜୀବନ ପ୍ରତି



**ସକାଳ ପ୍ରଭାବ**

ବିପଦ ସୃଷ୍ଟି କରିବା ସହ ଖେଳ କ୍ଷେତ୍ରରେ ଘୋର ବ୍ୟାଘାତ ସୃଷ୍ଟି କରୁଛି। ବିଭିନ୍ନ ସମୟରେ ଉଚ୍ଚପଦାଧିକାରୀ ମାନେ ଏହି ବିଦ୍ୟାଳୟକୁ ପରିଭ୍ରମଣରେ ଆସୁଥିଲେ ସୁଦ୍ଧା ଏଥିପ୍ରତି ଦୃଷ୍ଟି ନଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ଏଥି ପାଇଁ ଅଭିଭାବକ ସବୁ ବେଳେ ଚିନ୍ତାରେ ରହୁଛନ୍ତି। ଏହି ସମସ୍ୟାକୁ ନେଇ ଛାତ୍ରଛାତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀ ଗତ ବର୍ଷ ୨୦୨୩ ମାର୍ଚ୍ଚ ମାସରେ ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲାପାଳ,ବିଡ଼ିଓ ଏବଂ ବିଇଓ ଏଥିନେଇ ଅବଗତ କରାଇଥିଲେ। ଅଭିଯୋଗକୁ ଇତି ମଧ୍ୟରେ ଦୁଇ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳିନିର୍ଦ୍ଦେଶ କରୁଛି। ସରକାରୀ ସ୍ତରରେ ବିଦ୍ୟାଳୟଗୁଡ଼ିକର ଉନ୍ନତିକରଣ କରାଯାଉଥିଲେ ସୁଦ୍ଧା ସ୍କୁଲ ମାନଙ୍କର ସଠିକ ରକ୍ଷଣାବେକ୍ଷଣ କରିବା ଓ ଏକ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ସହ ଅଧ୍ୟୟନ କ୍ଷେତ୍ରରେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ କରାଇବାରେ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେଲେ ଏହା ଶିକ୍ଷାର ମାନ ବୃଦ୍ଧି କରିବାରେ ସହାୟକ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ଆଶା ପ୍ରକଟ କରିଛନ୍ତି। ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ସହ ଗ୍ରାମବାସୀ ଦାବି କରୁଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା।



**ତଦନ୍ତ ଅନିଶ୍ଚିତତା; କର୍ମଚାରୀ ଗୋଷ୍ଠୀଙ୍କ ମଧ୍ୟରେ ଲାଗିରହିଛି ଉତ୍କଣ୍ଠା**

# ଛୁଟିରେ ଅଧୀକ୍ଷକ; ଦ୍ୱନ୍ଦ୍ୱ ବଢ଼ାଉଛି ସିଡିଏମଓ କାର୍ଯ୍ୟାଳୟ

ଭଣ୍ଡାରିପୋଖରୀ,୨୧।୮ (ସମିସ)

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କ ବିରୋଧରେ ବହୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କରିଥିବା ଅଭିଯୋଗ ଏବେ ତଦନ୍ତ ନେଇ ପ୍ରହେଳିକା ସୃଷ୍ଟି ହୋଇଛି। ଦୀର୍ଘ ଦେଢ ମାସ ପୂର୍ବରୁ ହୋଇଥିବା ଏହି ଅଭିଯୋଗକୁ ଚପାଇବା ପାଇଁ ସିଡିଏମଓ କାର୍ଯ୍ୟାଳୟର ଉଦ୍ୟମ ଫସର ଫାଟିବା ପରେ ଏବେ ତଦନ୍ତର ଭେଳିକି ଚାଲୁ ରହିଛି। ଏହି ଅଭିଯୋଗ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ହୋଇଥିଲା। ସି.ଡି.ଏମ.ଓ. କାର୍ଯ୍ୟାଳୟ ବାଧ୍ୟବାଧ୍ୟକତାରେ ତଦନ୍ତ ପାଇଁ ଗତ ୫ ଓ ୬ ତାରିଖରେ ଅଭିଯୋଗକାରୀ ସିଏଚଓ. ଓ ଅଧୀକ୍ଷକଙ୍କଠାରୁ ସନ୍ଦେହ ଜନକ ଭାବେ ବୟାନ ରେକର୍ଡ କରିଥିଲା। ତଦନ୍ତକୁ ଭିନ୍ନ ମୋଡ ଦେବା ପାଇଁ ଅଧୀକ୍ଷକଙ୍କ ଅନୁଗତ ସ୍ୱାସ୍ଥ୍ୟକର୍ମୀ ଗୋଷ୍ଠୀ ସି.ଏଚ.ଓ.ଙ୍କ ବିରୋଧରେ ଆଣିଥିବା ସଦ୍ୟ ଅଭିଯୋଗକୁ ମୂଳ ତଦନ୍ତ ସହ ଯୋଡି ଦିଆଯାଇ ସି.ଡି.ଏମ.ଓ. କାର୍ଯ୍ୟାଳୟ ତଦନ୍ତ ପ୍ରକ୍ରିୟାକୁ ଅଯାଚିତ ଭାବେ ଦୀର୍ଘ କରାଯାଇଛି। ଏଥିପାଇଁ ଗତ ୧୧ ତାରିଖରେ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରୁ ୨ଟି ବୋଲେରୋ ଯୋଗେ ସ୍ୱାସ୍ଥ୍ୟକର୍ମୀମାନେ ସି.ଡି.ଏମ.ଓ. କାର୍ଯ୍ୟାଳୟକୁ ଯାଇ ବୟାନ ଦେଇଥିବା ଜଣାଯାଇଛି। ପୁନଶ୍ଚ ୧୨ ତାରିଖରେ ସ୍ୱାସ୍ଥ୍ୟକେନ୍ଦ୍ରର ଅର୍ଥ ପରିଚାଳନା କର୍ମଚାରୀମାନେ ନିର୍ଦ୍ଦେଶ ମୁତାବକ ସି.ଡି.ଏମ.ଓ. କାର୍ଯ୍ୟାଳୟକୁ ଯାଇ ତଦନ୍ତରେ ସାମିଲ ହୋଇଥିବା ଜଣାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରଙ୍କଠାରୁ ସି.ଡି.ଏମ.ଓ. କାର୍ଯ୍ୟାଳୟ ବୟାନ ରେକର୍ଡ କରାଯିବ ବୋଲି ଶୁଣାଯାଉଛି। ଗତ ୧୩ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଅଧୀକ୍ଷକ ଡା. ସ୍ୱାଇଁଙ୍କ ବିରୋଧରେ ଏଭଳି ତଦନ୍ତ ହେବା ପ୍ରଥମ ଘଟଣା। ପୂର୍ବରୁ ସବୁ ଅଭିଯୋଗକୁ ଅକାମୀ କରିଦେଉଥିବା ଡା. ସ୍ୱାଇଁ ଏବେ ତଦନ୍ତକୁ ନେଇ ବିଚଳିତ ହେବା ସହ ଗତ ୮ ଦିନ ଧରି ଛୁଟିରେ ରହିଥିବା ଜଣାଯାଇଛି। ଏଥିସହ ବହୁ ଗୋଷ୍ଠୀରେ ବିଭାଜିତ ହୋଇ ପରସ୍ପରକୁ ଅକଳରେ ପକାଉଥିବା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଗୋଷ୍ଠୀ ତଦନ୍ତର ଫଳାଫଳକୁ ନେଇ ଉତ୍କଣ୍ଠା ମଧ୍ୟରେ ରହିଥିବାରୁ ରୋଗୀସେବା ଉପରେ ଏହାର କୁପ୍ରଭାବ ପରିଲକ୍ଷିତ ହୋଇଛି। ଡା. ସ୍ୱାଇଁଙ୍କ ସମୟରେ ଗୋଷ୍ଠୀସ୍ୱାସ୍ଥ୍ୟ କର୍ମଚାରୀଙ୍କ ମଧ୍ୟରେ ପାରସ୍ପରିକ ଅବିଶ୍ୱାସ ଓ ସନ୍ଦେହ ଲାଗି ରହି ବିଶୃଙ୍ଖଳିତ ଭାବ ଦେଖାଦେଇଛି। ସମ୍ପ୍ରତି ତଦନ୍ତ ସମୟରେ ଡା.ସ୍ୱାଇଁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ଅଧୀକ୍ଷକ ଭାବେ ପୁନଃ କାର୍ଯ୍ୟ ଆରମ୍ଭ କଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୃଙ୍ଖଳା ଫେରିବ ନାହିଁ ବୋଲି ତଦନ୍ତ ସମୟରେ ଖୋଦ କର୍ମଚାରୀମାନେ ମତଦେଇଛନ୍ତି ବୋଲି ଚର୍ଚ୍ଚା ଲାଗି ରହିଛି। ଅନ୍ୟପକ୍ଷରେ ସି.ଡି.ଏମ.ଓ. କାର୍ଯ୍ୟାଳୟ ତଦନ୍ତରୁ ନ୍ୟାୟ ମିଳିବ ନାହିଁ ବୋଲି ପୂର୍ବାନୁମାନ କରି ସି.ଏଚ.ଓ.ମାନେ ପରିବର୍ତ୍ତୀ ପଦକ୍ଷେପ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ତଦନ୍ତ ଅନ୍ତିମ ପର୍ଯ୍ୟାୟରେ ରହିଛି। ଅଳ୍ପ ଦିନ ମଧ୍ୟରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସିଡିଏମଓ ଡା. ଉମାଚରଣ ବିଶ୍ୱାଳ କହିଛନ୍ତି।

### ଚାଷୀ ପଞ୍ଜୀକରଣରେ ସାଜି ପଟ୍ଟା ସମସ୍ୟା

# ଚଳିତ ବର୍ଷ ଜିଲ୍ଲାରେ କମିବ ପଞ୍ଜୀକରଣ

ନୟାଗଡ଼, ୨୧।୮ (ସମିସ)

ଚାଷୀଙ୍କୁ ଅକଳରେ ପକାଇଛନ୍ତି ସରକାର। ଏବର୍ଷ ଖରିଫ୍ ଚାଷୀ ପଞ୍ଜୀକରଣକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟାକୁ ନେଇ ପଞ୍ଜୀକରଣ ସଂଖ୍ୟାରେ ଆଶାତୀତ ହ୍ରାସ ଘଟିବ ବୋଲି ଅନୁମାନ କରାଯାଉଛି। ଜିଲ୍ଲାରେ ବିଗତ ବର୍ଷଗୁଡ଼ିକୁ ଲକ୍ଷ୍ୟ କଲେ ଚଳିତ ବର୍ଷ ସଂଖ୍ୟା ଆଶାତୀତ ଭାବେ ହ୍ରାସ ଘଟିବ। ଅନେକ ଚାଷୀ ସାଜି ପଟ୍ଟା ପାଇଁ ଦୋ'ଛକିରେ ଠିଆ ହୋଇଥିବାବେଳେ ଧାନ ବିକ୍ରି କରିବା ସମ୍ଭାବନା ସେମାନଙ୍କ ପାଇଁ କ୍ଷୀଣ ହୋଇଯାଇଛି।

୨୦୨୩ରେ ଜିଲ୍ଲାରେ ୫୮ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ ହୋଇଥିଲା। ୨୦୨୪ରେ ୫୫ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ ହୋଇଥିଲା। ଚଳିତ ବର୍ଷ ୨୧ ତାରିଖ ସନ୍ଧ୍ୟା ସୁଦ୍ଧା ନୟାଗଡ଼ ଜିଲ୍ଲାର ବିଭିନ୍ନ ପାକ୍ସ ଜରିଆରେ ହୋଇଥିବା ପଞ୍ଜୀକରଣ ସଂଖ୍ୟା ୪୮ ହଜାର ୧୩୦ ବୋଲି ଜିଲ୍ଲା ଯୋଗାଣ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ରାଜ୍ୟ ସରକାର ଅଗଷ୍ଟ ୨୦ ତାରିଖ ମଧ୍ୟରେ ଚାଷୀ ପଞ୍ଜୀକରଣ କରିବା ପାଇଁ ଧାର୍ଯ୍ୟ କରିଥିଲେ। ପଞ୍ଜୀକରଣ ଅବଧିକୁ ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତଥାପି ଆଶାତୀତ ସଫଳତା ମିଳିବା ସମ୍ଭାବନା ନ ଥିବା ଅନୁମାନ କରାଯାଉଛି। ନୟାଗଡ଼ ଜିଲ୍ଲାର ୧୫୩ ପାକ୍ସରେ ପଞ୍ଜୀକରଣ କାର୍ଯ୍ୟ ଚାଲିଥିବାବେଳେ ସାଜି ପଟ୍ଟା, ଠାକୁରଙ୍କ ଜମିଗୁଡ଼ିକ ପଞ୍ଜୀକରଣ ପାଇଁ ଚାଷୀମାନେ ବ୍ୟାପକ ସମସ୍ୟା ଭୋଗୁଛନ୍ତି। ଅନେକ ସ୍ଥାନରେ ଗାଁ ମାଲିକାନାରେ ରହିଥିବା କୋଠ ଜମି ପଞ୍ଜୀକରଣ ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ଅନେକ ଜମି ପଞ୍ଜୀକରଣ ସମୟରେ ଆଧାର ଭାଲିଡେସନ୍ ହେଉନଥିବା ଦେଖିବାକୁ ମିଳିଛି। ଉକ୍ତ ଜମିକୁ ପଞ୍ଜୀକରଣ କରାଯାଇଥିଲେ ମଧ୍ୟ ଟୋକନ ମିଳିବ କି ନାହିଁ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ଭାଇ ଭାଗ ଥିବା ଜମିଗୁଡ଼ିକ ବିବାଦ ମଧ୍ୟରେ ଛନ୍ଦି ହୋଇ ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ପଡୁଥିବା ଦେଖାଯାଇଛି। ଚାଷୀ ପଞ୍ଜୀକରଣ ସଂଖ୍ୟା ହ୍ରାସ ସହ ପଞ୍ଜୀକୃତ ଜମି ସଂଖ୍ୟା ମଧ୍ୟ ଅନେକ ପରିମାଣରେ ହ୍ରାସ ଘଟୁଛି। ଜେଜେବାପା ଓ ଅଣଜେଜେବାପାଙ୍କ ନାମରେ ରହିଥିବା ଜମିକୁ କିଭଳି ପଞ୍ଜୀକରଣ କରାଯିବ ବୋଲି ଏଯାଏଁ ସମିତି ସମ୍ପାଦକ ଓ ଡିଇଓ ବୁଝିପାରୁ ନାହାନ୍ତି। ପଞ୍ଜୀକରଣକୁ ନେଇ ରହିଥିବା ଅନେକ ଦ୍ୱନ୍ଦ୍ୱ ମଧ୍ୟରେ ଭୁଲ୍‌ଭାଲ୍ ହେଲେ ସମ୍ପାଦକ ଦାୟୀ ରହିବା ସମ୍ଭାବନା ରହିଛି। ଯେଉଁଥିପାଇଁ ସମ୍ପାଦକମାନେ କୌଣସି ରିସ୍କ ନେବାକୁ ଚାହୁଁନାହାନ୍ତି। ଅନ୍ୟପକ୍ଷେ, ସରକାରଙ୍କ ଏ ବିଚିତ୍ର ନୀତି ପାଇଁ ଚଳିତ ବର୍ଷ ଜିଲ୍ଲାରେ ଧାନକିଣାରେ ମଧ୍ୟ ହ୍ରାସ ଘଟିବ ବୋଲି ଏବେଠାରୁ ଅନୁମାନ ହେଲାଣି। ଜିଲ୍ଲାରେ ୨୦୨୪-୨୫ ଖରିଫ୍ ଋତୁ ଧାନକିଣା ୧୭ ହଜାର କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଆଗାମୀ ବର୍ଷ ତଥା ୨୦୨୫-୨୬ ଧାନକିଣା ହ୍ରାସ ଘଟିବ ବୋଲି ଅନୁମାନ କରାଯାଉଛି। ଚାଷୀଙ୍କ ହାତରେ ୪ ଦିନ ସମୟ ରହିଥିବାବେଳେ ଅନେକ ଚାଷୀ କିଭଳି ପଞ୍ଜୀକରଣ କରିବେ ବୋଲି ଦ୍ୱନ୍ଦ୍ୱ ଭିତରେ କାଳାତିପାତ କରୁଛନ୍ତି।

## ପ୍ରେମିକାକୁ ଉଠାଇଆଣି ମଙ୍ଗନ ଦିନ ଯୁବକ ନିଖୋଜ



ଖଣ୍ଡପଡ଼ା, ୨୧।୮ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀଛେଲି ଗ୍ରାମର ଯୁବକ ବିଶେଶ୍ୱର ପଣ୍ଡା (୨୩) ବୁଧବାରଠାରୁ କେଉଁଆଡ଼େ ନିଖୋଜ ନେଇ ଫତେଗଡ଼ ଥାନାରେ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି ବାପା ପ୍ରହଲ୍ଲାଦ ପଣ୍ଡା। ପ୍ରହଲ୍ଲାଦଙ୍କ ଲିଖିତ ଅଭିଯୋଗକ୍ରମେ ଫତେଗଡ଼ ଥାନାରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ନିଖୋଜ ବିଶେଶ୍ୱରଙ୍କର ଗୁରୁବାର ବାହାଘର ହୋଇଥା'ନ୍ତା। କିନ୍ତୁ ମଙ୍ଗନ ଦିନ ତାଙ୍କର ନିଖୋଜ ନେଇ ବିଭିନ୍ନ ସନ୍ଦେହ ଉପୁଜିଛି।

ମିଳିଥିବା ସୂଚନା ଅନୁଯାୟୀ, ଯୁବକ ଜଣକ ଭୁବନେଶ୍ୱରରେ ଏକ ଟ୍ୟାକ୍ସି ଚଳାଇ ନିଜ ଗୁଜୁରାଣ ମେଣ୍ଟାଉଥିବାବେଳେ ସେଠାରେ କେନ୍ଦ୍ରାପଡ଼ାର ଜନୈକା ଯୁବତୀ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏ ଘଟଣା ଉଭୟଙ୍କ ଘର ଲୋକ ଜାଣିବା ପରେ ସେମାନଙ୍କ ଭଲ ପାଇବାକୁ ସମର୍ଥନ ଜଣାଇ ଉଭୟଙ୍କୁ ବିବାହ କରେଇବା ପାଇଁ ମନସ୍ଥ କରିଥିଲେ। ବୁଧବାର ମଙ୍ଗନ ତିଥି ଥିଲା। ଏନେଇ କନ୍ୟା ସହିତ ତାଙ୍କ ପରିବାରର କିଛି ଲୋକ ଆସି ପୁଅ ଘରେ ପହଞ୍ଚିଥିଲେ। ପୁଅ ଘର ପକ୍ଷରୁ ଗ୍ରାମର କିଛି ଲୋକଙ୍କୁ ଭୋଜି ମଧ୍ୟ ଦିଆଯାଇଥିଲା। ଗୁରୁବାର ବିଶେଶ୍ୱରଙ୍କ ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ମାତ୍ର ବିଶେଶ୍ୱର ବୁଧବାର ଅପରାହ୍ଣରେ ଏକ ବାଇକ୍ ଯୋଗେ ଗ୍ରାମରୁ ବାହାରି କୌଣସି କାର୍ଯ୍ୟରେ ନିକଟସ୍ଥ ବାହାଡ଼ା ଛକକୁ ଯାଇ ଆଉ ଘରକୁ ଫେରିନଥିବା ପରିବାର ବର୍ଗଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ପ୍ରେମିକାକୁ ଉଠାଇ ଆଣି ମଙ୍ଗନ ଦିନ ଯୁବକ ଫେରାର୍ ହେବା ଘଟଣା ସମଗ୍ର ଅଞ୍ଚଳରେ କୌତୁହଳ ସୃଷ୍ଟି ହୋଇଥିବାବେଳେ ପୁଅର ନିଖୋଜ ନେଇ ପରିବାର ବର୍ଗ ଆଶା ଓ ଆଶଙ୍କାରେ ଦିନ କାଟୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବାହାଘର ବନ୍ଦ ହୋଇଯିବା ଫଳରେ କନ୍ୟାପକ୍ଷ ଲୋକ ଘଟଣା ସମ୍ପର୍କରେ ସୂଚନା ପାଇ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ସମ୍ପର୍କୀୟ ରାଣୀଛେଲି ଗ୍ରାମରେ ଗୁରୁବାର ଆସି ପହଞ୍ଚିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଥିବାବେଳେ ବୁଧବାରଠାରୁ ନିଖୋଜ ଯୁବକଙ୍କର କୌଣସି ସନ୍ଧାନ ମିଳୁ ନ ଥିବାରୁ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ତେବେ ଯୁବକ ନିଖୋଜ ହେବା ପଛରେ କ'ଣ ରହସ୍ୟ ରହିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ପାଇଁ ନୟାଗଡ଼ ଜିଲ୍ଲା ଏସ୍‌ପି ଦୃଷ୍ଟି ଦେବାକୁ ଦାବି ହେଉଛି।

## ବୃଦ୍ଧାଙ୍କୁ ଦୁଷ୍କର୍ମ ଘଟଣା; ଅଭିଯୁକ୍ତ ଗିରଫ

ନୟାଗଡ଼/ଦଶପଲ୍ଲା, ୨୧।୮ (ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଦଶପଲ୍ଲା ଏନ୍‌ଏସି ଅନ୍ତର୍ଗତ ଏକ ସାହିରେ ରହୁଥିବା ଜନୈକା ୭୫ ବର୍ଷିୟା ବୃଦ୍ଧା ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦଶପଲ୍ଲା ମାଳିସାହିର ଅଲେଖ ମହାରଣା। ଅଲେଖ କଚେରୀ ବଜାରରେ ଏକ ହୋଟେଲ କରିଛନ୍ତି। ଗତ ୧୪ ତାରିଖ ଅପରାହ୍ଣରେ ଅସହାୟ ବୃଦ୍ଧା ଜଣକ ତାଙ୍କ ଘରେ ଥିବାବେଳେ ଅଲେଖ ତାଙ୍କ ଘରକୁ ଯାଇ ଜୋର୍‌ଜବରଦସ୍ତ କରିଥିଲେ। ଏନେଇ ଘଟଣାଦିନ ବୃଦ୍ଧା ଥାନାକୁ ଅଭିଯୋଗ କରିବାକୁ ଆସିଥିଲେ ମଧ୍ୟ ପୁଲିସ ତାଙ୍କ କଥାକୁ ଗ୍ରହଣ କରିନଥିଲା। ଏପରକି ବୃଦ୍ଧାଙ୍କଠାରୁ ଏତଲା ମଧ୍ୟ ରଖିନଥିଲା। ଯାହାକୁ ନେଇ ବୃଦ୍ଧା ବିଚାରପତିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିଥିଲେ। ବିଚାରପତିଙ୍କ ହସ୍ତକ୍ଷେପ ଓ ପରାମର୍ଶ କ୍ରମେ ବରିଷ୍ଠ ପୁଲିସ ଅଧିକାରୀଙ୍କ ନିର୍ଦ୍ଦେଶରେ ଦଶପଲ୍ଲା ଥାନାରେ ମାମଲା ରୁଜୁ ହୋଇଥିଲା। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ତଦନ୍ତଭାର ନେଇଥିବାବେଳେ ଗୁରୁବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଜିଲ୍ଲା କଂଗ୍ରେସ କମିଟି ସାଂଗଠନିକ ବୈଠକ

ଓଡ଼ଗାଁ, ୨୧।୮ (ସମିସ): ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଓଡ଼ଗାଁ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଜିଲ୍ଲା କଂଗ୍ରେସ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶା କଂଗ୍ରେସ ପ୍ରଦେଶ ପର୍ଯ୍ୟବେକ୍ଷକ ଅଖିଳ ଭାରତ କଂଗ୍ରେସ କମିଟି କିଷାନ କଂଗ୍ରେସର ଜାତୀୟ ସଂଯୋଜକ ଯୋଗଦେଇ ଓଡ଼ଗାଁ ବ୍ଲକ କଂଗ୍ରେସ ସଂଗଠନକୁ କ୍ରିୟାଶୀଳ କରିବା ନିମନ୍ତେ ଉପସ୍ଥିତ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଆଗାମୀ ବୈଠକରେ ବ୍ଲକ କଂଗ୍ରେସ କମିଟି ସହିତ ସଭାପତି ଚୟନ ପାଇଁ ବିଭିନ୍ନ ବର୍ଗର କାର୍ଯ୍ୟକର୍ତ୍ତାଙ୍କଠାରୁ ମତାମତ ଗ୍ରହଣ କରିଥିଲେ। ଓଡ଼ଗାଁ ବ୍ଲକ ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ନାଏକ, ଜିଲ୍ଲା ପୂର୍ବତନ ସଭାପତି ରଣଜିତ ଦାଶ, ବରିଷ୍ଠ ନେତା ମନୋଜ ସାହୁ, ବିଭୁପ୍ରସାଦ ମିଶ୍ର, ପ୍ରତୀକ୍ ମହାପାତ୍ର, ନିରଞ୍ଜନ ତ୍ରିପାଠୀ, ଦେବରାଜ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ମଦନ ବିଶୋଇ, ଆଲୋକ ଚନ୍ଦ୍ର ପ୍ରଧାନ, ବିଭୁତି ରାଉତ ପ୍ରମୁଖ ଯୋଗଦେଇଥିଲେ।

## ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଖଣ୍ଡପଡ଼ା, ୨୧।୮ (ସମିସ): ବିଭିନ୍ନ ବେସରକାରୀ ଓ ଅଣ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ନିଯୁକ୍ତିକୁ ସରକାରୀ ଅନୁଦାନଭୁକ୍ତ କରିବା ଲାଗି ଓଡ଼ିଶା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ବାରମ୍ବାର ଦାବି ଉପସ୍ଥାପନା କରି ଆସୁଛନ୍ତି। ମାତ୍ର ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ ନ କରିବା କାରଣରୁ ସୋମବାରଠାରୁ ସାରା ରାଜ୍ୟରେ ମହାବିଦ୍ୟାଳୟ ପରିସରରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ାସ୍ଥିତ ଶ୍ରୀଶ୍ରୀ ଲଡୁକେଶ୍ୱରଜୀଉ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନେ ଶିକ୍ଷାଦାନ ବନ୍ଦ କରି କଲେଜ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ ଜାରି ରଖିଛନ୍ତି। ସେମାନଙ୍କ ଦାବି ମୁତାବକ ସରକାର ତୁରନ୍ତ ସେମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବାର ଚୂଡ଼ାନ୍ତ ନିଷ୍ପତ୍ତି ନିଅନ୍ତୁ ନଚେତ୍ କୌଣସି ଅପ୍ରିତିକର ପରିସ୍ଥିତି ଲାଗି ସରକାର ଦାୟୀ ରହିବେ ବୋଲି ଅଧ୍ୟାପକ ଗୁଣନିଧି ଦାଶ ଓ ଦୈତାରୀ ପଣ୍ଡା ସୂଚନା ଦେଇଛନ୍ତି।

### ■ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ସମୀକ୍ଷା

## ମାତୃ ଓ ଶିଶୁମୃତ୍ୟୁ ହ୍ରାସ ଦିଗରେ ଗୁରୁତ୍ୱାରୋପ

ନୟାଗଡ଼, ୨୧।୮ (ସମିସ): ନୟାଗଡ଼ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିବା ସହିତ ସମସ୍ତ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ସଠିକ୍ ଭାବରେ ପହଞ୍ଚାଇବା ତଥା ଜିଲ୍ଲାକୁ ରାଜ୍ୟସ୍ତରରେ ଏକ ଉତ୍ତମ ସ୍ଥାନରେ ପହଞ୍ଚାଇବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଏହାସହିତ ସମସ୍ତ ସ୍ୱାସ୍ଥ୍ୟ ବିଭାଗର ଉପସ୍ଥିତ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ବିଶେଷକରି ତୃଣମୂଳସ୍ତରରେ ଯଥା- ମମତା ଦିବସ, ଟୀକାକରଣ ଦିବସ ଆଦିକୁ ଉତ୍ତମ ରୂପରେ ପରିଚାଳନା ପାଇଁ ଉଭୟ ଗୋଷ୍ଠୀ ତଥା ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁକୁ ହ୍ରାସ କରିବା ପାଇଁ ଆଶା ତଥା ସ୍ୱାସ୍ଥ୍ୟ କର୍ମୀଙ୍କୁ ଅନବରତ ତାଲିମ ଓ ସମୀକ୍ଷା କରିବା ଉପରେ ଜୋର୍ ଦେଇଥିଲେ। ସେହିଭଳି ଜିଲ୍ଲାରେ କନ୍ୟା ସନ୍ତାନ ଦିନକୁ ଦିନ ହ୍ରାସ ପାଇବା ବି ଏକ ଉଦ୍‌ବେଗଜନକ ବିଷୟ। ତେଣୁ ବିଭିନ୍ନ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକ ଉପରେ ଚଢ଼ଉ ତଥା ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ବିଭିନ୍ନ ସ୍ୱାସ୍ଥ୍ୟ ଗୃହ ନିର୍ମାଣଗୁଡ଼ିକ ଯଥାଶୀଘ୍ର ସମାପ୍ତ କରିବାକୁ ଉକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ ଦାସ, ଅନ୍ୟ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



### ■ କୁକୁଡ଼ା ଫାର୍ମ ଯୋଗୁଁ ପରିବେଶ ପ୍ରଦୂଷିତ ଘଟଣା

## ଅଭିଯୋଗ ପରେ ଉଚ୍ଚସ୍ତରୀୟ ତଦନ୍ତ

ଭାପୁର, ୨୧।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ କେନ୍ଦୁପଲ୍ଲୀ ଗ୍ରାମରେ ଥିବା ଏକ ଅଣ୍ଡାଦିଆ କୁକୁଡ଼ା ଫାର୍ମ ଯୋଗୁଁ ପରିବେଶ ନଷ୍ଟ ହେବା ସହ ଚାଷଜମି କ୍ଷତିଗ୍ରସ୍ତ ହେଉଥିବା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଜିଲ୍ଲାପାଳ ତହସିଲ୍‌ଦାର ଓ ପ୍ରାଣୀ ଚିକିତ୍ସା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ଏକ ତଦନ୍ତକାରୀ ଦଳ ସେଠାରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

କେନ୍ଦୁପଲ୍ଲୀ ଗ୍ରାମଠାରୁ ବେଲେଇଶୁଣୀ ମନ୍ଦିର ଯିବା ରାସ୍ତାକଡ଼ରେ ସେହି ଗ୍ରାମର ଜଣେ ବ୍ୟକ୍ତି କିଛି ବର୍ଷ ହେଲା ଏକ ଅଣ୍ଡାଦିଆ କୁକୁଡ଼ା ଫାର୍ମ କରିଛନ୍ତି। ଏହି ଫାର୍ମ ଯୋଗୁଁ ପରିବେଶ ନଷ୍ଟ ହୋଇ ଦୁର୍ଗନ୍ଧ ହୋଇ ସେହି ବାଟ ଦେଇ ଯିବାଆସିବା କଷ୍ଟକର ହେଉଛି। ଏହି ଫାର୍ମର ଦୂଷିତ ପାଣି ପୋଖରୀ ଗଡ଼ିଆରେ ମିଶିବା ଯୋଗୁଁ ଗ୍ରାମବାସୀମାନେ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ଏହି ଫାର୍ମର ଦୂଷିତ ପାଣି ଚାଷଜମିରେ ମାଡ଼ି ଚାଷଜମି କ୍ଷତିଗ୍ରସ୍ତ ହେଉଛି ବୋଲି ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ଗୁରୁବାର ଭାପୁର ତହସିଲ୍‌ଦାର ଅର୍ଜୁନ ପ୍ରଧାନ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ବସନ୍ତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅକ୍ଷୟ କୁମାର ଜେନା, ଭାପୁର ବ୍ଲକ ମୁଖ୍ୟ ଚିକିତ୍ସା ଅଧିକାରୀ ବିଭୁପ୍ରସାଦ ଶତପଥୀ, ଭାପୁର ଭ୍ରାମ୍ୟମାଣ ଚିକିତ୍ସା ଅଧିକାରୀ ଜ୍ୟୋତିର୍ମୟୀ ପାତ୍ର, ବାଉଁଶବାଟି ପ୍ରାଣୀଧନ ନିରୀକ୍ଷକ ଲକ୍ଷ୍ମୀକାନ୍ତ ସାହୁ, ଭାପୁର କୃଷି ଅଧିକାରିଣୀ ମୁକ୍ତିଲିନା ମୋନିକା ଓ ଭାପୁର ତହସିଲ୍‌ଦାର କାର୍ଯ୍ୟାଳୟର ଦୁଇଜଣ ଆର୍‌ଆଇ ଦୀର୍ଘ ୩ଘଣ୍ଟା ସମୟ ଧରି ଫାର୍ମ, ପୋଖରୀ, ଗଡ଼ିଆ ଓ ଧାନଜମି ପରୀକ୍ଷା କରି ଫେରିଛନ୍ତି। ଏନେଇ ଏକ ମିଳିତ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

## ଅଙ୍ଗନବାଡ଼ି ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ



ନୟାଗଡ଼, ୨୧।୮ (ସମିସ): ଭାରତୀୟ ମଜଦୁର ସଂଘ ସହବନ୍ଧିତ ଅଲ୍ ଓଡ଼ିଶା ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ଜିଲ୍ଲା ଶାଖା ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଅଙ୍ଗନବାଡ଼ି କର୍ମୀଙ୍କୁ ମାସିକ ୧୮ ହଜାର ଓ ସହାୟିକାଙ୍କୁ ୯ ହଜାର ଟଙ୍କା ଦରମା, ଅବସରକାଳୀନ ସହାୟତା, ପେନ୍‌ସନ୍, ପଦୋନ୍ନତି, ଅଙ୍ଗନବାଡ଼ି କେନ୍ଦ୍ରକୁ ସୁବ୍ୟବସ୍ଥିତ କରିବା ଭଳି ଦାବି ଉପସ୍ଥାପନ କରାଯାଇଛି। ଜିଲ୍ଲା ଶାଖା ସଭାନେତ୍ରୀ ଜ୍ୟୋସ୍ନାମୟୀ ପଣ୍ଡା, ସମ୍ପାଦିକା ଗୀତାଞ୍ଜଳି ସେଠୀ, କୋଷାଧ୍ୟକ୍ଷ ବାସନ୍ତି ପ୍ରଧାନ, ଉପସଭାପତି ମେନକା ପଲେଇ ଏବଂ ପ୍ରତ୍ୟେକ ବ୍ଲକର କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ଅପହଞ୍ଚ ଇଲାକାରେ ମେଲେରିଆ ନିରାକରଣ ସଚେତନତା

ଗଣିଆ, ୨୧।୮ (ସମିସ): ଗଣିଆ ବ୍ଲକର ସବୁଠାରୁ ମେଲେରିଆ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା ବଡ଼ସିଲିଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ମେଲେରିଆ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ଜାନକାଝୋଲା, ବେଦାଡି, ରେକାଡି, କୁମୁରି ଗ୍ରାମରେ ପ୍ରାୟ ୬୬ଜଣଙ୍କର ମେଲେରିଆ ପରୀକ୍ଷା କରାଯାଇଥିବା ବେଳେ ଗ୍ରାମବାସୀଙ୍କୁ ମେଲେରିଆ ନିରାକରଣ ଓ ସଚେତନତା ପାଇଁ ପରାମର୍ଶ ଦିଆଯାଇଥିଲା। ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା, ମଶାରି ବ୍ୟବହାର କରିବା, ଅନାବନା ଗଛଲତା ସବୁ ଓପାଡ଼ିଦେବା, ମଶାମାଛି ହେଉଥିବା ସ୍ଥାନରେ ବ୍ଲିଚିଂ ପାଉଡର ପକାଇବାକୁ ସଚେତନ କରିଥିଲେ। ଜ୍ୱର ହେଲେ ସଙ୍ଗେ ସଙ୍ଗେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସା କରିବାକୁ ପରାମର୍ଶ ଦେଇଥିଲେ। ଏହି ଅଞ୍ଚଳଗୁଡ଼ିକ ଘଞ୍ଚ ଜଙ୍ଗଲ ଭିତରେ ରହୁଥିବାରୁ ଏଠାରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀ ମଧୁସୂଦନ ଦାସଙ୍କ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁପରଭାଇଜର ବସନ୍ତ କୁମାର ଦାଶ, କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରିଣୀ ଦେବସ୍ମିତା ଘଡ଼େଇ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଦୟାନିଧି ଦାଶ, ମହିଳା ସ୍ୱାସ୍ଥ୍ୟକର୍ମୀ ଚନ୍ଦ୍ରକାନ୍ତି ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର

ଓଡ଼ଗାଁ, ୨୧।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୃଷି କାର୍ଯ୍ୟାଳୟଠାରେ ଆତ୍ମାର ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଅନ୍ତିମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ଗାଁ ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇ ଯୋଗଦେଇ



ଅଂଶଗ୍ରହଣକାରୀମାନଙ୍କୁ ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ପର୍କରେ ବୁଝାଇବା ସହିତ ମୃତକଙ୍କ ନାମ ଜମିଜମା ରେକର୍ଡରୁ କାଟି ଜୀବିତ ଉତ୍ତରାଧିକାରୀଙ୍କ ନାମ ଯୋଡ଼ିବା ନିମନ୍ତେ ଜନସଚେତନତା ପାଇଁ ପରାମର୍ଶ ଦେଇଥିଲେ। ଯଦ୍ୱାରା କି ଅଧିକ ସଂଖ୍ୟାରେ ଚାଷୀ ପ୍ରଧାନମନ୍ତ୍ରୀ କୃଷି ଯୋଜନା ସହାୟତା ପାଇବାକୁ ଯୋଗ୍ୟ ହୋଇପାରିବେ। କାରଣ ବର୍ତ୍ତମାନର ନିୟମ ଅନୁଯାୟୀ ନିଜ ନାମରେ ଚାଷ ଜମି ନ ଥିଲେ ଚାଷୀ ହୋଇଥିଲେ ମଧ୍ୟ ସେମାନେ ଯୋଜନାରୁ ବଞ୍ଚିତ ହେବେ। ଗୋଷ୍ଠୀ କୃଷି ଅଧିକାରୀ ପ୍ରତିଭା ପ୍ରଧାନଙ୍କ ଖରିଫ୍ ଋତୁରେ ଡିଜିଟାଲ ମାଧ୍ୟମରେ ଫସଲ ସର୍ବେକ୍ଷଣ ସମ୍ପାଦନ ପାଇଁ କାର୍ଯ୍ୟ ଯୋଜନା ମାନକ କାର୍ଯ୍ୟପ୍ରଣାଳୀ ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଯଶୋଦା ଯୋଜନା ଓ ଶିଶୁ ସୁରକ୍ଷା ସଚେତନତା

ନୟାଗଡ଼, ୨୧।୮ (ସମିସ): ନୟାଗଡ଼ ଜିଲ୍ଲା ପରିଷଦ ଡିପିଆର୍‌ସି ସମ୍ମିଳନୀ କକ୍ଷରେ ବିଭିନ୍ନ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସିବିୟନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିଶୁ ମଙ୍ଗଳ ସମିତି ସଦସ୍ୟ ପ୍ରକଶ ଗୋଛାୟତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଶାନ୍ତ କୁମାର ପାଲଟାସିଂ ତାଲିମଦାତା ଭାବେ ଯଶୋଦା ଯୋଜନା ଓ ବାଲ୍ୟ ବିବାହ, ଶିଶୁଚାଲଣ, ଶିଶୁ ଯୌନ ଅଧିନିୟମ ଅଧିକାର ବିଷୟରେ ଓ ଶିଶୁ ସୁରକ୍ଷା ଅଧିନିୟମ ଉପରେ ବିସ୍ତୃତ ଭାବେ କଲେଜ ଅଧ୍ୟକ୍ଷଙ୍କୁ ତାଲିମ ଦେଇଥିଲେ। କଲେଜରେ କିପରି ଶିଶୁମାନେ ନିଜକୁ ସୁରକ୍ଷିତ ମଣିବେ ଓ ବିଭିନ୍ନ ଯୋଜନା କିପରି



ସରକାରଙ୍କ ଦ୍ୱାରା ପାଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସତ୍ୟ ରଞ୍ଜନ ଦାସ ପରିଚାଳନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଚାଇଲ୍ଡ ଲାଇନ କର୍ମକର୍ତ୍ତା ଓ ଶିଶୁ ଅନୁଷ୍ଠାନ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବାବେଳେ ଅଣଆନୁଷ୍ଠାନିକ ଅଧିକାରିଣୀ ଶୈଳବାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତିଗତ ପରାମର୍ଶ କର୍ମଶାଳା




ନୟାଗଡ଼, ୨୧।୮ (ସମିସ): ନୟାଗଡ଼ ସୃଜନ ସମ୍ମିଳନୀ କକ୍ଷରେ ମାଟ୍ରିକ ଓ +୨ ପାସ କରିଥିବା ପିତୃମାତୃହୀନ ଓ ଏକକ ଅଭିଭାବକ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ଜିଲାସ୍ତରୀୟ ବୃତ୍ତିଗତ ପରାମର୍ଶ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସିବିୟନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି କର୍ମଶାଳାରେ ବିଭିନ୍ନ ବ୍ଲକ ଓ ସଦର ମହକୁମାରୁ ୧୫୦ରୁ ଅଧିକ ମାଟ୍ରିକ ଓ +୨ ପାସ୍ କରିଥିବା ପିତୃମାତୃହୀନ ଓ ଏକକ ଅଭିଭାବକ ଥିବା ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ, ଜିଲ୍ଲା ନିଯୋଜନ କାର୍ଯ୍ୟାଳୟର ମାନସୀ ସେଠୀ, ଆଇଟିଆଇ କଲେଜ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ବଳ ଅତିଥି ଭାବେ ଆସନ ଗ୍ରହଣ କରି ନିଜ ବିଭାଗର ଯୋଜନା ଉପରେ ପିଲାଙ୍କୁ ଓ ଅଭିଭାବକଙ୍କୁ ଜଣାଇଥିଲେ। ପ୍ରଶାନ୍ତ କୁମାର ପାଲଟାସିଂ ତାଲିମଦାତା ଭାବେ ପିଲାମାନେ ନିଜର ଭବିଷ୍ୟତ ପରାମର୍ଶ ଉପରେ ବିସ୍ତୃତ ଭାବେ ବୁଝାଇଥିଲେ। କୋଭିଡ୍ ମହାମାରୀରେ ପିତାମାତାଙ୍କୁ ହରେଇଥିବା ପିଲାଙ୍କୁ କର୍ମଶାଳାରେ ଅଂଶଗ୍ରହଣ କରିବା କରିବା ପାଇଁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇଥିଲା। ଏହି କର୍ମଶାଳାକୁ ବିଭାଗୀୟ ଅଧିକାରୀ ସତ୍ୟରଞ୍ଜନ ଦାସ ପରିଚାଳନା କରିଥିଲେ। ପରିଶେଷରେ ଶୈଳବାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଅପହଞ୍ଚ ଆଦିବାସୀ ଗାଁ ମଳାସପଦର

## ରାସ୍ତା, ପାନୀୟଜଳ ମୁଖ୍ୟ ସମସ୍ୟା

ଗଣିଆ, ୨୧।୮ (ସମିସ)



ସରକାର ଆଦିବାସୀଙ୍କ ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି କିନ୍ତୁ ଯୋଜନାର ସଫଳ ରୂପାୟଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଅନେକ ଆଦିବାସୀ ଅଞ୍ଚଳ ଏବେବି ଅନ୍ଧାରୀ ମୂଲକରେ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ଆଦିବାସୀମାନେ। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବଡ଼ସିଲିଙ୍ଗା ପଞ୍ଚାୟତର ଏଭଳି ଏକ ଗାଁ ହେଉଛି ମଳାସପଦର। ଏଠାରେ ୧୨ଟି ପରିବାରର ପ୍ରାୟ ୫୦ ଜଣ ଲୋକ ବାସ କରନ୍ତି। ଗାଁକୁ ନିତିଦିନିଆ ରାସ୍ତା ଖଣ୍ଡିଏ ନାହିଁ। ଜଙ୍ଗଲ ଭିତରେ ଆବଡ଼ାଖାବଡ଼ା ରାସ୍ତା ଖଣ୍ଡିଏ ଯାଇଛି, ଯେଉଁଥିରେ ଚାଲିକି ଯିବା ଅସମ୍ଭବ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ରାସ୍ତା କାଦୁଅରେ ଭର୍ତ୍ତି ହୋଇଯିବା ଫଳରେ ଯାତାୟାତରେ ବାଧା ଉପୁଜୁଛି। ପିଇବା ପାଇଁ ଶୁଦ୍ଧ ପାନୀୟଜଳ ଟୋପେ ମିଳୁନାହିଁ। ଖୋଲାଗାଡ଼ିଆ ଏମାନଙ୍କ ପାଇଁ ସାହାଭରସା। ଗାଡ଼ିଆରୁ ଅପରିଷ୍କାର ପାଣି ବ୍ୟବହାର କରି ଲୋକେ ନାନାଦି ବ୍ୟାଧିରେ ପଡୁଛନ୍ତି। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସହିତ ବ୍ଲକ ସମ୍ମୁଖରେ ଅନେକ ଥର ଧାରଣା ଦେଇଥିଲେ ମଧ୍ୟ ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ଗ୍ରାମରେ ବିଦ୍ୟାଳୟ ନ ଥିବାରୁ ୨ କିଲୋମିଟର ଦୂର ବଡ଼ସିଲିଙ୍ଗାକୁ ପିଲାମାନେ ପାଠ ପଢ଼ିବାକୁ ଯାଉଛନ୍ତି। ସ୍ୱାସ୍ଥ୍ୟ ସେବା କଥା ନ କହିବା ଭଲ। ତେବେ ଉକ୍ତ ଗ୍ରାମରେ ଥିବା ପ୍ରମୁଖ ସମସ୍ୟା ରାସ୍ତା ଓ ପାନୀୟଜଳ ସଙ୍କଟ ଦୂର କରିବାକୁ ଅଞ୍ଚଳବାସୀ

## ଅଟୋ ଓଲଟି ନାବାଳକ ମୃତ, ୩ ଆହତ

ବାଲୁଗାଁ,୨୧।୮ (ସମିସ): ବାଲୁଗାଁ ଥାନା ଅନ୍ତର୍ଗତ ୧୬ନଂ ରାଜପଥର ନାଭାଲ ଛକ ଜଗନ୍ନାଥମନ୍ଦିରଅନତିଦୂରତଥାନୂଆଗଡ଼ଓଭରବ୍ରିଜ୍‌ନିକଟରାସ୍ତାଉପରେଗୁରୁବାର ମଧ୍ୟାହ୍ନରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିବାରୁ ଏଥିରେ ଜଣେ ନାବାଳକର ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତ ନାବାଳକ ଜଣକ ନାଭାଲ ଫାଣ୍ଡି ଅନ୍ତର୍ଗତ ଆଖୁପୋଖରା ଗ୍ରାମର ଶିବ ନାୟକଙ୍କ ବଡ଼ ପୁଅ ସୁକାନ୍ତ ନାୟକ(୧୩) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଗଞ୍ଜାମ ଜିଲ୍ଲା ଲଙ୍ଗଳେଶ୍ୱର ଅଞ୍ଚଳରୁ ଏକ ଯାତ୍ରୀବାହୀ ଅଟୋ ଯୋଗେ ଗୁରୁବାର ମଧ୍ୟାହ୍ନରେ ବାହାରକୁ ଯିବା ପାଇଁ ଗୋଟିଏ ପରିବାର ଲୋକେ ବାଲୁଗାଁ ରେଳ ଷ୍ଟେସନ ଆସୁଥିଲେ। ନାଭାଲ ଫାଣ୍ଡି ନିକଟସ୍ଥ ନୂଆଗଡ଼ ଓଭରବ୍ରିଜ୍ ନିକଟରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟିପଡ଼ିଥିଲା। ଫଳରେ ସେହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା ଆଖୁପୋଖରା ଗ୍ରାମର ୧୩ ବର୍ଷର ନାବାଳକ ସୁକାନ୍ତଙ୍କ ଉପରେ ଅଟୋ ଓଲଟି ପଡ଼ିବାରୁ ସୁକାନ୍ତ ଅଟୋ ତଳେ ଚାପିହୋଇଯାଇଥିଲେ। ଏଥିସହ ଅଟୋରେ ବସିଥିବା ଦୁଇ ମହିଳାଙ୍କ ସମେତ ତିନି ଜଣ ଗୁରୁତର ଆହତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଦୁଇ ଜଣଙ୍କୁ ନିକଟସ୍ଥ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଅନ୍ୟ ଦୁଇ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ସୁକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଲୁଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି।

## ମାଆକୁ ମରଣାନ୍ତକ ଆକ୍ରମଣ; ପୁଅ ଗିରଫ

ବାଲୁଗାଁ,୨୧।୮ (ସମିସ): ପାରିବାରିକ କଳହର କରୁଣ ପରିଣତି। ପୁଅର ମରଣାନ୍ତକ ଆକ୍ରମଣରେ ବିଧବା ମାଆ ଲହୁଲୁହାଣ ହୋଇ ଗୁରୁତର ଭାବେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣକାରୀ ପୁଅକୁ ବୁଧବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏଭଳି ଏକ ଅମାନବୀୟ ଘଟଣା ଘଟିଛି ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅନ୍ତର୍ଗତ ଗବପଦର ଗ୍ରାମରେ। ଗୁରୁତର ଆହତ ବିଧବା ମାଆ ହେଲେ ଗ୍ରାମର ସ୍ୱର୍ଗତ ବାବୁ ବେହେରାଙ୍କ ପତ୍ନୀ ସାବିତ୍ରୀ ବେହେରା(୪୫) ଏବଂ ଆକ୍ରମଣକାରୀ ପୁଅ ହେଲେ ସୁମନ ବେହେରା(୧୯)।

ଅଭିଯୋଗ ମୁତାବକ, ସ୍ୱାମୀ ଚାଲିଗଲା ପରେ ସ୍ତ୍ରୀ ସାବିତ୍ରୀଙ୍କ ପରିବାରରେ କଳହ ଲାଗି ରହିଥିଲା। ପାରିବାରିକ କଳହକୁ କେନ୍ଦ୍ର କରି ତାଙ୍କ ନିଜ ଜନ୍ମକଲା ପୁଅ ପୂର୍ବରୁ ମାଆକୁ ବହୁଥର ମାର୍‌ପିଟ୍ କରୁଥିବାବେଳେ ବୁଧବାର କୌଣସି କାରଣରୁ ମାଆ-ପୁଅଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ପୁଅ ସୁମନ ଉତ୍କ୍ଷିପ୍ତ ହୋଇ ଏକ ମାରଣାସ୍ତ୍ରରେ ସାବିତ୍ରୀଙ୍କୁ ଆକ୍ରମଣ କରିଥିଲା। ଏଥିରେ ସାବିତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ବାଲୁଗାଁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ ଆକ୍ରମଣକାରୀ ପୁଅ ସୁମନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

## ରାଜସ୍ୱ ଅମଲାଙ୍କ ଆନ୍ଦୋଳନ; ଲୋକେ ହନ୍ତସନ୍ତ

ନିରାକାରପୁର,୨୧।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ୧୦ ଦିନ ଅତିକ୍ରମ କରିଥିବାବେଳେ ଗତ ୧୮ ତାରିଖରୁ ରାଜସ୍ୱ କ୍ଷେତ୍ର ଅଧିକାରୀମାନେ ଅଣରାଜସ୍ୱ କାର୍ଯ୍ୟ କରୁନାହାନ୍ତି। ଫଳରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ସରକାର ସେମାନଙ୍କ ଦାବି ସମ୍ପର୍କରେ କୌଣସି ସମାଧାନର ବାଟ ବାହାର କରୁ ନ ଥିବାରୁ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଅଡ଼ି ବସିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ରାଜସ୍ୱ କର୍ମଚାରୀ ଆନ୍ଦୋଳନରେ ଥିବାରୁ ଲୋକମାନଙ୍କର କାର୍ଯ୍ୟ ହୋଇପାରୁ ନାହିଁ। ଏଥିରେ ଲୋକେ ହନ୍ତସନ୍ତ ହୋଇଗଲେଣି। ଏମିତିକି କିଛି ବିଭାଗର ଫାଇଲ୍‌ରେ ଦସ୍ତଖତ ହୋଇପାରୁ ନ ଥିବାରୁ କର୍ମଚାରୀ ଦରମା ପାଇବାରୁ ବଞ୍ଚିତ ହୋଇ ତ୍ରାହି ତ୍ରାହି ଡାକିଲେଣି। ଯଦି ଏହି ଆନ୍ଦୋଳନ ଆହୁରି ଅଧିକ ଦିନ ଚାଲେ ତେବେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ।

## ଗଣେଶ ମହୋତ୍ସବ ପ୍ରସ୍ତୁତି ବୈଠକ

ବେଗୁନିଆ,୨୧।୮ (ସମିସ): ବୋଲଗଡ଼ ବ୍ଲକ୍ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଗୁଡୁପାଙ୍ଗି ଗ୍ରାମ ଆଦିବାସୀ ସାହିରେ ଗଣେଶ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେଅନୁଷ୍ଠାନରସଭାପତିପ୍ରତାପନାହାକଙ୍କଅଧ୍ୟକ୍ଷତାରେଉପଦେଷ୍ଟା ତଥା ଶିକ୍ଷକ ତପନ କୁମାର ନାଏକ, ଦାଶରଥି ନାହାକ, ସମ୍ପାଦକ ହେମନ୍ତ କୁମାର ନାହାକ, କୋଷାଧ୍ୟକ୍ଷ କିଷନ ନାହାକ, ଶ୍ରାବଣ ନାହାକ, ଗ୍ରାମ୍ୟ କମିଟି ସଭାପତି ଗଗନ କୁମାର ନାଏକ, ସଦସ୍ୟ ଗୀତିକାର ସୁବାସ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ଦେଉରୀ ଓ ଅମିନ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ମହୋତ୍ସବକୁ ସୂଚାରୁ ରୂପେ ସଫଳ କରିବା ପାଇଁ ମତପ୍ରକାଶ କରିଥିଲେ। ଏହି ମହୋତ୍ସବ ଆସନ୍ତା ୨୭ ତାରିଖରେ ଆରମ୍ଭ ହୋଇ ୨୮ ତାରିଖରେ ଉଦ୍‌ଯାପନ ହେବ ବୋଲି ସର୍ବସମ୍ମତି କ୍ରମେ ସ୍ଥିର ହୋଇଛି। ଏହା ସହ କୁଇଜ୍ ପ୍ରତିଯୋଗିତା, ପାଇକ ଆଖଡ଼ା, ଦାସକାଠିଆ, ସମ୍ବଲପୁରୀ ନୃତ୍ୟ ଓ ମଡର୍ଣ୍ଣ ଡ୍ୟାନ୍ସ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ କରାଯିବ ବୋଲି ଆୟୋଜକମାନେ କହିଛନ୍ତି। ଶେଷରେ ସୁଶାନ୍ତ କୁମାର ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।

### ଏନ୍‌ଏଚ୍ ପାଲଟିଛି ଗଞ୍ଜେଇ ମାଫିଆଙ୍କ ଗଳା ରାସ୍ତା

# ୧୦ ମାସରେ ଧରାହେଲାଣି ସାଢ଼େ ୨୨ କ୍ୱିଣ୍ଟାଲ; ୨୬ ଗିରଫ

ଖୋର୍ଦ୍ଧା,୨୧।୮ (ସମିସ)

ଗଞ୍ଜେଇ ମାଫିଆଙ୍କ ଲାଗି ଗଳାରାସ୍ତା ପାଲଟିଛି ଜାତୀୟ ରାଜପଥ। ଦୈନିକ ଅବକାରୀ ଓ ପୁଲିସକୁ ଚକ୍‌ମା ଦେଇ ବିଭିନ୍ନ ଫନ୍ଦିରେ ମାଫିଆମାନେ ଗଞ୍ଜେଇ ଚାଲାଣ କରୁଛନ୍ତି। ବୌଦ୍ଧ, କନ୍ଧମାଳ, ଫୁଲବାଣୀ, ସୋନପୁର ଭଳି ଜିଲ୍ଲାରୁ ବିପୁଳ ମାତ୍ରାରେ ଚୋରା ଗଞ୍ଜେଇ ଆଣି ଖୋର୍ଦ୍ଧାରେ ମଧ୍ୟ ରଖାଯାଉଛି। ଏପରିକି ଏଠାରୁ ଗଞ୍ଜେଇ ଓ ଭାଙ୍ଗ ଜାତୀୟ ରାଜପଥ ଦେଇ କଟକ, ପୁରୀ, ଭୁବନେଶ୍ୱର ପ୍ରମୁଖ ଅଞ୍ଚଳକୁ ମାଫିଆମାନେ ଚାଲାଣ କରି ବେଶ୍ ଲାଭବାନ ହେଉଥିବାବେଳେ ଏଥିରେ କଲେଜ ପଢୁଆ ଛାତ୍ରଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ତାଙ୍କ ଜରିଆରେ ବେପାର ଜମାଇଥିବା କୁହାଯାଉଛି। ଅବକାରୀ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇଥିବାବେଳେ ଅବକାରୀ ଅଧୀକ୍ଷକ ସୁମତୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଅବକାରୀ ଟିମ୍ ଚଢ଼ଉ ଆରମ୍ଭ କରିଛି। ୧୦ ମାସ ଭିତରେ ଅବକାରୀ ଟିମ୍ ଜାତୀୟ ରାଜପଥ ସମେତ ଏହା ନିକଟ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପ୍ରାୟ ୨୧ କ୍ୱିଣ୍ଟାଲ ୭୦ କେଜି ଗଞ୍ଜେଇ ଜବତ କରିଥିବାବେଳେ ଅନେକ ପୁରୁଷ ଓ ମହିଳା ବେପାରୀଙ୍କୁ ଗିରଫ କରିଛି। ସେହିପରି ୨୦୨୩-୨୪ରେ ୨୬ଟି ମାମଲାରେ ୩୬୬.୪୫ କେଜି ଏବଂ ୨୦୨୪-୨୫ରେ ୩୩ଟି ମାମଲାରେ ୧୮୯୩.୯ କେଜି ଗଞ୍ଜେଇ ଜବତ ହୋଇଥିବା ଅବକାରୀ ଅଧୀକ୍ଷକ ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଏତେ ଧରପଗଡ଼ ପରେ ବି କମୁନି ବେପାରୀଙ୍କ ସଂଖ୍ୟା। ବରଂ ବେଳକୁ ବେଳ ପ୍ରତି ଛକ ଓ ନିଛାଟିଆ ସ୍ଥାନମାନଙ୍କରେ ନିଶାଡ଼ିଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଖୋର୍ଦ୍ଧା ସହର ଏବଂ ଏହାର ଗ୍ରାମାଞ୍ଚଳର ପ୍ରତି ଛକ, ଗଳି ଆଦି ସ୍ଥାନମାନଙ୍କରେ ଥିବା ଦୋକାନଗୁଡ଼ିକରେ ଏବେ ଛତୁ ଫୁଟିଲା ଭଳି ଗଞ୍ଜେଇ ପୁଡ଼ିଆ ମିଳୁଛି।

ମିଳିଥିବା ସୂଚନା ଅନୁସାରେ, ଗତ ନଭେମ୍ବର ୧୪ରେ ବାଜପୁର ରୋଡ୍‌ରୁ ଅବକାରୀ ପୁଲିସ ୨୨ କେଜି ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଉକ୍ତ ମାସ ୨୧ରେ ଭାଲିଆବାଡ଼ିରୁ ୩୦ କେଜି ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ୨୯ରେ ଏନ୍‌ଏଚ୍ ୫୭ର ତରତୁଆ ନିକଟରୁ ଏକ ବସ୍‌ରୁ ୭ କେଜି



ଗଞ୍ଜେଇ ସହ ମହିଳା ବେପାରୀଙ୍କୁ ଗିରଫ କରିଥିଲା। ଡିସେମ୍ବର ୧୧ରେ ଏନ୍‌ଏଚ୍-୧୬ର ପାରିନୂଆଗାଁ ଛକରୁ ଜଣେ ବେପାରୀକୁ ଗିରଫ କରିବା ସହ ତା'ଠାରୁ ସାଢ଼େ ୧୧ କେଜି ଜବତ କରିଥିଲା। ଉକ୍ତ ମାସ ୨୧ ତାରିଖରେ ଏନ୍‌ଏଚ୍-୧୬ର ବାଲୁଗାଁ ସରନଇ ଛକ ନିକଟରୁ ୨ଜଣ ମହିଳାଙ୍କ ସମେତ ୩ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଅବକାରୀ ଟିମ୍ କାବୁ କରିଥିଲା। ତାଙ୍କଠାରୁ ୨୬ କେଜି ଜବତ କରିଥିଲା। ଗତ ଜାନୁଆରୀ ୧୦ରେ ୫୭ନଂ ଜାତୀୟ ରାଜପଥର ଜାଗୁଲେଇପାଟଣା ଛକ ନିକଟରୁ ୫୦ କେଜି ଗଞ୍ଜେଇ ଓ ଏକ କାର୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା। ଏହାର ଦୁଇଦିନ ପରେ ଅର୍ଥାତ୍ ୧୨ ତାରିଖରେ ଏନ୍‌ଏଚ୍-୧୬ର ବରୁଣେଇ ଓଭରବ୍ରିଜ୍ ଉପରୁ ଏକ ଗଞ୍ଜେଇ ବୋଝେଇ କାର୍‌ରୁ ୧ କ୍ୱିଣ୍ଟାଲ ୫୨ କେଜି ଜବତ କରିଥିଲା। ୧୩ରେ ଟାଙ୍ଗୀ ରେଞ୍ଜ ନିରାକାରପୁର ଅଞ୍ଚଳରୁ ୪ କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା। ୨୩ରେ ଏନ୍‌ଏଚ୍-୧୬ର ନାଚୁଣୀ ଓଭରବ୍ରିଜ୍ ଉପରୁ ୪୫ କେଜି ଗଞ୍ଜେଇ ସମେତ ଏକ କାର୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେହିପରି ଗୋଟିଏ ଦିନରେ ଏନ୍‌ଏଚ୍-୫୭ର ତରତୁଆ ନିକଟରେ ଚଢ଼ଉ କରି ୨୩ କେଜି ଗଞ୍ଜେଇ ଭର୍ତ୍ତି କାର୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଥିଲା। ଏପ୍ରିଲ୍ ୧୧ରେ ମୁକୁନ୍ଦପ୍ରସାଦ ଅଞ୍ଚଳରୁ ୩୦୮ କେଜି ଭାଙ୍ଗ ଏବଂ ଉକ୍ତ ମାସ ୩୦ ତାରିଖରେ ଦେଢ଼ କେଜି ଜବତ କରି ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଥିଲା। ଚଳିତ ମାସ ୧ ତାରିଖରେ ୧୦ କେଜି ଜବତ କରିବା ସହ ୩ ମହିଳା ଗିରଫ ହୋଇଥିଲେ। ୫ ତାରିଖରେ ୪ କେଜି ଗଞ୍ଜେଇ ସହ ପୁରୁଷ ଓ ମହିଳା ୨ଜଣ, ଗତ ମେ' ୧୮ରେ ଏନ୍‌ଏଚ୍-୧୬ର ରାଜସୁନାଖଳାଠାରୁ ୨ କ୍ୱିଣ୍ଟାଲ ଗଞ୍ଜେଇ ସମେତ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିବା ସହ ୨ଜଣ ଏବଂ ନୂଆ ବସ୍‌ଷ୍ଟାଣ୍ଡରୁ ଜଣଙ୍କଠାରୁ ୫ କେଜି ଜବତ କରିଥିଲା। ସେହିପରି ଜୁନ୍ ୨୮ରେ ସାରୁଅରୁ ୩ କେଜି ଗଞ୍ଜେଇ ଜବତ କରି ଜଣଙ୍କୁ ଗିରଫ କରିଥିଲା। ଜୁଲାଇ ୧୩ରେ ଟିଏଲ୍‌ସି ରୋଡ୍‌ରୁ ୩୨ କେଜି ସହ ଦୁଇଜଣଙ୍କୁ ଗିରଫ କରିଥିଲା। ଗୁରୁବାର ମଧ୍ୟ ଏନ୍‌ଏଚ୍‌ର ଚଣ୍ଡେଶ୍ୱର ଫ୍ଲାଏଓଭର ନିକଟରୁ ୧୦ କ୍ୱିଣ୍ଟାଲ ୫୦ କେଜି ଗଞ୍ଜେଇ ଓ ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହ ଜଣକୁ ଗିରଫ କରିଛି। ଏତେ ପରେ ବି ଥମୁନି ଏ ନିଶା ବେପାର। ତେଣୁ ନିଶା କାରବାର ଲୋପ୍ କରାଯିବା ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ନିଖୋଜ ହିମାଂଶୁଙ୍କୁ ଉଦ୍ଧାର ପାଇଁ ତାତିଲେ ଗ୍ରାମବାସୀ

- ମହାବୀର ମୁଣ୍ଡିଆରୁ ମିଳିଲା ସ୍କୁଟି
- ଥାନାରେ ରୁଣ୍ଡ ହୋଇ ପୁଲିସର ସହାୟତା ଲୋଡ଼ିଲେ



ନିରାକାରପୁର,୨୧।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ଡିଆ ପଞ୍ଚାୟତ କାଶିପୁର ବଡ଼ପାଟଣାର ସ୍ୱର୍ଗତ ହାଡ଼ିବନ୍ଧୁ ପ୍ରଧାନଙ୍କ ପୁତ୍ର ହିମାଂଶୁ ପ୍ରଧାନ ଗୁରୁବାର ସକାଳ ୧୦ଟାରୁ ନିଜର ଧଳା ରଙ୍ଗର ସ୍କୁଟି ଧରି ଘରୁ ଯାଇଥିବାବେଳେ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକେ ବ୍ୟସ୍ତ ହୋଇ ଖୋଜାଖୋଜି କରି ହିମାଂଶୁଙ୍କ ଫୋନ୍‌କୁ କଲ୍ କରିଥିଲେ ବି ୪ଟା ପର୍ଯ୍ୟନ୍ତ କେହି ଫୋନ୍ ଉଠାଇ ନ ଥିଲେ। ପରେ ମୋବାଇଲଟି ସ୍ୱିଚ୍ ଅଫ୍ ହୋଇଯାଇଛି। ସନ୍ଧ୍ୟାରୁ ଗ୍ରାମବାସୀମାନେ ମହାବୀର ମନ୍ଦିର ନିକଟରେ ବହୁ ଖୋଜାଖୋଜି କରିବା ପରେ ତାଙ୍କ ମାଆ ବସନ୍ତ ପ୍ରଧାନ ନିରାକାରପୁର ଥାନାରେ ଲିଖିତ ଅଭିଯୋଗ ଦେଇ ହିମାଂଶୁଙ୍କୁ ଉଦ୍ଧାର କରିବାକୁ ପୁଲିସକୁ ଗୁହାରି କରିଛନ୍ତି। ନିଖୋଜ ହିମାଂଶୁଙ୍କ ମୋବାଇଲ୍ ଟ୍ରାକିଂ କରି ତାଙ୍କର ସନ୍ଧାନ କରିବାକୁ ବହୁ ସଂଖ୍ୟାରେ ପୁଲିସ ନିକଟରେ ଗ୍ରାମବାସୀମାନେ ରୁଣ୍ଡ ହୋଇ ଦାବି କରିଥିଲେ। କିନ୍ତୁ ମୋବାଇଲ୍‌ଟି ସ୍ୱିଚ୍ ଅଫ୍ ହୋଇଥିବାରୁ ପୁଲିସ ଅନ୍ୟ ଉପାୟ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ହିମାଂଶୁଙ୍କ କୌଣସି ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି।



## ରୋଟାରୀ କ୍ଲବ୍ ପକ୍ଷରୁ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

ବାଣପୁର,୨୧।୮ (ସମିସ): ବାଣପୁର ବାଲୁଗାଁ ରୋଟାରୀ କ୍ଲବ୍ ପକ୍ଷରୁ ବାଣକ୍ର ବ୍ଲକ୍ ଅନ୍ତର୍ଗତ ଭେଟେଶ୍ୱର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ସକାଳେ ଏକ ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରକୁ ଭେଟେଶ୍ୱର ସରପଞ୍ଚ ତଥା



କ୍ଲବ୍‌ର ନୂତନ ସଦସ୍ୟା ସାବିତ୍ରୀ ଭୋଳ ଉଦ୍‌ଘାଟନ କରିଥିବାବେଳେ ଭୁବନେଶ୍ୱର ରୋଟାରୀ କ୍ଲବ୍ ପକ୍ଷରୁ ଏକ ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା ଭ୍ୟାନ୍ ଆସିଥିଲା। ଭିଜନ କେୟାର ହସ୍ପିଟାଲ ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା. ଅଜୟ କୁମାର ସିଂ, ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ଚିକିତ୍ସାଧିକାରୀ ଅନସୂୟା ମହାନ୍ତି, ବରିଷ୍ଠ ଚକ୍ଷୁ ଚିକିତ୍ସକ ତଥା କ୍ଲବ୍‌ର ପ୍ରାକ୍ତନ ସଭାପତି ବିଜୟ କୁମାର ବେହେରାଙ୍କ ସମେତ ଅନ୍ୟ ସହାୟକମାନେ ସାମିଲ ହୋଇ ଆଖପାଖ ଅଞ୍ଚଳର ବହୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରି ସେମାନଙ୍କୁ ଆବଶ୍ୟକୀୟ ଔଷଧ ଓ ଚଷମା ପ୍ରଦାନ କରିଥିଲେ। ଏହି ଶିବିରରେ ୧୪୫ ଜଣ ଚକ୍ଷୁ ରୋଗୀ ନିଃଶୁଳ୍କ ଚକ୍ଷୁ ଚିକିତ୍ସାର ଫାଇଦା ନେଇଥିବାବେଳେ ତନ୍ମଧ୍ୟରୁ ୬ ଜଣ ଚକ୍ଷୁରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଚିହ୍ନଟ କରାଯାଇ ସେମାନଙ୍କୁ ଭୁବନେଶ୍ୱରସ୍ଥିତ ରୋଟାରୀ ଚକ୍ଷୁ ଚିକିତ୍ସାଳୟକୁ ନେବାର ସୁବନ୍ଦୋବସ୍ତ କରାଯାଇଛି। କ୍ଲବ୍‌ର ସଭାପତି ସୁନୀଲ ପାତ୍ର, ସମ୍ପାଦକ ହିମାଂଶୁ ପାତ୍ର, ପ୍ରାକ୍ତନ ସଭାପତି ଧୀରେନ୍ଦ୍ରନାଥ ପାତ୍ର, ରବିନାରାୟଣ ନାୟକ, ଅଶୋକ ପାତ୍ର, ନନ୍ଦକିଶୋର ମିଶ୍ର, ଅନଙ୍ଗଭୀମ ବିଶ୍ୱାଳ, ଜଗଦୀଶ ପ୍ରସାଦ ଲାଖୋଟିଆ, ରବିନାରାୟଣ ପାଲ୍‌ଙ୍କ ସମେତ ସଦସ୍ୟ ଡ. ଚିନ୍ତାମଣି ମିଶ୍ର, କ୍ୟାପ୍‌ଟେନ ଭବାନୀ ପ୍ରସାଦ ହୋତା, ସଞ୍ଜୟ ସାହୁ, ପ୍ରଶାନ୍ତ ଚୌଧୁରୀ, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୋଲଗଡ଼କୁ ଏନ୍‌ଏସି ଦାବିରେ ୨୫ରେ ବିଜେଡିର ବନ୍ଦ ଡକରା



ବେଗୁନିଆ,୨୧।୮ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ବେଗୁନିଆ ଓ ବୋଲଗଡ଼ ଉଭୟ ବ୍ଲକ୍‌ର ଜନସାଧାରଣ ଏନ୍‌ଏସି ମାନ୍ୟତା ପାଇଁ ବାରମ୍ବାର ଦାବି କରିଆସୁଥିଲେ। ଏହାର ସମସ୍ତ ପ୍ରକାରର ଗୁରୁତ୍ୱକୁ ଉପଲବ୍ଧି କରି ପୂର୍ବତନ ବିଜେଡି ସରକାର ଘୋଷଣା କରିଥିବାବେଳେ ବର୍ତ୍ତମାନ ବିଜେପି ସରକାର ୧୨ଟି ଏନ୍‌ଏସି ଘୋଷଣା କରିଛନ୍ତି। ଏଥିରେ ବେଗୁନିଆ ଓ ବୋଲଗଡ଼ ବ୍ଲକ୍‌କୁ ଏନ୍‌ଏସି ପାଇଁ ବାଦ୍ ଦିଆଯାଇଥିବାରୁ ସାଧାରଣରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଛି। ତେବେ ବେଗୁନିଆ ବ୍ଲକ୍‌ରେ ଶୁକ୍ରବାର ପୂର୍ବାହ୍ଣରେ ବିଜେଡି ପକ୍ଷରୁ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବେଗୁନିଆ ବନ୍ଦ ଡକରା ସହ ଆନ୍ଦୋଳନ କରାଯିବ। ସେହିପରି ବୋଲଗଡ଼ ବ୍ଲକ୍‌ରେ ଏନ୍‌ଏସି ମାନ୍ୟତା ଦାବିରେ ଆସନ୍ତା ୨୫ ତାରିଖରେ ଆନ୍ଦୋଳନ କରାଯିବ ବୋଲି ଡାକବଙ୍ଗଳା ପରିସରରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଆବାହକତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସରପଞ୍ଚ, ସମିତିସଭ୍ୟ, ବରିଷ୍ଠ ନାଗରିକ ମଞ୍ଚ ଓ ବୋଲଗଡ଼ ଉନ୍ନୟନ ପରିଷଦ, ଓକିଲ ସଂଘ, ପୂଜ୍ୟପୂଜା ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ସଚେତନ ନାଗରିକମାନେ ଉପସ୍ଥିତ ଥିଲେ। ଏହାକୁ ତୀବ୍ରତର କରିବା ସହ ରାଜରାସ୍ତାକୁ ବିଜେଡି ଓହ୍ଲାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୋଲଗଡ଼ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ନୂଆ ଜଗନ୍ନାଥ ସଡ଼କ କଡ଼ରୁ ଉଠିଲା କ୍ୟାବିନ୍; ରାସ୍ତା କାମ କେବେ ?

ନିରାକାରପୁର,୨୧।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ତାରେଣୀ ଛକଠାରେ ନୂଆ ଜଗନ୍ନାଥ ସଡ଼କ ଉନ୍ନତୀକରଣ କାର୍ଯ୍ୟ କିଛି ଦିନ ହେବ ବନ୍ଦ ହୋଇ ପଡ଼ିରହିଛି। ଯାହାଦ୍ୱାରା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ କି, ପୁରୀ ପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ଏହି ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଛଣଗିରିଠାରେ ଚାଲିଥିବାବେଳେ ଏପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଏହି ସ୍ଥାନରେ ଗାଁ ପଟୁ ପାଣି ନିଷ୍କାସନ ପାଇଁ ରାସ୍ତା ମଝିରେ ଏକ ଡ୍ରେନ୍ ନିର୍ମାଣ ରାସ୍ତାର ଗୋଟିଏ ପାଶ୍ୱର୍ରେ ଶେଷ ହୋଇଯାଇଥିଲେ ହେଁ ଆଉ ଏକ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ସ୍ଥାନ ଅଭାବରୁ ହୋଇପାରୁ ନ ଥିଲା। କାର୍ଯ୍ୟ କରିବା ପାଇଁ ଆବଶ୍ୟକୀୟ ଅସ୍ଥାୟୀ



ଅପ୍ରୋଚ୍ ରୋଡ୍ ପାଇଁ ଠିକାଦାରଙ୍କୁ ଜାଗା ନ ମିଳିବାରୁ ରାସ୍ତା କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ସରକାରୀ ଜାଗାକୁ କେନ୍ଦ୍ର କରି ଉକ୍ତ ସ୍ଥାନରେ ବିବାଦ ସୃଷ୍ଟି ହେବାରୁ ତହସିଲ୍ ପକ୍ଷରୁ ସରକାରୀ ଜାଗାରୁ ଉଚ୍ଛେଦ କରିବା ପାଇଁ ଚିଠି ହୋଇଥିଲା। ପରେ ଜାଗାରୁ କ୍ୟାବିନ୍ ଉଠିଯାଇଥିବା ବେଳେ କାର୍ଯ୍ୟ ଆରମ୍ଭ କେବେ ହେବ ସେ ନେଇ ପ୍ରଶ୍ନ ଉଠିଛି। ସରକାରୀ ଜାଗାରୁ ଉଚ୍ଛେଦ ହୋଇଥିବାବେଳେ କେବଳ କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ଏକ ଅସ୍ଥାୟୀ ଆପ୍ରୋଚ୍ ରାସ୍ତାର ଆବଶ୍ୟକ ରହିଛି। ଉକ୍ତ ରାସ୍ତା ପାଇଁ ଅସ୍ଥାୟୀ ଭାବେ ଜାଗା କିଛି ଦିନ ପାଇଁ ମିଳିଗଲେ କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି ଜଣାଇଛନ୍ତି। ଏବେ ଏହି ରାସ୍ତା ଦେଇ ଯାନବାହନ ଯାତାୟାତ ବଡ଼ କଷ୍ଟସାଧ ହେଉଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗର୍ଜିଲେ ଅଙ୍ଗନବାଡ଼ି କର୍ମୀ

ଖୋର୍ଦ୍ଧା,୨୧।୮ (ସମିସ)




ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ରାଜ୍ୟ ଶାଖାର ଆହ୍ୱାନ କ୍ରମେ ଖୋର୍ଦ୍ଧା ଜିଲ୍ଲା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ଜିଲ୍ଲାସଭାପତି ପ୍ରଭାତୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଏବଂ ୧୧ ଦଫା ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ**

ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କୁ ମାଧ୍ୟମରେ ପ୍ରଦାନ କରିଛନ୍ତି।

ଦାବିଗୁଡ଼ିକ ମଧ୍ୟରେ ଆଇସିଡିଏସ୍ ଯୋଜନାର ନାମ ଉଚ୍ଛେଦ କରାଯିବା ସହ ଅଙ୍ଗନବାଡ଼ି କର୍ମୀ ଏବଂ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା, ସରକାରୀକରଣ ନ ହେବା ପର୍ଯ୍ୟନ୍ତ ଅଙ୍ଗନବାଡ଼ି କର୍ମଚାରୀଙ୍କୁ ସର୍ବନିମ୍ନ ଯଥାକ୍ରମେ- ୧୮,୦୦୦ ଟଙ୍କା ଏବଂ ସହାୟିକାଙ୍କ ପାଇଁ ୯୦୦୦ ଟଙ୍କା ପ୍ରଦାନ, ଅବସର ପରେ ଅଙ୍ଗନବାଡ଼ି କର୍ମୀ ଏବଂ ସହାୟିକାଙ୍କୁ ଯଥାକ୍ରମେ ୧୦ ଲକ୍ଷ ଏବଂ ୫ ଲକ୍ଷ ଟଙ୍କାର ଅବସରକାଳୀନ ସହାୟତା ରାଶି ପ୍ରଦାନ କରାଯିବା ସହିତ ମାସିକ ପେନ୍‌ସନ କର୍ମୀଙ୍କୁ ୫ ହଜାର ଟଙ୍କା ଏବଂ ସହାୟିକାଙ୍କୁ ୩ହଜାର ଟଙ୍କା ପ୍ରଦାନ, ପୋଷଣ ଟ୍ରାକରରେ ଏଫ୍‌ଆର୍‌ଏସ୍ ସମୟରେ ହେଉଥିବା ସମସ୍ୟା ଦୂର ପାଇଁ ଉନ୍ନତମାନର ମୋବାଇଲ୍ ଓ ୩ ମାସର ରିଚାର୍ଜ ଅର୍ଥ ପ୍ରଦାନ, କର୍ମଚାରୀଙ୍କୁ ୫୦% ସିଧାସଳଖ ପଦୋନ୍ନତି, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ନିଜସ୍ୱ ଗୃହନିର୍ମାଣ ପୂର୍ବଭଳି ନ କରି ଉନ୍ନତମାନର କେନ୍ଦ୍ର ତିଆରି କରିବା ସହିତ ପ୍ରତି କେନ୍ଦ୍ରକୁ ଜଳ ଓ ବିଦ୍ୟୁତ୍ ଯୋଗାଣ ଆଦି ବିଭିନ୍ନ ଦାବି ରହିଛି। ଏହି ବିକ୍ଷୋଭରେ ଜିଲ୍ଲା ସମ୍ପାଦିକା ସରସ୍ୱତୀ ବଳିୟାରସିଂହ, କାର୍ଯ୍ୟକାରୀ ସଭାନେତ୍ରୀ ସୌମ୍ୟାସ୍ନିଗ୍ଧା ସୁନ୍ଦରାୟ, ନମିତା ପ୍ରଧାନ, ସନ୍ଧ୍ୟାରାଣୀ ଭୂୟାଁ, କବିତା ସ୍ୱାଇଁ, ସନ୍ଧ୍ୟାରାଣୀ ପ୍ରଧାନ, ଶର୍ମିଷ୍ଠା ପାତ୍ର, ସୂର୍ଯ୍ୟମଣି, ମମତା, ଦମୟନ୍ତୀ ଆଦିଙ୍କ ସହ ରାଜ୍ୟ ସଂଘ ତରଫରୁ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ, କାର୍ଯ୍ୟକାରିଣୀ ସଭାପତି ବନୀତାଞ୍ଜଳି ଦାସ, ରାଜ୍ୟ କୋଷାଧ୍ୟକ୍ଷା ମନ୍ଦାକିନୀ ପ୍ରଧାନ, ଭାରତୀୟ ମଜଦୂର ସଙ୍ଘ ତରଫରୁ ରାଜ୍ୟ ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ସମ୍ପାଦକ ସତ୍ୟବ୍ରତ ପରିଡ଼ା, ଜିଲ୍ଲା ସଭାପତି ଅକ୍ଷୟ ରାଉତରାୟ, ଜିଲ୍ଲା ସମ୍ପାଦକ ଅମରେଶ ମହାପାତ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ



ଟାଙ୍ଗୀ,୨୧।୮ (ସମିସ): ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଚାନ୍ଦପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏଜି ମିଶନ୍ ବିଦ୍ୟାଳୟ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ଜଣାପଡ଼ିଛି। ପ୍ରଧାନଶିକ୍ଷକ ଏମ୍. ମାର୍ଟିନଙ୍କ ଦ୍ୱାରା ଆୟୋଜିତ ସମୂହ ସେବା ଉପହାର ସ୍ୱରୂପ ସ୍ଥାନୀୟ ଟାଙ୍ଗୀ ବ୍ଲକ୍‌ର ବିଶ୍ୱଜୀବନ ସେବାସଂଘକୁ ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ବିଦ୍ୟାଳୟର ମ୍ୟାନେଜର ସାଇନି ବିନୁ ଏବଂ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ ପରିଦର୍ଶନ କରି ବୃଦ୍ଧାଶ୍ରମରେ ରହିଥିବା ବରିଷ୍ଠ ନାଗରିକମାନଙ୍କ ସହିତ କିଛି ସମୟ ଅତିବାହିତ କରିବା ସଙ୍ଗେ ସଙ୍ଗେ ଉପହାରମାନ ପ୍ରଦାନ କରି ଆଜିର ଦିନଟିକୁ ସଫଳ କରିଥିଲେ। ଏଥିସହିତ ଅନେକ ପ୍ରତିଯୋଗିତାମାନ ସଞ୍ଚାଳନ କରାଯାଇଥିଲା। ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକଶିକ୍ଷୟିତ୍ରୀମାନଙ୍କର ସହଯୋଗ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ସ୍ୱେଚ୍ଛାକୃତ ଅବଦାନ ପ୍ରଶଂସନୀୟ ଥିଲା।

■ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା ଘଟଣା

# ମାଷ୍ଟରମାଇଣ୍ଡ ଫେରାର



ପଞ୍ଚୁପାଣ୍ଡବ,୨୧।୮ (ସମିସ): ନିକିରାଇ ଥାନା ଅଧୀନରେ ଥିବା ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା କରାଯାଇଥିଲା। ଏ ଘଟଣାକୁ ନେଇ ମୃତ ଯୁବକ ନୃସିଂହ ଚରଣ ସେଠୀ (୪୨)ଙ୍କ ସ୍ତ୍ରୀ ଉର୍ମିଳା ସେଠୀ ନିକିରାଇ ଥାନାରେ ୧୯ ଜଣଙ୍କ ବିରୋଧରେ ଅଭିଯୋଗ କରିଥିଲେ। ନିକିରାଇ ପୁଲିସ ସନ୍ଦେହରେ ଗ୍ରାମର କିଛି ଲୋକଙ୍କୁ ଅଟକ ରଖିଥିଲା। ସେମାନଙ୍କ ମଧ୍ୟରୁ ଅଭିଯୋଗ କରିଥିବା ଉର୍ମିଳା ସେଠୀ ୨ ଜଣଙ୍କୁ ଚିହ୍ନଟ କରିବାରୁ ପୁଲିସ ଅନ୍ୟମାନଙ୍କୁ ସେଦିନ ରାତିରେ ଛାଡ଼ି ଦେଇଥିଲା। ବୁଧବାର ହତ୍ୟା ମାମଲାରେ ଅଭିଯୁକ୍ତ ଜଗନ୍ନାଥପୁର ଗ୍ରାମର ନବକୃଷ୍ଣ ସେଠୀ (୭୮) ଓ ଧୀରେନ୍ଦ୍ର ସେଠୀଙ୍କ ପତ୍ନୀ ସବିତା( ୩୮) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଫେରାର ଥିବା ମୁଖ୍ୟ ଆସାମୀଙ୍କ ସହ ୧୭ ଜଣ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ନାକେଦମ୍ ହୋଇଛି। ତେବେ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯିବ ବୋଲି ଜଣାପଡିଛି।

ଜଗନ୍ନାଥପୁର ଗ୍ରାମରେ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବାବେଳେ ଗ୍ରାମ ପୁରୁଷ ଶୂନ୍ୟ ହୋଇଥିବା ଦେଖିବାକୁ ମିଳୁଛି। ମୃତକଙ୍କ ପରିବାର ଭୟରେ ରହୁଥିବା ତାଙ୍କର ଜଣେ ବନ୍ଧୁ କହିଛନ୍ତି। ଗୁରୁବାର ଦିନ ନୃସିଂହ ସେଠୀ ପୂଜା ସାମଗ୍ରୀ ନେଇ ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ମିଳିମିଶି ଆକ୍ରମଣ କରିବା ସହ ଆଖିରେ ଲଙ୍କାଗୁଣ୍ଡ ପାଣି ପକାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସୋମବାର ଦିନ ମୃତ୍ୟୁ ହୋଇଥିଲା। ମୃତଦେହକୁ ତାଙ୍କ ସ୍ତ୍ରୀ ଉର୍ମିଳା ଓ ପରିବାର ଲୋକ ନିକିରାଇ ଥାନା ସମ୍ମୁଖରେ ରଖି ଧାରଣା ଦେଇଥିଲେ। ପୁଲିସ ପ୍ରଶାସନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ୨୪ ଘଣ୍ଟା ପରେ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଅଭିଯୁକ୍ତମାନେ ବାଲିଚନ୍ଦ୍ରପୁର ଓ ବରୀ ଥାନା ଅଧୀନରେ ଥିବା ବିଭିନ୍ନ ଗ୍ରାମରେ ବନ୍ଧୁଙ୍କ ଘରେ ରହୁଥିବା ଶୁଣିବାକୁ ମିଳୁଛି। ଏବେ ମୁଖ୍ୟ ଆସାମୀକୁ ଗିରଫ କରିବାକୁ ପୁଲିସର ଭୂମିକା କ'ଣ ରହୁଛି ଦେଖିବାକୁ ବାକି ରହିଲା।

**୧୯ ଜଣଙ୍କ ନାମରେ ଏତଲା, ୨ କୋର୍ଟ ଚାଲାଣ**

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ



ପଟ୍ଟାମୁଣ୍ଡାଇ,୨୧।୮ (ସମିସ): ପଟ୍ଟାମୁଣ୍ଡାଇ ସହରରେ ଚାଟ ବ୍ୟବସାୟ କରି ପରିବାର ଚଳାଉଥିବା ନୀଳକଣ୍ଠପୁର ଗ୍ରାମର ବ୍ୟବସାୟୀ ମଧୁସୂଦନ ନନ୍ଦୀ (୩୫)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ମଧୁସୂଦନ ୧୯ ତାରିଖରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଓ ପରେ କେନ୍ଦ୍ରାପଡ଼ା ହସ୍‌ପିଟାଲ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଧୁସୂଦନଙ୍କ ମୃତ୍ୟୁ ଘଟିଛି। ନୀଳକଣ୍ଠପୁର ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟବସାୟୀ ମଧୁସୂଦନଙ୍କ ଘରେ ବିଧବା ପତ୍ନୀ ଓ ଛୋଟ ଛୋଟ ୨ପୁଅ ଅଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇ ଆଡ଼ଭୋକେଟ ତପନ ନନ୍ଦୀ, ଅଭିରାମ ନନ୍ଦୀ, ସତ୍ୟପ୍ରିୟ ସାହୁ, ହରିହର ବେହେରା, ଶୈଳେନ୍ଦ୍ର ସାହୁ, ଏକାଦଶୀ ସାହୁ, ଗୋକୁଳ ନନ୍ଦୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

ରାଜକନିକାକୁ ଏନ୍‌ଏସି ଘୋଷଣା ଦାବି

# କଂଗ୍ରେସ ପକ୍ଷରୁ ବିକ୍ଷୋଭ, ଦାବିପତ୍ର ପ୍ରଦାନ

ରାଜକନିକା, ୨୧।୮ (ସମିସ):



କେନ୍ଦ୍ରାପଡ଼ା ଜିଲ୍ଲାର କନିକାକୁ ଏନଏସି ମାନ୍ୟତା ଦେବାକୁ ବାରମ୍ବାର ଦାବି ହୋଇଆସୁଥିବାବେଳେ ଚଳିତ ମାସରେ ରାଜ୍ୟ ସରକାର ୨୧ଟି ନୂଆ ଏନଏସି ପାଇଁ ଘୋଷଣା କରି ୧୨ଟି ପାଇଁ ଚିଠା ବିଜ୍ଞପ୍ତି ଜାରି କରିଥିଲେ ହେଁ ପୁଣି ରାଜକନିକାକୁ ଉପେକ୍ଷା କରାଯାଇଛି। ଏହାର ପ୍ରତିବାଦରେ ଆଜି ବ୍ଲକ କଂଗ୍ରେସ ପକ୍ଷରୁ କନିକା ତହସିଲରେ ପ୍ରତିବାଦ ସଭା କରାଯାଇ କନିକା ତହସିଲଦାରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି।

ଆଜି ପୂର୍ବାହ୍ନ ୧୧ଟା ସମୟରେ ଅଶୋକ ବଜାରର ବ୍ଲକ୍ କଂଗ୍ରେସ ଅଫିସଠାରୁ ୫ ଶହ ଲୋକଙ୍କ ଏକ ଶୋଭାଯାତ୍ରା ବାହାରି ତହସିଲ ଅଫିସ ସମ୍ମୁଖରେ ସାରା ରାଜ୍ୟରେ ଏବେ ନୂଆ ଏନଏସି ଘୋଷଣା କରାଯାଇଥିବାବେଳେ ରାଜକନିକା ଏଥିରୁ ବାଦ୍ ପଡିବା ପ୍ରତିବାଦରେ ସଭା କରାଯାଇଥିଲା। ଆଳି ନିର୍ବାଚନମଣ୍ଡଳୀର ନେତୃତ୍ୱ ନେଉଥିବା ପିସିସି ମହିଳା ସମ୍ପାଦିକା ଡା. ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ଯୁବନେତା ମଙ୍ଗୁଳି ଚରଣ ବେହେରା, ସତ୍ୟ ପରିଡା, ଲକ୍ଷ୍ମୀପ୍ରିୟା ନାୟକ, ବାବୁରାମ ଜେନା, ଶରତ ରାଉତ, ଦୁର୍ଯ୍ୟୋଧନ ମହାନ୍ତି, ସତ୍ୟ ପରିଡା, ମୁରଲୀଧର ବେହେରା, ଅଜୟ ଦାସ, ରଙ୍ଗଲାଲ ମଲିକ, କୃତ୍ତିବାସ ଦାସ, ରଞ୍ଜନ ସେଠୀ, ଗଙ୍ଗାଧର ବେହେରା, ଅମିତ ନାୟକ, ଧନୁର୍ଜୟ ଦାସ, ରତିକାନ୍ତ ନାୟକ, ଅକ୍ଷୟ ସେଠୀ, ପ୍ରମୋଦ ପତି ପ୍ରମୁଖଙ୍କ ସହ ବହୁ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସାଧାରଣ ଜନତା ଯୋଗଦେଇ ପ୍ରତିବାଦରେ ସାମିଲ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ରାଜ୍ୟ ସରକାର ତୁରନ୍ତ ରାଜକନିକାକୁ ଏନଏସି ମାନ୍ୟତା ନ ଦିଅନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏନଏସି ପାଇଁ ସମସ୍ତ ଯୋଗ୍ୟତା ଓ ଭିତ୍ତିଭୂମି ଥିବା ରାଜକନିକାକୁ ଏନଏସି ମାନ୍ୟତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

ରାଜା ରାଜୁଡା ଅମଳରୁ ରାଜକନିକା ଏକ ଗ୍ରାମୀଣ ସହର ଭାବେ ପରିଚିତ ହୋଇଆସିଛି। ପ୍ରାୟ ଦୁଇଶହ ବର୍ଷ ତଳର ଏହି ଗ୍ରାମୀଣ ସହର ୧୯୮୦ରେ ସହରାଞ୍ଚଳର ବିଧି ବ୍ୟବସ୍ଥାକୁ ଆପଣେଇ ଥିବାବେଳେ ଏହି ଅଞ୍ଚଳର ରାଜସ୍ୱ ଭିତ୍ତିଭୂମିର ମଧ୍ୟ ବିକାଶ ପାଇଁ ପରିଯୋଜନାବଦ୍ଧ ହୋଇଛି। ତେବେ ଗ୍ରାମୀଣ ସହରର ବିବିଧ ଆବଶ୍ୟକତା ଓ ପ୍ରାୟ ୪୦ ହଜାର ଜନସଂଖ୍ୟାର ମୌଳିକତା ପୂରଣ କରୁଥିବା ରାଜକନିକା ଅଞ୍ଚଳକୁ ଏହି ବ୍ୟବସ୍ଥାରେ ସାମିଲ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଉତ୍ସାହକୁ ଗୁରୁତ୍ୱ ଦେଇ ତୁରନ୍ତ ଏହାକୁ ଏନଏସିରେ ସାମିଲ ପାଇଁ ଉଦ୍ୟମ ଜୋର ଧରିଛି। ପ୍ରଶାସନିକ ସ୍ତରରେ ରାଜକନିକା ସଦରର ବହୁ ପଞ୍ଚାୟତକୁ ନେଇ ଏନଏସି ଗଠନ ହେବା ଆଶା ସଂଚାର ହୋଇଆସୁଥିବାବେଳେ ପୂର୍ବ ସରକାର ସମୟରେ ୨୦୨୪ ଫେବୃଆରୀ ମାସରେ ୫୭ଟି ନୂଆ ଏନଏସି ଗଠନ ଘୋଷଣା ପରେ ଆଳି ଓ ରାଜକନିକା ବ୍ଲକରେ ନୈରାଶ୍ୟ ସୃଷ୍ଟି କରିଥିଲା। ସେହିବର୍ଷ ନଭେମ୍ବର ମାସ ୫ ତାରିଖରେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ନୂଆ ଏନଏସି ଗଠନ ପାଇଁ ରାଜ୍ୟର ଜିଲ୍ଲାପାଳଙ୍କଠାରୁ ଏ ସମ୍ପର୍କିତ ରିପୋର୍ଟ ଦେବାକୁ ଚିଠି କରାଯିବା ପରେ ଦୀର୍ଘଦିନରୁ ଏନଏସି ପାଇଁ ସମସ୍ତ ଯୋଗ୍ୟତା ରଖୁଥିବା ରାଜକନିକା ବ୍ଲକରେ ଏଥିନେଇ ଆନନ୍ଦ ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଏବେ କରାଯାଇଥିବା ଘୋଷଣା ଅନୁସାରେ ଯେଉଁ ପଞ୍ଚାୟତ ସମିତିର ସଦର ପଞ୍ଚାୟତର ଭୋଟର ଓ ଜନସଂଖ୍ୟାକୁ ମୂଳ ମାନଦଣ୍ଡ ଭାବେ ନେଇ ରିପୋର୍ଟ ଦେବାର ପ୍ରାବଧାନ ଅନୁସାରେ ରାଜକନିକା ବ୍ଲକର କଣ୍ଟପଡା, ଭାରିଗଦା, ବାଘବୁଦା, ଜାଗୁଲାଇପଡା, ତରାସ, ବଳରାମପୁର ଓ ଓଳାଭର ପଞ୍ଚାୟତର ଜନସଂଖ୍ୟା ଓ ଭୋଟରଙ୍କ ସଂଖ୍ୟା ନିର୍ଦ୍ଧାରଣ ମାନଦଣ୍ଡଠାରୁ ଢେର ଅଧିକ ରହିଛି। ଏସବୁ ପଞ୍ଚାୟତ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥ ସହ ସାମିଲ ଥିବାରୁ ନଗରୀକରଣ ନେଇ ବେଶ ସୁଯୋଗ ସୃଷ୍ଟି ହୋଇଛି। ରାଜରାଜୁଡା ଶାସନ ଅମଳରୁ ରାଜକନିକା ସଦରର ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ନଗର ସ୍ଥାପନର ମୌଳିକ ଢାଞ୍ଚା ବେଶ ବ୍ୟବସ୍ଥିତ ହୋଇ ସାମ୍ପ୍ରତିକ ନଗରୀକରଣର ସମସ୍ତ ମାନ୍ୟତାକୁ ଉତ୍ସାହିତ କରୁଥିବାରୁ ରାଜ୍ୟ ସରକାର ଏ ସମ୍ପର୍କରେ ନିଷ୍ପତ୍ତି ନେଇ ରାଜକନିକା ବ୍ଲକରେ ଏନଏସି ଗଠନ ଦାବିରେ ହେବାକୁ ଥିବା ଆନ୍ଦୋଳନକୁ ଆଜି ସମର୍ଥନ ମିଳିଛି।

## ୧୦ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା,୨୧।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ବ୍ଲକ୍ ଅନ୍ତର୍ଗତ ୧୦ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ଅବସରରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହେବା ସହ ସମାଧାନ କରାଯିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରଯାଇଛି।

ଆଳି ବ୍ଲକର ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଅରେହିକଣା, ଚଣ୍ଡିଆଗଡି, ମାଣିକପାଟଣା, ସିଙ୍ଗିରି, ସହିରା, ବାଟିପଡା, ସାନମଙ୍ଗ, ନୂଆପଡା, ପାତ୍ରପୁର ଓ ନରେନ୍ଦ୍ରପୁର ପ୍ରଭୃତିକୁ ନେଇ ଦଶ ପଞ୍ଚାୟତ ବିକାଶ ପରିଷଦ ଗଠନ କରାଯାଇଛି। ଏହି ପଞ୍ଚାୟତର ଲୋକେ ସେମାନଙ୍କ ଦୈନନ୍ଦିନ ଜୀବନରେ ବ୍ରାହ୍ମଣୀ ନଦୀର ଜଳ ଉପରେ ନିର୍ଭର କରନ୍ତି। କିନ୍ତୁ ନଦୀରେ କୁମ୍ଭୀରଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ଚାଷୀ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। କାରଣ ଚାଷୀ ନଦୀକୂଳରେ ଚାଷ କାର୍ଯ୍ୟ କରୁଥିବାବେଳେ ନଦୀରୁ କୁମ୍ଭୀର ଆସି ଚାଷୀଙ୍କୁ ନଦୀ ଭିତରକୁ ଟାଣି ନେଉଛନ୍ତି। କୁମ୍ଭୀର ଆକ୍ରମଣରୁ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ଯେଉଁ ପଦକ୍ଷେପ ନିଆଯିବା କଥା, ତାହା ନିଆଯାଉନାହିଁ। ଫଳରେ ଅନେକ ସମୟରେ କୁମ୍ଭୀର ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ ଘଟୁଛି। ଏହି ଅଞ୍ଚଳର ଅନ୍ୟଏକ ସମସ୍ୟା ହେଉଛି ବାରମ୍ବାର ବିଦ୍ୟୁତ କାଟ। ୨୪ ଘଣ୍ଟାରୁ ଲୋକମାନେ ମାତ୍ର ୧୨ ଘଣ୍ଟା ବିଦ୍ୟୁତ ପାଉଛନ୍ତି। ବିଦ୍ୟୁତ୍ ଭିତ୍ତିଭୂମି ଅଭାବରୁ ଏହି ସମସ୍ୟା ସୃଷ୍ଟି ହେଉଛି। ତେଣୁ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉ। ଏହି ଅଞ୍ଚଳରେ କେନ୍ଦ୍ରୀୟ ଜଳଜୀବନ ମିଶନ ଯୋଜନାରେ ଏକ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ଏବେ ଅଧାପନ୍ତରିଆ ଭାବେ ପଡ଼ିରହିଛି। ପ୍ରକଳ୍ପର ଠିକା ନେଇଥିବା ସଂସ୍ଥା ଏଲ ଆଣ୍ଡ ଟି ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବାରୁ ପ୍ରକଳ୍ପ ଶେଷ ହୋଇପାରୁନାହିଁ। ଫଳରେ ଖରାଦିନେ ଲୋକମାନେ ପାନୀୟଜଳ ସଙ୍କଟରେ ପଡୁଛନ୍ତି। ତେଣୁ ଏହି ପ୍ରକଳ୍ପକୁ ତୁରନ୍ତ ଶେଷ କରିବା ପାଇଁ ଚାଷୀ ନିବେଦନ କରିଛନ୍ତି। ଏହି ଅଞ୍ଚଳର ଚଣ୍ଡିଆଗଡି, ସିଙ୍ଗିରୀ, ପାତ୍ରପୁର, ବାଟିପଡା, ମାଣିକପାଟଣା ଓ ସହିରା ପ୍ରମୁଖ ପଞ୍ଚାୟତର ଚାଷଜମିରେ ବର୍ଷାଜଳ ଜମି ରହୁଛି । ରମ୍ଭିଲା ସ୍ଲୁଇସଗେଟ ଅଚଳ ହୋଇଯାଇଥିବାରୁ ଚାଷଜମିରୁ ବର୍ଷାଜଳ ନିଷ୍କାସିତ ହୋଇପାରୁନାହିଁ। ଫଳରେ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସେହିପରି ବ୍ଲକ୍ ପ୍ରଶାସନର ଚରମ ଅବହେଳା ଯୋଗୁଁ ଏହି ପଞ୍ଚାୟତକୁ ଭଲ ରାସ୍ତା ନିର୍ମାଣ ହୋଇପାରୁନାହିଁ। ତେଣୁ ପଞ୍ଚାୟତବାସୀ ଗମନାଗମନ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଗୋଳଗଣ୍ଡ ନଦୀବନ୍ଧଠାରୁ ଦିଗୋଛିଆ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେବା ପାଇଁ ପ୍ରସ୍ତାବ ରହିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ବୈମାତୃକ ମନୋଭାବ ପାଇଁ ଏହା ଶୀତଳଭଣ୍ଡାରରେ ପଡିରହିଛି। ଏସବୁ ସମସ୍ୟା ସମାଧାନ କରିବା ପାଇଁ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପରିଷଦର ସଭାପତି ବ୍ରଜସୁନ୍ଦର ଭୂୟାଁ, ସାଧାରଣ ସମ୍ପାଦକ ସୁମନ୍ତ ରାଉତ, ଉପସଭାପତି ସୁମନ୍ତ ଦାସ, ଯୁଗ୍ମସମ୍ପାଦକ ଗୋଲେଖ ସାହୁ, ଭରତ ସାହୁ, ରବୀନ୍ଦ୍ର ସାହୁ, ସୁଧିର ମହାନ୍ତି, ସହିରା ସରପଞ୍ଚ ହେମନ୍ତ ମହାନ୍ତି, ଅର୍ଜ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

■ ଗାଁ ସାଥୀଙ୍କ ଡାଟାବେସ ସଠିକ୍ ଭାବେ ପ୍ରସ୍ତୁତ କରାଯିବା ଦାବି

## ‘ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯାଉ’



କେନ୍ଦ୍ରାପଡ଼ା,୨୧।୮ (ସମିସ): ଗାଁସାଥୀଙ୍କ ଡାଟାବେସ ସଠିକ ଭାବେ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ତୁରନ୍ତ ପଠାଇବାକୁ ଗାଁ ସାଥୀ (ମେଟ୍) ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ପତ୍ର ସଂଖ୍ୟା ୨୦୮୭୭, ୩୧।୭।୨୦୨୫ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ ଜିଲ୍ଲାର ୯ଟି ବ୍ଲକକୁ ଏ ସମ୍ପର୍କରେ ଅବଗତ କରାଯିବା ସହ ରାଜ୍ୟ ସରକାର ମାଗିଥିବା ସମସ୍ତ ତଥ୍ୟ ଯୋଗାଇ ଦିଆଯିବାକୁ ଗାଁ ସାଥୀ (ମେଟ୍) ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ରାଜ୍ୟ ସରକାରଙ୍କ ଉପରୋକ୍ତ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାରୁ ଗାଁ ସାଥୀଙ୍କ ସଠିକ ଡାଟାବେସ ପ୍ରସ୍ତୁତ କରାଯାଇ ଚଳିତ ମାସ ୧୬ ତାରିଖ ସୁଦ୍ଧା ରାଜ୍ୟ ସରକାରଙ୍କୁ ପଠାଯିବା କଥା। ଏ ପର୍ଯ୍ୟନ୍ତ ଜିଲ୍ଲାର କେତେକ ବ୍ଲକ ରାଜ୍ୟ ସରକାରଙ୍କ ଏ ସମ୍ପର୍କିତ କୌଣସି ନିର୍ଦ୍ଦେଶ ପାଇ ନ ଥିବା କହୁଛନ୍ତି। ଗାଁ ସାଥୀ (ମେଟ୍) ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ଶାଖା କର୍ମକର୍ତ୍ତା ଓ ସେହି ବ୍ଲକ୍‌ରେ କାର୍ଯ୍ୟରତ ଗାଁ ସାଥୀ(ମେଟ୍) ସେମାନଙ୍କ ବ୍ଲକ କର୍ତ୍ତୃପକ୍ଷଙ୍କୁ ଏ ଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରସ୍ତୁତ ଥିବାବେଳେ ସେମାନେ କିନ୍ତୁ ସହଯୋଗ ପାଉ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ସରକାରଙ୍କ ଉପରୋକ୍ତ ନିର୍ଦ୍ଦେଶ ତୁରନ୍ତ କାର୍ଯ୍ୟକାରୀ କରାଯିବା ସହ ଜିଲ୍ଲାର ୯ଟି ବ୍ଲକରେ କାର୍ଯ୍ୟରତ ସମସ୍ତ ଗାଁସାଥୀଙ୍କ ଡାଟାବେସ ତୁରନ୍ତ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବାକୁ ଗାଁସାଥୀ(ମେଟ୍) ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ଜିଲ୍ଲା ଶାଖା ପକ୍ଷରୁ ସଭାପତି ଅନୀଲ ଜେନା, ସମ୍ପାଦକ ବିଜୟ ବେହେରା, କୁମାରେଶ ସାହୁ, ପରମାନନ୍ଦ ସାମଲ, ସୁଶାନ୍ତ ପରିଡା, କୁନ୍ତଳା ରାଉତ, ଉର୍ମିଳା ମହାନ୍ତି, ଅନୀଲ କୁମାର ପରିଡା, ଜ୍ୟୋସ୍ନାରାଣୀ ପରିଡା, ଗୀତାଞ୍ଜଳି ରଥ, ଜାନକୀ ମହାରଣା, ରୀତାଞ୍ଜଳି ଗୋଚ୍ଛାୟତ, ବାଇଧର ସେଠୀ, ବିଜୟ ରାଉତ, କୌଶଲ୍ୟା ନାୟକ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଓ ସଦସ୍ୟ ସିଡିଓ ଶ୍ରୀ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଚଳିତ ମାସ ୨୫ ତାରିଖ ସୁଦ୍ଧା ଏହି ଡାଟାବେସ ରାଜ୍ୟ ସରକାରଙ୍କୁ ପ୍ରଦାନ କରା ନ ଗଲେ ସେମାନେ ଆସନ୍ତା ୨୬ ତାରିଖରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

## ଅନ୍‌ଲାଇନ୍ ଗେମ୍‌ରେ ହାରିବାରୁ ଜୀବନ ହାରିଲେ ଯୁବକ

ବରୀ,୨୧।୮ (ସମିସ): ଯାଜପୁର ଜିଲ୍ଲା ବରୀ ଥାନା ଅଧୀନ ବାଇଁଶିରିଆ ପଞ୍ଚାୟତରେ ଅଭାବନୀୟ ଘଟଣା ଘଟିଛି। ୧୦ ନମ୍ବର ୱାର୍ଡର କାଳନ୍ଦୀ ସାହୁଙ୍କ ଏକମାତ୍ର ପୁଅ ସୋମନାଥ ସାହୁ (୩୫) ଅନଲାଇନ୍ ଗେମ୍ ଖେଳି ଲକ୍ଷାଧିକ ଟଙ୍କା ହାରିଯିବା ପରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ସୋମନାଥ ଗତକାଲି ରାତିରେ ଘର ପାଖ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ଆଜି ସକାଳୁ ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେପଟେ ଖବରପାଇ ବରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ କରୁଛି। ସୋମନାଥ ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅ ହୋଇଥିବା ବେଳେ ତାଙ୍କ ବିୟୋଗରେ ପୁରା ପରିବାର ଭାଙ୍ଗି ପଡିଛନ୍ତି। ସୋମନାଥଙ୍କର ୬ ବର୍ଷର ଗୋଟିଏ ପୁଅ ଥିବା ଜଣାପଡିଛି।

ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ କରାଯାଉ

# ‘ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ’

ପଟ୍ଟାମୁଣ୍ଡାଇ, ୨୧।୮ (ସମିସ):

ପଟ୍ଟାମୁଣ୍ଡାଇକୁ ସବଡିଭିଜନ ମାନ୍ୟତା ପ୍ରଦାନ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବ ବୋଲି ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବରିଷ୍ଠ ରାଜନେତା ବିଜୟ କେତନ ସ୍ୱାଇଁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇକୁ ସବଡ଼ିଭିଜନ ମାନ୍ୟତା ପ୍ରଦାନରେ ସରକାରଙ୍କ ଟାଳଟୁଳ ନୀତି ଜନଅସନ୍ତୋଷକୁ ତୀବ୍ର କରିଛି। ଏହି ଅସନ୍ତୋଷ ଉଗ୍ରରୂପ ନେବା ସମ୍ଭାବନା ଦେଖାଦେଇଛି। କୁହୁଳୁ ଥିବା ଜନଅସନ୍ତୋଷ ବିରାଟ ଜନଆନ୍ଦୋଳନର ରୂପ ନେବାକୁ ବସିଛି। ରାଜନୈତିକ ଆକ୍ରୋଶର ଶିକାର ପଟ୍ଟାମୁଣ୍ଡାଇକୁ ଅବିଳମ୍ବେ ରାଜସ୍ୱ ସବଡିଭିଜନ ଘୋଷଣା କରିବା ପାଇଁ ଦଳମତ ନିର୍ବିଶେଷରେ ରାଜ୍ୟ ସରକାରଙ୍କ ନିକଟରେ ଦାବି ହୋଇଛି।

ଦୀର୍ଘ ୧୫ ବର୍ଷ ଧରି ସବଡ଼ିଭିଜନ ମାନ୍ୟତା ହାସଲ ପାଇଁ ବରିଷ୍ଠ ରାଜନେତା ବିଜୟ କେତନ ସ୍ୱାଇଁଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲି ଆସିଥିବାବେଳେ ଏହାକୁ ଏବେ ଅଧିକ ତୀବ୍ର ଓ କ୍ରିୟାଶୀଳ କରାଯିବ ବୋଲି ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ସମ୍ପ୍ରତି କେନ୍ଦ୍ରାପଡ଼ା ଜିଲ୍ଲାର ଜନସଂଖ୍ୟା ହାରାହାରି ୧୬ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଜିଲ୍ଲାରେ ସବଡିଭିଜନ ନ ଥିବାରୁ ଜିଲ୍ଲା ମୁଖ୍ୟାଳୟରୁ ଉପାନ୍ତ ଅଞ୍ଚଳକୁ ପ୍ରଶାସନିକ ସେବା ପହଞ୍ଚିବାରେ ସମସ୍ୟା ଦେଖାଦେଉଛି। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ରାଜ୍ୟରେ ଜନତା ଦଳ ସରକାର ଥିବାବେଳେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପଟ୍ଟାମୁଣ୍ଡାଇକୁ ରାଜସ୍ୱ ସବଡିଭିଜନ ମାନ୍ୟତା ପ୍ରଦାନ ଦିଗରେ ଅଗ୍ରାଧିକାର ଦିଆଯିବ ବୋଲି କହିଥିଲେ ହେଁ ପରବର୍ତ୍ତୀ ସମୟରେ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ପଟ୍ଟାମୁଣ୍ଡାଇ, ରାଜନଗର, ଆଳି ଓ ରାଜକନିକା ଅଞ୍ଚଳର ଜନସାଧାରଣଙ୍କ ନିକଟରେ ତ୍ୱରିତ ପ୍ରଶାସନିକ ସେବା ପହଞ୍ଚାଇବା ପାଇଁ ରାଜନେତା ବିଜୟ କେତନ ସ୍ୱାଇଁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ଗଠନ କରି ଦୀର୍ଘ ୧୫ ବର୍ଷ ଧରି ପଟ୍ଟାମୁଣ୍ଡାଇକୁ ରାଜସ୍ୱ ସବ୍‌ଡିଭିଜନ ଘୋଷଣା କରିବା ଦାବିରେ ଆନ୍ଦୋଳନ, ଅନଶନ, ଧାରଣା, ପ୍ରତିବାଦ, ସଭା ଜାରି ରଖିଥିବାବେଳେ ଗତ ସାଧାରଣ ନିର୍ବାଚନ ସମୟରେ ଶ୍ରୀ ସ୍ୱାଇଁ ବିଜେଡି ଦଳରେ ସାମିଲ ହୋଇଯିବା ପରେ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦର ବିଲୟ ଘଟିଥିଲା। ଶାସକ ବିଜେଡି ଦଳରେ ଶ୍ରୀ ସ୍ୱାଇଁ ସାମିଲ ହେବା ପରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ସହଜରେ ହାସଲ ହୋଇପାରିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ପୋଷଣ କରିଥିଲେ। କିନ୍ତୁ ବିଜେଡି ସରକାର ପତନ ପରେ ରାଜ୍ୟରେ ଏବେ ବିଜେପି କ୍ଷମତାସୀନ ହୋଇଛି। ଏବେ ରାଜନେତା ଶ୍ରୀ ସ୍ୱାଇଁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦକୁ ପୁନର୍ଜୀବିତ କରି ଆଉଥରେ ବଡ଼ଧରଣର ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି।

ବିଭିନ୍ନ ସମୟରେ ପଟ୍ଟାମୁଣ୍ଡାଇକୁ ସବଡିଭିଜନ ଘୋଷଣା ଦାବି ବିଧାନସଭାରେ ଉଠିଛି। ସରକାର ଉଚିତ ସମୟରେ ପଦକ୍ଷେପ ନେବେ ବୋଲି ମଧ୍ୟ ଉତ୍ତର ରଖିଛନ୍ତି। କିନ୍ତୁ ଫଳ କିଛି ହୋଇନାହିଁ। ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ତୃଣମୂଳ ସ୍ତରରେ ତ୍ୱରିତ ଶାସନ ବ୍ୟବସ୍ଥା ଓ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୯୯୩ରେ ରାଜ୍ୟର ୧୩ ଜିଲ୍ଲାକୁ ୩୦ ଜିଲ୍ଲାରେ ପରିବର୍ତ୍ତନ କରିଥିଲେ। ୨୦୧୧ ଜନଗଣନା ଅନୁସାରେ କଟକ ଜିଲ୍ଲାର ଜନସଂଖ୍ୟା ୨୬ ଲକ୍ଷ ୨୪ ହଜାର ୪୭୦ ହୋଇଥିବାବେଳେ ୩ଟି ସବ୍‌ଡିଭିଜନ ରହିଛି। ସେହିପରି ପୁରୀ ଜିଲ୍ଲାରେ ୧୬ ଲକ୍ଷ ୯୮ ହଜାର ୭୩୦ ଜନସଂଖ୍ୟା ରହିଥିବାବେଳେ ଏଠାରେ ଗୋଟିଏ ସବ୍‌ଡିଭିଜନ ରହିଛି। ମୟୂରଭଞ୍ଜ ଜିଲ୍ଲାରେ ୨୫ ଲକ୍ଷ ୧୯ ହଜାର ୭୩୮ ଜନସଂଖ୍ୟା ଥବାରୁ ୩ଟି ସବ୍‌ଡିଭିଜନ ରହିଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ୧୬.୨ ଲକ୍ଷ ଜନସଂଖ୍ୟା ରହିଥିବାବେଳେ ଏଠାରେ ଗୋଟିଏ ମଧ୍ୟ ସବ୍‌ଡିଭିଜନ ନ ଥିବାରୁ ଲୋକେ ପ୍ରଶାସନିକ ସେବାରୁ ବଞ୍ଚିତ ହେଉଛନ୍ତି। ରାଜନଗର, ରାଜକନିକା, ଆଳି ଓ ପଟ୍ଟାମୁଣ୍ଡାଇର କେନ୍ଦ୍ରାଞ୍ଚଳ ଭାବେ ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ମିଳିଲେ ୭ ଲକ୍ଷରୁ ଅଧିକ ଅଧିବାସୀ ଉପକୃତ ହେବେ ବୋଲି ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ରାଜକନିକାର ବୁଦ୍ଧିଜୀବୀ ମତ ରଖିଛନ୍ତି। ପଟ୍ଟାମୁଣ୍ଡାଇରେ ସବଡିଭିଜନ ପ୍ରତିଷ୍ଠା ପାଇଁ ସମସ୍ତ ଭିତ୍ତିଭୂମି ରହିଛି। ପଟ୍ଟାମୁଣ୍ଡାଇରେ ସବ୍‌ଡିଭିଜନ ହସ୍ପିଟାଲ, ଏଡିଜେ କୋର୍ଟ, ଜଳସମ୍ପଦ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ବିଦ୍ୟୁତ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସବ୍ ଡିଭିଜନ କାର୍ଯ୍ୟାଳୟ, କୃଷି ଜିଲ୍ଲା କାର୍ଯ୍ୟାଳୟ, ୪ଟି ମହାବିଦ୍ୟାଳୟ, ୨ଟି ମହିଳା କଲେଜ, ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ, ୧୪ଟିରୁ ଊର୍ଦ୍ଧ୍ୱ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରହିଛି। ଏଥିସହ ପର୍ଯ୍ୟାପ୍ତ ସରକାରୀ ଜମି ରହିଛି। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ହାସଲ ପର୍ଯ୍ୟନ୍ତ ପଟ୍ଟାମୁଣ୍ଡାଇ ଓ ରାଜନଗରର ଜନସାଧାରଣ ଦଳଗତ ନିର୍ବିଶେଷରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଆଗକୁ ଏହି ଆନ୍ଦୋଳନ ତୀବ୍ରତର ହେବ ବୋଲି ଜନସାଧାରଣ ଚେତାଇ ଦେଇଛନ୍ତି।

ନାହିଁ ନିଷ୍କାସନ ବ୍ୟବସ୍ଥା

# ଖଣ୍ଡତରୀ ଗ୍ରାମ ରାସ୍ତାରେ ପାଣି; ଯାତାୟାତରେ ସମସ୍ୟା

ରଘୁନାଥପୁର,୨୧।୮ (ସମିସ):

ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ତାରପୁର ପଞ୍ଚାୟତର ଖଣ୍ଡତରୀ ଗ୍ରାମ ରାସ୍ତାରେ ଏବେ ଆଣ୍ଠୁଏ ପାଣି। ଫଳରେ ଗ୍ରାମର ଲୋକଙ୍କ ସହ ଛାତ୍ରଛାତ୍ରୀ ପାଣିରେ ପଶି ଯିବାକୁ ବାଧ ହେଉଛନ୍ତି। ନିଷ୍କାସନ ବ୍ୟବସ୍ଥା ନ ଥବା କାରଣରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

ଖଣ୍ଡିତରୀ ଗ୍ରାମରେ ୪୦ରୁ ଉର୍ଦ୍ଧ୍ୱ କୈବର୍ତ୍ତ ପରିବାର ବସବାସ କରନ୍ତି। ଏହି ଗ୍ରାମରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଢଳେଇ ରାସ୍ତା ନିର୍ମାଣ କରାଯାଇଥିବାବେଳେ ବର୍ଷାଦିନେ ପାଣି ନିଷ୍କାସନ ପାଇଁ କୌଣସି ପ୍ରକାର ବ୍ୟବସ୍ଥା କରାଯାଇ ନ ଥିବାରୁ ଘର ଆଗ ରାସ୍ତାରେ ବର୍ଷା ପାଣି ଜମି ରହି କୃତ୍ରିମ ପୋଖରୀ ସୃଷ୍ଟି କରୁଛି। ଏପରିକି ଅଙ୍ଗନବାଡ଼ି ପିଲା ଓ ବିଦ୍ୟାଳୟ ଯାଉଥିବା ଛାତ୍ରଛାତ୍ରୀ ଆଣ୍ଠୁଏ ଆଣ୍ଠୁଏ ନର୍ଦ୍ଦମା ପାଣିରେ ପଶିଯିବା ଯୋଗୁଁ ଦୁର୍ଘଟଣାର ଶିକାର ହୋଇ ଆହତ ହେଉଥିବା ଦେଖିବାକୁ ମିଳିଛି। ଏପରି ପକ୍କା କାଦୁଅ ରାସ୍ତାର ସ୍ଥାୟୀ ପ୍ରତିକାର ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ଡ୍ରେନ୍ କରାଯିବାକୁ



ଜିଲ୍ଲାପାଳ, ତହସିଲଦାର, ବିଡିଓ ଓ ଗ୍ରାମର ସରପଞ୍ଚଙ୍କୁ ବାରମ୍ବାର ଜଣାଇଲେ ବି କୌଣସି ସୁଫଳ ମିଳୁନାହିଁ। ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କଲେ ସେ କହୁଛନ୍ତି ଖଣ୍ଡତରୀ ଗ୍ରାମକୁ ଆଦର୍ଶ ଗ୍ରାମ ନାମରେ ମାନ୍ୟତା ଦିଆଯାଇଛି। ଖୁବଶୀଘ୍ର ଏହାର ସମାଧାନ ହେବା କଥା। ମାତ୍ର କିଛି କୁଚକ୍ରୀ ଓ କୁଜିନେତାଙ୍କ ହୀନଚକ୍ରାନ୍ତ ଓ ରାଜନୀତି ପାଇଁ ଏହି ସମସ୍ୟାର ସମାଧାନ ହୋଇପାରୁନି। ଫଳରେ ଅଧୁରା ହୋଇରହିଥିବା କାର୍ଯ୍ୟ ପୂରା ହୋଇପାରୁନାହିଁ। ଗ୍ରାମବାସୀଙ୍କ ପକ୍ଷରୁ ଡ୍ରେନ୍ କରିବା ପାଇଁ ସେହି ରାସ୍ତାର ସରକାରୀ ଜମି ନିର୍ଦ୍ଧାରଣ କରି ବାଟ ଫିଟାଇ ଦେଲେ ଡ୍ରେନେଜ୍ କରିବା ପାଇଁ ସୁବିଧା ହେବ ବୋଲି ଆଶା କରି ତହସିଲଦାରଙ୍କ ନିକଟରେ ଦାବି କରିଥିଲେ ବି କୁଚକ୍ରୀ ଗୋଷ୍ଠୀଙ୍କ ଚାପରେ ରାସ୍ତାର ସରକାରୀ ମାପଚୁପ ହୋଇପାରିଲାନାହିଁ। ଏହି ରାସ୍ତାର ଦୁରବସ୍ଥା ଦେଖି ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ବିଡ଼ିଓଙ୍କ ନିକଟରେ ଦାବି କରିଆସୁଥିଲେ ବି ସମସ୍ୟାର ସମାଧାନ ହେଉନି। କାହା ଚାପରେ ସରକାର ଏହି କୈବର୍ତ୍ତ ସାହି ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରୁନାହାନ୍ତି, ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯଦି ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରା ନ ଯାଏ, ତେବେ କୈବର୍ତ୍ତ ସାହିର ମହିଳା ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଶାରଳା ସଂସ୍କୃତ କଲେଜ ପ୍ରତିଷ୍ଠାତାଙ୍କ ସ୍ମୃତିସଭା



ବାଲିକୁଦା,୨୧।୮ (ସମିସ):ବାଲିକୁଦା ବ୍ଲକ ଶାରଳା ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ନରେନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡଃ ଅଜୟ କୁମାର ମୁଦୁଲିଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ସମ୍ମାନିତ ଅତିଥି ଭାବେ ଡଃ ସ୍ମୃତିସାଗର ସରସ୍ୱତୀ, ବାଲିକୁଦା-ଏରସମାର ପ୍ରାକ୍ତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ, ଆଇନଜୀବୀ ଡଃ ବିରନାରାୟଣ ପାତ୍ର, ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ରବୀନ୍ଦ୍ର କୁମାର ସ୍ୱାଇଁ, ହୃଷିକେଶ ଚଇନି, ପ୍ରାଣକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ମହାନ୍ତିଙ୍କ ମହାନତା ଓ ଶିକ୍ଷା ପ୍ରତି ଥିବା ଅନୁରାଗ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ଏ ଅବସରରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅତିଥିଙ୍କ ଦ୍ୱାରା ଏକ ସ୍ମୃତି ପତ୍ରିକା 'ସ୍ମୃତିଅର୍ଘ୍ୟ' ଉନ୍ମୋଚନ କରାଯାଇଥିଲା। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ବାଲିକୁଦା ବୁଦ୍ଧିଜୀବୀ ପରିଷଦ ସଭାପତି ପଦ୍ମଚରଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ପରିଷଦର ସମସ୍ତ ସଭ୍ୟ, ସଭ୍ୟା ପରିଚାଳନା କରିଥିଲେ।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

ଜଗତସିଂହପୁର,୨୧।୮ (ସମିସ): ସ୍ଥାନୀୟ ପୁରୁଣାଗଡ଼ସ୍ଥ ପ୍ରଫୁଲ୍ଲ ପାଠାଗାରରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏଥିରେ ମଞ୍ଚର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସେହିପରି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ ବରିଷ୍ଠ ନାଗରିକ ସମାଜର ବୋଝ ନୁହଁନ୍ତି। ବରଂ ସମାଜର ଦିଗ୍‌ଦର୍ଶକ ବୋଲି କହିଥିଲେ। ଅନ୍ୟତମ ଅତିଥି ଶିକ୍ଷାବିତ୍ ଘନଶ୍ୟାମ କାନୁନ୍‌ଗୋ ଆଲୋଚନାରେ ଭାଗନେଇ ୧୯୯୧ରୁ ପ୍ରତିବର୍ଷ ଅଗଷ୍ଟ ୨୧ ତାରିଖକୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଆସୁଛି ବୋଲି କହିବା ସହିତ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବରିଷ୍ଠ ନାଗରିକଙ୍କ ପ୍ରତି ସଚେତନତା ସୃଷ୍ଟି କରିବା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ବଂଶୀଧର ଆଚାର୍ଯ୍ୟ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ସତ୍ୟବାଦୀ ଦାସ, ନିମାଇଁ ଚରଣ ତ୍ରିପାଠୀ, ରମେଶ ସାହୁ, ଚନ୍ଦ୍ରଶେଖର ରାୟ ଓ ସଞ୍ଜୟ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ସରକାର ବରିଷ୍ଠ ନାଗରିକଙ୍କ ସମସ୍ୟା ପ୍ରତି ଅଗ୍ରାଧିକାର ଦେବା ସହ ପରିବାର ଓ ସମାଜ ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ମତ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପାଠାଗାର ସମ୍ପାଦକ ସୁରେନ୍ଦ୍ର ରାୟ ଓ ପ୍ରଶାନ୍ତ ବେହେରା ସହାୟତା କରିଥିଲେ। ଶେଷରେ ଅଜୟ କୁମାର ପତି ଧନ୍ୟବାଦ ଦେଇଥିଲେ।

## ଆଦି କର୍ମଯୋଗୀ ଅଭିଯାନ ପାଇଁ ବୈଠକ

ଯାଜପୁର,୨୧।୮ (ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ମଙ୍ଗଳ ବିଭାଗ ଆନୁକୁଲ୍ୟରେ ଆଦି କର୍ମଯୋଗୀ ଅଭିଯାନ ପାଇଁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କର କହିଲେ ଅନୁସୂଚିତ ଜନଜାତି ମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ "ଆଦି କର୍ମଯୋଗୀ ଅଭିଯାନ' ନାମରେ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଚଳିତ ବର୍ଷ ତଥା ୨୦୨୫ ଅଗଷ୍ଟରୁ ଓଡିଶାର ୨୨ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଜିଲ୍ଲାମାନଙ୍କ ଭିତରେ ଯାଜପୁର ଜିଲ୍ଲା ଅନ୍ତର୍ଭୁକ୍ତ ଅଛି। ଜିଲ୍ଲାର ୫ଟି ବ୍ଲକର ୬୭ଟି ଆଦିବାସୀ ବହୁଳ ଗ୍ରାମରେ ଯଥା ସୁକିନ୍ଦା ବ୍ଲକ୍‌ର ୩୪ଟି ଗ୍ରାମ, ଦାନଗଦି ବ୍ଲକ୍‌ର ୧୬ ଟି ଗ୍ରାମ, କୋରେଇ ବ୍ଲକର ୫ଟି ଗ୍ରାମ, ଧର୍ମଶାଳା ବ୍ଲକର ୫ଟି ଗ୍ରାମ ଏବଂ ବଡ଼ଚଣା ବ୍ଲକ୍‌ର ୭ଟି ଗ୍ରାମରେ ଏହି ଅଭିଯାନର ସଫଳ ରୂପାୟନ ହେବାକୁ ଯାଉଛି। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଓ ଜନଜାତୀୟ ଗୌରବ ବର୍ଷ ପାଳନ ଅବସରରେ ଗତ ଅକ୍ଟୋବର ୨ରେ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଶୁଭାରମ୍ଭ କରାଯାଇଥିଲା। ଆଦି କର୍ମଯୋଗୀ ଅଭିଯାନ ଏହି ଯୋଜନାର ପୂର୍ଣ୍ଣାଙ୍ଗ ପରିପ୍ରକାଶ। ଅଭିଯାନରେ ଶିକ୍ଷା, ସାସ୍ଥ୍ୟ, ଗମନାଗମନ, ପଞ୍ଚାୟତ ଓ ପାନୀୟଜଳ, ଗ୍ରାମ ଉନ୍ନୟନ, କୃଷି, ମହିଳା ଓ ଶିଶୁ ବିକାଶ, ଜଙ୍ଗଲ ପରିବେଶ ଓ ସର୍ବୋପରି ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସହଭାଗିତାରେ ଅନୁସୂଚିତ ଜନଜାତି ବହୁଳ ଗ୍ରାମମାନଙ୍କରେ ତୃଣମୂଳସ୍ତରରେ ପ୍ରଶାସନକୁ ପହଁଚାଇବା। ଏଥିସହିତ ଯୋଜନାର ପ୍ରଚାର ପ୍ରସାର ଓ ଅତ୍ୟାବଶ୍ୟକ ସେବାର ଉପଲବ୍ଧତା କରାଇବା ପାଇଁ ପ୍ରତ୍ୟେକ ଗ୍ରାମରେ ୨୦ ଜଣ ବିଶିଷ୍ଟ ଆଦିବାସୀ କ୍ୟାଡର ସୃଷ୍ଟି କରାଯିବ। ଏମାନଙ୍କୁ ଆଦି କର୍ମଯୋଗୀ, ଆଦି ସହଯୋଗୀ ଏବଂ ଆଦି ସାଥୀ ନାମରେ ଅବିହିତ କରାଯାଇ ସରକାର ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟଙ୍କ ମଧ୍ୟରେ ଏକ ସେତୁ ସୃଷ୍ଟି କରାଯିବ ଏବଂ କାର୍ଯ୍ୟକ୍ରମ ରୂପାୟନ କରାଯିବ। ପ୍ରତ୍ୟେକ ଗ୍ରାମରେ ଏକ ସେବା କେନ୍ଦ୍ର ଚିହ୍ନଟ କରାଯିବ। ସାଧାରଣ ଭାବରେ ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ର, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ସେବା କେନ୍ଦ୍ର କାର୍ଯ୍ୟକରିବ। ଆଗାମୀ ଦିନରେ ବିଭିନ୍ନ ପର୍ଯ୍ୟାୟରେ ଜିଲ୍ଲା, ବ୍ଲକ୍, ପଞ୍ଚାୟତ ସ୍ତରରେ ପ୍ରଶିକ୍ଷଣ ପ୍ରଦାନ ପରେ ଏହି ଅଭିଯାନର କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ବିଭିନ୍ନ ଯୋଜନାକୁ ଅଧୀନ କରି ପ୍ରତ୍ୟେକ ଗ୍ରାମ ନିମନ୍ତେ ଗ୍ରାମ୍ୟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ।

## ଥାଲାସେମିଆ ରୋଗ ନିୟନ୍ତ୍ରଣ ପାଇଁ ସଚେତନତା ଆବଶ୍ୟକ

ଯାଜପୁର,୨୧।୮ (ସମିସ): ଶିଶୁମାନଙ୍କ ସୁସ୍ଥ ଜୀବନଯାପନ ପାଇଁ ଜାତୀୟ ଏବଂ ରାଜ୍ୟସ୍ତରରେ ସେମାନଙ୍କ ପାଇଁ ପୋଲିଓ, ଟିଟାନସ୍, ଡ଼ୁଫିଂ କାଶ, ଡିପ୍ଥେରିଆ ଇତ୍ୟାଦି ରୋଗର ନିୟନ୍ତ୍ରଣ ଓ ପ୍ରତିରୋଧ ମୁଳକ କାର୍ଯ୍ୟକ୍ରମ ଓ ଯୋଜନା ବ୍ୟବସ୍ଥା ରହିଛି। କିନ୍ତୁ ଦୀର୍ଘ ୩୦ବର୍ଷ ହେଲା ବିଭିନ୍ନ ଜିଲ୍ଲାରେ ଏହି ରୋଗର ପ୍ରାଦୃଭାବ ଦେଖାଯାଇଛି। ଏହି ମାରାତ୍ମକ ରୋଗ ହେତୁ ଅକାଳରେ କେତେକ ପିଲା ମୃତ୍ୟୁବରଣ କରୁଛନ୍ତି। କେବଳ ଯାଜପୁର ଜିଲ୍ଲାରେ ୩୨୫ଟି ଚିକିତ୍ସିତ ଥାଲାସେମିଆ ରୋଗୀ ମଧ୍ୟରେ ୧୨ଜଣଙ୍କର ଅକାଳରେ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କର ଜୀବନ ରକ୍ଷା ପାଇଁ ସରକାରଙ୍କ ତରଫରୁ କୌଣସି ଯୋଜନା କିମ୍ବା କାର୍ଯ୍ୟକ୍ରମ ହେଉନାହିଁ ବୋଲି ଅଭିଯୋଗ ହେଉଛି। ଗତ ୨୦ବର୍ଷ ହେଲା ଯାଜପୁର ଜିଲ୍ଲାର ରୋଟାରିଆନ ବିଶେଷଜ୍ଞ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ରେଡକ୍ରସ ବ୍ଲଡ୍ ବ୍ୟାଙ୍କ ମେଡିକାଲ ଅଫିସର ବଦାନ୍ୟ ବ୍ୟକ୍ତି ମାନଙ୍କ ଉଦ୍ୟମରେ ଜିଲ୍ଲା ଥାଲସେମିଆ ସୋସାଇଟି ଗଠନ କରାଯାଇ ସେମାନଙ୍କ ପାଇଁ ପ୍ରତିମାସରେ ବ୍ଲଡ ଡୋନେସନ କ୍ୟାମ୍ପ ଏବଂ ରକ୍ତ କ୍ରୟ ମୂଲ୍ୟ ସହିତ ଗସ୍ତ ଖର୍ଚ୍ଚ ବହନ କରାଯାଉଥିଲା। କିନ୍ତୁ ୨୦୧୮ ମସିହାରୁ ଭାରତ ସରକାରଙ୍କ ସେମାନଙ୍କୁ ମାସିକ ଭତ୍ତା ପ୍ରଦାନ, ରାଜ୍ୟ ସରକାର ମେଡିକାଲ ଯିବା ଆସିବା ଗସ୍ତ ଖର୍ଚ୍ଚ ବହନ କରିବା ସହିତ ଭାରତୀୟ ରେଡକ୍ରସ ବ୍ଲଡ ବ୍ୟାଙ୍କ ମାଗଣା ରକ୍ତ ଯୋଗାଣ କରୁଅଛନ୍ତି। ଜିଲ୍ଲା ଥାଲାସେମିଆ ସୋସାଇଟିର କାର୍ଯ୍ୟକ୍ରମ ହ୍ରାସ ପାଇଥିଲେ ମଧ୍ୟ ରାଜ୍ୟ ସରକାର ଅକାଳରେ ମୃତ୍ୟୁ ବରଣ କରୁଥିବା ନିରିହ ଶିଶୁମାନଙ୍କ ପାଇଁ ବିଶେଷ ଧ୍ୟାନ ଦେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଯୋଜନା, ପ୍ରସ୍ତୁତ କରିବା ନିମିତ୍ତ ଯାଜପୁର ଜିଲ୍ଲା ଥାଲାସେମିଆ ସୋସାଇଟିର ସମ୍ପାଦକ ପରମାନନ୍ଦ ନାୟକ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଏଥିପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଲେ ଥାଲାସେମିଆ ରୋଗୀ ମାନେ ବିଶେଷ ଭାବେ ଉପକୃତ ହେବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

କଂସାରିପାଟିଆ ମୌଜା ଜଙ୍ଗଲ ଜମିରୁ ବାଲି ଲୁଟ୍

## ୩ ଦିନରେ ପାଖାପାଖି ୩୦୦ ଟ୍ରିପ୍ ଚାଲାଣ ଅଭିଯୋଗ




ପାରାଦୀପ, ୨୧।୮ (ସମିସ): ପାରାଦୀପ ବେଳାଭୂମି ଅଞ୍ଚଳ କଂସାରିପାଟିଆ ମୌଜାର ଜଙ୍ଗଲ ଜମିରୁ ତିନିଦିନ ଧରି ରାତିରେ ଚାଲିଛି ବାଲି ଲୁଟ୍। ଏହି ତିନିଦିନ ମଧ୍ୟରେ ପାଖାପାଖି ୩୦୦ ଟ୍ରିପ୍ ବାଲି ଚୋରାଚାଲାଣ ହୋଇଥିବା ଅଭିଯୋଗ ହେଉଛି। ଏଭଳି ଲୁଟ୍ ପଛରେ କାହାର ହାତ ରହିଛି, ତାକୁ ନେଇ ପ୍ରଶ୍ନ ଉଠିଛି। ବାରମ୍ବାର ଗଣମାଧ୍ୟମରେ ଏଭଳି ଖବର ପ୍ରକାଶ ପାଇବା ପରେ ମଧ୍ୟ ବାଲି ମାଫିଆ ଲୁଟ୍ କରିବାକୁ ଭୟ କରୁନାହାନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ କାହା ସହମତିରେ ଏଭଳି ଲୁଟ୍ ହେଉଛି। ନିଶ୍ଚୟ କାହାର ନା କାହାର ସହମତି ରହିଛି। ଗତ ଦୁଇ ସପ୍ତାହ ପୂର୍ବେ ଏଭଳି ରାତିଅଧିଆ ମାଟି ଲୁଟ ହେଉଥିବାବେଳେ ସ୍ଥାନୀୟ କିଛି ଯୁବକ ପୁଲିସକୁ ଜଣାଇଥିଲେ। ଏ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇ ଥାନା ପର୍ଯ୍ୟନ୍ତ କଥା ଯାଇଥିଲା। ପୁଲିସ ଗୋଟିଏ ପକ୍ଷର ଅଭିଯୋଗକୁ ଗ୍ରହଣ କରିଥିବାବେଳେ ବାଲି ଲୁଟ୍‌କୁ ବିରୋଧ କରୁଥିବା ଯୁବକଙ୍କ ଅଭିଯୋଗ ଗ୍ରହଣ କରି ନ ଥିଲା। ରାଜନୈତିକ ଚାପରେ ସେ ଅଭିଯୋଗକୁ ଫାଇଲ ଭିତରେ ଚାପି ଦେଇଛି ପୁଲିସ।

ଢିଙ୍କିଆ ସରପଞ୍ଚ ପିଙ୍କି ଦାସ ଜିଲ୍ଲାପାଳଙ୍କୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଇଥିଲେ। ଏତେ ଅଭିଯୋଗ ହେଲା ପରେ ବି ପୁଣି କିଭଳି ୩ ଦିନ ହେବ ସେହି ଜାଗାରୁ ୩୦୦ ଟ୍ରିପ ବାଲି ଉଠିଲା ତାକୁ ନେଇ ଏବେ ବଡ଼ ପ୍ରଶ୍ନ ଉଠିଛି। ଏହି ବାଲି ଉଠିବା ପଛରେ କାହାର ନା କାହାର ସହମତି ରହିଛି। ଜଙ୍ଗଲ ବିଭାଗ, ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସମସ୍ତେ ଜାଣିବା ପରେ କିଭଳି ଏହି ବାଲି ଚାଲାଣ ହେଉଛି। ତେବେ ରାଜନେତାଙ୍କ ଛତ୍ରଛାୟା ତଳେ ରହି ମାଫିଆ ଜଙ୍ଗଲ ଜମିରୁ ଏଭଳି ଲୁଟ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଆଜି ଏରସମା ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା ଘଟଣାସ୍ଥଳ ପରିଦର୍ଶନରେ ଯାଇଥିଲେ। ସେଠାରେ ପରିଦର୍ଶନ କରି ଏଭଳି ଲୁଟ ହେବା ଦ୍ୱାରା ବହୁ ସ୍ଥାନରେ ପୋଖରୀ ସୃଷ୍ଟି ହୋଇଥିବା ଓ ବହୁ ଗଛକୁ ତାଡି ଦିଆଯାଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଆଜିଠୁ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଏହି ଜଙ୍ଗଲ ଜମିରୁ ବାଲି ଲୁଟ ହେବା ପରିବେଶ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରତି ଘୋର ବିପଦ ସୃଷ୍ଟି ହୋଇଛି। ପ୍ରାକୃତିକ ବାଲି ଟିକିରା ଧ୍ୱଂସ ହୋଇଯାଉଥିବା ବେଳେ ଝାଉଁ ଜଙ୍ଗଲ ଉଜୁଡି ଯାଉଛି। ସମୁଦ୍ରରେ ଆସୁଥିବା ଜୁଆର କୂଳ ଲଙ୍ଘି ଜନବସତି ପଶିଯିବା ନେଇ ବିପଦ ସୃଷ୍ଟି ହୋଇଛି।

## ସାମ୍ବାଦିକଙ୍କ ପିତୃ ବିୟୋଗ



ଜଗତସିଂହପୁର, ୨୧।୮ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅଧୀନସ୍ଥ ପଳାଶୋଳ ପଞ୍ଚାୟତ ଡିଙ୍ଗେଶ୍ୱର ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ଦେବେନ୍ଦ୍ର ନାଥ ମହାନ୍ତିଙ୍କ (୮୮)ଙ୍କ ଆଜି ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ସେ କିଛିମାସ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ମହାନ୍ତି ଜଣେ ସ୍ନେହୀ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ପଳାଶୋଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶେଷ ସମୟରେ ପୁଅ ଅକ୍ଷୟ ମହାନ୍ତି, ବୋହୂ ସନ୍ଧ୍ୟାରାଣୀ ମହାନ୍ତି, ଜ୍ୱାଇଁ ରବୀନ୍ଦ୍ର ମହାନ୍ତି, ଜ୍ଞାନେନ୍ଦ୍ର ନାୟକ, ନାତି ଆଦର୍ଶ ମହାନ୍ତି, ସାଇସତ୍ୟମ ନାୟକ, ଜିତେନ ଜେନାଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ସାମ୍ବାଦିକ ଅକ୍ଷୟ କୁମାର ମହାନ୍ତି ମୁଖାଗ୍ନି ଦେଇଥିଲେ।

■ କୁଜଙ୍ଗକୁ ଏନ୍‌ଏସି ମାନ୍ୟତା ଦାବି

## ୨୬ ଆନ୍ଦୋଳନ ପାଇଁ ବ୍ୟାପକ ପ୍ରସ୍ତୁତି

କୁଜଙ୍ଗ,୨୧।୮ (ସମିସ): ରାଜ୍ୟରେ ପୁଣି ୧୨ଟି ଏନ୍‌ଏସି ଗଠନ ପାଇଁ ରାଜ୍ୟ ସରକାର ଘୋଷଣା କରିଥିବାବେଳେ ସମସ୍ତ ଭିତ୍ତିଭୂମି ଥାଇ କୁଜଙ୍ଗକୁ ଅଣଦେଖା କରାଯାଇ ଏନ୍‌ଏସି ତାଲିକାରୁ ବାଦ ଦେବାକୁ କୁଜଙ୍ଗର ଗଣସଂଗଠନ, ସଚେତନ ନାଗରିକ ଓ ସାଧାରଣ ଜନତାଙ୍କ ଆକ୍ରୋସ ବଢୁଥିବା ଲକ୍ଷ୍ୟ କରାଯାଉଛି। କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆସନ୍ତା ୨୬ ତାରିଖ ତହସିଲ ସମ୍ମୁଖରେ ଥିବା ଆନ୍ଦୋଳନ ଓ ବିକ୍ଷୋଭକୁ ଦୁର୍ବାର କରାଯିବାର ସୂଚନା ମିଳିଛି। ଆଜି ଏହି ନେଇ କୁଜଙ୍ଗସ୍ଥ ଲୋକନାଥ ଭବନରେ ସଚେତନ ନାଗରିକ ମଞ୍ଚ ଆବାହକ ଡଃ ରଘୁନାଥ ସାହୁଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏହି ବୈଠକରେ କବି ପୀତାମ୍ବର ତରାଇ, ପ୍ରିୟମ୍ବଦା ପାଣି, ବାବୁରାମ ଚୌଧୁରୀ, ସୁବାସ ମହାପାତ୍ର, ଆଇନଜୀବୀ ରଞ୍ଜିତ ବିଶ୍ୱାଳ, ପ୍ରଭାସ ଗୋଚ୍ଛାୟତ, କୈଳାସ ଷଡ଼ଙ୍ଗୀ, ମନୋଜ ପାତ୍ର, ବରିଷ୍ଠ ସାମ୍ବାଦିକ ଦୁଷ୍ମନ୍ତ ମାଝୀ, ବିବେକାନନ୍ଦ ଦାସ, ମନିନ୍ଦ୍ର ଗୁରୁ, ଖୋକା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ୨୬ ତାରିଖ ଆନ୍ଦୋଳନର ରୂପ ରେଖ ପ୍ରସ୍ତୁତ କରିବା ସହ କିପରି ଅଧିକରୁ ଅଧିକ ଯୁବକ ସଂଘ, ଗଣସଂଗଠନ ସ ବୁଦ୍ଧିଜୀବୀଙ୍କୁ ଏହି ଆନ୍ଦୋଳନରେ ସାମିଲି କରାଯିବ, ସେ ନେଇ ଯୋଜନା ଓ ସାଧାରଣ ଜନତାଙ୍କ ସହ ବ୍ୟାପକ ବିଚାରବିମର୍ଷ କରାଯାଇଥିଲା। ଏଥିସହିତ ଅନେକ ଗଣଅନୁଷ୍ଠାନ ସହିତ ଯୋଗଯୋଗ କରାଯାଇଥିବାବେଳେ ସେମାନେ କୁଜଙ୍ଗକୁ ରାଜ୍ୟ ସରକାର ଏନ୍‌ଏସି ଘୋଷଣା ପର୍ଯ୍ୟନ୍ତ ଆନ୍ଦୋଳନକୁ ଦୁର୍ବାର କରିବେ ବୋଲି ସହମିତି ଦେଇଥିବା ବୈଠକରେ ଆବାହକ ପ୍ରକାଶ କରିଛନ୍ତି। କୁଜଙ୍ଗ ଦେଶର ଦ୍ୱିତୀୟ ବୃହତ ବନ୍ଦର ପାରାଦୀପର ମୁଖଶାଳା ହୋଇଥିବାବେଳେ ଏହାର ବିକାଶ ପାଇଁ ଦଳମତ ନିର୍ବିଶେଷରେ ସବୁ ବର୍ଗର ଲୋକ ସହଯୋଗ କରୁଥିବା ମଞ୍ଚ ପକ୍ଷରୁ ଏହାର ନେତାମାନେ ପ୍ରକାଶ କରିଛନ୍ତି।

## ସିଦ୍ଧ ହର ଦାସଙ୍କ ଜନ୍ମବାର୍ଷିକୀ

ଏରସମା,୨୧।୮ (ସମିସ): ଏରସମା ବ୍ଲକ୍ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତସ୍ଥ ନାଉବେଲାରୀ ଗ୍ରାମର ସିଦ୍ଧ ଗୋରଖନାଥ ପୀଠରେ ସିଦ୍ଧ ସ୍ୱାମୀ ହର ଦାସଙ୍କ ଜନ୍ମବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ସିଦ୍ଧ ସ୍ୱାମୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରାସ୍ତା କଡ଼ରେ ଚାରାରୋପଣ କରାଯାଇଥିଲା। ସିଦ୍ଧ ଡଃ ସୁରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ସିଦ୍ଧ ସ୍ୱାମୀଙ୍କୁ ପାଲିଙ୍କିରେ ବସାଇ ଶତାଧିକ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ସେଠାରେ ଆୟୋଜିତ ସଭାରେ ଡଃ ନିରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ସିଦ୍ଧ ଡଃ ଭୋଳାନାଥ ଦାସ ମୁଖ୍ୟଅତିଥି, ସ୍ୱର୍ଣ୍ଣ ଚିକିତ୍ସକ ଯଦୁନାଥ ଜେନା, ପ୍ରଫେସର ନିରଞ୍ଜନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସିଦ୍ଧ ସ୍ୱାମୀଙ୍କ ଚିକିତ୍ସା ପଦ୍ଧତିର ଉପକାରିତା ଉପରେ ବକ୍ତବ୍ୟ ଦେଇଥିଲେ। ଏଥିରେ ଡ. ରାଜରତନ ଦାସ, ମଳୟ ରଞ୍ଜନ ଦାସ, ସୂର୍ଯ୍ୟକାନ୍ତ ଦାସ, ଚନ୍ଦ୍ରକାନ୍ତ ଦାସ, ରାଧାପ୍ରସାଦ ଶତପଥୀ, ବିଭୂତି ବେହେରା ପ୍ରମୁଖ ଶତାଧିକ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ଯୋଗ ଦେଇଥିଲେ।

ଜନପ୍ରତିନିଧିଙ୍କୁ ବିଡିଓଙ୍କ ଦୁର୍ବ୍ୟବହାର

# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

ବାଲିକୁଦା,୨୧।୮ (ସମିସ):



ବାଲିକୁଦା ବ୍ଲକ୍‌ର ୩୦ ପଞ୍ଚାୟତର ଜନପ୍ରତିନିଧିଙ୍କୁ ବାଲିକୁଦାର ନୂତନ ବିଡିଓ ସାଗର କୁମାର ନନ୍ଦ ଦୁର୍ବ୍ୟବହାର କରିଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏହି ଘଟଣାରେ ଜିଲ୍ଲାପାଳ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନପ୍ରତିନିଧି ଦାବି କରିଛନ୍ତି।

ବାଲିକୁଦା ବ୍ଲକର ଜନପ୍ରତିନିଧି ଆଜି ଅପରାହ୍ନରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଡିଓଙ୍କଠାରୁ ସ୍ପଷ୍ଟୀକରଣ ପାଇବା ପାଇଁ ବିଡିଓଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟିଥିଲେ। ବିଡିଓ ଏହାର ଉତ୍ତର ଦେବା ପରିବର୍ତ୍ତେ ଏହା ବ୍ଲକ କାର୍ଯ୍ୟ। ତୁମେ କିଏ ଓ ତୁମର ଏ ପ୍ରସଙ୍ଗରେ ପଚାରିବାର କୌଣସି ଅଧିକାର ନାହିଁ ବୋଲି କହିଥିଲେ। ଏପରିକି ଅତ୍ୟନ୍ତ କଟୁ ଭାଷାରେ ଗାଳିଗୁଲଜ କରିବା ସହ ପ୍ରକୋଷ୍ଠ ବାହାରକୁ ବାହାରି ଯିବାକୁ ଧମକ ଦେଇଥିଲେ। ଜିଲ୍ଲାପାଳ ଦେଇଥିବା ତାଲିକା ଅନୁଯାୟୀ କାର୍ଯ୍ୟ କରାଯିବ ଓ ଏହାକୁ ଯନ୍ତ୍ରୀ ବୁଝିବେ। ତୁମେମାନେ ଚୋର, ତୁମେ କାର୍ଯ୍ୟ କରି ଠକେଇ କରିବ। ଯନ୍ତ୍ରୀ ଓ ଅଧିକାରୀ ଜେଲଦଣ୍ଡ ଭୋଗିବେ। ଏପରିକି ମହିଳା ସଭ୍ୟାଙ୍କୁ ମଧ୍ୟ ଖରାପ ବ୍ୟବହାର କରିଥିଲେ। ଜଣେ ଅଧିକାରୀଙ୍କ ଜନପ୍ରତିନିଧିଙ୍କ ପ୍ରତି ଏଭଳି ବ୍ୟବହାର ଯାହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ ସମସ୍ତ ଜନପ୍ରତିନିଧି। ଏ ନେଇ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ କହିଛନ୍ତି, ଆଜିର ସମାଜରେ ଜଣେ ଜନପ୍ରତିନିଧିଙ୍କୁ ଜଣେ ଉଚ୍ଚଶିକ୍ଷିତ ଓ ଆଇନର ପାଠ ପଢିଥିବା ଜଣେ ଅଧିକାରୀଙ୍କ ବ୍ୟବହାର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଥିବାବେଳେ ଜନପ୍ରତିନିଧି ପ୍ରତି ଏହା ଘୋର ଅପମାନ ପରିସ୍ଥିତି ସୃଷ୍ଟି କରିଛି। ଯାହାକୁ ମୁଁ ଦୃଢ଼ ଭାବେ ନିନ୍ଦା କରିବା ସହ ରାଜ୍ୟ ସରକାର ଏହାର ତଦନ୍ତ କରନ୍ତୁ ବୋଲି ଜିଲ୍ଲାପାଳଙ୍କୁ ଭେଟି ଅବଗତ କରାଇଛୁ। ସାଧାରଣ ଜନତାଙ୍କ ବିକାଶ ପାଇଁ ଆସିଥିବା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ପଚାରିବାରୁ ଯଦି ଏଭଳି ବ୍ୟବହାର ପ୍ରଦର୍ଶନ, ତେବେ ଜନପ୍ରତିନିଧି କିଭଳି ସାଧାରଣ ଜନତାଙ୍କ ସ୍ୱର ପାଲଟିବେ। ଯଦି ନ୍ୟାୟ ନ ମିଳେ ତେବେ ଜନପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ଏହା ବିରୁଦ୍ଧରେ ଆନ୍ଦୋଳନ କରିବେ ବୋଲି କହିଥିଲେ। ଜିଲ୍ଲାପାଳ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଥିବାରୁ ଏହାର କାର୍ଯ୍ୟକାରିତା ପର୍ଯ୍ୟନ୍ତ ଆମେ ସରକାରୀ ବ୍ୟବସ୍ଥା ପ୍ରତି ବିଶ୍ୱାସ ରଖିଛୁ।

ଏ ନେଇ ବିଡିଓ ସାଗର କୁମାର ନନ୍ଦ କହିଛନ୍ତି, ମୁଁ ସପ୍ତାହେ ହେବ ବାଲିକୁଦା ବ୍ଲକରେ ଯୋଗ ଦେଇଛି। ମୋର କୌଣସି ଜନପ୍ରତିନିଧିଙ୍କ ସହ ଶତ୍ରୁତା ନାହିଁ କିମ୍ବା ମୁଁ କାହାକୁ ଖରାପ ବ୍ୟବହାର କରିନାହିଁ। କେବଳ ମୁଁ ଏହି ଯୋଜନା ବ୍ଲକର, ଏଣୁ ଆପଣ ଏଥିରେ ହସ୍ତକ୍ଷେପ କରନ୍ତୁ ନାହିଁ। ଏହା ବିଭାଗୀୟ ହୋଇଥିବାରୁ ଯନ୍ତ୍ରୀଙ୍କ ଦାୟିତ୍ୱରେ କାର୍ଯ୍ୟ କରାଯିବ ବୋଲି କହିଥିଲି। ଏପରିକି ପୂର୍ବରୁ ଅନେକ କାର୍ଯ୍ୟ ଠିକାଦାର କରୁଥିବାବେଳେ କାମ ନିମ୍ନମାନର କରୁଥିବା କାରଣରୁ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥିବା କାରଣରୁ ଯନ୍ତ୍ରୀ ଓ ଅଧିକାରୀ ବିନା ଦୋଷରେ ଜେଲଦଣ୍ଡ ଭୋଗିବାର ଅନେକ ଉଦାହରଣ ଥିବାରୁ ଏହା ସମ୍ପୂର୍ଣ୍ଣ ଭାବେ ବିଭାଗ ଦ୍ୱାରା କରାଯିବ ବୋଲି କହିଥିଲି। ଆମେ ତୁମ ପଞ୍ଚାୟତ କାର୍ଯ୍ୟରେ ହସ୍ତକ୍ଷେପ କରୁନାହୁଁ। ତେଣୁ ତୁମେ ଦୟାକରି ଏଥିରୁ ନିବୃତ୍ତ ରୁହ ବୋଲି ସରଳତାର ସହ ବୁଝାଇଥିଲି। ମୋ ବିଷୟରେ ଆସିଥିବା ଅଭିଯୋଗ ଦୁର୍ଭାଗ୍ୟଜନକ ଓ ମୁଁ ସମସ୍ତ ତଦନ୍ତ ପାଇଁ ପ୍ରସ୍ତୁତ। ଏପରିକି ମୋ ପ୍ରକୋଷ୍ଠରେ ଲାଗିଥିବା ସିସିଟିଭି ଫୁଟେଜ ମୁଁ ତଦନ୍ତ ସମୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିବି ବୋଲି କହିଥିଲେ। ଆଜି ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ ସମୟରେ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉପାଧ୍ୟାକ୍ଷା ପ୍ରିୟମ୍ବଦା ପଲାଉର, ସରପଞ୍ଚ ସଭାପତି ପ୍ରଶାନ୍ତ ବାରିକ, ସମ୍ପାଦକ ରାଜକିଶୋର ସାହୁ, ସାଗରୀକା ପରିଡା, ଟୁନାଲତା ବେହେରା, ଲୋଭାବତୀ ବେହେରା, ତରୁଣ ମହାନ୍ତି, ରାଜଶ୍ରୀ ଖଟୁଆ, ଆଲୋକ ସ୍ୱାଇଁ, ସୁପ୍ରିୟା ଦାସ, ମଧୁଛନ୍ଦା ସ୍ୱାଇଁ, ଉର୍ମିଳା ସାହୁ, ସମିତି ସଭ୍ୟ ସମରେନ ରାୟ, ହରିଶ୍ଚନ୍ଦ୍ର ଶତପଥୀଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

## ହକି ଚାମ୍ପିଅନସିପ୍‌ରେ ସବ୍‌ଜୁନିୟର ବାଳିକା ଦଳର ସଫଳତା



ବାରିପଦା, ୨୧।୮(ସମିସ): ହକି ଆସୋସିଏସନ ଅଫ ଓଡ଼ିଶା ଆନୁକୂଲ୍ୟରେ ରାଉରକେଲାଠାରେ ଅନୁଷ୍ଠିତ ୪ର୍ଥ ରାଜ୍ୟସ୍ତରୀୟ ସବ୍‌ଜୁନିୟର ବାଳିକା ହକି ଚମ୍ପିୟାନସିପରେ ମୟୂରଭଞ୍ଜ ଦଳ ସଫଳତା ହାସଲ କରିଛି। ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ମୟୂରଭଞ୍ଜ ଦଳ ଶକ୍ତିଶାଳୀ ନୟାଗଡ଼କୁ ୯-୦ ଏବଂ ଅନୁଗୁଳକୁ ୨-୦ ଗୋଲରେ ପରାସ୍ତ କରି କ୍ୱାଟର ଫାଇନାଲରେ ପ୍ରବେଶ କରିଛି। ଏଥିସହିତ ଏହି ସଫଳତା ପରେ ମୟୂରଭଞ୍ଜ ଦଳ ଜାତୀୟ ସ୍ତରୀୟ ଅସ୍ମିତା ଖେଲୋ ଇଣ୍ଡିଆ ହକି ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ସୌଭାଗ୍ୟ ଅର୍ଜନ କରିଛି ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଜଣାଇଛନ୍ତି। ପ୍ରକାଶ ଥାଉକି, ମୋରଡା ବ୍ଲକ ସ୍ଥିତ ଚଢେଇଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କୁନିକୁନି ହକି ପ୍ରତିଭାଙ୍କ ପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅଭିଜ୍ଞ ହକି ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଉଛି। ଏହି ସଫଳତା ପାଇଁ ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ରୀଡା ବିଭାଗ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସମସ୍ତ କର୍ମଚାରୀ ତଥା ବିଭିନ୍ନ ମହଲରୁ ଦଳକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ମ୍ୟାଚ ପାଇଁ ଶୁଭକାମନା ଜଣାଇଛନ୍ତି।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର



ବାରିପଦା, ୨୧।୮(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ଭୂମିକା ଚକ୍ଷୁ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରାସେଶ୍ୱର ସାହୁଙ୍କ ଦ୍ୱାରା ଅନୁଷ୍ଠାନିକ ଭାବେ ଶିବିର ଉଦଘାଟନ ପରେ ଶିବିରର ଆବଶ୍ୟକତା ଏବଂ କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ରଖିଥିଲେ। ଭୂମିକା ଚକ୍ଷୁ ହସ୍ପିଟାଲ ତରଫରୁ ଜୋନାଲ ମ୍ୟାନେଜେର କର୍ଣ୍ଣାଟକିଶୋର ଜେନା, ଏରିଆ ମ୍ୟାନେଜେର ବିରଞ୍ଚି ନାରାୟଣ ସେଠୀ ଯୋଗଦେଇ ମାଗଣାରେ କିପରି ଭ୍ରାମ୍ୟମାଣ ଯାନ ସାହାଯ୍ୟରେ ଲୋକଙ୍କ ଚକ୍ଷୁ ପରୀକ୍ଷା ନେଇ ବିଭିନ୍ନ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଜର ରବୀନ୍ଦ୍ର ନାଥ ପରିଡ଼ା, ଉପସଭାପତି ବୀଣାପାଣି ପଣ୍ଡା, ସହ ସମ୍ପାଦକ ପ୍ରଦୀପ କୁମାର ପାଣି ଓ ସଭ୍ୟ ସନ୍ତୋଷ କୁମାର କାସ୍ତ ନିଜ ନିଜର ଅଭିମତ ରଖିଥିଲେ। ହସ୍ପିଟାଲ ତରଫରୁ ଅରିଜିତ ଦାଶ, ବରିଷ୍ଠ ପାରା କର୍ମଚାରୀ ସୌମ୍ୟ ଦାସ ଅଧିକାରୀ, ସହକାରୀ ମ୍ୟାନେଜେର ଓମ୍ ରାମ ଚନ୍ଦ୍ର ରାୟ, ଗୋଷ୍ଠୀ ସଂଗଠକ ଗୀତାରାଣୀ ପାତ୍ର, ପାରା କର୍ମଚାରୀ କମଲ କୁମାର ଜେନା, ଅଞ୍ଜଳି ନାଏକ ତଥା ସଂଘ ସଭ୍ୟ ସଭ୍ୟା ଯୋଗଦେଇଥିଲେ। ଏଥିରେ ୩୨ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଥିଲା।

## ପୂର୍ବତନ କ୍ରିକେଟ୍ ଖେଳାଳି ଅଭୟ ଦା'ଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା, ୨୧।୮(ସମିସ): ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସଦସ୍ୟ ତଥା ପୂର୍ବତନ କ୍ରିକେଟ ଖେଳାଳି ଅଭୟ ଦତ୍ତ ବାଲେଶ୍ୱର ଗୋଲେଇ ନିକଟସ୍ଥ ନିଜ ବାସଭବନରେ ଦେହତ୍ୟାଗ କରିଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ଆସୋସିଏସନର ସଦସ୍ୟ ବୃନ୍ଦ ତଥା ପୂର୍ବତନ କ୍ରିକେଟ ଖେଳାଳି ଶୋକ ପ୍ରକାଶ କରିଛନ୍ତି। ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ମୟୂରଭଞ୍ଜ କ୍ରିକେଟ ମହଲରେ ଜଣେ ଦ୍ରୁତଗାମୀ ବୋଲର ଭାବେ ବେଶ ସୁନାମ ଅର୍ଜନ କରିଥିଲେ। କଳିଙ୍ଗ କ୍ଲବ, ଲାଲବଜାର କ୍ଲବ ତରଫରୁ ସେ ଖେଳୁଥିଲେ। ୨୦୦୯ ମସିହାରେ ସେ କାଉନସିଲ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ନିଜର ମେଳାପୀ ଗୁଣ ଯୋଗୁଁ ସେ ବାରିପଦା ସହରରେ ଅଭୟ ଦା' ନାଁରେ ବେଶ ପରିଚିତ ଥିଲେ।

### ପିଏମ୍ ସୂର୍ଯ୍ୟଘର-ମାଗଣା ବିଜୁଳି ଯୋଜନା ବାଟବଣା

# ଅଧିକାରୀ ଓ ଅଭିଜ୍ଞ କର୍ମଚାରୀ ଅଭାବରୁ ମିଳୁନି ସୁଫଳ

ବାରିପଦା, ୨୧।୮(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର: ମାଗଣା ବିଜୁଳି ଯୋଜନା ବାଟବଣା। ସୌରଶକ୍ତିରୁ ବିଜୁଳି ଉତ୍ପାଦନ କରି ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ସୁବିଧା ବ୍ୟବସ୍ଥା ଥିବା ଏହି ଲାଭକାରୀ ଯୋଜନା କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପ୍ରଣୟନ କରିଥିବା ବେଳେ କେନ୍ଦ୍ର

**ଲକ୍ଷ୍ୟ ୧୦ ହଜାର; ଆବେଦନ କରିଛନ୍ତି ୪ ହଜାର**

ଓ ରାଜ୍ୟ ସରକାର ଏଥିପାଇଁ ରିହାତି ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏଥିପାଇଁ ସଚେତନ ଗ୍ରାହକଙ୍କ ମଧ୍ୟରେ ଆଗ୍ରହ ମଧ୍ୟ ପରିଲକ୍ଷିତ ହେଉଛି। ଯେଉଁମାନେ ଏହି ଯୋଜନାରେ ସାମିଲ ହୋଇଛନ୍ତି, ସେମାନେ ମାଗଣା ବିଜୁଳି ବ୍ୟବହାର କଲେଣି; ପରନ୍ତୁ ମୟୂରଭଞ୍ଜ ଜିଲ୍ଲାରେ ଆବଶ୍ୟକ ଅଧିକାରୀ, ଅଭିଜ୍ଞ କର୍ମଚାରୀ ଏବଂ ସଚେତନତା ଅଭାବରୁ ଏହି ଯୋଜନାର ସୁଫଳ ଜିଲ୍ଲାବାସୀ ପାଇବାରୁ ବଞ୍ଚିତ ରହିଛନ୍ତି। ଟାଟା ପାୱାର ନର୍ଦନ ବିଦ୍ୟୁତ ବିତରଣ ସଂସ୍ଥା



(ଟିପିଏନଓଡିଏଲ)ର ଜିଲ୍ଲା ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲାପାଇଁ ୧୦ ହଜାର ଗ୍ରାହକଙ୍କ ଘରେ ରିହାତି ମୂଲ୍ୟରେ ଅନଗ୍ରୀଡ ପିଏମ ସୂର୍ଯ୍ୟଘର: ମାଗଣା ବିଜୁଳି ଯୋଜନା କାର୍ଯ୍ୟକାରୀ ପାଇଁ ଲକ୍ଷ୍ୟ ରହିଛି; ହେଲେ ଆଜି ସୁଦ୍ଧା ୪ ହଜାର ୨୨୭ ଜଣ ଉପଭୋକ୍ତା ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୦୮ ଜଣଙ୍କ ଘରେ ଏହି ଯୋଜନା କାର୍ଯ୍ୟକାରୀ ହୋଇସାରିଲାଣି ଏବଂ ୩୮୯ ଉପଭୋକ୍ତା ସବସିଡି ଅର୍ଥ ଫେରି ପାଇଲେଣି। ତେବେ ଲକ୍ଷ୍ୟ ଧାର୍ଯ୍ୟ ତୁଳନାରେ ଆବେଦନ ଓ କାର୍ଯ୍ୟକାରୀ ବହୁ ପଛରେ ରହିଛି। ତେଣୁ ଏହି ଯୋଜନା ପାଇଁ ସ୍ୱତନ୍ତ୍ର ଅଧିକାରୀ ଓ ଅଭିଜ୍ଞ କର୍ମଚାରୀ ଅଭାବ ରହିଛି। ଜିଲ୍ଲାର ୨୬ଟି ବ୍ଲକ ଥିବାରୁ ଯୋଜନା କାର୍ଯ୍ୟକାରୀ ପାଇଁ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଜରୁରୀ। ଏହି ଯୋଜନା ଯଦିଓ ଭେଣ୍ଡର ଜରିଆରେ ସମ୍ପାଦିତ ହେଉଛି, ତେବେ ଟିପିଏନଓଡିଏଲର ସ୍ୱୀକୃତି ପ୍ରାପ୍ତ ୨୧ଜଣ ଭେଣ୍ଡରଙ୍କ ମଧ୍ୟରୁ ମାତ୍ର ୬/୭ ଜଣ କାର୍ଯ୍ୟକରୁଛନ୍ତି। ବୃହତ୍ ଜିଲ୍ଲାରେ ଏହି ଯୋଜନା ସମ୍ପାଦନ କାର୍ଯ୍ୟ ତୁଲାଇବା ପାଇଁ ଜଣେ ମାତ୍ର ଅତିରିକ୍ତ ଅଧିକାରୀ ରହିଛନ୍ତି। ଅପରପକ୍ଷରେ ତୃଣମୂଳ ସ୍ତରରେ ଏହାର ପ୍ରଚାରପ୍ରସାର ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ଯୋଜନାକୁ ବ୍ୟାପକ କରିବା ପାଇଁ ଆବ୍ୟଶକ ଅଧିକାରୀ ଓ ତାଲିମପ୍ରାପ୍ତ କର୍ମଚାରୀ ନିଯୁକ୍ତି ପାଇଁ ବିଭାଗ ପକ୍ଷରୁ ଖୁବଶୀଘ୍ର ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ। ପ୍ରତି ସେକ୍ସନରେ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଇଂ. ଦେବଦତ୍ତ ପଣ୍ଡା କହିଛନ୍ତି।

### ୧୧ ଦିନରେ ରାଜସ୍ୱ ଅମଲାଙ୍କ ଆନ୍ଦୋଳନ

## ସରକାରୀ କାର୍ଯ୍ୟ ବ୍ୟାହତ; ଲୋକେ ହନ୍ତସନ୍ତ



ବାରିପଦା, ୨୧।୮(ସମିସ): ବହୁ ପ୍ରତୀକ୍ଷିତ ୧୦ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବାପରେ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଗତ ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାର ୫୫୫ ଜଣ ରାଜସ୍ୱ ଅମଲା ସାମୂହିକ ଛୁଟିରେ ରହି ଆନ୍ଦୋଳନ ଚଳାଇଛନ୍ତି। ଗୁରୁବାର ୧୧ ଦିନରେ ଆନ୍ଦୋଳନ ପହଞ୍ଚିଥିବା ବେଳେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଛି। ବିଶେଷ ଭାବେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯେ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜିଲ୍ଲା ମୁଖ୍ୟ ଉପଦେଷ୍ଟା ଅଶୋକ କୁମାର ବେହେରା, ଜିଲ୍ଲା କୋଷାଧ୍ୟକ୍ଷ ସୁମନ୍ତ କୁମାର ନାୟକ, ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ତନ୍ମୟ ଦାସ ଏବଂ ଅନ୍ୟାନ୍ୟ ପ୍ରମୁଖ ସଦସ୍ୟ ଟୁନୁରାମ ସିଂ, ଉତ୍ତମ କୁମାର ବେହେରା, ବ୍ରହ୍ମାନନ୍ଦ ମୁଖି, ସନ୍ତୋଷ କୁମାର ସେଠୀ, ସୁନିତା ମହାପାତ୍ର, ବିଜୟଭାରତୀ ଦାଶ, ସତ୍ୟରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ସାହୁ, ଦିପ୍ତୀମୟୀ ସେଠୀ ଅନ୍ୟାନ୍ୟ ପାରିଷଦବର୍ଗ ଉପସଭାପତି (ଉପଖଣ୍ଡ) ବାରିପଦା ତପନ କୁମାର ବେହେରା ଏବଂ ଜିଲ୍ଲା କୋର କମିଟି ସଦସ୍ୟ ତ୍ରିଲୋଚନ ଜେନା ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନ ସମୟରେ ଜନ ସାଧାରଣଙ୍କ ଯାହା ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳ, ବାରିପଦା ଉପଜିଲ୍ଲାପାଳ ଏବଂ ଜିଲ୍ଲାସ୍ତରୀୟ ସମସ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ତଥା ବାରିପଦା ଉପଖଣ୍ଡର ସମସ୍ତ ବ୍ଲକ, ତହସିଲ, ଆଇସିଡିଏସ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ସମସ୍ତ ରାଜସ୍ୱ ଅମଲା ଉପସ୍ଥିତ ଥିଲେ।

## ଛାତ୍ରାବାସରୁ ଅଷ୍ଟମ ଶ୍ରେଣୀ ଛାତ୍ର ନିଖୋଜ

ବାରିପଦା, ୨୧।୮(ସମିସ): ତୁଳସୀଚଉରା ନିକଟରେ ଥିବା ବିଦ୍ୟାବିକାଶ ଆବାସିକ ବିଦ୍ୟାଳୟର ଛାତ୍ରାବାସରୁ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ନିଖୋଜ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ନିଖୋଜ ବାଳକ ହେଲେ ମହୁଲିଆ ଗ୍ରାମର କାଜୁ ମହାନ୍ତଙ୍କ ପୁଅ ପ୍ରକାଶ (୧୩)। ପ୍ରଧାନ ଶିକ୍ଷକଙ୍କ ଲିଖିତ ଅଭିଯୋଗ ମୁତାବକ, ପ୍ରକାଶ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ବେଳେ ତତ୍ତ୍ୱାବଧାରକଙ୍କୁ କୌଣସି ସୂଚନା ନ ଦେଇ ଗତ ୧୬ତାରିଖ ସନ୍ଧ୍ୟାରେ ସେ କୁଆଡେ ଚାଲିଯାଇଥିଲା। ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦେବା ପରେ ବହୁ ଖୋଜାଖୋଜି



କରିଥିଲେ ମଧ୍ୟ କୌଣସି ପତ୍ତା ମିଳିନଥିଲା। ଛାତ୍ର ପ୍ରକାଶ ଯିବା ସମୟରେ କଳା ରଙ୍ଗର ଜିନ୍ସ ପ୍ୟାଣ୍ଟ ଓ ସାର୍ଟ ସହିତ ଟୋପି ପିନ୍ଧିଥିଲା। ତେଣୁ ଯେ କୌଣସି ସହୃଦୟ ବ୍ୟକ୍ତି ଖବର ପାଇଲେ ୭୯୭୮୬୬୩୪୪୦ ଏବଂ ୮୩୨୭୭୫୯୮୧୮ ନମ୍ବର ଅବା ନିକଟସ୍ଥ ଥାନା ସହିତ ଯୋଗାଯୋଗ କରିବାକୁ ପରିବାର ଲୋକେ ଅନୁରୋଧ କରିଛନ୍ତି।

## ୧୯୧ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ବାରିପଦା, ୨୧।୮(ସମିସ): ବରିଷ୍ଠ ନାଗରିକ ଦିବସ ଅବସରରେ ପୌରପରିଷଦର ୩ନଂ ୱାର୍ଡରେ ୧୯୧ ଜଣ ବରିଷ୍ଠଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜୟ ହିନ୍ଦ୍ କ୍ଲବଠାରେ କାଉନ୍‌ସିଲର ରାଜ୍ ଗୁପ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ ଓ ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ୧୯୧ ବରିଷ୍ଠ ନାଗରିକଙ୍କୁ ସାଲ୍ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଏହି ଅବସରରେ ୱାର୍ଡର ବୟୋଜ୍ୟେଷ୍ଠ ଗୁରୁଜନ ନନ୍ଦ ମହାପାତ୍ର ଓ ମାଳତୀ ସାହୁଙ୍କ ଅତିଥି ସରୋଜିନୀ ହେମ୍ବ୍ରମ ଓ କୃଷ୍ଣାନନ୍ଦ ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ।

## ପ୍ରି-ଇଣ୍ଟର୍ଣ୍ଣସିପ୍ କର୍ମଶାଳା ଉଦ୍‌ଘାଟିତ



ବାରିପଦା, ୨୧।୮(ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସମନ୍ୱିତ ବିଇଡି ସପ୍ତମ ସେମିଷ୍ଟାର ଛାତ୍ରଛାତ୍ରୀଙ୍କର ପ୍ରି ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଡକ୍ଟର ଆଲବର୍ଟିନା ତିର୍କୀ ଉଦଘାଟକ ଭାବେ ଯୋଗଦେଇ ଶିକ୍ଷକମାନେ ସମାଜ ଗଠନର ମୂଳଦୁଆ ପକାଇବା ସହ ଆଦର୍ଶ ଜୀବନ ଯାପନର ମାର୍ଗଦର୍ଶକ ସାଜିଥାନ୍ତି ବୋଲି ମତ ଦେଇଥିଲେ। ବିଭାଗ ମୁଖ୍ୟା କ୍ୟାପଟେନ ବିଦ୍ୟୁତପ୍ରଭା ଦାସ କର୍ମଶାଳାର ଆବଶ୍ୟକତା ସମ୍ପର୍କରେ ସବିଶେଷ ଆଲୋଚନା କରିଥିବା ବେଳେ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ପ୍ରତ୍ୟକ୍ଷ ଭାବେ ସ୍କୁଲର କାର୍ଯ୍ୟଧାରା ସହ ଛାତ୍ର ଏବଂ ଶିକ୍ଷକମାନେ ନିଜକୁ ପ୍ରସ୍ତୁତ ହେବାଲାଗି ପରାମର୍ଶ ଦେଇଥିଲେ। ସଂଯୋଜକ ଦୁର୍ଗାଚରଣ ମାଝୀ ଯୋଗଦେଇ ନିଜର ଅଭିଜ୍ଞତାକୁ ଆଧାର କରି ଛାତ୍ର ଶିକ୍ଷକମାନେ କିପରି ଏହି କର୍ମଶାଳାରୁ ଉପକୃତ ହେବେ ସେ ନେଇ ତଥ୍ୟ ଉପସ୍ଥାପନ କରିଥିଲେ। ସଂଯୋଜକ ସହକାରୀ ପ୍ରଫେସର ଡକ୍ଟର ସଦାନନ୍ଦ ମେହେର ପରିଚାଳନା କରିଥିବା ବେଳେ ସହକାରୀ ପ୍ରଫେସର ଉମେଶ ଚନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣିରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ମୋରଡା, ୨୧।୮(ସମିସ): ବେତନଟୀ ଥାନା କେନ୍ଦୁଛାଟିଆ ବାଉଁଶବଣି ଗ୍ରାମର ଜଣେ ବୃଦ୍ଧଙ୍କ ମୃତଦେହ ପାଣିରୁ ଉଦ୍ଧାରା କରିଛି ପୁଲିସ। ମୃତକ ଜଣକ ହେଲେ ଟୁଙ୍ଗାଧୁଆ ଗ୍ରାମର ହରିପଦ ଦେହୁରୀ (୫୦)। ସୂଚନାଯୋଗ୍ୟ ଯେ, ହରିପଦା ବଡ଼ଜାମବଣି ଫାଣ୍ଡି ଅଧୀନ କେନ୍ଦୁଛାଟିଆ ବାଉଁଶବଣି ଗ୍ରାମର ନିଜ ଶ୍ୱଶୁର ସତୀଆ ଦେହୁରୀଙ୍କ ଘରେ ହରିପଦ ରହି ଆସୁଥିଲେ। ହେଲେ ହରିପଦ ଗ୍ରାମର ଏକ ଡାଗୱେଲକୁ ଗାଧୋଇବାକୁ ଯାଇ ବୁଡି ଯାଇଥିଲେ। ସେ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ପାଣିରୁ ଉଦ୍ଧାର କରି କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଅଟୋ ଚାଳକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ବସ୍ ଅଟକ

# ବୈଧ ପ୍ରମାଣପତ୍ର ବିନା ଗଡୁଛି ସରକାରୀ ବସ୍

ବାରିପଦା, ୨୧।୮(ସମିସ)

ବୈଧ ପ୍ରମାଣପତ୍ର ବିନା ଓଡ଼ିଶା ରାଜ୍ୟପରିବହନ ନିଗମର ମୁଖ୍ୟମନ୍ତ୍ରୀ (ଲକ୍ଷ୍ମୀ) ବସ ଚଳାଚଳକୁ କେନ୍ଦ୍ରକରି ଗୁରୁବାର ବାରିପଦା ସହରର ଅଟୋଚାଳକ ସଂଘ ତୀବ୍ର ବିରୋଧ କରିବା ସହିତ କର୍ମକର୍ତ୍ତାମାନେ ତାତିଛନ୍ତି। ଗୁରୁବାର ପୂର୍ବାହ୍ନରେ ସଂଘର ସଦସ୍ୟ ତକତପୁରଠାରେ ଏପରି ଏକ ବସକୁ ଅଟକ କରି ରଖିବା ଫଳରେ ଉତ୍ତଜନା ଦେଖାଦେଇଥିଲା। ଅଟକ ସରକାରୀ ବସଟି ଶଙ୍ଖାଭଙ୍ଗା ଗ୍ରାମପଞ୍ଚାୟତ ଭାୟା ବାରିପଦା ବ୍ଲକ କାର୍ଯ୍ୟାଳୟ ଯିବାର ସ୍ଥିର ଥିବାବେଳେ ତକତପୁର-ବିଶ୍ୱବିଦ୍ୟାଳୟ ରାସ୍ତା ଦେଇ ଯାଉଥିବାରୁ ଅଟୋ ଚାଳକ ସଂଘ ପ୍ରତିବାଦ ପୂର୍ବକ ଅଟକାଇ କାଗଜପତ୍ର ଦେଖାଇବାକୁ ଜିଦ୍ କରିଥିଲେ; ଯାହାକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଥିଲା। ସଂଘର କର୍ମକର୍ତ୍ତାମାନେ ଡ୍ରାଇଭରଙ୍କୁ ବସ କାଗଜପତ୍ର ମାଗିବାରୁ ସେ ଦେଖାଇ ପାରି ନ ଥିଲେ। ଚାଳକ ନନ୍ଦ କୁମାର ବିନ୍ଧାଣୀ ଓ କଣ୍ଡକ୍ଟର ଅଂଶୁମାନ ପାଟବନ୍ଧା କାଗଜପତ୍ର ସମ୍ପର୍କରେ ବସ ସୁପରଭାଇଜର ଓ ଜିଲ୍ଲା ପରିଚାଳକ ଉତ୍ତର ଦେଇପାରିବେ ବୋଲି କହିଥିଲେ। ଖବର ପାଇ ବାରିପଦା ଟାଉନ ଥାନା ପୁଲିସ ଓ



ବସ ସୁପରଭାଇଜର ପହଞ୍ଚି ଉତ୍ୟକ୍ତ ଅଟୋ ଚାଳକଙ୍କୁ ବୁଝାସୁଝା କରିଥିଲେ। ତେବେ ବସ ସୁପରଭାଇଜର ମଧ୍ୟ କୌଣସି କାଗଜ ପତ୍ର ଦେଖାଇ ନ ପାରିବାରୁ ଉତ୍ତେଜନା ତୀବ୍ର ହୋଇଥିଲା। ବସ୍‌ର ପଲ୍ୟୁସନ ପ୍ରମାଣପତ୍ରର ବୈଧତା ମାର୍ଚ୍ଚ ୩୧ ତାରିଖରୁ ଶେଷ ହୋଇଥିବା ଅନଲାଇନରେ ଦେଖାଉଥିବା ଚାଳକ ସଂଘ କହିଥିଲେ ହେଁ ସୁପରଭାଇଜର ଏହାକୁ ଏଡାଇ ଯାଇଥିଲେ। ଏ ନେଇ ଓଏସଆରଟିସିର ଜିଲ୍ଲା ପରିଚାଳକ ଗୋପାଳ ବିଶୋଇଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ।






# ଶୋଇଥିବା ବୃଦ୍ଧାଙ୍କୁ କଚାଡ଼ି ମାରିଲା ଦନ୍ତା

ଚମ୍ପୁଆ/ତୁରୁମୁଙ୍ଗା, ୨୧।୮ (ସମିସ)





କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନର ବର୍ଦ୍ଧନାଠାରେ ଗତ ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ଘର ଭାଙ୍ଗିବା ସହିତ ଶୋଇଥିବା ୭୫ ବର୍ଷର ବୃଦ୍ଧ ମହିଳାଙ୍କୁ ଆକ୍ରମଣ କରିବା ଫଳରେ ତାଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧା ହେଉଛନ୍ତି ଶ୍ରଦ୍ଧାମଣି ଖିଲାର। ଏହି ଅଞ୍ଚଳରେ ୩୧ଟି ହାତୀ ରହିଥିବା ଦୀର୍ଘଦିନ ହେଲା ଉପଦ୍ରବ କରି ଆସୁଛନ୍ତି। ଯା'ଫଳରେ ହାତୀ-ମଣିଷ ସହାବସ୍ଥାନରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଉକ୍ତ ଗୋଠରୁ ଏକ ଦନ୍ତା ହାତୀ ରାତି ସମୟରେ ଘର ଭାଙ୍ଗିବା ସହ ଫସଲ ନଷ୍ଟ କରିଚାଲିଛି। ଗତ ରାତି ଏହି ହାତୀ ବର୍ଦ୍ଧନା ଗ୍ରାମର ଉକ୍ତ ଘରେ ଶୋଇଥିବା ବୃଦ୍ଧା ଶ୍ରଦ୍ଧାମଣିଙ୍କୁ କଚାଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଣ୍ଡା ମେଡିକାଲ ଓ ପରେ କେନ୍ଦୁଝର ମେଡିକାଲ ନିଆଯାଇଥିଲା। ସେଠାରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ଉଖୁଣ୍ଡା ଫରେଷ୍ଟର ପ୍ରଦୀପ ବାରିକ ସୂଚନା ଦେଇଛନ୍ତି। ତାଙ୍କ ପରିବାରକୁ ସମସ୍ତ ଉପଲବ୍ଧ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି ହାତୀପଲ ବୁଧବାର ବିଳମ୍ବିତ ରାତିରେ ଜ୍ୟୋତିପୁର ବିଟ୍ ଅନ୍ତର୍ଗତ ବର୍ଦ୍ଧନା, ଆଙ୍କୁଡି, ନିଉଣ୍ଡି, ଖୁଣ୍ଟାପଡା, ଟାଙ୍ଗରପଡା ଗ୍ରାମରେ ଆତଙ୍କ ଖେଳାଇଛନ୍ତି। ୭ରୁ ଅଧିକ ଘର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିବା ବେଳେ ଦୈନନ୍ଦିନ ହାତୀ ଉପଦ୍ରବ ଯୋଗୁଁ ଅଞ୍ଚଳବାସୀ ଆତଙ୍କିତ ଓ ଅସୁରକ୍ଷିତ ଅବସ୍ଥାରେ କାଳାତିପାତ କରୁଛନ୍ତି। ବୃଦ୍ଧାଙ୍କୁ କଚାଡ଼ି ମାରିଥିବା ଦନ୍ତା ହାତୀଟି ବର୍ତ୍ତମାନ ନିଉଣ୍ଡି ଜଙ୍ଗଲରେ ଘୂରି ବୁଲୁଥିବା ଜଣାପଡ଼ିଛି।

**ହାତୀପଲ ଭାଙ୍ଗୁଛନ୍ତି ଶହ ଶହ ଘର**

## ଘସିପୁରା-ଶୈଳଙ୍ଗ ଚାରିଥାକିଆ ରାସ୍ତା ପାଇଁ ୧୭ କୋଟି



ଆନନ୍ଦପୁର,୨୧।୮ (ସମିସ): ଆନନ୍ଦପୁର ପୌରାଞ୍ଚଳର ଘସିପୁରା ବାଇପାସ୍ ଭାୟା ସତସଙ୍ଗ ରାସ୍ତାରଶୈଳଙ୍ଗ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ଆନନ୍ଦପୁର ପୂର୍ତ୍ତ ବିଭାଗ ପକ୍ଷରୁ ୧୭ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହାକୁ ବିଭାଗୀୟ ଅନୁମୋଦନ ପାଇଁ ପଠାଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ଘସିପୁରା ବାଇପାସ୍‌ରୁ ଶୈଳଙ୍ଗ ପର୍ଯ୍ୟନ୍ତ ରାସ୍ତା ପୂର୍ବରୁ ଏନ୍‌ଏଚଏଆଇ ଅଧୀନରେ ଥିଲା। ନୂତନ ଜାତୀୟ ରାଜପଥ ନିର୍ମାଣ ହେବା ପରେ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ୬ ବର୍ଷ ତଳେ ଖପରାଖାଇ ବାଇପାସ୍‌ରୁ ଘସିପୁରା ବାଇପାସ୍ ପର୍ଯ୍ୟନ୍ତ ଦୁଇଥାକିଆ ରାସ୍ତା ନିର୍ମାଣ କରାଯାଇଥିଲା। ବିଭାଗୀୟ ଅନୁମତି ପରେ ଟେଣ୍ଡର କରାଯାଇ ଖୁବଶୀଘ୍ର ରାସ୍ତା ନିର୍ମାଣ ଆରମ୍ଭ ହେବ ବୋଲି ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କେଳୁଚରଣ ଦଳେଇ ପ୍ରକାଶ କରିଛନ୍ତି।

## ନିୟମିତ ଖୋଲୁନି ରାମଚନ୍ଦ୍ରପୁର ଡାକଘର; ବଢୁଛି ଅସନ୍ତୋଷ



ରାମଚନ୍ଦ୍ରପୁର,୨୧।୮ (ସମିସ): ନିୟମିତ ସମୟରେ ଖୋଲୁନି ରାମଚନ୍ଦ୍ରପୁର ପୋଷ୍ଟ ଅଫିସ। ଫଳରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଉପଭୋକ୍ତା। କେନ୍ଦୁଝର ଜିଲ୍ଲାର ମୁଖଶାଳା କୁହାଯାଉଥିବା ଘସିପୁରା ବ୍ଲକ ରାମଚନ୍ଦ୍ରପୁର ବଜାରରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଥାନା, ଆର୍‌ଆଇ ଅଫିସ ସମେତ ଅନେକ ସରକାରୀ ଏବଂ ବେସରକାରୀ ଅଫିସ ରହିଛି। ପୋଷ୍ଟ ଅଫିସ ମାଧ୍ୟମରେ ସ୍ଥାନୀୟ ଲୋକେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଇ ପାରୁଥିବା ବେଳେ ସ୍ଥାନୀୟ ପୋଷ୍ଟମାଷ୍ଟର ଶ୍ୟାମସୁନ୍ଦର ବାସ୍କେ ଏବଂ ପୋଷ୍ଟପିଅନ ମହେଶ ବେହେରା ନିର୍ଦ୍ଧାରିତ ସମୟରେ ଅଫିସକୁ ଆସୁ ନଥିବା ଅଭିଯୋଗ ହୋଇଛି। ଫଳରେ ପୋଷ୍ଟ ଅଫିସ ଉପରେ ନିର୍ଭରଶୀଳ ଉପଭୋକ୍ତା ଅଫିସରେ ଘଣ୍ଟାଘଣ୍ଟା ଅପେକ୍ଷା କରି ସେବା ପାଇବାରୁ ବଞ୍ଚିତ ହେଉଥିବା ନେଇ ଅଭିଯୋଗ କରିଛନ୍ତି। ରାମଚନ୍ଦ୍ରପୁରର ପୂର୍ଣ୍ଣଚନ୍ଦ୍ର ସାହୁ, ଜନାର୍ଦ୍ଦନପୁର ପାଟଣା ଗ୍ରାମର ଘନଶ୍ୟାମ ବୋଇତେଇ, ନିରଂଜନ ବଳ, ଚକ୍ରଧର ସାହୁ ସମେତ ଅନେକ ବ୍ୟକ୍ତି ଏଭଳି ଅନିୟମିତତାକୁ ନେଇ ସାଇଁକୁଳ ସବ୍‌ପୋଷ୍ଟମାଷ୍ଟର ଦେବଦର୍ଶୀ ପରିଡ଼ାଙ୍କଠାରେ ଅଭିଯୋଗ କରିଛନ୍ତି। ରାମଚନ୍ଦ୍ରପୁର ପୋଷ୍ଟ ଅଫିସରେ ୪ ଦିନର ଗୁରୁତ୍ୱପୂର୍ଣ୍ଣ ଚିଠି ବଣ୍ଟା ନହୋଇ ପଡ଼ିରହିଛି। ସ୍ଥାନୀୟ ଲୋକେ ଏନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରୀ ନିୟମ ଅନୁସାରେ ବ୍ରାଞ୍ଚ ପୋଷ୍ଟ ଅଫିସ ଦିନ ୧୦ଟା ସମୟରେ ଖୋଲାଯିବାକୁ ଥିବା ବେଳେ ଏଠି କିନ୍ତୁ ପୋଷ୍ଟମାଷ୍ଟର ଏବଂ ପିଅନ ନିଜ ଇଚ୍ଛା ଅନୁସାରେ ଅଫିସ ଖୋଲିବା ସହ ବନ୍ଦ କରି ଦେଉଛନ୍ତି। ଉକ୍ତ ଘଟଣାର ସତ୍ୟତା ଅନୁସନ୍ଧାନ କରି ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି ଜଣାଇଛନ୍ତି।

**ବିଶ୍ୱ ବରିଷ୍ଠ ନାଗରିକ ଦିବସ**

## 'ଭବିଷ୍ୟତ ପିଢ଼ି ପାଇଁ ଆମକୁ ବଞ୍ଚିବାକୁ ପଡ଼ିବ'



ଚମ୍ପୁଆ,୨୧।୮ (ସମିସ): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ତଥା ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଉମାକାନ୍ତ ସାହୁ, ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୁମନ୍ତ ଗିରି ପ୍ରମୁଖ ଯୋଗ ଦେଇଥିଲେ। ସଭାପତି ଗୌରଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ପରିଚାଳନା କରିଥିବା ବେଳେ ମଞ୍ଚ ସଂପାଦକ ରମାକାନ୍ତ ପ୍ରଧାନ ବକ୍ତବ୍ୟ ରଖିଥିଲେ। ବୟସ୍କମାନେ ଅଲୋଡା ନୁହଁନ୍ତି ନୂତନ ସୂର୍ଯ୍ୟୋଦୟର ପିଢ଼ି ପାଇଁ ଏମାନଙ୍କ ପରାମର୍ଶ ନିହାତି ଆବଶ୍ୟକ ବୋଲି ଉପଜିଲ୍ଲାପାଳ ଶ୍ରୀ ପରିଡ଼ା କହିବା ସହିତ ଏକ ସଂସ୍କାରମୟ ପରିବାରର ଉତ୍ତରଦାୟୀ ଭାବେ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି। ଏମାନଙ୍କ ସ୍ଥାନ ଜରାଶ୍ରମ ନୁହଁ ବରଂ ଏମାନେ ହେଲେ ଚଳନ୍ତି ଦେବତା ବୋଲି ମତ ରଖିଥିବା ବେଳେ ଉପଖଣ୍ଡ ଚିକିତ୍ସାଧିକାରୀ ଶ୍ରୀ ସାହୁ ଭବିଷ୍ୟତ ପିଢି ପାଇଁ ବରିଷ୍ଠ ନାଗରିକଙ୍କୁ ବଞ୍ଚିବାକୁ ପଡିବ ଏବଂ ଏହି ବରିଷ୍ଠ ନାଗରିକ ମାନେ କିପରି ଶାରୀରିକ, ମାନସିକ ସୁସ୍ଥ ରହିପାରିବେ, ବୟସାଧିକ ସମୟରେ ଦେଖାଦେଇଥିବା ସ୍ୱାସ୍ଥ୍ୟ ସମସ୍ୟା ଏହାର ସମାଧାନ ଓ ଉପଖଣ୍ଡ ଚିକିତ୍ସାଳୟରେ ଥିବା ବୟସ୍କଙ୍କ ପାଇଁ ଚିକିତ୍ସା ସୁବିଧା ଉପରେ ମତ ଦେଇଥିଲେ। ଅନ୍ୟପକ୍ଷରେ ବକ୍ତା ଶ୍ରୀ ଗିରି ଦୀର୍ଘାୟୁ ହେବା ପାଇଁ ଦୈନନ୍ଦିନ ଜୀବନରେ ୯ଟି ମାଧ୍ୟମ ବିଷୟରେ ଆଲୋକପାତ କରିଥିଲେ। ମଞ୍ଚ ପକ୍ଷରୁ ପୂର୍ବତନ ଶିକ୍ଷକ ହରିହର ମିଶ୍ର, ପୂର୍ବତନ ଅଧ୍ୟାପକ ଡମ୍ବରୁଧର ମହାନ୍ତ, ଅବସରପ୍ରାପ୍ତ କର୍ମଚାରୀ ବେଣୁଧର ମିଶ୍ର, ତ୍ରିଲୋଚନ କରଙ୍କୁ ସମ୍ମାନିତ କରିଥିବା ବେଳେ ଉପସଭାପତି ଗଙ୍ଗାଧର କର ଧନ୍ୟବାଦ ଦେଇଥିଲେ।

## ଜୁନିଅର ଜ୍ୟୋତି କ୍ଲବ୍ ଗଣେଶ ପୂଜା ପ୍ରସ୍ତୁତି



ବେଲବାହାଲି,୨୧।୮ (ସମିସ): ଆନନ୍ଦପୁର ବ୍ଲକ୍ ବାଇଲୋ ପଞ୍ଚାୟତ ବାରିଗାଁ ଜୁନିଅର ଜ୍ୟୋତି କ୍ଲବ୍ ପକ୍ଷରୁ ଚଳିତ ମାସ ୨୭ ତାରିଖରେ ହେବାକୁ ଥିବା ଗଣେଶ ପୂଜା ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ଜିଲ୍ଲା ବାହାରୁ କାରିଗରମାନେ ଆସି ଅତି ସୁନ୍ଦର ଭାବରେ ବିରାଟକାୟ ମୂର୍ତ୍ତି ନିର୍ମାଣ କରୁଛନ୍ତି। କ୍ଲବ ପକ୍ଷରୁ ଚଳିତବର୍ଷ ଗଣପତିଙ୍କ ମୂର୍ତ୍ତି ନିର୍ମାଣ, ସାଜସଜ୍ଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାରେ ସମାପନ ହେବା ନେଇ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ୨୭ ତାରିଖରେ ହେବାକୁ ଥିବା ପୂଜା ଭସାଣିକୁ ଆକର୍ଷଣୀୟ କରିବା ପାଇଁ ଚଳିତ ବର୍ଷ କମିଟି ପକ୍ଷରୁ ଯାଜପୁରର ଗଣପତି ମ୍ୟୁଜିକାଲ ସାଙ୍ଗକୁ ଉତ୍ତରପ୍ରଦେଶର ନାଗପୁର ଢୋଲ ଦର୍ଶକଙ୍କ ମନକୁ ଛୁଇଁବ ବୋଲି କମିଟି ପକ୍ଷରୁ କୁହାଯାଇଛି। କମିଟିରେ ସଭାପତି ସିପୁନ ସାହୁ, ସମ୍ପାଦକ ସିପୁନ ନାହକ, କୋଷାଧ୍ୟକ୍ଷ ଆଶୁତୋଷ ସେଠୀ, ଉପଦେଷ୍ଟା ସର୍ବେଶ୍ୱର ବାରିକ୍, ସଦସ୍ୟ ସତ୍ୟବ୍ରତ ସାହୁ, ପ୍ରଦ୍ୟୁମ୍ନ ବେହେରା, ଆପୁ ପ୍ରଧାନ, ରାମ ସେଠୀ, ଅଜୁ ସାହୁ, ସୁନୀଲ ସାହୁ, ବିଜୁ ସାହୁ, ରାଜା ନାହାକ, ପିଣ୍ଟୁ ସାହୁ, ଦେବ ସେଠୀ, ଜଳଧର ସେଠୀ, ଲକ୍ଷ୍ମଣ ସେଠୀ, ତପନ ସେଠୀ, ବାପି ନାହାକ, ବୁବୁନ ସାହୁ, ଆଦର୍ଶ ମହାନ୍ତି, ବୀରେନ ସେଠୀ, ଚିଷ୍ଟୁ ସାହୁ, ସିପକ ଜେନା, ଚନ୍ଦନ ସାହୁ, ନିରଞ୍ଜନ ନାହାକ, ଚିନୁ ସାହୁ, ପ୍ରଦୀପ ସାହୁ, ବିକ୍ରମ ଜେନା, ମହେଶ୍ୱର ସାହୁ, ସନ୍ତୋଷ ନାହାକ, ଶ୍ରବଣ ବାରିକ, ଈଶ୍ୱର ବାରିକ ପ୍ରମୁଖ ପରିଚାଳନା କାର୍ଯ୍ୟରେ ରହିଛନ୍ତି।

## ବିପଦସଙ୍କୁଳ ଟ୍ରାନ୍ସଫର୍ମର, ରାସ୍ତାରେ ଝୁଲୁଛି ୧୧ କେଭି ତାର



ବେଲବାହାଲି,୨୧।୮ (ସମିସ): ଘସିପୁରା ବ୍ଲକ ବାତୋ ପଞ୍ଚାୟତ ଉଲ୍ଲୋଳ ଗ୍ରାମର ବିଦ୍ୟାଳୟ ନିକଟରେ ଥିବା ୬୩ କେଭି ଟ୍ରାନ୍ସଫର୍ମର ବିପଦସଂକୁଳ ଅବସ୍ଥାରେ ପଡ଼ିରହିଛି। ବିନା ସୁରକ୍ଷାବାଡ଼ାରେ ଟ୍ରାନ୍ସଫର୍ମର ଥିବାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ଅନେକ ଗୋରୁଗାଈଙ୍କ ମୃତ୍ୟୁ ମଧ୍ୟ ହେଲାଣି। ବିଦ୍ୟାଳୟର ସଂଲଗ୍ନ ରାସ୍ତାଟିରେ ଟ୍ରାନ୍ସଫର୍ମର ଥିବାରୁ ଉକ୍ତ ରାସ୍ତା ଦେଇ ଶତାଧିକ ଛାତ୍ରଛାତ୍ରୀ ଅସୁରକ୍ଷିତ ଭାବେ ଯାତାୟାତ କରୁଥିବାରୁ ବିପଦର ଆଶଙ୍କା ରହୁଛି। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିଯୋଗ କରିଥିଲେ ସୁଦ୍ଧା ବିଦ୍ୟୁତ ବିଭାଗ ପକ୍ଷରୁ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଟ୍ରାନ୍ସଫର୍ମରକୁ ସଂଯୋଗ କରୁଥିବା ୧୧ କେଭି ତାରଗୁଡ଼ିକ ମଧ୍ୟ ରାସ୍ତାରେ ଝୁଲିବା ଅବସ୍ଥାରେ ପଡ଼ିରହିଛି। ଯାହା ଗ୍ରାମବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ତୁରନ୍ତ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷାବାଡା ଓ ଝୁଲୁଥିବା ୧୧କେଭି ତଳେ ଜାଲି ଦେବାପାଇଁ ଗ୍ରାମର ୱାର୍ଡସଭ୍ୟ ଦୁଃଖେନ୍ଦ୍ର ନାୟକ, ଶିକ୍ଷକ ରାଜୀବ ଲୋଚନ ନାଥ, ସମାଜସେବୀ ଅନିରୁଦ୍ଧ ବିଶ୍ୱାଳ, ତପନ ନାଥ, ଆକାଶ ନାଥ, ସନ୍ତୋଷ ନାଥ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ମାଛ ଜାଲରେ ଗଲା ଅଜଗରର ପ୍ରାଣ

ତୁରୁମୁଙ୍ଗା, ୨୧।୮ (ସମିସ): ପାଟଣା ରେଞ୍ଜ ରାଜନଗର ବିଟ୍ ରାଜନଗର ବୈତରଣୀ ନଦୀକୂଳରୁ ଗୁରୁବାର ପୂର୍ବାହ୍ନରେ ଏକ ୬ ଫୁଟ ଲମ୍ବ ମୃତ ଅଜଗର ସାପକୁ ଗ୍ରାମବାସୀ ଉଦ୍ଧାର କରି ବନବିଭାଗକୁ ଖବର ଦେଇଥିଲେ। ସାପଟି ମାଛ ଜାଲରେ ଲାଗି ମୃତ୍ୟୁ ହୋଇଥିବା ଜଣାପଡିଛି। ସାପଟି ମରି ପଡ଼ିଥିବା ଖବର ପାଇ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଏବଂ ବନରକ୍ଷୀ ଦୀପକ ସ୍ୱାଇଁ ମୃତ ଅଜଗର ସାପକୁ ବନ କାର୍ଯ୍ୟାଳୟକୁ ନେଇ ଗୋଷ୍ଠୀ ପଶୁ ଡାକ୍ତର ସତ୍ୟପ୍ରକାଶ ଦ୍ୱିବେଦୀଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଇ କାର୍ଯ୍ୟାଳୟ ପରିସରରେ ପୋତି ଦେଇଥିବା ଜଣାପଡ଼ିଛି।

## ଶୁଦ୍ଧିକ୍ରିୟାକୁ ଆସିଥିବା ମହିଳା ମୃତ

ଆନନ୍ଦପୁର ୨୧।୮ (ସମିସ): ଆନନ୍ଦପୁର ଥାନା ପୁରୁଣାଘାଟି ଗ୍ରାମରେ ବୁଧୁନି ହୋ ନାମକ ମହିଳା ପୋଖରୀ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ଉକ୍ତ ଗ୍ରାମର ସମ୍ପର୍କୀୟଙ୍କ ଘରକୁ ଶୁଦ୍ଧିକ୍ରିୟା କାର୍ଯ୍ୟ ପାଇଁ ଆସିଥିଲେ। ଶୁଦ୍ଧିକ୍ରିୟା ସମୟରେ ଗାଧୋଉଥିବା ବେଳେ ପୋଖରୀରେ ବୁଡ଼ି ଉକ୍ତ ମହିଳାଙ୍କ ପ୍ରାଣ ଚାଲି ଯାଇଛି। ସେ ବିରବଲ ଗ୍ରାମର ନାଣ୍ଡୁ ହୋଙ୍କ ସ୍ତ୍ରୀ ବୋଲି ଜଣାଯାଇଛି।

## ମହାବିଦ୍ୟାଳୟରେ 'ପୁଲିସ ବନ୍ଧୁ'

ବେଲବାହାଲି,୨୧।୮ (ସମିସ): ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ ନୟାଗଡ଼ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟଠାରେ ପୁଲିସ ବନ୍ଧୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ରାଜନୀତି ବିଜ୍ଞାନର ମୁଖ୍ୟ ସରୋଜକାନ୍ତ ରାଉତଙ୍କ ସଂଯୋଜନାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ତରି ପ୍ରସାଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ରାମଚନ୍ଦ୍ରପୁର ଥାନାଧିକାରୀ ମନୋଜ ସ୍ୱାଇଁ ଏବଂ ସାଇଁକୁଳ ପୁଲିସ ଫାଣ୍ଡି ଅଧିକାରୀ ସୁରେଶଚନ୍ଦ୍ର ମାଝି ମହିଳାଙ୍କୁ ଆଜିର ସମାଜରେ ସୁରକ୍ଷିତ ରହିବାର ମାର୍ଗଦର୍ଶିକା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଜୟନ୍ତ ମହାନ୍ତି, ବିନୟ ସ୍ୱାଇଁ, ଡ. ଚିତ୍ତରଂଜନ ନାୟକ, ଶଶିଭୂଷଣ ପତି, ଅଧ୍ୟାପିକା ୟୁରୀ ଚକ୍ର, ସଂଧ୍ୟାରାଣୀ ରାଉତ, ତପସ୍ୱିନୀ ପାତ୍ର ଓ ଦେବସ୍ମିତା ଜେନା, ଖେଳ ଶିକ୍ଷକ କୈଳାସଚନ୍ଦ୍ର ନାୟକ ଯୋଗ ଦେଇଥିଲା ବେଳେ ମହାବିଦ୍ୟାଳୟର କର୍ମଚାରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ମହାବୀର ଯୁବକ ସଂଘ ପକ୍ଷରୁ ନନ୍ଦୋତ୍ସବ



ହାଟଡ଼ିହୀ,୨୧।୮ (ସମିସ): ଲଗାଣ ବର୍ଷା ସକାଶେ ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ନନ୍ଦୋତ୍ସବ ପାଳନ ହେବାରେ ବିଳମ୍ବ ହୋଇଥିଲା ବେଳେ ଗତ ବୁଧବାର ହାଟଡ଼ିହୀ ବ୍ଲକ ବଡ଼ରମ୍ପାସ ଗ୍ରାମରେ ଜନ୍ମାଷ୍ଟମୀ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଉତ୍ସବକୁ ଉପଭୋଗ କରିବାକୁ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ଏକଜୁଟ୍ ହୋଇଥିଲେ। ନନ୍ଦରାଜା ଭୂମିକାରେ ଚୈତନ୍ୟ ଜେନା, ନନ୍ଦରାଣୀ ଭୂମିକାରେ ସୌମ୍ୟରଞ୍ଜନ ଓଝା, କୃଷ୍ଣ ଭୂମିକାରେ ଶୋଭିତ୍ ସାହୁ, ରାଧା ଭୂମିକାରେ ଶୁଭଲକ୍ଷ୍ମୀ ସାହୁ, ବଳରାମ ଭୂମିକାରେ ରାଜା ସାହୁ, ପୁତନା ଭୂମିକାରେ ଛବି ସାହୁ, କଂସ ଭୂମିକାରେ ସତ୍ୟବାନ ସାହୁ ଓ ଅମର ଦାସ, ଚନ୍ଦ୍ରଶେଣା ଭୂମିକାରେ ପଞ୍ଚାନନ ଦାସ, ଭାଲୁ ଭୂମିକାରେ ଟୁବୁଲା ନାୟକ, ବାଘ ଭୂମିକାରେ ଅମର ବଳ ପ୍ରମୁଖ ଅଭିନୟ କରିଥିଲେ। କଳାକାରମାନେ ଗ୍ରାମ ପରିକ୍ରମା କରିବା ସହ ଅଭିନୟ କରି ଲୋକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ବଳରାମ ସେନାପତି, ଶ୍ରୀଧର ସାହୁ, ରଙ୍ଗାଧର ଦାସ, ଜନ୍ମେଞ୍ଜୟ ବେହେରା, ରାଜୀବ ଲୋଚନ ସାହୁ, ସୌମ୍ୟରଞ୍ଜନ ସାହୁ, ଜଗମୋହନ ସାହୁ, ଶ୍ରୀକାନ୍ତ ସାହୁ, ସତ୍ୟସୌରଭ ସା, ମୃତ୍ୟୁଞ୍ଜୟ ବେହେରା, ସୁଦର୍ଶନ ବେହେରା, ବିଚିତ୍ର ସାହୁ, ରବି ସାହୁ, ଟିକୁ ସାହୁ ପରିଚାଳନା କରିଥିଲେ।

## ବୌଦ୍ଧିକ, ସାଂସ୍କୃତିକ ମଣ୍ଡପ କାର୍ଯ୍ୟ ସମ୍ପୂର୍ଣ୍ଣ



ରାମଚନ୍ଦ୍ରପୁର,୨୧।୮ (ସମିସ): ସୁଆଁପଦା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶିକ୍ଷକଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ଅଭିଭାବକଙ୍କ ସହଭାଗିତାରେ ଏକ ବୌଦ୍ଧିକ ତଥା ସାସ୍କୃତିକ ମଣ୍ଡପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ ସାହୁ ଏହାକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ପୂର୍ବରୁ ଏହା ନିର୍ମାଣ ହୋଇଥିଲେ ସୁଦ୍ଧା ଏହା ଉପର ଛପର ହୋଇ ପାରି ନଥିଲା। ସ୍ଥାନୀୟ କେତେକ ଅଭିଭାବକ ଏବଂ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ଆର୍ଥିକ ଅନୁଦାନରେ ଏହି ମଣ୍ଡପ ସମ୍ପୂର୍ଣ୍ଣ ହୋଇପାରିଛି। ଖରା ହେଉ ଅବା ବର୍ଷା ସବୁ ସମୟରେ ଏହି ମଣ୍ଡପରେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ପାରିବ।

## ବୃଷଭର ଅନ୍ତିମ ସଂସ୍କାର

ଆନନ୍ଦପୁର, ୨୧।୮ (ସମିସ): ୨୦ ନମ୍ବର ଜାତୀୟ ରାଜପଥର ଧକୋଠା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ବୃଷବର ମୃତ୍ୟୁ ହେଇଥିଲା। ଖବର ପାଇ ଧକୋଠାର ଥିବା ଦାରୁବ୍ରହ୍ମ ସେବା ସଂଗଠନ କର୍ମକର୍ତ୍ତାମାନେ ଘଟଣାସ୍ଥଳରେ ପହଞ୍ଚି ବୃଷବର ମୃତଶରୀରକୁ ଯଥାବିଧି ଅନ୍ତିମ ସଂସ୍କାର କରିଥିବା ଜଣାପଡ଼ିଛି।

## ଭଞ୍ଜ କଳା ମଣ୍ଡପରେ 'କାଳିଜାଈ' ମଞ୍ଚସ୍ଥ



ଆନନ୍ଦପୁର ୨୧।୮ (ସମିସ): ଭଞ୍ଜ କଳା ମଣ୍ଡପରେ ଆୟୋଜିତ ଶିଳ୍ପୀକା ଉତ୍ସବରେ ବୀଣାପାଣି କଳା ନିକେତନ, ନୃତ୍ୟନୁଷ୍ଠାନ ନୃତ୍ୟ ଶିଳ୍ପୀମାନେ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ "କାଳିଜାଈ' ଉପସ୍ଥିତ ଅତିଥି ଦର୍ଶକଙ୍କୁ ବିମୋହିତ କରିଥିଲା। ଅତିଥି ଭାବେ କିଶୋର ଦ୍ୱିବେଦୀ, ଅଭିନେତା ଆନନ୍ଦପୁର ମାଟି ର ପୁଅ ଅଶ୍ରୁମୋଚନ ମହାନ୍ତି, ଅଭିନେତ୍ରୀ ମିଲି ମହାନ୍ତି, ସମ୍ପାଦକ ବାସୁଦେବ ନାଥ ଯୋଗ ଦେଇଥିଲେ। ନିଜ ମାଟିର କଳାକାରଙ୍କ ଜୀବନ୍ତ ଅଭିନୟ ଦେଖି ଅଭିନେତା ଅଶ୍ରୁମୋଚନ ମହାନ୍ତି ଗର୍ବରେ କହିଥିଲେ ଆଜି ମୋ ମାଟି ଧନ୍ୟ ହୋଇଯାଇଛି, ଆଉ କହିଥିଲେ ମୋ କୋହକୁ ଚାପି ରଖି ଏ ଅଭିନୟ ଦେଖିଲାବେଳେ ମନେ ପଡ଼ିଗଲା ସେଦିନ ମୋ ନଈ ପଠାରେ ହେଉଥିବା ନାଟକ। ଅଭିନେତ୍ରୀ ମିଲି ମହାନ୍ତି, ବାସୁଦେବ ନାଥ, ପ୍ରଯୋଜିକା ପାର୍ବତୀ ବାରିକ ନୃତ୍ୟଗୁରୁ ଓ ନୃତ୍ୟଶିଳ୍ପୀଙ୍କୁ ମାନପତ୍ର ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ବେସରକାରୀ ଅଧ୍ୟାପକ-କର୍ମଚାରୀଙ୍କ 'ଅଧିକାର ଯାତ୍ରା'

ଚମ୍ପୁଆ, ୨୧।୮ (ସମିସ)





'ଅନୁଦାନ ଆମ ଅଧିକାର' ଦାବିରେ ଗୁରୁବାର ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରିବା ସହ ଅଧିକାର ଯାତ୍ରା ଆରମ୍ଭ କରି ମହାବିଦ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବିରେ ଅନିର୍ଦ୍ଦିଷ୍ଟ କାଳ ଏହି ଆନ୍ଦୋଳନ ଜାରି ରହିଥିବାରୁ ମହାବିଦ୍ୟାଳୟର ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଧାରଣା ଦେଇଥିବା ଅଧ୍ୟାପକଅଧ୍ୟାପିକାଙ୍କ କହିବାନୁଯାୟୀ, ଅନୁଦାନ ପାଇଁ ପୂର୍ବରୁ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ସଂଘ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଏହି ଆନ୍ଦୋଳନ ସହ କଲେଜରେ ଶିକ୍ଷା ବ୍ୟବସ୍ଥାରେ ଅଚଳାବସ୍ଥା ମଧ୍ୟ ଜାରି ରହିଥିବା ଦେଖାଯାଇଛି।

**ରାମଚନ୍ଦ୍ରପୁର:** ସେହିପରି ଘସିପୁରା ବ୍ଲକ୍ ସାଇଁକୁଳ ପତିତପାବନ ଡିଗ୍ରୀ ମହାବିଦ୍ୟାଳୟର ୨୩ ଜଣ ଅଧ୍ୟାପକ ଏବଂ କର୍ମଚାରୀ ନିୟମିତ ହେବା ପାଇଁ ରାଜ୍ୟ ସଂଘ ଆହ୍ୱାନରେ ୪ ଦିନ ହେଲା କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଘୋର ବ୍ୟାହତ ହେଉଛି। ବିରୋଧୀ ଦଳର ପୂର୍ବତନ ମୁଖ୍ୟ ସଚେତକ ତଥା ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଂଘର ଆନ୍ଦୋଳନକୁ ଯଥାର୍ଥ କହି ଦାବିକୁ ସମର୍ଥନ କରିଆସୁଥିଲା ବେଳେ ଏବେ ବିଜେପି ସରକାର ସମସ୍ୟାର କୌଣସି ସମାଧାନ କରୁ ନଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏମାନେ ମୁଖ୍ୟତଃ ଛାତ୍ରଛାତ୍ରୀଙ୍କଠାରୁ ଆଦାୟ ଅର୍ଥରାଶିରେ ବେତନ ପାଉଥିବା ବେଳେ ସମସ୍ୟା ସମ୍ପର୍କରେ ପତିତପାବନ ଡିଗ୍ରି କଲେଜ ଅଧ୍ୟକ୍ଷ ଶରତ ଜେନା କହିଛନ୍ତି ଯେ ପ୍ରାୟତଃ ୮୦ ଲକ୍ଷ ଟଙ୍କା ପ୍ରତି ବର୍ଷ କଲେଜ ତରଫରୁ ବେସରକାରୀ ଭାବେ ନିଯୁକ୍ତି ପାଇଥିବା ୪୫ ଜଣ ଅଧ୍ୟାପକ ତଥା କର୍ମଚାରୀଙ୍କୁ ଦରମା ଆକାରରେ ପ୍ରଦାନ କରାଯାଇଥାଏ। ଏସବୁ ଟଙ୍କା ଛାତ୍ରଛାତ୍ରୀଙ୍କ ନିକଟରୁ ଫି ହିସାବରେ ଆଦାୟ ହୋଇଥାଏ। ଆନ୍ଦୋଳନ ଯୋଗୁଁ କଲେଜରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହେଉଥିବାରୁ ଆବଶ୍ୟକସ୍ଥଳେ ଆଗାମୀ ଦିନରେ ନୋ-ୱାର୍କ ନୋ-ପେ ନିୟମରେ ଧାରଣାରତ କର୍ମଚାରୀଙ୍କ ପାଉଣା ବନ୍ଦ କରାଯିବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

# ସିଟି ଜିଏସ୍‌ଟି ବିଭାଗର ଚଢ଼ଉ; ୧୨ ବସ୍ତା ନକଲି ବିଡ଼ି ଜବତ





**ସମ୍ବଲପୁର, ୨୧।୮ (ସମିସ):** ସମ୍ବଲପୁର ସିଟି ଜିଏସ୍‌ଟି ବିଭାଗ ପକ୍ଷରୁ ଗୁରୁବାର ନକଲି ବିଡ଼ି କାରବାର ଉପରେ ଚଢ଼ଉ କରାଯାଇଛି।ଚଢ଼ଉ ସମୟରେ କାଗଜାତ ନଥିବା ୧୨ ବସ୍ତା ନକଲି ଶିବା ବିଡ଼ି ଏବଂ ବୋଝେଇ ହୋଇଥିବା ଗାଡ଼ି ଜବତ କରାଯାଇଛି।

ସୂଚନା ଅନୁସାରେ ସମ୍ବଲପୁର ସିଟି ରେଲଷ୍ଟେସନ ନିକଟରେ ନକଲି ଶିବା ବିଡ଼ି ନେଇ ଏକ ଗାଡ଼ି ଯାଉଥିବା ବେଳେ ସମ୍ବଲପୁର ସିଟି ଜିଏସ୍‌ଟି ବିଭାଗର ଏକ ଟିମ୍ ଉକ୍ତ ଗାଡ଼ିକୁ ଅଟକାଇ ବିଡ଼ିର କାଗଜାତ ଓ ବିଲ ଦେଖାଇବାକୁ ଗାଡ଼ି ଚାଳକଙ୍କୁ କହିଥିଲେ। ତେବେ ଗାଡ଼ିରେ ଥିବା ୧୨ ବସ୍ତା ବିଡ଼ିର କୌଣସି ବିଲ ନଥିବାରୁ ସେହି ଗାଡି ସହିତ ବୋଝେଇ ହୋଇଥିବା ୧୨ ବସ୍ତା ନକଲି ଶିବା ବିଡ଼ିକୁ ସିଟି ଜିଏସ୍‌ଟି ବିଭାଗ ଜବତ କରିଛି। କୋରାପୁଟ ମାଲକାନଗିରିରୁ ବସ୍ ଯୋଗେ ଏହି ବିଡ଼ି ସମ୍ବଲପୁରକୁ ଆସିଥିବା ନେଇ ଗାଡିର ଡ୍ରାଇଭର ଜଣକ ସୂଚନା ଦେଇଛନ୍ତି। ତେବେ ଶିବା ବିଡ଼ିର ଅସଲି ଡିଷ୍ଟ୍ରିବ୍ୟୁଟର ସମ୍ବଲପୁର ରାଜାନଗର ଅଞ୍ଚଳର ସୟଦ ମୁକ୍ତାର ଅହମ୍ମଦ ଅଟନ୍ତି। ସେ ନକଲି ବିଡ଼ି ଜବତ ସମୟରେ ଉକ୍ତ ସ୍ଥାନରେ ଉପସ୍ଥିତ ଥିଲେ। ଏହି ଘଟଣା ନେଇ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଶିବା ବିଡ଼ିର ଅସଲ ଡିଷ୍ଟ୍ରିବ୍ୟୁଟର ସେ ନିଜେ ଅଟନ୍ତି ଏବଂ ତାଙ୍କ ପାଖରେ ନିୟମାନୁଯାୟୀ ସମସ୍ତ କାଗଜପତ୍ର ସହ ଜିଏସଟି ନମ୍ବର ମଧ୍ୟ ରହିଛି। ତେବେ, ମୁର୍ଶିଦାବାଦ ଅଞ୍ଚଳର ଠିକଣା ଦେଇ କପିରାଇଟ୍ ନିୟମ ଉଲଂଘନ କରି ସୋନାପାଲି ଅଞ୍ଚଳରେ ରହୁଥିବା ଜଣେ ବ୍ୟକ୍ତି ଏହି ନକଲି ବିଡ଼ି କାରବାର କରୁଥିବା ସେ ଅଭିଯୋଗ କରିଛନ୍ତି। ଜିଏସ୍‌ଟି ବିଭାଗକୁ ଏନେଇ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହି ନକଲି ଶିବା ବିଡ଼ି ବସ୍ ଯୋଗେ ମାଲକାନଗିରିରୁ ସମ୍ବଲପୁରକୁ ଅଣାଯାଇ ସମ୍ବଲପୁରରେ ଅସଲି ଶିବା ବିଡ଼ି ବୋଲି ମାର୍କେଟ୍‌ରେ ବିକ୍ରୟ କରାଯାଉଥିବାରୁ ସେ ଆଇନର ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି।

# ପୃଥକ୍ ଦୁଷ୍କର୍ମ ମାମଲାରେ ଦୋଷୀଙ୍କୁ ୨୦ ଓ ୧୫ ବର୍ଷ ଜେଲ୍

ସମ୍ବଲପୁର, ୨୧।୮ (ସମିସ)

ନାବାଳିକା ଦୁଷ୍କର୍ମ ଅଭିଯୋଗର ବିଚାରକରି ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ଦୁଇଟି ପୃଥକ୍ ମାମଲାରେ ଟିକେଶ୍ୱର ଭରାସାଗର ଓ ଗୋପୀଲାସ ରନବିଡ଼ାକୁ ଯଥାକ୍ରମେ ୨୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ଏବଂ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତ ଅଧିକ ୧ ବର୍ଷ ଲେଖାଏଁ ଜେଲଦଣ୍ଡ ଭୋଗିବେ। ଉଭୟ ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

ସୂଚନା ଅନୁଯାୟୀ, ଘଟଣାଟି ଅଇଁଠାପାଲି ଥାନା ଅଞ୍ଚଳରେ ଘଟିଥିଲା। ୧୦.୬.୨୦୨୩ ଦିନ ପୀଡ଼ିତା (୧୬) ଘରୁ ନିଖୋଜ ହୋଇଯାଇଥିଲା। ପୀଡ଼ିତାର ବାପା ଖୋଜାଖୋଜି ପରେ ନପାଇବାରୁ ଅଇଁଠାପାଲି ଥାନାରେ ନିଖୋଜ ରିପୋର୍ଟ ଦେଇଥିଲେ। ଅଇଁଠାପାଲି ପୁଲିସ ଖୋଜାଖୋଜି କରି ବରଗଡ଼ ଜିଲ୍ଲା ଗ୍ରାମାଞ୍ଚଳ ଥାନାରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ପୀଡ଼ିତାଙ୍କୁ ପାଇବା ପରେ ପୁଲିସ ତାଙ୍କ ବାପାଙ୍କୁ ଖବର ଦେବାରୁ ସେ ଥାନାରୁ ଆସି ନେଇଥିଲେ। ପୀଡ଼ିତା ତାଙ୍କ ଘରେ କହିଲା ଯେ, ସେ ଅଭିଯୁକ୍ତ ସହିତ ମୋବାଇଲ ଇନ୍‌ଷ୍ଟାଗ୍ରାମ୍ ଗ୍ରୁପ୍‌ରେ କଥାବାର୍ତ୍ତା ହେଉଥିଲେ। ଘଟଣା ଦିନ ଅଭିଯୁକ୍ତ ପୀଡ଼ିତାଙ୍କୁ କଥାବାର୍ତ୍ତା ହେବାପାଇଁ ଡାକିଥିଲା ଏବଂ ଅଇଁଠାପାଲିରୁ ଜବରଦସ୍ତି ବସ୍‌ରେ ବସାଇ ଅତାବିରାରେ ଥିବା ଏକ ସମ୍ପର୍କୀୟ ଘରକୁ ନେଇ ରଖିଥିଲା। ସେଠାରେ ଅଭିଯୁକ୍ତ ଜୋରଜବରଦସ୍ତି ପୀଡ଼ିତା ସହିତ ଶାରୀରିକ ସମ୍ପର୍କ ରଖିଥିଲା। ଅଇଁଠାପାଲି ଥାନାରେ ଅଭିଯୋଗ ପରେ କେସ ନଂ.୨୮୧/୨୦୨୩ ରୁଜୁକରି ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଅଇଁଠାପାଲି ଥାନାଧିକାରୀ ଘଟଣାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲେ। ଗୁରୁବାର ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ୧୨ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଟିକେଶ୍ୱର ଭରାସାଗର (୩୫) କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ୮ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପିଡ଼ିତାଙ୍କୁ ପ୍ରଦାନ କରିବାକୁ ବିଚାରପତି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟ ଘଟଣାଟି ଧମା ଥାନା ଟାଙ୍ଗରପାଲି ଅଞ୍ଚଳରେ ଘଟିଥିଲା। ୧୦.୬.୨୦୧୫ ଦିନ ପୀଡ଼ିତା (୧୭) ସମ୍ବଲପୁର ଚର୍ଚ୍ଚକୁ ପ୍ରାର୍ଥନା ପାଇଁ ଆସିଥିଲା। ସେ ଘରକୁ ଯିବା ପାଇଁ ଲକ୍ଷ୍ମୀଟକିଜ ଛକରେ ଦିନ ୧୧ଟା ସମୟରେ ରହିଥିଲା, ଏହି ସମୟରେ ଏକ ଅଟୋ ଡ୍ରାଇଭର (ଅଭିଯୁକ୍ତ) ଘରେ ଛାଡ଼ିଦେବି କହି ଅଟୋରେ ବସାଇ ନେଇଥିଲା ଏବଂ ଧନୁପାଲିଠାରେ ନିଜ ଗ୍ରାମକୁ ନନେଇ ଦେବଗଡ଼ ରୋଡ ଜୟନ୍ତପୁର ତାର ନିଜ ଘରକୁ ନେଇଥିଲା ଏବଂ ସେଠାରେ ରଖି ବାରମ୍ବାର ଦୁଷ୍କର୍ମ କରିଥିଲା। ପୀଡ଼ିତାର ବାପା ଧମା ଥାନାରେ ନିଖୋଜ ରିପୋର୍ଟ ଦେଇଥିଲେ। ସେଠାରେ ପ୍ରାୟ ୧୫ରୁ ୨୦ ଦିନ ରଖିବା ପରେ ପୀଡ଼ିତାର ଶରୀର ଅସୁସ୍ଥ ହେବାରୁ ଅଭିଯୁକ୍ତ ପୀଡ଼ିତାକୁ ଆଣି ହୁମା ଛକରେ ଛାଡ଼ି ଚାଲିଯାଇଥିଲା। ତାପରେ ପୀଡ଼ିତା ନିଜ ଘରକୁ ଯାଇଥିଲା।ଘଟଣା ବିଷୟରେ ସେ ତାର ବାପାକୁ ସବୁକଥା କହିଥିଲା। ତାପରେ ପୀଡ଼ିତାର ବାପା ଧମା ଥାନାରେ ଅଭିଯୋଗ କରିଥିଲେ। ଧମା ଥାନାରେ ଅଭିଯୋଗ ପରେ କେସ ନଂ.୫୩/୧୦.୬.୨୦୧୫ ରୁଜୁକରି ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ଧମା ଥାନାଧିକାରୀ ଘଟଣାର ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲେ। ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ୧୩ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଗୋପିଲାସ ରନ୍‌ବିଡ଼ାକୁ ଦୋଷୀ ସାବ୍ୟସ୍ତ କରି ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଅନୁକମ୍ପା ରାଶି ପୀଡ଼ିତାଙ୍କୁ ପ୍ରଦାନ କରିବାକୁ ବିଚାରପତି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଆର୍‌ଟିଓ ଚାଲାଣ କଟିବା ଆଳରେ କଟିଗଲା ଲକ୍ଷାଧିକ ଟଙ୍କା

**ସମ୍ବଲପୁର, ୨୧।୮ (ସମିସ):** ଗାଡ଼ିର ଚାଲାଣ କଟିଛି ବୋଲି ମେସେଜ ଆସିଲା। ପରେ ସଙ୍ଗେ ସଙ୍ଗେ ମୋବାଇଲକୁ ଏକ ଆପ୍ ଆସିଥିଲା। ଆପ ଖୋଲିବା ମାତ୍ରେ ଲୋନ ହୋଇଗଲା। ପରେ ୭୦ ହଜାର ଟଙ୍କା କଟିଗଲା। ସୂଚନା ଅନୁଯାୟୀ, ଗୁରୁବାର ସମ୍ବଲପୁରର ଜଣେ ବ୍ୟକ୍ତିଙ୍କ ପାଖକୁ ଆରଟିଓ ଚାଲାଣରେ କଟିଛି କରି ଏକ ଏପିକେ ଫାଇଲ ଆସିଥିଲେ। ସେ ଏହାକୁ ଖୋଲିବା ମାତ୍ରେ ଫୋନ ଟି ହ୍ୟାକ ହୋଇଯାଇଥିଲା। ଫୋନ କାମ କରିବା ବନ୍ଦ କରିଦେଇଥିଲା। ଏହା ପରେ ତାଙ୍କ ଆକାଉଣ୍ଟରୁ ୭୦ ହଜାର ଟଙ୍କା କଟିଗଲା। ପରେ ସେହି ଆକାଉଣ୍ଟରୁ ମନକୁ ୧ ଲକ୍ଷ ୭୪ ହଜାର ଟଙ୍କା ଲୋନ ହୋଇଗଲା। ସେଥିରୁ ମଧ୍ୟ ୧୦ ହଜାର ଟଙ୍କା କଟିଲା। ସବୁ ଏତେ ଶୀଘ୍ର ହେଲା ଯେ କିଛି ଜାଣିବା ପୂର୍ବରୁ ଟଙ୍କା କଟିଗଲା। ଜଗତ ସଙ୍ଗେ ସଙ୍ଗେ ଜାତୀୟ ସାଇବର ଅପରାଧ ପୋର୍ଟାଲ ହେଲ୍ପଲାଇନ ନମ୍ବର ୧୯୩୦ରେ କଲ କରିଥିଲେ କିନ୍ତୁ ସେଠାରୁ କୌଣସି ଉତ୍ତର ମିଳିନଥିଲା। ସେ ଏହାପରେ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ କରିଥିଲେ। ଏହି ଘଟଣାକୁ ନେଇ ସେ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବ୍ୟାଙ୍କ ଲୋନ ସେ କରି ନଥିଲେ ମଧ୍ୟ ଲୋନ ଟଙ୍କା ତାଙ୍କୁ ହିଁ ସୁଝିବାକୁ ପଡ଼ିବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ମାମଲା ରୁଜୁ ପରେ ତଦନ୍ତ ଚାଲୁଥିବା ପୁଲିସ ପ୍ରକାଶ କରିଛି।

**ଆପେ ଆପେ ଲୋନ ହୋଇଗଲା**

# ଲିଫ୍ଟ ଆଳରେ ଲୁଟ୍, ଅଭିଯୁକ୍ତ ଗିରଫ




**ସମ୍ବଲପୁର, ୨୧।୮ (ସମିସ):** ବାଟରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଲିଫ୍ଟ ମାଗିଥିଲା। କିଛି ଦୂର ଯିବା ପରେ ଲିଫ୍ଟ ଦେଇଥିବା ବ୍ୟକ୍ତିଙ୍କୁ ଆକ୍ରମଣ କରି ସବୁ ଲୁଟି ଗାଡ଼ିକୁ ନେଇ ଫେରାର ହୋଇଯାଇଥିଲା। ଅଭିଯୋଗ ପରେ ବୁର୍ଲା ଥାନା ପୁଲିସ ଉକ୍ତ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ବୁର୍ଲା ଥାନା ବୋଲେରପଡ଼ାର ରୋହିତ ସାସିନି(୨୫)। ତା ନିକଟରୁ ଚୋରି ବାଟ୍ ନଂ-ଓଆର୧୫-ଆପ୦୦୩୧), ମୋବାଇଲ ଫୋନ ପୁଲିସ ଜବତ କରିଛି।ଅଭିଯୁକ୍ତ ନାମରେ ବୁର୍ଲା ଥାନାରେ ପୂର୍ବରୁ ୪ଟି ମାମଲା ରହିଛି। ସୂଚନା ଅନୁସାରେ ବୁଧବାର ଅପରାହ୍ନରେ ଭିସୁଟର ଜଣେ କର୍ମଚାରୀ ନିଜ ବାଇକ୍‌ରେ ବରଗଡ଼ ଆଡକୁ ଯାଉଥିଲେ। ଗାନ୍ଧିପଡ଼ାରେ ଉକ୍ତ ଅଭିଯୁକ୍ତ ଲିଫ୍ଟ ମାଗିଥିଲା। ଗୋଲଗୁଣ୍ଡା ନିକଟରେ ଛାଡ଼ିଦେବାକୁ କହିଥିଲା। କିଛି ବାଟ ଗଲା ପରେ ନିଛାଟିଆ ରାସ୍ତା ଦେଖି ଅଭିଯୁକ୍ତ ଗାଡ଼ି ଚାଳକଙ୍କ ମୁଣ୍ଡରେ ଆଘାତ ଦେଇଥିଲା। ତଳେ ପଡ଼ିଯିବାରୁ ସେ ତାଙ୍କ ନିକଟରୁ ୧୫୦୦ ଟଙ୍କା, ମୋବାଇଲ ଫୋନ ଓ ଗାଡ଼ି ନେଇ ଫେରାର ହୋଇଯାଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଜାତୀୟ ପୁରସ୍କାର ନେଇ କର୍ମଚାରୀଙ୍କ ସମ୍ବର୍ଦ୍ଧନା ସମାରୋହ




**ସମ୍ବଲପୁର, ୨୧।୮ (ସମିସ) :** କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚ୍‌ସି)କୁ ସମ୍ମାନଜନକ ରାଷ୍ଟ୍ରୀୟ ଗୁଣବତ୍ତା ସୂଚକ ମାନଦଣ୍ଡ (ଏନକ୍ୟୁଏଏସ୍) ପୁରସ୍କାର ମିଳିଥିବା ନେଇ ଆଜି କର୍ମଚାରୀ ମାନଙ୍କ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଗତ ଜୁନ ୨୦-୨୧ ତାରିଖରେ ଦୁଇଜଣିଆ ଜାତୀୟ ଦଳ ଡା. ରାଜେଶ ମିଶ୍ର ଓ ପ୍ରୀତିସଙ୍ଗୀତା ବାରା ଆସି ଧନକଉଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ୧୨ଟି ବର୍ଗରେ ତର୍ଜମା କରିଥିଲେ। ଏହି ଆକଳନ ସମୟରେ ଡା ଦିଲୀପ ମୁଦୁଲି, ଡା ସୁନିତା ମେଣ୍ଡୁଲି, ଫାର୍ମାସି ଅଧିକାରୀ ରାମଚନ୍ଦ୍ର ରାଉତ, ସୁପ୍ରିତ ନାୟକ, ଖିତିପ୍ରଭା ଭୋଇ, ପୁଷ୍ପାଞ୍ଜଳି ପଟେଲ, ନିରୁପମା ଧଳ, ଲିଜାଲୀନ ପୃସେଠ, ସୁପ୍ରଭାତ ସାହୁ, ସୁପ୍ରଭା ରାଉତ, ସୋନାଲି ପ୍ରଧାନ, ମୀରାରାଣୀ ନାୟକ, ସୁପ୍ରିୟା ସାହୁ, ପ୍ରୀତ୍ୟପଦ୍ମ ରଥ ତଥା ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜନଆରୋଗ୍ୟ ସମିତି ସଭ୍ୟ ହୀରାଲାଲ ବେହେରା ଓ ମହିଳା ଆରୋଗ୍ୟ ସମିତିର ସଭ୍ୟମାନେ ମଧ୍ୟ ଉପସ୍ଥିତ ରହି ସହାୟତା କରିଥିଲେ। ନଗର କାର୍ଯ୍ୟକ୍ରମ ପରିଚାଳନା ବିଭାଗ, ସମ୍ବଲପୁର ତରଫରୁ ଡା. ଅଶୋକ ଦାସ (ଅତିରିକ୍ତ ଜିଲ୍ଲା ନଗର ସ୍ୱାସ୍ଥ୍ୟ ଅଧିକାରୀ), ମୃତ୍ୟୁଞ୍ଜୟ ମୁଣ୍ଡ (ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ), ନିକୁ ରଞ୍ଜନ ପ୍ରତିହାରୀ (ନଗର କାର୍ଯ୍ୟକ୍ରମ ପରିଚାଳକ), ବୈଶାଳିନୀ ସାହୁ (ଗୁଣବତ୍ତା ଅଧିକାରୀ), ମଳୟରଞ୍ଜନ ପାଣିଗ୍ରାହୀ (ଅତିରିକ୍ତ କାର୍ଯ୍ୟକ୍ରମ ପରିଚାଳକ, ସହରାଞ୍ଚଳ) ପ୍ରମୁଖ ଉପସ୍ଥିତରହି ତର୍ଜମା ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଜାତୀୟ ଦଳ ସ୍ୱାସ୍ଥ୍ୟସେବା, ଔଷଧ କେନ୍ଦ୍ର, ପାଥୋଲୋଜି, ଡ୍ରେସିଂ ରୁମ, ଫିଜିଓଥେରାପି, ଟୀକାକରଣ, ପରିବାର ନିୟୋଜନ ତଥା ପରିଷ୍କାର ପରିଚ୍ଛନ୍ନତା ଆଦି ତଦାରଖ କରିଥିଲେ। ଆକଳନରେ ସର୍ବମୋଟ ୯୧.୨୪% ଅଙ୍କ ରଖି ଧନକଉଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉତ୍ତୀର୍ଣ୍ଣ ହୋଇ ସମ୍ମାନଜନକ ଏନକ୍ୟୁଏଏସ୍ ପୁରସ୍କାର ପାଇବାପାଇଁ ହକଦାର ହୋଇଛି। ଆଜିର ସମ୍ବର୍ଦ୍ଧନା ସମାରୋହରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଦୀପ କୁମାର ହୋତା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାସ, ଡା. ଦିଲ୍ଲୀପ କୁମାର ମୁଦୁଲି, ଜନଆରୋଗ୍ୟ ସମିତିସଭ୍ୟ ହୀରାଲାଲ ବେହେରା ତଥା ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ହୋତା ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହିଭଳି ଉନ୍ନତମାନର ସେବା ଯୋଗାଇବା ଜାରି ରଖିବା ପାଇଁ ଉତ୍ସାହିତ କରିଥିଲେ।

# ହୀରାଖଣ୍ଡ ଆଜି ଗୁଟେ ହୀରା ହରାଲା



**ସମ୍ବଲପୁର, ୨୧।୮ (ସମିସ):** ଓଡ଼ିଶା ସାଂସ୍କୃତିକ ସମାଜ ସଭାକକ୍ଷରେ ସମ୍ବଲପୁରୀ ସାହିତ୍ୟ ସାଧକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ ଏକ ସାମୂହିକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସମାଜ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆଜି ହୀରାଖଣ୍ଡ ତାର ଗୋଟେ ହୀରାକୁ ହରାଇଛି ଏବଂ ତାଙ୍କ କୃତୀ ହିଁ ତାଙ୍କୁ ଅମର କରିରଖିବ ବୋଲି ବକ୍ତାମାନେ ମତ ରଖିଥିଲେ। କଳାକାର ମାନେ ତାଙ୍କ ସହିତ ଜଡ଼ିତ ରହିଥିବା ସମୟର ଅଭିଜ୍ଞତା ବର୍ଣ୍ଣନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥେଲେ। ଓଡ଼ିଶା ସାଂସ୍କୃତିକ ସମାଜ ସମ୍ପାଦକ ଦୀନବନ୍ଧୁ ପଣ୍ଡା, ଡଃ ଶ୍ୟାମ ସୁନ୍ଦର ଧର, ଡଃ ଦ୍ୱାରିକାନାଥ ନାୟକ, ରତ୍ନଭୂଷଣ ପୁରୁଷେଠ, ଚିତ୍ରସେନ ମିଶ୍ର, ଦୀପକ କୁମାର ପଣ୍ଡା, ନାଟ୍‌ନାଟୁଆ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ, ଜ୍ୟୋତି ସଂଯୋଜକ କଳ୍ପନା ମିଶ୍ର, ହୀରାଖଣ୍ଡ ସାମ୍ମୁଖ୍ୟ ସଭାପତି ରାମାନୁଜ ପଣ୍ଡା, କ-ଖ-ଗ ଅନୁଷ୍ଠାନର ବ୍ରଜେନ୍ଦ୍ର ନାୟକ, ଯୁବ ଉଦୟନର ଡଃ ସିଦ୍ଧାର୍ଥ ପଣ୍ଡା, ସଣ୍ଡେ ଗ୍ରୁପ ସଭାପତି ଡଃ ସତ୍ୟନାରାୟଣ ଠାକୁର, ଦିଲୀପ ବଘାର, ଚିତ୍ରଗୁପ୍ତ ଯୁବକ ସଂଘର ଅଖିଳ ରଞ୍ଜନ ପଟ୍ଟନାୟକ, ଚିତ୍ରୋତ୍ପଳା ଯୁବକ ସଂଘର ସୁବାଷ ଚନ୍ଦ୍ର ନନ୍ଦ, ଓଡ଼ିଶା ସାହିତ୍ୟ ଏକାଡେମୀର ଡଃ ମନୋଜ କୁମାର ପଣ୍ଡା, ଉକିଆର ରଞ୍ଜନ ସାହୁ, ହସ୍‌ମା ହସାମାର ପ୍ରଦୀପ ପାଣିଗ୍ରାହୀ, ଶିବ ନାରାୟଣ ପାଣିଗ୍ରାହୀ, ଅଶୋକ କୁମାର ମିଶ୍ର, ନାତି କୌଶିକ, ଶ୍ରୀକାନ୍ତ, ଆଶୁତୋଷ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# କେନ୍ଦୁପତ୍ର ଶ୍ରମିକଙ୍କ ସାମାଜିକ ନିରାପତ୍ତା ପାଇଁ ମଞ୍ଜୁର ୧୨୦ କୋଟି ହସ୍ତାନ୍ତର ଦାବି କଲା ସଂଘ

**ସମ୍ବଲପୁର, ୨୧।୮ (ସମିସ):** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କେନ୍ଦୁପତ୍ର ତୋଳାଳୀ, ବନ୍ଧେଇ ଶ୍ରମିକ ଏବଂ ସିଜିନାଲ କର୍ମଚାରୀ ମାନଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଚଳିତ ବଜେଟରେ ୨୦୦ କୋଟି ଟଙ୍କା ପ୍ରାବଧାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଏହି ପ୍ରସଙ୍ଗରେ ଜଣାଇଛନ୍ତି ଯେ, ରାଜ୍ୟ ସରକାର ସଂଘର ଦାବି ଅନୁଯାୟୀ ଚଳିତବର୍ଷର ବଜେଟରେ ୧୨୦ କୋଟି ଟଙ୍କା ଉପରୋକ୍ତ ଶ୍ରେଣୀର ସମସ୍ତ ଶ୍ରମିକଙ୍କ ସାମାଜିକ ନିରାପତ୍ତା ପାଇଁ ବଜେଟରେ ପ୍ରାବଧାନ କରିଛନ୍ତି। ଏହା ବିଧାନସଭାର ମଞ୍ଜୁରୀ ଲାଭ କରିଛି। ଏହି ମଞ୍ଜୁରୀପ୍ରାପ୍ତ ୧୨୦ କୋଟି ଟଙ୍କା ଅର୍ଥରାଶି ଅର୍ଥବିଭାଗ ହାତରେ ରହିଛି। ବର୍ତ୍ତମାନ ଏହି ପରିମାଣ ଅର୍ଥ ଜଙ୍ଗଲ ବିଭାଗ ଜରିଆରେ ଅର୍ଥବିଭାଗ ‘କେନ୍ଦୁପତ୍ର ସଂସ୍ଥାର କେନ୍ଦୁପତ୍ର ଉନ୍ନୟନ ପାଣ୍ଠି’କୁ ହସ୍ତାନ୍ତର କରାଯିବାର ସମୟ ଆସିଯାଇଛି। ଏହି ବଜେଟ ମଞ୍ଜୁରୀପ୍ରାପ୍ତ ଅର୍ଥ ‘ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ଶ୍ରମିକ କଲ୍ୟାଣପାଣ୍ଠି’ ନାମରେ ନାମିତ ହୋଇଛି। ଅର୍ଥବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କୁ ସଂଘର ସଭାପତି ଶ୍ରୀ ମହାନ୍ତି ତାଙ୍କ ଚିଠିସଂଖ୍ୟା ୧୯୬/୨୦-୮-୨୦୨୫ରେ ମେଲ୍ ତଥା ଚିଠି ଯୋଗେ କେନ୍ଦୁପତ୍ର ସଂସ୍ଥାକୁ ବଜେଟ ମଞ୍ଜୁରୀପ୍ରାପ୍ତ ଅର୍ଥ ଯଥାଶୀଘ୍ର ହସ୍ତାନ୍ତର କରିବାକୁ ଜଣାଇଛନ୍ତି। ଏହି ବିଷୟରେ ଏକ ପୂର୍ବ ଚିଠିରେ ଶ୍ରୀ ମହାନ୍ତି ଅର୍ଥ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗ ସହିତ ଅନ୍ୟାନ୍ୟ ପ୍ରସଙ୍ଗ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାବ୍ୟତୀତ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଏହି ପ୍ରସଙ୍ଗ ତ୍ୱରାନ୍ୱିତ କରିବାକୁ ଏହି ପତ୍ରର ପ୍ରତିଲିପିରେ ଜଣାଇଛନ୍ତି। ଉକ୍ତ ୧୨୦ କୋଟି ଟଙ୍କା କେନ୍ଦୁପତ୍ର ସଂସ୍ଥାକୁ ହସ୍ତାନ୍ତର କରାଗଲେ ଉକ୍ତ ସଂସ୍ଥା କର୍ତ୍ତୃପକ୍ଷ ଏହି ସଂସ୍ଥାରେ କାର୍ଯ୍ୟରତ ଲକ୍ଷ ଲକ୍ଷ ତୋଳାଳୀ, ବନ୍ଧେଇ ଶ୍ରମିକ ଓ ସିଜିନାଲ କର୍ମଚାରୀଙ୍କ ସାମାଜିକ ନିରାପତ୍ତା ତଥା କଲ୍ୟାଣ ନିମନ୍ତେ ସବିଶେଷ ପ୍ରସ୍ତାବ କରି ସେମାନଙ୍କ ମଧ୍ୟରେ ବଣ୍ଟନର ବ୍ୟବସ୍ଥା କରିବେ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି।

# ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ବିକ୍ଷୋଭ



**ସମ୍ବଲପୁର, ୨୧।୮ (ସମିସ) :** ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ଆଜି ପୂର୍ବାହ୍ନରେ ଏକ ରାଲିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ସେମାନେ ବିଭିନ୍ନ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଥିଲେ। ଦାବି ଗୁଡ଼ିକ ମଧ୍ୟରେ - ଆଇସିଡିଏସ୍ ଯୋଜନାର ନାମ ଉଚ୍ଛେଦ କରି ସହ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ଘୋଷଣା, ସରକାରୀ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କୁ ଯଥାକ୍ରମେ ମାସିକ ୧୮ ହଜାର ଓ ୯ ହଜାର ଟଙ୍କା ଭତ୍ତା ପ୍ରଦାନ, ଅବସର ପରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ଯଥାକ୍ରମେ ୧୦ ଲକ୍ଷ ଓ ୫ ଲକ୍ଷ ଟଙ୍କାର ଅବସରକାଳୀନ ସହାୟତା ରାଶି ପ୍ରଦାନ, ପେନସନ ବାବଦକୁ ଅଙ୍ଗନବାଡ଼ି କର୍ମୀଙ୍କୁ ମାସିକ ୫ ହଜାର ଓ ସହାୟିକାଙ୍କୁ ୩ ହଜାର ଟଙ୍କା ପ୍ରଦାନ, ପୋଷଣ ଟ୍ରାକ୍ ସମୟରେ ହେଉଥିବା ଇଣ୍ଟରନେଟ୍ ସମସ୍ୟା ସମାଧାନ ପାଇଁ ଉନ୍ନତମାନର ମୋବାଇଲ ଫୋନ ପ୍ରଦାନ ସହିତ ପ୍ରତି ତିନିମାସର ରିଚାର୍ଜ ବାବଦକୁ ୯ ଶହ ଟଙ୍କା ପ୍ରଦାନ, ସମସ୍ତ କାର୍ଯ୍ୟ ମୋବାଇଲ ଦ୍ୱାରା ଅନ୍‌ଲାଇନ୍ କରିବା ସହ ଅଫ୍‌ଲାଇନ୍ କାର୍ଯ୍ୟ ବନ୍ଦ କରିବା, ଅଙ୍ଗନୱାଡି କର୍ମଚାରୀଙ୍କୁ ସିଧାସଳଖ ୫୦ ପ୍ରତିଶତ ପଦୋନ୍ନତି, ପିଏଫ୍, ଗ୍ରାଚ୍ୟୁଇଟି, ବରିଷ୍ଠତା ଭିତ୍ତିରେ ବେତନ ବୃଦ୍ଧି ସହିତ ସମସ୍ତଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରିବା ଆଦି ରହିଛି। ଦୀର୍ଘଦିନରୁ ଦାବି କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଦାବିପତ୍ର ଗ୍ରହଣ କରିଥିଲେ।

# ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ବିଶ୍ୱ ଫଟୋଗ୍ରାଫି ଦିବସ

**ସମ୍ବଲପୁର, ୨୧।୮ (ସମିସ):** ସମ୍ବଲପୁର ଫଟୋଗ୍ରାଫର୍ସ ଆସୋସିଏସନ୍ ପକ୍ଷରୁ ସିନ୍ଦୁରପଙ୍କସ୍ଥିତ ଜନାର୍ଦ୍ଦନ ପୂଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କୁଲ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ବିଶ୍ୱ ଫଟୋଗ୍ରାଫି ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରକଳା ପ୍ରତିଯୋଗିତା ହୋଇଥିଲା ଯେଉଁଥିରେ ସେମାନେ କଳା ମାଧ୍ୟମରେ ସେମାନଙ୍କର ସୃଜନଶୀଳତା ଏବଂ ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତା ପରେ ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀତ୍ୱର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ତାରାରୋପଣ ଅଭିଯାନ କରାଯାଇଥିଲା।କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଫଟୋଗ୍ରାଫିକୁ ଏକ କଳା ଭାବରେ ପ୍ରୋତ୍ସାହିତ କରିବା ସହିତ ପ୍ରକୃତିକୁ ଫେରାଇ ଦେବାର ଗୁରୁତ୍ୱକୁ ମଧ୍ୟ ଉଜାଗର କରିବା। ଏହି ପ୍ରୟାସରେ ଛାତ୍ରଛାତ୍ରୀ, ଫଟୋଗ୍ରାଫର ଓ ଅନ୍ୟମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଫଟୋଗ୍ରାଫର୍ସ ଆସୋସିଏସନ ପକ୍ଷରୁ ଫଟୋଗ୍ରାଫି ଏବଂ ଗୋଷ୍ଠୀ ସହଭାଗିତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି କୁହାଯାଇଛି।

# ହୀରାକୁଦ ଜଳସ୍ତର ୬୧୬.୪୫ ଫୁଟ୍

**ସମ୍ବଲପୁର, ୨୧।୮ (ସମିସ):** ଗୁରୁବାର ଅପରାହ୍ନ ୩ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୬.୪୫ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୨, ୯୭୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫, ୩୦୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୦, ୮୬୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪, ୨୨୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୫.୬୯ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୪.୧୩ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୯.୯୭ ଫୁଟ୍ ରହିଥିଲା।

## ଜିଲ୍ଲାରେ ୟୁରିଆ ସାର କଳାବଜାର ପ୍ରସଙ୍ଗ

# ଆଜି ସରିବ ଚାଷୀଙ୍କ ମୁହଲତ

ସମ୍ବଲପୁର, ୨୧।୮ (ସମିସ)

ଗତ ୧୯ ତାରିଖ ପୂର୍ବାହ୍ନରେ ସାର ବିତରକ ଇଣ୍ଡିଆନ ଏଣ୍ଟରପ୍ରାଇଜେସ୍ ଉପରେ ଅଧାପନ୍ତରିଆ କାର୍ଯ୍ୟାନୁଷ୍ଠାନକୁ ନେଇ ଚାଷୀମାନେ ଘେରାଉ ସମୟରେ ସମ୍ବଲପୁର ଜିଲ୍ଲାର ସମସ୍ତ ବିତରକ ମାନଙ୍କ ଉପରେ ଅଚାନକ ଚଢ଼ଉ ଓ ଷ୍ଟକ୍ ଯାଞ୍ଚ ପାଇଁ କୃଷି ବିଭାଗକୁ ୪୮ ଘଣ୍ଟାର ମୁହୁଲତ ଦେଇଛନ୍ତି। ଶୁକ୍ରବାର ସକାଳେ ଏହା ସରିବ। ଜିଲ୍ଲାରେ କଳାବଜାର ଉପରେ ରୋକ୍ ଲଗାଇବା ସହ ଚାଷୀକୁ ସୁଲଭ ଦରରେ ସାର ଉପଲବ୍ଧ ହେବା କଥା। ତାହାସହିତ କଳାବଜାର କରୁଥିବା ସମସ୍ତ ବିତରକମାନଙ୍କ ଲାଇସେନ୍ସ ଜବତ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଉପରୋକ୍ତ ସମୟ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ କୃଷି କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ସମ୍ବଲପୁର ଜିଲ୍ଲାର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ବୃହତ୍‌କାୟ ଆଦିବାସୀ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍) ମାନଙ୍କରେ ୟୁରିଆ ସାର ଆଦୌ ନାହିଁ। କିନ୍ତୁ ପ୍ରାଇଭେଟ୍ ବିତରକ ଦୋକାନ ମାନଙ୍କରେ ୟୁରିଆ ସାର ମହଜୁଦ ରହିଛି। ସମ୍ବଲପୁର ସଦର ଉପଖଣ୍ଡରେ ୟୁରିଆ ପ୍ୟାକେଟ୍ ପିଛା ୫୨୦ ଟଙ୍କାରେ ବିକ୍ରୟ ହେଉଥିବାବେଳେ କୁଚିଣ୍ଡା ଉପଖଣ୍ଡର ଉପାନ୍ତ ଅଞ୍ଚଳରେ ୟୁରିଆ ପ୍ୟାକେଟ୍ ପିଛା ୫୫୦ରୁ ୫୮୦ ଟଙ୍କା ପର୍ଯ୍ୟନ୍ତ ବିକ୍ରୟ ହେଉଛି। ଚାଷୀମାନେ ଚାଷରେ ସଠିକ୍ ସମୟରେ ସାର ଓ କୀଟନାଶକ ଦେବାପାଇଁ ବିତରକ ମାନଙ୍କ ଲୁଟ୍‌ର ଶିକାର ହେଉଛନ୍ତି। କିନ୍ତୁ କୃଷି ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ‘ଶୂନ’। କୃଷକ ସଙ୍ଗଠନ ପକ୍ଷରୁ ସାର କଳାବଜାର ଧରିବାପରେ ମଧ୍ୟ କୃଷି ବିଭାଗର ଅପାରଗତା ଯୋଗୁଁ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ଏହାପରେ ସଦର ଉପଜିଲ୍ଲାପାଳ ଚଢ଼ଉ କରି ସାର ବିକ୍ରେତାଙ୍କ ଲାଇସେନ୍‌ସ ବାତିଲ କରିଥିଲେ। ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଷ୍ଟକ୍‌କୁ ନେଇ ଚଢ଼ଉ କରାଯାଉଥିବା ସୂଚନା ମିଳିଛି।

ସମ୍ବଲପୁର ଜିଲ୍ଲାକୁ ବିହନଠାରୁ ଆରମ୍ଭ କରି ସାର, କୀଟନାଶକ ସବୁ ଜିଲ୍ଲା କୃଷି ବିଭାଗ ଜରିଆରେ ଆସିଥାଏ। ତେବେ, ଚାଷୀମାନଙ୍କ ଦ୍ୱାରା କଳାବଜାର ହେଉଥିବା ନେଇ ଅବଗତ କରିବାସହ ବାରମ୍ବାର ଘେରାଉ ଓ ଦାବିସତ୍ତ୍ୱେ ସମ୍ବଲପୁର ଜିଲ୍ଲା କୃଷି ବିଭାଗ ପକ୍ଷରୁ ଉଦାସୀନତା ଅବଲମ୍ବନ କରାଯାଉଛି। ଗତ ୧୪ ତାରିଖରେ ସାର କଳାବଜାର ହେଉଥିବା ନେଇ ଜଣାଇବା ପରେ ମଧ୍ୟ କୌଣସି ପଦକ୍ଷେପ ନନେବାରୁ ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ବରେଇପାଲିସ୍ଥିତ ଇଣ୍ଡିଆନ ଏଣ୍ଟରପ୍ରାଇଜେସ୍‌ରେ ପହଞ୍ଚି ୟୁରିଆ ସାର ପ୍ୟାକେଟ୍ ପିଛା ୫୨୦ଟଙ୍କା ବିକ୍ରୟ ହେଉଥିବା ଧରିଥିଲେ। କିନ୍ତୁ କୃଷି କାର୍ଯ୍ୟାଳୟ ପକ୍ଷରୁ କେବଳ ଡିଲର୍ ପାର୍ଶ୍ୱ ସିଲ୍ କରିଥିବାବେଳେ ହୋଲ୍‌ସେଲ୍‌ଫ ପଟେ ବିକ୍ରୟ ଚାଲିଥିଲା। ସାର ବିକ୍ରୟର ରିଟେଲ୍ ରସିଦ ପୋଡ଼ିଯାଇଥିବା ଦୋକାନୀ କହିଥିବା କଥାକୁ ମାନିନେଇ କୃଷି ଅଧିକାରୀମାନେ ପକ୍ଷଭୁକ୍ତ ହେଉଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ବୁଧବାର ସଦର ଉପଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏନେଇ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ଜେନାଙ୍କୁ ଫୋନ କରିବାରୁ ସେ ଫୋନ ଉଠାଇନଥିଲେ।



# ସାର କଳାବଜାର କରି ଚାଷୀଙ୍କୁ ଲୁଟ୍

## ଡବଲ ଇଞ୍ଜିନ ସରକାର ଡବଲ ଲୁଟ୍, ପ୍ରଶାସନ ନୀରବ ଦ୍ରଷ୍ଟା

ବରଗଡ଼,୨୧।୮ (ସମିସ):

ଡବଲ୍ ଇଞ୍ଜିନ ସରକାର ସମୟରେ ଡବଲ୍ ଲୁଟ୍। ବର୍ତ୍ତମାନ ବରଗଡ଼ ଜିଲ୍ଲା ସାରା ରାସାୟନିକ ସାରର କୃତ୍ରିମ ଅଭାବ ସୃଷ୍ଟି କରି ଲାଭଖୋର ବେପାରୀମାନେ ଚାଷୀଙ୍କ ଠାରୁ ଅମାନୁଷିକ ଭାବେ ଲୁଟ କରି ଚାଲିଛନ୍ତି। ସରକାରଙ୍କ ସବ୍‌ସିଡି ପରେ ୟୁରିଆ ୨୬୬.୫୦ ଟଙ୍କା ଏବଂ ଡିଏପି ୧୩୫୦ ଟଙ୍କା ଥିବା ବେଳେ ୟୁରିଆ ୫୦୦ରୁ ୬୦୦ ଟଙ୍କା ଏବଂ ଡିଏପି ୧୮୦୦ ଟଙ୍କାରେ ବିକ୍ରି କରାଯାଉଛି। ଯେଉଁଠି ଚାଷୀ ଆନ୍ଦୋଳନ କରିଛନ୍ତି ସେଠି ସେହି ଚାଷୀଙ୍କୁ ଉଚିତ ମୂଲ୍ୟରେ ସାର ଦିଆଯାଉଛି। ଅନ୍ୟ ଚାଷୀଙ୍କ ଠାରୁ ଭୟଙ୍କର ମାତ୍ରାରେ ଲୁଟ କରାଯାଉଛି। ଏହାର ପ୍ରତିବାଦରେ ଆଜି ଜୟ କିଷାନ ଆନ୍ଦୋଳନର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲା। କୃଷି ଅଧିକାରୀଙ୍କ କହିବା ଅନୁସାରେ ବରଗଡ଼ ଜିଲ୍ଲାରେ ଡିଏପି ପ୍ରାୟ ୧୭,୦୦୦ ଟନ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୭,୧୩୪ ଟନ ଏବଂ ୟୁରିଆ ୩୩,୮୦୦ ଟନ ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୮,୨୨୮ ଟନ ଆସି ସାରିଛି। ଏତେ ପରିମାଣର ସାର ଜିଲ୍ଲାକୁ ଆସିଥିଲେ ସୁଦ୍ଧା ଚାଷୀ କାହିଁକି ଲୁଟର ଶିକାର ହେଉଛନ୍ତି ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ସଂଗଠନ ତରଫରୁ ପ୍ରଶ୍ନ କରାଯାଇଥିଲା। ଜିଲ୍ଲାର ସାର ବେପାରୀଙ୍କ ଗୋଦାମ ମାନଙ୍କରେ ସାର ମହଜୁଦ ଅଛି। ସଂପୃକ୍ତ ଗୋଦାମଗୁଡିକକୁ ଯାଞ୍ଚ କରାଯାଉ ବୋଲି ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ କୁହାଯାଇଥିଲା। ନିକଟ ଭବିଷ୍ୟତରେ ଜିଲ୍ଲାକୁ ଯାହା ସାର ଆସିବ ତାହା କେବଳ ପ୍ରାଥମିକ କୃଷି ସମବାୟ ସମିତିକୁ ଦିଆଯାଉ ବୋଲି ସଂଗଠନ ତରଫରୁ ଜିଲ୍ଲାପାଳଙ୍କୁ କୁହାଯାଇଥିଲା। ସେଠାରେ ଚାଷୀ ଉଚିତ ମୂଲ୍ୟରେ ସାର ପାଇପାରିବେ। ଏହି ଆଲୋଚନାରେ ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଅନ୍ୟତମ ଆବାହକ ଲଙ୍ଗରାଜ, ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ଜିଲ୍ଲା ସଭାପତି ସୁଶୀଲ ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ଚଞ୍ଚଳ ପ୍ରଧାନ, ଭଞ୍ଜନ ବାରିକ, କିଶୋର ସାହୁ, ସରୋଜ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।



# 'ସୁଭଦ୍ରା' ଯୋଜନା ଟଙ୍କା ଦିଅ ନଚେତ ଚାଷ ପାଇଁ ଜମି ଦିଅ



ଝାରବନ୍ଧ,୨୧।୮ (ସମିସ): ଓଡ଼ିଶାରେ ସରକାର ପରିବର୍ତ୍ତନ ହେଲା ପରେ ଓଡ଼ିଶା ସରକାର ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ଆରମ୍ଭ କଲେ। ଗତ ରାକ୍ଷୀ ପୂର୍ଣ୍ଣିମାରେ ମହିଳାଙ୍କୁ ତୃତୀୟ କିସ୍ତି ସୁଭଦ୍ରା ଟଙ୍କା ପ୍ରଦାନ କରାଯାଇଛି। ହେଲେ ଜମି ସମ୍ବନ୍ଧୀୟ ଭୁଲ ତଥ୍ୟ ଯୋଗୁଁ ଯୋଗ୍ୟ ମହିଳା ସୁଭଦ୍ରା ଯୋଜନାରୁ ବାଦ ପଡିଥିବାର ଅଭିଯୋଗ ହୋଇଛି। ଝାରବନ୍ଧ ବ୍ଲକ୍ ଲୌଡିଦର୍ହା ପଞ୍ଚାୟତର ଶିକାରୀପାଲି ଗାଁର ମହିଳାମାନେ ଆଜି ଝାରବନ୍ଧ ବ୍ଲକ୍ କାର୍ଯ୍ୟାଳୟକୁ ଆସି ଝାରବନ୍ଧ ବିଡିଓଙ୍କୁ ଲିଖିତ ଭାବେ ସୁଭଦ୍ରା ଯୋଜନାରେ ସାମିଲ କରି ଟଙ୍କା ପ୍ରଦାନ କରନ୍ତୁ ନଚେତ ଯେଉଁ ଅତ୍ୟଧିକ ଜମି ଦର୍ଶାଇ ସୁଭଦ୍ରା ଯୋଜନାରୁ ଆମକୁ ବାଦ ଦିଆଯାଇଛି ସେହି ୫ ଏକର ଜମି ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଆମର ୫ ଏକର ଜମି ନାହିଁ ଏକ ଜିମାଲୀ ଜମି ଅଛି ତଥା ଅନ୍ୟ ମାନଙ୍କର କମ ଜମି ଅଛି। ହେଲେ ସୁଭଦ୍ରା ଯୋଜନାରେ ୫ ଏକର ଜମିରୁ ଊର୍ଦ୍ଧ୍ୱ ତଥ୍ୟ ଦର୍ଶାଇ ଆମର ଅଧିକାରକୁ ବାଦ ଦିଆଯାଇଛି, ତେଣୁ ଆମକୁ ୫ ଏକର ଲେଖାଏଁ ଜମି ପ୍ରଦାନ କରାଯାଉ। ଆମେ ଚାଷବାସ କରି ଚଳିବୁ ବୋଲି ମହିଳା ମାନେ ଅଭିଯୋଗ କରିଛନ୍ତି। ବିଡିଓ ଅନୁପସ୍ଥିତ ଥିବାରୁ ସାମାଜିକ ସୁରକ୍ଷା ଅଧିକାରୀ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ।

**ଶିକାରୀପାଲି ଗାଁର ମହିଳା ପ୍ରଶାସନର ଦ୍ୱାରସ୍ଥ**

# ଶିକ୍ଷକ ରଙ୍କମଣି ବାରିକଙ୍କ ପରଲୋକ



ପାଇକମାଲ,୨୧।୮ (ସମିସ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ୍ ପଲସଦା ଗାଁର ଅବସରପ୍ରାପ୍ତ ଶିକ୍ଷକ ରଙ୍କମଣି ବାରିକଙ୍କ ପରଲୋକ ଘଟିଛି। ଗତ କିଛି ଦିନ ହେବ ଶ୍ୱାସ ରୋଗୀରେ ପୀଡିତ ହୋଇ ରାୟପୁରର ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଥିଲେ। ତାଙ୍କ ପଛରେ ପତ୍ନୀ ସରୋଜିନୀ ବାରିକ, ବଡ ପୁଅ ପ୍ରଶାନ୍ତ ବାରିକ, ସାନ ପୁଅ ଶିବେନ ବାରିକ ଏବଂ ନାତି ଶୁଭେନ୍ଦୁ ବାରିକ ରହିଛନ୍ତି। ମର ଶରୀରକୁ ପୈତୃକ ଗାଁ ପଲସଦାକୁ ଅଣା ଯାଇଥିଲା। ସ୍ୱର୍ଗତ ରଙ୍କମଣି ସମାଜ ପାଇଁ ବିଭିନ୍ନ ସଂସ୍କାରମୂଳକ ପୁସ୍ତକ ରଚନା କରିଥିଲେ। ତାଙ୍କ ମୃତ୍ୟୁ ପରେ ପଲସଦା ତଥା ପାଇକମାଲ ଅଞ୍ଚଳରେ ଶୋକର ଲହରୀ ଖେଳିଯାଇଛି।

# ଷ୍ଟ୍ରିଟ୍ ଲାଇଟ୍ ମରାମତି ପାଇଁ ଦାବି

ପଦ୍ମପୁର,୨୧।୮ (ସମିସ): ପଦ୍ମପୁରର ଜାପଡାରୁ ଭେଡ଼ଁରିଆ ଛକ ପର୍ଯ୍ୟନ୍ତ ଦୀର୍ଘ ଦିନ ହେବ ରାସ୍ତା ପାଶ୍ୱର୍ରେ ଥିବା ଷ୍ଟ୍ରିର୍ଟ ଲାଇଟ ଜଳୁନାହିଁ। ଏହି ମୁଖ୍ୟ ରାସ୍ତାରେ ଥାନା, ଡାକ୍ତରଖାନା ରହିଛି। ତେଣୁ ସାଧାରଣ ଲୋକ ନିଜ ଆବଶ୍ୟକତା ପାଇଁ ଯିବା ଆସିବା କରିବାକୁ ପଡୁଥିବା ବେଳେ ରାତିରେ ଅନ୍ଧାର ରହୁଥିବାରୁ ଲୋକେ ଅସୁରକ୍ଷିତ ମଣୁଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷ ଶୀଘ୍ର ଦୃଷ୍ଟି ଦେଇ ଏହି ଲାଇଟ ତୁରନ୍ତ ମରାମତି କରିବା ପାଇଁ ସାଧାରଣରେ ମତ ପ୍ରକାଶ ପାଇଛି।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



## ଆପ୍ରାଇଜ କଲେଜ

ବରଗଡ଼,୨୧।୮ (ସମିସ): ବରଗଡ଼ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆପ୍ରାଇଜ କଲେଜରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ବିଜ୍ଞାନ ଓ କଳା ବିଭାଗର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଛି। ମୁଖ୍ୟ ବକ୍ତା ଭାବେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର କଂସ ମହାରାଜ ଭୁବନେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ଆପ୍ରାଇଜର ସଭାପତି ଜନାର୍ଧନ ବେହେରା, ଇ.ଜଗଦୀଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ଆପ୍ରାଇଜ କଲେଜରେ ଉନ୍ନତମାନର ଶିକ୍ଷା ପ୍ରଦାନ କରା ଯାଉଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କଲେଜର ଉପାଧ୍ୟକ୍ଷ, ଅଧ୍ୟକ୍ଷ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ.ମୁକୁନ୍ଦ ଦାଶ ପରିଚାଳନା କରିଥିଲେ। ଆପ୍ରାଇଜ କଲେଜର ଉପାଧ୍ୟକ୍ଷ ଭୀଷ୍ମଦେବ ଦାଶ, ଅନ୍ୟ ମାନଙ୍କ ମଧ୍ୟ ପ୍ରଶାସନିକ ଅଧିକାରୀ ମାନସରଞ୍ଜନ ସାହୁ, କାର୍ଯ୍ୟାଳୟ ମୁଖ୍ୟ ଚିତ୍ତରଞ୍ଜନ ଦାଶ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। ଶେଷରେ ଇଂରାଜୀ ଅଧ୍ୟାପକ ସରୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଞ୍ଚଳ ମହାବିଦ୍ୟାଳୟ

ପଦ୍ମପୁର: ଅଞ୍ଚଳ ମହାବିଦ୍ୟାଳୟର ସମ୍ମେଳନ ପ୍ରକୋଷ୍ଠରେ ଶିକ୍ଷା ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷ ଖଗେଶ୍ୱର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ଡ.ତୁଷାରକାନ୍ତ ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଅଧ୍ୟାପକ ଡ.ଭେଙ୍କଟେଶ୍ୱର ମେହେର, ଅଧ୍ୟାପିକା ସୁଶ୍ରୀ ସସ୍ମିତା ମେହେର, ପ୍ରକଳ୍ପ କର୍ମଚାରୀ ଶ୍ରୀକାନ୍ତ ସାହୁ ଜାତୀୟ ଶିକ୍ଷା ନୀତି ତଥା ଗୁଣାତ୍ମକ ଶିକ୍ଷା ଉପରେ ଅଭିଭାଷଣ ରଖିଥିଲେ। କାର୍ଯକ୍ରମର ପରିଚାଳନା ମଂଜୁ ବାଲମ୍ କରିଥିଲେ। ଶୁଭମ, ସ୍ନେହମୟୀ, ଶାଲିନି, ରଞ୍ଜନ, ହେମାନନ୍ଦ, ଜିତେଶ୍ୱର, ଗୌରବ, ସଞ୍ଜୀବ, ଶୋଭିତ, ସମୀର, ପ୍ରଦୀପ, ପ୍ରମୋଦ, ରିତୁଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ପାଇଁ ତାଲିମ

ଗାଇସିଲେଟ,୨୧।୮ (ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ କାର୍ଯ୍ୟାଳୟ ସଭା ଗୃହରେ ରାଜ୍ୟ ଗ୍ରାମୀଣ ବିକାଶ ପ୍ରତିଷ୍ଠାନ ଭୁବନେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ପରିଷଦ ବରଗଡ଼ ସହଯୋଗରେ ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଗଠନ ପାଇଁ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିପିଡିଓ ବିନୟ କିଶୋର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଡିଓ ଭୀଷ୍ମଦେବ ମାଝୀ, ତାଲିମ ଦାତା ଭାବେ ତପନ ପାତ୍ର ଯୋଗ ଦେଇଥିଲେ। ବିଜ୍ଞାନ ଯୁଗରେ ଆଜି ବି ସମାଜରେ ବାଲ୍ୟ ବିବାହ ପରି କୁସଂସ୍କାର ରହିଛି। ବାଲ୍ୟ ବିବାହ ଯୋଗୁ କମ୍ ବୟସରୁ ସାଂସାରିକ ଜୀବନରେ ବାନ୍ଧି ହୋଇ ନିଜର ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲିଦେବା ସହ ନିଜର ନାର୍ଯ୍ୟ ଅଧିକାରରୁ ବଞ୍ଚିତ ହୋଇଥାନ୍ତି। ବାଲ୍ୟ ବିବାହ ବନ୍ଦ କରିବା ପାଇଁ ଦୀର୍ଘ ଦିନ ଧରି ସରକାରୀ ସ୍ତରରେ ବିଭିନ୍ନ ପ୍ରୟାସ ଜାରି ରହିଛି। ମାତ୍ର ସଚେତନତାର ଅଭାବ ଓ ପୁଅ ଝିଅଙ୍କ ମଧ୍ୟରେ ଅହେତୁକ ଭେଦଭାବ ଯୋଗୁ ଆଖିଦୃଶିଆ ସଫଳତା ମିଳି ପାରୁନି। ବାଲ୍ୟ ବିବାହ ପ୍ରଥାକୁ ରୋକିବା ପାଇଁ ହେଲେ ଗ୍ରାମାଞ୍ଚଳ ସ୍ତରରେ ସମସ୍ତଙ୍କୁ ସଚେତନ ହେବାକୁ ପଡିବ ବୋଲି କହିବା ସହ ବିଭିନ୍ନ ପ୍ରକାର ଉଦାହରଣ ଦେଇ ଶ୍ରୀ ପାତ୍ର ତାଲିମ ଦେଇଥିଲେ। ନିଜ ଅଞ୍ଚଳରେ ଏଭଳି ଘଟଣା ଘଟିଲେ ତୁରନ୍ତ ଶିଶୁ ସହାୟତା କେନ୍ଦ୍ର ୧୦୯୮ରେ ଫୋନ କରି ଜଣାଇବା ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍‌ର ସମସ୍ତ ୧୯ଟି ପଞ୍ଚାୟତର ସରପଞ୍ଚ, ପିଇଓ, ଶିକ୍ଷକ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ସିଆରପି, ଅଙ୍ଗନବାଡି କର୍ମୀ, ଉପସ୍ଥିତ ଥିଲେ।

ଝାରବନ୍ଧ: ସୁସ୍ଥ ସମାଜ ଗଠନ ପାଇଁ ସରକାର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ପୂର୍ବକ ତାଲିମ ପ୍ରଦାନ ପାଇଁ ଯୋଜନା କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଗଠନ ପାଇଁ ଝାରବନ୍ଧ ବ୍ଲକ୍ ସଭାଗୃହରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଗାଁ ତଥା ପଞ୍ଚାୟତ ସ୍ତରରେ କମିଟି ଗଠନ ଏବଂ ବାଲ୍ୟ ବିବାହ ମୁକ୍ତ ଗାଁ ଗଠନ ବିଷୟରେ ଆଲୋଚନା ପୂର୍ବକ ତାଲିମ ପ୍ରଦାନ କରାଯାଇଥିଲା। ଝାରବନ୍ଧ ସିଡିପିଓ ସୁଷମା ପଟେଲ, କମ୍ପ୍ୟୁଟର ପ୍ରୋଗାଁର ପ୍ରାଚୁର୍ଯ୍ୟ ସାହୁ, ବିଭୁ ପ୍ରକାଶ ମିଶ୍ର ପ୍ରମୁଖ ଯୋଗ ଦେଇ ତାଲିମ ଦେଇଥିଲେ। ଶିବିରରେ ଅଙ୍ଗନବାଡି କର୍ମୀ, ଶିକ୍ଷକ ଶିକ୍ଷୟତ୍ରୀ, ସିଆରପି, ଜନପ୍ରତିନିଧି, ସରକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତସ୍ତରୀୟ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର

ଝାରବନ୍ଧ,୨୧।୮ (ସମିସ): ବରଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଆଜି ପଞ୍ଚାୟତ ସ୍ତରୀୟ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଝାରବନ୍ଧ ବ୍ଲକ୍‌ର ଭଇଁସାଦରହା ଓ କୁଲୁପାଳି ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ବୈଠକରେ ଅରବିନ୍ଦ ହାତୀ ଏଏଲଓ, ଭାନୁ ପ୍ରତାପ ମାଝୀ ଏଏଲଓ, ରୋହନ ନାୟକ ଏଏଲଓ, ରାକ୍ଷୀ ମେହେର ବ୍ଲକ୍ ସଂଯୋଜିକା ଏଡ୍‌ଏଟ୍, ଆକ୍ସନ, ଅଜିତ ବିଶି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗାଁର ୱାର୍ଡ ମେମ୍ବର୍, ପ୍ରବାସୀ ମହିଳା ଓ ପୁରୁଷ ଗାଁର ଭଦ୍ର ବ୍ୟକ୍ତି ମାନେ ଉପସ୍ଥିତ ଥିଲେ। ଶିବିରରେ ଲେବର କାର୍ଡ ବିଷୟରେ ଅରବିନ୍ଦ ହାତୀ ବୁଝାଇ କିପରି ଲେବର କାର୍ଡ ବ୍ୟବହାର କରାଯିବ, ବର୍ଷକୁ ବର୍ଷ କାର୍ଡକୁ ନବୀକରଣ କରିବା ଓ ଝିଅ ବାହାଘର, ପାଠପଢ଼ା ତଥା ମୃତ୍ୟୁରେ ଲେବର କାର୍ଡ ସାହାଯ୍ୟରେ ସରକାରୀ ଆର୍ଥିକ ସହାୟତା ପାଇ ପାରିବା ବିଷୟରେ ବୁଝାଇଲେ। ବ୍ଲକ୍ ସଂଯୋଜିକା ରାକ୍ଷୀ ମେହେର ବାହାରକୁ ଯିବା ସମୟରେ ଅଙ୍ଗନବାଡି କର୍ମୀ ମାନଙ୍କ ପାଖରେ ତଥ୍ୟ ଦେବା, ସରପଞ୍ଚ ୱାର୍ଡ ସଭ୍ୟଙ୍କ ଯୋଗାଯୋଗ ନମ୍ବର ସାଥିରେ ନେବା, ସାଙ୍ଗରେ ଆଧାର କାର୍ଡ ନେବା ଏବଂ ଲାଇସେନ୍ସ ଥିବା ଠିକାଦାର ମାନଙ୍କ ସହିତ ବାହରକୁ କାମ କରିବା ପାଇଁ ଯିବାକୁ ପରାମର୍ଶ ଦେଇଥିଲେ। ବହାରକୁ କାମ କରିବାକୁ ଯିବା ସମୟରେ ଶିଶୁ ମାନଙ୍କୁ ଋତୁକାଳୀନ ଛାତ୍ରାବାସରେ ଛାଡି ଯିବା ପାଇଁ ବୁଝାଇବା ସହିତ ଶିଶୁ ମାନଙ୍କ ପାଠପଢ଼ା ବିଷୟରେ ସରକାରଙ୍କ ସୁବିଧା ସମ୍ପର୍କରେ ଭାନୁପ୍ରତାପ ମାଝୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।



# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଙ୍ଗାଧର ଜୟନ୍ତୀ

ବରଗଡ଼,୨୧।୮ (ସମିସ): ଚକରକେନ୍ଦ ସ୍ଥିତ ସନ୍ଥ କବି ଭୀମ ଭୋଇ ମହିମା ମହାବିଦ୍ୟାଳୟର ସଭାଗୃହରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ସମାରୋହ ମହା ଆଡମ୍ବରରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ କାର୍ତ୍ତିକେୟ ସାଥୁଆ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ.ଗୋପାଳକୃଷ୍ଣ ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଯୋଗେଶ ଚନ୍ଦ୍ର ଯୋଗ ଦେଇଥିଲେ। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ସାହୁ ଗଙ୍ଗାଧର ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୁଶୀଳ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ରୀ ଲୋଚନା ନାଗ, ଝୁମି ଖମାରୀ, ଆପୋଲୋ ଭୋଇ 'ବିଶ୍ୱଦେଖ ମଧୁମୟ' ସଙ୍ଗୀତ ଗାନ କରିଥିଲେ। ଛାତ୍ରୀ ବର୍ଷା ନାୟକ, ରିତୁପ୍ରୀୟା ବେହେରା, ଅଞ୍ଜୁ ମେହେର, ତୃପ୍ତି ପଢ଼ନ, ପୁଷ୍ପିତା ସାହୁ, ବିତିଶ୍ରୀ ସାହୁ, ଶିବୁ ଖମାରୀ, ରାକେଶ ବାରିକ, ରୁଦ୍ର ପାଣ୍ଡେ, ଚିତେଶ୍ୱର ସା, ସଂଜୟ ସା, ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ। ଅଧ୍ୟାପିକା ମାନସୀ ଖମାରୀ, ହରିବୋଲ ପାଧନ, ଆକର୍ଷଣ ପାଧନ, ପ୍ରମୋଦ ସେଠ୍, ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଲୀଳାବତୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## ଡଭା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଝାରବନ୍ଧ: ଝାରବନ୍ଧ ବ୍ଲକ୍ ଡଭା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ କ୍ରିଷ୍ଣଚନ୍ଦ୍ର ଥପ୍ପାଙ୍କ ସଭାପତିତ୍ୱରେ ୧୬୩ ତମ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଇତିହାସ ବିଭାଗର ଅଧ୍ୟାପକ ରଜତ୍ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଜଗଦୀଶ ଭୋଇ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଦିଲିପ ସାହୁ ଓ ଅଧ୍ୟାପକ ସୁଧୀର ରଥ ଯୋଗ ଦେଇଥିଲେ। ବିଦ୍ୟାଳୟର କର୍ମଚାରୀ ସଞ୍ଜୀବ ସାହୁ, ସୁରେଶ ସାହୁ, ମଳୟ ପ୍ରଧାନ, ଗିରିଶ ଡନସନା, ମଦନ ଜନସନା ପ୍ରମୁଖ ସହଯୋଗ କରିଥିଲେ। ଖେଳ ଶିକ୍ଷକ ଦୟାସାଗର ନାୟକ ସ୍ୱାଗତ ଅଭିଭାଷଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷା ବିଭାଗ ଅଧ୍ୟାପକ ଦିଲିପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହତ୍ୟା ଉଦ୍ୟମ ମାମଲାରେ ୩ଜଣଙ୍କୁ ୭ ବର୍ଷ କାରାଦଣ୍ଡ

ସୋହେଲା,୨୧।୮ (ସମିସ): ସୋହେଲା ଥାନା ଅଧୀନ ବାଇପାଲି ଗାଁରେ ୨୦୧୭ ଅଗଷ୍ଟ ୨୭ ତାରିଖରେ ଘଟିଥିବା ହତ୍ୟା ଉଦ୍ୟମ ମାମଲାରେ ସମ୍ପୃକ୍ତ ୩ଜଣ ଅଭିଯୁକ୍ତଙ୍କୁ ଅଦାଲତ ୭ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୭ ଅଗଷ୍ଟ ୨୭ ତାରିଖରେ ସୋହେଲା ଥାନା ଅଧୀନ ବାଇପାଲି ଗାଁର ଅତିଶୀଳା ପଧାନ ତାଙ୍କ ସ୍ୱାମୀ ଓ ତାଙ୍କ ପୁଅ ନିଜ ଜମିରେ ଚାଷ କାମ କରୁଥିଲେ। ଏହି ସମୟରେ ତାଙ୍କର ଦିଅର ଅନନ୍ତ ପଧାନ ଓ ତାଙ୍କ ଦୁଇ ପୁଅ ବିଶ୍ୱ ଏବଂ ରଞ୍ଜିତ ନିଜ ବଳଦ ହିଡ ଉପରେ ନେଇଥିଲେ। ହିଡଟି ଭାଙ୍ଗି ଯିବାରୁ ଅଭିଯୋଗକାରୀ ତାହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ଅଭିଯୁକ୍ତ ମାନେ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଟାଙ୍ଗିଆରେ ଅତିଶୀଳାଙ୍କ ସ୍ୱାମୀଙ୍କୁ ପଛପଟରୁ ଚୋଟ ମାରିଥିଲେ। ଏହି ଆକ୍ରମଣରେ ତାଙ୍କ ସ୍ୱାମୀଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କ ପୁଅଙ୍କୁ ମଧ୍ୟ ଅଭିଯୁକ୍ତମାନେ ଗାଲରେ ଚୋଟ ମାରିବାରୁ ସେ ରକ୍ତାକ୍ତ ହୋଇଥିଲେ। ଏପରିକି ଅଭିଯୁକ୍ତ ମାନେ ଅତିଶୀଳାଙ୍କୁ ମଧ୍ୟ ମାଡ ମାରିଥିଲେ। ଅତିଶୀଳା ସ୍ୱାମୀ ଏବଂ ପୁଅଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଥମେ ବରଗଡ଼ ଏବଂ ପରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତା ପରଦିନ ଅଭିଯୋଗକାରିଣୀ ଅତିଶୀଳା ପଧାନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିଥିଲା। ତତ୍କାଳୀନ ଆଇଆଇସିଙ୍କ ବଦଳି ପରେ ଆଇଆଇସି ରାଜେନ୍ଦ୍ର ସିଆଲ ମାମଲାର ଦାୟିତ୍ୱ ନେଇଥିଲେ। ମାମଲା ସେସନ୍ସ କୋର୍ଟର ବିଚାରଧୀନ ହୋଇଥିବାରୁ ସୋହେଲାରୁ ପଦ୍ମପୁର ଅତିରିକ୍ତ ଜିଲ୍ଲା ଦୌରା ଜଜଙ୍କ ଅଦାଲତକୁ ସ୍ଥାନାନ୍ତର ହୋଇଥିଲା। ପରେ ପୁଣି ସୋହେଲା ସବ୍ ଜଜ୍ କୋର୍ଟକୁ ମାମଲା ସ୍ଥାନାନ୍ତର ହୋଇ ବିଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ମାମଲାର ଶୁଣାଣି କରି ସବ୍ ଜଜ୍ ଚିନ୍ମୟୀ ରଥ ଅଭିଯୁକ୍ତ ମାନଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ପୁଣି ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି।

# ଡୁଙ୍ଗୁରିପାଲି ଡୁଙ୍ଗୁରୀରେ ଚିତା ଆତଙ୍କ

ଝାରବନ୍ଧ,୨୧।୮ (ସମିସ): ଝାରବନ୍ଧ ବ୍ଲକ୍ ଲୌଡିଦର୍ହା ଫରେଷ୍ଟ ବିଟ ଅଧୀନ ଡୁଙ୍ଗୁରିପାଲି ଗାଁର ଲୌଡିଦର୍ହା ଛକ ନିକଟସ୍ଥ ଡୁଙ୍ଗୁରି ଠାରେ ଚିତା ବାଘ ବୁଲୁଥିବା ଚର୍ଚ୍ଚା ହୋଇଛି। ଗାଁର କିଛି ଲୋକ ଚିତା ବୁଲୁଥିବା ଖବର ବନବିଭାଗକୁ ଦେଇଥିଲେ। ଡୁଙ୍ଗୁରିପାଲିରେ ଚିତା ବୁଲୁଥିବା ଘଟଣା ଝାରବନ୍ଧ ଅଞ୍ଚଳରେ ଭୟ ସୃଷ୍ଟି କରିଛି। ଖବର ପାଇ ଝାରବନ୍ଧ ଫରେଷ୍ଟର, ଲୌଡି ଦର୍ହା ଫରେଷ୍ଟ ଗାର୍ଡ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗାଁର କିଛି ଲୋକ ସୋସିଆଲ ମିଡିଆରେ ଚିତାର ଫଟୋ ବୁଲୁଥିବା ଦେଖି ବିଚଳିତ ହେବା ଏବଂ ପୁରୁଣା ଫୋଟୋକୁ ଲୋକେ ପ୍ରଚାର କରିଥିବା ବନ ବିଭାଗ କହିଛି। ଏହାସହ ଡୁଙ୍ଗୁରିରେ ଚିତାର ପାଦ ଚିହ୍ନ ନ ଥିବା, ଫଟୋ ଅନ୍ୟ ଜାଗାର ଚିତାର ଫଟୋ, କେବଳ କୁକୁରର ପଦ ଚିହ୍ନ ଅଛି ବୋଲି ବନ ବିଭାଗର ସୂଚନା ଦେଇଛି।

# ପ୍ରଧାନମନ୍ତ୍ରୀ ଫସଲ ବୀମା କମ୍ପାନୀଙ୍କ ଲାଭର ମାଧ୍ୟମ: କୃଷକ ସଂଗଠନ

ବରଗଡ଼,୨୧।୮ (ସମିସ):



ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଚାଷୀଙ୍କ ରକ୍ଷା କବଚ ହୋଇ ରହିନାହିଁ ବରଂ କମ୍ପାନୀ ମାନଙ୍କ ପାଇଁ ଲାଭର ମାଧ୍ୟମ ପାଲଟିଛି। ବିଗତ ୬ ବର୍ଷ ମଧ୍ୟରେ ସାରା ଦେଶରେ କମ୍ପାନୀମାନେ ମୋଟ ୧ ଲକ୍ଷ ୯୮ ହଜାର କୋଟି ଟଙ୍କା ଚାଷୀ ଏବଂ ସରକାର ଠାରୁ ପ୍ରିମିୟମ ବାବଦକୁ ନେଇଛନ୍ତି। ମାତ୍ର ସମୁଦାୟ କ୍ଷତିପୂରଣ ବାବଦକୁ ଦେଇଛନ୍ତି ମାତ୍ର ୧ ଲକ୍ଷ ୩୯ ହଜାର କୋଟି ଟଙ୍କା। ସେହିପରି ଆମ ରାଜ୍ୟରେ ମଧ୍ୟ କମ୍ପାନୀମାନେ ୮,୮୮୦ କୋଟି ପ୍ରିମିୟମ ନେଇଥିବା ସ୍ଥଳେ ଚାଷୀଙ୍କୁ ଦେଇଛନ୍ତି ମାତ୍ର ୫,୩୦୦ କୋଟି ଟଙ୍କା। ଗତ ବର୍ଷ ସୋହେଲା ବ୍ଲକ୍‌ରେ ପାଣିପାଗ ବିଭାଗ ୩୩% କମ ବର୍ଷା ହୋଇଥିବା ପ୍ରକାଶ। ପାଣି ଅଭାବରେ ବ୍ଲକ୍‌ର ବିଭିନ୍ନ ଗାଁରେ ମରୁଡି ପରିସ୍ଥିତି ଦେଖା ଦେଇଥିଲା। ଘେଁସ ପଞ୍ଚାୟତର ଚାଷୀ ଏକତ୍ରିତ ହୋଇ ତହସିଲଦାର, ଜିଲ୍ଲାପାଳ ଏବଂ ରାଜସ୍ୱ ମନ୍ତ୍ରୀଙ୍କୁ ପରିସ୍ଥିତି ପ୍ରସଙ୍ଗରେ ଅବଗତ କରିଥିଲେ। ପ୍ରଧାନମନ୍ତ୍ରୀ ଫସଲବୀମା ନିୟମ ଅନୁସାରେ ପଞ୍ଚାୟତରେ କ୍ରପ କଟିଙ୍ଗ ଆଧାରରେ କ୍ଷୟକ୍ଷତି ଆକଳନ କରାଯାଏ। ଘେଁସ ପଞ୍ଚାୟତ କ୍ରପ କଟିଙ୍ଗ ଅନୁସାରେ ମାତ୍ର ୩.୫ କ୍ୱିଣ୍ଟାଲ ଧାନ ବାହାରିଥିଲା। ତହସିଲଦାର ଏବଂ ଗ୍ରାମ ସେବକଙ୍କ ଉପସ୍ଥିତିରେ ଏହା ରେକର୍ଡ ହୋଇଥିଲା। କ୍ରପ କଟିଙ୍ଗ ଆଧାରରେ ଘେଁସ ପଞ୍ଚାୟତ ୮୬% ବୀମା କ୍ଷତିପୂରଣ ପାଇବା ଉଚିତ। ହେଲେ ମିଳିଛି ମାତ୍ର ୪୦% କ୍ଷତିପୂରଣ। କମ କ୍ଷତିପୂରଣ ମିଳିଥିବାରୁ କୃଷି ବିଭାଗ, ଜିଲ୍ଲାପାଳ ଏବଂ ରାଜସ୍ୱ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ହେଲେ କୌଣସି ସୁଫଳ ମିଳିନାହିଁ। ଆରଟିଆଇରେ ମାଗିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନେ କୌଣସି ତଥ୍ୟ ଦେଉନାହାନ୍ତି।

ବିଜେପୁର ବ୍ଲକ୍‌ର ତାଳପଦର ପଞ୍ଚାୟତରେ ମଧ୍ୟ ମରୁଡି ପରିସ୍ଥିତି ଥିଲା। ସେଠାରେ ଦୁଇଟି କ୍ରପ କଟିଙ୍ଗ ପରେ କମ୍ପାନୀ ଆଉ କ୍ରପ କଟିଙ୍ଗକୁ ଗଲା ନାହିଁ। ଗତ ବର୍ଷ ବରଗଡ଼ ଜିଲ୍ଲାରୁ ୧ ଲକ୍ଷ ୯୩ ହଜାର ହେକ୍ଟର ଜମି ପାଇଁ ୧ ଲକ୍ଷ ୫୪ ହଜାର ୮୪୮ ଜଣଙ୍କ ଠାରୁ ୩୯୪ କୋଟି ୪ ଲକ୍ଷ ୪୫ ହଜାର ଟଙ୍କା ପ୍ରିମିୟମ ବାବଦରେ ରିଲାଏନ୍ସ କମ୍ପାନୀ ନେଇଛି। ହେଲେ ବୀମା କ୍ଷତିପୂରଣ ଦେଲା ବେଳକୁ ସେମାନଙ୍କୁ ଭାରି କଷ୍ଟ ହେଉଛି। ସହିଦ ମାଧୋ ସିଂ ଆଞ୍ଚଳିକ କୃଷକ ସଂଗଠନ ଏନେଇ ବାରମ୍ବାର ଅଭିଯୋଗ କରିବା ଫଳରେ ଜିଲ୍ଲା କୃଷି ଅଧିକାରୀ ଲୋଚନ ମାଝୀଙ୍କ ସଭାପତିତ୍ୱରେ ଏକ ତ୍ରିପାକ୍ଷିକ ଆଲୋଚନା ହୋଇଯାଇଛି। ଆଲୋଚନାରେ କୃଷି ଅଧିକୋରୀ ଅଞ୍ଜନ ନାୟକ, ଜିଲ୍ଲା କୃଷିସେବା ସମବାୟ ସଂସ୍ଥାର ଅନନ୍ତ ଦାସ, ପରିସଂଖ୍ୟାନ ନିର୍ଦ୍ଦେଶିକା ସୋନାଲି ସାହୁ, ଉମାକାନ୍ତ ପଧାନ, ରିଲାଏନ୍ସ କମ୍ପାନୀ ଅଧିକାରୀ ଏବଂ ଘେଁସ ପଞ୍ଚାୟତବାସୀ ଏବଂ କୃଷକ ସଂଗଠନ ପ୍ରତିନିଧି ମୁରଲୀ ଭୋଇ, କ୍ଷୀରୋଦ୍ର ପଟେଲ, ଦିଲୀପ ଭୋଇ, ଅରୁଣ ବାରିକ, ସୁଶାନ୍ତ ସାହୁ, ବିକଳରାମ ପଟେଲ, ନିର୍ମଳ ପଟେଲ, ସନମ ସାହୁ, ପ୍ରଭାତ ସାହୁ, ବବୁଲୁ ପଟେଲ, ରମେଶ ମହାପାତ୍ର, ସୁରେଶ ନିକେଣ୍ଟି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗତ ଖରିଫ ଋତୁରେ କେତୋଟି ପଞ୍ଚାୟତ କ୍ଷତିପୂରଣ ପାଇବା ପାଇଁ ଯୋଗ୍ୟ ଏବଂ ଘେଁସ ପଞ୍ଚାୟତ କେମିତି ୪୦% ବୀମା ଭୁକ୍ତ ହେଲା ତାହାର ପ୍ରମାଣ ଦେବା ପାଇଁ ସଙ୍ଗଠନର ପ୍ରଶ୍ନର କେହି ସଠିକ ଉତ୍ତର ଦେଇପାରି ନଥିଲେ। ଫଳରେ ଆଲୋଚନା ଅମୀମାଂସିତ ହୋଇଛି।

### ସାପ କାମୁଡ଼ା ଓ ବଜ୍ରପାତ ସମ୍ପର୍କିତ ସଚେତନତା

# 'ସାପ କାମୁଡ଼ିଲେ ଗୁଣିଗାରେଡ଼ି ବଦଳରେ ଡାକ୍ତରଖାନା ନିଅ'



**ଡୁଙ୍ଗୁରିପାଲି, ୨୧।୮ (ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ବାବାଜୀ ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ସାପ କାମୁଡ଼ା ଓ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ରାଜନୀତି ବିଭାଗ ଅଧ୍ୟାପକ ଦିଲ୍ଲୀପ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭୀମଟିକିରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୁରଜ କୁମାର ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାପ କାମୁଡ଼ା ଓ ବଜ୍ରପାତ ପ୍ରତି ସର୍ବାଧିକ ସତର୍କ ରହିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗଜବନ୍ଧର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷିନୀ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାପ କାମୁଡ଼ିଲେ ଗୁଣି ଗାରେଡ଼ି ନକରି ତୁରନ୍ତ ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ଏଥିସହ ଘରେ ଓ ବିଦ୍ୟାଳୟସ୍ତରରେ ସାପ କାମୁଡ଼ା ଓ ବଜ୍ରପାତରୁ ସୁରକ୍ଷିତ ରହିବାର ଉପାୟ ବିଷୟରେ ଜଣାଇଥିଲେ। ଓଡ଼ିଆ ଅଧ୍ୟାପକ ସୀତାରାମ ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶାରୀରିକ ଶିକ୍ଷା ଶିକ୍ଷକ ବନ୍ଦୋବସ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଭୂଗୋଳ ଡେମୋଷ୍ଟ୍ରେଟର ରାଜ କିଶୋର ନାଗ, ତଥ୍ୟ ପରିଚାଳକ ମଧୁସୂଦନ ଭୋଇ ଓ ଅନ୍ୟ ସମସ୍ତେ ସହଯୋଗ କରିଥିଲେ।

## ବୀରମହାରାଜପୁର

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବଗବର୍ ପଞ୍ଚାୟତ କାର୍ଯ୍ୟାଳୟରେ ସାପକାମୁଡ଼ା ଜନିତ ମୃତ୍ୟୁ ହ୍ରାସ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାଗବର ଗ୍ରାମପଞ୍ଚାୟତର ସରପଞ୍ଚ ନିରୁପମା ବଗର୍ତ୍ତୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ମୁଖ୍ୟ ଅତିଥି, ଉଫୁଲା ରାଜସ୍ୱ ନିରୀକ୍ଷକ ଯୁଗଳକିଶୋର ମହକୁର, ତହସିଲର ସୁପରଭାଇଜର ପ୍ରେମାଞ୍ଜଳି ଦଣ୍ଡସେନା, ଆଇସିଡିଏସ୍ ଅଫିସ୍‌ର, ସୁପରଭାଇଜର ଦମୟନ୍ତୀ ଗୁରୁ, ବାଗବର ଗ୍ରାମର ଅଙ୍ଗନବାଡ଼ି କର୍ମୀ ମୀନାକ୍ଷୀ ବିଶ୍ୱାଳ, ଚତୁରୀ ସେଠୀ, କବିତା ତରିଆ, ଆଶା କର୍ମୀ ବେଦମତିପଣ୍ଡା, ଏମ୍‌ବିକେ, ସିଆର୍‌ପିଓ, ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ଅଞ୍ଚଳର ପ୍ରାୟ ଶହେରୁ ଉର୍ଦ୍ଧ୍ୱ ପୁରୁଷ ମହିଳା ଉପସ୍ଥିତ ଥିଲେ। ବିଷାକ୍ତ ସାପ କାମୁଡ଼ିଲେ କିପରି ତୁରନ୍ତ ଚିକିତ୍ସା କରାଯାଇ ମଣିଷ ଓ ପଶୁମାନଙ୍କ ଅମୂଲ୍ୟ ଜୀବନ ବଞ୍ଚାଇ ହେବ ସେ ବିଷୟରେ ମୁଖ୍ୟ ଅତିଥି ସ୍ୱାଗତ କୁମାର ପଣ୍ଡା ସଚେତନ କରାଇଥିଲେ।




## ସୁବଳୟା




ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଦୁର୍ଜନତୈଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାପକାମୁଡ଼ା ଜନିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା ମୁଖ୍ୟ ଅତିଥି ଏବଂ ବହଳପଦର ପଞ୍ଚାୟତର ସରପଞ୍ଚ ନିରୁପମା ସେଠୀ, କେନଝିରିଆପାଲି ରାଜସ୍ୱ ନିରୀକ୍ଷକ ରମାକାନ୍ତ ଜଗଦଳା, ଅମିନ ପ୍ରଦୀପ ଖମାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସାପ କାମୁଡ଼ିଲେ କିପରି ତୁରନ୍ତ ଚିକିତ୍ସା କରାଯାଇ ଜୀବନ ବଞ୍ଚାଇହେବ ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ସାପ କାମୁଡ଼ିଲେ ଝଡ଼ାଫୁଙ୍କା ନ କରି ତୁରନ୍ତ ଡାକ୍ତରଖାନାକୁ ଆଣିବାକୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଏସ୍‌ଏଚ୍‌ଜି ଗ୍ରୁପ, ଏମ୍‌ବିକେ, ସିଆର୍‌ପି ଓ ଅଞ୍ଚଳର ମହିଳାମାନେ ଯୋଗ ଦେଇଥିଲେ।

### ଖମାରୀପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ୯ ଶ୍ରେଣୀ ପାଇଁ ୪ ଶିକ୍ଷକ, ଶିକ୍ଷାଦାନ ବାଧାପ୍ରାପ୍ତ

**ବୌଦ୍ଧ, ୨୧।୮ (ସମିସ):** ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବା ପାଇଁ ମାଗଣା ପୋଷାକ, ବହି, ଜୋତା ମୋଜା ଓ ମଧ୍ୟାହ୍ନ ଭୋଜନ ପାଇଁ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଥିବା ବେଳେ ଗୁଣାତ୍ମକ ଶିକ୍ଷା ପ୍ରତି ଗୁରୁତ୍ୱ ଦେଉନଥିବାରୁ ଦିନକୁ ଦିନ ସରକାରୀ ବିଦ୍ୟାଳୟ ପ୍ରତି ଅଭିଭାବକମାନେ ମୁହଁ ମୋଡୁଛନ୍ତି। ବରଂ ଘରୋଇ ବିଦ୍ୟାଳୟ ପ୍ରତି ଆଗ୍ରହ ବଢୁଛି। ଯାହାର ଉଦାହରଣ ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ ଖମାରିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୧୯୫୪ ମସିହାରେ ସ୍ଥାପିତ ଏହି ସ୍କୁଲରେ ବର୍ତ୍ତମାନ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ଏମାନଙ୍କ ପାଇଁ ଅଛନ୍ତି ମାତ୍ର ୪ଜଣ ଶିକ୍ଷକ। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏଠାରେ କାର୍ଯ୍ୟରତ ପ୍ରଧାନଶିକ୍ଷକ ବିଭୁ ଦେହୁରୀ ମେ ୨୦୨୪ ମସିହାରେ ଅବସର ଗ୍ରହଣ କରିଛନ୍ତି। ବର୍ଷେରୁ ଉର୍ଦ୍ଧ୍ୱ ସମୟ ହେଲା ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛନ୍ତି ସତ୍ୟପ୍ରିୟ ପ୍ରଧାନ। ପ୍ରାଥମିକ ଶିକ୍ଷା ଦାନ ପାଇଁ ୩ ଜଣ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୨ ଜଣ ଶିକ୍ଷକ ଆବଶ୍ୟକ ହେଉଥିବା ବେଳେ ୪ ଜଣ ଶିକ୍ଷକ ଅଛନ୍ତି। ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରିଆସୁଥିଲେ କୌଣସି ସୁଫଳ ମିଳୁନଥିବା ଜଣାପଡ଼ିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ଏଠାରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ଅନୁଦାନ ଦାବିରେ ଅଧ୍ୟାପକ, କର୍ମଚାରୀଙ୍କ ଧାରଣା



**ସୁବଳୟା, ୨୧।୮ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କାଦୋଦରସ୍ଥିତ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀ ଗୁରୁବାର ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ୨୦୦୮ ମସିହାରୁ ୨୦୧୮ ପର୍ଯ୍ୟନ୍ତ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ସମେତ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ଏ ଦିଗରେ ସରକାର କର୍ଣ୍ଣପାତ କରୁନାହାନ୍ତି। ଏହାକୁ ବିରୋଧ କରି ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଏବଂ କର୍ମଚାରୀ ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନକ୍ରମେ କଲମ ଛାଡ଼ ଆନ୍ଦୋଳନରେ ଏହି କର୍ମଚାରୀମାନେ ସାମିଲ ହୋଇଛନ୍ତି। ଯାହା ଫଳରେ ମହାବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା ବ୍ୟାହତ ହୋଇଛି। ଏହି ପରିପେକ୍ଷୀରେ ମା' ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସାମିଲ ହୋଇ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ବସି ରହିଛନ୍ତି। ସରକାର ତାଙ୍କ ଦାବି ପୂରଣ ନ କରିବା ଯାଏଁ ଧାରଣା ଚାଲୁ ରହିବ ବୋଲି ଜିଲ୍ଲା ସଂଯୋଜକ ଉଦ୍ଧବ ପଧାନ, ଖଣ୍ଡ ସଂଯୋଜକ ସୁଶାନ୍ତ ଦେହୁରୀ, ଅଧ୍ୟାପକ ବାଳମୁକୁନ୍ଦ ବାରିକ, ରଞ୍ଜିତା ମିଶ୍ର ପ୍ରମୁଖ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ



**ବୌଦ୍ଧ, ୨୧।୮ (ସମିସ):** ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ବୁଧବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ସବୁ କ୍ଷେତ୍ରରେ ଆଧାର ବାଧ୍ୟତାମୂଳକ କରାଯାଇଥିବାରୁ ସେଥିରେ ନିର୍ଭୁଲ ତଥ୍ୟ ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଆଧାର ନୋଡାଲ ଅଧିକାରୀ ବୌଦ୍ଧ ଅନିରୁଦ୍ଧ ପଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଂଘମିତ୍ରା ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୋପାଳ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଶାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୁଡ଼ାମଣି ବାରିକ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା, ଜିଲ୍ଲା ମୁଖ୍ୟ ଇଣ୍ଡିଆନ ପୋଷ୍ଟ ଦେବବ୍ରତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୌଦ୍ଧ ଯୁଧିଷ୍ଠିର ମେହେର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରଭଙ୍ଗା ବିଜୟ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଣ୍ଟାମାଳ ସୂର୍ଯ୍ୟ ନାରାୟଣ ଦାସ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ଡନ ବୋସ୍କୋ, ଜିଲ୍ଲା ଆଧାର ସଂଯୋଜକ ସୁରେନ୍ଦ୍ର ଗାଇଗୌରିଆ, ଗୌତମ ମେହେର ଓ ଅନିରୁଦ୍ଧ ମହାମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। ଜ୍ୟୋତିପ୍ରକାଶ ଗୁରୁ ଆଧାର ଷ୍ଟାଟସ୍ ଉପସ୍ଥାପନ କରିଥିଲେ। ସମୀର କୁମାର ନାଏକ ବୈଠକ ପରିଚାଳନା କରିଥିଲେ।

## ଅଙ୍ଗନବାଡ଼ି ଲେଡିଜ୍ ୱାର୍କସ ଆସୋସିଏସନର ବିକ୍ଷୋଭ




**ବୌଦ୍ଧ, ୨୧।୮ (ସମିସ):** ଗୁରୁବାର ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାରତୀୟ ମଜଦୁର ସଂଘ ସହ ସଂଲଗ୍ନ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କସ ଆସୋସିଏସନ, ବୌଦ୍ଧ ଜିଲ୍ଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବୌଦ୍ଧ କଚେରି ପଡ଼ିଆଠାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଶୋଭାଯାତ୍ରାରେ ବାହାରି ସେମାନଙ୍କର ୭ ଦଫା ଦାବି ଉପସ୍ଥାପନ କରିଥିଲେ। ଦାବି ମଧ୍ୟରେ ମୋବାଇଲ ରିଚାର୍ଜ ବାବଦକୁ ମାସକୁ ୯୦୦ ଟଙ୍କା ଯୋଗାଇ ଦେବା, ଜାଳେଣି ବାବଦ ଖର୍ଚ୍ଚ, ପ୍ରତିବ୍ଲକରେ ଅଭିଯୋଗ ନିବାରଣ କମିଟି ଗଠନ କରି ସ୍ଥାନୀୟ ସମସ୍ୟାକୁ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ, ଅଙ୍ଗନବାଡ଼ି ନିଜସ୍ୱ ଗୃହ ନିର୍ମାଣ ନିମନ୍ତେ ଆସୁଥିବା ଅର୍ଥ ରାଶିରେ ପୂର୍ବଭଳି ନିର୍ମାଣ ନ କରି ଉନ୍ନତମାନର ନିର୍ମାଣ କରିବା ବ୍ୟବସ୍ଥା, କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ ହେଲେ ତୁରନ୍ତ ମୃତ୍ୟୁବରଣ ସହାୟତ ଦେବାକୁ ଦାବି ହୋଇଛି। ସେହିପରି ନିର୍ବାଚନ ଇସ୍ତାହାରକୁ ତୁରନ୍ତ ଲାଗୁ କରି କର୍ମୀ ଓ ସହାୟକଙ୍କ ମନୋବଳକୁ ବଢ଼ାଇବା ସହ କାର୍ଯ୍ୟଦକ୍ଷତା ବୃଦ୍ଧି କରାଯିବାନେଇ ଦାବି କରାଯାଇ ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇ ଥିଲା।

## କୁଡ଼ାପଡ଼ା ଗ୍ରାମରେ ବାଘ ଆତଙ୍କ

**ବୀରମହାରାଜପୁର, ୨୧।୮ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ଗ୍ରାମପଞ୍ଚାୟତ କୁଡ଼ାପଡ଼ା ଗ୍ରାମର ପୁରୁଣାପାଣି ବନ୍ଧ ନିକଟରେ ଏକ କଲରାପତରିଆ ବାଘ ବୁଲୁଥିବା କିଛି ଲୋକେ ଦେଖିଥିବା ଦାବି କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ ବୀରମହାରାଜପୁର ବନ ବିଭାଗକୁ ଲୋକେ ଜଣାଇଛନ୍ତି। ବାଘଟି ଗାଁ ମୁହାଁ ହେଉଥିବାବେଳେ ଲୋକେ ପାଟି କରିବାରୁ ବାଘଟି ବୁଦା ମୂଳରେ ଲୁଚି ରହିଛି ବୋଲି କହିଛନ୍ତି। ବାଘଟି ବନ୍ଧ ତଳ ଦେଇ ଯାଇଥିବାରୁ ବାଘର ପଦଚିହ୍ନ ଦେଖି କଲରା ପତରିଆ ବାଘ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଲୋକଙ୍କ ଭୟରେ ବାଘଟି ବୁଦା ମୂଳରୁ ପଦାକୁ ବାହାରୁ ନ ଥିବାବେଳେ ବାଘ ଭୟରେ ଲୋକେ ମଧ୍ୟ ପଦାକୁ ବାହାରୁ ନ ଥିବା ଜଣାପଡ଼ିଛି।

## ସିଦ୍ଧାର୍ଥ ଡିଗ୍ରୀ କଲେଜ ପରିଦର୍ଶନ କଲେ ଉଚ୍ଚ ଅଧିକାରୀ



**ବିନିକା, ୨୧।୮ (ସମିସ):** ବିନିକାସ୍ଥିତ ସିଦ୍ଧାର୍ଥ ଡିଗ୍ରୀ କଲେଜର ସ୍ଥାୟୀ ସହବନ୍ଧନ ନେଇ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ମହାବିଦ୍ୟାଳୟ ବିକାଶ ପରିଷଦ ଅଧ୍ୟକ୍ଷ ପ୍ରଫେସର ବିଘ୍ନେଶ ପ୍ରସାଦ ମିଶ୍ର ଏବଂ ସମ୍ବଲପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଉମାଶଙ୍କର ଦାଶ ମିଳିତ ଭାବେ ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ଏହାର ଭିତ୍ତିଭୂମି, ଆବଶ୍ୟକୀୟ କାଗଜପତ୍ର ତଦାରଖ କରି ସନ୍ତୋଷ ପ୍ରକଟ କରିଥିଲେ। ଯାହା ଫଳରେ ସ୍ଥାୟୀ ସହବନ୍ଧନ କ୍ଷେତ୍ରରେ ଆଶା ସଞ୍ଚାର ହୋଇଛି। ଏହି ପରିଦର୍ଶନରେ ଅନୁଷ୍ଠାନର ସମସ୍ତ ନିୟମ ଓ ନିୟମାବଳୀକୁ ପାଳନ କରୁଥିବା ଦେଖି କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକଙ୍କ ସହ କାର୍ଯ୍ୟରତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀଙ୍କୁ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ।

# ଜନପ୍ରତିନିଧିଙ୍କ ଉପରେ ହୋଇଥିବା ଆକ୍ରମଣକୁ ଲକ୍ଷେଘର ଗଣ୍ଡା ସମାଜର ନିନ୍ଦା

**ତରଭା, ୨୧।୮ (ସମିସ):** ଗତ ୧୨ ତାରିଖରେ ସୋନପୁର ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଯାଉଥିବା ତରଭା ବ୍ଲକର ଜନପ୍ରତିନିଧିଙ୍କ ଗାଡ଼ି ସୋନପୁର ପଟାଭାଡ଼ିରେ ଅଟକାଇ ଭଙ୍ଗାରୁଜା କରିବା ଘଟଣାକୁ ତରଭା ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ତରଫରୁ ନିନ୍ଦା କରାଯାଇଛି। ଗୁରୁବାର ଅପରାହ୍ନ ୩ଘଣ୍ଟା ସମୟରେ ତରଭା ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ସମାଜ ତରଫରୁ ଏକ ବୈଠକ ଆୟୋଜିତ ହୋଇଥିଲା। ଲକ୍ଷେଘର ଗଣ୍ଡା ସମାଜର ଉପଦେଷ୍ଟା ପ୍ରକାଶ ହରିପାଲଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ସମାଜର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସୋନପୁର ପଟାଭାଡ଼ିରେ ହୋଇଥିବା ଆକ୍ରମଣ ସମୟରେ ଜନପ୍ରତିନିଧିଙ୍କ ସହ ଯାଇଥିବା ସମିତି ସଭ୍ୟ ମାର୍କଣ୍ଡ ନାଗ ଓ ସରଗଜ ସମିତି ସଭ୍ୟାଙ୍କ ପ୍ରତିନିଧି ସାମିଲଥିଲେ। ସୋନପୁରରେ ଯେଉଁ ଦୁର୍ବୃତ୍ତ ଏମାନଙ୍କ ଉପରେ ଆକ୍ରମଣ କରିଥିଲେ ସେମାନେ ତରଭାର ଜନପ୍ରତିନିଧିଙ୍କ ନାମରେ ମିଥ୍ୟା ଏସସି/ଏସଟି ମାମଲା ରୁଜୁକରି ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ଓ ତରଭା ଲକ୍ଷେଘର ଗଣ୍ଡା ସମାଜକୁ ବଦନାମ ଓ ଅପମାନିତ କରିଛନ୍ତି। ତରଭା ଲକ୍ଷେ ଘର ଗଣ୍ଡା ସମାଜ ତରଫରୁ ଲକ୍ଷେ ଘର ଗଣ୍ଡା ସମାଜର ସୋନପୁର ଜିଲ୍ଲା ସଭାପତି ମାଧବ କୁମ୍ଭାରଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆବେଦନ କରିଥିଲେ। ପରେ ତରଭା ଲକ୍ଷେ ଘର ଗଣ୍ଡା ସମାଜର କର୍ମକର୍ତ୍ତା, ଡୁଙ୍ଗୁରିପାଲି ସମାଜର କର୍ମକର୍ତ୍ତା, ଜିଲ୍ଲା ସଭାପତି ଶ୍ରୀ କୁମ୍ଭାରଙ୍କ ସାଙ୍ଗରେ ସୋନପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକଙ୍କୁ ସାକ୍ଷାତ କରି ତରଭା ଜନପ୍ରତିନିଧିଙ୍କ ବିରୁଦ୍ଧରେ ହୋଇଥିବା ମିଥ୍ୟା ମାମଲାର ନିରପେକ୍ଷ ତଦନ୍ତ ଦାବି କରିଥିଲେ। ସୋନପୁରରୁ ଫେରିବାପରେ ଗଣମାଧ୍ୟମକୁ ଦେଇଥିବା ପତ୍ରରେ ଭବିଷ୍ୟତରେ ଆମ୍ଭ ଲକ୍ଷେ ଘର ଗଣ୍ଡା ସମାଜର କୌଣସି ବ୍ୟକ୍ତି ବିଶେଷ ଅନ୍ୟର କୁ ପରୋଚନାରେ ପଡ଼ି ଲକ୍ଷେ ଘର ଗଣ୍ଡା ସମାଜ ପ୍ରତି ଅନ୍ୟାୟ ହୋଇଥିବା କହି ପୁଲିସର ଦ୍ୱାରସ୍ଥ ହୁଅନ୍ତି ତେବେ ତାଙ୍କୁ ଗଣ୍ଡା ସମାଜରୁ ସବୁଦିନ ପାଇଁ ବହିଷ୍କାର କରିବା ସହ ଗ୍ରାମ୍ୟ ସମାଜରୁ ମଧ୍ୟ ବାସନ୍ଦ କରିବା ପାଇଁ ଜିଲ୍ଲା କମିଟିରେ ପ୍ରସ୍ତାବ ଆଗତ କରାଯାଇଥିବା ସୂଚନା ଦେଇଛନ୍ତି। ଏଥିରେ ଲକ୍ଷେଘର ଗଣ୍ଡା ସମାଜର ସଭାପତି ସୁଶୀଲ ମଲ୍ଲିକ, ଉପଦେଷ୍ଟା ପ୍ରକାଶ ହରିପାଲ, ସମ୍ପାଦକ ସୁଦାମ ଚରଣ ନାଗ, ମରାଡୁଗୁଛା ସମିତି ସଭ୍ୟ ମାର୍କଣ୍ଡ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲ ଏସ୍‌ଆଇ ସାଧୁଚରଣ ମାହାଣାଙ୍କ ପରଲୋକ



**ତରଭା, ୨୧।୮ (ସମିସ):** ତରଭା ବ୍ଲକର ଅବସରପ୍ରାପ୍ତ ସ୍କୁଲ ଏସ୍‌ଆଇ ସାଧୁଚରଣ ମାହାଣା(୬୯)ଙ୍କ ବୁଧବାର ରାତିରେ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ସବିତା, ଝିଅ ମନସ୍ୱିନୀ, ପୁଅ ସବ୍ୟସାଚୀ ଉପସ୍ଥିତ ଥିଲେ। ତରଭା ନୂଆପଡ଼ା ନିବାସୀ ସାଧୁ ଜଣେ ବନ୍ଧୁବତ୍ସଳ, ପରୋପକାରୀ ବ୍ୟକ୍ତି ଥିଲେ। ଦିଲ୍ଲୀ ଯମୁନାନଦୀ କୂଳରେ ଥିବା ସ୍ୱାମୀ ନିଗମାନନ୍ଦ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସବ୍ୟସାଚୀ ମୁଖାଗ୍ନି ଦେଇଥିଲେ। ସାଧୁ ଚରଣଙ୍କ ବିୟୋଗ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ଜିଲ୍ଲାପାଳଙ୍କ ନାମରେ ଫେକ୍ ହ୍ୱାଟ୍ସଆପ୍ ଆକାଉଣ୍ଟ!

**ବୌଦ୍ଧ, ୨୧।୮ (ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ନାମ ଓ ଫଟୋ ବ୍ୟବହାର କରି କେହି ଏକ ହ୍ୱାଟ୍ସଆପ ଆକାଉଣ୍ଟ ଖୋଲି ଲୋକଙ୍କୁ ଟଙ୍କା ମାଗୁଥିବା ଜିଲ୍ଲାପାଳ ଅଭିଯୋଗ କରିଛନ୍ତି। ତା ସହିତ କାହା ନିକଟକୁ ଏଭଳି ମେସେଜ୍ ଆସିଲେ ବିଶ୍ୱାସ ନ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ହ୍ୱାଟ୍ସ ଆପ୍ ଫିଚର ବ୍ୟବହାର କରି ଉକ୍ତ ନମ୍ବରକୁ ରିପୋର୍ଟ କରିବା ପାଇଁ ପରାମର୍ଶ ଦେଇଛନ୍ତି।

### ୪ ବର୍ଷ ହେଲା ସରୁନି ସବ୍‌ଷ୍ଟେସନ ଉନ୍ନତୀକରଣ କାର୍ଯ୍ୟ

# ବାରମ୍ବାର ବିଦ୍ୟୁତ୍ ବିଭ୍ରାଟରୁ ଉପଭୋକ୍ତା ଅତିଷ୍ଠ

**ବୌଦ୍ଧ, ୨୧।୮ (ସମିସ)**

ଦୀର୍ଘ ୪ବର୍ଷ ହେଲା ସରୁନି ବିଦ୍ୟୁତ୍ ସବ୍‌ଷ୍ଟେସନ ଉନ୍ନତିକରଣ କାର୍ଯ୍ୟ। ଫଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଘଟୁଛି। ଯାହାକୁ ନେଇ ଉପଭୋକ୍ତା ଅତିଷ୍ଠ ହେବା ସହ ଅସନ୍ତୋଷ ଜାହିର କରିଛନ୍ତି। ଏଭଳି ସମସ୍ୟା ଉପୁଜିଛି ବୌଦ୍ଧ ବ୍ଲକ ଜହ୍ନାପଙ୍କ ଅଞ୍ଚଳରେ।

ସୂଚନାଯୋଗ୍ୟ, ଏହି ଅଞ୍ଚଳବାସୀଙ୍କୁ ଉତ୍ତମ ବିଦ୍ୟୁତ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ୧୯୭୦ ମସିହାରେ ତେଲିବନ୍ଧ ପଞ୍ଚାୟତର ପୋଡାବଳସ ଠାରେ ସବଷ୍ଟେସନ ସ୍ଥାପନ ହୋଇଥିଲା। ଦୁଇଟି ଫିଡର ଯୋଗେ ବିଦ୍ୟୁତ ଯୋଗାଣ ହେଉଛି। ତେଲିବନ୍ଧ ଫିଡର ଯୋଗେ ତେଲିବନ୍ଧ, ମୁଣ୍ଡାପଡ଼ା, ବ୍ରାହ୍ମଣୀପାଲି, ତାଳସରଡ଼ା, ମୁଣ୍ଡିପଦର ପଞ୍ଚାୟତର ପ୍ରାୟ ୧୨ କିମି ଦୂରକୁ ବିଦ୍ୟୁତ ଯୋଗାଣ ହେଉଛି। ଜହ୍ନାପଙ୍କ ଫିଡର ଯୋଗେ ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ, ପଦ୍ମନପୁର ପଞ୍ଚାୟତର ୬ କିମି ଦୂରତାକୁ ବିଦ୍ୟୁତ ଯୋଗଣ ହେଉଛି। ଦିନକୁ ଦିନ ଗ୍ରାହକଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ପାୱାର ଟ୍ରାନ୍ସଫର୍ମର ୫୦୦ କେଭିରୁ ୧୫୦୦ କେଭିକୁ ବଢ଼ାଯାଇଥିଲା। ହେଲେ ଉଜ୍ଜଳା ଯୋଜନାରେ ପ୍ରତି ପରିବାରକୁ ବିଦ୍ୟୁତ ସଂଯୋଗ ଦିଆଯାଇଥିବା ବେଳେ ଏହାର ଉନ୍ନତିକରଣ ପାଇଁ ୨୦୧୯ ମସିହାରେ ବ୍ରହ୍ମପୁରର ଗୁପ୍ତା କନଷ୍ଟ୍ରକ୍ସନକୁ ଟେଣ୍ଡର ଦିଆଯାଇଥିଲା। ୫ ଏମ୍‌ଭି ଟ୍ରାନ୍ସଫର୍ମର ବସାଇବା ପାଇଁ ନୂତନ ଫାଉଣ୍ଡେସନ କରିବା ବଦଳରେ ପୁରୁଣାକୁ ମରାମତି କରାଯାଇ ଟ୍ରାନ୍ସଫର୍ମର ବସା ଯାଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ନିମ୍ନମାନର ଯନ୍ତ୍ରାଂଶ ବ୍ୟବହାର ଯୋଗୁଁ ଏହା କମ୍ ଦିନରେ ଖରାପ ହେବାର ଆଶଙ୍କା ରହିଛି। ୨୦୨୩ ରୁ ଏହି ସବ୍‌ଷ୍ଟେସନର ଅପଗ୍ରେଡେସନ କାର୍ଯ୍ୟ ଚାଲିଛି। ଫଳରେ ବିଭିନ୍ନ ଯନ୍ତ୍ରାଂଶ ଲଗାଇବା ଆଳରେ ଦୈନିକ ୪/୬ ଘଣ୍ଟା ଅଘୋଷିତ ବିଦ୍ୟୁତ କାଟ ହେଉଛି। ବର୍ତ୍ତମାନ ବର୍ଷା ଋତୁ ଚାଲିଥିବାରୁ ଗ୍ରାମାଞ୍ଚଳରେ ମଶା ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ପୂର୍ବରୁ ମଶା ମାରିବା ପାଇଁ ଡିଡିଟି ସିଞ୍ଚନ କରାଯାଉଥିଲା। କିନ୍ତୁ ୧୫/୨୦ ବର୍ଷ ହେଲା ଏହା ହେଉ ନ ଥିବାରୁ ମଶା ବଂଶ ଅହେତୁକ ବୃଦ୍ଧି ପାଇଛି। ଏ ସମ୍ପର୍କରେ ବାଉଁଶୁଣି ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ କେତେବେଳେ ୩୩ କେଭି ବ୍ରେକ୍ ଡାଉନ ତ କେତେବେଳେ ସବ୍‌ଷ୍ଟେସନ କାମ ଚାଲିଛି ବୋଲି ଉତ୍ତର ମିଳୁଛି। ଉପଭୋକ୍ତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଏଠାରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର ଲଗାଇବାକୁ ଦାବି ହେଉଛି।



## ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

**ବୌଦ୍ଧ, ୨୧।୮ (ସମିସ):** ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲପାଳ ବିଭୂତି ଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ସମାପ୍ତ ହୋଇଥିବା ଶିଶୁ ଗଣନା କାର୍ଯ୍ୟକ୍ରମକୁ ବ୍ୟାଖ୍ୟା କରିବା ସହିତ ୫ ରୁ୧୮ ବର୍ଷର ଯେଉଁ ପିଲାମାନେ ବିଦ୍ୟାଳୟ ବାହାରେ ଅଛନ୍ତି ତାଙ୍କର ତଥ୍ୟ ଉପସ୍ଥାପନା କରିଥିଲେ। ପିଲାଙ୍କୁ କିପରି ବିଦ୍ୟାଳୟକୁ ଅଣାଯାଇ ମୁଖ୍ୟ ସ୍ରୋତରେ ସାମିଲ କରାଯିବ ତାହା ଆଲୋଚନା କରାଯିବା ସହିତ ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା। ଯେଉଁ ପିଲାମାନେ ଦଶମ ପାସ କରି ପାଠଛାଡ଼ି ବିଦ୍ୟାଳୟ ବାହାରେ ଅଛନ୍ତି ସେମାନେ କିପରି କର୍ମଜୀବୀ ହୋଇ ନିଜ ଜୀବନରେ ଉନ୍ନତି କରିପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ନିଯୋଜନ ଅଧିକାରୀ, ସମସ୍ତ ଗୋଷ୍ଠୀଶିକ୍ଷା ଅଧିକାରୀ ଏବଂ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବନ୍ଧା ହେଲେ ପ୍ରଧାନଶିକ୍ଷକ

ଇବଥର୍ମାଲ, ୨୧।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ବନହରପାଲି ଥାନା ଦଳଗାଁ ସ୍ଥିତ ଆଶ୍ରମ ସ୍କୁଲରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଛାତ୍ରୀମାନଙ୍କୁ ସେହି ସ୍କୁଲର ପ୍ରଧାନଶିକ୍ଷକ ଅଜୟ ବେହେରା (୫୦) ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ପ୍ରଧାନଶିକ୍ଷକ ବହୁଦିନ ହେଲା ଛାତ୍ରୀମାନଙ୍କ ପ୍ରତି ଏଭଳି ଆଶାଳୀନ ବ୍ୟବହାର କରି ଆସିଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ମତେ ବୁଧବାର ୪ଟା ବେଳେ ଲଖନପୁର ବ୍ଲକ ଡବ୍ଲ୍ୟୁଇଓ ଜୋସ୍ନା ରାଉଡିଆ ଦଳଗାଁ ଆଶ୍ରମ ସ୍କୁଲ୍ ପରିଦର୍ଶନରେ ଆସିଥିଲେ। ପିଲାଙ୍କର ହାଲଚାଲ ବୁଝିବାକୁ ହଷ୍ଟେଲକୁ ଯାଇଥିଲେ। ଡବ୍ଲ୍ୟୁଇଓଙ୍କୁ ପାଇ ଅଷ୍ଟମ, ନବମ, ଦଶମ ଶ୍ରେଣୀର ଝିଅ ମାନେ ପ୍ରଧାନଶିକ୍ଷକ ସେମାନଙ୍କୁ ଅସଦାଚରଣ କରୁଥିବା ଅଭିଯୋଗ କରିଥିଲେ। ଡବ୍ଲ୍ୟୁଇଓ ଏକଥା ଜାଣିବା ପରେ ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ଏହାସହ ଶୀଘ୍ର କ୍ୟାମ୍ପସ ଭିତରୁ କ୍ୱାର୍ଟର ଖାଲି କରିବାକୁ ପ୍ରଧାନଶିକ୍ଷକ ଅଜୟ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଏ ସଂକ୍ରାନ୍ତରେ ଡବ୍ଲ୍ୟୁଇଓ ଜୋସ୍ନା ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତନାଘନା ଆରମ୍ଭ କରିଥିଲା। ଡିଏସପି ଅନିତା ମାଝୀ, ଆଇଆଇସି ରଞ୍ଜିତ ନାଏକ, ଘଟଣାର ତଦନ୍ତ କରି ପିଲାଙ୍କୁ ପଚରାଉଚୁରା କଲାପରେ ଏସିଷ୍ଟାଣ୍ଟ କଲେକ୍ଟର ଭିକ୍ଟୋରିଆ ଏକ୍କା, ଡିଡବ୍ଲ୍ୟୁଓ ପୂନ୍ୟବତୀ ହେଲେନ ଗେମ୍, ଏଡିଡବ୍ଲ୍ୟୁଓ ବିବେକାନନ୍ଦ ସାମଲ ପ୍ରମୁଖ ମଧ୍ୟ ଆସି ତଦନ୍ତ କରିଥିଲେ। ପୁଲିସ୍ ମାମଲା ଅନୁସାରେ ପକ୍ସୋ ଆକ୍ଟ ଲଗାଇ ଆଜି ପ୍ରଧାନଶିକ୍ଷକଙ୍କୁ ଗିରଫ କରିଛି। ଆସନ୍ତାକାଲି ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ବରହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ କହିଛନ୍ତି।

# ପାରିବାରିକ କଳହ: ପୁଅ ଟାଙ୍ଗିଆ ଚୋଟରେ ବାପା ମୃତ

ଦେବଗଡ଼/କୁଣ୍ଢେଇଗୋଲା, ୨୧।୮ (ସମିସ): କୁଣ୍ଢେଇଗୋଲା ଥାନା ଅଧୀନ ଜାମୁନାଳୀ ଗାଁରେ ପାରିବାରିକ କଳହକୁ କେନ୍ଦ୍ର କରି ପୁଅର ଟାଙ୍ଗିଆ ଚୋଟରେ ବାପାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଜାମୁନାଳୀ ଗାଁର ବୁଧୁ କିଷାନଙ୍କ ପରିବାର ଲୋକେ ନିଜ ଝିଅ ଜ୍ୱାଇଁଙ୍କ ଘରକୁ ଯାଇଥିବା ସମୟରେ ବୁଧୁ କିଷାନ (୫୫) ଓ ପୁଅ ଦୁଃଖବନ୍ଧୁ କିଷାନ (୩୦) ଘରେ ରହିଥିଲେ। ମଙ୍ଗଳବାର ରାତିରେ କୌଣସି କାରଣରୁ ବୁଧୁ ଓ ପୁଅ ଦୁଃଖବନ୍ଧୁ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ଦୁଃଖବନ୍ଧୁ ଘରେ ଥିବା ଏକ ଟାଙ୍ଗିଆରେ ବୁଧୁଙ୍କୁ ଆକ୍ରମଣ କରିଥିଲା। ଆକ୍ରମଣରେ ଘଟଣା ସ୍ଥଳରେ ବୁଧୁଙ୍କ ମୃତ୍ୟୁ ଘଟିଥିଲା। ବାପାର ହତ୍ୟା ପରେ ଅଭିଯୁକ୍ତ ମୃତଦେହରେ ପଲିଥିନ ଘୋଡାଇ ଘର ବାଡିପଟେ ଥିବା ଗାଡିଆରେ ଫିଙ୍ଗି ଦେଇଥିଲା। ପରିବାର ଲୋକ ଆଜି ଘରକୁ ଆସିବା ପରେ ଘରେ ରକ୍ତ ଛିଟା ଦେଖିବା ସହ ବୁଧୁର ଅନୁପସ୍ଥିତି ସମ୍ପର୍କରେ ଅଭିଯୁକ୍ତ ଦୁଃଖବନ୍ଧୁକୁ ପଚାରିଥିଲେ। ବାପାକୁ ପୁଅ ହତ୍ୟା କରିଥିବା ଜାଣିବା ପରେ ଆଜି ମୃତ ବୁଧୁର ଝିଅ ଅଲି କିଷାନ ଏ ସମ୍ପର୍କରେ କୁଣ୍ଢେଇଗୋଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ଦୁଃଖବନ୍ଧୁକୁ ଅଟକ ରଖି ପଚରାଉଚୁରା ଜାରି ରଖିଛି।

# ବେଆଇନ ବନ୍ଧୁକ ଧାରୀଙ୍କୁ ମାଡ଼ିବସିଲା ପୁଲିସ, ୩ ଗିରଫ



ଝାରସୁଗୁଡ଼ା, ୨୧।୮ (ସମିସ): ବେଆଇନ ବନ୍ଧୁକ ଧରି ଏକତ୍ରିତ ହୋଇଥିବା ବେଳେ ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ପୁଲିସ ହାତରେ ଧରାପଡ଼ି ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ସମଲେଶ୍ୱରୀ ମାଇନ୍ସ ଅଞ୍ଚଳରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ କିଛି ଅସାମାଜିକ ବ୍ୟକ୍ତି ଏକତ୍ରିତ ହୋଇଥିବା ନେଇ ପୁଲିସକୁ ଖବର ମିଳିଥିଲା। ଖବରପାଇ ରାମପୁର ଏସ୍ଆଇ ଏସ୍ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଚଢ଼ଉ କରି ବେଆଇନ ବନ୍ଧୁକ ଧରି ଏକତ୍ରିତ ହୋଇଥିବା ୩ ଜଣ ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସମ୍ବଲପୁର ରେଙ୍ଗାଲି ଥାନା ମଙ୍ଗଳପୁର ଅଞ୍ଚଳର ବିକାଶ ଓରାମ(୨୫), ତରଣି ବାଗ(୨୬), ରେଙ୍ଗାଲି ଚାଲୁଢ଼ିପାର ସଙ୍ଗମ କଲେତ (୨୦) ବୋଲି ପୁଲିସ ତରଫରୁ ସୂଚନା ଦିଆଯାଇଛି। ଅଭିଯୁକ୍ତ ମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ସହ ଦୁଇଟି ଜୀବନ୍ତ ଗୁଳି ଏବଂ ୭.୬୬ ଏମ୍ଏମ୍ର ଏକ ମାଉଜର ସହ ଦୁଇଟି ଜୀବନ୍ତ ଗୁଳିକୁ ଜବତ କରାଯାଇଛି। ଅଭିଯୁକ୍ତ ମାନଙ୍କ ନାମରେ ଆର୍ମସ ଆକ୍ଟରେ ମମାଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ବେଟି ବଚାଓ ବେଟି ପଢ଼ାଓ କନଭର୍ଜେନ୍ସ ବୈଠକ

ଝାରସୁଗୁଡ଼ା, ୨୧।୮ (ସମିସ): ଜିଲ୍ଲାସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ କନଭର୍ଜେନ୍ସ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶିକ୍ଷା କ୍ଷେତ୍ରରେ ଝିଅଙ୍କୁ ଆଗକୁ ଆଣିବା, ଝିଅମାନଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି ପୂର୍ବକ ସମାଜରେ ସେମାନଙ୍କ ପ୍ରତି ସମ୍ବେଦନଶୀଳତା ସୃଷ୍ଟି କରିବା ଦିଗରେ କାର୍ଯ୍ୟ ପାଇଁ ବୈଠକରେ ପରାମର୍ଶ ଦିଆଯାଇଛି। ନାରୀଟିଏ ଶିକ୍ଷିତ ହେଲେ ଦେଶ, ଜାତି ତଥା ସମାଜର ପ୍ରଗତି ସମ୍ଭବ ବୋଲି ବୈଠକରେ ମତବ୍ୟକ୍ତ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ.ରାଧାରମଣ ବିର୍ଡ଼ିଆ, ଡିଏସପି ବନିତା ମାଝୀ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଶିଷ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେହେଡା ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଜନା ସମ୍ପର୍କରେ ଜିଲ୍ଲା ବ୍ୟାପୀ ପ୍ରତି ବ୍ଲକ ତଥା ପୌରାଞ୍ଚଳ ମାନଙ୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନୁରୂପ ବୈଠକ ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲ୍ଲାରେ ପୁଅଙ୍କ ତୁଳନାରେ କନ୍ୟା ସନ୍ତାନ ଜନ୍ମ ୧୦୦୦ରେ ୭୯୩ ରହିଛି। ସ୍ଥିତି ଉଦ୍‌ବେଗଜନକ ଥିବାରୁ ଏ ଦିଗରେ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। ମହିଳା ସୁରକ୍ଷା ଅଧିକାରୀ ମୀନାକ୍ଷୀରାଜ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ସମସ୍ତ ଶିଶୁ ବିକାସ ଅଧିକାରୀ ଏବଂ ଅଙ୍ଗନବାଡି କର୍ମଚାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ।

# ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ପାଳନ

ଦେବଗଡ଼, ୨୧।୮ (ସମିସ)

**● ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ କାର ଆଗରେ ଶୋଇ ପଡ଼ିଲେ ଆନ୍ଦୋଳନକାରୀ**

**● ଅଟକି ରହିଲେ ବିଚାରପତି, କୋର୍ଟ ଗଲେନି ଆଇନଜୀବୀ**



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗା ଦେବା ଦାବିରେ ଜିଲ୍ଲା ଯୁବ ଏକତା ମଞ୍ଚ ଡାକରାରେ ଗୁରୁବାର ୧୨ ଘଣ୍ଟିଆ ଦେବଗଡ଼ ବନ୍ଦ ପାଳିତ ହୋଇଯାଇଛି। କାଁଭାଁ ଉତ୍ତେଜନାକୁ ଛାଡି ବନ୍ଦ ମୋଟାମୋଟି ଶାନ୍ତି ପୂର୍ଣ୍ଣ ରହିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ପରିବର୍ତ୍ତନ ପର ଠାରୁ ସହରବାସୀଙ୍କ ମଧ୍ୟରେ ଦେଖା ଦେଇଥିବା ଅସନ୍ତୋଷ ଆଜି ଜନ ଆନ୍ଦୋଳନର ରୂପ ନେଇଥିଲା। ସହର ମଧ୍ୟରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସହର ଠାରୁ ୬ କିମି ନୂଆଁବାଲିରୋଇ ମୌଜାକୁ ସ୍ଥାନାନ୍ତର ପରେ ପ୍ରାଥମିକ ଚିକିତ୍ସା ପାଇଁ ମଧ୍ୟ ଜନସାଧାରଣଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବା ସହ ଅସୁରକ୍ଷିତ ପରିବେଶରେ ଯିବା ଆସିବା କରିବାକୁ ପଡୁଛି। ଜରୁରୀକାଳୀନ ପ୍ରାଥମିକ ଚିକିତ୍ସା ଅଭାବରୁ ଏକ ମାସ ମଧ୍ୟରେ ଏକାଧିକ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ମିଳିଛି। ଫଳରେ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବିରେ ଜିଲ୍ଲା ଯୁବ ଏକତା ମଞ୍ଚ ଜନ ଅସନ୍ତୋଷକୁ ଆନ୍ଦୋଳନର ରୂପ ଦେଇଥିଲା। ମାସାଧିକ କାଳ ମଞ୍ଚ ପକ୍ଷରୁ ଜିଲ୍ଲା ପ୍ରଶାସନ ଜରିଆରେ ଜିଲ୍ଲାବାସୀଙ୍କ ଦାବିକୁ ରାଜ୍ୟ ସରକାରଙ୍କ ଠାରେ ପହଞ୍ଚାଇ ଥିଲା। ସରକାର ଦାବି ପୂରଣ ପ୍ରତି ବାରମ୍ବାର ଅଣଦେଖା କରୁଥିବାରୁ ଏହାର ପ୍ରତିବାଦରେ ଯୁବ ଏକତା ମଞ୍ଚ ପକ୍ଷରୁ ଆଜି ୧୨ ଘଣ୍ଟିଆ ଦେବଗଡ଼ ବନ୍ଦ ପାଇଁ ଡାକରା ଦିଆଯାଇଥିଲା।

ବନ୍ଦ ଡାକରାକୁ ସମର୍ଥନ ଜଣାଇ ସହରର ଜନସାଧାରଣ ପୁରୁଣା ପୋଷ୍ଟ ଅଫିସ ଛକ, ବିର୍ସା ମୁଣ୍ଡା ଛକ ଓ ଆମ୍ବେଦକର ଛକରେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାରେ ହଜାର ହଜାର ଯାନବାହାନ ଅଟକି ରହିଥିଲା। ଆନ୍ଦୋଳନକାରୀ ପିକେଟିଂ କରି ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ଗୁଡିକୁ ବନ୍ଦ କରିଥିଲେ। ଏପରିକି ଜିଲ୍ଲା ନ୍ୟାୟାଳୟ ସମ୍ମୁଖରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନଙ୍କୁ ମଧ୍ୟ ଅଟକାଇବାକୁ ଚେଷ୍ଟା କରିଥିଲେ। ଅତିରିକ୍ତ ଜିଲ୍ଲା ଜଜ ମଧୁମିତା ମହାନ୍ତିଙ୍କ ସମେତ ଅନ୍ୟ ବିଚାରପତି ମାନେ କାରରେ କୋର୍ଟ ପରିସରକୁ ଯିବା ସମୟରେ ଜଜଙ୍କ କାର ଚକା ତଳେ ଆନ୍ଦୋଳନକାରୀ ମାନେ ଶୋଇ ପଡ଼ିଥିଲେ। ଏଣୁ କିଛି ସମୟ ପାଇଁ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଠେଲାପେଲା ଦୃଶ୍ୟ ଦେଖିବାକୁ ମିଳିଥିଲା। କୋର୍ଟ ସମ୍ମୁଖରେ ବିଚାରପତିଙ୍କ ଉପସ୍ଥିତିରେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ଜଜଙ୍କ ସମେତ ରେଜିଷ୍ଟ୍ରାର, ସିଜେଏମ ଓ ଏସଡିଜେଏମ ପ୍ରମୁଖ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତା ଉପରେ ଅଟକି ରହିଥିଲେ। ତେବେ ଆନ୍ଦୋଳକାରୀଙ୍କ ସହ ଆଲୋଚନା ପରେ ବିଚାରପତି ମାନେ ନ୍ୟାୟାଳୟ ମଧ୍ୟକୁ ପ୍ରବେଶ କରିଥିଲେ। ମାତ୍ର

ଆଇନଜୀବୀ ମାନେ କୋର୍ଟ କାର୍ଯ୍ୟରେ ଯୋଗ ଦେଇ ନଥିଲେ। ଅତିରିକ୍ତ ଏସ୍‌ପି ଧୀରଜ ଚୋପଦାର, ଏସଡିପିଓ ରମେଶ ମାହାନା ଓ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳରେ ଥିବା ସତ୍ତ୍ୱେ ଆନ୍ଦୋଳନକାରୀଙ୍କୁ କାବୁ କରିପାରି ନଥିଲେ। ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିବା ବେଳେ ଅପରାହ୍ଣ ପ୍ରାୟ ୪ଟା ଯାଏଁ ୪୯ ନମ୍ବର ଜାତୀୟ ରାଜପଥ ଉପରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଆନ୍ଦୋଳନକାରୀଙ୍କ ସହ ରହିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଓ ଅତିରିକ୍ତ ଏସ୍‌ପି ଧୀରଜ ଚୋପଦାର ସେଠାରେ ପହଞ୍ଚି ମଞ୍ଚର ଦାବିକୁ ଖୁବଶୀଘ୍ର ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଜିଲ୍ଲା ପୁଲିସ ପକ୍ଷରୁ ସହରରେ ପେଟ୍ରୋଲିଂ ବ୍ୟବସ୍ଥାକୁ ବଢ଼ାଇ ଦିଆଯିବା ସହ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା।

# ଲଖନପୁର ସମଲେଇ ମନ୍ଦିରରେ ମାଁଙ୍କ ପାଦ ଚିହ୍ନ



ଝାରସୁଗୁଡ଼ା, ୨୧।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ସ୍ଥିତ ମାଁ ସମଲେଶ୍ୱରୀ ମନ୍ଦିରରେ ମାଁଙ୍କ ପାଦଚିହ୍ନ ଦେଖିବାକୁ ମିଳିଛି। ଗୁରୁବାର ପୂଜକ ମନ୍ଦିର କବାଟ ଖୋଲିବା ପାରେ ମାଁଙ୍କ ପ୍ରତିମା ତଳେ ପାଦଚିହ୍ନ ଥିବା ସହ ଖଣ୍ଡା ଚୁଡ଼ି ଆଦି ସେଠାରେ ପଡ଼ିଥିବା ଦେଖିଥିଲେ। ଏନେଇ ସେ ଗ୍ରାମବାସୀଙ୍କୁ ଜଣାଇବା ପରେ ଘଟଣା ପ୍ରଘଟିତ ହୋଇଥିଲା। ଦେବୀଙ୍କ ପାଦଚିହ୍ନ ଦେଖିବାକୁ ଦିନସାରା ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସମଲେଶ୍ୱରୀ ମନ୍ଦିରର ପୂଜକ ଗଗନ ନାଏକ ପ୍ରତିଦିନ ପରି ବୁଧବାର ସନ୍ଧ୍ୟାରେ ମଧ୍ୟ ମାଁଙ୍କ ପୂଜାର୍ଚ୍ଚନା ପରେ ମନ୍ଦିର ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ସକାଳେ ମାଁଙ୍କ ପୂଜାର୍ଚ୍ଚନା ପାଇଁ ସମଲେଇ ମନ୍ଦିରର ଗର୍ଭ ଗୃହ ଖୋଲିବା ପରେ ଦେବୀଙ୍କ ପ୍ରତିମା ତଳେ ତଥା ଗର୍ଭ ଗୃହର ପାହାଚ ଓ ଗର୍ଭ ଗୃହ ବାହାରେ ଥିବା ଚଟାଣ ସମେତ ତିନୋଟି ସ୍ଥଳରେ ସିନ୍ଦୂର ବର୍ଣ୍ଣର ଯୋଡ଼ି ପାଦଚିହ୍ନ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ତୁରନ୍ତ ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ତିନୋଟି ଯାକ ଯୋଡି ପାଦଚିହ୍ନ ମହିଳାଙ୍କ ପାଦଚିହ୍ନ ଭଳି ଦେଖା ଯାଉଥିବାରୁ ତାହା ସମଲେଶ୍ୱରୀ ଦେବୀଙ୍କ ପାଦଚିହ୍ନ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ କଥା ଉଠିଛି। ଏପରିକି ପୂଜକ ଗଗନ ନାଏକ ଏ ସମ୍ପର୍କରେ ସମ୍ବଲପୁର ସମଲେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କୁ ସୂଚନା ଦେଇଥିଲେ। ଏହାର ଉତ୍ତରରେ ଏଭଳି ଅଲୌକିକ ଘଟଣା ସମୟ ସମୟରେ ଦେବୀ ପୀଠରେ ହୋଇଥାଏ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୧୮୯୨ ମସିହାରେ ତତ୍କାଳୀନ ସମ୍ବଲପୁର ରାଜା ଲଖନପୁର ଗାଁରେ ମାଁ ସମଲେଇଙ୍କୁ ସ୍ଥାପନ କରି କରିଥିଲେ। ସେହିଦିନ ଠାରୁ ଗାଁ ମୁଣ୍ଡରେ ଥିବା ଦେମୂଳରେ ଗ୍ରାମପତି, ମାଁ ସମଲେଇ, ବଡ଼ ଦେ ଓ ପହରିଆ ପାଟ ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଉଛି। ବର୍ଷକୁ ଦୁଇ ଥର ପୁଜେଇ ପର୍ବ ପାଳନ କରାଯାଏ। ଭଲ ଫସଲ ଅମଳ ଓ ଗାଁର ସମୃଦ୍ଧି କାମନା କରି ଶ୍ରାବଣ ମାସ ଶୁକ୍ଳପକ୍ଷ ମଙ୍ଗଳବାର କିମ୍ବା ଶନିବାର କାଦୋଯୁବା ପୂଜା କରାଯାଏ। ସେହିପରି ହିଂସ୍ରଜନ୍ତୁଙ୍କ କବଳରୁ ଗାଁ ଲୋକଙ୍କ ରକ୍ଷା ପାଇଁ ପୌଷ ମାସ ଶୁକ୍ଳପକ୍ଷ ମଙ୍ଗଳବାର କିମ୍ବା ଶନିବାର ଖଳପୂଜା ମାଧ୍ୟମରେ ଦେବାଦେବୀଙ୍କୁ ପୂଜା କରାଯାଏ। ଏହି ପୀଠରେ ନୂଆଁଖାଇରେ ସ୍ୱତନ୍ତ୍ର ପୂଜା କରାଯାଉଥିବା ବେଳେ ଚୈତ୍ର ଓ ଆଶ୍ୱିନ ମାସରେ ଦେବୀଙ୍କ ନବରାତ୍ର ପୂଜା ଅନୁଷ୍ଠିତ ହୋଇଥାଏ। ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ଦ୍ୱାରା ଗଠିତ ମାଁ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ତିନି ଦଶନ୍ଧିରୁ ପୀଠର ସମସ୍ତ କାର୍ଯ୍ୟ ପରିଚାଳନା କରୁଛି।

# ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଇବଥର୍ମାଲ, ୨୧।୮ (ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ କୁମ୍ଭାରବନ୍ଧ ସ୍ଥିତ ପଞ୍ଚାୟତ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ଗତ ୧୮ ତାରିଖ ଠାରୁ କାର୍ଯ୍ୟବନ୍ଦ କରି କଲେଜ ପରିସରରେ ଧାରଣାରେ ବସିଛନ୍ତି। ଧାରଣାରେ ଥିବା ସମସ୍ତଙ୍କୁ ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପ୍ରଦାନ କରାଯାଇଛି। ଦୀର୍ଘବର୍ଷ ଧରି କାମ କଲା ପରେ ମଧ୍ୟ ସେମାନଙ୍କୁ ସରକାର କୌଣସି ପ୍ରକାର ସରକାରୀ ଅନୁଦାନ ଦେଉନଥିବା, ଚାକିରି ସର୍ତ୍ତାବଳୀ ନଥିବା ତଥା ବିନା ଦରମାରେ ଦୁର୍ଦ୍ଦିନରେ କାଳାତିପାତ କରୁଥିବାରୁ ପୂର୍ବରୁ ଅନେକ ଥର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଚଳିତ ଥର ମଧ୍ୟ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବିଜୟଲକ୍ଷ୍ମୀ ଖମାରୀ, ବନିତା ପ୍ରଧାନ, ଆତୋଶ ବରଗର୍ତ୍ତି, ନୃସିଂହନାଥ ବିଚାର, ଗଜପତି ଭଇଁସାଲ, ରମେଶ ବାଘ, ଆଶ୍ରିତା କେରକେଟା, ଭାରତୀ ପଣ୍ଡା, କୁସୁମ ଲତା ପ୍ରଧାନ, ସସ୍ମିତା ଦାସ ପ୍ରମୁଖ କଲେଜ ପରିସରରେ ପାଲ ପକାଇ ବର୍ଷା ସତ୍ତ୍ୱେ ଧାରଣାରେ ବସିଛନ୍ତି। ଦାବି ପୁରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କୁହାଯାଇଛି। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସାଙ୍ଗକୁ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହେବା ଦେଖା ଦେଇଛି।

## ଟ୍ରକ୍ ଧକ୍କାରେ ସ୍କୁଟି ଆରୋହୀ ମୃତ, ଚାଳକ ଗିରଫ

ଝାରସୁଗୁଡ଼ା, ୨୧।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଜାତୀୟ ରାଜପଥ ୪୯ ଭିକମପାଲି ହର୍ଟିକଲଚର କାର୍ଯ୍ୟାଳୟ ନିକଟରେ ଟ୍ରକ ଧକ୍କାରେ ମହିଳା ମୃତ ଘଟଣାରେ ଅଭିଯୁକ୍ତ ଟ୍ରକ ଚାଳକକୁ ରେଙ୍ଗାଲି ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଝାଡଖଣ୍ଡ ରାଜ୍ୟର ବିରବଲ ବୋଲି ପୁଲିସ ସୂଚନା ଦେଇଛି। ଚିଖିଲାପାଲି ଗାଁର ପ୍ରଗତୀ ପଣ୍ଡା (୨୭) ଗତକାଲି ଏକ ସ୍କୁଟି ଯୋଗେ ଛତିଶଗଡ଼ ରାୟଗଡ଼ ପଟରୁ ଚିଖିଲାପାଲି ଅଭିମୁଖେ ଫେରୁଥିଲେ। ଭିକମପାଲି ସ୍ଥିତ ହର୍ଟିକଲଚର୍ କାର୍ଯ୍ୟାଳୟ ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଗୁରୁତର ଆହତ ପ୍ରଗତୀଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରେଙ୍ଗାଲି ପୁଲିସ ମାମଲା ରୁଜୁ କରି ଉଭୟ ସ୍କୁଟି ଓ ଟ୍ରକକୁ ଜବତ କରିଛି। ପଘଟଣାର ତଦନ୍ତ କରିବା ସହ ମୃତକଙ୍କ ଶବ ବ୍ୟବଚ୍ଛେଦ ଘର ଲୋକଙ୍କୁ ହସ୍ତାନ୍ତର କରିଛି।

## ବଜ୍ରପାତରେ ନାବାଳକ ମୃତ

ଝାରସୁଗୁଡ଼ା, ୨୧।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅଧୀନ ଝାରୁପଡ଼ା ଗାଁରେ ବଜ୍ରପାତରେ ଜଣେ ନବାଳକର ମୃତ୍ୟୁ ଘଟିଛି। ମୃତ ନାବାଳକ ଝାରୁପଡ଼ା ଗାଁର ହେମନ୍ତ ରୋହିଦାସଙ୍କ ପୁଅ ପ୍ରେମସାଗର ରୋହିଦାସ(୧୬) ବୋଲି ସୂଚନା ମିଳିଛି। ଗୁରୁବାର ଅପରାହ୍ଣ ପ୍ରାୟ ୩ଟାରେ ପ୍ରେମସାଗର ତାଙ୍କ ବାପା ହେମନ୍ତଙ୍କ ସହିତ ବିଲରୁ କାମ ସାରି ସାଇକେଲରେ ଗାଁକୁ ଫେରୁଥିବା ବେଳେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ପ୍ରେମସାଗର ଘଟଣସ୍ଥଳରେ ଟଳି ପଡ଼ିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ପ୍ରେମସାଗରଙ୍କୁ ମୃତ ଘୋଷଣା କରିଥିଲେ।

## ବନ୍ଧବାହାଲ ଶିଶୁ ମନ୍ଦିରରେ ଅବସର ସମ୍ବର୍ଦ୍ଧନା ସଭା

ଇବଥର୍ମାଲ, ୨୧।୮ (ସମିସ): ଲଖନପୁର ବ୍ଲକ ବନ୍ଧବାହାଲ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଧବ ଭବନ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଛି। ଗୁରୁଜୀ ସୁଧାଂଶୁ ଶେଖର ନାୟକ ତାଙ୍କ କର୍ମମୟ ଜୀବନରୁ ମେ ୩୧ରେ ଅବସରଗ୍ରହଣ କରିଥିଲେ। ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁଙ୍କ ଅତିଥିଗଣଙ୍କ ପରିଚୟ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ଭାଇଭଉଣୀ ମାନେ ତାଙ୍କ ପ୍ରିୟ ଗୁରୁଜୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଗୁରୁଜୀ ଗୁରୁମା ଓ ପରିଚାଳନା କମିଟି ତରଫରୁ ଶ୍ରୀ ନାୟକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବିଦ୍ୟାଳୟର ସଭାପତି ସଞ୍ଜୟ ପ୍ରଧାନ, ସମ୍ପାଦକ ଅଭିନ ରାଉତ, ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନ ଓ ଯୁଗ୍ମ ସମ୍ପାଦକ ଆଦିତ୍ୟ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗୁରୁଜୀ ରାକେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଙ୍ଗନବାଡ଼ି କର୍ମୀଙ୍କ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




ଝାରସୁଗୁଡ଼ା, ୨୧।୮ (ସମିସ): ଭାରତୀୟ ମଜଦୂର ସଂଘ ସଂଲଗ୍ନ ଓଡ଼ିଶାର ଝାରସୁଗୁଡ଼ା ଶାଖା ଅଙ୍ଗନବାଡି ୱାର୍କର୍ସ ସଂଘ ବିଭିନ୍ନ ଦାବି ନେଇ ଗୁରୁବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରଡ଼ାଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଜିଲ୍ଲା ଅଙ୍ଗନବାଡି ୱାର୍କର୍ସ ସଂଘର ୨ ଶହରୁ ଊର୍ଦ୍ଧ୍ୱ ୱାର୍କର ଜିଲ୍ଲାପାଳ କାର୍ଯ୍ୟାଳୟରେ ମିଳିତ ହୋଇ ବିଭିନ୍ନ ଦାବି ନେଇ ବିକ୍ଷୋଭ କରିଥିଲେ। ଅଙ୍ଗନବାଡି କର୍ମୀ ଓ ସେବିକା ମାନଙ୍କୁ ସରକାରୀ ଘୋଷଣା କରାଯାଉ, କର୍ମୀ ମାନଙ୍କୁ ୧୮ ହଜାର ଏବଂ ସହାୟିକା ମାନଙ୍କୁ ୯ ହଜାର ଟଙ୍କା ମାସିକ ଦରମା ପ୍ରଦାନ କରାଯାଉ, କର୍ମୀ ମାନଙ୍କୁ ୧୦ ଲକ୍ଷ ଓ ସହାୟିକା ମାନଙ୍କୁ ୫ ଲକ୍ଷ ଲେଖାଏଁ ଅବସରକାଳୀନ ସହାୟତା ରାଶି ପ୍ରଦାନ ସହିତ ୫ ହଜାର ଟଙ୍କା ପେନସନ ଦିଆଯାଉ ବୋଲି ଦାବିଦାବି ପତ୍ରରେ ଉଲ୍ଲେଖ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଘର ସଭାପତି ଜ୍ୟୋତ୍ସ୍ନା ମହାନନ୍ଦଙ୍କ ସହିତ ସମସ୍ତ ଅଙ୍ଗନବାଡି କର୍ମୀ ମାନେ ରାଜ୍ୟ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣଙ୍କୁ ଦାବିପତ୍ର ଦେଇଥିଲେ।

■ କାଉନସିଲର୍ କପ୍ ଫୁଟ୍‌ବଲ୍

# ଉଦ୍‌ଘାଟନୀ ମ୍ୟାଚ୍‌ରେ ୱାର୍ଡ ନଂ ୧୦ ବିଜୟୀ



ଦେବଗଡ଼, ୨୧।୮ (ସମିସ): ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଗୁରୁବାର କାଉନସିଲର କପ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କାଉନସିଲର ଇତିଶ୍ରୀ ମିଶ୍ର, ଯତିନ ନାଏକ, ଜିଲ୍ଲା କ୍ରୀଡା ସଂସଦର ଉପସଭାପତି ସତ୍ୟ ନାରାୟଣ ମିଶ୍ର, ସମ୍ପାଦକ ଧିରେନ୍ଦ୍ର ନାୟକ, ସହ ସମ୍ପାଦକ ପ୍ରଦୀପ ଅମାତ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ୱାର୍ଡ ନଂ ୪ ଏବଂ ୱାର୍ଡ ନଂ ୧୦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ୱାର୍ଡ ନଂ ୧୦ ୱାର୍ଡ ନଂ ୪ କୁ ୪-୦ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ସୌରଭ ନାଏକ, ଜୟନାରାୟଣ ସାହୁ, କେଦାର ମୁଣ୍ଡା, ବୁଲି ମୁଣ୍ଡା ପରିଚାଳନା କରିଥିଲେ। ହେମନ୍ତ ମହାପାତ୍ର ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ତୁଲାଇ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା କ୍ରୀଡା ସଂସଦର ଉପସଭାପତି ଭୁବନେଶ୍ୱର ପ୍ରଧାନ, ସହସମ୍ପାଦକ ଡିଲେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ପ୍ରଭାତ ପ୍ରଧାନ, ସୁଧିର ଦାସ, ପ୍ରଦୀପ ବେହେରା, ସୁବାସ ଚନ୍ଦ୍ର ଭୋଇ, କିଶୋର ରାଏ, ଡିଲେଶ୍ୱର ସ୍ୱାଇଁ, ବାତ୍ସଲ୍ୟ ବିଶ୍ୱାଳ, ପଦ୍ମଲୋଚନ ପ୍ରଧାନ, ଅଞ୍ଜନ ପ୍ରଧାନ, ସୁଶୀଲ କର, ପୁରୁଷୋତ୍ତମ ସ୍ୱାଇଁ, ମୁକୁନ୍ଦ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ୱାର୍ଡ ନଂ ୫ ଏବଂ ୱାର୍ଡ ନଂ ୧୧ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ଏନ୍ଏସି ଦାବିରେ ୧୨ ଘଣ୍ଟିଆ ବେଲପଡ଼ା ବନ୍ଦ



ବେଲପଡ଼ା, ୨୧।୮ (ସମିସ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡର ବେଲପଡ଼ା ସହରକୁ ଏନଏସି ଘୋଷଣା ଦାବିରେ ଗୁରୁବାର ଏଠାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଏହାଫଳରେ ସହରର ସମସ୍ତ ଦୋକାନ ବଜାର ବନ୍ଦ ସହ ଗାଡି ଚଳାଚଳ ବନ୍ଦ ରହିଥିଲା। ଆନ୍ଦୋଳନକାରୀ ସହର ଦେଇ ଯାଇଥିବା ବଲାଙ୍ଗୀର-କଣ୍ଟାବାଞ୍ଜି ରାସ୍ତାକୁ ତାରିଣି ମନ୍ଦିର, ନବୋଦୟ ଛକ ନିକଟରେ ଅବରୋଧ କରିଥିଲେ। ଏଣୁ ଏହି ରାସ୍ତା ଦେଇ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସେହିଭଳି ଆନ୍ଦୋଳନକାରୀ ପିକେଟିଂ କରି ସରକାରୀ, ବେସରକାରୀ ସ୍କୁଲକଲେଜ ଓ ବିଭିନ୍ନ ଅଫିସ ବନ୍ଦ କରିଥିଲେ। ଏଥିରେ ବେଲପଡ଼ାର ଜନ ସାଧାରଣ ସହ ବିଭିନ୍ନ ସଂଗଠନ ସାମିଲ ହୋଇଥିଲେ। ପୂର୍ବ ସରକାର ବେଲପଡ଼ାକୁ ଏନଏସି ଘୋଷଣା କରିଥିଲେ। ବର୍ତ୍ତମାନର ସରକାର ନୂତନ ଘୋଷଣା କରିଥିବା ତାଲିକାରେ ବେଲପଡ଼ାର ନାଁ ନାହିଁ। ଏହାଫଳରେ ଲୋକେ ବିରୋଧ କରି ଏହି ବନ୍ଦ ପାଳନ କରିଛନ୍ତି। ଏହି ବନ୍ଦ ପାଳନରେ ପୂର୍ବତନ ପାଟଣାଗଡ଼ ବିଧାୟକ ସରୋଜ ମେହେର ସମର୍ଥନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଧୁ ଦାଶ, ଜନାର୍ଦ୍ଦନ ସିଂ, ସୁଜ୍ଞାନୀ ମହାକୁଡ଼, ପୃଥ୍ୱୀଜୈନ, ବିରବଲ ଜୈନ, ଜିତୁ ନାଏକ, ସନ୍ତୋଷ ମହାକୁଡ଼, ବଳ ସୁନା, ଜନାଦ୍ଧନ ବାରିକ, କାର୍ତ୍ତିକ ହଂସ, ଡୁଲାମନୀ ହଂସ, ଚତୃ ବୁଡ଼େକ, ଆଟୁ ପାଳ, କୁମୁଦ ମହାକୁଡ଼ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଦୁଇ ଟାଣୁଆ ମନ୍ତ୍ରୀଙ୍କ ଜିଲ୍ଲାର ସ୍ଥିତି

# ସେତେବେଳେ କୁହାଳିଆ, ଏବେ ପାଟି ଚୁପ୍

ବଲାଙ୍ଗିର, ୨୧।୮ (ସମିସ)

ରାଜ୍ୟରେ ବିଜେପି ସରକାର ଗଠନ କରିବାର ପ୍ରାୟ ୧୪ ମାସ ବିତିସାରିଛି। ଏହି ୧୪ ମାସ ଭିତରେ ଅନେକ ନିଷ୍ପତ୍ତି ଓ ଘୋଷଣା ହୋଇଛି। କିନ୍ତୁ ଏହାରି ଭିତରେ ବଲାଙ୍ଗିର ଜିଲ୍ଲାକୁ ଯେଉଁଭଳି ଗୁରୁତ୍ୱ ଦିଆଯିବା କଥା ତାହା ମିଳି ନ ଥିବା ବର୍ତ୍ତମାନ ଅଭିଯୋଗ ହୋଇଛି। ଦିନେ ଯେଉଁ ସବୁ ଦାବି ବିଜେପିର ବିଧାୟକ ଓ ନେତାମାନେ ଉପସ୍ଥାପନ କରିଥିଲେ, ସେଥିପାଇଁ ବାରମ୍ବାର ସରକାରଙ୍କୁ ଟାର୍ଗେଟ କରିଥିଲେ ଆଜି ସେମାନେ ଚୁପ୍। ସେହି ବିଧାୟକ ଓ ନେତା ଏବେ ସରକାରୀ ଦଳର ମନ୍ତ୍ରୀ ପଦ ପାଇ ନୀରବ। ୨୦୨୪ ସାଧାରଣ ନିର୍ବାଚନରେ ବଲାଙ୍ଗିର ଜିଲ୍ଲାରେ ବଡ ସଫଳତା ମିଳିଥିଲା। ଭୋଟର ଯେଉଁ ଆଶା ନେଇ ବିଜେପିକୁ ଭୋଟ ଦେଇଥିଲେ ବର୍ତ୍ତମାନ ସେହି ଆଶା ପୂରଣ ହେବାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଯାହାକୁ ନେଇ ଏବେ ବଲାଙ୍ଗିର ରାଜନୀତି ସରଗରମ। ହାଇକୋର୍ଟ ବେଞ୍ଚ, କୃଷି ବିଶ୍ୱବିଦ୍ୟାଳୟ, ଏନଏସି, ପୌରପରିଷଦ ମାନ୍ୟତା, ଉପଖଣ୍ଡ ତଥା ଜିଲ୍ଲା ମାନ୍ୟତା ଭଳି ଅନେକ ଦାବି ବର୍ତ୍ତମାନ ନାଲିଫିତା ତଳେ ଚାପିହେବାକୁ ବସିଲାଣି।

ରାଜ୍ୟରେ ବିଜେଡି ସରକାର ଥିବା ସମୟରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଦାବିକୁ ଉପସ୍ଥାପନ କରି ବିଜେପିର କନକ ବର୍ଦ୍ଧନ ସିଂହଦେଓ, ସଙ୍ଗିତା କୁମାରୀ ସିଂହଦେଓ, ଡ. ମୁକେଶ ମହାଲିଙ୍ଗ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରୁଥିଲେ। ବର୍ତ୍ତମାନ ସେହି ନେତାମାନେ ସରକାରୀ ଦଳରେ। ସେହି ସମୟରେ ଉପସ୍ଥାପିତ ଦାବିଗୁଡିକର କି ଅବସ୍ଥା ତାହାର ଉଦାହରଣ ହେଉଛି ବଲାଙ୍ଗିର ଜିଲ୍ଲା। ବଲାଙ୍ଗିର ଜିଲ୍ଲାରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ନେଇ ଦୀର୍ଘ ଦିନରୁ ଦାବି ରହିଛି। ସମ୍ପୃକ୍ତ ତିନି ବିଜେପି ନେତା ଏହି ଦାବି କରିଆସୁଥିଲେ; କିନ୍ତୁ ସମ୍ବଲପୁରରେ ବର୍ତ୍ତମାନ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ହେବା ନେଇ ନିଷ୍ପତ୍ତି ହେବା ପରେ ଏହି ନେତାମାନେ ଭିନ୍ନ କଥା କହି ଲୋକଙ୍କୁ ଭୁଲେଇବା ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ସେହିପରି ନିର୍ବାଚନ ଜିତିବା ପରେ ଦେଓଗାଁ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଏହି ନେତାମାନେ ନିର୍ବାଚନ ସମୟରେ କହିଥିଲେ। ପରେ ପାଟଣାଗଡ଼ ବିଧାୟକ ନିଜେ କୃଷି ମନ୍ତ୍ରୀ ହେବା ପରେ ଲୋକଙ୍କ ଆଶା ବି ଉଜ୍ଜିବୀତ ହୋଇଥିଲା; କିନ୍ତୁ ଏହି ୧୪ ମାସ ଭିତରେ କେବଳ ଏକ କମିଟି ବନ୍ଦ ପଡ଼ିଥିବା ଚିନିକଳ ପରିଦର୍ଶନ କରିବା ସହ ଜିଲ୍ଲା ପ୍ରଶାସନ ସହ ଏକ ଆଲୋଚନା କରିଥିବା ଜଣାପଡ଼ିଛି। ଏହା ବାଦ ଆଉ କୌଣସି ନିଷ୍ପତ୍ତି ଲୋକଲୋଚନକୁ ଆସିନାହିଁ। ସେହିପରି ବିଜେଡି ସରକାର ସମୟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଏନଏସି ମାନ୍ୟତା ପ୍ରଦାନ କରିବାକୁ ବିଜେପି ନେତାମାନେ ଦାବି କରିଥିଲେ। ଦାବି କ୍ରମେ ବିଜେଡି ସରକାର ସମୟରେ ଜିଲ୍ଲାର ବେଲପଡ଼ା, ଲୋଇସିଂହା, ସିନ୍ଧେକେଲା ଓ ସଇଁନ୍ତଲାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କରାଯାଇଥିଲା। ସେହିପରି କଣ୍ଟାବାଞ୍ଜିକୁ ପୌରପରିଷଦ ଭାବେ ମଧ୍ୟ ଘୋଷଣା କରାଯାଇଥିଲା; କିନ୍ତୁ କିଛି ଦିନ ପୂର୍ବରୁ ପ୍ରକାଶ ପାଇଥିବା ୧୨ଟି ଏନଏସି ତାଲିକାରେ ଜିଲ୍ଲାର ଗୋଟିଏ ବି ନାମ ନ ଥିବା ବେଳେ ଦୁଇ ଦୁଇ ଜଣ ଟାଣୁଆ ମନ୍ତ୍ରୀ ଥାଇ ଏହିଭଳି ଅବହେଳାକୁ ଲୋକେ ଗ୍ରହଣ କରିନାହାନ୍ତି। ବେଲପଡ଼ାରେ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଅନ୍ୟ ଅଞ୍ଚଳରେ ମଧ୍ୟ ଏହା ହେବାର ସମ୍ଭାବନା ରହିଛି। ସେହିପରି ପୂର୍ବରୁ ଟିଟିଲାଗଡ଼ ଜିଲ୍ଲା ଓ କଣ୍ଟାବାଞ୍ଜିକୁ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ପାଇଁ ବର୍ତ୍ତମାନର ବିଧାୟକମାନେ ଦାବି କରିଆସୁଥିଲେ। ସେହି ସମୟରେ ଉକ୍ତ ଦାବି କ୍ରମେ ସରକାରଙ୍କୁ ଟାର୍ଗେଟ କରୁଥିଲେ। ବର୍ତ୍ତମାନ ଏହି ଦାବି ବି ଲିଭିବାକୁ ବସିଥିବା ବେଳେ ଏନେଇ ଆଲୋଚନା କରିବାକୁ ମଧ୍ୟ ସମ୍ପୃକ୍ତ ବିଧାୟକମାନେ ଗୁରୁତ୍ୱ ଦେଉ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିବା ଆରମ୍ଭ କରିଛନ୍ତି। ଏହିଭଳି ଅନେକ ଉଦାହରଣ ବଲାଙ୍ଗିର ଜିଲ୍ଲାରେ ରହିଛି ଯାହାକି ବିଜେପି ନେତାଙ୍କ ଅସଲ ଆଭିମୁଖ୍ୟ ଓ ଚେହେରାକୁ ପଦାରେ ପକାଇଛି। ଦିନେ ବିରୋଧୀରେ ଥିବା ବେଳେ ଯେଉଁ ସବୁ ପ୍ରସଙ୍ଗ ଉଠାଉଥିଲେ ଆଜି ସେହି ପ୍ରସଙ୍ଗରେ ସମ୍ପୃକ୍ତ ନେତାମାନେ ମୁହଁ ଲୁଚାଉଥିବା ଅଭିଯୋଗ ହୋଇଛି। ତେବେ ଚିରଅବହେଳିତ ବଲାଙ୍ଗିର ଜିଲ୍ଲାର ଉନ୍ନତି ପାଇଁ ଯେଉଁ ସବୁ ପ୍ରକଳ୍ପଗୁଡିକ ମଧ୍ୟ ଆରମ୍ଭ ହୋଇଥିଲା ତାହା ମଧ୍ୟ ଅନେକ ଅଟକି ରହିଥିବା ଅଭିଯୋଗ ହୋଇଛି। ତେବେ ୧୪ ମାସ ପରେ ବି ବିଜେପି ପାଖରେ ଏହି ସବୁ ପ୍ରଶ୍ନର ଉତ୍ତର ନ ଥିବା ବେଳେ ୨୪ ବର୍ଷର ପ୍ରଶ୍ନ ଉଠାଇ ନିଜକୁ ନିଜେ ଠକି ହେଉଥିବା ବିଜେଡି ଅଭିଯୋଗ କରିଛି। ତେବେ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ଦୁଇ ବିଧାୟକ ରାଜ୍ୟ ସରକାରଙ୍କ ଚେହେରା ସାଜିଥିବା ବେଳେ ଏହି ସବୁ ଦାବିଗୁଡିକ କେବେ ପୂରଣ ହେବ ତାହା ସବୁଠାରୁ ବଡ ପ୍ରଶ୍ନ। ତେବେ ଉଭୟ ମିଳିତ ଭାବେ ଉଦ୍ୟମ କଲେ ସବୁକିଛି ସମ୍ଭବ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।

- ପୂରଣ ହେଉନି ପ୍ରତିଶ୍ରୁତି, ମଉଳୁଛି ସ୍ୱପ୍ନ
- କୃଷି ବିଶ୍ୱବିଦ୍ୟାଳୟ, ଏନଏସି, ଚିନିକଳ ଉଦାହରଣ

## ସାପ କାମୁଡ଼ାରେ ୨ ଗୁରୁତର

କଣ୍ଟାବାଞ୍ଜି, ୨୧।୮ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ବଡଡକଲା ଗାଁରେ ସାପ କାମୁଡ଼ାରେ ସୁବନ ମାଝି ଗୁରୁତର ହୋଇଛନ୍ତି। ସେ ତାଙ୍କ ଚାଷ ଜମିରେ କାମ କରୁଥିବା ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ତୁରେକେଲାରେ ପ୍ରାଥମିକ ଚିକିତ୍ସା ପରେ ସେ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେହିପରି ମୁରିବାହାଲ ଥାନା ଲାରିପଡ଼ା ଗାଁର ସୁରିଆ ଜାନୀ (୧୬) ସାପ କାମୁଡାରେ ଗୁରୁତର ହେତୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ଦୁର୍ଘଟଣାରେ ଜଣେ ଗୁରୁତର, ୨ ଆହତ

କଣ୍ଟାବାଞ୍ଜି, ୨୧।୮ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ପତ୍ରାପାଲି ଗାଁ ନିକଟରେ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ୨ ଜଣେ ଆହତ ହୋଇଛନ୍ତି। ମୁରିବାହାଲ ଥାନା ଭଡାରବାଞ୍ଜ ଗାଁର କୀର୍ତ୍ତନ ମାଝୀ ଓ ସର୍ଦାର ମାଝି କୌଣସି କାମ ପାଇଁ ଭଡାରବାଞ୍ଜ ଗାଁରୁ କଣ୍ଟାବାଞ୍ଜି ଅଭିମୁଖେ ଆସୁଥିଲେ। ତାଙ୍କ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନକୁ ଆଣିଥଲେ। କୀର୍ତ୍ତନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ରହିଛି। ସେହିପରି ଗୁରୁବାର ରାତିରେ କଣ୍ଟାବାଞ୍ଜି ସହରର ପେଟ୍ରୋଲ ପମ୍ପ ନିକଟରେ ସ୍କୁଟି-ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଚାଳକ ରାମା ସାଗର ଯାଦବ ନାମକ ଜଣେ ଯୁବକ ଆହତ ହୋଇଛନ୍ତି। ସେ ମଧ୍ୟ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ଯୁକ୍ତ ତିନି ଛାତ୍ରୀଙ୍କ ଶିଶୁକନ୍ୟା ପ୍ରସବ

ବଲାଙ୍ଗିର, ୨୧।୮ (ସମିସ): ବଲାଙ୍ଗିର ସହରର ଏକ ପ୍ରତିଷ୍ଠିତ ସରକାରୀ ମହାବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଜଣେ ଛାତ୍ରୀ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ଏହି ଛାତ୍ରୀ ଜଣକ ଯୁକ୍ତ ତିନିରେ ପଢୁଛନ୍ତି। ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଶିଶୁକନ୍ୟାକୁ ଜନ୍ମ ଦେଇଥଲେ। ତେବେ ଏହି ଘଟଣାକୁ କଲେଜ କର୍ତ୍ତୃପକ୍ଷ ଚାପି ଦେବାକୁ ଉଦ୍ୟମ ଚଳାଇଛନ୍ତି।

## କଣ୍ଟାବାଞ୍ଜି ଷ୍ଟେସନରୁ ଗଞ୍ଜେଇ ଜବତ, ଜଣେ ଗିରଫ

କଣ୍ଟାବାଞ୍ଜି, ୨୧।୮ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଷ୍ଟେସନରୁ ଅବକାରୀ ଓ ଆରପିଏଫ ମିଳିତ ଭାବେ ଚଢ଼ଉ କରି ୧୧ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ କଣ୍ଟାବାଞ୍ଜି




ସହର ଧୂବାପଡ଼ାର ଗୋବିନ୍ଦ ବାଗ (୩୭) ଗିରଫ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାକୁ କଣ୍ଟାବାଞ୍ଜି ଧାମନଡ଼ଙ୍ଗସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଗଞ୍ଜେଇ ଚାଲାଣରେ ଆଉ କିଏ କିଏ ସମ୍ପୃକ୍ତ ରହିଛନ୍ତି ତାହା ତଦନ୍ତ ଚାଲିଛି ବୋଲି କଣ୍ଟାବାଞ୍ଜି ଅବକାରୀ ଏସଆଇ ପ୍ରବୀଣ ସାହୁ ସୂଚନା ଦେଇଛନ୍ତି। ଗୁରୁବାର ସକାଳେ ଏକ ଜରି ବସ୍ତାରେ ଏହି ଗଞ୍ଜେଇ କଣ୍ଟାବାଞ୍ଜିରୁ ଟ୍ରେନ ଯୋଗେ ରାୟପୁର ଚାଲାଣ ହେବାର ଥିଲା। ୧ ନଂ ପ୍ଲାଟଫର୍ମରେ ଏହା ରଖା ଯାଇଥିବା କଣ୍ଟାବାଞ୍ଜି ଅବକାରୀ ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ଏହାପରେ କଣ୍ଟାବାଞ୍ଜି ଆରପିଏଫ ସାହାଯ୍ୟରେ ଚଢ଼ଉ କରି ଅବକାରୀ ବିଭାଗ ଜବତ କରିଥିଲା।

- ବଲାଙ୍ଗିରରେ ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ନ ହେଲେ ପରିସ୍ଥିତି ଭୟଙ୍କର ହେବ

## ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ସମାଲୋଚନା

- ଏକାଠିହେଲେ ବଲାଙ୍ଗିରର ଜନସାଧାରଣ
- ବ୍ୟାପକ ଆନ୍ଦୋଳନ ପାଇଁ ଚେତାବନୀ



ବଲାଙ୍ଗିର, ୨୧।୮ (ସମିସ): ଶିଳ୍ପବିହିନ ଏବଂ ଦାଦନ ପ୍ରବଣ ବଲାଙ୍ଗିର ଜିଲ୍ଲାରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷରୁ ଦାବି ହୋଇ ଆସୁଛି। ବର୍ତ୍ତମାନ ସମ୍ବଲପୁରଠାରେ କୃଷି ବିଶ୍ୱ ବିଦ୍ୟାଳୟ ଏବଂ ବଲାଙ୍ଗିରଠାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ନୀତିଗତ ଭାବେ ଘୋଷଣା କରିବା ପ୍ରସଙ୍ଗ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାର ପ୍ରତିକ୍ରିୟା ସ୍ୱରୂପ ବଲାଙ୍ଗିରରେ ବ୍ୟାପକ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହି ଘୋଷଣାନାମା ପ୍ରତ୍ୟାଖ୍ୟାନ କରାଯାଇଛି। ଏହାର ପ୍ରତିବାଦରେ ବଲାଙ୍ଗିର ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ସ୍ଥାନୀୟ ଭାଗୀରଥି ଛକରେ ଏକ ପଥପ୍ରାନ୍ତ ସଭାରେ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷାବିତ, ସାମାଜିକ କର୍ମୀ ଏକତ୍ରିତ ହୋଇଥିଲେ। ବଲାଙ୍ଗିର ଜିଲ୍ଲାର ନାର୍ଯ୍ୟ ଦାବି ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସମସ୍ତେ ଦୃଢ ଦାବି ଜଣାଇଛନ୍ତି। ଜିଲ୍ଲାରେ ଏହି ପ୍ରକଳ୍ପର ଭିତ୍ତିଭୂମି ସମ୍ପର୍କିତ ବିଷଦ ଆଲୋକପାତ କରିଥିଲେ।

ବଲାଙ୍ଗିର ଜିଲ୍ଲାରେ ଏହି ପ୍ରକଳ୍ପ ପ୍ରତିଷ୍ଠା ନ ହେଲେ ବ୍ୟାପକ ଆନ୍ଦୋଳନର ସୂତ୍ରପାତ ହେବ ବୋଲି ସମସ୍ତେ ଚେତାବନୀ ଦେଇଥିଲେ। ବିରେନ୍ଦ୍ର ବନଛୋର, ଆଇନଜୀବୀ ରତନ ମହାରଣା, ଶିକ୍ଷାବିତ୍ କିଶୋର ପାଣିଗ୍ରାହୀ, ବାମପନ୍ଥୀ ନେତା ଅଶୋକ ମିଶ୍ର, ସୁନିଲ ଭୋଇ, ଯୁବ ନେତା ନାଶିର ଖାନ ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କ ଏତାଦୃଶ କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି। ଏହି ପଥପ୍ରାନ୍ତ ସଭାରେ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସୟେଦ ଆଫତାପ ହୁସେନ ଏବଂ ସାଜିତ ହୁସେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦିତ ଚନ୍ଦ୍ର ପଣ୍ଡା, ରାଜେନ୍ଦ୍ର ଶର୍ମା, ମୋହନ ରଞ୍ଜନ ପାଣ୍ଡିଆ, କୁନୁ ନାୟକ, ପ୍ରଦୀପ ଗୁରୁ ପ୍ରମୁଖ ସହରର ବହୁ ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଘିନୁ ଆଡ଼ଯୁଆଡ଼ ଉପଖଣ୍ଡ ଯାଦବ ମହାସଭା ସଭାପତି

ଟିଟିଲାଗଡ଼, ୨୧।୮ (ସମିସ): ଟିଟିଲାଗଡ଼ ଉପଖଣ୍ଡ ଯାଦବ ମହାସଭାର ସଭାପତି ଭାବରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଘିନୁ ଆଡ଼ଯୁଆଡ଼ ମନୋନୀତ ହୋଇଛନ୍ତି। ୨୦୦୦ ମସିହାରୁ ଯାଦବ ସମାଜ ସଂଗଠନ ପାଇଁ ସେ ସକ୍ରିୟ ଭାବରେ କାର୍ଯ୍ୟ କରିଆସିଛନ୍ତି। ବଲାଙ୍ଗୀର ଜିଲ୍ଲା ଯାଦବ ମହାସଭା ସଭାପତି ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଆସନ୍ତା ୫ ବର୍ଷ ପାଇଁ ଶ୍ରୀ ଆଡ଼ଯୁଆଡ଼ଙ୍କୁ ଟିଟିଲାଗଡ଼ ଉପଖଣ୍ଡ ଯାଦବ ମହାସଭା ସଭାପତି ଭାବରେ ନିଯୁକ୍ତ କରିଛନ୍ତି। ଏନେଇ ଶ୍ରୀ ଆଡ଼ଯୁଆଡ଼ ଜିଲ୍ଲା ସଭାପତି ଶ୍ରୀ ବାଗ, ଜିଲ୍ଲା ଉପସଭାପତି ବାଳକୃଷ୍ଣ ଷାଣ୍ଡ, ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ଖିରାମ ଦୀପ, ସଂଗଠନ ସମ୍ପାଦକ ଦିଲୀପ ଖରସେଲଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶ୍ରୀ ଆଡ଼ଯୁଆଡ଼ଙ୍କ ନିଯୁକ୍ତି ନେଇ ଯାଦବ ମହାସଭା ମୁରିବାହାଲ ବ୍ଲକ ସଭାପତି ଗଙ୍ଗାଧର ହେର୍ଣ୍ଣା, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ରାଧେଶ୍ୟାମ କେତକି, ସଇଁତଲା ବ୍ଲକ ସଭାପତି ମନୋହର ବାଗ, ତୁରେକେଲା ବ୍ଲକ ସଭାପତି ମକରଧ୍ୱଜ ନିଆଲ, ଟିଟିଲାଗଡ଼ ବ୍ଲକ ସଭାପତି ବିନୋଦ ବିହାରୀ ବରର୍ତ୍ତୀ, ବ୍ଲକ ସରପଞ୍ଚ ସଂଘ ସଭାପତି ପୃଥ୍ୱୀରାଜ ଚିନାଗୁନ, ନଗର ସଭାପତି କୁନା ଭାଟି, ପୀତବାସ ଚିନାଗୁନ, ଗତିକୃଷ୍ଣ ବରର୍ତ୍ତୀ, ଘନଶ୍ୟାମ ପୋଡ଼, ଲଳିତ ପୋଢ଼ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## କେନ୍ଦୁ ଗଣ୍ଡି ସହ ଗାଡ଼ି ଜବତ; ଦୁଇ ଗିରଫ



କଣ୍ଟାବାଞ୍ଜି, ୨୧।୮ (ସମିସ): କୁଇବାହାଲରୁ ସମରସିଂହ ଯିବା ରାସ୍ତାରେ ବନ ବିଭାଗ ଚଢ଼ଉ କରି ୧୬ ଖଣ୍ଡ କେନ୍ଦୁ ଗଣ୍ଡି ସହ ଗୋଟିଏ ଗାଡି ଜବତ କରିଛି। ଏହି ଘଟଣାରେ ୨ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉରେ ଫରେଷ୍ଟ ଗାର୍ଡ ସବନମ ଫିରଦୋଷ, ପ୍ରମାନନ୍ଦ ମାଝି, ପ୍ରମାନନ୍ଦ ଭାଟି, ଜଳନ୍ଧର ବନଛୋର ପ୍ରମୁଖ ସାମିଲ ଥିଲେ। ଗୁରୁବାର ବେଆଇନ ଭାବେ ତୁରେକେଲା ପଟୁ କାଠ ଚୋରାଚାଲାଣ କରୁଥିବା ନେଇ କଣ୍ଟାବାଞ୍ଜି ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇଥିଲା। କଣ୍ଟାବାଞ୍ଜି ବନପାଳ ଘନଶ୍ୟାମ ପସାୟତଙ୍କ ନେତୃତ୍ୱରେ ଏହି ଚଢଉ ହୋଇଥିଲା।

## ଅନୁଦାନ ଦାବିରେ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ବଲାଙ୍ଗିର, ୨୧।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଆହ୍ୱାନକ୍ରମେ ବଲାଙ୍ଗିର ସଦର ବ୍ଲକ ଶିବତଲା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀମାନେ ଗତ ୧୬ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି।



୨୦୦୮ରୁ ୨୦୧୮ ମଧ୍ୟରେ ସ୍କୁଲ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ହୋଇଥିବା ଜଣେ ଅଧ୍ୟାପିକା ଓ ୨ଜଣ କର୍ମଚାରୀ ଦୀର୍ଘ ୧୫ବର୍ଷ ହେଲା ବିନା ସରକାରୀ ବେତନରେ ଏହି ବିଦ୍ୟାଳୟରେ କାର୍ଯ୍ୟ କରିଆସୁଛନ୍ତି। ରାଜ୍ୟରେ ଥିବା ଏହି ବର୍ଗର ଅଧ୍ୟାପକ କର୍ମଚାରୀମାନଙ୍କୁ ସରକାର ଅନୁଦାନ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି। ଶେଷରେ ବାଧ ହୋଇ ରାଜ୍ୟ ସଂଘର ଆହ୍ୱାନକ୍ରମେ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ସବିତା ଦାଶ, ଏଜୁକେସନ ଡେମୋନଷ୍ଟ୍ରେଟର ହରି ମେହେର ଓ କନିଷ୍ଠ କିରାଣି ସୁଶାନ୍ତ ବେହେରା ପ୍ରମୁଖ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସରକାର ଦାବି ପୂରଣ ନ କଲାଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ଅଧ୍ୟାପକ ଓ କର୍ମଚାରୀମାନେ ସୂଚନା ଦେଇଛନ୍ତି।

## ଆଇନ ସଚେତନତା କାର୍ଯ୍ୟକ୍ରମ




ବଲାଙ୍ଗିର, ୨୧।୮ (ସମିସ): ଜାମୁଟ୍ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଜନ ହିତଧିକାରୀ ଯୋଜନା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ ଯୋଗଦେଇ ରାଷ୍ଟ୍ରର ପ୍ରତ୍ୟେକ ନାଗରିକର ବଞ୍ଚିବାର ଅଧିକାର ବିଷୟରେ ଅଲୋକପାତ କରିଥିଲେ। ଏହା ସହ ଆଇନ ସେବା ପ୍ରାଧିକରଣର ଭୂମିକା ଓ ଆଇନ ସେବା ଯୋଗାଇ ଦେବା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଗୁଡଭେଲା ବିଡିଓ ରାମଦତ୍ତ ଭୋଇ ଯୋଗ ଦେଇ ରାଜ୍ୟ ସରକାରଙ୍କର ଜନହିତଧିକାରୀ ଯୋଜନା ଉପରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସୁମିତ୍ରା ଖରସେଲ, ସସ୍ମିତା ହୋତା ପ୍ରମୁ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଜନହିତଧିକାରୀ ଯୋଜନା ଉପରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ବଲାଙ୍ଗିର ଅତିରିକ୍ତ ଶ୍ରମ ଅଧିକାରୀ କେଶବ ବେହେରା ଯୋଗ ଦେଇ ଶ୍ରମ ବିଭାଗର ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ସୂଚନା ଦେଇଥିଲେ। ଜାମୁଟ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାଝି ଉପସ୍ଥିତ ଥିଲେ।

## ଝରଣିପାଲିରେ ଚାରାରୋପଣ କାର୍ଯ୍ୟକ୍ରମ



ବଲାଙ୍ଗିର, ୨୧।୮ (ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଝରଣିପାଲି ଭୁଆଁସେନ ଡଙ୍ଗରଠାରେ ସ୍ଥାନୀୟ ପଞ୍ଚାୟତ, ବ୍ଲକ କୃଷି ବିଭାଗ ଓ ପଲ୍ଲୀ ଆଲୋକ ପାଠାଗାର ନଅଗାଁ (ଖ) ମିଳିତ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ବିଡିଓ ମହାପାତ୍ର କୁଳଦୀପ ମହାନ୍ତି, ବ୍ଲକ କୃଷି ଅଧିକାରୀ ଆଶିଷ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଦାଶ, ଝରନିପାଲି ସରପଞ୍ଚ ସୁନିତା ସାହୁ, ପଲ୍ଲୀ ଆଲୋକ ପାଠାଗାର ନଅଗାଁ (ଖ) ସମ୍ପାଦକ ପ୍ରଶାନ୍ତ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ୨୨୦ଟି ନିମ୍ବ ଓ କରଞ୍ଜ ଚାରା ରୋପଣ କରାଯାଇଥିଲା। ଗୋବିନ୍ଦ ଚନ୍ଦ୍ର ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ହରିହର ହଂସ, ବସନ୍ତ ଛୁରିଆ, ବୈଖୁଣ୍ଠ ଜଗତ, ଅଚ୍ୟୁତାନନ୍ଦ କୁମ୍ଭାର, ମନୋଜ ପଧାନ, ମହେନ୍ଦ୍ର ପଧାନ, ପଲ୍ଲୀ ଆଲୋକ ପାଠାଗାରର ପିଣ୍ଟୁ ପଧାନ, ରଞ୍ଜନ ମହାଲିଙ୍ଗ, ସୁଶାନ୍ତ ସା, ପ୍ରଶାନ୍ତ କୁଅଁର, ନମିତା, ବର୍ଷା ଯୁଆଡ଼ି ଓ ଆଶିଷ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବଞ୍ଚି ଥାଉ ଥାଉ ମାରିଦେଲା 'ସୁଭଦ୍ରା'

ଟିଟିଲାଗଡ଼, ୨୧।୮ (ସମିସ)

ଟିଟିଲାଗଡ଼ ବ୍ଲକ ବାନ୍ଧୁପଲା ପଞ୍ଚାୟତ ବୁର୍ଡିପଡ଼ା ଗ୍ରାମର ଲିଲି ହରପାଲ। ସୁଭଦ୍ରା' ପାଇଁ ଲିଲି ବଞ୍ଚି ଥାଉ ଥାଉ ମରି ଯାଇଛନ୍ତି। ଏଡା ଯେତିକି ଆଶ୍ଚର୍ଯ୍ୟ କରିଛି ସେତିକି ଆଲୋଡନ ସୃଷ୍ଟି କରିଛି। ସରକାରୀ କଳର ଦାୟିତ୍ୱହୀନତାକୁ ମଧ୍ୟ ପଦାରେ ପକାଇଛି।



ଏହି ଗରିବ ପରିବାରର ଜମିବାଡ଼ି ନାହିଁ। ପକ୍କା ଘର ମଧ୍ୟ ନାହିଁ। ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନା ସମ୍ମୁଖରେ ଏକ କୁଡ଼ିଆରେ ଜଳଖିଆ ବିକ୍ରି କରି ଲିଲି ପରିବାର ଚଳାନ୍ତି। ତାଙ୍କ ସ୍ୱାମୀ ଏଣେତେଣେ କାମଧନ୍ଦା କରନ୍ତି। ପରିବାରରେ ଲିଲିଙ୍କ ଶାଶୂ, ଶଶୁର, ସନ୍ତାନ ଆଦି ୬ ପ୍ରାଣୀ। କଷ୍ଟେ ମଷ୍ଟେ ପରିବାର ଚଳୁଛି।

ତେବେ ରାଜ୍ୟ ସରକାର ସୁଭଦ୍ରା ଯୋଜନା ପ୍ରଣୟନ କରି ଡିଣ୍ଡିମ ପିଟୁଛନ୍ତି। ଏଥିରୁ ମିଳୁଥିବା ସହାୟତାରେ ଅନେକ ମହିଳା କୁଆଡ଼େ ସ୍ୱାବଲମ୍ବୀ ହେବା ସହ ବ୍ୟବସାୟ କରୁଥିବା କୁହାଯାଉଛି। ପୂର୍ବରୁ ବ୍ୟବସାୟ କରୁଥିବା ମହିଳାଙ୍କ ବ୍ୟବସାୟରେ ଅଭିବୃଦ୍ଧି ଘଟିଛି ବୋଲି ମଧ୍ୟ କୁହାଯାଉଛି। ଲିଲି ସକାଳ ୫ଟାରୁ ରାତି ପ୍ରାୟ ୮ଟା ପର୍ଯ୍ୟନ୍ତ ଖଟୁଛନ୍ତି। ସୁଭଦ୍ରା ଯୋଜନାରେ କିନ୍ତୁ ତାଙ୍କୁ ମୃତ ଘୋଷଣା କରାଯିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ବର୍ଷେ ପୂର୍ବରୁ ସୁଭଦ୍ରା ଯୋଜନା ଆରମ୍ଭ ସମୟରେ ତାଙ୍କୁ ପ୍ରଥମ କିସ୍ତି ସହାୟତା ବହୁ ବିଳମ୍ବରେ ପ୍ରଦାନ କରାଯାଇଥିଲା। ତେବେ ବର୍ତ୍ତମାନ ସରକାର ଆଉ ଦୁଇ କିସ୍ତି ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିସାରିଲେଣି; ହେଲେ ଲିଲିଙ୍କୁ ମୃତ ଦର୍ଶାଇ ସୁଭଦ୍ରା ସହାୟତାରୁ ବଞ୍ଚିତ କରାଯାଇଛି। ଏନେଇ ସେ ଅନେକ ଥର ଟିଟିଲାଗଡ଼ ଉପଜିଲାପାଳ, ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି; ହେଲେ କିଛି ଲାଭ ହୋଇନି। ସରକାର ଯାହା ବିଚାର କରିବେ ବୋଲି କେବଳ ଆଶ୍ୱାସନା ଦିଆଯାଇଛି।

ଅନ୍ୟପକ୍ଷରେ ରାଜ୍ୟ ସରକାର ୬୦ ବର୍ଷର ମହିଳାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିବ ବୋଲି ସୁଭଦ୍ରା ଯୋଜନାରୁ ବଞ୍ଚିତ କଲେ। ଯୋଜନା ପ୍ରାରମ୍ଭରେ ୫୯ ବର୍ଷ ହୋଇଥିବା ମହିଳା ସୁଭଦ୍ରାର ପ୍ରଥମ କିସ୍ତି ଟଙ୍କା ପାଇବା ପରେ ପରବର୍ତ୍ତୀ ଅବସ୍ଥାରେ ବୟସ ୬୦ ବର୍ଷରେ ପଦାର୍ପଣ କରିବା ନେଇ ସେମାନଙ୍କୁ ଯୋଜନାରୁ ବାଦ ଦିଆଗଲା। ଏନେଇ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମୁତାବକ ତୁରନ୍ତ ୬୦ ବର୍ଷରେ ପଦାର୍ପଣ କରିଥିବା ମହିଳାଙ୍କୁ ଭତ୍ତା ପ୍ରଦାନ କରା ଯାଉ ନ ଥିବାରୁ ଗ୍ରାମାଞ୍ଚଳରେ କାର୍ଯ୍ୟରତ ସରପଞ୍ଚ ତଥା ଅନ୍ୟ ଜନପ୍ରତିନିଧି ଲୋକଙ୍କ ଆକ୍ରୋଶର ସମ୍ମୁଖୀନ ହେଉଥିବା ରାଜ୍ୟ ସରପଞ୍ଚ ସଂଘ କାର୍ଯ୍ୟକାରୀ ସଭାପତି ବୀରବର ସାହୁ ନିରାଶା ପ୍ରକଟ କରିଛନ୍ତି।





ଭୁବନେଶ୍ୱର ଜୟଦେବ ଭବନରେ ଓଡ଼ିଶା ସାରସ୍ୱତ ସମାଜର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ମହାସମାରୋହରେ ନୂଆପଡା ଜିଲ୍ଲାର ଅଗ୍ରଣୀ ସାମ୍ବାଦିକ ମାୟାଧର ସରାଫ "ଶ୍ରେଷ୍ଠ ଭାଷାବିତ ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି ।

# କଳାହାଣ୍ଡି ଜିଲ୍ଲା ପରିଦର୍ଶନରେ ରାଜ୍ୟ ସଚିବାଳୟର ୫୦ ଅଧିକାରୀ

ଭବାନୀପାଟଣା,୨୧।୮ (ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଚିବାଳୟର ୫୦ ଜଣ ଅଧିକାରୀ କଳାହାଣ୍ଡି ଜିଲ୍ଲା ପରିଦର୍ଶନ କରିଥିଲେ । ସଚିବାଳୟର ଦୁଇ ଜଣ ଉପସଚିବ ତରୁଣ କୁମାର ବିଶାଳ ଓ ନିହାର ରଂଜନ ରଥଙ୍କ ନେତୃତ୍ୱରେ ୪୮ ଜଣ ସହକାରୀ ଉପବିଭାଗ ଅଧିକାରୀ ଯୋଗ ଦେଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ।ଜିଲ୍ଲା ପରିଷଦ ସଭା ଗୃହରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ସମସ୍ତଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇବା ସହିତ ଜିଲ୍ଲାରେ ସରକାରଙ୍କର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ଯୋଜନା, କାର୍ଯ୍ୟକ୍ରମ ଓ ଜିଲ୍ଲା ପ୍ରଶାସନ, ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ସର୍କିଟ ହାଉସରେରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ସମସ୍ତ ଯୁବ ଅଧିକାରୀଙ୍କ ସହିତ ବାର୍ତ୍ତାଳାପ କରି ଜିଲ୍ଲା ପରିଦର୍ଶନର ଆସିଥିବାରୁ ଯୁବ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଉତ୍ସାହିତ କରିଥିଲେ । ଏଥିରେ ଭାରତୀୟ ପ୍ରଶାସନିକ ସେବା ପ୍ରବେଶନ ଅନିମେସ ପ୍ରଧାନ ଉପସ୍ଥିତ ଥିଲେ । ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରି,ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ, ଜିଲା ସମାଜ କଲ୍ୟାଣ ଅଧିକାରୀ ମଜିବୁନ ନିଶା, ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର,ଏପିଡି ବିମ୍ବାଧର ସାହୁ ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମସ୍ତ ଅଧିକାରୀ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ ମନ୍ଦିର ଯାଇ ମା'ଙ୍କ ଦର୍ଶନ କରିଥିଲେ । ଜିଲ୍ଲାର ଦର୍ଶନୀୟ ସ୍ଥାନ ଫୁର୍ଲିଝରଣ, ରାବଣଦର ବୁଲି ଦେଖିଥିଲେ ।



## ହାତୀ ଆକ୍ରମଣରେ ଯୁବକ ଗୁରୁତର

ମ.ରାମପୁର,୨୧।୮ (ସମିସ):କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ମ.ରାମପୁର ରେଞ୍ଜ ତଳ ସାଗରପଡ଼ା ଠାରେ ଦନ୍ତା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ମୁତାବକ ତଳସାଗରପଡ଼ା ର ଭକ୍ତ ବାଗ(୨୯)ବୁଧବାର ବିଳମ୍ବିତ ରାତି ପ୍ରାୟ ସାଢେ ବାରଟା ସମୟରେ ନିଜ ଘରୁ ପଡ଼ାଆଡ଼କୁ ଆସୁଥିବା ବେଳେ ତଳ ସାଗରପଡ଼ା କାଳୀ ମନ୍ଦିର ନିକଟରେ ହାତୀ ହାବୁଡରେ ପଡି ଯାଇଥିଲେ । ଯୁବକଙ୍କୁ ହାତୀ ଶୁଣ୍ଢରେ ଗୁଡ଼ାଇ ଫିଙ୍ଗି ଦେଇ ପଳାଇବ ପରେ ଯୁବକ ଜଣଙ୍କ ପଡ଼ାରେ ଜଣେ ଲୋକଙ୍କ ଘରକୁ ଯାଇ ସହାୟତା ମାଗିଥିଲେ । ପରେ ଗୁରୁତର ଆହତ ଯୁବକଙ୍କୁ ପ୍ରଥମେ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ବଲାଙ୍ଗୀରକୁ ସ୍ଥାନାନ୍ତର କରାଯାଇଥିଲା । ତାଙ୍କର ହାତରେ ଗଭୀର ଆହତ ହୋଇଥିବା ଜଣାପଡିଛି । ସକାଳୁ ବନ ବିଭାଗ ଘଟଣା ସମ୍ପର୍କରେ ସୂଚନା ପାଇ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ । ଏସିଏଫ୍ ଅସିତ୍ କୁମାର ଦାଶଙ୍କୁ ଏ ନେଇ ପଚାରିବାରୁ ବିଭାଗ ତରଫରୁ ଆହତ ଯୁବକଙ୍କୁ ଅନୁକମ୍ପାମୂଳକ ସହାୟତା ପାଇଁ ସହଯୋଗ କରାଯିବ ସହିତ ହାତୀ ଉପରେ ନଜର ରଖା ଯାଇଛି ବୋଲି କହିଛନ୍ତି ।

## ସିଙ୍ଗାରୀଘାଟି ରାସ୍ତାରେ ଅଟୋ ଓଲଟି ୮ ଯାତ୍ରୀ ଗୁରୁତର

ଥୁଆମୂଳରାମପୁର,୨୧।୮ (ସମିସ):ବୁଧବାର ରାତି ପ୍ରାୟ ସାଢେ ୯ଟା ବେଳେ କଲମପୁର ଥୁଆମୁଳରାମପୁର ମୁଖ୍ୟ ରାସ୍ତାର ସିଙ୍ଗାରୀଘାଟି ରାସ୍ତାରେ ଅଟୋ ଓଲଟି ଅଟୋରେ ଥିବା ୧୨ ଜଣ ଯାତ୍ରୀଙ୍କ ମଧ୍ୟରୁ ୮ ଜଣ ଗୁରୁତର ହେଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ଥୁଆମୁଳରାମପୁର ଥାନା



ଅଧିନସ୍ଥ ତୁମନିଖୋଲ ଗ୍ରାମର ୧୨ ଜଣଲୋକ ଅଟୋ ଯୋଗେ କୁମାରକାନୀ ଗ୍ରାମକୁ ଯାଇଥିଲେ । ସେଠାରୁ ଏକ ଅଟୋ ଯୋଗେ ରାତିରେ ଫେରୁଥିବା ବେଳେ ସିଙ୍ଗାରୀଘାଟି ରାସ୍ତାରେ ଅଟୋ ଚାଳକର ଅସାବଧାନତା ବସତଃ ଉକ୍ତ ଅଟୋଟି ରାସ୍ତାରେ ଗଡିଯାଇ ପ୍ରାୟ ୩୦ ଫୁଟ ତଳେ ଓଲଟି ପଡିଥିଲା । ଫଳରେ ଅଟୋରେ ବସିଥିବା ଜଏମଲ ମାଝୀ, ଟେଙ୍ଗୁ ମାଝୀ, କାଡୁ ମାଝୀ, ଚାଉଲ ମାଝୀ, ଶୁସିଳା ମାଝୀ, ମୁକ୍ତା ମାଝୀ, ସୁକାନ୍ତୀ ମାଝୀ ପ୍ରମୁଖ ଗୁରୁତର ହେଇଛନ୍ତି । ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଅନ୍ୟପଟେ ଖବର ପାଇ ଥୁଆମୁଳ ରାମପୁର ପୁଲିସ ଘଟଣାସ୍ଥଳ ଦେଖିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗୁରୁତର ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦେଖି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଅନ୍ୟପଟେ ଅଟେ ଚାଳକ ଫେରାର ଥିବା ସୂଚନା ମିଳିଛି ।

## ବାଇକ୍ ଧକ୍କାରେ ଯୁବକ ମୃତ

ଧର୍ମଗଡ଼,୨୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା କେବିଡି ବିଜୁ ଏକ୍ସପ୍ରେସୱେରେ ଅଘଟଣ । ବୁଧବାର ସନ୍ଧ୍ୟାରେ ବାଇକ୍ ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ କେବିଡି ଗାଁର ଚନ୍ଦ୍ରଶେଖର ମଙ୍ଗରାଜ । ଚନ୍ଦ୍ର ଶେଖର ଆଉ ତାଙ୍କ ଦୁଇ ସାଙ୍ଗ ମିଶି ଗାଁ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇ ଫେରୁଥିବା ବେଳେ ଗୋଡ଼ଭଞ୍ଜା ରାସ୍ତାରେ ଓଡି ୦୮ଆର-୯୨୨୫ ନମ୍ବର ବିଶିଷ୍ଟ ବାଇକ୍ ଆରୋହୀ ଦ୍ରୁତ ଗତିରେ ଆସି ଚନ୍ଦ୍ର ଶେଖରକୁ ପଛ ପଟୁ ଧକ୍କା ଦେଇ ଚଢି ଯାଇଥିଲା । ସ୍ଥାନୀୟ ଲୋକେ ଚନ୍ଦ୍ର ଶେଖରକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଭବାନୀପାଟଣା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ଅଧିକ ଗୁରୁତର ଥିବାରୁ ପୁଣି ସେଠାରୁ ବୁର୍ଲା ସ୍ଥାନାନ୍ତର କରିଥିବା ବେଳେ ପରିବାର ଲୋକେ ବିଶାଖାପାଟଣମ ଡାକ୍ତରଖାନାକୁ ନେଉଥିବା ବେଳେ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା । ପରିବାର ଲୋକେ ମୃତଦେହକୁ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିବା ଧର୍ମଗଡ ଥାନାରେ ଏତଲା ଦେଇଛନ୍ତି । ଏତଲାକୁ ଭିତ୍ତି କରି ଧର୍ମଗଡ ପୁଲିସ ଥାନା କେଶ ନମ୍ବର ୨୧୧/୨୫ ରେ ମାମଲା ରୁଜୁ କରି ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରିଥିବା ତଦନ୍ତକାରୀ ପୁଲିସ ଅଧିକାରୀ ଡୋଳାମଣି ମିର୍ଦ୍ଧା ସୂଚନା ଦେଇଛନ୍ତି ।

## ବାର୍ଦ୍ଧକ୍ୟ ଭତ୍ତା, ପିଡ଼ିଏସ୍ ଟଙ୍କା ଧରି ପିଇଓ ଛୁ

ନୂଆପଡା,୨୧।୮ (ସମିସ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ୍ ସୁନାରୀ ସିକୁଆଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବାର୍ଦ୍ଧକ୍ୟ ଭତ୍ତା ସହ ପିଡ଼ିଏସ ବାବଦରେ ଲକ୍ଷାଧିକ ଟଙ୍କା ଉଠାଇ ଆତ୍ମସାତ କରିଛନ୍ତି । ଏବେ ସେ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି । ତେବେ ନୂତନ ପିଇଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନାହାନ୍ତି । ଏଣୁ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି । ସୁନାରୀ

■ ବଦଳି ପରେ ମଧ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି
■ ବିଡିଓଙ୍କ ନିକଟରେ ସରପଞ୍ଚଙ୍କ ଅଭିଯୋଗ

ସିକୁଆଁ ପଞ୍ଚାୟତରେ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟ ଚାଲୁଥିଲା । ଠିକସମୟରେ ଏଠିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୀମାଞ୍ଚଳ ଶବରଙ୍କ ଅନ୍ୟତ୍ର ବଦଳି ହୋଇଗଲା । ଏହି ସମୟରେ ଜଣାପଡିଲା ଯେ ସେ ଗତ ଜୁନ ମାସର ୨୦/୨୫ଜଣ ବୃଦ୍ଧବୃଦ୍ଧାଙ୍କ ଭତ୍ତା ବାବଦ ଟଙ୍କା ହିତାଧିକାରୀଙ୍କୁ ନ ଦେଇ ଉଠାଇ ହଡ଼ପ କରିଛନ୍ତି । ଖୋଦ୍ ସରପଞ୍ଚ ଏହି ଅଭିଯୋଗ କରିଛନ୍ତି । ସେହିଭଳି ଗତ ୩ବର୍ଷର ପିଡିଏସ ଟଙ୍କା, ଚଳିତ ବର୍ଷର ଜଳ ଛତ୍ର ଟଙ୍କା ଉଠାଇ ଆତ୍ମସାତ କରିଥିବା ଏକ ତଥ୍ୟରୁ ଜଣା ପଡିଛି । ତେବେ ଦାୟିତ୍ୱ ହସ୍ତାନ୍ତର ଲାଗି ସରପଞ୍ଚ ତାଙ୍କୁ ବାରମ୍ବାର ଅନୁରୋଧ କରୁଛନ୍ତି । ସେ କିନ୍ତୁ ଶୁଣୁ ନାହାନ୍ତି । ଏହା ଭିତରେ ସେ ବଦଳି ହେବାର ଦେଢ ମାସ ହୋଇ ଗଲାଣି । ନୂତନ ଭାବେ ନିଯୁକ୍ତ ହୋଇଥିବା ଅଧିକାରୀ ଡିଙ୍ଗର ଜଗତଙ୍କୁ କିନ୍ତୁ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି । ଏଣୁ ପଞ୍ଚାୟତର ସରକାରୀ କାମ ତଥା ଲୋକଙ୍କ କାମ ପ୍ରଭାବିତ ହୋଇଥିବା ସରପଞ୍ଚ ଖଡ଼ିଆଳ ବିଡ଼ିଓଙ୍କୁ ଗତ ୮ ତାରିଖରେ ଜଣାଇଛନ୍ତି । ଏଯାବତ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ତେବେ ଏହା ଉପରେ ଜିଲ୍ଲା ଗ୍ରାମ ପଞ୍ଚାୟତ ଅଧିକାରୀ ଲକ୍ଷ୍ମଣ ଓରାମଙ୍କୁ ଯୋଗାଯୋଗ କରିବାରୁ ବହୁତ ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ।

## ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବଙ୍କ ଥୁଆମୂଳରାମପୁର ଗସ୍ତ

ଥୁଆମୂଳରାମପୁର,୨୧।୮ (ସମିସ): ରାଜ୍ୟ ସରକାରଙ୍କ ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବ ତେମଜେନ ୱାପାଙ୍ଗ ଗୁରୁବାର କଳାହାଣ୍ଡି ଜିଲ୍ଲା ଗସ୍ତରେ ଆସି ଥୁଆମୂଳରାମପୁର ବ୍ଲକ୍‌ର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି । ବ୍ଲକ୍‌ର ସାଇସୁରୁନିସ୍ଥିତ ଉପସ୍ୱାସ୍ଥ୍ୟ କେନ୍ଦ୍ରର ମାଆ ଗୃହ ପରିଦର୍ଶନ କରିବା ସହିତ ଏଠାରେ ବ୍ୟବହୃତ ବାଇକ୍ ଆମ୍ବୁଲାନ୍ସର ଉପଯୋଗୀତା ଉପରେ ବୁଝିଥିଲେ ।ଏହାପରେ ଶ୍ରୀ ୱାପାଙ୍ଗ କାଣିଗୁମାର ନୂତନ କଫି ଉଦ୍ୟାନ ପରିଦର୍ଶନ କରିବା ସହିତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ରେ ଥିବା ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସହିତ ଆଲୋଚନା କରିଥିଲେ । ୨୦୨୨ ମସିହାରେ ଏହି କଫି ଉଦ୍ୟାନର ଶୁଭାରମ୍ଭ ହୋଇଥିଲା ।ସୂଚନାଯୋଗ୍ୟ ଯେ ଥୁଆମୂଳରାମପୁର ବ୍ଲକ୍‌ରେ କଫି ଚାଷ ପାଇଁ ଏଠିକାର ଜଳବାୟୁ ଅନୁକୂଳ ଥିବା ଦୃଷ୍ଟିରେ କଫି ଚାଷର କଳ୍ପନା କରିଥିଲେ ଗତ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡି ।ପରିଦର୍ଶନରେ ଆସିଥିବା ସ୍ୱତନ୍ତ୍ର ସଚିବ ଶ୍ରୀ ୱାପାଙ୍ଗ କଫି ଉଦ୍ୟାନର ସଫଳତା ଏବଂ ଏହାକୁ ଆହୁରି କିପରି ପରିବର୍ଦ୍ଧିତ କରାଯିବ ସେନେଇ ଏହାର ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଜଳଛାୟା ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ।ଏହାପରେ ସଚିବ ଶ୍ରୀ ୱାପାଙ୍ଗ ସାନଛତ୍ରଙ୍ଗ ନିକଟ ଇନ୍ଦ୍ରାବତୀ ଜଳଭଣ୍ଡାରରେ ପିଞ୍ଜରା ଭିତରେ ହେଉଥିବା ମାଛ ଚାଷ ପ୍ରକଳ୍ପ ପରିଦର୍ଶନ କରିବାକୁ ବାହାରିଥିଲେ । ହେଲେ କେନ୍ଦୁଗୁଡା ଘାଟରୁ ଯିବା ପାଇଁ ଲଞ୍ଚର୍ର ଯେଉଁ ବ୍ୟବସ୍ଥା ଥିଲା ସମୟ ଅନୁକୂଳ ନଥିବା ଯୋଗୁଁ ସେଠାରେ ହିଁ ସ୍ଥାନୀୟ ମତ୍ସ୍ୟ ସମବାୟ ସମିତିର ଲୋକଙ୍କ ସହିତ ଆଲୋଚନା କରିଥିଲେ । ଏଥିସହିତ ଇନ୍ଦ୍ରାବତୀ ଜଳଭଣ୍ଡାର ଯୋଗୁଁ ବିଚ୍ଛିନାଞ୍ଚଳ ପାଲଟିଥିବା ଲୋକଙ୍କ ସମସ୍ୟା ଉପରେ ଅବଗତ ହେବାକୁ ଚେଷ୍ଟା କରିଥିଲେ । ସ୍ୱତନ୍ତ୍ର ସଚିବ ଶ୍ରୀ ୱାପାଙ୍ଗଙ୍କ ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ପ୍ରୋବେସନ ଆଇଏଏସ୍ ଅଧିକାରୀ ଅନିମେଶ ପ୍ରଧାନ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦିଲ୍ଲୀପ କୁମାର ଦୁବେ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାକର ନାୟକ, ସହକାରୀ ନିର୍ଦ୍ଦେଶକ ସାଗରୀକା ପ୍ରଧାନ,ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ଅଧିକାରୀ ଶ୍ରୀକାନ୍ତ ଦଳେଇ ଜିଲ୍ଲା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ, ସମବାୟ ସମିତି ଇନ୍ସପେକ୍ଟର ଘନଶ୍ୟାମ ସା, ଥୁଆମୂଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲି ଏବଂ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ସାଲଖୁ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ ।



## ମସଜିଦ ପରିଚାଳନା କମିଟି ନିର୍ବାଚନ

■ ଆୟୁବ ଅଲ୍ଲୀ ଖାଁ ସଭାପତ,ହାଜି ହନିଫ ଖାଁ ସମ୍ପାଦକ

ଭବାନୀପାଟଣା,୨୧।୮ (ସମିସ): ପ୍ରଥମଥର ରାଜ୍ୟ ୱାକଫ ବୋର୍ଡ ତରଫରୁ ବାଲେଟ ପେପର ଜରିଆରେ ମସଜିଦ ପରିଚାଳନା କମିଟିର ସଭାପତି ଏବଂ ସମ୍ପାଦକ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବା ଇତିହାସ ସୃଷ୍ଟି କରିଛି । ମୁସଲିମ ସମ୍ପ୍ରଦାୟର ଅନ୍ୟତମ ସୁନାମଧନ୍ୟ ବ୍ୟକ୍ତିତ୍ୱ ଜନାବ ଆୟୁବ ଅଲ୍ଲୀ ଖାଁ ସଭାପତି ୫୭ ଅଧିକା ଭୋଟରେ ବିଜୟୀ ହୋଇ ଥିବା ବେଳେ ସମ୍ପାଦକ ଭାବେ ହାଜି ହନିଫ ଖାଁ ୧୨ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି । ଦୀର୍ଘ ନଅ ବର୍ଷ ଧରି ୱାକଫ ବୋର୍ଡ ଅଧୀନରେ ଥିବା ଏହି ଜାମା ମସଜିଦର ନିର୍ବାଚନ ହୋଇ ନଥିବା ଓ ନିରପେକ୍ଷ ନିର୍ବାଚନ ପାଇଁ ବାଲାଟ ପେପର ଜରିଆରେ ଭୋଟ




ଗ୍ରହଣ ନିଷ୍ପତ୍ତି ଯୋଗୁଁ ଭବାନୀ ପାଟଣା ମୁସଲିମ ଜାମାତ ତରଫରୁ ଉତ୍ସାହ ବୃଦ୍ଧି ପାଇ ଥିଲା । ୱାକଫ ବୋର୍ଡ ପକ୍ଷରୁ ତିନି ଜଣିଆ ପର୍ଯ୍ୟବେକ୍ଷକମାନଙ୍କ ଉପସ୍ଥିତିରେ ଭୋଟ ଗଣତି ହୋଇ ଥିଲା । ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ । ଟାଉନ ଥାନା ଅଧିକାରୀ ଶ୍ରୀ ଯଶୋବନ୍ତ କୁମାର ହିଆଲ ଉପସ୍ଥିଟ ରହି ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ରଖିଥିଲେ । ଉଭୟଙ୍କୁ ମୁସଲିମ ପିସ ଫୋରମ୍(କଳାହାଣ୍ଡି)ର ସଭାପତି ଜନାବ ମହମ୍ମଦ ଅଲ୍ଲୀ ଖାଁଙ୍କ ସମେତ ଜିଲ୍ଲାର ଅନେକ ବୁଦ୍ଧିଜୀବୀ,ସଂଗଠନ ଏବଂ ଅନୁଷ୍ଠାନ ଅଭିନନ୍ଦନ ଜଣାଇଛନ୍ତି । ଥିଲେ । ଆୟୁବ ଅଲ୍ଲୀ ଖାଁ ନିଜ ପ୍ରତିକ୍ରିୟାରେ କଳାହାଣ୍ଡିର ସଂସ୍କୃତି, ଐତିହ, ପରମ୍ପରାକୁ ବଜାୟ ରଖି ସମସ୍ତଙ୍କ ସହିତ ମହାନ ଭାଇଚାରାକୁ ବଜାୟ ରଖି ଜିଲ୍ଲା ତଥା ସହର୍‌ର ଉନ୍ନତି,ସମୃଦ୍ଧି ବଜାୟ ରଖିବାକୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

## ନ୍ୟାସନାଲ କଲେଜରେ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ

ନୂଆପଡା,୨୧।୮ (ସମିସ): ସ୍ଥାନୀୟ ନ୍ୟାସନାଲ କଲେଜରେ ବାଳିକାମାନଙ୍କ ଆଇସିସିର ଦ୍ୱିତୀୟ କର୍ମଶାଳା, ଶକ୍ତିଶ୍ରୀ ଯୋଜନା ଓ ନୂଆପଡା ପୁଲିସର ବାଳିକା ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆଇସିସିର ପ୍ରିଜାଇଡିଂ ଅଫିସର ରାଜନୀତି ବିଜ୍ଞାନ ମୁଖ୍ୟ ମମତା ପଟ୍ଟନାୟକ ସଭାପତିତ୍ୱ କରିଥିଲେ । କଲେଜ ଅଧକ୍ଷ ହିତେଶ ସାହୁ, ବରିଷ୍ଠ ଇଂରାଜୀ ଅଧ୍ୟାପକ ବିଧାନ ଚନ୍ଦ୍ର ମିଶ୍ର, ନନ୍ଦିନୀ ମଞ୍ଜରି ହୋତା, ଡ. ମୀନାକ୍ଷୀ ଦାସ, ଡ. ପ୍ରଣତୀ ପଣ୍ଡା, ଗୀତ ସେଠ, ପ୍ରକାଶ କୁମାର ସାହୁ, ନୂଆପଡ଼ା ଥାନା ଅଧିକାରୀ ଗଙ୍ଗାଧର ମେହେର ଓ ବବିତା ମହାଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ସାହୁ ମଞ୍ଚ ପରିଚାଳନା କରିଥିଲେ । ଡ. ପ୍ରଣତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷକ ପିତାମ୍ବର ବିଶିଙ୍କ ସ୍ମୃତିଚାରଣ ସଭା

ଜୁନାଗଡ଼,୨୧।୮ (ସମିସ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ହାଇସ୍କୁଲର ପୂର୍ବତନ ଶିକ୍ଷକ ପିତାମ୍ବର ବିଶିଙ୍କ ବିୟୋଗ ରେ ଜୁନାଗଡ଼ ହାଇସ୍କୁଲ ପୁରାତନ ଛାତ୍ରଙ୍କ ପକ୍ଷରୁ ସ୍ମୃତିଚାରଣ ଓ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ହାଇସ୍କୁଲର ପୁରାତନ ଛାତ୍ର ସଂସଦ ସଭାପତି ସନ୍ତୋଷ କୁମାର ସିଂହଦେଓଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶୋକ ସଭାରେ ଜୁନାଗଡ଼ ହାଇସ୍କୁଲର ବିଭିନ୍ନ ବ୍ୟାଚର ପୁରାତନ ଛାତ୍ର ଅଂଶ ଗ୍ରହଣ କରିଥିଲେ ।ପ୍ରଥମେ ସ୍ୱର୍ଗତ ପିତାମ୍ବର ବିଶିଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳୀ ଅର୍ପଣ କରିବା ସହ ଆତ୍ମାର ସଦଗତି କାମନା ପୂର୍ବକ ନିରବ ପ୍ରାର୍ଥନା କରାଯାଇଥିଲା । ପୁରାତନ ଛାତ୍ର ସଂସଦ ସମ୍ପାଦକ କୁବଳେଶ୍ୱର ପାଣିଗ୍ରାହୀ ସଭାପରିଚାଳନା କରିଥିଲେ । ଜୁନାଗଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷକ ନେପାଳଚନ୍ଦ୍ର ବାଗ, ବରିଷ୍ଠ ଶିକ୍ଷକ ମଳୟମୁଣ୍ଡ,ବିଘ୍ନରାଜ ବରାଡ,ସରୋଜ ପଣ୍ଡା,ସଞ୍ଜୟ ଅଗ୍ରୱାଲ, ନରେଶ ଅଗ୍ରୱାଲ, ମୁନା ପୁରୋହିତ,ଗଙ୍ଗାଧର ଦାଶ, ଦୁର୍ଗା ପ୍ରସାଦ ନାଏକ, ଦିଲୀପ ଧଙ୍ଗଡାମାଝୀ, ମନୋରଞ୍ଜନ ସାହୁ,ବଂଶୀଧର ନାଏକ ପ୍ରକାଶ ଅଗ୍ରୱାଲ ପ୍ରମୁଖ ସ୍ୱର୍ଗତ ଶିକ୍ଷକ ପିତାମ୍ବର ବିଶି ଙ୍କ ସ୍ମୃତି ଚାରଣ କରିଥିଲେ ।

## ସ୍ୱାସ୍ଥ୍ୟ ଶିବିରରେ ଏକ୍ସପାରୀ ମେଡ଼ିସିନ ବଣ୍ଟନ

ଗୋଲାମୁଣ୍ଡା,୨୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଧାମନପୁର ସ୍ୱାସ୍ଥ୍ୟ ଶିବିରରେ ଏକ୍ସପାରୀ ମେଡ଼ିସିନ ଦେଇଥିବା ଦେଖିବାକୁ ମିଳିଛି । ସୂଚନାରୁ ପ୍ରକାଶ ଉକ୍ତ ସ୍ୱାସ୍ଥ୍ୟ ଶିବିରଟି କେଗାଁ କେନ୍ଦୁପତ୍ର ରେଞ୍ଜ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଚିକିତ୍ସାଳୟରୁ ଡାକ୍ତରମାନେ ଆସି ଚିକିତ୍ସା କରୁଥିଲେ । ଚିକିତ୍ସା ପରେ ସୁପତି କାଣ୍ଡ ନାମକ ଜଣେ



ବୃଦ୍ଧା ମହିଳାଙ୍କୁ କ୍ୟାଲସିୟମ ସିରପ୍ ଦେଇଥିଲେ । ହେଲେ ସେହି ସିରପ୍ ଅବଧି ସମୟ ଗତ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଥିଲା । ଅନେକ ଲୋକଙ୍କୁ ଏକ୍ସପାରୀ ମେଡ଼ିସିନ ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଡାକ୍ତରମାନେ ଯଦି ଏପରି ମେଡ଼ିସିନ ନିରୀହ ଲୋକମାନଙ୍କୁ ଦେବା ନିରୀହ ଲୋକଙ୍କ ଜୀବନ ଉପରେ ଖେଳ ଖେଳୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏ ନେଇ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରବିନ୍ଦ ଦାସଙ୍କୁ ଫୋନ ଯୋଗେ ପଚାରିବାରୁ ସେହି ମେଡ଼ିସିନ ଗୁଡିକ ଚପରିଆ ଡାକ୍ତରଖାନାରୁ ଯାଇ ନାହିଁ । ତାହା ଜିଲ୍ଲା ଚିକିତ୍ସାଳୟରୁ ଡାକ୍ତର ବିଜୟ ପଣ୍ଡା ମେଡ଼ିସିନ ଆଣି ଦେଇଥିଲେ ବୋଲି ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଆକର୍ଷଣ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

## ଅଧାରୁ ପାଠ ଛାଡ଼ିଥିବା ୮ ପିଲାଙ୍କ ନାଁ ଲେଖାଇଲା ଶିକ୍ଷା ବିଭାଗ

ଲାଞ୍ଜିଗଡ଼,୨୧।୮ (ସମିସ):ଆଦୌ ସ୍କୁଲଦ୍ୱାର ମାଡିନଥିବା ଓ ଅଧାରୁ ପାଠପଢ଼ାରେ ଡୋରି ବାନ୍ଧିଥିବା ଛାତ୍ରଛାତ୍ରୀଙ୍କୁ ପୁଣି ସ୍କୁଲମୁହାଁ କରିବାକୁ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି । 'ଆସ ସ୍କୁଲ ଯିବା ଅଭିଯାନ' ଜରିଆରେ ଆଦୌ ସ୍କୁଲ ଯାଇନଥିବା ଓ ଅଧାରୁ ପାଠ ଛାଡ଼ିଥିବା ଶିଶୁମାନଙ୍କୁ ପୁଣି ସ୍କୁଲମୁହାଁ କରିବାକୁ ଅଭିଯାନ ଆରମ୍ଭ କରିଛି ଶିକ୍ଷା ବିଭାଗ । ଏହି ଅଭିନବ ପ୍ରୟାସରେ ସାମିଲ ହୋଇଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଶିକ୍ଷା ବିଭାଗ । ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେରଙ୍କ ନେତୃତ୍ୱରେ ଚାଲିଥିବା ଏହି ଅଭିଯାନ ଦ୍ୱାରା ବ୍ଲକ ଅଞ୍ଚଳର ଶତାଧିକ ଶିଶୁଙ୍କୁ ଚିହ୍ନଟ କରାଯାଇଥିବା ସୂଚନା ମିଳିଛି । ଆଜି ଗୋବର୍ଦ୍ଧନପୁର କ୍ଲଷ୍ଟର ଅନ୍ତର୍ଗତ ଆମ୍ବଝରି ଗାଁର ୨ଜଣ ପୁଅ ଓ ୬ଜଣ ଝିଅଙ୍କୁ ଉଦ୍ଧାର କରି କର୍ମର୍ଦ୍ଦା ସ୍କୁଲରେ ନାମ ଲେଖାଯାଇଛି ।ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ମେହେରଙ୍କ ସହିତ କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା ଉପସ୍ଥିତ ରହି ସ୍କୁଲରେ ନାମ ଲେଖାଇବାକୁ ଉଦ୍ୟମ କରିଥିଲେ । ଏହି ଅବସରରେ କର୍ମର୍ଦ୍ଦା ହାଇସ୍କୁଲର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ମହାପାତ୍ର, କର୍ମର୍ଦ୍ଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ମିଶ୍ରଙ୍କ ସହିତ କ୍ଲଷ୍ଟର ସଂଯୋଜକ ପ୍ରକାଶ ପ୍ରଧାନ, କର୍ମର୍ଦ୍ଦା ସରପଞ୍ଚ ସନ୍ତୋଷ ମାଝୀ ପ୍ରମୁଖ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ ।

# ବିପୁଳ ପରିମାଣର ଶିକାର ସାମଗ୍ରୀ ଜବତ

ନୂଆପଡା/ଖଡ଼ିଆଳ,୨୧।୮ (ସମିସ):



୩ ଜଣ ଗିରଫ

ନୂଆପଡ଼ା ଜିଲ୍ଲା କୋମନା ବନାଞ୍ଚଳ ଅଧୀନ ଭାଲୁକୋନା ଗ୍ରାମରେ ବନ ବିଭାଗ ଚଢଉ କରି ବନ୍ୟପ୍ରାଣୀ ଶିକାର ପାଇଁ ବ୍ୟବହୃତ ବହୁ ପରିମାଣର ବିଦ୍ୟୁତ୍ ତାର ଜବତ କରିଛି । ଏହି ଘଟଣାରେ ନୂଆପଡା ଜିଲ୍ଲା କୋମନା ଥାନା ଭାଲୁକେନା ଗ୍ରାମର ତିନି ଅଭିଯୁକ୍ତ ସୋମନାଥ ସାହୁ (୫୦) ମାଧବ ମାଝୀ (୨୫) ଚାମର ମାଝୀ (୩୦)ଙ୍କୁ ଗିରଫ କରାଯାଇଛି । ଏକ ସାମ୍ବାଦିକ ସମ୍ମିଳନୀରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ପ୍ରକାଶ କରିଛନ୍ତି । ଏମାନଙ୍କଠାରୁ ୨୨.୧ ମିଟର ବିଦ୍ୟୁତ୍ ତାର, ୪.୪୨ କେଜିର ବାଇଣ୍ଡିଂ ତାର (ଯାହା ବନ୍ୟପ୍ରାଣୀଙ୍କୁ ବିଦ୍ୟୁତ କରେଣ୍ଟ ଦେଇ ହତ୍ୟା କରିବାରେ ବ୍ୟବହାର ହୋଇଥାଏ) ଜମତ ହୋଇଛି । ସେହିପରି ଛୋଟ ଛୋଟ ଜନ୍ତୁ ଓ ପକ୍ଷୀ ଶିକାରରେ ବ୍ୟବହାର ଶିକାର ସାମଗ୍ରୀ ମିଳିଛି । ଅନ୍ୟପକ୍ଷେ ଏମାନଙ୍କଠାରୁ ଠେକୁଆ ଧରିବା ପାଇଁ ବ୍ୟବହାର ହେଉଥିବା ୨୪ଟି ଫାସ, ପକ୍ଷୀ ଫାସ ୩.୧୦ ମିଟର, ବାଦୁଡି ଧରିବା ଜାଲ ୨୬.୫ ମିଟର (ଯାହାକି ବନ୍ୟପ୍ରାଣୀ ମାନଙ୍କୁ ହତ୍ୟା କରିବାରେ ସହଯୋଗ କରୁଥିବା) ଇତ୍ୟାଦି ଜବତ ହୋଇଛି । ଏମାନେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ସଂଯୋଗ କରି ପାଟି ଡଙ୍ଗରରେ ବିଦ୍ୟୁତ୍ ସଂଯୋଗ କରୁଥିଲେ । ଗ୍ରାମବାସୀ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ । ରେଞ୍ଜର ଦେବଦତ୍ତ ସୂତାର, ଫରେଷ୍ଟର ଗୋପାଳ ମହାନନ୍ଦଙ୍କ ସହ ଅନେକ ବିଭାଗୀୟ କର୍ମଚାରୀ ପହଞ୍ଚି ଏମାନଙ୍କୁ ଗିରଫ କରିଥିଲେ ।

## ଭବାନୀପାଟଣା ଟାଉନ ଫୁଟବଲ୍ ଲିଗ ଉଦ୍‌ଘାଟିତ



ଭବାନୀପାଟଣା,୨୧।୮ (ସମିସ):ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଗୁରୁବାର ଷଷ୍ଠ ଭବାନୀପାଟଣା ଟାଉନ ଫୁଟବଲ ଲିଗ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିନରେ ମ୍ୟାଚ୍ ମାଣିକେଶ୍ୱରୀ ଫୁଟବଲ କ୍ଲବ୍ ଓ ମାରୋଡୋନା ଫୁଟବଲ କ୍ଲବ୍ ମଧ୍ୟରେ ହୋଇଥିଲା । ଖେଳ ସମାପ୍ତି ପର୍ଯ୍ୟନ୍ତ ଦୁଇଟି ଦଳ ଗୋଟିଏ ଗୋଟିଏ ଗୋଲ ଦେଇ ୧/୧ ପଏଣ୍ଟପାଇଥିଲେ । ଖେଳକୁ ନବୀନ କୁମାର ନାଏକ, ଛବିଲାଲ ନାଏକ,ମନୋରଞ୍ଜନ ମାଝୀ ଓ ଉଦ୍ଧବ ମାଝୀ ପ୍ରମୁଖ ପରିଚାଳନା କରିଥିଲେ । ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଅନାମ ନାଏକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା,ଓଡିଶା କ୍ରିକେଟ ଆସୋସିଏସନର ଉପସଭାପତି ତଥା ଜିଲା କ୍ରୀଡା ସଂସ୍ଥାର ସାଧାରଣ ସଂପାଦକ ଜଗମୋହନ ପଟ୍ଟନାୟକ, ସଂସ୍ଥାର ଉପସଭାପତି ରାମ କୁମାର ଜୈନ ଓ ଅର୍ଜୁନ କୁମାର ପଟ୍ଟନାୟକ, ଯୁଗ୍ମସଂପାଦକ କାଳି ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠି, କ୍ରିକେଟ ସମ୍ପାଦକ ସର୍ଦାର ସନ୍ତ ସିଂ, ଫୁଟବଲ ସଂପାଦକ ମହମଦ ଅବଦୁଲ କାଦିର,କୋଷାଧକ୍ଷ ସର୍ଦାର ନିର୍ମଲ ସିଂ, ଅନ୍ୟାନ୍ୟ ଖେଳ ସଂପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ,ରବି ପ୍ରସାଦ କାନୁନଗୋ, ସୁବାଷ ଚନ୍ଦ୍ର ପଣ୍ଡା, ଭିକାରୀ ଚରଣ ମିଶ୍ର, ବିପିନ ଚନ୍ଦ୍ର ମିଶ୍ର, ଅଜୟ ପଟ୍ଟନାୟକ,ସମ୍ଭୁ ପ୍ରସାଦ ରାଉତ, ପଙ୍କଜ କୁମାର ପଟ୍ଟନାୟକ, ପୁରନ୍ଦର ଭୋଇ, କୁଳମଣି ସାହୁ,ଭବାନୀ ଶଙ୍କର ପଟ୍ଟନାୟକ, ମହେନ୍ଦ୍ର କୁମାର ପଣ୍ଡା, ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁରେଶ ଗଉଡ, ଲଳିତ କୁମାର କାନୁନଗୋ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଟୁର୍ଣ୍ଣମେଣ୍ଟରେ ୭ ଟି ଦଳ ଭାଗ ନେଉଥିବା ବେଳେ ସେପ୍ଟେମ୍ବର ୮ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ।

## ଆଦିବାସୀଙ୍କୁ ଜୀବନ ଜୀବିକା ଯୋଗାଉଛି ବାଉଁଶ କରଡ଼ି

ପୋଡ଼ାଗଡ.୨୧।୮ (ସମିସ): ପୋଡ଼ାଗଡ ବୁଧବାର ହାଟ ଓ ଦଶମନ୍ତପୁରଦୈନିକ ବଯାର ଓ ଭିନ୍ନ ଅଞ୍ଚଳରେ ବିକ୍ରୀ ହୋଉଛି ବାଉଁଶ କରଡି । ପାଖପାଖ ଗାଁର ଆଦିବାସୀ ମହିଳା ମାନେ ଘଞ୍ଚ ଜଙ୍ଗଲରୁ ବାଉଁଶ କରଡି ତୋଳି ବିକ୍ରୀ କରନ୍ତି । ଆଦିବାସୀଙ୍କ ରୋଜଗାର ମାଧ୍ୟମ ସାଜିଛି ବାଉଁଶ କରଡ଼ି । ଅବିଭକ୍ତ କୋରାପୁଟ ଜିଲ୍ଲାର ଅଧୁଷିତ ଅଞ୍ଚଳ ଆଦିବାସୀ ମାନେ ମୁଖ୍ୟତଃ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ନିଜର ଜୀବିକା ଅର୍ଜନ କରିଥାନ୍ତି । ସେଥିମଧ୍ୟରୁ ବାଉଁଶ ଗଜା ବା କରଡ଼ି ଅନ୍ୟତମ । କୋରାପୁଟ ଜିଲ୍ଲାର ଏକ ସୁସ୍ୱାଦ୍ୟ ଖାଦ୍ୟ କରଡ଼ି ହୋଇଥିବା ବେଳେ ବର୍ଷା ଋତୁର ଆଗମନ ପରେ ଏହା ବଜାରକୁ ଆସିଥାଏ । ସାଧାରଣ ଲୋକଙ୍କ ପାଇଁ ଏହା ଏକ ସୁସ୍ୱାଦ ଖାଦ୍ୟ ହୋଇଥିଲେ ବି ଆଦିବାସିଙ୍କ ପାଇଁ ଏହା ଜୀବନ ଜୀବିକା ଓ ପରିବାର ପୋଷଣର ଏକ ମାଧ୍ୟମ । ଘଞ୍ଚ ଜଙ୍ଗଲ ଭରା ପାହାଡ଼ରୁ ବାଉଁଶ ବୁଦାରୁ ବାହାରି ରୋଷେଇ ଶାଳରେ ପହଞ୍ଚିଥାଏ ଏହି କରଡ଼ି । ଦଶମନ୍ତପୁର ଓ ପୋଡ଼ାଗଡ ଅଞ୍ଚଳର ଆଦିବାସୀ ମାନେ ଜଙ୍ଗଲକୁ ଯାଇ ସେଠାରେ ରହିଥିବା ବାଉଁଶ ବୁଦାରୁ ଏହାକୁ ସଂଗ୍ରହ କରିଥାନ୍ତି । ଏହାକୁ ଆଣି କୋରାପୁଟ ବଜାରରେ ବିକ୍ରି କରିଥାନ୍ତି । ପୂର୍ବରୁ କେବଳ ମହିଳା ମାନେ ଏହି ବ୍ୟବସାୟ କରୁଥିଲେ । କିନ୍ତୁ ଏବେ ଏହା ବଜାରରେ ଧୀରେ ଧୀରେ ଚାହିଦା ବଢ଼ିବା ପରେ ବର୍ତ୍ତମାନ ପୁରୁଷ ମାନେ ମଧ୍ୟ ଜଙ୍ଗଲ ଯାଇ ଏହା ସଂଗ୍ରହ କରୁଛନ୍ତି । ଏହି ବ୍ୟବସାୟ କରିବା ଫଳରେ ଦିନକୁ ପ୍ରାୟ ୫୦୦ ରୁ ୬୦୦ ଟଙ୍କା ଯାଏ ରୋଜଗାର ହେଉଥିବା କହିଛନ୍ତି ବିକ୍ରି କରୁଥିବା ଆଦିବାସି ମହିଳା । କରଡ଼ିର ଚାହିଦା ବି ବହୁ ପରିମାଣରେ ରହିଛି । ଏହା କେବେ ବଜାରକୁ ଆସିବ ଲୋକେ ଅପେକ୍ଷା କରି ରହିଥାନ୍ତି । ବର୍ଷା ଋତୁର ଆଗମନ ପରେ ଏହା ମିଳିଥାଏ । ଅନ୍ୟ ପରିବା ଠାରୁ ଏହାର ସ୍ୱାଦ କିଛି ଅଲଗା । ଏଥିରେ ତାରକାରୀ, ଭଜା ପରି ଅନେକ ଖାଦ୍ୟ ପ୍ରସ୍ତୁତ କରାଯାଏ । ଏହି କାରଣରୁ ଲୋକେ ଏହାକୁ ଅତି ଆଦରର ସହ କିଣି ନେଇଥାନ୍ତି । ବାଉଁଶ କରଡ଼ି ଏକ ସୁସ୍ୱାଦ୍ୟ ଖାଦ୍ୟ ସହ ରୋଗ ପ୍ରତିରୋଧକ ଶକ୍ତି ରହିଛି । କରଡ଼ି ଖାଇବା ଦ୍ୱାରା ଡାଇବେଟିସ, ରକ୍ତଚାପ, କୋଲେଷ୍ଟ୍ରଲ ଭଳି ଅନେକ ପ୍ରକାର ରୋଗ ନିୟନ୍ତ୍ରଣରେ ରହିଥାଏ । ଆଦିବାସୀଙ୍କ ଜୀବିକା ଉପାର୍ଜନ ଓ ପରିବାର ପୋଷଣରେ ଏହି କରଡି ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସହିତ ଏବେ ସହରୀ ଲୋକେ ଏହାକୁ ଖୁବ୍ ପସନ୍ଦ କରୁଛନ୍ତି ।

### ଜୟନଗର ରାସ୍ତା ନିର୍ମାଣରେ ବିଳମ୍ବ

# ଲୋକେ ହନ୍ତସନ୍ତ; ୨୩ରେ ବିଜେଡିର ଆନ୍ଦୋଳନ



ଜୟପୁର,୨୧।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଜୟନଗର ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଶୋଚନୀୟ । ଏହାର ନିର୍ମାଣ କାର୍ଯ୍ୟରେ ବିଳମ୍ବ ନେଇ ବିଜେଡି ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଜୟନଗର ସ୍ଥିତ ଏକ କଲ୍ୟାଣ ମଣ୍ଡପ ଠାରେ କରାଯାଇଛି । ଜୟନଗର ଅଞ୍ଚଳକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ନିର୍ମାଣରେ ବିଳମ୍ବ ଏବଂ ଦୂରାବସ୍ଥା ନେଇ ଏହି ଅଞ୍ଚଳର ଲୋକମାନେ ଏକ ବନ୍ଦୀ ଭାବେ ରହିଛନ୍ତି । ତେଣୁ ସ୍ଥାନୀୟ ବାସିନ୍ଦା ମାନେ ଅସନ୍ତୋଷ ପ୍ରକଟ କରିଛନ୍ତି । ତେଣୁ ଆସନ୍ତା ଶନିବାର ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ବିଜେଡି ଦଳ ଏବଂ ସ୍ଥାନୀୟ ବାସିନ୍ଦା ମାନେ ମିଳିତ ଭାବେ ସ୍ଥାନୀୟ ଜୟନଗର ଛକ ଠାରେ ରାସ୍ତା ଅବରୋଧ ଏବଂ ଧାରଣା ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି । ଜୟନଗରକୁ ସଂଯୋଗ କରୁଥିବା ଲକ୍ଷ୍ମୀପଣ୍ଡା ଛକ ଠାରୁ ପଞ୍ଚାନନ ମନ୍ଦିର ଛକ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟ ୪ ଥାକିଆ ରାସ୍ତା ନେଇ ୧୪ କୋଟି ଟଙ୍କାର ନିର୍ମାଣ ଆରମ୍ଭ ଗତ ଏକ ବର୍ଷ ପୂର୍ବରୁ ଟେଣ୍ଡର ମାଧ୍ୟମରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ୧୧ ମାସର ଟେଣ୍ଡର ଅବଧି ଶେଷ ହୋଇଥିଲେ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ମାତ୍ର ୨୦ ପ୍ରତିଶତ ଶେଷ ହୋଇଛି । ଏହିପରି ମନ୍ଥର ଗତିରେ କାର୍ଯ୍ୟ ଚାଲିଲେ ଏହା ଶେଷ ହେବାକୁ ଆଉ ୨ ବର୍ଷ ଲାଗିଯିବ ବୋଲି ଅଭିଯୋଗ କରିଛନ୍ତି . । ତେଣୁ ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ତିବ୍ରତା ଆଣିବା ସହ ଶେଷ କରାଯାଇ କେବଳ ଜୟନଗର ବାସିନ୍ଦା ସମେତ ଏହିରାସ୍ତା ଦେଇ ଯାତାୟାତ ଉପରେ ନିର୍ଭର କରୁଥିବା ପ୍ରାୟ ୪ରୁ ୫ ଗ୍ରାମପଞ୍ଚାୟତ ଏବଂ ପଡୋଶୀ ବୈରାରୀଗୁଡା ଏବଂ କୁନ୍ଦୁରା ବ୍ଲକର ବାସିନ୍ଦା ମାନେ ଆଶ୍ୱସ୍ତ ହୋଇପାରିବେ । ଏହିପରି ପଞ୍ଚାନନ ମନ୍ଦିର ଛକ ନିକଟରୁ ଲକ୍ଷ୍ମୀପଣ୍ଡା ଛକ ଏବଂ ଜୟନଗର ଛକ ଠାରୁ ଭୂତନାଥ ମନ୍ଦିର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ କରୁଥିବା ଦୁଇଟି ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଦାୟୀତ୍ୱରେ ରହିଥିବା ଯନ୍ତ୍ରୀ ମାନଙ୍କ ବିରୋଧରେ ମଧ୍ୟ ସରକାରୀ ନିୟମ ଅନୁଯାୟୀ ପଦକ୍ଷପ ଗ୍ରହଣ କରିବାକୁ ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦ ଦାବି କରିଛନ୍ତି । ଏହିପରି ରାସ୍ତାର ଉଚ୍ଚକା ବୃଦ୍ଧି କରାଯାଇଛି । ତେଣୁ ତୁରନ୍ତ ରାସ୍ତା ପାଶ୍ୱର୍ରେ ଡ୍ରେନ ନିର୍ମାଣ କରାଯାଉ ଅନ୍ୟଥା ବର୍ଷା ଓ ଡ୍ରେନ ଜଳ ଘର ଏବଂ ଅପରପକ୍ଷରେ ଜଗନ୍ନାଥ ସାଗରରେ ପ୍ରବେଶ କରିବାର ଆଶଙ୍କା ଦେଖାଦେଇଛି । ଏହି ଅବସରରେ ଜୟପୁର ପୌର ଉପାଧକ୍ଷା ତଥା ବିଜେଡି ନେତ୍ରୀ ବି.ସୁନିତା କହିଛନ୍ତି ଯେ, ଜୟପୁର କାଉନସିଲ ବୈଠକରେ ମଧ୍ୟ ଏହି ରାସ୍ତା ବିଳମ୍ବ ନେଇ ଉଦବେଗ ପ୍ରକାଶ କରାଯାଇ ଏକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଏବଂ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କିନ୍ତୁ ପ୍ରଶାସନ ପକ୍ଷରୁ ବିଭାଗିୟ ଯନ୍ତ୍ରୀ ଏବଂ ଠିକାଦାରଙ୍କୁ ତୁରନ୍ତ ଶେଷ ନେଇ ଚାପ କରାଯାଇଥିଲା । କିନ୍ତୁ ଜୟପୁରରେ ବର୍ଷା ଜାରୀ ରହିଥିବା ଯୋଗୁଁ କାର୍ଯ୍ୟରେ ବିଳମ୍ବ ନେଇ ମଧ୍ୟ ପ୍ରଶାସନିକ ଅଧିକାରୀ ମାନେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କାଉନସିଲର ଅଜିତ ବେହେରା, ବରିଷ୍ଠ ବିଜେଡି ନେତା ବାଲା ରାୟ, ହର ପ୍ରସାଦ ମିଶ୍ର, ମହେନ୍ଦ୍ର ଅଧିକାରୀ ଏବଂ ବିଜେଡି ବନ୍ଦ ଡାକରାକୁ ସମର୍ଥନ ଜଣାଇଥିବା ସ୍ଥାନୀୟ ବାସିନ୍ଦା ଟିକୁ ପାଣିଗ୍ରାହୀ ଏବଂ ନାଗେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଖୋଜ ନାବାଳକର ମୃତଦେହ ଉଦ୍ଧାର

ଗୁଣୁପୁର, ୨୧।୮ (ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ ଅନ୍ତର୍ଗତ ପୁଟାସିଂ ଥାନା ଅଧୀନସ୍ଥ ଟିଟିମିରି ଗ୍ରାମ ପଞ୍ଚାୟତ ଜଙ୍ଗଜଙ୍ଗପୁର ମୁଣ୍ଡା ଗ୍ରାମ ନିକଟରେ ଥିବା ମହେନ୍ଦ୍ରତନୟା ନଦୀରେ ଗତକାଲି ଠାରୁ ନିଖୋଜ ଥିବା ନାବାଳକ ଜସ୍ତିନ ଶବରର ମୃତଦେହ ଉଦ୍ଧାର ହୋଇଛି । ଆଜି ଗ୍ରାମବାସୀ ଓ ଗୁଣୁପୁର ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି କରିବା ପରେ ନାବାଳକର ଶବ ନଦୀରୁ ଉଦ୍ଧାର ହୋଇଛି । ବାପା ପିତ ଶବର ଓ ମା ଲଇନି ଶବର ଚାଷ କାମ ପାଇଁ ଯାଇଥିବା ବେଳେ ନାବାଳକ ତାଙ୍କ ପାଖକୁ ଯିବା ପାଇଁ ନଦୀ ଭିତରକୁ ଓହ୍ଲାଇଥିବା ପରିବାର ପକ୍ଷରୁ କୁହାଯାଇଛି । ନାବାଳାକର ଶବକୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ପୁଟାସିଂ ପୁଲିସ ।

## ଜିଲ୍ଲା ସାମ୍ବାଦିକ ସଂଘର ଜରୁରୀ ବୈଠକ




ସେମିଳିଗୁଡା, ୨୧।୮ (ସମିସ): ସାମ୍ବାଦିକଙ୍କୁ ପୋଲିସର ଦୁର୍ବ୍ୟବହାର ଘଟଣାକୁ ନେଇ ଜିଲ୍ଲା ସାମ୍ବାଦିକ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । କୋରାପୁଟ ଜିଲ୍ଲାର ସେମିଳିଗୁଡା ତହସିଲ କର୍ତ୍ତୃପକ୍ଷଙ୍କ ଅଦାଲତ ଅବମାନନା ଘଟଣାର ଖବର ପ୍ରସାରଣ ପରେ ଦୁଇ ସାମ୍ବାଦିକ ପୋଲିସର ଆକ୍ରୋଶର ଶିକାର ହେବା, ସାମ୍ବାଦିକ ମାନେ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ, ଡିଆଇଜି କୋରାପୁଟଙ୍କୁ ଭେଟି ଅଭିଯୋଗ ଘଟଣାକୁ ଅଭିଯୋଗ କରିଥିଲେ । ଏହି ଘଟଣା କୁ ନେଇ ବୁଧବାର ସନ୍ଧ୍ୟା ରେ ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର ଏକ ଜରୁରୀ ବୈଠକ ସେମିଳିଗୁଡା ସ୍ଥିତ ଏକ ହୋଟେଲ ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ଶଶଧର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ଉପଦେଷ୍ଟା ଅଜୟ ସାହୁ, ଜାତୀୟ ପ୍ରେସ କାଉନସିଲ୍ ସଦସ୍ୟ ଦିଲ୍ଲୀପ କୁମାର ମହାନ୍ତି,ସହ ସମ୍ପାଦକ ଶରତ କୁମାର ଧଳ , ତୁଷାର କାନ୍ତ ମହାନ୍ତି, ଅମିତାଭ ବେହେରା, କୁରୁମା ରାଓ, ଙ୍କ ସମେତ ଜିଲାର , ଲକ୍ଷ୍ମୀପୁର, ପଟାଙ୍ଗି, ନନ୍ଦପୁର, ସେମିଳିଗୁଡା, ସୁନାବେଡା, କୋରାପୁଟ, ଦାମନଯୋଡି ଅଞ୍ଚଳର ବହୁ ସଂଖ୍ୟକ ସାମ୍ବାଦିକ ଉପସ୍ଥିତ ଥିଲେ । ବୈଠକରେ ଉପସ୍ଥିତ ଦୁଇ ସାମ୍ବାଦିକ କୃତିବାସ ପ୍ରଧାନ ଓ ବାସୁଦେବ ବରାଡଙ୍କୁ ସୁନାବେଡା ଏସଡିପିଓ ସେମିଳିଗୁଡା ଥାନାକୁ ଡାକି କିଭଳି ଅପଦସ୍ତ କରିଥିଲେ ସେ ସମ୍ପର୍କରେ ଉପସ୍ଥାପନ କରିଥିଲେ । ଅନ୍ୟ ପକ୍ଷରେ ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବିଭିନ୍ନ ପ୍ରକାର ହଇରାଣ ହରକତ କରାଯାଉଥିବା ଅଭିଯୋଗ କରିଥିଲେ । ଯାହାକୁ ଶୁଣି ଉପସ୍ଥିତ ସାମ୍ବାଦିକମାନେ ନିନ୍ଦା କରିବା ସହ ସାମ୍ବାଦିକଙ୍କ ପ୍ରତି ଯଦି ପୋଲିସର ଏଭଳି ବ୍ୟବହାର, ତାହେଲେ ସାଧାରଣ ଜନତାଙ୍କ ପ୍ରତି କିଭଳି ବ୍ୟବହାର ଥିବ ବୋଲି ପ୍ରଶ୍ନ କରିଥିଲେ । ପୋଲିସ ଓ ସାମ୍ବାଦିକଙ୍କ ମଧ୍ୟରେ ଏଭଳି କଟୁ ସମ୍ପର୍କ ସମାଜ ପାଇଁ ହିତକର ନୁହେଁ ବୋଲି ମତ ବ୍ୟକ୍ତ କରିଥିଲେ । ସଭାପତି ଶ୍ରୀ ରାଉତ ଓ ଉପଦେଷ୍ଟା ଶ୍ରୀ ସାହୁ ସାମ୍ବାଦିକଙ୍କ ପ୍ରତି ପୋଲିସର ଏତାଦୃଶ ଆଚରଣର ଘୋର ନିନ୍ଦା କରିଥିଲେ । ଆଗାମୀ ଦିନରେ ସାମ୍ବାଦିକଙ୍କ ପ୍ରତି ଏସଡିପିଓଙ୍କ ଆଚରଣରେ ଯଦି ସୁଧାର ନ ଆସେ ତେବେ ଜିଲ୍ଲା ସାମ୍ବାଦିକ ସଂଘ ଏହାର ଦୃଢ ପ୍ରତିବାଦ ସହ ରାଜ୍ୟସ୍ତରୀୟ ଆନ୍ଦୋଳନ କରିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଆଗାମୀ ଦିନର କାର୍ଯ୍ୟ ପନ୍ଥା ପାଇଁ ଜିଲ୍ଲାସ୍ତରରେ ଜିଲ୍ଲା ସଭାପତି ଶଶଧର ରାଉତଙ୍କ ନେତୃତ୍ୱରେ ଅଜୟ ସାହୁ, ଦିଲିପ୍ ମହାନ୍ତି, ଅମିତାଭ ବେହେରା ଓ ତୁଷାର କାନ୍ତ ମହାନ୍ତି ଙ୍କୁ ନେଇ ଏକ ୫ ଜଣିଆ ଉପ କମିଟି ଗଠନ କରାଯାଇଛି ।

## ସବୁ ୱାର୍ଡ ରାସ୍ତାର ଉନ୍ନତି ପାଇଁ ଦୃଷ୍ଟି ଆକର୍ଷଣ



ସେମିଳିଗଡ଼ା, ୨୧।୮ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦର ୨୫ଟି ୱାର୍ଡ ରାସ୍ତାର ଉନ୍ନତି ଦିଗରେ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର କାର୍ଯ୍ୟ କରୁଥିବା କହିଛନ୍ତି । ସେମିଳିଗୁଡା ସହରରେ ଥିବା ୧୮ ନମ୍ବର ୱାର୍ଡରେ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏହି ଅବସରରେ ସେମିଳିଗୁଡା ସହରର ଉନ୍ନତି ତାଙ୍କ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ରାଜେନ୍ଦ୍ର ମତ ପ୍ରକାଶ କରିଥିଲେ । ୧୮ ୱାର୍ଡ କାଉନସିଲର ମମତା ରାୟଙ୍କ ଅଧ୍ୟକ୍ଷତାରେ ପୌର ପରିଷଦ ଏମଇ ମନୋଜ ପାତ୍ର, ଜେଇ ଅରୁଣ ନାୟକ ପ୍ରମୁଖ ଉପସ୍ଥିତି ଥିଲେ । ମଙ୍ଗଳା ମା' ମନ୍ଦିର ସାହି ରାସ୍ତା ଏବଂ ବିଜୟ ମହାରଣାଙ୍କ ଅଞ୍ଚଳ ରାସ୍ତାର ଉନ୍ନତି କରିବା ପାଇଁ ଭୂମି ପୂଜନ କରିଥିଲେ । ବହୁତ୍ ଦିନର ସମସ୍ୟା ସମାଧାନ କରିଥିବାରୁ ଉକ୍ତ ଅଞ୍ଚଳର ଲୋକେ ପୌର ପରିଷଦ ଅଧ୍ୟକ୍ଷ ଓ କାଉନସିଲରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଙ୍ଗନବାଡି କର୍ମୀଙ୍କ କାର୍ଯ୍ୟକୁ ପ୍ରଶଂସା



ନନ୍ଦପୁର,୨୧।୮ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ହିଁକିମପୁଟ ଗ୍ରାମପଞ୍ଚାୟତ ଅଧୀନ ଲୁଜିଙ୍ଗ ଅଙ୍ଗନବାଡି କେନ୍ଦ୍ରର ଦିଦି ସ୍ନେହମୟୀ ଦାସ ତାଙ୍କ କାର୍ଯ୍ୟ ପାଇଁ ବ୍ଲକଠାରୁ ଜିଲ୍ଲା ଓ ରାଜ୍ୟସ୍ତରରେ ସମ୍ମାନିତ ହୋଇ ସାରିଛନ୍ତି । ନିକଟରେ ଲୁଜିଙ୍ଗ ଗ୍ରାମର ୨୦ରୁ ଅଧିକ ବରିଷ୍ଠ ନାଗରିକ ତଥା ବୁଢ଼ାବୁଢ଼ୀଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରି ଆର୍ଶୀବାଦ ଭିକ୍ଷା କରିଛନ୍ତ । ଏହି ଅବସରରେ ଗ୍ରାମର ସମସ୍ତ ବରିଷ୍ଠ ନାଗରିକଙ୍କ ଆଖିରେ ଆନନ୍ଦର ଲୁହ ଝରି ଆସିଥିଲା । ବରିଷ୍ଠ ନାଗରିକ ମାନେ କହିଛନ୍ତି, ବହୁତ୍ ବର୍ଷ ପୂର୍ବେ ଆମ ଗାଁକୁ ସେ ଦିଦି ହୋଇ ଆସିଲେ । ଆଉ ଏବେ ସେ ସମସ୍ତଙ୍କର ଝିଅ ହୋଇଗଲେଣି । ସମାଜସେବା ପାଇଁ ତାଙ୍କୁ ଏବେ ସମସ୍ତେ ପ୍ରଶଂସା କରୁଛନ୍ତି ।

## ଶିଶୁ ସୁରକ୍ଷା ଆଇନ ସମ୍ପର୍କୀତ ସମନ୍ୱୟ ସଭା

ନବରଙ୍ଗପୁର,୨୧।୮ (ସମିସ): ନବରଙ୍ଗପୁର ଜିଲ୍ଲା ପ୍ରଶାସନଙ୍କ ଅଧୀନରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ ସମନ୍ୱୟ ସଭା ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । ଏହି ସଭାକୁ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଉଦ୍ଘାଟନ କରିଥିଲେ । ସଭାର ମୂଳ କେନ୍ଦ୍ରବିନ୍ଦୁ ଥିଲା ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ । ଶିଶୁମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଆଇନ ୨୦୧୨ ପୋକ୍ସ, କିଶୋର ନ୍ୟାୟ (ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ ଏବଂ ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ ଅଧିନସ୍ଥ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ଏବଂ ବାଲ୍ୟ ବିବାହ ସୂଚନା ଅଧିକାରୀଙ୍କ ଦାୟିତ୍ୱର ସଫଳ ପ୍ରୟୋଗ । ଏହି ଚାରୋଟି ଆଇନ ଭାରତର ଶିଶୁ ସୁରକ୍ଷା ବ୍ୟବସ୍ଥାର ମୂଳ ଭିତ୍ତି, ଯାହାକୁ ଜିଲ୍ଲା ସ୍ତରରେ ଆହୁରି ଶକ୍ତିଶାଳୀ କରିବା ନେଇ ଆଲୋଚନା ହୋଇଥିଲା । ଜିଲ୍ଲାପାଳ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା, ଶିକ୍ଷା ଓ ସମ୍ମାନ ଦିଆଯିବା ଆବଶ୍ୟକ, ସମସ୍ତଙ୍କ ମିଳିତ ଉଦ୍ୟମରେ ଆମେ ଭୟ ଓ ଶୋଷଣମୁକ୍ତ ପରିବେଶ ଶିଶୁଙ୍କ ପାଇଁ ଗଢ଼ି ପାରିବା ବୋଲି ଜିଲ୍ଲାପାଳ ଡ. ସ୍ୱାଇଁ କହିଥିଲେ । ଏହି ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହ୍ନର, ମଳୟ ମିଶ୍ର, ଏଡିଏମଓ, ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇସର, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ, ଶିକ୍ଷା ବିଭାଗ, ଚାଇଲ୍ଡ ହେଲ୍ପ ଲାଇନ, ବିଭିନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତା, ସଖି ସେଣ୍ଟରର କର୍ମକର୍ତା, ଡିସିପିୟୁ ପ୍ରୋବେସନ ଅଫିସର କିଶୋର ମାର୍ଥା, ସମରେନ୍ଦ୍ର ପରିଡା, କିଷାନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ ।

## ରକ୍ତଦାତ୍ରୀ ସମ୍ମାନିତ

ସେମିଳିଗୁଡା, ୨୧।୮ (ସମିସ): ରକ୍ତଦାନ କ୍ଷେତ୍ରରେ ଚର୍ଚ୍ଚାରେ ରହି ଆସୁଥିବା ସେମିଳିଗୁଡାର ବରିଷ୍ଠ ରକ୍ତଦାତ୍ରୀ, ପ୍ରବର୍ତ୍ତିକା, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ରଙ୍କୁ ସ୍ୱାଧୀନତା ଦିବସ ଅବସରରେ ମଧ୍ୟ ପ୍ରଦେଶର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡିଗ୍ନିଟି ଜଷ୍ଟିସ ଫର ହ୍ୟୁମାନ ରାଇଟ୍ସ ଫାଉଣ୍ଡେସନ ଓ ଜୟ ମହାରାଣା ରକ୍ତଦାନ ସମୂହ ଭାରତ ମଧ୍ୟ ପ୍ରଦେଶ ତରଫରୁ ଶ୍ରୀମତୀ ମିଶ୍ରଙ୍କୁ ରକ୍ତବୀର ସମ୍ମାନରେ ସମ୍ମାନିତ କରାଯାଇଛି । ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲ୍ଲାରେ ମଧ୍ୟ ତାଙ୍କୁ ସମ୍ମାନିତ କରାଯାଇଥିଲା । ଜାତୀୟସ୍ତରରେ ସ୍ନିଗ୍ଧାରାଣୀ ମିଶ୍ର ବହୁଥର ପୁରସ୍କୃତ ହୋଇଛନ୍ତି ।

## ଯୁକ୍ତ ଦୁଇ ବିଜ୍ଞାନ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ସୁନାବେଡ଼ା,୨୧।୮ (ସମିସ): ସୁନାବେଡ଼ା ପୌରାଞ୍ଚଳ ସ୍ଥିତ ସୁନାବେଡ଼ା -୧ ଠାରେ ଥିବା ଅନୁସୂଚିତ ଜାତି, ଜନଜାତି , ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ରଶ୍ମି କିରଣ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେମିଳିଗୁଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହର ପ୍ରସାଦ ଦାସ ଯୋଗ ଦେଇଥିଲେ । ପ୍ରଥମ ବର୍ଷ ବିଜ୍ଞାନ ଛାତ୍ର ଛାତ୍ରୀଙ୍କୁ ଫୁଲ , ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ମମତା ପାତ୍ର , ଅଧ୍ୟାପିକା ଶାଳିନୀ ଡୁଙ୍ଗଡୁଙ୍ଗ, ଇସାନୀ ବେହେରା, ଅଧ୍ୟାପକ ଅଚ୍ୟୁତାନନ୍ଦ ସ୍ୱାଇଁ ଓ ତୁଷାର କାନ୍ତ ଭୂଜବଳ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ନୃତ୍ୟ, ସଙ୍ଗୀତ ଆଦି ପରିବେଷଣ କରିଥିଲେ । ବରିଷ୍ଠ ଅଧ୍ୟାପିକା ଶାଳିନୀ ଡୁଙ୍ଗଡୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଡିଓଙ୍କ ବାଲିଆଗାଁ ପରିଦର୍ଶନ; ବୁଲି ଦେଖିଲେ ଉନ୍ନୟନ କାର୍ଯ୍ୟ



ନନ୍ଦପୁର, ୨୧।୮ (ସମିସ): କୋରାପୁଟ ସିଡିଓ ବେଣୁଧର ଶବର ଗୁରୁବାର ନନ୍ଦପୁର ବ୍ଲକ ଗସ୍ତ କରି ବ୍ଲକ ଅନ୍ତର୍ଗତ ବିଳାପୁଟ, ବାଡେଲ ଗ୍ରାମ ପଞ୍ଚାୟତର ମନରେଗା ଅନ୍ତର୍ଗତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିବା ସହ ଦୁଇ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସିଡିଓ ଶ୍ରୀ ଶବର ତୁରନ୍ତ କାର୍ଯ୍ୟ ଗୁଡ଼ିକ ଶେଷ କରିବା ସହ ଆବାସ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସିଡିଓଙ୍କ ଏହି ଗସ୍ତ ସମୟରେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ସମେତ, ଏଇଇ ଯଶକେତନ ବେହେରା, ପୋଗ୍ରାମ ମ୍ୟାନେଜର ଗୌରୀ ଶଙ୍କର ସାହୁ, ପ୍ରକଳ୍ପ ପବିତ୍ର କୁମାର୍ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ ।

## ଲକ୍ଷ୍ମୀପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଲକ୍ଷ୍ମୀପୁର, ୨୧।୮ (ସମିସ): ଲକ୍ଷ୍ମୀପୁର ମହାବିଦ୍ୟାଳୟର ୩୬ତମ ପ୍ରତିଷ୍ଠା ଦିବସକୁ ଏହି ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ପ୍ରମୋଦ କୁମାର ପଟ୍ଟନାୟକଙ୍କ ସ୍ମୃତିଚାରଣ ନିମନ୍ତେ ଶ୍ରଦ୍ଧାଞ୍ଜଳି ଦିବସ ରୂପେ ଯୁକ୍ତ ଦୁଇ ଅଧକ୍ଷ ପ୍ରଧାପକ ଗିରିଜା କୁମାର ଚୌଧୁରୀ ଏବଂ ଯୁକ୍ତ ତିନି ଅଧକ୍ଷ ବିଜୁ ମୁଦୁଲିଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଥିଲା । ୧୯୯୦ ମସିହା ଅଗଷ୍ଟ ମାସ ୨୦ ତାରିଖରେ ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଏହା ଆରମ୍ଭ ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ସାଂସଦ ଝିନ ହିକକା ସ୍ୱର୍ଗତ ପଟ୍ଟନାୟକଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ତଥା ଲକ୍ଷ୍ମୀପୁରର ବର୍ତ୍ତମାନ ବିଧାୟକ ପବିତ୍ର ସାଉନ୍ତା ମଧ୍ୟ ପ୍ରତିଷ୍ଠାତା ସଭାପତିଙ୍କ ଲକ୍ଷ୍ମୀପୁର ଅଞ୍ଚଳ ପାଇଁ ଆନ୍ତରିକତା ଓ ଆଦରକୁ ଭୂୟଶୀ ପ୍ରଶଂସା କରିବା ସହ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରତି ତାଙ୍କ ଅବଦାନର ସୀମା ନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଅବସରପ୍ରାପ୍ତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତଥା ପ୍ରତିଷ୍ଠାତା ସଦସ୍ୟ ମୋହନ ଗରଡା , ଯୁକ୍ତ ତିନି ଅଧକ୍ଷ ଶ୍ରୀ ବିଜୁ ମୁଦୁଲି ଏବଂ ଅବସରପ୍ରାପ୍ତ ଶିକ୍ଷକ ମାଧବ କର୍କରା ମଧ୍ୟ ସ୍ୱର୍ଗତ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ କହିଥିଲେ । ହରେକୃଷ୍ଣ ସାହୁ, ସାଂସଦ ପ୍ରତିନିଧି କୈଳାସ ଖୋସଲା, ଡଃ ଦେବେଶ ଚନ୍ଦ୍ର ବେହେରା, ଓ ଅନ୍ୟ ଅତିଥି ମାନେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଅନ୍ୟାନ୍ୟ କର୍ମଚାରୀ, ସାମ୍ବାଦିକ ବନ୍ଧୁଗଣ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଅଧାପକ ଡ. ଜଗନ୍ନାଥ ରଥ ପରିଚାଳନା କରିଥିଲେ । ଶେଷରେ ଅଧାପିକା ସୁଶ୍ରୀ ତିଲୋତ୍ତମା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ପଦ୍ମପୁରକୁ ଏନ୍ଏସି ମାନ୍ୟତା ଦାବି

# ବିଧାୟକଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ



ଗୁଣୁପୁର, ୨୧।୮ (ସମିସ): ରାଜ୍ୟ ସରକାର ପଦ୍ମପୁରକୁ (ଏନ୍ଏସି) ମାନ୍ୟତା ଘୋଷଣା କରିବା ପାଇଁ ବିଧାୟକଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ଏନ୍ଏସି ମାନ୍ୟତା ନେଇ ସଂକ୍ଷିପ୍ତ ତାଲିକା ଘୋଷଣା କରିବା ପରେ ପଦ୍ମପୁରେ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହି ତାଲିକାରେ ରାୟଗଡ଼ା ଜିଲ୍ଲା ପଦ୍ମପୁରକୁ ବାଦ ଦିଆଯାଇଛି । ୨୦୧୧ ସେନ୍ସେକ୍ସରେ ଲୋକସଂଖ୍ୟା ଅନୁଯାୟୀ ପଦ୍ମପୁରକୁ ଏନଏସି ମାନ୍ୟତା ପାଇଁ ପୂର୍ବ ସରକାରଙ୍କ ଅମଳରେ ସର୍ଭେ ହୋଇଥିଲା । ସେହି ସମୟରେ ଜନସଂଖ୍ୟ ଅଧିକା ରହିଥିବା ଏବଂ ପଦ୍ମପୁର ଏନ୍ଏସି ମାନ୍ୟତା ପାଇବା ଯୋଗ୍ୟ ବୋଲି କୁହାଯାଇଥିଲା । କିନ୍ତୁ ବର୍ତ୍ତମାନ ସରକାର ଯେଉଁ ତାଲିକା ଘୋଷଣା କଲେ, ସେଥିରୁ ପଦ୍ମପୁରକୁ ବାଦ୍ ଦିଆଯାଇଛି । ଏଣୁ ଆଜି ଗୁଣୁପୁର ନିର୍ବାଚନ ମଣ୍ଡଳିର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ଧୁଦାଲ ଅଭିଶେକ ଦିଲିପ୍‌ଙ୍କୁ ଭେଟି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସମୟରେ ରମେଶ ଚନ୍ଦ୍ର ପଣ୍ଡା, ଜଗନ୍ନାଥ ପାଣିଗ୍ରାହୀ, ଉଦୟ ଚନ୍ଦ୍ର ସାହୁ, ରାଜୀବ ଲୋଚନ ସାହୁ, ଅନିଲ ଚୌଧୁରୀ ଉପସ୍ଥିତ ଥିଲେ । ବିଧାୟକ ସତ୍ୟଜିତ୍ ଗମାଙ୍ଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନଗର ଉନ୍ନୟନ ମନ୍ତ୍ରୀ ଓ ସଚିବଙ୍କୁ ସାକ୍ଷାତ କରି ଦାବି ଜଣାଇବେ ବୋଲି ବିଧାୟକ କହିଛନ୍ତି । ଦାବିମୁତାବକ ସରକାର କୌଣସି ପଦକ୍ଷେପ ଗ୍ରହଣ ନକଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି ପଦ୍ମପୁର ଗ୍ରାମବାସୀ । ସୂଚନାଯୋଗ୍ୟ, ରାୟଗଡ଼ା ଜିଲ୍ଲାରେ ପଦ୍ମପୁର ଏକ ବାଣିଜ୍ୟ ଓ ବ୍ୟବସାୟର ପେଣ୍ଠସ୍ଥଳୀ ଅଟେ । ଏବଂ ଗମନାଗମନ ପାଇଁ ମଧ୍ୟ ସମସ୍ତ ପ୍ରକାର ସୁବିଧା ରହିଛି । ଭୁବନେଶ୍ୱର ଠାରୁ ଜୟପୁର ଓ ମାଲକାନଗିରି ଯାଉଥିବା ସମସ୍ତ ଯାନବାହାନ ପଦ୍ମପୁର ଦେଇ ଯାତାୟତ କରିଥାଏ ଏବଂ ସମସ୍ତ ପ୍ରକାର ଆନୁସାଙ୍ଗୀକ ସୁବିଧା ସୁଯୋଗ ଥାଇ ମଧ୍ୟ ଏନ୍ଏସି ମାନ୍ୟତା ନ ପାଇବା ଦୁର୍ଭାଗ୍ୟର ବିଷୟ ବୋଲି ପଦ୍ମପୁରବାସୀ କହିଛନ୍ତି ।

## ଅମଲାଙ୍କ ଆନ୍ଦୋଳନ ୧୧ ଦିନରେ



ଉମରକୋଟ,୨୧।୮ (ସମିସ): ଆଜିକୁ ଦୀର୍ଘ ୧୧ ଦିନ ହେଲା ଅମଲା ମାନେ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନରେ ବସିଛନ୍ତି । ଫଳରେ ବିଭିନ୍ନ କାମ ପାଇଁ ଆସୁଥିବା ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ଉମରକୋଟ ତହସିଲ କାର୍ଯ୍ୟାଳୟ ଠାରେ କାମ ଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉମରକୋଟ ତହସିଲ କାର୍ଯ୍ୟାଳୟରେ ଅମଲାଙ୍କ ଆନ୍ଦୋଳନ ଯୋଗୁଁ କିଛି ବିଭାଗର ଅଫିସରେ ତାଲା ଝୁଲୁଥିବା ବେଳେ ଆଉକିଛି ବିଭାଗର ଅଫିସ ରୁମ ଖୋଲା ଅଛି । କିନ୍ତୁ ଚେୟାର ଖାଲି ପଡିଛି । ଉମରକୋଟ ବ୍ଲକ ସେମଳା ପଞ୍ଚାୟତ ବଡ଼ବାସନି ଗ୍ରାମର ଶୁକଚାନ୍ଦ ଶବର ନିଜ ଜମିର ପଟା ପାଇଁ ଦରଖାସ୍ତ ଆବେଦନ କରିବାକୁ ଉମରକୋଟ ତହସିଲ କାର୍ଯ୍ୟାଳୟକୁ ୪ ଦିନ ହେଲା ବାରମ୍ବାର ଆସି ହଇରାଣ ହେବା ସହ ଖର୍ଚ୍ଚାନ୍ତ ହେଉଥିବା ପ୍ରକାଶ କରିଛନ୍ତି । ସେହି ପରି ବେହେଡା ନିକଟସ୍ଥ ଶିରାଗୁଡା ଗ୍ରାମର କୋମଳ ଲୋଚନ ମାଝି ନିଜ ପୁଅ ଜନ୍ମ ସାର୍ଟିଫିକେଟ ପାଇଁ ଚାରିରୁ ପାଞ୍ଚ ଥର ହେଲା ଆସିଲିଣି ଉମରକୋଟ ତହସିଲ ଅଫିସକୁ ଆସୁଛନ୍ତି । କିନ୍ତୁ ଅମଲାମାନଙ୍କ ଆନ୍ଦୋଳନ ଯୋଗୁଁ ନିରାଶ ହୋଇ ଘରକୁ ଫେରୁଥିବା ପ୍ରକାଶ କରିଛନ୍ତି । ସେହିଭଳି ଉମରକୋଟ, ରାଇଘର, ଡାବୁଗାଁ, ଝରୀଗାଁ ବ୍ଲକର ପ୍ରାୟ ୭୦ରୁ ୮୦ ଅମଲା କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ କରି ସମୂହ ଛୁଟିରେ ରହିବା ସହ ଉମରକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଲୋକେ ହଇରାଣ ଘଟଣାକୁ ନେଇ ଅମଲା ସଂଘ ଦୁଃଖ ପ୍ରକାଶ କରିବା ସହ ଆମେ ପ୍ରତ୍ୟେକ କ୍ଷେତ୍ରରେ ସରକାରଙ୍କୁ ସହଯୋଗ କରୁଛୁ, ହେଲେ ସରକାର ଆମର ଦାବିକୁ ନ୍ୟାର୍ଯ୍ୟ ଦାବି କହୁଛନ୍ତି କିନ୍ତୁ ଆମ ଦାବି ମାନୁ ନାହାଁନ୍ତି । ଦଶ ଦଫା ଦାବି ମଧ୍ୟରୁ ସରକାର ଆମର ଦରମା ବୃଦ୍ଧି ପାଇଁ ଯେଉଁ ଦାବି ରହିଛି, ସେହି ଗୋଟିଏ ଦାବି ମାନି ନେଲେ ଆନ୍ଦୋଳନରୁ ଓହରି ଯିବୁ ବୋଲି କହିଛି ସଙ୍ଘ । ସରକାର ଯଦି ଆମ ଦାବି ନ ମାନନ୍ତି ତେବେ ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ଆମେ କାର୍ଯ୍ୟ କରିବୁ ବୋଲି କୁହାଯାଇଛି ।

### ଆମ୍ବ, କାଜୁ ଚାରାରୋପଣରେ ଦୁର୍ନୀତି

# ଗଛ ନାହିଁ; ରକ୍ଷଣାବେକ୍ଷଣ ପାଇଁ ଅର୍ଥ ଶ୍ରାଦ୍ଧ







ବିଷମ କଟକ,୨୧।୮ (ସମିସ): ମନରେଗା ଯୋଜନା ଅର୍ଥ ଆତ୍ମସାତରେ ସୀମା ପାର କରିଛି ଗୁଣପୁର ଆଇଟିଡିଏ ବିଭାଗ। କାଜୁ ଏବଂ ଆମ୍ବ ଗଛ ଚାରା ରୋପଣରେ ନାଁରେ ଲମ୍ବିଛି ଦୁର୍ନୀତିର ଚେର। ଚାଷୀଙ୍କ ନାଁରେ ଲୁଟୁଛନ୍ତି ଲକ୍ଷାଧିକ ଟଙ୍କା। ମନରେଗା ଯୋଜନାରେ ଚାରାରୋପଣ କାର୍ଯ୍ୟରେ ନିରୀହ ଆଦିବାସୀଙ୍କୁ ମୋହରା କରୁଛି ବିଭାଗ। ନକଲି ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତି କରି ବିଭାଗୀୟ ବାବୁ ମାନେ ଟଙ୍କା ଲୁଟିବାରେ ବ୍ୟସ୍ତ ରହୁଛନ୍ତି। ପ୍ରକୃତ ହିତାଧିକାରୀ ଟଙ୍କାଟିଏ ପାଉନି କି ଏଭଳି ଟଙ୍କା କାରବାରର ଟେର ମଧ ପାଉନି। ଏପରି ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ କାଙ୍କୁବାଡି ଗ୍ରାମପଞ୍ଚାୟତର ବଡ଼ଗୋଟିଗୁଡା ଗ୍ରାମରେ। ଗୁରପୁର ଆଇଟିଡିଏ ତରଫରୁ ୨୦୨୨-୨୩ ଆର୍ଥୀକ ବର୍ଷରେ ଗୋଟିଗୁଡା ଗ୍ରାମର ୯ଜଣ ଚାଷୀଙ୍କୁ ନେଇ ୱାଡି ପ୍ଲାଣ୍ଟେସନରେ ଆମ୍ବ ଓ କାଜୁ ଚାଷ କରିଥିବା ଦର୍ଶାଇଥିବା ବେଳେ ଏହି ପ୍ଲାଣ୍ଟେସନ ନିମନ୍ତେ ମନରେଗା ଯୋଜନାରେ ୯ ଲକ୍ଷ ୨୭ ହଜାର ଟଙ୍କା ବ୍ୟୟଅଟକଳର ଫାଇଲ ନଂ (୨୪୨୯୦୦୧/ ଡି.ପି./୧୦୫୭୨୦୩୬) ଫାଇଲ ଖୋଲି ଗୋଟିଗୁଡା ଗ୍ରାମର ସରୋଜିନି ମିଣିଆକା, ବିଭିଷଣ ମାଣ୍ଡିକା, ରତନାଲୁ ମାଣ୍ଡିକା, ସନ୍ୟାସି କୁଲସିକା, ବିପିନ ମାଣ୍ଡିକା, ଗୋବିନ୍ଦ ମିଣିଆକା, ଘାସି ମିଣିଆକା, ହରିଦାଶ ମାଣ୍ଡିକା ଏବଂ ଲାଛା ମେଲକା ହିତାଧିକାରୀ ଦର୍ଶାଇ ଜଣକ ପିଛା ୪୦ଟି ଆମ୍ବ ଏବଂ ୮୦ଟି କାଜୁ ଗଛ ଚାରା ରୋପଣ କରାଯାଇଥିବା ବିଭାଗ ତଥ୍ୟ ପ୍ରସ୍ତୁତି କରାଯାଇଥିଲା। ହେଲେ ପ୍ରକୃତ ପକ୍ଷେ ଏହି ହିତାଧିକାରୀ ମାନଙ୍କ ମଧ୍ୟରୁ ସନ୍ୟାସି କୁଲସିକାଙ୍କୁ ୨୫ଟି ଆମ୍ବ ଏବଂ ୪୦କାଜୁ ଚାରା ସହ ଦୁଇ ବସ୍ତା ଖତ ପ୍ରଦାନ କରାଯାଇଛି। ସେହିପରି ବିଭିଷଣ ମାଣ୍ଡିକା ଏବଂ ରତ୍ନାଲୁ ମାଣ୍ଡିକାଙ୍କୁ ସମୁଦାୟ ୧୨୦ଟି କାଜୁ ଚାରା ସହିତ ୬ବସ୍ତା ଖତ ଏବଂ ୫ବଣ୍ଡଲ ଜାଲି ପ୍ରଦାନ କରାଯାଇଛି। ଅନ୍ୟ ଜଣେ ହିତାଧିକାରୀ ସରୋଜି ମାଣ୍ଡିକାଙ୍କୁ ୫୦ଟି କାଜୁ ଚାରା ସହିତ ୩ ବସ୍ତା ଖତ, ୫୦ଟି ଜାଲି ପ୍ରଦାନ କରାଯାଇଥିବା ହିତାଧିକାରୀ ମାନେ ସର୍ବ ସମ୍ମୁଖରେ ପ୍ରକାଶ କରିଥିଲେ। ଏହା ବ୍ୟତିତ ତାଲିକାର ବିପିନ ମାଣ୍ଡିକା, ଗୋବିନ୍ଦ ମିଣିଆକା, ଘାସି ମିଣିଆକା, ହରିଦାଶ ମାଣ୍ଡିକା, ଲାଛା ମେଲକା, ୫ଜଣ ୱାଡି ପ୍ଲାଣ୍ଟେସନ୍‌ର କୌଣସି ଚାରା ପାଇନାହାନ୍ତି କି ଚାରାରୋପଣ ସଂକ୍ରାନ୍ତରେ କୌଣସି ଟେର ମଧ ପାଇନାହାନ୍ତି। ଆମ୍ବ କାଜୁ ଚାରାରୋପଣ କାର୍ଯ୍ୟ ନିମନ୍ତେ ଆଇଟିଡିଏ ବିଭାଗ ତରଫରୁ ୧୮ଟି ମାଷ୍ଟର ରୋଲରେ ୧୧୯୨ ଶ୍ରମ ଦିବସ ନିମନ୍ତେ ୨୬୪୬୨୪ଟଙ୍କା ପଇଠ କରାଯାଇଛି। ଏହା ବ୍ୟତୀତ ଓଡ଼ିଶା କଞ୍ଜୁମର କୋପରେଟିଭ୍ ଫେଡେରେସନ୍ ନିକଟରୁ ୨୦.୧୦.୨୨ ରେ ୧୦୬୯୫୫ ଟଙ୍କାର ଖତ ସାର ଏବଂ ୪୩୨୦୦ଟଙ୍କାର ଚାରା ବିଭାଗ କ୍ରୟ କରିଥିବା ଅନ୍‌ଲାଇନ୍

## ବେନାମୀ ଚାଷି ତାଲିକା ପ୍ରସ୍ତୁତି

ରେ ଦର୍ଶାଯାଇଛି। ଆଇଟିଡିଏ ବିଭାଗ ଚାରି ଜଣ ହିତାଧିକାରୀ ଙ୍କୁ ମାତ୍ର ୧୯୫ଟି ଆମ୍ବ ଓ କାଜୁ ଚାରା ପ୍ରଦାନ କରିଥିବା ବେଳେ ୧୧୮୦ଟି ଚାରା ପ୍ରଦାନ କରିଥିବା ନଥିରେ ଦର୍ଶଇଛି। ୧୧୮୦ ଚାରା ଲଗାଇ ବଗିଚା ପ୍ରସ୍ତୁତି କରିବା ନିମନ୍ତେ ୧୧୯୨ ଶ୍ରମଦିବସ ବାବଦରେ ୨୬୪୬୨୪ଟଙ୍କା ମଜୁରୀ ମଧ ପ୍ରଦାନ କରିଛି। ଶ୍ରମିକ ମଜୁରି ସଂକ୍ରାନ୍ତରେ ଚାଷି କୌଣସି ଟେର ମଧ ପାଇନାହିଁ। ଏତିକିରେ ବିଭାଗୀୟ ବାବୁ ମାନେ ଚୁପ୍ ବସିଲେ ନାହିଁ ପୁଣି ୨୦୨୩ ମସିହାରେ ଏହି ମିଛ ମିଛିକା କାଜୁ ଆମ୍ବ ବଗିଚାର ରକ୍ଷଣା ବେକ୍ଷଣ ନିମନ୍ତେ ଏକ ଫାଇଲ (୨୪୨୯୦୦୧/ଡି.ପି./୧୦୮୬୪୭୮୩) ୫ଲକ୍ଷ ୮୪ ହଜାରର ବ୍ୟୟ ଅଟକଳରେ ପ୍ରସ୍ତୁତ କରିଥିଲେ। ୨୦୨୩ରୁ ୨୦୨୫ ଜାନୁଆରୀ ମାସ ସୁଦ୍ଧା ଏହି ବଗିଚା ଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ୧୧୫ ଜଣ ଶ୍ରମିକଙ୍କୁ ୧୫୨୪ ଦିନର ଶ୍ରମ ଦିବସ ବାବଦକୁ ୩୮୩୫୪୦ ଟଙ୍କାର ମଜୁରୀ ମଧ ପ୍ରଦାନ କରିଛି ବିଭାଗ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ୧୧୫ଜଣ ଶ୍ରମିକ ମଧ୍ୟରେ ଚାରିଜଣ ପ୍ରକୃତ ଚାଷୀଙ୍କ ମଧ୍ୟରୁ ଜଣକ ବି ନାଁ ନାହିଁ କି ଏହି ଚାଷୀମାନଙ୍କ ବଗିଚାରେ କୌଣସି ପ୍ରକାରର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇନାହିଁ। ବିଭାଗୀୟ ବାବୁ ମାନେ ଏତେ ଚଞ୍ଚକତାର ସହ ଏହି ଶ୍ରମ ଦିବସ ଟଙ୍କାଙ୍କୁ ଉଠାଇନେଲେ ଯେ ଏହାର ଟେର କେହି ବି ପାଇଲେ ନାହିଁ। ନିଜେ ଚାଷୀ ଶ୍ରମିକ ଶ୍ରେଣୀର ଜବ୍ କାର୍ଡଧାରୀ ହୋଇଥିବା ବେଳେ ଏହି ବ୍ୟକ୍ତି କିମ୍ବା ବଡ଼ଗୋଟିଗୁଡା ଗ୍ରାମ କୌଣସି ଶ୍ରମିକଙ୍କୁ ନିଯୁକ୍ତି ନ ଦେଇ ଅନ୍ୟ ଗ୍ରାମପଞ୍ଚାୟତ ତଥା ପାଇକଡାକୁଲୁଗୁଡା ଏବଂ ଥୁଆପାଡି ଗ୍ରାମପଞ୍ଚାୟତର ଜବ୍‌କାର୍ଡ ମାନଙ୍କରେ ଲକ୍ଷାଧିକ ଟଙ୍କା ଉଠାଣ ହୋଇଥିବା ନଥିପତ୍ର ଦର୍ଶାଉଛି। ମନରେଗା ଯୋଜାନରେ ଯେଉଁ ସ୍ଥାନରେ କାର୍ଯ୍ୟ ହେବ, ସେହି ସ୍ଥାନ ଅଥବା ନିକଟସ୍ଥ ଗ୍ରାମ ପଞ୍ଚାୟତର ଶ୍ରମିକଙ୍କୁ ନିଯୁକ୍ତ ନିମନ୍ତେ ନିୟମ ରହିଥିବା ବେଳେ ଆଇଟିଡିଏ ବିଭାଗୀୟ ବାବୁ ମାନେ ପାଇକଡାକୁଲୁଗୁଡା ଗ୍ରାମପଞ୍ଚାୟତର ୪୦ଜଣ ଶ୍ରମିକଙ୍କୁ ୫୬୦ ଦିନର ଶ୍ରମ ଦିବସ ଏବଂ ଥୁଆପାଡି ଗ୍ରାମପଞ୍ଚାୟତର ୫୦ଜଣ ଶ୍ରମିକଙ୍କୁ ୭୦୦ ଦିନର ଶ୍ରମ ଦିବସ ବାବଦରେ ଟଙ୍କା ପଇଠ ହୋଇଥିବା ମାଷ୍ଟର ରୋଲ୍ ଦର୍ଶାଉଛି। ଏହି ଜବ୍‌କାର୍ଡ ଧାରୀ ଶ୍ରମିକ ମାନଙ୍କ ମଧ୍ୟରେ ଜମିଦାର, ବ୍ୟବସାୟୀ ମାନଙ୍କ ନାମ ମଧ ରହିଛି। ଏ ନେଇ କାଙ୍କୁବାଡି ସରପଞ୍ଚ ଦୟା କୁଲସିକା ତୀବ୍ର ପ୍ରତିକ୍ରାୟ ପ୍ରକାଶ କରି କହିଛନ୍ତି, ଯେ ସରକାରୀ ବାବୁ ମାନେ ନିରୀହ ଆଦିବାସି ମାନଙ୍କ ସରଳତାର ସୁଯୋଗ ନେଇ ସେମାନଙ୍କୁ ଶେଷଣ କରୁଛନ୍ତି। ଏ ନେଇ ବିଭିନ୍ନ ସ୍ତରରେ ଅଭିଯୋଗ କରୁଥିଲେ ମଧ କେହି ଶୁଣୁ ନାହାନ୍ତି। ଏ ନେଇ ଆଇଟିଡିଏ ପ୍ରୋଜେକ୍ଟ ମ୍ୟାନେଜର ରାଜେନ୍ଦ୍ର କୁମାର ନାଗଙ୍କ ସହ ଯୋଗାଯୋଗ କରାଯିବାରେ ଆବଶ୍ୟକ ସ୍ଥଳେ ଅନ୍ୟ ଗ୍ରାମ ପଞ୍ଚାୟତର ଶ୍ରମିକଙ୍କୁ କାର୍ଯ୍ୟରେ ନିଯୁକ୍ତ ଦିଆଯାଇପାରିବ ବୋଲି କହିବା ସହ ଯଦି ନକଲି ହିତାଧିକାରୀ ନାମରେ କୌଣସି ଅନିୟମିତତା ହୋଇଛି, ତେବେ ଏହାର ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଉପ ସ୍ୱାସ୍ଥ୍ୟକେନ୍ଦ୍ର ସୁନାରୀଘାଇ ଛକରେ ହେଉ



ପଦ୍ମପୁର,୨୧।୮ (ସମିସ): ରାୟଗଡ଼ା ଜିଲ୍ଲାରପଦ୍ମପୁରଉନ୍ନୟନପରିଷଦତରଫରୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମଂଜୁରୀପ୍ରାପ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ର ସୁନାରୀଘାଇ ଛକ ନିକଟରେ ସ୍ଥାପିତ କରିବାକୁ ଲୋକଙ୍କ ଲିଖିତ ଅଭିଯୋଗପତ୍ରକୁ ପଦ୍ମପୁର ଉନ୍ନୟନ ପରିଷଦ ତରଫରୁ ଗୁଣପୁର ଉପ ଜିଲ୍ଲାପାଳ ବୁଧାଲ୍ ଅଭିଷେକ ଦିଲିପ୍‌ଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ୪ଗୋଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକବର୍ଷ ହେଲା ମଂଜୁର ପ୍ରାପ୍ତ ହୋଇ ଥିବା ବେଳେ ଏଥିରେ ଗୃହ ନିର୍ମାଣ ସକାଶେ ୪୭ ଲକ୍ଷ ଟଙ୍କା ମଞ୍ଜୁର ହେବାସହ ଜଣେ ସେବିକାଙ୍କୁ ନିଯୁକ୍ତି ପାଇଁ ଆଦେଶନାମା ହୋଇଛି। ହେଲେ ଏହା ମଧ୍ୟରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଗୁଡିଆବନ୍ଧ, ଇନ୍ଦୁପୁର ଓ ଖିଲାପଦର ଠାରେ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ସକାଶେ କାର୍ଯ୍ୟ ଆଗେଇ ଚାଲିଛି। ପଦ୍ମପୁର ନିମନ୍ତେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ସକାଶେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଲୋକଙ୍କ ସମସ୍ୟାକୁ ନେଇ ଆଜି ପଦ୍ମପୁର ଉନ୍ନୟନ ପରିଷଦ ତରଫରୁ ସଂପାଦକ ରମେଶ ଚନ୍ଦ୍ର ପଣ୍ଡା, ସଭାପତି ଉଦୟ ଚନ୍ଦ୍ର ସାହୁ,ରାଜୀବ ଲୋଚନ ସାହୁ, ଜଗନ୍ନାଥ ପାଣିଗ୍ରାହୀ,ସୁନୀଲ୍ ଚୈଧୁରୀ ପ୍ରମୁଖ ଅଞ୍ଚଳବାସୀଙ୍କ ଦାବିପତ୍ର ଗୁଣପୁର ଉପଜିଲ୍ଲାପାଳ ବୁଧାଲ୍ ଅଭିଷେକ ଦିଲିପ୍‌ଙ୍କୁ ପ୍ରଦାନ କରିଥିଲେ ଏହି ସମୟରେ

### ● ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମଧ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ରଟି ରାଜସ୍ୱ ବିଭାଗର ଖିଲାପଦର ମୌଜା ଅଞ୍ଚଳରେ ହେଲେ ତାହା ଲୋକଙ୍କ ସମସ୍ୟା ହେବା ଆଶଙ୍କା କରି ଗ୍ରାମବାସୀ, ଉନ୍ନୟନ ପରିଷଦ ଓ ଗୁଣପୁର ବିଧାୟକଙ୍କ ମିଳିତ ସହଯୋଗରେ ପଦ୍ମପୁର ସୁନାରି ଘାଇ ଛକ ନିକଟରେ ସ୍ଥାପିତ କରିବାକୁ ଦାବି କରାଯାଇଛି। ଉପଜିଲ୍ଲାପାଳ ବୁଧାଲ୍ ଅଭିଷେକ ଦିଲୀପ ସଙ୍ଗେ ସଙ୍ଗେ ପଦ୍ମପୁର ତହସିଲଦାରଙ୍କୁ ଫୋନ କରି ଜାଗା ଚିହ୍ନଟ କରିବାକୁ କହିଥିଲେ। ସୁନାରି ଘାଇ ଛକ ସ୍ଥାନ ପରିଦର୍ଶନ କରିବାକୁ ସେ ନିଜ ଯାଇ ଦେଖିବେ ବୋଲି ମତବ୍ୟକ୍ତ କରିଥିବା ଉନ୍ନୟନ ପରିଷଦ ତରଫରୁ ରମେଶ ଚନ୍ଦ୍ର ପଣ୍ଡା କହିଛନ୍ତି।

# ଜୟନଗର ଅଞ୍ଚଳରେ ବେଆଇନ ଦେଶୀ ମଦଭାଟି

ଜୟପୁର,୨୧।୮ (ସମିସ):

କୋରାପୁଟ ଜିଲ୍ଲା ଜୟପୁର ସହରର ୧ ନମ୍ବର ୱାର୍ଡ ଜୟନଗର ଅଞ୍ଚଳରେ ବ୍ୟାପକ ବେଆଇନ ଦେଶୀ ମଦଭାଟି ରହିଛି। ଏହି ଅଞ୍ଚଳର ଟାଉନ ଥାନା ଏବଂ ଅବକାରୀ କାର୍ଯ୍ୟାଳୟ ଠାରୁ ଅଧିକ ଦୂରତାରେ ରହୁଥିବା ବେଳେ ବିନା ଭୟରେ ବେଆଇନ ଦେଶୀମଦ ଭାଟି ମାଲିକ ମାନେ ଏହି ମଦଭାଟି ପରିଚାଳନା କରୁଛନ୍ତି। ସହର ଏବଂ ସ୍ଥାନୀୟ ଜୟନଗର ଅଞ୍ଚଳର ଅଧିକାଂଶ ଯୁବପୀଢି ଏହି ଦେଶୀମଦ ଭାଟିରେ ବିକ୍ରି ହେଉଥିବା ଅପମିଶ୍ରିତ ମଦ ପିଇ ଜୀବନ ହରାଉଛନ୍ତି। ଏହିପରି ସ୍ଥାନୀୟ ବାସିନ୍ଦା କହିବା ଅନୁଯାୟୀ ଜୟନଗର ପରଜା ସାହିରେ ବେଆଇନ ଭାବେ ପଣ୍ଡା ଦେଶୀମଦଭାଟି ରହିଥିବା ବେଳେ ଉକ୍ତ ଭାଟିରେ ଅପମିଶ୍ରିତ ଦେଶୀ ମଦ ସ୍ଥାନୀୟ ସହରର ନିକଟସ୍ଥ କଳାଗୁଡା ଏବଂ ନୀଳାଗୁଡା ଅଞ୍ଚଳରୁ ପ୍ରସ୍ତୁତ କରାଯାଇ ଅଣାଯାଇ ଏଠାରେ ବିକ୍ରି କରାଯାଉଛି। ଏହିପରି ଏହି ଦେଶୀମଦ ଅପମିଶ୍ରିତ ଏବଂ ବିଷାକ୍ତ ରହିଥିବା ଯୋଗୁଁ ଅଧିକାଂଶ ଯୁବପୀଢି ଏହି ମଦ ପିଇବାର ଅଭ୍ୟସ୍ତ ହୋଇ ଯୁବ ବୟସରେ ମୃତ୍ୟୁ ହେଉଛି। ଏହିପରି ଜୟନଗର ଅଞ୍ଚଳରେ ବ୍ୟାପକମାତ୍ରାରେ ବେଆଇନ ମଦଭାଟି

### ମଦପିଇ ଅନେକଙ୍କ ଜୀବନ ଗଲାଣି

ଗୁଡିକ ରହିଥିବା ପୁଲିସ ଏବଂ ଅବକାରୀ ଜାଣିଥିଲେ ସୁଦ୍ଧା କୌଣସି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଯୋଗୁଁ ଏହି ମଦଭାଟି ଗୁଡିକ ବନ୍ଦ ହେଉନାହିଁ। ଏହିପରି ବର୍ଷର ଥରେ କିମ୍ବା ଦୁଇଥର ଅଭିଯୋଗ କ୍ରମେ ଚଢଉ କରାଯାଇ କିଛି ଅଳ୍ପ ମାତ୍ରାରେ ମଦ ଜବତ ନେଇ ମାମଲା ରୁଜୁ କରାଯାଇ ମଦ ବିକ୍ରିକାରୀ କିମ୍ବା ଚାଲାଣକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଉଛି। ଏହିପରି ଗୋଟିଏ କିମ୍ବା ଦୁଇ ଦିନରେ ଅଭିଯୁକ୍ତ ମାନେ ଜେଲରୁ ଜାମିନରେ ଫେରି ପୁଣି ସେମାନଙ୍କ ବେଆଇନ ଭାଟି ପୂର୍ବଭଳି ପରିଚାଳନା କରୁଛନ୍ତି ଏବଂ ବେଆଇନ ଅପମିଶ୍ରିତ ବିଷାକ୍ତ ଦେଶୀ ମଦ ବିକ୍ରି କରୁଛନ୍ତି। ତେଣୁ ଏହିପରି ପୁଲିସ ଏବଂ ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନକୁ ନେଇ ସାଧାରଣରେ ସନ୍ଦେହ ସହ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହିପରି ଜୟପୁର ଅବକାରୀ ଥାନା ଅଧିକାରୀ ସୁବ୍ରତ କୁମାର ହିରନ କହିଛନ୍ତି। ବିକ୍ରିକାରୀ ମାନଙ୍କୁ ବିଭିନ୍ନ ସମୟରେ ଚଢଉ କରାଯାଇ ଗିରଫ କରିବା ସହ କୋର୍ଟ ଚାଲଣ ଏବଂ ବେଆଇନ ମଦ ମଧ ଜବତ କରାଯାଉଛି। କିନ୍ତୁ ଆଇନ ଅନୁଯାୟୀ ଫେରି ପୁଣି ସେମାନଙ୍କ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହିପରି ସେମାନ ନିଜ ନିଜ ଗୃହରେ ଲୁଚାଛପାପେ ବିକ୍ରି କରୁଥିବା ଯୋଗୁଁ ଚଢଉ ବେଳେ ଏହି ସାମଗ୍ରୀ ଲୁଚାଇ ଦିଅନ୍ତି।

# ଅବ୍ୟବସ୍ଥା ମଧ୍ୟରେ ଡଙ୍ଗାସିଲ ବାଳିକା ଉଚ୍ଚ ବିଦ୍ୟାଳୟ

ଟିକିରି,୨୧।୮ (ସମିସ): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ରାୟଗଡ଼ା କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଡ଼ଙ୍ଗାସିଲ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ଘୋର ଅବ୍ୟବସ୍ଥାରେ ଚାଲୁଥିବା ଏବଂ ପରିଚାଳନାଗତ ତ୍ରୁଟି ପରିଲକ୍ଷିତ ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୩୮ ଜଣ ଛାତ୍ରୀ ହଷ୍ଟେଲରେ ରହି ପଢୁଛନ୍ତି। ଏହି ବିଦ୍ୟାଳୟରେ ଯୁକ୍ତ ଦୁଇରେ ଛାତ୍ରୀ ମାନେ ରହି ପଢୁଛନ୍ତି। ଗତ ବର୍ଷ ଜଣେ ନାବାଳିକାକୁ ଜନୈକା ଚତୁର୍ଥ ଶ୍ରେଣୀ କର୍ମଚାରୀ ଅସଦାଚାରଣ କରିଥିବା ଅଭିଯୋଗରେ ଜେଲ ଯାଇଥିଲେ।



ବିଦ୍ୟାଳୟ ପରିସରରେ ଦୋକାନ ଖୋଲା ଯାଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ତରଫରୁ ସମସ୍ତ ଅନ୍ତେବାସୀଙ୍କ ନିମନ୍ତେ ତେଲ, ସାବୁନ, ପ୍ରଶାଧନ ସାମଗ୍ରୀ, ସହ ଖାଦ୍ୟ, ଜଳଖିଆ ଦେବାର ପ୍ରବଧାନ ରହିଛି। ତଥାପି କାହାର ଅନୁମତିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୋକାନ ଖୋଲିବାର ଅନୁମତି ଦେଲେ ତାହା ତଦନ୍ତ ସାପେକ୍ଷ। ଏହି ବିଦ୍ୟାଳୟରେ ଅନ୍ତେବାସୀଙ୍କ ଏକାଠି ବସି ଖାଇବା ନିମନ୍ତେ ଡାଇନିଂ ରୁମ ଥିଲେ ମଧ ତାହା ବ୍ୟବହାର ହେଉନାହିଁ। ପ୍ରଧାନଶିକ୍ଷକ ଜାଳେଣିକାଠ ଡାଇନିଂ ରୁମରେ ରଖିଥିବା ଦେଖି ପରିଦର୍ଶନରେ ଆସି ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ରାୟଗଡା ବିରକ୍ତି ପ୍ରକାଶ କରିଥିଲେ। ସେହିପରି ଏଠାରେ ଜଣେ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ରଶ୍ମିତା ମାଝୀ ଥିଲେ। ତାଙ୍କୁ ସହକାରୀ ପରିଚାଳିକା ଭାବେ ବାଳିକା ମାନଙ୍କ ହଷ୍ଟେଲ ଦାୟିତ୍ୱ ଦିଆନଯାଇ ଜଣେ ପୁରୁଷ ବିଜ୍ଞାନ ଶିକ୍ଷକ (ଟିଜିଟି) ନୀଳମାଧବ ମଲ୍ଲିକଙ୍କୁ ଦାୟିତ୍ୱ ଦିଆଯାଇଛି। ବାଳିକା ମାନଙ୍କ ରୋଷେଇ ପାଇଁ ଦୁଇଜଣ ପୁରୁଷ ରୋଷେୟା ପୂରନ୍ଦର ମାଝୀଙ୍କୁ ଓ କଲେଜ ପାଇଁ କପିଳ ମାଝିଙ୍କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜ୍ଞାନ ରଞ୍ଜନ ସାହୁ ଆଦେଶ ଦେଇଛନ୍ତି। ବାଳିକା ବିଦ୍ୟାଳୟରେ ମହିଳା ଶିକ୍ଷୟିତ୍ରୀ ଥାଉ ଥାଉ ଜଣେ ପୁରୁଷ ଶିକ୍ଷକଙ୍କୁ ସହକାରୀ ସୁପରିନ୍‌ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ କିପରି ଦିଆଗଲା ତାହା ବାଳିକା ମାନଙ୍କ ନିରାପତ୍ତା ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହିଳା ରୋଷେୟା ମାନଙ୍କୁ କେବଳ ଫାଟକ ଦାୟିତ୍ୱ, କାର୍ଯ୍ୟାଳୟ ଦାୟିତ୍ୱ ଦେଇଥିବା ଅଭିଯୋଗ ହେଉଛି।।

# ସାଇବର ଠକେଇର ଶିକାର ହେଲେ ଅବସରପ୍ରାପ୍ତ କର୍ମଚାରୀ

ରାୟଗଡ଼ା,୨୧।୮ (ସମିସ): ରାୟଗଡ଼ା ଜିଲ୍ଲାରେ ସାଇବର ଠକେଇଙ୍କ ଜାଲରେ ପଡ଼ି ଅନେକ ଲୋକ ଏହାର ଶିକାର ହୋଇ ଲକ୍ଷ ଲକ୍ଷ ଟଙ୍କା ହରାଇଛନ୍ତି। ଗତକାଲି ରାୟଗଡ଼ା ସହରର ଇନ୍ଦିରା ନଗର ତୃତୀୟ ଗଳିରେ ରହୁଥିବା ଜନସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଏହି ସାଇବର ଠକେଇର ଶିକାର ହୋଇ ୧ ଲକ୍ଷ



୨୪ ହଜାର ଟଙ୍କା ତାଙ୍କ ଆକାଉଣ୍ଟରୁ କଟି ଯାଇଥିବା ସୂଚନା ମିଳିଛି। ଗତକାଲି ପୂର୍ବାହ୍ନ ସମୟରେ ଏକ ମେସେଜ ତାଙ୍କ ମୋବାଇଲକୁ ଆସିବା ପରେ ସେ ଏହାକୁ ଖୋଲିଥିଲେ। ହଠାତ ତାଙ୍କ ଆକାଉଣ୍ଟରୁ ୧.୨୪ଲକ୍ଷ ଟଙ୍କା ଉଠାଣ ହୋଇଥିବା ସେ ମେସେଜ ପାଇଥିଲେ। ତୁରନ୍ତ ଏ ନେଇ ସେ ବ୍ୟାଙ୍କକୁ ଯାଇ ପଚାରିଥିବା ବେଳେ ଉକ୍ତ ମୋବାଇଲ ସହ ସଂଶ୍ଲିଷ୍ଟ ଥିବା ଏସବିଆଇ ଏଡିବି ବ୍ୟାଙ୍କ ଆକାଉଣ୍ଟରୁ ଏହି ଟଙ୍କା ସାଇବର ଠକେଇ ଉଠାଣ କରିଥିବ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଜଣାଇଥିଲେ। ଫଳରେ ଉକ୍ତ ଘଟଣା ପରେ ବ୍ୟାଙ୍କ ଆକାଉଣ୍ଟକୁ ଅସ୍ଥାୟୀ ଭାବେ ବନ୍ଦ କରଯାଇଥିଲା। ଏହାକୁ ନେଇ ପୋଲିସ ସାଇବର ସେଲରେ ଏତଲା ଦେବାକୁ କହିଥିଲେ। ସାଇବର ଠକେଇ ଭଳି ଅପରାଧକୁ ରୋକିବାକୁ ରାୟଗଡା ପୋଲିସ ଓ ସାଇବର ସେଲ ପକ୍ଷରୁ ପର୍ଯ୍ୟାୟକ୍ରମେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସାଧାରଣରେ ଦାବି ହେଉଛି

## ଜେକେପୁର ଦୁର୍ଗାପୂଜା ପାଇଁ ଭୂମି ପୂଜନ

ରାୟଗଡ଼ା,୨୧।୮ (ସମିସ): ବହୁ ପ୍ରସିଦ୍ଧ ରାୟଗଡା ଜିଲ୍ଲା ଜେକେପୁର ଦୁର୍ଗା ପୂଜା ଉତ୍ସବ ନିମନ୍ତେ ଆଜି ଅପରାହ୍ନରେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ବିନୟ ଦ୍ୱିବେଦୀଙ୍କ ପୌରହିତ୍ୟରେ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ବିଶ୍ୱଜିତ୍ ଦ୍ୱିବେଦୀ, ଉପସଭାପତି ବାଣିଜ୍ୟ ରାଘବେନ୍ଦ୍ର ହାର୍ବର ଉପ ସଭାପତି ଉତ୍ପାଦ ଓ ଅନ୍ୟାନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



### ● ୯ ମାସ ହେଲା ଡାକ୍ତର ନାହାନ୍ତି

## ଝାଡୁଦାର ଓ ସ୍ୱାସ୍ଥ୍ୟକର୍ମୀ ଚଳାଉଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ର




କଲ୍ୟାଣସିଂହପୁର,୨୧।୮ (ସମିସ):

ବଡ଼ତୋତ୍ରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୯ ମାସ ହେଲା ଡାକ୍ତର ନାହାନ୍ତି। ଝାଡୁଦାର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ଚାଲିଛି ଚିକିତ୍ସା। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଉନ୍ନତ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ ଡାକ୍ତର ନଥାଇ ଜଣେ ଅସ୍ଥାୟୀ ଝାଡୁଦାରଙ୍କ ଦ୍ୱାରା ରୋଗୀ ସେବା କରାଯାଉଥିବା ଦେଖିବାକୁ ମିଳିଛି। ୯ ମାସ ପୂର୍ବେ ଜଣେ ଡାକ୍ତର ନିଯୁକ୍ତି ପାଇଥିଲେ। ପରେ ବଦଳି ହୋଇ ଯାଇଥିବାରୁ ଏଭଳି ସମସ୍ୟା ହେବାରୁ ବିନା ଡାକ୍ତରରେ ଝାଡୁଦାର ଓ ସ୍ୱାସ୍ୟକର୍ମୀଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଉଛି ରୋଗୀଙ୍କୁ। ଦିନକୁ ୫୦ରୁ ଅଧିକ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଛନ୍ତି। ଡାକ୍ତର ନଥିବାରୁ ସ୍ୱାସ୍ଥ୍ୟକର୍ମୀ ଓ ଝାଡୁଦାର ଯାହା ଜାଣିଛନ୍ତି, ତାହା ବଟିକା ସରାପ ଦେଇ ଚିକିତ୍ସା କରି ରୋଗୀଙ୍କୁ ପଠେଇ ଦେଉଥାନ୍ତି। ଫଳରେ ରୋଗୀ ସୁସ୍ଥ ହେବାର ନାମ ନେଉନି। ଏମିତି ଘଟଣା ଦେଖିବାକୁ ମିଳିଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତର ବଡ଼ତୋତ୍ରାର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନାରାୟଣପୁର, କୋରପା ଓ ଧାମୁଣିପଙ୍ଗା ପଞ୍ଚାୟ ଏବଂ କାଶୀପୁର ବ୍ଲକର ପାହାଡ଼ ଉପର ମାଳି ଅଞ୍ଚଳର ଲୋକମାନେ ଭରସା କରନ୍ତି। ଆଜକୁ ୯ ମାସ ହେବ ଡାକ୍ତର ନ ଥିବାରୁ ଗରିବ ଶ୍ରେଣୀର ଲୋକ ହୋଇ ଥିବାରୁ ହାତରେ ଟଙ୍କା ନ ଥିବାରୁ ବଡ଼ ଡାକ୍ତରଖାନା ନଯାଇ ନକଲି ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ଦେଖାଇ ସର୍ବସ୍ୱ ହରାଇ ମୃତ୍ୟୁ ମୁଖରେ ପଡିଥାନ୍ତି। ଅଧିକ ଟଙ୍କା ଖର୍ଚ୍ଚ କରିବା ପାଇଁ ସକ୍ଷମ ନ ଥିବାରୁ ବାଧ ହୋଇ ସରକାର ଯୋଗାଉଥିବା ମାଗଣା ଚାଉଳ, ମାଣ୍ଡିଆ ଇତ୍ୟାଦି ସାମଗ୍ରୀକୁ ଜୀବନ ବଞ୍ଚାଇବା ପାଇଁ ବିକ୍ରି କରି ଡ୍ରାକ୍‌ଙ୍କୁ ଟଙ୍କା ଦେଉଥିବା ଅଭିଯୋଗ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଶାସନ ତୁରନ୍ତ ଜଣେ ଡାକ୍ତର ଓ ଫର୍ମାସିଷ୍ଟ ନିଯୁକ୍ତି ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବେଆଇନ କ୍ଲିନିକ୍ ସିଲ୍ ମାମଲା

# ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି





ଗୁଣୁପୁର,୨୧।୮ (ସମିସ): ଗୁଣୁପୁର ପୌରପରିଷଦର କପିଳପରୁ ଠାରେ ଥିବା ଲକ୍ଷ୍ମଣ ଲାବନ୍ୟ (ମାତୃ) ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର ନାମରେ ୬ ମହଲା ବିଶିଷ୍ଟ କ୍ଲିନିକ୍ ଗଢିଉଠିଥିଲା। ଏହି କ୍ଲିନିକ୍‌ରେ ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ସୁପରିନ୍‌ଟେଣ୍ଡେଣ୍ଟ ପ୍ରଦୀପ କୁମାର ପଣ୍ଡା ଏହି କ୍ଲିନିକ୍‌ରେ ବିଭିନ୍ନ ବେଆଇନ କାର୍ଯ୍ୟ କରି ଚିକିତ୍ସା କରିବା, ପ୍ରସୂତିଙ୍କୁ ଅପରେସନ କରି ପ୍ରସବ କରାଇବା, ଶିଶୁ ବିକ୍ରି କରିବା, ପ୍ରସୂତିଙ୍କ ଅଲଟ୍ରାସାଉଣ୍ଡ ମାଧ୍ୟମରେ ଫୋଟ ଉତ୍ତୋଳନ କରିବା, ଗର୍ଭପାତ କରାଇବା ଭଳି ସାଂଘାତିକ ଘଟଣା ଲୋକଲୋଚନକୁ ଆସିଥିଲା। ଏପରିକି ଅସ୍ତ୍ରୋପଚାର ପରେ ପ୍ରସୂତି ମାନେ ସେଠାରେ ମୃତ୍ୟୁବରଣ ମଧ କରିଛନ୍ତି। ଅଗଷ୍ଟ ୧ ତାରିଖ ଢେପଭଣ୍ଡାରି ସାହିର ଗୌତମୀ ବାଉରି ଏହି କ୍ଲିନିକ୍‌ରେ ପ୍ରସବ ପାଇଁ ଯାଇଥିଲେ। ସେଠାରେ ଡାକ୍ତର ପଣ୍ଡା ତାଙ୍କୁ ଅସ୍ତ୍ରୋପଚାର କରି ପ୍ରସବ କରାଇଥିଲେ। ଅଗଷ୍ଟ ୬ ତାରିଖେ ଗୌତମୀଙ୍କ ମୃତ୍ୟୁ ଘଟିଥିଲା। ୪ ଦିନର ଛୁଆ ଧରି ପରିବାର ଲୋକେ ଡହଳବିକଳ ହେଉଛନ୍ତି। ଅଞ୍ଚଳବାସିନ୍ଦା ଏହାକୁ ନେଇ କ୍ଲିନିକ୍ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହାପରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ କ୍ଲିନିକ୍ କର୍ତ୍ତୃପକ୍ଷ। ସଙ୍କେତ ତାଙ୍ଗୁଡୁ ନାମକ ଯୁବକ ଏନେଇ ଅନଲାଇନ୍ ମାଧ୍ୟମରେ ଥାନାରେ କ୍ଲିନିକ୍ ବିରୋଧରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଡାକ୍ତର ପଣ୍ଡାଙ୍କୁ ନୋଟିସ୍ କରିବା ପରେ କାଗଜପତ୍ର ଯାଞ୍ଚ କରିବା ପାଇଁ ଅବଗତ କରିଥିଲେ। ଡାକ୍ତର କୌଣସି କାଗଜପତ୍ର ଦେଖାଇ ନପାରିବାରୁ ବେଆଇନ କ୍ଲିନିକ୍‌କୁ ଅଗଷ୍ଟ ୧୬ ତାରିଖରେ ସିଲ୍ କରାଯାଇଥିଲା। ଜଣେ ସରାକାରୀ ଡାକ୍ତର ଏହି ବେଆଇନ କ୍ଲିନିକ୍ ଚଳାଇଥିବା ଜଣାପଡିବା ପରେ କ୍ଲିନିକ୍‌ରେ ତାଲା ପକାଇ ଚୁପ୍ ବସିଛି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ। ଏପରିକି ସିଲ୍ କରିବା ପୂର୍ବରୁ ଡାକ୍ତର କ୍ଲିନିକ୍ ଭିତରେ ଥିବା ସମସ୍ତ

### ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ତୃତୀୟ ଲିଙ୍ଗ ମହାସଂଘ

ଗୁରୁତ୍ୱପୁର୍ଣ୍ଣ ମେସିନ ସ୍ଥାନାନ୍ତରିତ ପାଇଁ ସୁଯୋଗ ପାଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଭୂମିକାକୁ ତଦନ୍ତ ପରିସରଭୁକ୍ତ କରିବା ସହ ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଉଛି। ପ୍ରଶାସନ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ଗୁଣୁପୁର ଉପଖଣ୍ଡସ୍ତରୀୟ ମେଡିକାଲ ସୁପରିନ୍‌ଟେଣ୍ଡେଣ୍ଟ ଦାୟିତ୍ୱରୁ ହଟାଇବା ପାଇଁ ଦାବି ହେଉଛି। ଆଜି ମା' ମାଝୀ ଗୋରି ସି ବି ଓ ତୃତୀୟ ଲିଙ୍ଗ ମହାସଂଘ ପକ୍ଷରୁ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାସହ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗଙ୍କୁ ମଧ ଦାବି ଜଣାଇବା ସହ ତୁରନ୍ତ ପଦକ୍ଷେପ ନେବାପାଇଁ ତୃତୀୟଲିଙ୍ଗୀ ମାନେ ଅଭିଯୋଗ କରିଥିଲେ। ବିଧାୟକ ଓ ଉପଜିଲ୍ଲାପାଳଙ୍କୁ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସ୍ୱାର୍ଥକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ଏଭଳି ଡାକ୍ତରଙ୍କୁ ମୁଖ୍ୟ ପରିଚାଳନା ଦାୟିତ୍ୱ ଦେବା ସ୍ୱାସ୍ଥ୍ୟ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି ତୃତୀୟଲିଙ୍ଗ ମହାସଂଘର ଜିଲ୍ଲା ସମ୍ପାଦକ ପିଙ୍କି ମହାପାତ୍ର। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ଜିଲ୍ଲା ପ୍ରଶାସନ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଚିକିତ୍ସାଧୀନ ଅବସ୍ଥାରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଅନୁଗୋଳ,୨୧।୮ (ସମିସ): ଅନୁଗୋଳ କାରାଗାରରେ ବିଚାରାଧୀନ ଥିବା ଜଣେ କଏଦୀଙ୍କର ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଜରପଡ଼ା ଥାନା ବଡ଼ହିଁସର ଗ୍ରାମର ରଘୁନାଥ ସାହୁ (୬୬)। ଏକ ହତ୍ୟା ମାମଲାରେ ରଘୁନାଥ ଏବଂ ତାଙ୍କ ପୁଅ ମାନସ ରଞ୍ଜନ ସାହୁ (୩୦) ୨୦୨୩ ଏପ୍ରିଲ ମାସରୁ ଅନୁଗୋଳ ଜେଲରେ ବିଚାରାଧୀନ କଏଦୀ ଭାବେ ଥିଲେ। ରଘୁନାଥ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। ଏଥିପାଇଁ ନିୟମିତ କାରାଗାରକୁ ପରିବାର ଲୋକେ ଔଷଧ ପଠାଇଥାନ୍ତି। ତିନିଦିନ ତଳେ ରଘୁନାଥ ଏବଂ ମାନସଙ୍କ ସହ ପରିବାର ଲୋକେ କାରାଗାରରେ କଥାବାର୍ତ୍ତା ହୋଇଥିଲେ। ତେବେ ଗୁରୁବାର ସନ୍ଧ୍ୟାରେ ଜେଲ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଫୋନ କରି ରଘୁନାଥ ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଛି ଏବଂ ଶୀଘ୍ର ଆସ ବୋଲି କହିଥିଲେ। ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆସି ଦେଖିଲା ବେଳକୁ ରଘୁନାଥଙ୍କ ମୃତ୍ୟୁ ହୋଇସାରିଥିଲା। ଜେଲରେ ରଘୁନାଥଙ୍କୁ ଠିକ୍ ଭାବେ ଉଚ୍ଚ ରକ୍ତଚାପ ଔଷଧ ଦିଆଯାଉ ନ ଥିଲା କିମ୍ବା ଉପଯୁକ୍ତ ଚିକିତ୍ସା କରାଯାଉ ନ ଥିଲା। ଏଥିପାଇଁ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।

● କାଉସିଲରଙ୍କ ଦବଙ୍ଗଗିରି

## ବାଇକକୁ ଧକ୍କାଦେଇ କଲେ ଗଣ୍ଡଗୋଳ, ୫ ଗିରଫ

ହିନ୍ଦୋଳ,୨୧।୮ (ସମିସ): ବୁଧବାର ସନ୍ଧ୍ୟାରେ ହିନ୍ଦୋଳଠାରେ କାର୍ ସହ ବାଇକ ଧକ୍କା ହେବା ପରେ ଗଣ୍ଡଗୋଳ ଭୟଙ୍କର ରୂପ ନେଇଥିଲା। ଏହି ଘଟଣାରେ ସ୍ଥାନୀୟ ଜଣେ କାଉନସିଲରଙ୍କ ଦବଙ୍ଗଗିରି ପାଇଁ ପୁଲିସ ତାଙ୍କ ସମେତ ୫ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ହିନ୍ଦୋଳ ଥାନା ବସଷ୍ଟାଣ୍ଡ ଛକ ନିକଟରେ ବୁଧବାର ସନ୍ଧ୍ୟା ୮ରେ ଚିଡ଼ିଆଖାନାର ଲିପୁ ନାଠି ତାଙ୍କ କାର ପଛକୁ ଫେରାଉଥିବା ସମୟରେ ଶରଧାପୁର ଗ୍ରାମର ସନ୍ତୋଷ କୁମାର ପ୍ରଧାନଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ବାଇକ୍ ପଡ଼ିଥିଲା। ପରେ ସନ୍ତୋଷ କାର ଚାଳକ ଲିପୁଙ୍କୁ ମୋ ବାଇକ ଉଠାଇଦିଅ ବୋଲି କହିଥିଲେ। ଏତିକି କଥାରୁ ଆରମ୍ଭ ହୋଇଥିଲା ଖଣ୍ଡଯୁଦ୍ଧ। କାର ଭିତରେ ବସିଥିବା ହିନ୍ଦୋଳ ଏନ୍ଏସି ୫ନଂ ୱାର୍ଡର କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ ହଠାତ ସନ୍ତୋଷଙ୍କ ବେକକୁ ଧରି ଆକ୍ରମଣ କରିଥିଲେ। ଫଳରେ ସନ୍ତୋଷ ତଳେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ କିଛି ବ୍ୟକ୍ତି ସନ୍ତୋଷଙ୍କୁ ଉଦ୍ଧାର କରିଥିଲେ। ତେବେ ପୁଣି ଦୀପକଙ୍କ ସହଯୋଗୀ କାହ୍ନା ପାଳ, ବଣ୍ଟି ସାହୁ, ନାରାୟଣ ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ଏମାନଙ୍କ ସମେତ ଲିପୁ ଓ ଦୀପକ ମିଶି ସନ୍ତୋଷଙ୍କୁ ହତ୍ୟା ଉଦ୍ୟମ କରିଥିବା ସନ୍ତୋଷ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ଥାନା ଅଧିକାରୀ ଚାରୁଲତା ବେହେରା ୫ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ସମସ୍ତଙ୍କୁ ଜେଲ ପଠାଇ ଦିଆଯାଇଛି। ଅନ୍ୟପଟେ କାର ଚାଳକ ଲିପୁ ନାଠି ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୁଲିସ ଏହାର ତଦନ୍ତ ଜାରି ରଖିଛି।

● ଯୁବକଙ୍କ ଅମାନୁଷିକ କାଣ୍ଡ

## ଗାଁ ଦାଣ୍ଡରେ ବଡ଼ବାପାକୁ ଗୋଡ଼ାଇ ଗୋଡ଼ାଇ ପିଟିଲେ

ହିନ୍ଦୋଳ,୨୧।୮ (ସମିସ): ଜଣେ ଯୁବକ ନିଜ ବଡ଼ବାପାଙ୍କୁ ଗାଁ ଦାଣ୍ଡରେ ଗୋଡ଼ାଇ ଗୋଡ଼ାଇ ପିଟିବା ଘଟଣାର ଭିଡିଓ ଗୁରୁବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସାମ୍ବାଦିକଙ୍କଠାରୁ ଖବର ପାଇ ରାସୋଳ ଥାନା ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି। ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ନବକିଶୋରପୁର ଶବରସାହିର ଜିତୁ ଦେହୁରୀ ତାଙ୍କ ବଡ଼ବାପା ପ୍ରଫୁଲ୍ଲ ଦେହୁରୀଙ୍କୁ ଘର ସମ୍ମୁଖରେ ରେ ପ୍ରାୟ ୧୫ ମିନିଟ ପର୍ଯ୍ୟନ୍ତ ଗୋଡ଼େଇ ଗୋଡ଼େଇ ମାଡ଼ମାରି ଦରମରା କରି ଛାଡ଼ି ଚାଲିଯାଇଥିଲେ।



ଏହି ହୃଦୟ ବିଦାରକ ଘଟଣା ଦେଖୁଥିଲେ ମଧ ଭୟରେ ଗ୍ରାମବାସୀ କିଛି ସହାୟତା କରିପାରି ନ ଥିଲେ। ଗ୍ରାମର କିଛି ଯୁବକ ଏହି ଘଟଣାର ଭିଡିଓ ଉତ୍ତୋଳନ କରି ସାମ୍ବାଦିକଙ୍କୁ ଦେବାପରେ ସାମ୍ବାଦିକ ଏ ସମ୍ପର୍କରେ ରସୋଳ ଥାନାର ଦୃଷ୍ଟି ଆକର୍ଷଣ କରିଥିଲେ। ଥାନା ଏଏସଏଇ ପ୍ରତାପ ଦଳେଇ ତୁରନ୍ତ ଘଟଣାସ୍ଥଳକୁ ଯାଇ ଜିତୁଙ୍କୁ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ଗୁରୁତର ପ୍ରଫୁଲ୍ଲଙ୍କୁ ଡାକ୍ତରଖାନା ପଠାଇଛନ୍ତି।

### ତାଳଚେର ଗଣେଶ ପୂଜା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ, ଲଟେରୀ ଉଠାଣ

# ଚଳିତ ବର୍ଷ ନିଲାମ ହେବ ୪ ଟନ୍ ଓଜନର ଆଞ୍ଚାଲଡ୍ଡୁ

ତାଳଚେର,୨୧।୮ (ସମିସ)



ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ପାଇଁ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଦେଉଳବେଡ଼ା କୋଲିୟରୀ ଡିସିଆଇ କ୍ଲବ୍ ହାଉସ୍‌ରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସହ ଭସାଣି ଶୋଭାଯାତ୍ରାରେ ସାମିଲ ହେବାକୁ ମେଢ଼ଗୁଡ଼ିକର ଲଟେରୀ ଉଠାଣ ଅନୁଷ୍ଠିତ ହୋଇଛି। କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ତଥା ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ ଓ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି କାଉନ୍‌ସିଲର ସ୍ୱାଧୀନ ଥମ୍ବ ଯୋଗଦେଇ ପୂଜା ଦିନଗୁଡ଼ିକ ଏବଂ ଭସାଣି ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ସବ୍‌କିମିଟି ଘୋଷଣା କରାଯାଇଥିଲା। ଭସାଣି ପୂର୍ବଦିନ ୬ ତାରିଖ ଅପରାହ୍ନରେ ଲଡ୍ଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ୪ ଟନ୍ ଓଜନ ବିଶିଷ୍ଟ ଆଞ୍ଚାଲଡ୍ଡୁ ନିଲାମ କରାଯିବ। ଭସାଣି ଶୋଭାଯାତ୍ରା ଦିନ ସକାଳ ୮ଟାରେ ମେଢ଼ଗୁଡ଼ିକ ବଡ଼ଦାଣ୍ଡସାହିସ୍ଥିତ ମେଳଣ ପଡ଼ିଆରେ ଏକତ୍ରିତ ହେବା ପରେ କ୍ରମାନ୍ୱୟରେ ଯିବେ। ଭସାଣି ଉତ୍ସବରେ ୩୫ଟି ମେଢ଼ ସାମିଲ ହେବେ। ଭସାଣିରେ ଡିଜେ ନିଷିଦ୍ଧ ହୋଇଥିଲା ବେଳେ ସାଉଣ୍ଡ ସିଷ୍ଟମକୁ ଛାଡ଼ି ସର୍ବାଧିକ ୫ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇପାରିବ। ଭସାଣି ଶୋଭାଯାତ୍ରାରେ କ୍ରମାନ୍ୱୟରେ ସାମିଲ ହେବାକୁ ଥିବା ମେଢ଼ଗୁଡ଼ିକ ହେଲା-ମହାବଳପଡ଼ା ବଡ଼ଦାଣ୍ଡସାହି ପୂଜା କମିଟି, ବିରାଦରପଡ଼ା ମା' ସେବକ ସଂଘ ପୂଜା କମିଟି, ବାପୁଜୀନଗର ପୂଜା କମିଟି, ମ୍ୟୁନିସିପାଲିଟି ବଜାର ପୂଜା କମିଟି, ମା' ସୁନାକାଳୀ ଚାଉଳିଆକୁତା, ପାଇକସାହି ଗଣେଶ ପୂଜା କମିଟି, ଭୈରବୀସାହି ପୂଜା କମିଟି, ମା' ହିଙ୍ଗୁଳା ପୂଜା କମିଟି ରାଣୀ ମନ୍ଦିର, ଜେଲ୍ ରୋଡ୍ ପୂଜା କମିଟି, ବ୍ରାହ୍ମଣଶାସନ ଏମ୍‌ଜିଏମ୍ ପୂଜା କମିଟି, ବସ୍‌ଷ୍ଟାଣ୍ଡ ପୂଜା କମିଟି, ବଉଳଛକ ରାସପାର୍ଟି ପୂଜା କମିଟି, ନବମିଶ୍ର କଲୋନୀ ପୂଜା କମିଟି, କାର୍‌ଗିଲ୍ ଗ୍ରୁପ୍ ପୂଜା କମିଟି, ବ୍ରାହ୍ମଣଶାସନ ମହାବୀର ପୂଜା କମିଟି, ତ୍ରିନାଥ କ୍ଲବ ସିଂହସାହି ପୂଜା କମିଟି, ହାଟତୋଟା କଳିଙ୍ଗ ମାର୍କେଟ୍ ପୂଜା କମିଟି, କାରିଗରପଡ଼ା ପୂଜା କମିଟି, ଜୟମା' ମଙ୍ଗଳା ଜାମ୍ବୁବଣିଆସାହି ପୂଜା କମିଟି, ପାଟଣାସାହି ପୂଜା କମିଟି, ଭୈରବୀସାହି ବାଲ୍ ଗଣେଶ ପୂଜା କମିଟି, ପୁରୁଣା ପୋଷ୍ଟ ଅଫିସ୍ ଜଗନ୍ନାଥ ବଜାର ପୂଜା କମିଟି, ହାଟତୋଟା ଗଣେଶ ପୂଜା କମିଟି, ମୋଚିସାହି ମା' କନକଦୁର୍ଗା ପୂଜା କମିଟି, ଅରାସାହି ଆମରିସଂସ୍ଥା ପୂଜା କମିଟି, ହନୁମାନପଡ଼ା ପୂଜା କମିଟି, ଶ୍ରୀ ଗଜାନନ ପୂଜା କମିଟି, ରୁଦ୍ର ସେବକ ପୂଜା କମିଟି, ମହାଲକ୍ଷ୍ମୀ ଗଣେଶ ପୂଜା କମିଟି ବାପୁଜୀନଗର, କିଶୋରଗଞ୍ଜପାଟଣା ହରଗୌରୀ ପୂଜା କମିଟି, କୁମ୍ଭାରସାହି ଜୟହିନ୍ଦ କ୍ଲବ୍ ପୂଜା କମିଟି, ବିରାଦରପଡ଼ା ମା' ତାଳେଶ୍ୱରୀ ପୂଜା କମିଟି, ମ୍ୟୁନିସିପାଲିଟି ଅଫିସ୍ ମହାରଣା ସାହି ପୂଜା କମିଟି, ମହାରଣାସାହି ପୂଜା କମିଟି ଓ ଚିତ୍ରକୂଟ ବଜାର ପୂଜା କମିଟି। ବୈଠକରେ କେନ୍ଦ୍ରୀୟ ଗଣେଶ ପୂଜା କମିଟି ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲା ବେଳେ ଅନ୍ୟତମ ଉପସଭାପତି ପ୍ରକାଶ ମହାରଣା ବୈଠକ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଦିଲୀପ କୁମାର ପାଣି ବିବରଣୀ ପାଠ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। କୋଷାଧ୍ୟକ୍ଷ ରଣଜିତ ମହାପାତ୍ର ଲଟେରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ସୌଭାଗ୍ୟ ମହାରଣା, ନିରୋଜ ଦାସ, ଉପଦେଷ୍ଟା କେଶବ ଭୂତିଆ ଓ ଇଂ ରମେଶ ବେହେରା ପ୍ରମୁଖ ଶାନ୍ତିଶୃଙ୍ଖଳାରେ ପୂଜା ସମାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ଅଗଷ୍ଟ ୨୭ରୁ ଆରମ୍ଭ ହେବ ଓ ସେପ୍ଟେମ୍ବର ୭ ତାରିଖ ଇନ୍ଦୁପୂର୍ଣ୍ଣିମା ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ତାଳଚେର କଲେଜ ପଡ଼ିଆରେ ମୀନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ଏଥିପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

**ଭସାଣି ଶୋଭାଯାତ୍ରାରେ ସାମିଲ ହେବେ ୩୫ ମେଢ଼**

● ହିନ୍ଦୋଳ ଉପଖଣ୍ଡ ସାମ୍ବାଦିକ ସଙ୍ଘର ସାଧାରଣ ବୈଠକ

## ଦୁର୍ନୀତି ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦେବେ ଅଭିଯୋଗପତ୍ର



ହିନ୍ଦୋଳ,୨୧।୮ (ସମିସ): ହିନ୍ଦୋଳ ଉପଖଣ୍ଡ ସାମ୍ବାଦିକ ସଙ୍ଘର ସାଧାରଣ ବୈଠକ ବୁଧବାର ସାତମାଇଲସ୍ଥିତ ଡାକବଙ୍ଗଳରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଦୀପ୍ତିକାନ୍ତ ପ୍ରଧାନ ଓ ସମ୍ପାଦକ ସୁମନ୍ତ ଦେହୁରୀଙ୍କ ତତ୍ତ୍ୱାବଧାନରେ ବୈଠକ ହୋଇଥିଲା। ଏଥିରେ ପ୍ରାୟ ୩୫ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିଲେ। ଆଗାମୀ ନୂତନ ବର୍ଷ ପୂର୍ବରୁ ସଙ୍ଘର ବାର୍ଷିକ ଉତ୍ସବ ପାଳନ ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ହେଉଥିବା ବ୍ୟାପକ ଦୁର୍ନୀତିକୁ ସଙ୍ଘ ପକ୍ଷରୁ ଦୃଢ଼ ବିରୋଧ କରାଯିବା ସହ ଏ ବିଷୟରେ ସଙ୍ଘର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିବେ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ଉପଖଣ୍ଡରେ ୫୦୦ କୋଟି ଟଙ୍କା ବ୍ୟୟରେ ହେଉଥିବା ମେଗାପନୀୟ ଜଳ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହୋଇଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଜ୍ଞାତସାରରେ ଦୁର୍ନୀତି ହେଉଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ୩ ଫୁଟ ଗଭୀରରେ ପାଇପ ବିଛାଇବା ପାଇଁ ନିୟମ ଥିବା ବେଳେ କେବଳ ୬ ଇଞ୍ଚ ଗଭୀରରେ ପାଇପ ବିଛାଯାଇଥିବା ନେଇ ସଙ୍ଘର ସଦସ୍ୟମାନେ ଅଭିଯୋଗ କରିଥିଲେ। ଦୀର୍ଘ ୧୨ ବର୍ଷ ହେବ ଗ୍ରାମ୍ୟ ଜଳ ପରିମଳ ବିଭାଗରେ ଜଣେ ଯନ୍ତ୍ରୀ କାର୍ଯ୍ୟ କରିଆସୁଛନ୍ତି। ଫଳରେ ବିଭାଗରେ ଦିନକୁ ଦିନ ଦୁର୍ନୀତି ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ଅଭିଯୋଗ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ସେହିପରି ହିନ୍ଦୋଳ ବ୍ଲକର ବିଭିନ୍ନ ବିଭାଗରେ ଦିନକୁ ଦିନ ବ୍ୟାପକ ଦୁର୍ନୀତି ବଢ଼ିଚାଲିଛି। ବିନା ପିସିରେ ଲୋକଙ୍କ କୌଣସି କାର୍ଯ୍ୟ ହୋଇପାରୁନାହିଁ। ଏହି ୨ ବିଭାଗକୁ ଭିଜିଲାନ୍ସସ୍ତରୀୟ ତଦନ୍ତ କରାଯାଇ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଛି। ଏହି ଅବସରରେ ସାମ୍ବାଦିକ ସଞ୍ଜୟ କୁମାର ପାଳ ଓ ବିନୟ ବେହେରାଙ୍କୁ ସର୍ବସମ୍ମତି କ୍ରମେ ସଦସ୍ୟ ଭାବେ ସଙ୍ଘରେ ସାମିଲ କରାଯାଇଥିଲା।

## ୪ଦିନ ପରେ ଧାରଣା ପ୍ରତ୍ୟାହୃତ



ଗଁଦିଆ,୨୧।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ୨୯ ପଞ୍ଚାୟତ ନିର୍ଭର କରୁଥିବା ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଧାରଣା ଗୁରୁବାର ୪ର୍ଥ ଦିନରେ ପ୍ରତ୍ୟାହୃତ ହୋଇଛି। ୩ ଦଫା ଦାବି ମଧ୍ୟରୁ ଆଜି ଗୋଟିଏ ଦାବି ପୂରଣ ହେଇଛି। ବିଧାୟକ ପାଣ୍ଠିରୁ ତତ୍କାଳୀନ ଢେଙ୍କାନାଳ ବିଧାୟକ ସରୋଜ କୁମାର ସାମଲଙ୍କ ଦ୍ୱାରା ଏହି ମେଡିକାଲକୁ ୨୦୧୯ରେ ଦିଆଯାଇଥିବା ଆମ୍ବୁଲାନ୍ସ କୋଭିଡ ମହାମାରୀ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗୁରୁବାର ସକାଳେ ଉକ୍ତ ଆମ୍ବୁଲାନ୍ସ ଆସି ପହଞ୍ଚିଥିଲା। ଆଗାମୀ ଏକ ମାସ ମଧ୍ୟରେ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ଥିତପ୍ରଜ୍ଞା ମହାନ୍ତି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ଅଧ୍ୟାପକ, କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ




ଯୋରନ୍ଦା,୨୧।୮ (ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମା ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଏହି ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ସରକାରୀ ଅନୁଦାନ ପାଇଁ ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ଆନ୍ଦୋଳନ ଚଳାଇଛନ୍ତି। ଆନ୍ଦୋଳନ ଆଜି ୪ର୍ଥ ଦିନରେ ଜାରି ରହିଛି। ଏଥିରେ ଅଧ୍ୟାପକ ଦିଲୀପ ପଣ୍ଡା, କାଳନ୍ଦୀ ପଣ୍ଡା, ଇପିଲି ଶିବଶଙ୍କର, ସୌମ୍ୟରଞ୍ଜନ ସାହୁ, ଶ୍ରୀମନ୍ତ ବେହେରା, ପ୍ରତ୍ୟୁଷ ଶତପଥୀ, ଅଧ୍ୟାପିକା ଗୀତାଞ୍ଜଳି ମହାରଣା, ସସ୍ମିତା ମିଶ୍ର, ଅଞ୍ଜଳି ମଲ୍ଲ ପ୍ରମୁଖ ସାମିଲ ହୋଇଛନ୍ତି। ଆନ୍ଦୋଳନ ଫଳରେ ଛାତ୍ରଛାତ୍ରୀମାନେ କ୍ଲାସ କରି ନ ପାରି ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଅସରଡ଼ା ଗ୍ରାମରେ ଦେବୀପୀଠ ପ୍ରତିଷ୍ଠା ଉତ୍ସବ



ଖଜୁରିଆକଟା,୨୧।୮ (ସମିସ): ହିନ୍ଦୋଳ ଉପଖଣ୍ଡ ଅସରଡ଼ା ଗ୍ରାମର ଆରାଧ ଦେବୀ ବ୍ରାହ୍ମଣୀ ଓ ବାଉତୀଙ୍କ ନୂତନ ପୀଠସ୍ଥଳୀ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଗ୍ରାମର ନିତ୍ୟ ପୂଜକ ବିଶ୍ୱଜିତ୍ ରଥ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତା ରୂପେ ହରେକୃଷ୍ଣ ସାମଲ ଦାୟିତ୍ୱ ତୁଲାଇଥିଲେ। ଗ୍ରାମ କମିଟି ସଭାପତି ବନମାଳୀ ଦେହୁରୀ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ସ୍ଥାନୀୟ ରଞ୍ଜାଗୋଳ ଧୂନିଘର ମଠ ମହନ୍ତ ମାଧବାନନ୍ଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବରେ ଅସରଡ଼ା ଗ୍ରାମ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶିଷ ଲାଭ କରିବା ସହ ପ୍ରସାଦସେବନ କରିଥିଲେ।

# 'ଭୁବନେଶ୍ୱର, କଟକ ବାଇପାସ୍ ଢେଙ୍କାନାଳ ବିକାଶକୁ ତ୍ୱରାନ୍ୱିତ କରିବ'

ଢେଙ୍କାନାଳ,୨୧।୮ (ସମିସ)

ସମ୍ପ୍ରତି ସରକାରଙ୍କ ପ୍ରସ୍ତାବିତ ୧୧୧ କିମି ଦୀର୍ଘ ଭୁବନେଶ୍ୱର, କଟକ ବାଇପାସ୍ ରାସ୍ତା ଏକ ଦୂରଦର୍ଶୀ ପ୍ରକଳ୍ପ। ଏହାଦ୍ୱାରା କେବଳ ଯେ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ସହରର ଅତ୍ୟଧିକ ଟ୍ରାଫିକ ଚାପକୁ ନିୟନ୍ତ୍ରଣ କରାଯାଇପାରିବ ତାହା ନୁହଁ ବରଂ ଅନେକ ଅଞ୍ଚଳର ବ୍ୟବସାୟ ବାଣିଜ୍ୟ ଓ ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ। ଏହି କ୍ରମରେ ଢେଙ୍କାନାଳ ସହରାଞ୍ଚଳର ବିକାଶ ତ୍ୱରାନ୍ୱିତ ହେବା ସହ ବୃହତର ଢେଙ୍କାନାଳ ସହର ପାଇଁ ମାର୍ଗ ପ୍ରଶସ୍ତ ହେବ। ଏହି ୬ଟିକିଆ ରାଜପଥ ଢେଙ୍କାନାଳର ଶଙ୍କରପୁର, ସପ୍ତଶଯ୍ୟା ଓ ଗୋବିନ୍ଦପୁର ଅଞ୍ଚଳ ଦେଇ ଗତି କରିବା ଯୋଜନା ଚୂଡ଼ାନ୍ତ ହୋଇଛି। ଏହା ପ୍ରସ୍ତାବିତ ୫୫ନଂ ଜାତୀୟ ରାଜପଥ ଅର୍ଥାତ ପୁରୁଣା କଟକ-ସମ୍ବଲପୁର ରାଜପଥ ପାରହୋଇ ଗୋବିନ୍ଦପୁରଠାରେ ୫୫ନଂ ଜାତୀୟ ରାଜପଥକୁ ଅତିକ୍ରମ କରିବ। ସେହିପରି ଢେଙ୍କାନାଳର ଦେଓଗାଁକୁ ମଧ ସଂଯୋଗ କରି ୫ନଂ ଜାତୀୟ ରାଜପଥ ଟାଙ୍ଗୀ ନିକଟରେ ଶେଷ ହେବ। ଢେଙ୍କାନାଳର ପ୍ରସ୍ତାବିତ ୨ୟ ବାଇପାସ ରୋଡ ଗୋବିନ୍ଦପୁରରୁ ଢେଙ୍କାନାଳ ଦେଓଗାଁ ରାସ୍ତାର କୁକୁଡ଼ାଝର ଛକ ଦେଇ ରଣପଶିଠାରେ କାମାକ୍ଷାନଗର ରାଜ୍ୟ ରାଜପଥକୁ ସଂଯୋଗ କରିବ। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ପୌରପାଳିକାର ସମ୍ପ୍ରସାରଣ ଜରୁରୀ ହୋଇପଡ଼ିଛି। ଭବିଷ୍ୟତରେ ୨୦୫୦ ବେଳକୁ ଏହି ପୌରପାଳିକାକୁ ଏକ ପୌର ନିଗମରେ ପରିଣତ କରିବା ସମ୍ଭାବନା ମଧ ଉଜ୍ଜ୍ୱଳ ହୋଇପଡ଼ିଛି। ଢେଙ୍କାନାଳ ପୌରାଞ୍ଚଳର ସୀମା ପୂର୍ବରେ ଗୋବିନ୍ଦପୁର ଯାହା ସହରଠୁ ମାତ୍ର ୮ କିମି ଦୂରରେ ଅବସ୍ଥିତ, ପଶ୍ଚିମରେ ଗଦାଶିଳା, ଉତ୍ତରରେ ଶଙ୍କରପୁର ଓ ଭାପୁର, ଦକ୍ଷିଣରେ କାଇମାଟି, ରଞ୍ଜା ଓ ନରଣପୁର ଆଦି ଅଞ୍ଚଳକୁ ସମ୍ପ୍ରସାରିତ ହେବାର ସମସ୍ତ ସୁବିଧା ରହିଛି। ଏଗୁଡ଼ିକ ସହର ଚତୁଃପାର୍ଶ୍ୱରେ ୧୫ କିମି ବ୍ୟାସାର୍ଦ୍ଧରେ ଅବସ୍ଥିତ ରହିଛି। ବର୍ତ୍ତମାନର ପୌରପରିଷଦ ଏ ଦିଗରେ ପ୍ରସ୍ତାବ ଅନୁମୋଦନ ପୂର୍ବକ ରାଜ୍ୟ ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖିବା ଦରକାର। ପ୍ରସ୍ତାବିତ ଏହି ଉଚ୍ଚାକାଂକ୍ଷୀ ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇ ୨ବର୍ଷ ମଧ୍ୟରେ ଶେଷ କରାଯାଉ। ଏହି ପ୍ରକଳ୍ପ ପାଇଁ ଢେଙ୍କାନାଳ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଅଶୋକ କୁମାର ନନ୍ଦ, ଆବାହକ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ଉପସଭାପତି ଅଖିଳ ମହାପାତ୍ର, ସଭ୍ୟ ବିଜୟ କୁମାର ସାହୁ, ଜୟକୃଷ୍ଣ ଜେନା, ସପ୍ତଶଯ୍ୟା ସରପଞ୍ଚ ଅଭିମନ୍ୟୁ ବେହେରା ଓ ଢେଙ୍କାନାଳ ବିକାଶ ପରିଷଦର ଆବାହକ ରାଜନାରାୟଣ ତ୍ରିପାଠୀ ପ୍ରମୁଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜାତୀୟ ରାଜପଥ ବିଭାଗର ମନ୍ତ୍ରୀ ନୀତୀନ ଗଡ଼କରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଓ ଜିଲ୍ଲାର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଢେଙ୍କାନାଳ,୨୧।୮ (ସମିସ): ସ୍ଥାନୀୟ ଗୋପିନାଥ ଗାର୍ଡେନରେ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ୧୯୬୮ ବ୍ୟାଚ ଛାତ୍ରମାନଙ୍କ ପାରିବାରିକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଡ. ଜିତେନ୍ଦ୍ର ଭଞ୍ଜ, ହୃଷୀକେଶ ରଣା, ରୁଦ୍ର ମହାପାତ୍ର, ଭଗବାନ ସାହୁ, ଲୁଲୁ ପଟ୍ଟନାୟକ, ଅଭିମନ୍ୟୁ ବାରିକ, ପ୍ରଫୁଲ୍ଲ ସାହୁ, ବୈଷ୍ଣବ ମହାରଣା, ରମେଶ ମଲ୍ଲିକ, ବିଶ୍ୱନାଥ ପାତ୍ର, ଦୁଃଖିଶ୍ୟାମ ସିଂହ, ସତ୍ୟନାରାୟଣ ଷଡ଼ଙ୍ଗୀ, ସୁରେନ୍ଦ୍ର ଜେନାମଣି, ପ୍ରକାଶ ମହାପାତ୍ର, ଗୋକୁଳାନନ୍ଦ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ସାହୁ, ସିଦ୍ଧେଶ୍ୱର ସ୍ୱାଇଁ, ରବୀନ୍ଦ୍ର ମାଟିଆ ମିଶ୍ର, ବ୍ରହ୍ମାନନ୍ଦ ସାହୁ, ପବିତ୍ର ପ୍ରଧାନ, ଗୋବିନ୍ଦ ସେନାପତି, ନିମାଇଁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ୫ ଫୁଟର ଅଜଗର ଉଦ୍ଧାର



କିଶୋରନଗର,୨୧।୮ (ସମିସ): କିଶୋରନଗର ବ୍ଲକ ନାକଚି ଗ୍ରାମର ଏକ ଚାଷଜମିରୁ ଗୁରୁବାର ୫ ଫୁଟ ଲମ୍ବ ଅଜଗର ଉଦ୍ଧାର କରାଯାଇଛି। ସାପ ଉଦ୍ଧାରକାରୀ ସିଦ୍ଧେଶ୍ୱର ରଥ, ତାଙ୍କ ସାଥୀ ମାନସ ରଞ୍ଜନ ବେହେରା ଓ ଶ୍ରବଣ ସାହୁ ସାପକୁ ଉଦ୍ଧାର କରିଥିଲେ। ପରେ ହଣ୍ଡପା ବନକର୍ମଚାରୀ ଦୀପ୍ତିରଞ୍ଜନ ନାୟକ ଓ ସଞ୍ଜୁକ୍ତା ବିଶ୍ୱାଳଙ୍କ ଉପସ୍ଥିତିରେ ସାପକୁ ଜଙ୍ଗଲରେ ଛଡ଼ାଯାଇଛି।

# ବିଡିଓଙ୍କ ପ୍ରତିଶ୍ରୁତି ପରେ ଆଉଁରୀ ଗ୍ରାମବାସୀଙ୍କ ଧାରଣା ପ୍ରତ୍ୟାହୃତ



**ଏରସମା, ୨୧।୮ (ସମିସ):** ଏରସମା ବ୍ଲକ ଅଧୀନ ଗୋଡ଼ା ପଞ୍ଚାୟତର ଆଉଁରୀ ସ୍କୁଲ୍ ରାସ୍ତା ମରାମତି କରିବା ଦାବିରେ ଆଉଁରୀ ଗ୍ରାମବାସୀଙ୍କ ପକ୍ଷରୁ ଗୋଡ଼ା ପଞ୍ଚାୟତ ଆଗରେ ଧାରଣା ଦିଆଯାଇଥିଲା। ଶାଲୁ ସାସମଲଙ୍କ ନେତୃତ୍ୱରେ ଶରତ ସାମଲ, ଜଗନ୍ନାଥ ସ୍ୱାଇଁ, ଉଷାରାଣୀ, ଟୁନିଲତା ସେଠୀ ପ୍ରମୁଖ ଗ୍ରାମବାସୀଙ୍କ ପ୍ରତିନିଧି ଧାରଣା ଦେଇଥିଲେ। ତେବେ ବିଡିଓ ରାସ୍ତା ମରାମତି କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

ଆଉଁରୀ ରାସ୍ତା ଦେଇ ପ୍ରତିଦିନ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ୧ ଫୁଟ ପାଣିରେ ପଶି ଯାଉଛନ୍ତି। ପାଣିରେ ସରୀସୃପ ଭୟ ରହିଛି। ଦୀଘ ବର୍ଷ ଧରି ଗ୍ରାମବାସୀ ରାସ୍ତା ମରାମତି ଦାବି କରିଆସୁଛନ୍ତି। କିନ୍ତୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଆଜି ଧାରଣା ଦେଇଥିବା ଲୋକଙ୍କ ପାଖକୁ ଯାଇ ସ୍ଥାନୀୟ ସରପଞ୍ଚ ବିଶ୍ୱକଲ୍ୟାଣୀ ନାୟକ, ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ବାରିକ ଆଲୋଚନା କରିଥିଲେ। ଏହି ରାସ୍ତା ପାଇଁ ପଞ୍ଚାୟତରୁ ଦୁଇ ଲକ୍ଷ ଟଙ୍କା ଦିଆଯାଇଛି। ବର୍ଷାଦିନ ପରେ କାମ ଆରମ୍ଭ ହେବ ବୋଲି କହିଥିଲେ। ମାତ୍ର ସେମାନଙ୍କ କଥା ଧାରଣା ଦେଇଥିବା ପ୍ରତିନିଧି ଶୁଣି ନ ଥିଲେ। ତେବେ ଏରସମା ବିଡିଓ ଶ୍ରୀ ଜେନା ରାସ୍ତା କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଚାନ୍ଦୋଳ କଲେଜ ଇତିହାସ ବିଭାଗର ସ୍ୱାଗତ ଉତ୍ସବ



**ଡେରାବିଶ, ୨୧।୮ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ଇତିହାସ ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କୁ ଆଜି ସ୍ୱାଗତ ସମ୍ବର୍ଦ୍ଧନା ସହିତ ବିଦାୟୀ ଛାତ୍ରଛାତ୍ରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏ ଉପଲକ୍ଷେ ମହାବିଦ୍ୟାଳୟ ସଭାକକ୍ଷରେ ଆୟୋଜିତ ସଭାରେ ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚିତ୍ରୋତ୍ପଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ବେଦପ୍ରକାଶ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ନବାଗତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ପରେ ତୃତୀୟ ବର୍ଷର ବିଦାୟୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମୁଖ୍ୟଅତିଥି ଶ୍ରୀ ନାୟକ ଓ ସଭାପତି ଶ୍ରୀ ବଳ ନବାଗତ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେବା ସହ ପାଠପଢ଼ାରେ ଏକାଗ୍ରତା ରଖିବା ପାଇଁ ପରାମର୍ଶ ଦେଇଥିଲେ। ବିଦାୟୀ ଛାତ୍ରଛାତ୍ରୀ ଉଚ୍ଚତର ଶିକ୍ଷା ଗ୍ରହଣ କରିବା ଓ ସମାଜରେ ଜଣେ ଜଣେ ଭଲ ନାଗରିକ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ବରଦା ପ୍ରସାଦ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାର ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବିଧାୟକଙ୍କ ଦାବି

**ଜଗତସିଂହପୁର, ୨୧।୮ (ସମିସ):** ଓଡ଼ିଶାର ସାହିତ୍ୟ, ସଂସ୍କୃତି, କଳା ଓ ସର୍ବୋପରି ସ୍ୱାଧୀନତା ସଂଗ୍ରାମରେ ଜଗତସିଂହପୁର ମାଟିର ସ୍ୱତନ୍ତ୍ର ସ୍ଥାନ ରହିଛି। ଆଦିକବି ସାରଳା ଦାସଙ୍କଠାରୁ ଆରମ୍ଭ କରି ନବକୃଷ୍ଣ ଚୌଧୁରୀଙ୍କ ପର୍ଯ୍ୟନ୍ତ ବରପୁତ୍ର ଓ ଅନେକ ମହିୟସୀ ମହିଳା ଏଠାରେ ଜନ୍ମଲାଭ କରି ମାଟିର ଟେକ ରଖିଛନ୍ତି। ଏହି ବରପୁତ୍ରଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ କେତେକ ଅନୁଷ୍ଠାନ ପକ୍ଷରୁ ସେମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଉଛି। ତେବେ ଦୁଃଖ ଓ ପରିତାପର ବିଷୟ ଏହି ବରପୁତ୍ର ଓ ମହିୟସୀ ମହିଳାଙ୍କ ପ୍ରତିମୂର୍ତ୍ତି ସେମାନଙ୍କ ଜନ୍ମସ୍ଥାନ ଓ ରାଜ୍ୟ ସ୍ତରରେ ସ୍ଥାପନ ହୋଇପାରିନାହିଁ। ଏହାକୁ ଦୃଷ୍ଟିରେ ରଖି ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ଏ ସମ୍ପର୍କିତ ଏକ ପତ୍ର ଲେଖି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବହ୍ନିକନ୍ୟା ସରଳା ଦେବୀ, ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା, ଶିକ୍ଷାବିତ୍ ଶ୍ରୀରାମ ଦାଶ, ନାରାୟଣ ବୀରବର ସାମନ୍ତ, ଗୌରୀଶ୍ୟାମ ନାୟକ, ଜାତୀୟ କବି ବୀରକିଶୋର, ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ ଓ ପ୍ରାଣକୃଷ୍ଣ ପଡ଼ିହାରୀଙ୍କ ସମେତ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ରାଜ୍ୟସ୍ତରରେ ସ୍ଥାପନ କରିବା ପାଇଁ ବିଧାୟକ ଶ୍ରୀ ଜେନା ଉକ୍ତ ଚିଠି ମାଧ୍ୟମରେ ଦାବି ଜଣାଇଛନ୍ତି। ସେହିପରି ଯେଉଁ ବରପୁତ୍ର ଓ ବରପୁତ୍ରୀଙ୍କ ପ୍ରତିମୂର୍ତ୍ତି ସେମାନଙ୍କ ଜନ୍ମସ୍ଥାନରେ ସ୍ଥାପନ କରାଯାଇନାହିଁ, ସେମାନଙ୍କ ପ୍ରତିମୂର୍ତ୍ତି ସେଠାରେ ସ୍ଥାପନ ପାଇଁ ବ୍ୟବସ୍ଥା କରିବାକୁ ବିଧାୟକ ଶ୍ରୀ ଜେନା ଦାବି କରିଛନ୍ତି।

# କାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର | ନିୟମିତ ଆସୁନାହାନ୍ତି ଡାକ୍ତର, ସେବା ବାଧାପ୍ରାପ୍ତ

**ରାଜକନିକା, ୨୧।୮ (ସମିସ)**

ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ କାଟଣା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଡାକ୍ତର ନିୟମିତ ଆସୁ ନ ଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଏ ସମସ୍ୟା ଦୂର କରାଯିବାକୁ ଆଜି ଅଞ୍ଚଳବାସୀ ରାଜକନିକା ମେଡିକାଲ ଅଫିସରଙ୍କୁ ଲିଖିତ ଦାବିପତ୍ର ଦେଇ ନିୟମିତ ରୋଗୀ ସେବା ପାଇଁ ଦାବି କରିଛନ୍ତି।

ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ କାଟଣା ପିଏଚସିରେ ନିଯୁକ୍ତ ଏମବିବିଏସ ଡାକ୍ତର ଜ୍ୟୋତିପ୍ରକାଶ ଦାସ ବର୍ଷକରୁ ଉର୍ଦ୍ଧ୍ୱ ସମୟ ଧରି ଏଠାରେ କାର୍ଯ୍ୟ କରୁଥିଲେ ବି ସେ ସପ୍ତାହରେ ମାତ୍ର ଥରେ କି ଦୁଇଥର ଆସି ବାକି ସମୟ ରାଜକନିକାରେ ଡ୍ୟୁଟି କରୁଥିବା କହୁଥିଲେ ହେଁ ବାସ୍ତବରେ ସେ ଉଭୟ ସ୍ଥାନରେ ନ ଥା'ନ୍ତି। ରେକର୍ଡରେ ସେ କାଟଣା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଥିବାବେଳେ ଅଧିକାଂଶ ସମୟ ସେ ଏଠାରେ ଅନୁପସ୍ଥିତ ରହୁଛନ୍ତି। କେହି ଯେବେ ଏ ସମ୍ପର୍କରେ ତାଙ୍କୁ ଭେଟିବାକୁ କିମ୍ବା ଫୋନରେ ଯୋଗାଯୋଗ କଲେ ସେ ଛୁଟିରେ ଥିବା କହି ନିଜର ଦାୟିତ୍ୱ ସାରି ଦେଉଥା'ନ୍ତି। ମାସ ମାସ କାଟଣାରେ ଅନୁପସ୍ଥିତ ରହି ସେ କେମିତି ଏଠାରୁ ଦରମା ପାଉଛନ୍ତି, ତାହା ଜାଣିବାକୁ ଚାହିଁଲେ ବି ଅଞ୍ଚଳବାସୀ କୌଣସି ଉତ୍ତର ପାଉନାହାନ୍ତି। କାଟଣା ପଞ୍ଚାୟତର ୧୮ଟି ରାଜସ୍ୱ ଗ୍ରାମ ସହ ପଡ଼ୋଶୀ ପଞ୍ଚାୟତର ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଥିବା ଏହି ଡାକ୍ତରଙ୍କ ଅନୁପସ୍ଥିତିରେ ଏଠାରେ ଥିବା ଫାର୍ମାସିଷ୍ଟ ଓ ଆୟୁଷ ଡାକ୍ତର ରୋଗୀ ସେବା କରିବା ଅତ୍ୟନ୍ତ ପରିତାପର ବିଷୟ ହୋଇଛି। ମାସ ମାସ ଧରି ଡାକ୍ତରଙ୍କ ଏଠାରେ ଦେଖା ନ ଥିବା ସମ୍ପର୍କରେ ରାଜକନିକା ମେଡିକାଲ ଅଫିସରଙ୍କୁ ଜଣାଇଲେ ମଧ୍ୟ ଫଳ କିଛି ହୋଇନାହିଁ। ବାଧ୍ୟ ହୋଇ ଆଜି ଏହି ଅଞ୍ଚଳର ଲୋକେ ଲିଖିତ ଭାବେ ମେଡିକାଲ ଅଫିସରଙ୍କୁ ଦାବିପତ୍ର ଦେଇ ତୁରନ୍ତ ଏଠାରେ ନିଯୁକ୍ତ ଡାକ୍ତରଙ୍କ ନିୟମିତ ରୋଗୀ ସେବା ପାଇଁ ଜଣାଇଛନ୍ତି।

ସେହିପରି ଏଠାରେ ନିଯୁକ୍ତ ଡ୍ରେସରଙ୍କ ମଧ୍ୟ ଅନିୟମିତ ସେବା ପାଇଁ ଆହୁରି ସମସ୍ୟା ବଢ଼ିଛି। ଆବଶ୍ୟକତା ଦୃଷ୍ଟିରୁ ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏମବିବିଏସ ଡାକ୍ତର ନିଯୁକ୍ତି ଦେଇ ସରକାରୀ ବ୍ୟବସ୍ଥା ସବୁ କିଛି ଶୃଙ୍ଖଳିତ ଭାବେ ଚାଲୁଥିବା କହୁଥିବାବେଳେ କାଟଣାରେ ନିଯୁକ୍ତ ଡାକ୍ତର ନିୟମିତ ରୋଗୀସେବା ଦେବାକୁ ଆଜି ଧନୁର୍ଜୟ ଦାସ, ପ୍ରଦୀପ୍ତ ବେହେରା, ବିଜୟ ଲେଙ୍କା, ମନୋଜ ରାଉତ, ସୁଶାନ୍ତ ବେହେରା, ସଞ୍ଜୟ ରାୟ ଓ କାଳିଆ ବିଶ୍ୱାଳ ପ୍ରମୁଖ ଆଜି ଦାବି କରିଛନ୍ତି।




## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନା

# ରାଜକନିକା ବ୍ଲକର ବିଭିନ୍ନ ପ୍ରକଳ୍ପରେ ଦୁର୍ନୀତି ଅଭିଯୋଗ




**ରାଜକନିକା, ୨୧।୮ (ସମିସ):** ଗତ ସାଧାରଣ ନିର୍ବାଚନ ପୂର୍ବରୁ ସେ ସମୟର ରାଜ୍ୟ ସରକାର 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଯୋଜନାରେ ପ୍ରତ୍ୟେକ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରି ସଶକ୍ତ ଗ୍ରାମପଞ୍ଚାୟତ ଗଠନ କରିବାର ପ୍ରୟାସ କରିଥିଲେ। ଯେଉଁ ମୌଳିକ ଲକ୍ଷ୍ୟ ନେଇ ଏହି ଯୋଜନାର ପରିକଳ୍ପନା କରାଯାଇଥିଲା, ତାହାର ଉଦ୍ଦେଶ୍ୟ ରାଜକନିକା ବ୍ଲକରେ ସାଧିତ ହୋଇ ନ ଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡ଼ିଛି। ଆଦୌ କାମ କରା ନ ଯାଇ ଓ ଏମିତିକି ଇଟା ଖଣ୍ଡେ ନ ପଡ଼ି ସମୁଦାୟ ପ୍ରକଳ୍ପ ଅର୍ଥକୁ ହଡ଼ପ କରାଯାଇଥିବା ଭଳି ସାଙ୍ଘାତିକ ତଥ୍ୟ ଏବେ ବ୍ଲକ ପ୍ରଶାସନର ଅସଲ ମୁଖା ଖୋଲି ଦେଇଛି।

ରାଜକନିକା ପଞ୍ଚାୟତ ସମିତିର ପେଗରପଡ଼ା ପଞ୍ଚାୟତରେ ଏହି ଯୋଜନାରେ ରେକର୍ଡ ପତ୍ରରେ ଗୁଣ୍ଡିଚା କମ୍ୟୁନିଟି ସେଣ୍ଟର ନାଁରେ ୩ ଲକ୍ଷ, ଦଧିବାମନ କମ୍ୟୁନିଟି ସେଣ୍ଟର ନାଁରେ ୨ ଲକ୍ଷ ପଚାଶ ହଜାର ଓ ନରସିଂହ କମ୍ୟୁନିଟି ସେଣ୍ଟର ନାଁରେ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା କେବଳ ଫଳକ ଲଗାଇ ଚୋରି ହୋଇଥିବା ସୂଚନା ଅଧିକାର କର୍ମୀ ସୁଶାନ୍ତ ନାୟକଙ୍କୁ ମିଳିଥିବା ତଥ୍ୟରେ ଜଣାପଡ଼ିଛି। ଆଦୌ କାମ ନ କରି ରାଜକନିକା ପଞ୍ଚାୟତ ସମିତି ବିଡିଓ, ଜେଇ ଓ ଏଇ ମିଶି ଏମିତି କାରନାମା କରିଥିବାରୁ ଏହାର ବିଧିବଦ୍ଧ ତଦନ୍ତ ଦାବି କରାଯାଇଛି। ଏହି ତିନୋଟି ପ୍ରକଳ୍ପ ସମ୍ପର୍କରେ ତଦନ୍ତ କଲେ ଅନ୍ୟ ପଞ୍ଚାୟତର ବାସ୍ତବଚିତ୍ର ପଦାକୁ ଆସିବ ବୋଲି ବୋଲି ସୁଶାନ୍ତ ଅଭିଯୋଗ କରିଛନ୍ତି।

# ମିଶନ ଶକ୍ତି ଅତିରିକ୍ତ ଶାସନ ସଚିବଙ୍କ ଡେରାବିଶ ବ୍ଲକ୍ ଗସ୍ତ



**ଡେରାବିଶ, ୨୧।୮ (ସମିସ):** ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ଅତିରିକ୍ତ ଶାସନ ସଚିବ ଡ. ଅବିନାଶ ରାଉତଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ ଅବସରରେ ଡେରାବିଶ ବ୍ଲକର ବିଭିନ୍ନ ମହିଳା ଉତ୍ପାଦକ ଗୋଷ୍ଠୀକୁ ପରିଦର୍ଶନରେ ଯାଇ ଗୋଷ୍ଠୀର ସଦସ୍ୟଙ୍କ ସହିତ ସେମାନଙ୍କ କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଛନ୍ତି।

ଆଜି ଅତିରିକ୍ତ ଶାସନ ସଚିବ ଡକ୍ଟର ରାଉତ ପୂର୍ବାହ୍ନରେ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକସ୍ଥ ପଞ୍ଚୁପାଣ୍ଡବ ଛକରେ ପହଞ୍ଚିବା ପରେ ତାଙ୍କୁ କେନ୍ଦ୍ରାପଡ଼ାର ଡିପିଏମ୍ ପ୍ରଶାନ୍ତ ପାଢ଼ୀ, ଡିପିସି ଆରତୀ ସାହୁ, ଡେରାବିଶ ବ୍ଲକ ବିପିସି ମାମଲି ବେହେରା ଓ ବିପିଏମ୍ ଅମୀୟ ରାଉତ ସ୍ୱାଗତ କରିବା ସହିତ ପଞ୍ଚୁପାଣ୍ଡବସ୍ଥ ସ୍କିଲ କାଉନସେଲ୍‌ଫ ଟ୍ରେନିଂ ସେଣ୍ଟରକୁ ଯାଇ ବୁଲି ଦେଖିଥିଲେ। ପରେ ଲକ୍ଷ୍ମୀନାରାୟପୁର ପଞ୍ଚାୟତ ଅନ୍ତର୍ଗତ କେଉଟକଣ୍ଡିଆସ୍ଥ ମା' ମଙ୍ଗଳା ପିଜିଗ୍ରୁପ ପରିସରକୁ ଯାଇଥିଲେ। ସେଠାରେ ଏହି ପିଜି ଗ୍ରୁପ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ଅଗରବତୀ, ଫିନାଇଲ ଓ ମହମବତୀ ନିର୍ମାଣ ଶୈଳୀ ବୁଲି ଦେଖିବା ସହିତ ଏହାର ସଦସ୍ୟଙ୍କ ସହିତ ପିଜି ଗ୍ରୁପର ଅଭାବ ଅସୁବିଧା ଓ ଅନ୍ୟାନ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସେଠାରୁ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁରସ୍ଥ ଗୃହିଣୀ ମହିଳା ଉତ୍ପାଦକ ଗୋଷ୍ଠୀରେ ପହଞ୍ଚି ଏହି ଗ୍ରୁର ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପୋଷାକ ତିଆରି କାର୍ଯ୍ୟ ଦେଖିଥିଲେ। ସେଠାରୁ ଗୋଲରାହଟ ପଞ୍ଚାୟତ ଅନ୍ତର୍ଗତ ଗୋଲରାହାଟସ୍ଥ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ ପରିସରରେ ପହଞ୍ଚି ଏହି ଗ୍ରୁପର ମହିଳା ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ଏମ୍ବ୍ରୋଡୋରୀ କାର୍ଯ୍ୟ ବୁଲି ଦେଖିଥିଲେ। ଏଥିସହିତ ସନାନେତ୍ରୀ ଲେସାତୁନ୍ ବିବି ଓ ସମ୍ପାଦିକା ରେଶମା ବେଗମ୍‌ଙ୍କ ସହିତ ସେମାନଙ୍କ କାର୍ଯ୍ୟଶୈଳୀ ଓ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ଏ ଅବସରରେ ଏହି ଗୋଷ୍ଠୀର ସଦସ୍ୟା ସରକାରଙ୍କ ପକ୍ଷରୁ ସେମାନଙ୍କ ଗ୍ରୁପକୁ ଯୋଗାଇ ଦିଆଯାଇଥିବା ଗୃହର ସମ୍ପୂର୍ଣ୍ଣ ହେବା ପାଇଁ ଆଉ ସରକାରୀ ଅନୁଦାନର ଆବଶ୍ୟକତା ରହିଥିବା କହିଥିଲେ। ଆବଶ୍ୟକ ସରକାରୀ ଅନୁଦାନ ଯୋଗାଇ ଦେଲେ ସେମାନଙ୍କ ପ୍ରଡ୍ୟୁସର୍ସ ଗ୍ରୁପର ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରନ୍ତା ବୋଲି କହିଥିଲେ। ପରେ ଡକ୍ଟର ରାଉତ ସେଠାରୁ ଡେରାବିଶ ବ୍ଲକ ପରିସରରେ ରହିଥିବା ମିଶନ ଶକ୍ତି କାଫେରେ ମଧ୍ୟାହ୍ନଭୋଜନ କରିବା ପରେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଉତ୍ପାଦକ ଗୋଷ୍ଠୀ ପରିଦର୍ଶନରେ ଯାଇଥିଲେ।

# କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିବା ପରିବାରକୁ ସହାୟତା

**ରାଜନଗର, ୨୧।୮ (ସମିସ):** ଆଳି ବ୍ଲକ ମାଣିକପାଟଣା ଗ୍ରାମର ପଞ୍ଚାନନ ଦାସ ୧୯ ତାରିଖ ଦିନ ବ୍ରାହ୍ମଣୀ ନଦୀ କୂଳରେ ଗାଈ ଚରାଉଥିବାବେଳେ କୁମ୍ଭୀର ଆକ୍ରମଣରେ ମୃତ୍ୟୁବରଣ କରିଥିଲେ। କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିବା ପଞ୍ଚାନନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷିତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମୁଖ୍ୟ ବନ ସଂରକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ରାଜନଗର ଡିଏଫ୍‌ଓ ଭରଦରାଜ ଗାଓଁକର ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପଞ୍ଚାନନ ଦାସଙ୍କ ବଡ଼ପୁଅ ଅମର ଦାସଙ୍କୁ ପ୍ରଦାନ କରିଛନ୍ତି। ପଞ୍ଚାନନ ନଦୀକୂଳରେ ଗୋରୁ ଚରାଉଥିବାବେଳେ ଗୋରୁ ନଦୀ କୂଳକୁ ଚାଲିଯିବାରୁ ସେ ସେଠାରୁ ଆଣିବା ସମୟରେ ସେଠାରେ ଲୁଚି ରହିଥିବା କୁମ୍ଭୀର ପଞ୍ଚାନନଙ୍କୁ ଝାମ୍ପି ନେଇଥିଲା। କୁମ୍ଭୀର ପଞ୍ଚାନନଙ୍କ ଶରୀରର ଅର୍ଦ୍ଧାଧିକ ଖାଇଯାଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି।

# ନରସିଂହପୁର-ସିମୁଳିଆ ରାସ୍ତାର ଗୋବରୀ ନଦୀରେ ପୋଲ ନିର୍ମାଣ ପ୍ରସ୍ତାବ

**ପଟ୍ଟାମୁଣ୍ଡାଇ, ୨୧।୮ (ସମିସ):** କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ନରସିଂହପୁର-ସିମୁଳିଆ ରାସ୍ତା ନିକଟରେ ଗୋବରୀ ନଦୀ ଉପରେ ପୋଲ ନିର୍ମାଣ ପାଇଁ ସାଂସଦ ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ରାଜ୍ୟ ସରକାର ଓ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ନିର୍ବାହୀଯନ୍ତ୍ରୀଙ୍କୁ ପତ୍ର ଲେଖି ପରାମର୍ଶ ଦେଇଥିଲେ। ସାଂସଦଙ୍କ ଚିଠି ପାଇବା ପରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ ନିର୍ବାହୀଯନ୍ତ୍ରୀ ଏକ ଫିଜିବିଲ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏଥିପାଇଁ ନରସିଂହପୁର ଯୁବନେତା ଅମୂଲ୍ୟ ପରିଡ଼ା, ଗିରିଜା ସାମଲ ଓ ପରେଶ ସାହୁ ରାଜ୍ୟ ସରକାର ଓ ସାଂସଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଡେରାବିଶ, ୨୧।୮ (ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀସ୍ଥ ବିବି ମଡ଼େଲ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତା ବଳଙ୍କୁ ଗତକାଲି ଅପରାହ୍ନରେ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ଏ ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଦାସ ସଭାପତିତ୍ୱ କରିଥିବାବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ମୁଦୁଲି ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତା ବଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ, ଅନୀତା ପଣ୍ଡା, ମମତା ମହାନ୍ତି, ପ୍ରଜ୍ଞାପାରମିତା ମିଶ୍ର, ତବସୁମ ବେଗମ, ସୁଚିସ୍ମିତା ତ୍ରିପାଠୀ ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ବଳଙ୍କ ସହ ଥିବା ଅନୁଭୂତି ଓ ସ୍ମୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ନୂତନ ଭାବେ ଯୋଗଦେଇଥିବା କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ଦାଶଙ୍କୁ ଶିକ୍ଷକ ଆଲୋକ ଜେନା, ସଦାଶିବ ସାହୁ, ପବିତ୍ର ଚନ୍ଦ୍ର ଦାସ, କର୍ମଚାରୀ ମଳୟ ରଥ, ସତ୍ୟବ୍ରତ ପତି ଓ ନଳିନୀ ଗୋଛାୟତ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୀମତୀ ବଳଙ୍କ ଜଗତସିଂହପୁର ଜିଲ୍ଲାର ରଘୁନାଥଜୀଉ ଉଚ୍ଚବିଦ୍ୟାପୀଠକୁ ବଦଳି ହୋଇଥିବାବେଳେ ସେଠାରୁ ଶ୍ରୀ ଦାଶଙ୍କ ଏହି ବିଦ୍ୟାଳୟକୁ ବଦଳି ହୋଇଛି।

## ଡେରାବିଶରେ ବାର୍ଡ ଫ୍ଲୁ ଆଶଙ୍କା

# ୪ ଦିନରେ ମଲେଣି ୧୦ ହଜାରରୁ ଉର୍ଦ୍ଧ୍ୱ କୁକୁଡ଼ା

**ଡେରାବିଶ, ୨୧।୮ (ସମିସ)**

ଡେରାବିଶ ବ୍ଲକ ଅଞ୍ଚଳରେ ପୁଣି ଆରମ୍ଭ ହୋଇଛି କୁକୁଡ଼ା ମଡ଼କ। ୪ ଦିନ ଧରି ବ୍ଲକ ଅନ୍ତର୍ଗତ ବିଭିନ୍ନ ଫାର୍ମରେ ହଜାର ହଜାର କୁକୁଡ଼ାଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଖବର ପାଇ ଆଜି କେନ୍ଦ୍ରାପଡ଼ା ପ୍ରାଣୀ ସମ୍ପଦ ବିଭାଗୀୟ ଅଧିକାରୀ କୁକୁଡ଼ା ମଡ଼କ ହୋଇଥିବା ଫାର୍ମରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିଛନ୍ତି।



ସୂଚନା ମୁତାବକ, ଗତ କିଛିମାସ ପୂର୍ବେ ଡେରାବିଶ ଅଞ୍ଚଳରେ ଏଭଳି କୁକୁଡ଼ା ମଡ଼କ ଦେଖାଦେଇଥିବାବେଳେ ବାର୍ଡ଼ ଫ୍ଲୁ ଆଶଙ୍କାରେ ସ୍ଥାନୀୟ ଅଞ୍ଚଳର ସମସ୍ତ ଫାର୍ମରୁ କୁକୁଡ଼ାଙ୍କୁ ପ୍ରାଣୀ ସମ୍ପଦ ବିଭାଗ ଏକ ଟାସ୍କଫୋର୍ସ ଗଠନ କରି ମାରିବା ସହିତ ସୁରକ୍ଷିତ ମାଟି ତଳେ ପୋତିଦେଇଥିଲେ। ଏପରିକି ବିଭାଗ ପକ୍ଷରୁ ଏ ଅଞ୍ଚଳରେ ଥିବା ସମସ୍ତ ଗୃହପାଳିତ ପକ୍ଷୀଙ୍କୁ ମଧ୍ୟ ସଂକ୍ରମଣ ଆଶଙ୍କାରେ ମାରି ଦିଆଯାଇଥିଲା। ଆଜି ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଜାଗୁଲାଇପଡ଼ାସ୍ଥ ମନୋରଞ୍ଜନ ସାହୁଙ୍କ ଫାର୍ମରେ ପାଖାପାଖି ୪୨୦୦ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିବାବେଳେ ନରସିଂହପୁର ପଞ୍ଚାୟତର ତିଲଙ୍ଗସ୍ଥ ଦୁଇଟି ଫାର୍ମରେ ପାଖାପାଖି ୪୦୦୦ କୁକୁଡ଼ା, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ସାତବାଟିଆସ୍ଥ ଏକ ଫାର୍ମରେ ପାଖାପାଖି ୩୨୦୦ କୁକୁଡ଼ା ଓ ଗୋଲରାହାଟ ପଞ୍ଚାୟତର ଦୁଇଟି ଫାର୍ମରେ ପାଖାପାଖି ୨୦୦୦ରୁ ଉର୍ଦ୍ଧ୍ୱ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ତେବେ ଏପରି କୁକୁଡ଼ା ମଡ଼କ ହେବା ଫଳରେ କୁକୁଡ଼ା ଫାର୍ମଗୁଡ଼ିକ ମାତ୍ର ଦିନେ ଦୁଇଦିନ ମଧ୍ୟରେ ସମ୍ପୂର୍ଣ୍ଣ ଫାଙ୍କା ହୋଇଯାଉଛି। ଏପରିକି କୁକୁଡ଼ା ମଡ଼କ ହେଉଥିବା ଫାର୍ମ ମାଲିକ ଏବେ ତାଙ୍କର ସମସ୍ତ ଜମାପୁଞ୍ଜି ହରାଇ ମୁଣ୍ଡରେ ହାତ ଦେଇବସିଛନ୍ତି।

ଆଜି କେନ୍ଦ୍ରାପଡ଼ା ଏଡିଭିଓ ଡା. ମନିଷ ସିଂ, ଡିଡିଭିଓ ଡା. ତୁଷାର ମିଶ୍ର, ଡେରାବିଶ ବିଭିଓ ଦିଲ୍ଲୀପ ସେଠୀ ପ୍ରମୁଖଙ୍କ ନେତୃତ୍ୱରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ବ୍ଲକ ଅନ୍ତର୍ଗତ ବିଭିନ୍ନ ଫାର୍ମକୁ ଯାଇ କୁକୁଡ଼ାଙ୍କ ରକ୍ତ ନମୁନା ସଂଗ୍ରହ କରିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର କହିବା ଅନୁଯାୟୀ ଏହି ନମୁନା ରିପୋର୍ଟ ଆସିଲେ ଯାଇ କୁକୁଡ଼ା ମଡ଼କର କାରଣ ଜଣାପଡ଼ିବ ବୋଲି କହିଥିଲେ।

**ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ରକ୍ତ ନମୁନା ସଂଗ୍ରହ**

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଲା କୁକୁଡ଼ାଗୁଡ଼ିକୁ ଏଣେତେଣେ ନ ପକାଇ ମାଟି ଖୋଳି ପୋତି ଦେବାକୁ ଫାର୍ମ ମାଲିକଙ୍କୁ ପରାମର୍ଶ ଦେଇଥିବା ଜଣାଯାଇଛି। ତେବେ ଏହି ଚାରୋଟି ପଞ୍ଚାୟତରେ ଗତ କିଛିମାସ ତଳେ ହୋଇଥିବା କୁକୁଡ଼ା ମଡ଼କ ବାର୍ଡ଼ ଫ୍ଲୁ ସନ୍ଦେହରେ ଡେରାବିଶ ଅଞ୍ଚଳ ସମେତ ସମଗ୍ର କେନ୍ଦ୍ରାପଡ଼ାରେ ଭୟର ବାତାବରଣ ସୃଷ୍ଟି କରିଥିଲା।

# ନ୍ୟାୟ ପାଇଁ ଶାଶୂଘର ଆଗରେ ବସିଛନ୍ତି ୪ ବର୍ଷର ଶିଶୁ ସହ ମହିଳା

**ରାଜନଗର, ୨୧।୮ (ସମିସ):** ଶାଶୂଘର ଆଗରେ ନ୍ୟାୟ ପାଇଁ ୪ ବର୍ଷର ଶିଶୁପୁତ୍ର ସହ ମହିଳା ବସିରହିଛନ୍ତି। ଗତକାଲିଠାରୁ ନ ଖାଇ ମହିଳା ଜଣଙ୍କ ବସି ରହିଥିବାବେଳେ ପୁଲିସ ମହିଳାଙ୍କୁ ଜଗି ରହିଛି। ଶାଶୂଘରେ ସ୍ୱାମୀଙ୍କ ସହ ରହିବା ଦାବିରେ ମହିଳା ବସି ରହିଥିବାବେଳେ ପୁଲିସ ତାଙ୍କ ଅଭିଯୋଗ ଶୁଣୁ ନ ଥିବା ଓ ତାଙ୍କୁ ବାନ୍ଧି ନେଇ କେସ କରିଦେବେ ବୋଲି ଧମକ ଦେଇଥିବା ନେଇ ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ୨୦୨୧ରେ ହିନ୍ଦୁ ରୀତିନୀତି ଅନୁଯାୟୀ ରାଜନଗର ଥାନା ଅନ୍ତର୍ଗତ ବାହରଗଡ଼ ଗ୍ରାମର ପ୍ରେମାନନ୍ଦ ସାମଲଙ୍କ ପୁଅଙ୍କୁ ମହିଳା ଜଣକ ବିବାହ କରିଥିଲେ। ମହିଳାଙ୍କର ୪ ବର୍ଷର ପୁଅ ରହିଛି। ବିବାହର ଦୁଇବର୍ଷ ପରେ ସ୍ୱାମୀ, ଶଶୁର, ଶାଶୂ, ନଣନ୍ଦ, ସାନଶାଶୂ ଅଧିକ ଯୌତୁକ ପାଇଁ ମାଡ଼ ମାରିଥିଲେ। ଦେଢ଼ବର୍ଷ ପୂର୍ବେ ତାଙ୍କ ବାପାଙ୍କ ଉପସ୍ଥିତିରେ ମାଡ଼ ମାରିବା ସହିତ ଘରୁ ଝିଅକୁ ସାଙ୍ଗରେ ନ ନେଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଦେଢ଼ବର୍ଷ ଧରି ମହିଳା ଜଣକ ତାଙ୍କର ଶିଶୁପୁତ୍ର ସହିତ ବାପଘରେ ଅଛନ୍ତି। ବାପଘର ଅତ୍ୟନ୍ତ ଗରିବ ହୋଇଥିବାରୁ ସେମାନେ ବହୁ କଷ୍ଟରେ ଚଳୁଛନ୍ତି। ସ୍ୱାମୀ ଆମକୁ ନ ପଚାରି ପରକୀୟା ପ୍ରୀତିରେ ଥିବା ମହିଳା ଅଭିଯୋଗ କରିଛନ୍ତି। ଏ ନେଇ ରାଜନଗର ଥାନାରେ ବାରମ୍ବାର ଅଭିଯୋଗ କାଲେ ମଧ୍ୟ ପୁଲିସ ଶୁଣୁ ନ ଥିବା କହିଛନ୍ତି। ଫ୍ୟାମିଲ କୋର୍ଟରେ ଭଲରେ ରଖିବେ ବୋଲି ଲିଖିତ ଭାବେ ଜଣାଇ ଆଣିବାର ୧୫ ଦିନ ପରେ ଘରୁ ବାହାର କରିଦେଲେ। ଆମ ଅଜାଣତରେ ସ୍ୱାମୀ ଛାଡ଼ପତ୍ର ମାମଲା କରିଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। କୌଣସି ସ୍ଥାନରୁ ନ୍ୟାୟ ନ ପାଇବାରୁ ବାପଘରେ ଅନାହାରରେ ମରିବା ଅପେକ୍ଷା ଶାଶୂଘର ଆଗରେ ନ୍ୟାୟ ପାଇଁ ବସିଛି। ଗତକାଲି ଦିନ ୨ଟା ସମୟରେ ଶାଶୂଘର ନିକଟରେ ପହଞ୍ଚି ଶାଶୂ, ଶଶୁରଙ୍କୁ ନମସ୍କାର ହେବା ପରେ ଶାଶୂ ଗେଟ ବନ୍ଦ କରି ଗେଟ ପାଖରେ ବସିରହି ଛାଡ଼ିନ ଥିଲେ।



ଗତକାଲି ଦିନ ୨ଟାଠାରୁ ଶାଶୂଘର ଆଗରେ ବସିରହିଛି। ସ୍ୱାମୀ ପୁଲିସ ଡାକିଆଣିଛନ୍ତି। ପୁଲିସ ଆସି ଏଠାରେ ନ ବସିବାକୁ କହିଥିଲେ। ମୁଁ ନ୍ୟାୟ ନ ପାଇବା ଯାଏଁ ବସିରହିବି ବୋଲି କହିବାରୁ ମହିଳା ପୁଲିସ ବସିକି ମରିଗଲେ ବି କେହି ଶୁଣିବେନି। ବେଶୀ ଗପିଲେ ବାନ୍ଧି ନେଇ ମୋ ନାଁରେ କେସ କରିଦେବେ ବୋଲି ଧମକ ଦେଉଥିବା ନେଇ ମହିଳା କହିଛନ୍ତି। ଦୁଇଦିନ ଧରି ୪ ବର୍ଷର ଶିଶୁପୁତ୍ର ସହିତ ମହିଳା ଶାଶୂଘର ଆଗରେ ବସି ରହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ଆଇଆଇସି ନରେଶ କୁମାର ସାହୁଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇନାହାନ୍ତି।

### ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲେ ରୋଗୀ

ନୀଳଗିରି, ୨୧।୮ (ସମିସ)





ସ୍ୱାଧୀନତାର ବହୁ ବର୍ଷ ପରେ ମଧ ବହୁ ମୌଳିକ ସୁବିଧା ଆଜି ପର୍ଯ୍ୟନ୍ତ ଅନେକ ଅଞ୍ଚଳରେ ପହଞ୍ଚି ପାରିନାହିଁ। କଚ୍ଚା ରାସ୍ତାରେ ଗାଁରେ ପହଞ୍ଚି ପାରିଲା ନାହିଁ ଆମ୍ବୁଲାନ୍ସ। ଲୋକମାନଙ୍କ ସହାୟତାରେ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ନିକଟକୁ ଆସିଲେ ରୋଗୀ। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସିଆଡିମାଳ ପଞ୍ଚାୟତ ଅନ୍ତର୍ଗତ ଡେଉଁଚଖାଲ ଗ୍ରାମର ଜଣେ ରୋଗୀଙ୍କୁ ଗ୍ରାମବାସୀ ଖଟିଆରେ ବୋହି କାଦ ରାସ୍ତା ପାରି କରିବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେବା ଚର୍ଚ୍ଚାର ବିଷୟ ହୋଇଛି।

ଡେଉଁଛଖାଲ ଗ୍ରାମରେ ୪ ଶହ ଲୋକ ବସବାସ କରନ୍ତି। ଏହି ଗ୍ରାମରେ ବର୍ଷା ଦିନେ ଗୋଟିଏ କିଲୋମିଟର ରାସ୍ତା କାଦ ହୋଇଥାଏ ଏବଂ ଏବେ ଏହି ଗ୍ରାମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମେଗା ପାନୀୟଜଳ ଯୋଗାଣ ପାଇଁ ରାସ୍ତା ତଡା ଯାଇଥିବାରୁ ରାସ୍ତାଟି ଅଧିକ କାଦ ହୋଇଥିବାରୁ ସେଠାକାର ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର ଡେଉଁଚଖାଲ ଗ୍ରାମର ରୂପି ସିଂ (୬୦)ଙ୍କ ଦେହ ଅସୁସ୍ଥ ହେବାରୁ ଗ୍ରାମବାସୀ ତାଙ୍କୁ ଏକ ଖଟିଆରେ ବୋହି କାଦ ରାସ୍ତାରେ ଏକ କିଲୋମିଟର ପାର କରିବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲକୁ ନେଇଥିଲେ। ଡେଉଁଚଖାଲ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ସଠିକ ଭାବେ ନିର୍ମାଣ କରାଯାଉ ନ ଥିବାରୁ ବର୍ଷା ଦିନେ ଲୋକେ ଜରୁରୀକାଳୀନ ସେବା ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମର ବନ ସିଂ, ବାପି ସିଂ, ଶିବ ସିଂ, ସମା ସିଂ କହିଛନ୍ତି।

### ■ ନବବଧୂ ହତ୍ୟା ଅଭିଯୋଗ

# ସ୍ୱାମୀ ଓ ଶାଶୂ କୋର୍ଟଚାଲାଣ

ରାଜଘାଟ, ୨୧।୮ (ସମିସ): ବସ୍ତା ଥାନା ଅନ୍ତର୍ଗତ ନଳବାହାର ଅଞ୍ଚଳର ଜନୈକା ନବବଧୂଙ୍କର ମଙ୍ଗଳବାର ସନ୍ଦେହ ଜନକ ଭାବେ ମୃତ୍ୟୁ ହେବା ପରେ ବାପଘର ଲୋକ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ। ଅଭିଯୋଗ ପରେ ପୁଲିସ ଆଜି ମୃତ ମହିଳାଙ୍କ ସ୍ୱାମୀ ଓ ଶାଶୂକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଥାନା ଅଧୀନ ବଡ଼ଧନାଡ଼ି ଗ୍ରାମର ତପନ କୁମାର ଜେନାଙ୍କ ଝିଅ କବିତାଙ୍କ ସହ ନଳବାହାର ଅଞ୍ଚଳର ରବି ମହାଳିକଙ୍କ ପୁଅ ସନିଆ ସହ ଗତ ଫେବ୍ରୁଆରୀରେ ବାହାଘର ହୋଇଥିଲା। ବାହାଘର ସମୟରେ ପୁଅଘର ଲୋକଙ୍କ ଦାବି ମୁତାବକ ସମସ୍ତ ଆସବାବପତ୍ର ସହ କିଛି ଟଙ୍କା ଯୌତୁକ ଆକାରରେ ଦିଆଯାଇଥିଲା। ମାତ୍ର ବାହାଘରର ୨ମାସ ପରେ ଜ୍ୱାଇଁ ଶନିଆ ଗୋଟିଏ ସୁନା ହାର ଦାବି କରି ସ୍ତ୍ରୀ କବିତାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଆସୁଥିଲେ। ଗତ ରକ୍ଷାବନ୍ଧନ ଦିନ କବିତା ବାପ ଘରକୁ ଆସି ସମସ୍ତ ଘଟଣା ବାପାଙ୍କୁ ଜଣାଇବା ସହ ଖୁବଶୀଘ୍ର ଜ୍ୱାଇଁଙ୍କ ଦାବିକୁ ପୂରଣ କରିବା ପାଇଁ ସେ ଅନୁରୋଧ କରିଥିଲେ। ପରେ ବାପା କବିତାଙ୍କୁ ବୁଝାଇ ସୁଝାଇ ଶାଶୂ ଘରକୁ ପଠାଇଥିଲେ। ତେବେ ଗତକାଲି ସନ୍ଧ୍ୟା ୬ଟା ସମୟରେ କବିତାଙ୍କୁ ଜ୍ୱର ହୋଇଥିବାରୁ ଶ୍ୱଶୁର ଘର ଲୋକେ ତାଙ୍କୁ ବସ୍ତା ହସ୍ପିଟାଲକୁ ଆଣିଥିବା ବାପଘର ଲୋକଙ୍କୁ ଖବର ଦେଇଥିଲେ। ମାତ୍ର ବାପଘର ଲୋକ ହସ୍ପିଟାଲ ପହଞ୍ଚି ଝିଅର ମୃତଦେହ ହସ୍ପିଟାଲର ବାରଣ୍ଡାରେ ପଡ଼ିଥିବାର ଦେଖିବାକୁ ପାଇଥିଲେ। ଝିଅର ବେକରେ ଏକ ଦାଗ ଚିହ୍ନ ଥିବା ଏବଂ ଝିଅକୁ ଫାଶି ଦେଇ ମାରିଦେଇଥିବା ଶ୍ୱଶୁର ଘର ଲୋକ ପଡ଼ୋଶୀଙ୍କ ଠାରୁ ଅବଗତ ହେବା ପରେ ଝିଅକୁ ହତ୍ୟାକରାଯାଇଥିବା ବାପଘର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ୨୯୨/୨୫ ମୂଳେ ମୃତ ମହିଳାଙ୍କ ସ୍ୱାମୀ ସନିଆ ସହିତ ଶାଶୂ, ଶ୍ୱଶୁର ଓ ଦେଢ଼ଶୁର ନାମରେ ଏକ ମାମଲା ରୁଜୁ କରିଥିବା ବେଳେ ଆଜି ସ୍ୱାମୀ ସନିଆ ସହିତ ଶାଶୂ ବୀଣା ମହାଳିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶଶୁର ଓ ଦେଢ଼ଶୁର ଫେରାର ଅଛନ୍ତି। ପ୍ରକାଶ ଥାଉକି ଗତକାଲି ଶବ ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତ ଦେହକୁ ପୁଲିସ ପକ୍ଷରୁ ତାଙ୍କ ଶାଶୂଘରକୁ ଅଣା ଯାଇଥିଲା। ମାତ୍ର ଶାଶୂଘର ଓ ବାପଘର ଲୋକଙ୍କ ଅସହଯୋଗ ପାଇଁ ବସ୍ତା ଆଇଆଇସି ରଣଜିତ୍ କୁମାର ସାହୁ ଏବଂ ତାଙ୍କର ସହକର୍ମୀମାନେ ମୃତଦେହକୁ ନିଜେ କାନ୍ଧରେ କାନ୍ଧେଇ ମଶାଣି ପର୍ଯ୍ୟନ୍ତ ନେବା ସହିତ ଶବ ସତ୍କାର କରିଥିବା ଦେଖିବାକୁ ମିଳିଥିଲା।

## ବଦଳିଲେ ଡିଆଇଜି ଏବଂ ଏସ୍‌ପି

ବାଲେଶ୍ୱର, ୨୧।୮ (ସମିସ): ଗୁରୁବାର ବାଲେଶ୍ୱର ଡିଆଇଜି ଏବଂ ଏସପିଙ୍କ ବଦଳି ହେଇଛି। ବାଲେଶ୍ୱର ନୂତନ ଡିଆଇଜି ପୁରୀରେ କାର୍ଯ୍ୟରତ ଏସପି ପିନାକୀ ମିଶ୍ରଙ୍କ ପ୍ରମୋସନ୍ ହୋଇ ବାଲେଶ୍ୱର ଡିଆଇଜି ଭାବେ ବଦଳି ହୋଇଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାରେ ଏସ୍‌ପି ଭାବେ କାର୍ଯ୍ୟ କରୁଥିବା ପ୍ରତ୍ୟୁଷ ଦିବାକର ଏଠାରେ ନୂତନ ଏସପି ଭାବେ ବଦଳି ହେଇଛି। ସୂଚନା ଅନୁସାରେ ବାଲେଶ୍ୱରରେ ଡିଆଇଜି ଭାବେ କାର୍ଯ୍ୟରତ ଥିବା ଡ. ସତ୍ୟଜିତ ନାୟକଙ୍କ ଡିଆଇଜି ସେଣ୍ଟ୍ରାଲ ରେଞ୍ଜକୁ ବଦଳି ହୋଇଥିବା ବେଳେ ଏସ୍‌ପି ରାଜ ପ୍ରାସାଦଙ୍କ ଏସ୍‌ପି ସ୍ପେଶାଲ ବ୍ରାଞ୍ଚକୁ ବଦଳି ହୋଇଥିବା ଜଣାଯାଇଛି।

## ଶହୀଦ ବାଘାଯତୀନଙ୍କ ସ୍ମୃତିଦିବସ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୨୧।୮ (ସମିସ): ଶହୀଦ ବାଘାଯତୀନଙ୍କ ୧୦୯ତମ ସ୍ମୃତି ଦିବସ ପାଳନ ଉପଲକ୍ଷେ ଆସନ୍ତା ୧୦ ସେପ୍ଟେମ୍ବରରେ ବିଭିନ୍ନ କାର୍ଯ୍ୟକ୍ରମ ପାଳିତ ହେବ। ଏହା ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ କଲେକ୍ଟରେଟ୍ ଅଡିଟୋରିଅମରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଉପ ଜିଲ୍ଲାପାଳ ସଦର, ବାଘାଯତୀନ ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି, ସମ୍ପାଦକ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟସୂଚୀ ଅନୁସାରେ ସକାଳ ୭ଟାରେ ରକ୍ତତୀର୍ଥ ଅତିଥିମାନେ ଜାତୀୟ ରାଜପଥ ଗେଷ୍ଟ ହାଉସ୍‌ରେ ପହଞ୍ଚିବେ, ପରେ ବିଭିନ୍ନ ମହାପୁରୁଷଙ୍କ ମୂର୍ତ୍ତିରେ ପୁଷ୍ପାଞ୍ଜଳି, ବାରବାଟି ବାଳିକା ବିଦ୍ୟାଳୟରେ ଧ୍ୱଜାରୋହଣ ଓ ସ୍ମୃତି ସଭା, ବାଘାଯତୀନ କ୍ଲବରେ ରକ୍ତଦାନ ଶିବିର, ପରେ ବାଘାଯତୀନ ବିଦ୍ୟାଳୟରେ ପୁଷ୍ପାଞ୍ଜଳି, ଚଢ଼ଖାନଫା ଦେଶୁଆ ଗ୍ରାମରେ ସାଧାରଣ ସଭା ଓ ବାଲେଶ୍ୱର ଜେଲରେ ଫାଶୀ ମଞ୍ଚରେ ପୁଷ୍ପାଞ୍ଜଳି ଅନୁଷ୍ଠିତ ହେବ।

## 'ଏକ ପେଡ୍ ମା କେ ନାମ' ଅଭିଯାନ ପ୍ରସ୍ତୁତି

ବାଲେଶ୍ୱର, ୨୧।୮ (ସମିସ): 'ଏକ ପେଡ୍ ମା କେ ନାମ' ଅଭିଯାନର ପ୍ରସ୍ତୁତି ବୈଠକ ଗତକାଲି ବାଲେଶ୍ୱର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦୁଇ ଅତିରିକ୍ତ ଜିଲ୍ଲାପାଳ, ଦୁଇ ଉପଜିଲ୍ଲାପାଳ, ଆଞ୍ଚଳିକ ପରିବହନ ଅଧିକାରୀ, ଏଲ୍ ଡି ଏମ (ବ୍ୟାଙ୍କ), ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସହିତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜି ଜିଲ୍ଲାପାଳ ବ୍ୟାଙ୍କର ଓ ଶିଳ୍ପପତିମାନଙ୍କ ସହିତ ଦୁଇଟି ସ୍ୱତନ୍ତ୍ର ବୈଠକ କରିଥିଲେ। ସେମାନେ ଅଭିଯାନରେ ଚାରା ଆଦି ଯୋଗାଇ ଦେବା ସହ ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ ନେବେ ବୋଲି ଇଚ୍ଛା ପ୍ରକାଶ କରିଥିଲେ। ସେପ୍ଟେମ୍ବର ୧୭ ତାରିଖରେ ଏହି ଅଭିଯାନରେ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ୧୫୦ଟି ପାଖାପାଖି ସମଗ୍ର ଜିଲ୍ଲାରେ ପ୍ରାୟ ୪.୫ ଲକ୍ଷ ଗଛ ରୋପିତ ହେବ।

# ୨ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୋଗରାଇ, ୨୧।୮ (ସମିସ): ଭୋଗରାଇ ଥାନା ଅନ୍ତର୍ଗତ ଭିନ୍ନ ଭିନ୍ନ ଗ୍ରାମରେ ଦୁଇ ମହିଳା ବେକରେ ରଶି ଲଗାଇ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ଜନୈକା ମହିଳାଙ୍କୁ ଯୌତୁକ ନିର୍ଯ୍ୟାତନା ଦିଆଯାଇ ହତ୍ୟା କରାଯାଇଥିବା ଭୋଗରାଇ ଥାନାରେ ଅଭିଯୋଗ ହୋଇ ଥିଲା ବେଳେ ଅନ୍ୟ ଜଣେ ମହିଳା ଆତ୍ମହତ୍ୟା କରିଥିବା କୁହାଯାଉଛି। ସୂଚନାଯୋଗ୍ୟ, ନାରାୟଣମହାନ୍ତି ପଡ଼ିଆ ଗ୍ରାମର ବ୍ରଜଗୋପାଳ କରଙ୍କ ଝିଅ ମୌସୁମୀ (୧୯)ଙ୍କ ସହିତ କଖଡା ପଞ୍ଚାୟତ ହାଟସରିଷା ଗ୍ରାମର ଅଶ୍ୱିନୀ ସାମଲଙ୍କ ପୁଅ ବିଜୟ କୁମାର ସାମଲ ସହିତ ୫ ମାସ ପୂର୍ବେ ପ୍ରେମ ବିବାହ ହୋଇଥିଲା। ବିବାହ ପରେ ମୌସୁମୀ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର + ୩ ଦ୍ୱିତୀୟ ବର୍ଷରେ ପାଠ ପଢୁଥିବା ବେଳେ ସେ ହଷ୍ଟେଲରେ ରହୁଥିଲେ। ମଝିରେ ଛୁଟି ରହିଲେ ସେ ଶାଶୁ ଘରକୁ ଯିବାଆସିବା କରୁଥିଲେ। ତେବେ ଆଜି ଅପରାହ୍ନ ସମୟରେ ବିଜୟ ତାଙ୍କ ପତ୍ନୀ ମୌସୁମୀଙ୍କ ବାପା ଘରକୁ ଫୋନରେ କହିଥିଲେ ଯେ ତମ ଝିଅ ଫାଶୀ ଲଗାଇ ଦେଇଛି। ପରେ ସ୍ୱାମୀ ବିଜୟ ଓ ତାଙ୍କ ପରିବାର ଲୋକେ ମୌସୁମୀକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ଆସିଥିଲେ। ବାପା ଘର ଲୋକେ ହସ୍ପିଟାଲରେ ପହଞ୍ଚି ଝିଅର ମୃତ ଶରୀରର ହସ୍ପିଟାଲରେ ପଡ଼ି ରହିଥିବା ଦେଖିବାକୁ ପାଇଥିଲେ। ଏନେଇ ଭୋଗରାଇ ଥାନାରେ ମୌସୁମୀ ବାପା ଶ୍ରୀ କର ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ପୂର୍ବରୁ ମୌସୁମୀଙ୍କ ଶାଶୁ ଘର ଲୋକେ ଯୌତୁକ ବାବଦରେ ୫ ଲକ୍ଷ ଟଙ୍କା, ମଟରସାଇକେଲ ଓ ସୁନାହାର ଆଣିବା ବାଧ କରିବା ସହିତ ସ୍ୱାମୀ, ଶାଶୂ, ଖୁଡତାଶୁର ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଇଆସୁଥିଲେ। ସେ ନେଇ ଝିଅ ଜଣାଇଥିଲା। ହେଲେ ଆଜି ଝିଅକୁ ଶାଶୁ ଘର ଲୋକେ ସୁପରିକଳ୍ପିତ ଭାବେ ହତ୍ୟା କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଭୋଗରାଇ ଥାନା ଅଧିକାରୀ ରୋହିତ ବଳ ଡାକ୍ତଖାନାରେ ପହଞ୍ଚି ଶବକୁ ଜବତ କରିବା ସହ ୨୬୭/୨୫ ନଂ ମୂଳେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ସୂଚନା ଦେଇଛନ୍ତି। ସେହିପରି ଅନ୍ୟ ଏକ ଘଟଣାରେ ଏହି ଥାନା ଅନ୍ତର୍ଗତ ନିମାତପୁର ଗ୍ରାମର ସୁକୁମାର ଜେନାଙ୍କ ସ୍ତ୍ରୀ ସୁଚିତ୍ରା ଜେନା ଘରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଭୋଗରାଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଭୋଗରାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରିବା ସହିତ ଶବକୁ ଜବତ କରିବା ସହିତ ଦୁଇଟି ମୃତଶରୀରକୁ ଆସନ୍ତାକାଲି ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଆନ୍ଦୋଳନ



ରାଜଘାଟ, ୨୧।୮ (ସମିସ): ଜିଆଇଏ ମାନ୍ୟତା ସମେତ ଅଧ୍ୟାପକ ଏବଂ କର୍ମଚାରୀ ମାନଙ୍କୁ ଦରମା ଦାବିକରି ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ପକ୍ଷରୁ କଲମ ଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ବସ୍ତା ବ୍ଲକ ଅମର୍ଦାରୋଡ ସିଦ୍ଧେଶ୍ୱର ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଦୀର୍ଘବର୍ଷ ଧରି ଗଣତାନ୍ତ୍ରିକ ଉପାୟରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରି ଆସୁଛନ୍ତି। ହେଲେ ସରକାର ଦାବି ପୂରଣ କରୁନଥିବାରୁ ବାରମ୍ବାର ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଛି, ସରକାର ବିଭିନ୍ନ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି ଦେଇଥିଲେ, ହେଲେ ରାଜ୍ୟ ସରକାର ଅନୁଦାନ ପରିସର ଭୁକ୍ତ କରି ନାହାଁନ୍ତି, ରାଜ୍ୟରେ ନୂଆ ସରକାର ଆସିବା ଦିନଠାରୁ ଆଜି ପର୍ଯ୍ୟନ୍ତ ୧୩ ମାସ ମଧ ରେ ସଂଘ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀକୁ ୧୨ଥର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତ୍ୟକ୍ଷ ସାକ୍ଷାତ କରି ଦାବିପତ୍ର ଦେଇଛି, ଦସ୍ତଖତ ଅଭିଯାନରେ ଦେଢ଼ ଲକ୍ଷ ସାଧାରଣ ଲୋକଙ୍କ ଦସ୍ତଖତ ସମ୍ବ ଳିତ ଦାବିପତ୍ର ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି, ହେଲେ ସରକାର ଏଥିପ୍ରତି ଆଦୌ କର୍ଣ୍ଣପାତ କରୁ ନାହାଁନ୍ତି। ଏ ନେଇ ମହାତ୍ମାଗାନ୍ଧୀ ମାର୍ଗରେ ହଜାର ହଜାର ଅଧ୍ୟାପକ ଓ କର୍ମଚାରୀ ବିକ୍ଷୋଭ କରିଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଗଲା ନାହିଁ। ଯାଫଳରେ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମ ଛାଡ ଆନ୍ଦୋଳନ ବଳବତ୍ତର ରହିବ, ଯେ ପର୍ଯ୍ୟନ୍ତ ସରକାର ଦାବିପୂରଣ କରି ନାହାଁନ୍ତି ସେତେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି। ପରୀକ୍ଷାକୁ ଆଉ ଅଳ୍ପ କେଇ ମାସ ବାକି ରହିଥିବାବେଳେ ଅଧ୍ୟାପକଙ୍କ କଲମ ଛାଡ଼ ଆନ୍ଦୋଳନ ଦ୍ୱାରା ହଜାର ହଜାର ଶିକ୍ଷାର୍ଥୀ ଭବିଷ୍ୟତ ଅନ୍ଧକାରମୟ ହେବ ବୋଲି କହିଛନ୍ତି। ଛାତ୍ରଛାତ୍ରୀ ଓ ଶୀଘ୍ର ସରକାର ତାଙ୍କ ଦାବିକୁ ମାନିବା ପାଇଁ ଅନୁରୋଧ କରିଛନ୍ତି।

## କାଳିକା ମଙ୍ଗଳାଚଣ୍ଡି ନାଟ୍ୟସଂସ୍ଥା ଉଦ୍‌ଘାଟିତ

କମର୍ଦ୍ଦା, ୨୧।୮ (ସମିସ) : ଭୋଗରାଇ ବ୍ଲକ ନାଚିନ୍ଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସେହି ଗ୍ରାମରେ ମାଆ ମଙ୍ଗଳ ଚଣ୍ଡି ମନ୍ଦିର ପ୍ରାଙ୍ଗଣରେ କୁଶୁଡ଼ା, ଡେଉଁର ଏବଂ ନାଚିନ୍ଦା ଗ୍ରାମର ସୁନାମଧନ୍ୟ କଳାକାରମାନଙ୍କୁ ନେଇ ଗଢ଼ି ଉଠିଥିବା କାଳିକା ମଙ୍ଗଳା ଚଣ୍ଡି ନାଟ୍ୟ ସଂସ୍ଥା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସାମ୍ବାଦିକ ଶିବନାରାୟଣ ପାତ୍ର ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ଅଞ୍ଚଳର ନାଏବ ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ ଚନ୍ଦ ନାଟ୍ୟସଂସ୍ଥାକୁ ଫିତାକାଟି ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖରିଦପିପଳ ଗ୍ରାମପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଦିବ୍ୟେନ୍ଦୁ ବିକାଶ ପାତ୍ର, ପ୍ରଯୋଜକ ବସନ୍ତ ଗିରି, ନିର୍ଦ୍ଦେଶକ ବିମଳ ଚନ୍ଦ, ପରିଚାଳକ ଲକ୍ଷ୍ମୀକାନ୍ତ ଦାସ, ଉପଦେଷ୍ଟା ଅଜୟ କୁମାର ଦାସ, ଯୋଗାଯୋଗ ପରିଚାଳକ ଚନ୍ଦନ କୁମାର ବାରିକ ପ୍ରମୁଖ ଯୋଗଦେଇ କଳା, କଳାକାର ଏବଂ ସଂସ୍କୃତି ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ବରିଷ୍ଠ କଳାକାର ଶିବଶଙ୍କର ସେଠୀ, ପଦ୍ମନାଭ ଦେ, ମଧୁସୂଦନ ଦାସ, ହରେନ୍ଦ୍ର ଚନ୍ଦ ପ୍ରମୁଖ ସହଯୋଗ କରିଥିବାବେଳେ କାର୍ଯ୍ୟକ୍ରମକୁ ଜୟନ୍ତ ଦେ, କାହ୍ନୁ ସାମଲ, ସୂର୍ଯ୍ୟକାନ୍ତ ଚନ୍ଦ, ଭୋଲା, ଟିକିନି, ଥୁପି, ମିନା, ପୂଜା, ଜ୍ୟୋସ୍ନା, କଟି ପ୍ରମୁଖ ପରିଚାଳନା କରିଥିଲେ।

## ଦୁଇ ଶିକାରୀ ଭାଇଙ୍କୁ ଧରା ପକାଇଲା ଟ୍ରାପ୍ କ୍ୟାମେରା



ନୀଳଗିରି, ୨୧।୮ (ସମିସ): କୁଲଡିହା ଅଭୟାରଣ୍ୟରେ ଶିକାର ପାଇଁ ଅବାଧ ପ୍ରବେଶ କରିଥିବା ଦୁଇ ଶିକାରୀ ଭାଇଙ୍କୁ ଧରା ପକାଇଦେଇଛି ଟ୍ରାପ କ୍ୟାମେରା। ବରହମପୁର ଥାନା ଅଧୀନ ନଟାପଡ଼ା ଗ୍ରାମର କାଳନ୍ଦ୍ରୀ ହେମ୍ବ୍ରମ ଓ ଭୁଣ୍ଡା ହେମ୍ବ୍ରମ ଚଳିତ ମାସ ୧୫ ତାରିଖରେ କୁଲଡିହା ଅଭୟାରଣ୍ୟ ଶିକାର ନିମନ୍ତେ ପ୍ରବେଶ କରିଥିଲେ। ଉକ୍ତ ପ୍ରବେଶ ସମୟରେ ସମସ୍ତ ଭିଡିଓ ଟ୍ରାପ କ୍ୟାମେରାରେ କଏଦ ହୋଇଥିଲା। ଯାହାକୁ ଆଧାର କରି କୁଲଡିହା ରେଞ୍ଜ ଅଧିକାରୀ ଏକ ଟିମ୍ ଗଠନ କରି ଦୁଇ ଭାଇଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ୧୯ ତାରିଖ ସକାଳ ୬.୩୦ସମୟରେ ଦୁଇଭାଇଙ୍କୁ ନଟାପଡ଼ାସ୍ଥିତ ଘରୁ ବନବିଭାଗ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ଗୁଳିଭର୍ତ୍ତି ବନ୍ଧୁକ ସହ ଦୁଇଟି ଫାସ, ଧନୁ, ତୀର ଓ ଶିକାର ସରଞ୍ଜାମ ଜବତ କରିଥିଲା। ପରେ ଉଭୟଙ୍କୁ କୋର୍ଟଚାଲଣ କରାଯାଇଛି।

## ପଶ୍ଚିମବଙ୍ଗକୁ ଚାଲାଣବେଳେ କାଠ ସହ ଗାଡ଼ି ଜବତ

### ● ଘଟଣାସ୍ଥଳରୁ ଚାଳକ ଫେରାର

ଚନ୍ଦନେଶ୍ୱର/ଭୋଗରାଇ, ୨୧।୮ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ୫୭ ନଂ ରାଜ୍ୟ ରାଜପଥର ବାଟଗ୍ରାମ ଠାରେ ଏକ ପିକଅପ ଭ୍ୟାନରେ ଚୋରା କାଠ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଜଳେଶ୍ୱର ବନ୍ୟଜୀବ ବନାଞ୍ଚଳ ସହକାରୀ ବନସଂରକ୍ଷକ ଜୟଶ୍ରୀ ମୁର୍ମୁଙ୍କ ନିର୍ଦ୍ଦେଶ କ୍ରମେ ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି ଓ ତାଙ୍କର ସବୁଜ ବାହିନୀ ଚୋରା କାଠ ସହ ଗାଡ଼ିଟିକୁ ଜବତ କରିଛନ୍ତି। ଚଢ଼ଉବେଳେ ପିକ୍‌ଅପ ଭ୍ୟାନର ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିବା ବେଳେ ଗାଡ଼ିରେ ଥିବା ଲକ୍ଷାଧିକ ଟଙ୍କାର ନିମ୍ବ, ଆକାଶୀ, ସପେଟା ପ୍ରଭୃତି କାଠକୁ ଜବତ କରି ଉଦୟପୁର ଜଙ୍ଗଲ ବିଭାଗ କାର୍ଯ୍ୟାଳୟ ପରିସରରେ ରଖାଯାଇଛି। ଏ ନେଇ ଜଳେଶ୍ୱର ବନ ବିଭାଗ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରାଯାଉଥିବା ସୂଚନା ମିଳିଛି। ଜଙ୍ଗଲ ବିଭାଗର ଚଢ଼ାଉ ବେଳେ ବନପାଳ ସଞ୍ଜୟ ମହାନ୍ତିଙ୍କ ସମେତ ଉଦୟପୁର ଫରେଷ୍ଟଗାର୍ଡ ପ୍ରମିଳା ସେଣ ଏବଂ ଏବଂ ୮ ଜଣ ସ୍କ୍ୱାଡ୍ ସାମିଲ ଥିଲେ।

## ବିକର୍ତ୍ତନ ନାୟକଙ୍କ ୨ ପୁସ୍ତକ ଉନ୍ମୋଚିତ



ବାଲେଶ୍ୱର, ୨୧।୮ (ସମିସ): ବାଲେଶ୍ୱର ସହରସ୍ଥ ଫାଣ୍ଟାସି ହୋଟେଲ ସଭାଗୃହରେ ଶିକ୍ଷାବିତ ବିକର୍ତ୍ତନ ନାୟକଙ୍କ ରଚିତ ୨ ପୁସ୍ତକ 'ଭକ୍ତିଅର୍ଘ୍ୟ', 'ଗଳ୍ପମାଳା' ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଡ. ମନ୍ମଥ କୁମାର ପ୍ରଧାନ ପୁସ୍ତକ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ମାନିତ ବକ୍ତା ଭାବେ କବି ପ୍ରଶାନ୍ତ ଦାସ, ଡ. ଭାଗବତ ପ୍ରସାଦ ଦାସ ଉପସ୍ଥିତ ଥିଲେ। ପଣ୍ଡିତ ନିରଞ୍ଜନ ସାହୁ ପୁସ୍ତକ ସମୀକ୍ଷା କରିଥିଲେ। ଶ୍ରୀ ନାୟକ ଲେଖକୀୟ ଅନୁଭୂତି କହିଥିଲେ। ଇପ୍‌ସିତା ସ୍ୱାଇଁ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଏବଂ ଶ୍ରୀ ନାୟକଙ୍କ ପୁତ୍ର ଭବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଧୁସୂଦନ ମିଶ୍ର, ସତ୍ୟଭାମା ମୁଦୁଲି ସଂଯୋଜନା କରିଥିଲେ। ପ୍ରକାଶକ କମଳ ଦାସଙ୍କ ସହ ଏଥିରେ ବହୁ କବି, ଲେଖକ ଉପସ୍ଥିତ ଥିଲେ।

## ଝାଡେଶ୍ୱର ଇଞ୍ଜିନିୟରିଂ କଲେଜରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ



ବାଲେଶ୍ୱର, ୨୧।୮ (ସମିସ): ଉତ୍ତର ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଝାଡେଶ୍ୱର କଲେଜରେ ଚଳିତ ଶିକ୍ଷାବର୍ଷରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟିପିଏନଓଡିଏଲ ସିଇଓ ଏବଂ ସମ୍ମାନିତ ଅତିଥି ଭାବେ ପୀତବାସ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନୂତନ ଭାବେ ପ୍ରତିଷ୍ଠିତ ଗଣେଶ ମୂର୍ତ୍ତିରେ ଫିତା କାଟି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥିମାନେ କଲେଜର ଭିତ୍ତିଭୂମି ଦେଖି କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଥିଲେ। ବହୁ ବର୍ଷର ଅଭିଜ୍ଞ ଶିକ୍ଷକମାନଙ୍କ ପରିଚୟ ପାଇଁ ଏହି ଅନୁଷ୍ଠାନର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ପରିପ୍ରକାଶ କରିଥିଲେ। ମନେ ରଖିବା ଉଚିତ ଯେ ନିର୍ମାଣ ବିଦ୍ୟା କେବଳ କାରିଗରୀ ଶିକ୍ଷା ମଧ୍ୟରେ ସୀମିତ ନରହି ଏହାକୁ ବିଶ୍ୱର ବିବିଧ ସମସ୍ୟାର ସମାଧାନ ଦିଗରେ ଏକ ସକାରାତ୍ମକ ପ୍ରଭାବ ପକାଇବାର ଉଦ୍ଦିଷ୍ଟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଚେୟାରମେନ ପରମାନନ୍ଦ ସାନ୍ତାର ଏବଂ ସମ୍ପାଦକ ସର୍ବେଶ୍ୱର ସାନ୍ତରା ପିଲାମାନଙ୍କର ଉତ୍ତୋରତର ଉନ୍ନତି କାମନା କରିବା ସହିତ ପାଠପଢ଼ା, ଶୃଙ୍ଖଳା ଏବଂ କଠୋର ପରିଶ୍ରମ ଦ୍ୱାରା ମଧୁର ଫଳପ୍ରାପ୍ତ ହୁଏ ବୋଲି ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଡାଇରେକ୍ଟର, ପ୍ରିନ୍ସିପାଲ, ଆଡମିନ୍ ଅଫିସର, ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସହକାରୀ ପ୍ରଫେସର ଏବଂ ମୁଖ୍ୟ ପ୍ରଶିକ୍ଷଣ ଅଧିକାରୀ ଶ୍ରୀବିଦ୍ୟା ଦେବସ୍ମାତା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସହକାରୀ ପ୍ରଫେସର ଲିପିକା ଲୋଟା ମଞ୍ଜରୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରି ରୋକିବାକୁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ

ସୋର, ୨୧।୮ (ସମିସ)



ସୋର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବଢ଼ି ଚାଲିଥିବା ବେଳେ ଏହାକୁ ରୋକିବାରେ ପୁଲିସ ବିଫଳ ହୋଇଥିବା ଅନୁଭବ କରି ଦହିସଡ଼ା ଗ୍ରାମବାସୀ ଏବେ ନିଜ ସୁରକ୍ଷା କଥା ନିଜେ ଚିନ୍ତା କରିଛନ୍ତି। ଏହି ଗ୍ରାମରେ ଲଗାତାର ଚୋରି ଏବଂ ସଶସ୍ତ୍ର ଡକାୟତି ହେଉଥିବା ବେଳେ ପୁଲିସ୍‌ର ନିଷ୍କ୍ରିୟତା ପାଇଁ ଲୋକେ ଆତଙ୍କିତ ଅବସ୍ଥାରେ ରହିଥିଲେ। ଏହାକୁ ଦୃଷ୍ଟିରେ ରଖି ଆଜି ଗ୍ରାମରେ ସରପଞ୍ଚ ଗୋବର୍ଦ୍ଧନ ଦ୍ୱାରୀଙ୍କ ସଭାପତିତ୍ୱରେ ଏକ ବୈଠକ ବସି ୨୦୦ଜଣିଆ ଏକ କମିଟି ଗଠନ କରାଯାଇଛି। ଏହି କମିଟି ଅଧୀନରେ ୭ଟି ଟିମ୍ ଗଠନ କରାଯାଇଛି ଯେଉଁଥିରେ ୧୨ ଜଣ କରି ସଦସ୍ୟ ରହଛନ୍ତି। ସପ୍ତାହକୁ ସାତ ଦିନ ଏହି ୭ଟି ଟିମ୍ ପାଳିକରି ରାତି ୧୧ଟାଠାରୁ ଭୋର ୪ଟା ପର୍ଯ୍ୟନ୍ତ ଗ୍ରାମରେ ଥିବା ୫ଟି ପ୍ରବେଶ ପଥ ଏବଂ ଆଭ୍ୟନ୍ତରିଣ ଅଞ୍ଚଳରେ ପରିକ୍ରମା କରି ଜଗୁଆଳ କାମ କରିବେ। ସେମାନେ ହାତରେ ଠେଙ୍ଗା ବାଡ଼ି, ଶକ୍ତିଶାଳି ଟର୍ଚ୍ଚ ଲାଇଟ୍ ବ୍ୟବହାର କରିବା ସହିତ ଅସୁବିଧା ସମୟରେ ସତର୍କ ସୂଚକ ହୁଇସିଲ୍ ବ୍ୟବହାର କରିବେ। ପ୍ରତ୍ୟେକ ଟିମ୍‌ର ଜଣେ ଜଣେ ଲିଡର ରହିଛନ୍ତି। ଲିଡରଙ୍କ ନିର୍ଦ୍ଦେଶରେ ସଦସ୍ୟମାନେ କାର୍ଯ୍ୟକରିବେ। ଟିମ୍ ଲିଡରମାନେ ହେଲେ ମହେଶ୍ୱର ମହାନ୍ତି, ଗୌତମ ଦ୍ୱାରୀ, ଅକ୍ଷେନ୍ଦ୍ର ଉପାଧ୍ୟାୟ, ଜ୍ଞାନେନ୍ଦ୍ର ଉପାଧ୍ୟାୟ, ମନୋରଞ୍ଜନ ପାତ୍ର, ରଜନୀକାନ୍ତ ପାତ୍ର ଏବଂ ଶଶୀକାନ୍ତ ବେହେରା। ଆଜିଠାରୁ ଏହା କାର୍ଯ୍ୟକାରୀ ହେଉଥିବା ବେଳେ ଆଜି ଶ୍ରୀ ମହାନ୍ତିଙ୍କ ଟିମ୍ ଜଗିବା ଆରମ୍ଭ କରିଛି। ପ୍ରକାଶ ଥାଉ କି ଏହି ଗ୍ରାମରେ କିଛିଦିନ ତଳେ ଜ୍ଞାନେନ୍ଦ୍ର ଉପାଧ୍ୟାୟଙ୍କୁ ତାଙ୍କ ଘର ଭିତରେ ବାନ୍ଧି ପକାଇ ଆକ୍ରମଣ କରି ୫୦ଲକ୍ଷ ଟଙ୍କାର ଗହଣା ଓ ଟଙ୍କା ଡକାୟତି ହୋଇଥିବା ବେଳେ ଅନେକ ଛୋଟବଡ଼ ଚୋରି ଡକାୟତି ହେବାରେ ଲାଗିଛି। ଯାହାକୁ ପୁଲିସ୍ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିବା ସହିତ ଏହିଭଳି ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି ବୋଲି କହିଛନ୍ତି।

### ■ ପାଳିକରି ରାତିରେ ଜଗୁଛନ୍ତି

# ଜିଲ୍ଲାରେ ୮୮୪୬ ଛାତ୍ରଛାତ୍ରୀଙ୍କ ନାହିଁ ଆଧାର

ବାଲେଶ୍ୱର, ୨୧।୮ (ସମିସ)

ଜିଲ୍ଲାରେ ୮୮୪୬ ଛାତ୍ରଛାତ୍ରୀଙ୍କ ପାଖରେ ନାହିଁ ଆଧାର କାର୍ଡ। ବାଲେଶ୍ୱର ଜିଲ୍ଲାରେ ବିଇଓଙ୍କ ସର୍ଭେ ମାଧ୍ୟମରେ ବିଦ୍ୟାଳୟରୁ ତଥ୍ୟ ସଂଗ୍ରହରୁ ଜଣାପଡ଼ିଛି। ତେବେ ବାଲେଶ୍ୱର ଜିଲ୍ଲାରେ ସ୍କୁଲ ଯାଉଥିବା ସମସ୍ତ ପିଲାଙ୍କ ଆଧାର ଶତ ପ୍ରତିଶତ କରିବା ପାଇଁ 'ଜିରୋ ଗ୍ୟାପ୍ ଫୁଲ୍ ଆଧାର' ଅଭିନବ ପଦକ୍ଷେପ ଆରମ୍ଭ ହୋଇଛି। ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଆଧାର କାର୍ଡ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ନେଇ ଯୋଜନା ହୋଇଛି। ବାଲେଶ୍ୱର ଜିଲ୍ଲାରେ ପ୍ରଥମରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ କେଉଁ ସ୍କୁଲରେ କେଉଁ ପିଲାଙ୍କ ଆଧାର ନାହିଁ ତାହାର ତଥ୍ୟ ସ୍କୁଲ୍ ପଏଣ୍ଟରୁ ସିଆରସିସି ମାଧ୍ୟମରେ ସଂଗ୍ରହ କରାଯାଇଛି ବୋଲି ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଫୋନ୍ ନମ୍ବର ସହିତ କେଉଁ ବ୍ଲକ, କ୍ଲଷ୍ଟର, ବିଦ୍ୟାଳୟ ଏବଂ ପିଲାର ବାପାଙ୍କ ନାମ ଏହି ତଥ୍ୟ ମାଧ୍ୟମରେ ସଂଗ୍ରହ କରାଯାଇଛି। ତେବେ ଆଧାର ନ ଥିବା ଚିହ୍ନଟ ପିଲାମାନଙ୍କ ପାଇଁ କ୍ଲଷ୍ଟର ସ୍ତରରେ ଶିବିର ଆୟୋଜନ ହେବ। ସିଆରସିସି ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସୂଚନା ପ୍ରଦାନ କରିବେ। ଓସେପା ତରଫରୁ ଆଧାର କିଟ୍ ପ୍ରଦାନ କରାଯାଇଛି। ତେବେ ଏହି ଶିବିର ମାଧ୍ୟମରେ ଆଧାର ନ ଥିବା ଛାତ୍ରଛାତ୍ରୀଙ୍କ ଆଧାର କରାଯିବ ନେଇ ସୂଚନା ମିଳିଛି।

- ସର୍ଭେ ମାଧ୍ୟମରେ ତଥ୍ୟ ସଂଗ୍ରହ
- ଅଭିନବ ପଦକ୍ଷେପ 'ଜିରୋ ଗ୍ୟାପ୍ ଫୁଲ୍ ଆଧାର' ଆରମ୍ଭ
- ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଆଧାର କାର୍ଡ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ନେଇ ଯୋଜନା

ସୂଚନାଯୋଗ୍ୟ, ଜିଲ୍ଲାରେ ସମସ୍ତ ସ୍କୁଲ ଯାଉଥିବା ପିଲାଙ୍କ ପାଇଁ 'ଜିରୋ ଗ୍ୟାପ୍, ଫୁଲ୍ ଆଧାର' ନାମରେ ଶତ ପ୍ରତିଶତ ଆଧାର ନାମଲେଖା ଅଭିଯାନ କାର୍ଯ୍ୟକାରୀ କରାଯାଇଛି। ଆପାର୍ ଆଇଡି ସୃଷ୍ଟି କରିବା ପାଇଁ ମଧ୍ୟ ଆଧାର ଏକ ବାଧ୍ୟତାମୂଳକ। ଆଧାର ନଥିବା ହେତୁ ଏହା ହୋଇପାରୁନି। ସ୍କୁଲ ଯାଉଥିବା ପିଲାମାନଙ୍କ ପାଇଁ ଆଧାର ସମ୍ପର୍କିତ କାର୍ଯ୍ୟକଳାପକୁ ପରିପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ସମ୍ପୃକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ, ବାଲେଶ୍ୱର ଜିଲ୍ଲାରେ ୮୮୪୬ ଜଣ ଛାତ୍ରଛାତ୍ରୀଙ୍କ ପାଖରେ ଆଧାର ନାହିଁ। ବାହାନଗାରେ ୧୭୭ ଜଣ, ବାଲିଆପାଳରେ ୮୮୩ ଜଣ, ବସ୍ତାରେ ୧୩୦୭ ଜଣ, ଭୋଗରାଇ ବ୍ଲକରେ ୬୮୬ ଜଣ, ଜଳେଶ୍ୱର ବ୍ଲକରେ ୧୨୨୮ ଜଣ, ଖଇରାରେ ୨୪୪ ଜଣ, ନୀଳଗିରି ବ୍ଲକରେ ୧୨୫୮ ଜଣ, ଔପଦାରେ ୭୫୮ ଜଣ, ରେମୁଣା ବ୍ଲକରେ ୭୫୮ ଜଣ, ସଦରରେ ୧୦୭୭ ଜଣ, ସିମୁଳିଆରେ ୨୭୨ ଜଣ ଏବଂ ସୋରରେ ୨୦୮ ଜଣ ଛାତ୍ରଛାତ୍ରୀଙ୍କ ଆଧାର ନାହିଁ।

ପ୍ରକାଶ ଥାଉ କି, ୟୁଆଇଡିଏଆଇ, ଭାରତ ସରକାର ପାଞ୍ଚ ବର୍ଷ (୫+) ଏବଂ ପନ୍ଦର ବର୍ଷ (୧୫+) ବୟସର ପିଲାମାନଙ୍କ ବାୟୋମେଟ୍ରିକ୍ ସୂଚନା ଉପରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିପାଇଁ ପିଲାମାନେ ପାଠପଢ଼ା ସମୟରେ ବାଧ୍ୟତାମୂଳକ ଭାବରେ ଅପଡେଟ୍ ହେବେ। ବାଲେଶ୍ୱର ଜିଲ୍ଲାରେ ଶତ ପ୍ରତିଶତ ଆଧାର କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆଧାର ବନେଇବା ପାଇଁ ଶିବିର ଆୟୋଜନ ହେବ। ଜିଲ୍ଲାରେ ଚଳିତ ମାସ ୧୬ ତାରିଖଠାରୁ ବ୍ଲକ ଏବଂ କ୍ଲଷ୍ଟର ସ୍ତରରେ ଶିବିରଗୁଡ଼ିକୁ ସୁଗମ ଭାବରେ ପରିଚାଳନା କରିବା ପାଇଁ ଏବଂ ଆସନ୍ତା ୧୫ ତାରିଖ ସୁଦ୍ଧା ପ୍ରକ୍ରିୟା ସମାପ୍ତ କରିବା ପାଇଁ ଜିଲ୍ଲା ସ୍ତରରେ ଏକ ମାନକ କାର୍ଯ୍ୟ ପ୍ରଣାଳୀ (ଏସଓପି) ବିକଶିତ କରାଯାଇଛି। ଏହା ଦ୍ୱାରା ବାଲେଶ୍ୱର ଜିଲ୍ଲାରେ ଶତ ପ୍ରତିଶତ ଆଧାର ପଞ୍ଜୀକରଣ/ଅପଡେସନ୍ ହାସଲ କରାଯାଇପାରିବ।

■ ଗୋପବନ୍ଧୁ ଆବେଦନରେ କଟକଣା

## ନିଷ୍ପତ୍ତିର ପୁନର୍ବିଚାର ପାଇଁ ଖଇରା ସାମ୍ବାଦିକ ସଂଘର ଦାବି




ଖଇରା, ୨୧।୮ (ସମିସ): କାର୍ଯ୍ୟରତ କର୍ମଜୀବୀ ସାମ୍ବାଦିକଙ୍କ ପାଇଁ ପୂର୍ବରୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ପ୍ରଚଳନ ହୋଇ ଆସୁଥିଲା। ବିଜୁ ସ୍ୱାସ୍ଥ୍ୟକାର୍ଡ ଥିବା ସାମ୍ବାଦିକଙ୍କ ପାଇଁ ଆବେଦନରେ କୌଣସି କଟକଣା ନଥିଲା। ଗୋପବନ୍ଧୁ ସ୍ୱାସ୍ଥ୍ୟବୀମାରେ ମେଡିକାଲ ମାନେ ଉନ୍ନତ ମାନର ଚିକିତ୍ସା ପ୍ରଦାନ କରୁଥିବାରୁ ସାଧାରଣତଃ ସାମ୍ବାଦିକ ମାନେ ଏହି କାର୍ଡ ଉପରେ ଯଥେଷ୍ଟ ଭରସା କରିଥାନ୍ତି। ହେଲେ ବିଜେପି ସରକାର ଆସିବା ପରେ ଆୟୁଷ୍ମାନ କାର୍ଡ ଥିବା ସାମ୍ବାଦିକଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମାରେ ଆବେଦନ ଉପରେ କଟକଣା ଲଗାଇଥିବାରୁ ଗ୍ରାମାଞ୍ଚଳରେ କାର୍ଯ୍ୟକରୁଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଖଇରା ସାମ୍ବାଦିକ ସଂଘର ଏକ ପ୍ରତିବାଦ ବୈଠକ ଗୁରୁବାର ଅପରାହ୍ନରେ ଖଇରା ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇ ଯାଇଛି। ଉପଦେଷ୍ଟା ଅନାମ ଚରଣ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ଦାସ, ଉପସଭାପତି ତପୋଧନ ବାରିକ, ସଭାପତି ଉତ୍କଳବନ୍ଧୁ ପଣ୍ଡା ବକ୍ତବ୍ୟରେ ସରକାର ଗଣମାଧ୍ୟମ ପ୍ରତିନିଧିଙ୍କୁ କ୍ରମାଗତ ଅବହେଳା କରିଆସୁଥିବା ବେଳେ ସ୍ୱାସ୍ଥ୍ୟବୀମା କେବଳ ଏକ ଶାନ୍ତ୍ୱନା ଥିଲା। ହେଲେ ବିଜେପି ସରକାର ଏହି ଯୋଜନା ଲାଗୁ ଉପରେ ଚଳିତ ବର୍ଷ କଟକଣା ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କରିଥିଲେ। ସେହିଭଳି ସମ୍ପାଦକ ଛାୟାକାନ୍ତ ମହାନ୍ତି ବରିଷ୍ଠ ସଦସ୍ୟ ଉମେଶ କୁମାର ଜେନା, ସଞ୍ଜୟ କୁମାର ବେହେରା, ଛାୟାକାନ୍ତ ମହାନ୍ତି ପ୍ରମୁଖ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିଥିଲେ।

## ୧୦ ବର୍ଷ ହେଲା ପୁଅ ନିଖୋଜ

■ ପୁଅର ଫେରିବା ବାଟକୁ ଚାହିଁ ବାପାମା'ଙ୍କ ଆଖିରୁ ଲୁହ ଶୁଖୁନି

ବାଲେଶ୍ୱର(ଉତ୍ତର), ୨୧।୮ (ସମିସ) : ଆଜକୁ ଦଶବର୍ଷ ପୂର୍ବରୁ ପୁଅ ବଜାରକୁ ଯାଉଛି କହି ଘରୁ ଯାଇଛି ଯେ ଏଯାଏଁ ଫେରୁନି। ଏପଟେ ବାପା ମାଆ ପୁଅର ଫେରିବା ବାଟକୁ ଅନାଇ ଅନାଇ ଆଖିରୁ ଲୁହ ଶୁଖି ଗଲାଣି ମାତ୍ର ଆଶା ଛାଡିନାହାନ୍ତି, ପୁଅ ଆମର ପୁଣି ନିଶ୍ଚିତ ଫେରିବ ଏବଂ ବୁଢ଼ା ବୟସରେ ଆମର ସାହା ହେବ। ଅନ୍ୟପକ୍ଷରେ ମନକୁ ଯେତେ ବୁଝାଇଲେ ବି ଭେଣ୍ଡିଆ ପୁଅର ଛବିକୁ ସେମାନଙ୍କ ଆଖି ଖାଲି ଖୋଜି ବୁଲୁଛି। ହୃଦୟ ମଧ୍ୟରେ କୋହ କୁ ସମ୍ଭାଳିବା କଷ୍ଟକର ହୋଇପଡୁଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ହରିଡ଼ାପଦା ଗ୍ରାମର ହରିଶ ଚନ୍ଦ୍ର ଦେଙ୍କ ପରିବାରରେ।

ସୂଚନାଯୋଗ୍ୟଯେହରିଶଙ୍କପୁତ୍ରଅତିଶକୁମାରଦେ(ବାପି)ଆଜକୁଦଶବର୍ଷତଳେସୋର ବଜାରକୁ ଜରୁରୀ କାମରେ ଯାଇ ଆଉ ଘରକୁ ଫେରିନଥିଲେ। ବାପା ଏବଂ ସମ୍ପର୍କୀୟମାନେ ଏଣେତେଣେ ବହୁ ଖୋଜା ଖୋଜି କରିଥିଲେ ସୁଦ୍ଧା ଅତିଶର କୌଣସି ସନ୍ଧାନ ପାଇନଥିଲେ। ଏ ନେଇ ଅତିଶର ବାପା ହରିଶ ସୋର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଏଯାଏଁଅତିଶରକୌଣସି ପତ୍ତା ମିଳିନାହିଁ। ଅତିଶର ଉଚ୍ଚତା ୫ ଫୁଟ ୨ଇଞ୍ଚ ଏବଂ ବର୍ଣ୍ଣ ଶ୍ୟାମଳ ଥିଲା ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ଅତିଶ (ବାପି) କୁମାର ଦେଙ୍କ ସନ୍ଧାନ ପାଆନ୍ତି ତେବେ ସୋର ଥାନା କିମ୍ବା ୯୧୭୮୯୦୨୮୫୯ ନମ୍ବରରେ ଯୋଗାଯୋଗ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

■ ଚତୁର୍ଥଦିନରେଗଣଧାରଣା

## ଜିଲ୍ଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ଦାବି




ବାଲେଶ୍ୱର, ୨୧।୮ (ସମିସ): ବାଲେଶ୍ୱର ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକୁ ଆବଶ୍ୟକୀୟ ବିଶେଷଜ୍ଞ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଏବଂ ଭିତ୍ତିଭୂମି ଦାବିରେ ସପ୍ତାହବ୍ୟାପୀ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଚାଲିଥିବା ଗଣଧାରଣା ୪ର୍ଥ ଦିନରେ ପହଁଚିଛି। ୪ର୍ଥ ଦିନର ଗଣଧାରଣାକୁ ମେଡିକାଲ କଲେଜ୍ କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ସଦସ୍ୟ ଚିତ ରଞ୍ଜନ ଦାସ ଉଦଘାଟନ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଓ କାର୍ଯ୍ୟକାରୀ ସଭାପତି ଇଂ ହୃଷିକେଶ ସାହୁ ଧାରଣାସ୍ଥଳରେ ସଭା ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ ଦାସ ସ୍ୱାସ୍ଥ୍ୟସେବା ସମ୍ପର୍କିତ ଦାବିଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା କମିଟିର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ବ୍ଲକର ପ୍ରତିନିଧି ଓ ବହୁ ସାମାଜିକ ସଙ୍ଗଠନ ଏବଂ ଗଣସଙ୍ଗଠନ ପକ୍ଷରୁ ବାଲିଆପାଳର ଅନୁଜ କୁମାର ମହାପାତ୍ର ଭୋଗରାଇରୁ ଜାମସେଦ ଅଲ୍ଲୀ ଖାଁ, ଗୋପାଳପୁରରୁ ଭାରତୀ ପଣ୍ଡା, ସିଂଲାରୁ ଡ. ପ୍ରଶାନ୍ତ କୁମାର ଦାସଙ୍କ ସମେତ ମହେଶ୍ୱର ବେହେରା, ଅଖିଳ କୁମାର ଦାସ, ରଘୁନାଥ ନାୟକ, ବରିଷ୍ଠ ସାମାଜିକ କର୍ମୀ ଅରୁଣ ଜେନା, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଜେନା, ଅନିଲ କୁମାର ପଟ୍ଟନାୟକ, ଭୂବନାନନ୍ଦ ଦାସ, ଦୀନବନ୍ଧୁ ଲେଙ୍କା, ସରସ୍ୱତୀ ପଣ୍ଡା, ବେଣୁଧର ସାହୁ, ବେଣୁଧର ବାରିକ, ଶିଶିର କୁମାର ରଥ, ସୀତାରାମ ପ୍ରଧାନ, କମଳାକାନ୍ତ ନାୟକ, ବିଜୟ କୁମାର ବେହେରା, ମମତା ମହାପାତ୍ର, ବନ୍ଦନା ପାତ୍ର, ଗିରିଶ ଚନ୍ଦ୍ର ଦତ୍ତ, ପ୍ରଫୁଲ୍ଲ କୁମାର ଦାସ, ପଦ୍ମଲୋଚନ ଦତ ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ସାମାଜିକ ସଙ୍ଗଠନ ରେମୁଣା ସ୍ୱାଭିମାନ ମଞ୍ଚ, ଏୟାର ଫୋର୍ସ ଆସୋସିଏସନ, ଜିଲ୍ଲା ମୋହରୀର ସଂଘ ଓ ମିଳିତ ନିଶା ନିବାରଣ ଅଭିଯାନ ପକ୍ଷରୁ ଡେପୁଟି କଲେକ୍ଟରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୮ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଗଣଧାରଣା ଆରମ୍ଭରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ ୪ର୍ଥ ଦିନରେ ଧାରଣାରେ ଯୋଗ ଦେଇଥିବା ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଉପସଭାପତି ନିରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।

### ଆସୁଛନ୍ତି ଗଜାନନ

## ଏଥର ପୂଜା ପାଇବେ ୧୪ ଫୁଟିଆ ଗଣେଶ

ବାଲେଶ୍ୱର, ୨୧।୮ (ସମିସ): ଗଣେଶ ପୂଜା ପାଇଁ ଚାଲିଛି ପ୍ରସ୍ତୁତି। ସହରରେ ମଧ୍ୟ ବିଭିନ୍ନ କ୍ଲବ ପକ୍ଷରୁ ଚାଲିଛି ତୋରଣ ଓ ମୂର୍ତ୍ତି ତିଆରି କାମ। ତେବେ ସହରରେ ଗଣେଶ ପୂଜା କଥା କହିଲେ ସମସ୍ତଙ୍କ ନଜର କନଭେଣ୍ଟ ସ୍କୁଲ ଲାଇନ୍ ଉପରେ ରହିଥାଏ। କାରଣ ଏହି ଗୋଟିଏ ଜାଗାରେ ୪୫ରୁ ଅଧିକ ଗଣେଶ ପୂଜା ପାଆନ୍ତି। ଏହି କନଭେଣ୍ଟ ସ୍କୁଲ ଲାଇନ୍ ରେ ପ୍ରତି ଶହେ ମିଟର ଦୂରତାରେ ୪୫ ରୁ ଅଧିକ କ୍ଲବ ପକ୍ଷରୁ ଗଣେଶ ପୂଜା ପାଇଁ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ସେହି



● ଦ ଡେଭିଲ୍ ବଏଜ୍ କ୍ଲବ

କ୍ଲବ ମାନଙ୍କ ମଧ୍ୟରୁ ଦ ଡେଭିଲ୍ ବଏଜ୍ କ୍ଲବ ଅନ୍ୟତମ୍। ସୂଚନାଯୋଗ୍ୟ, ଚଳିତବର୍ଷ ୧୨ ବର୍ଷ ଗଣେଶ ପୂଜା ପାଳନ କରିବ ଦ ଡେଭିଲ୍ ବଏଜ କ୍ଲବ୍। ୨୦୧୪ ମସିହାରୁ କନଭେଣ୍ଟ ସ୍କୁଲ ଲାଇନ୍ ନିକଟରେ ପ୍ରତିବର୍ଷ ଗଣେଶ ପୂଜା କ୍ଲବ ପକ୍ଷରୁ ହୋଇଆସୁଛି। ଏବର୍ଷ ମୂର୍ତ୍ତି ଉଚ୍ଚତା ୧୪ ଫୁଟ୍ ରହିଛି। ଏଥର ନନ୍ଦିଙ୍କ ଉପରେ ଗଜାନନଙ୍କ ମୂର୍ତ୍ତି ନୂତନ ଶୈଳୀରେ ପ୍ରସ୍ତୁତ ହେଉଛି ବୋଲି କ୍ଲବ ସଭାପତି ଶାଶ୍ୱତ୍ କୁମାର ବେହେରା କହିଛନ୍ତି। ଏହି ମୂର୍ତ୍ତିଟି ଶିଳ୍ପକାର ଗୋପୀନାଥ ଦତ୍ତ(ଚନ୍ଦ୍ରା ଭାଇ)ଙ୍କ ନିର୍ଦ୍ଦେଶ କ୍ରମେ ୫ ଜଣ କାରିଗରଙ୍କ ସହାୟତାରେ ନିର୍ମିତ ହେଉଛି। ଚଳିତବର୍ଷ ପୂଜାର ବିଶେଷ ଆକର୍ଷଣ ହେଉଛି ସାଜସଜ୍ଜା ଓ ଆଲୋକମାଳା। କ୍ଲବର ୨୦୦ରୁ ଅଧିକ ସଦସ୍ୟ ଥିବାବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ପୂଜାର ସମସ୍ତ ଦାୟିତ୍ୱ ଓ କାମ ସଦସ୍ୟମାନେ ତୁଲାଇବା ସହ କ୍ଲବ ଉପସଭାପତି ଦେବାଶିଷ୍ ଦାସ, ସମ୍ପାଦକ ସଞ୍ଜୟ ବେହେରା, ଯଶରାଜ ପଣ୍ଡା, ସାଗର ବିଶ୍ୱାଳ, କାର୍ତ୍ତିକ୍ ଦାସ, ଦିଲୀପ ଦାସ, ସୌମ୍ୟରଞ୍ଜନ ବିଶ୍ୱାଳ ଏବଂ ଜୟଦେବ ମିତ୍ର ପ୍ରମୁଖଙ୍କ ସହଯୋଗରେ ପୂଜା ହୋଇଥାଏ।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଉଦ୍ୟୋଗ ଦିବସ

ବାଲେଶ୍ୱର, ୨୧।୮ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଉଦ୍ୟୋଗ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବକ୍ତା ଭାବେ ଯୋଗଦେଇ ଡ଼କ୍ଟର ନୀନା ସିଂହ, ମ୍ୟାନେଜିଙ୍ଗ ପାର୍ଟନର (ତିସ୍ୟା ଏଗ୍ରି ଭେନ୍‌ଚର ଏଲଏଲପି) କୃଷି ଉଦ୍ୟମିତାରେ ନିଜର ଅନୁଭବ ଆଧାରରେ, ସୁସ୍ଥିରତା ଓ ସାମାଜିକ ପ୍ରଭାବକୁ ସର୍ବଦା ଉଦ୍ୟୋଗୀକରଣର ମୂଳକେନ୍ଦ୍ରରେ ରଖିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଇଥିଲେ। ସୁର୍ଜ ପାୱର କ୍ରାଫ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ର ସ୍ଥାପକ ଓ ନିର୍ଦ୍ଦେଶକ ଗଦାଧର ସାହୁ ଯୋଗଦେଇ ବିଦ୍ୟୁତ ଯାନ ନିର୍ମାଣ ମାଧ୍ୟମରେ ନିଜର ଉଦ୍ୟମିତା ଯାତ୍ରାର କାହାଣୀକୁ ଆଲୋଚନା କରି, ଛାତ୍ରଛାତ୍ରୀଙ୍କୁ ଦକ୍ଷତାସମ୍ପନ୍ନ ହେବା ତଥା ସୃଜନଶୀଳ ଓ କେନ୍ଦ୍ରୀଭୂତ ଲକ୍ଷ୍ୟ ସହ ଭବିଷ୍ୟତ ଆରମ୍ଭ କରିବାକୁ ପ୍ରେରିତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମିନା ଦାସ କହିଲେ ଯେ, ଫକୀରମୋହନ ବିଶ୍ୱବିଦ୍ୟାଳୟର ଇନ୍‌କ୍ୟୁବେସନ ସେଣ୍ଟର ଯୁବ ଧାରଣାକୁ ସଫଳ ଉଦ୍ୟମରେ ପରିଣତ କରିବାରେ ପ୍ରଭାବଶାଳୀ ଭୂମିକା ନେଇଛି। ଏଥିସହ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସାମୁହିକ ଉଦ୍ୟୋଗିକ ପ୍ରୟାସ ଓ ନିରନ୍ତର ଶିକ୍ଷାକୁ ସଫଳ ଉଦ୍ୟମର ଦୁଇଟି ମାନଦଣ୍ଡ ବୋଲି ଉଲ୍ଲେଖ କରିଥିଲେ। ଏହାବ୍ୟତୀତ ବିଜନେସ୍ ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ପଦ୍ମଲିତା ରାଉତରାୟ, ଭଲ ମେଣ୍ଟରସିପ୍ ଓ ବିଶ୍ୱବିଦ୍ୟାଳୟ-ନେତୃତ୍ୱ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମର ଗୁରୁତ୍ୱକୁ ଆଲୋକପାତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଟି.ବି.ଆଇ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ସହଯୋଗରେ 'ଇନୋଭେସନ ଓ ଷ୍ଟାର୍ଟ ଅପ ପ୍ରତିଯୋଗିତା ୨୦୨୫' ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର ବିଜେତାମାନେ ଯଥା ୧ମ ପୁରସ୍କାର ମିସ୍ ମୋନାଲିସା ସାହୁ (ବାୟୋସାଇନ୍ସ ଏବଂ ବାୟୋଟେକ୍ନୋଲୋଜି ବିଭାଗ), ୨ୟ ପୁରସ୍କାର ପୁରଞ୍ଜୟ ସାହୁ (ଦୂରଶିକ୍ଷା ଏଜୁକେସନ ବିଭାଗ), ୩ୟ ପୁରସ୍କାର ଦିନେଶ ଭୈରବ ଦ୍ୱିବେଦୀ (ଏମବିଏ ବିଭାଗ) ସହ ସମସ୍ତ ଯୋଗଦାନକାରୀଙ୍କୁ ସୃଜନଶୀଳତା, ଉତ୍ସାହ ଓ ସମାଧାନମୂଳକ ଚିନ୍ତାପ୍ରବୃତ୍ତି ପାଇଁ ପୁରସ୍କୃତ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଟି.ବି.ଆଇ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନେନ୍ଦୁ ନାୟକ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଟି.ବି.ଆଇ ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାରହି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।




## ବିନା ରାସ୍ତାକାମରେ ଲୁଟିନେଲେ ୪ ଲକ୍ଷ

ବାଲେଶ୍ୱର, ୨୧।୮ (ସମିସ): ମନରେଗା କାର୍ଯ୍ୟରେ ବ୍ୟାପକ ଦୁର୍ନୀତି। କାର୍ଯ୍ୟ ନ କରି ହେଉଛି ମିଛ ବିଲ। ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅଧିନସ୍ଥ ବାଉଁଶବଣିଆ ପଞ୍ଚାୟତର ବାଲିଓରା ଗ୍ରାମର ମନରେଗା ରାସ୍ତା କାର୍ଯ୍ୟରେ କାମ ନ ହୋଇ ହୋଇଛି ବିଲ୍। ଏହି ଗ୍ରାମର ମନରେଗା ଯୋଜନା ୨୦୨୧-୨୨ରେ ନୂତନ ରାସ୍ତା ପୂର୍ତ୍ତ ବିଭାଗ ରାସ୍ତାରୁ ବାଲିଓରା ଏଲଆଇ ପଏଣ୍ଟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୮ ଲକ୍ଷ ଅର୍ଥ ମଞ୍ଜୁର ହୋଇଥିଲା। ଏହି ରାସ୍ତାରେ ଦୀର୍ଘ ଦିନ ହେଲା କିଛି ବି କାମ ହୋଇନି। କାର୍ଯ୍ୟ ନ ହୋଇ ୪ ଲକ୍ଷ ୫୧ ହଜାର ୩ ସହ ୫୧ ଟଙ୍କା ବିଲ୍ ହୋଇଛି ବୋଲି ଜଣାପଡ଼ିଛି। ଏ ନେଇ ବାଉଁଶବଣିଆ ପଞ୍ଚାୟତର ସମିତି ସଭ୍ୟ ଶୁଭେନ୍ଦୁ ସ୍ୱାଇଁଙ୍କ ସମେତ ବାଲିଓରା ଗ୍ରାମର ଉପେନ୍ଦ୍ର ଜେନା, ଶରତ ସ୍ୱାଇଁ, ଦୀପକ ସାହୁ, ରମେଶ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଔପଦା ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରିଣୀ ମମତା ରାଣୀ ମହନ୍ତ କହିଛନ୍ତି ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୩୬ ବର୍ଷରେ ଚାଉଳିଆ ସାହି ଗଣେଶ ପୂଜା

ବାଲେଶ୍ୱର, ୨୧।୮ (ସମିସ): ପବିତ୍ର ଗଣେଶ ଚତୁର୍ଥୀ ପାଇଁ ସଜବାଜ ହେଉଛି ବାଲେଶ୍ୱର। ଘରେ ଘରେ ଏବଂ ବିଭିନ୍ନ ପୂଜା ମଣ୍ଡପରେ ଶ୍ରୀ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇ ସାରା ବାଲେଶ୍ୱରରେ ଭକ୍ତିର ବାତାବରଣ ସୃଷ୍ଟି ହୋଇଥାଏ। ଏଥିପାଇଁ ଅନେକ ଦିନ ଆଗରୁ ଚାଲେ ପ୍ରସ୍ତୁତି। ଏମିତି ଏକ ପୂଜା ମଣ୍ଡପ ହେଉଛି ବାଲେଶ୍ୱରର ମୋତିଗଞ୍ଜ ଚାଉଳିଆ ସାହି ପୂଜା ମଣ୍ଡପ। ଯେଉଁଠି ରାଧା ଗୋବିନ୍ଦ କଲ୍‌ଚରାଲ କ୍ଲବ୍‌ର ସଦସ୍ୟଙ୍କ ଉଦ୍ୟମ ରେ ଦୀର୍ଘ ୩୫ ବର୍ଷ ହେଲା ପୂଜା ପାଇ ଆସୁଛନ୍ତି ବିଘ୍ନହର୍ତ୍ତା ବାବା ଶ୍ରୀ ଗଣେଷ। ଏଥି ପାଇଁ ପୂଜା ମଣ୍ଡପରେ ଗଜାନନଙ୍କ ପ୍ରତିମୂର୍ତ୍ତି ଅଧାରୁ ଅଧିକ ଗଠନ ସରିଲାଣି। ଆଉ ମାତ୍ର ୬ ଦିନ ପରେ ଧରାବତରଣ କରିବେ ଅଗ୍ରପୂଜ୍ୟ ଶ୍ରୀଗଣେଶ। ଏଣୁ ଏହି ପୂଜା ମଣ୍ଡପରେ ଏଥିପାଇଁ କ୍ଲବ୍ ତରଫରୁ ପ୍ରସ୍ତୁତି ଜୋର୍ ସୋର ଲାଗି ରହିଛି। ଆଖ ପାଖ ଅଞ୍ଚଳର ପ୍ରାୟ ସହସ୍ରାଧିକ ଭକ୍ତ ଏହି ପୂଜା ମଣ୍ଡପରେ ପ୍ରତି ବର୍ଷ ଉପସ୍ଥିତ ହୋଇ ପୂଜା କରିଥାନ୍ତି। ଭକ୍ତଙ୍କୁ ପ୍ରସାଦ ଅର୍ପଣ ସହ ଶାନ୍ତି ଶୃଙ୍ଖଳାର ସହ ପୂଜା କରେଇବାରେ ସହଯୋଗ କରି ଥାଆନ୍ତି କ୍ଲବ୍‌ର ସଦସ୍ୟ ମାନେ। ଏହି ବର୍ଷ କ୍ଲବ୍ ତରଫରୁ ବିକାଶ ଦାସ, ପ୍ରଦୀପ ସାହୁ, ଦିବାକର ସାହୁ, ମହେଶ୍ୱର ସାହୁ, ସୁଧୀର କର୍ମାକର୍, ଶିବ ଶଙ୍କର କର୍ମାକର୍, ଦେବରାଜ ଦେ, ସୁବ୍ରତ ପାଲ୍ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୂଜା ପାଇଁ ମଣ୍ଡପ ସାଜ ସଜ୍ୟା ସହ ବିଭିନ୍ନ ପ୍ରକାରର ପ୍ରସ୍ତୁତି ପାଇଁ ଅଣ୍ଟା ଭିଡ଼ିଥିବା ବେଳେ କ୍ଲବ୍‌ର ଅନ୍ୟ ସଦସ୍ୟ ସଦସ୍ୟା ମାନେ ସେମାନଙ୍କୁ ସାହାଯ୍ୟ ସହଯୋଗ କରୁଛନ୍ତି।



## ଅନିୟମିତତା କାର୍ଯ୍ୟ ନେଇ ବର୍ଷିଲେ ନିର୍ବାଚିତ ଜନପ୍ରତିନିଧି

ବାଲେଶ୍ୱର, ୨୧।୮ (ସମିସ)




ସଦର ବ୍ଲକରେ ଅନିୟମିତତା କାର୍ଯ୍ୟକୁ ନେଇ ବର୍ଷିଲେ ସଦର ବ୍ଲକର ନିର୍ବାଚିତ ଜନ ପ୍ରତିନିଧି ବୃନ୍ଦ। ଏଥିସହିତ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ଆଇନ ଉଲ୍ଲଙ୍ଘନ କରିଥିବା ନେଇ ଅଭିଯୋଗ କରି ମୋହନ ସରକାରଙ୍କ ଉପରେ ବର୍ଷିଲେ। ସଦର ବ୍ଲକରେ ରାଜ୍ୟ ସରକାରଙ୍କ 'ବିକଶିତ ଗାଆଁ ବିକଶିତ ଓଡ଼ିଶା' ଯୋଜନାକୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଅନ୍ତରୀଣ ରହିତାଦେଶ ଜାରି କରିଥିବା ସମ୍ବନ୍ଧରେ ଆଜି ସଦର ବ୍ଲକର ନିର୍ବାଚିତ ଜନ ପ୍ରତିନିଧି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ମେମ୍ବର, ସମିତି ମେମ୍ବର, ସରପଞ୍ଚ ମାନଙ୍କ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ହୋଟେଲ୍ ଶ୍ରୀହରିରେ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ, ସଦର ବ୍ଲକ ରେ ରାଜ୍ୟ ସରକାରଙ୍କ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା କାର୍ଯ୍ୟକାରୀ ପ୍ରସଙ୍ଗରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ଏଥି ସହିତ ସମ୍ବିଧାନର ଧାରା ୨୪୩ ଓ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନର ଏହି ଯୋଜନା ଉଲଂଘନ କରୁଥିବା ଅଭିଯୋଗରେ ଆବେଦନକାରୀ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନୀତା ବେହେରା ଡବ୍ଲୁ.ପି(ସି) ନମ୍ବର ୨୨୧୬୩ ଅଫ୍ ୨୦୨୫ ପିଟିସନ୍ ଦାଖଲ କରିଥିଲେ। ଏ ନେଇ ଦାୟର ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ନିକଟରୁ ଜବାବ ତଲବ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ଗାଁରେ ରାସ୍ତାଘାଟ, ଶିକ୍ଷା ଭିତ୍ତିଭୂମି, ପୂଜାପାଠ ସ୍ଥାନର ଉନ୍ନତୀକରଣ, କ୍ରୀଡ଼ା ଭିତ୍ତିଭୂମି, କ୍ଷୁଦ୍ର ପର୍ଯ୍ୟଟନ ପ୍ରକଳ୍ପର ବିକାଶ ହେବ ବୋଲି ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା। ତେବେ ପଞ୍ଚାୟତ ନିୟମ ଅନୁଯାୟୀ ଯେ କୌଣସି ଯୋଜନା ପଞ୍ଚାୟତରେ କାର୍ଯ୍ୟକାରୀ ହେବା ପୂର୍ବରୁ ଗ୍ରାମସଭାର ଅନୁମତି ନେବାକୁ ପଡ଼ିବ। ଅର୍ଥାତ ଗ୍ରାମସଭା ଅନୁମତି ବିନା କୌଣସି ଯୋଜନା ପଞ୍ଚାୟତରେ କାର୍ଯ୍ୟକାରୀ ହୋଇପାରିବ ନାହିଁ। ସେହିପରି ଏହି ଯୋଜନାରେ ଗୋଟିଏ ଟଙ୍କା ବି ଖର୍ଚ୍ଚ କରିବାର କ୍ଷମତା ସରପଞ୍ଚଙ୍କୁ ହାତକୁ ଦିଆଯାଇନାହିଁ। ତେଣୁ ଯୋଜନାର ଯେଉଁ ନିୟମାବଳୀ କରାଯାଇଛି ତାହା ସିଧାସଳଖ ପଞ୍ଚାୟତ ଆଇନର ବିରୋଧାଚରଣ କରୁଛି ବୋଲି ଅଭିଯୋଗ ହୋଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ହେବ। ତେଣୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଯଦି ପ୍ରତିପକ୍ଷ ପ୍ରଶାସନ ରହିତାଦେଶକୁ ଅବମାନନା କରନ୍ତି ତେବେ ଆବେଦନକାରୀ ଉଚ୍ଚ ନ୍ୟାୟାଳୟର ପୁନଃ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଏହାବ୍ୟତୀତ ବିଦ୍ୟାଳୟ ଏବଂ ଗଣଶିକ୍ଷା ଯୋଜନାରେ ବିଗତ ବର୍ଷ ପରି ପଞ୍ଚାୟତକୁ ଅର୍ଥ ପ୍ରଦାନ, ଅଙ୍ଗନବାଡି ମରାମତି ପାଇଁ ଗ୍ରାମ ପଞ୍ଚାୟତକୁ ଅର୍ଥ ପ୍ରଦାନ, ବାତ୍ୟା ଆଶ୍ରୟସ୍ଥଳୀ ମରାମତି କାର୍ଯ୍ୟ କମିଟି ଜରିଆରେ କରାଯାଉ, ବୃଦ୍ଧ/ବୃଦ୍ଧା, ଭିନ୍ନକ୍ଷମଙ୍କ ଭତ୍ତା ଟଙ୍କା ଠିକ୍ ସମୟରେ ପ୍ରଦାନ, ରାସନ କାର୍ଡ ତୁରନ୍ତ ପ୍ରଦାନ, ଭିନ୍ନକ୍ଷମଙ୍କୁ ପ୍ରମାଣ ପତ୍ର ପ୍ରଦାନ, ହରିଶ୍ଚନ୍ଦ୍ର ଯୋଜନାରେ ୫ ମାସ ଧରି ସରକାର ଅର୍ଥ ପ୍ରଦାନ କରିନାହାନ୍ତି। ତେଣୁ ଶୀଘ୍ର ଅର୍ଥ ପ୍ରଦାନ କରନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି ଉଠାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସୁନୀତା ବେହେରା, କମଳ ଲୋଚନ ସାହୁ, ଅଜିତ ସେନାପତି, ସଞ୍ଜୟ କୁମାର ସେଠୀ, ଅଜିତ କୁମାର ମହାପାତ୍ର, ସୂର୍ଯ୍ୟକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ କୁମାର ଜେନା, ସୋନାଲି ବିଶ୍ୱାଳ, ଅଞ୍ଜନ ଦାସ, ଭାରତୀ ତରେଇ, ରବୀନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଭୁବନେଶ୍ୱର ସିଟି



## ଆରମ୍ଭରୁ ଅସମ୍ଭାଳ
# ବରମୁଣ୍ଡାରୁ ଡୁମୁଡୁମା ଘଣ୍ଟାଏ

ଭୁବନେଶ୍ୱର, ୨୧।୮ (ସମିସ): ରାସ୍ତା ମରାମତି ପାଇଁ ଖଣ୍ଡଗିରି ଫ୍ଲାଇଓଭରର ଫାଳେ ରାସ୍ତା ବନ୍ଦ କରାଯାଇଛି। ଫଳରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଯାଉଥିବା ଲୋକେ ଫ୍ଲାଇଓଭର ପରିବର୍ତ୍ତେ ସର୍ଭିସ ରାସ୍ତା ବ୍ୟବହାର କରୁଛନ୍ତି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଜାରି ରହିବାକୁ ଥିବାବେଳେ ଆଜି ପ୍ରଥମ ଦିନରୁ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଛି। ସାଧାରଣ ଯାନବାହାନ ଠାରୁ ଆରମ୍ଭ କରି ଜରୁରୀକାଳୀନ ଗାଡ଼ି, ସବୁ ଭିଡ଼ରେ ଫସିଛନ୍ତି। ଟ୍ରାଫିକ ପରିଚାଳନା ପାଇଁ ଅଧିକ ପୁଲିସ ମୁତୟନ କରାଯାଇଥିଲେ ମଧ୍ୟ କେହି ବି ଭିଡ଼ରୁ ବାଦ୍ ପଡ଼ି ନ ଥିଲେ।

■ ସାରାଦିନ ନୟାନ୍ତ ହେଲେ ଲୋକେ

■ ଫସିଲା ଆମ୍ବୁଲାନ୍ସ, ଅଟକିଲା ଜରୁରିକାଳୀନ ସେବା ଗାଡ଼ି

ସୂଚନା ଅନୁସାରେ, ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ଦେଶର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାଜପଥ ହୋଇଥିବା ବେଳେ ଏହା ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି ରାଜ୍ୟକୁ ପରସ୍ପର ସହିତ ଯୋଡୁଛି। ଭୁବନେଶ୍ୱର, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଆଦି ଜିଲ୍ଲାରୁ ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଫୁଲବାଣୀ ଆଦି ଜିଲ୍ଲାକୁ ଯିବାକୁ ହେଲେ ଏହା ହିଁ ପ୍ରମୁଖ ରାସ୍ତା। ଏହି ରାସ୍ତା ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ପ୍ରବେଶ ପଥ ହୋଇଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ଗାଡ଼ି ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। ଖଣ୍ଡଗିରି ଫ୍ଲାଇଓଭରର ଗ୍ରେଡ୍ ସେପାରେଟର ଷ୍ଟ୍ରକଚରର ମରାମତି ଯୋଗୁଁ ଫାଳେ ରାସ୍ତା ବନ୍ଦ କରାଯାଇ ସର୍ଭିସ ରାସ୍ତା ବ୍ୟବହାର କରାଯାଉଛି। ଭୁବନେଶ୍ୱର ପଟରୁ ଆସୁଥିବା ଗାଡ଼ିଗୁଡ଼ିକ ଖାରବେଳ ହୋଟେଲ୍ ପାଖରୁ ରୀତା ଟିଭିଏସ୍ ଶୋରୁମ୍ ପର୍ଯ୍ୟନ୍ତ ସର୍ଭିସ ରାସ୍ତାରେ ଯାଉଛନ୍ତି। ହେଲେ କଟକଣାର ପ୍ରଥମ ଦିନରୁ ଆରମ୍ଭ ହୋଇଛି ଟ୍ରାଫିକ ବିଭ୍ରାଟ। ସାରାଦିନ ଭିଡ଼ ବଢ଼ିଥିଲେ ମଧ୍ୟ ସନ୍ଧ୍ୟା ୫ଟାରୁ ଭିଡ଼ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରିଥିଲା। ଯଦିବା ପ୍ରଥମେ ବରମୁଣ୍ଡା ଖେଳପଡ଼ିଆ ନିକଟରୁ ଭିଡ଼ ଆରମ୍ଭ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଭିଡ଼ି କାଳୀମନ୍ଦିର ପର୍ଯ୍ୟନ୍ତ ଲମ୍ବିଯାଇଥିଲା।



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହିଠାରେ ଟ୍ରାଫିକ୍ ପରିଚାଳନାଗତ ତ୍ରୁଟି ପାଇଁ ଫାୟାର ଷ୍ଟେସନପଟୁ ଆସୁଥିବା ଲୋକେ ଫ୍ଲାଏଓଭର ତଳେ ଯିବେ ନା ଉପରେ ଯିବେ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ଫ୍ଲାଏଓଭର ଉପରେ ଆସୁଥିବା ଯାତ୍ରୀ ବରମୁଣ୍ଡା ଖେଳପଡ଼ିଆ ନିକଟରେ ତଳକୁ ଗଡୁଥିବା ବେଳେ କାଳିମନ୍ଦିର ପଟୁ ତରେ ଆସୁଥିବା ଯାନବାହାନ ଚାଳକ ଫ୍ଲାଏଓଭର ଦେଇ ଯାଇଥିଲେ। ଫଳରେ ପରିସ୍ଥିତି ଜଟିଳ ହୋଇଥିଲା। ଏଥିପାଇଁ ଭିଡ଼ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗାଡ଼ିଗୁଡ଼ିକ ବରମୁଣ୍ଡା କାଳୀ ମନ୍ଦିର ପର୍ଯ୍ୟନ୍ତ ଧାଡ଼ି ଲଗାଇ ଛିଡ଼ା ହୋଇଛନ୍ତି। ବରମୁଣ୍ଡା ଓଭରବ୍ରିଜ ଶେଷ ଭାଗରୁ ରିତା ଟିଭିଏସ୍ ପର୍ଯ୍ୟନ୍ତ ମାତ୍ର ଗୋଟିଏ କିଲୋମିଟର ରାସ୍ତାକୁ ଅତିକ୍ରମ କରିବାକୁ ଗୋଟିଏ ଘଣ୍ଟା ସମୟ ଲାଗୁଛି। ଭାରିଯାନଗୁଡ଼ିକ ରାସ୍ତାକୁ ମାଡ଼ି ବସି ଯାଉଥିବାରୁ କାର ଓ ବାଇକ୍ ଚାଳକମାନେ ନୟାନ୍ତ ହୋଇଛନ୍ତି। ମୁଖ୍ୟରାସ୍ତା ଭିଡ଼ ଯୋଗୁଁ ଅନେକ ଯାତ୍ରୀ ଗଳାବାଟ ଖୋଜିଥିଲେ। ବରମୁଣ୍ଡା ଇପିକଲ ରାସ୍ତା ଦେଇ ବରବାରି ଭିତରେ ପଶିବାକୁ ଚେଷ୍ଟା କରିଥିଲେ। ଫଳରେ ବରମାରି ରାସ୍ତା ସମେତ ଜାଗମରା ଖଣ୍ଡଗିରି ରାସ୍ତା ମଧ୍ୟ ଭିଡ଼ ହୋଇଥିଲା। ସବୁଠାରୁ ସଂଘାତିକ ପରିସ୍ଥିତି ସୃଷ୍ଟି ହୋଇଥିଲା ଖଣ୍ଡଗିରି ଛକରେ। ଫାଏଓଭର ତଳେ ଭିଡ଼ ହେବାରୁ ଛକ ପାର ହେବାରୁ ଚାହୁଁଥିବା ଯାତ୍ରୀମାନେ ଦୀଘ ସମୟ ଧରି ଅପେକ୍ଷା କରିଥିଲେ। ଫଳରେ ଖଣ୍ଡଗିରି ଛକରେ ଭିଡ଼ ଲାଗି ରହିଥିଲା। ସେହିଭଳି ଖାଳବେଳ ହୋଟେଲ ନିକଟରେ ଉଭୟ ଫ୍ଲାଏଓଭର ଉପରେ ଆସୁଥିବା ଯାନବାହାନ ତଳକୁ ଖସୁଥିଲେ। କିନ୍ତୁ ସେଠାରେ ଟ୍ରାଫିକ ପରିଚାଳନାଜନିତ ସମସ୍ୟା ପାଇଁ ଲୋରେ ଭିଡ଼ରେ ଦୀର୍ଘ ସମୟ ଧରି ଫସି ରହିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଜେପି ଯୁବମୋର୍ଚ୍ଚା-ଏବିଭିପି ମୁହାଁମୁହିଁ

**ରାଜ୍ୟପାଳଙ୍କ କାର୍ଯ୍ୟକ୍ରମ ସମୟରେ ମାରପିଟ**

ଭୁବନେଶ୍ୱର, ୨୧।୮ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଜେପି ଯୁବମୋର୍ଚ୍ଚା ଓ ଏବିଭିପି ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଗୁରୁବାର କ୍ୟାମ୍ପସରେ ରାଜ୍ୟପାଳଙ୍କ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଦୁଇଗୋଟି ମୁହାଁମୁହିଁ ହୋଇଛନ୍ତି। ଏପରିକି ଦସ୍ତାଧସ୍ତି ହେବା ସହ ଗାଳିଗୁଲଜ କରିଥିଲେ। କୌଣସି ଏକ କାରଣକୁ ନେଇ ପ୍ରଥମେ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟ ମାରପିଟ ହୋଇଥିବା ଅଭିଯୋଗ ହୋଇଛି। ଏବିଭିପିର କାର୍ଯ୍ୟକର୍ତ୍ତା ସାରଦା ରାଉତଙ୍କୁ ଅଟକ ରଖିଥିଲେ ବିଜେପି ଯୁବମୋର୍ଚ୍ଚାର ସଦସ୍ୟ। ଖବର ପାଇ ଘଟଣାସ୍ଥଳରେ ସହିଦନଗର ଥାନା ପୁଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରିଥିଲେ। ଶେଷରେ ପୁଲିସ ସାରଦାଙ୍କୁ ଉଦ୍ଧାର କରିଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ବେଳେ ପୁଲିସ ନିଜ ଆଡୁ ତଦନ୍ତ କରୁଛି। ବାରମ୍ବାର ଉଭୟ ଛାତ୍ର ଓ ଅଣଛାତ୍ର ଗୋଷ୍ଠୀ ମଧ୍ୟରେ ତିକ୍ତତା ଏବେ ବଢୁଛି। ଉଭୟ ଗୋଷ୍ଠୀ ବାଣୀବିହାରରେ ନିଜର ଦବ୍‌ଦବା ଦେଖାଉଛନ୍ତି। କିଛିଦିନ ପୂର୍ବେ ଉଭୟ ଗୋଷ୍ଠୀ ମାରପିଟ୍ ହୋଇ ଥାନାକୁ ଯାଇଥିଲେ। ଥାନାରେ ଉଭୟ ପଟରୁ ମାମଲା ହୋଇଥିଲେ ମଧ୍ୟ କେହି ଗିରଫ ହୋଇନଥିଲେ। ପୂର୍ବ ରାଗକୁ ନେଇ ପୁଣି ଆଜି ଉଭୟ ମୁହାଁମୁହିଁ ହୋଇଛନ୍ତି।

# ମାଲିକାଣୀଙ୍କ ଘରୁ ଚୋରି; ଭଡ଼ାଟିଆ ଗିରଫ

ଭୁବନେଶ୍ୱର, ୨୧।୮ (ସମିସ): ମାଲିକାଣୀ ଘରେ ଦୁଇ ବର୍ଷ ହେବ ଭଡ଼ା ରହୁଥିଲା। ସୁଯୋଗ ଦେଖି ୮ ମାସ ହେବ ତାଙ୍କରି ଘରେ କଳାକନା ବୁଲାଉଥିଲା। ଏଭଳି ବିଶ୍ୱାସଘାତକତ ଭଡ଼ାଟିଆକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ତା’ ଠାରୁ ଚୋରି ସୁନା କିଣିଥିବା ସୁନା ଦୋକାନୀକୁ ମଧ୍ୟ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବଡ଼ଗଡ଼ ଥାନା ଶିବ ନଗରରେ ରହୁଥିବା ଜଗତସିଂହପୁର ଜିଲ୍ଲା ରଘୁନାଥପୁରର ସ୍ମୃତିକାନ୍ତ ନାୟକ ଓରଫ୍ ପିକୁ (୩୦) ଓ ମଙ୍ଗଳାବାଗ ମନୋଜ ଜୁଏଲାରୀର ମାଲିକ ମନୋଜ କୁମାର ରଣା (୪୦)।



■ ଟଙ୍କା ଓ ସୁନାଗହଣା ଜବତ

■ ସୁନା ଦୋକାନୀ ମଧ୍ୟ ଗିରଫ

ପୁଲିସ ସୂଚନା ଅନୁସାରେ, ବଡ଼ଗଡ଼ ଥାନା ଶିବ ନଗର ଅଞ୍ଚଳରେ ବରିଷ୍ଠ ନାଗରିକ ଜ୍ୟୋସ୍ନା ଦେଇଙ୍କ ଘରେ ଦୁଇ ବର୍ଷ ସ୍ମୃତିକାନ୍ତ ଭଡ଼ାରେ ରହୁଥିଲା। ଜ୍ୟୋସ୍ନା ପ୍ରଥମ ମହଲାରେ ରହୁଥିବା ବେଳେ ସ୍ମୃତିକାନ୍ତ ଗ୍ରାଉଣ୍ଡ ଫ୍ଲୋରରେ ପରିବାର ସହ ରହୁଥିଲା। ଛାତ ଉପରେ ଥିବା ଠାକୁର ଘରକୁ ଜ୍ୟୋସ୍ନା ପ୍ରତିଦିନ ସକାଳେ ପୂଜା କରିବାକୁ ଯାଇଥାନ୍ତି। ଏହାର ସୁଯୋଗ ନେଇ ସ୍ମୃତିକାନ୍ତ ନିୟମିତ ବ୍ୟବଧାନରେ ତାଙ୍କ ଘରୁ ସୁନାଗହଣା ଓ ଟଙ୍କା ଚୋରି କରେ। ଗତ ସୋମବାର ଦିନ ଆଲମିରାରୁ ଦୁଇଟି ସୁନା ଚେନ୍ ଓ ତିନୋଟି ସୁନା ମୁଦି ଚୋରି କରିଥିଲା। ମଙ୍ଗଳବାର ଦିନ ଜ୍ୟୋସ୍ନା ପୂଜା ସାରି ଘରେ ପଶିବା ବେଳେ ସ୍ମୃତିକାନ୍ତ ଲୁଚି ରହିଥିବା ଦେଖିବାକୁ ପାଇଥିଲେ। ଜ୍ୟୋସ୍ନାଙ୍କ ନଜର ପଡ଼ିବା ମାତ୍ରେ ସ୍ମୃତିକାନ୍ତ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା।

ଏନେଇ ଜ୍ୟୋସ୍ନା ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗତକାଲି ରାତିରେ ଶିବ ନଗର ଛକରୁ ସ୍ମୃତିକାନ୍ତକୁ ଗିରଫ କରିଥିଲା। ତା’ର ଭଡ଼ା ଘରୁ ବା୩୦ ହଜାର ଟଙ୍କା ଓ ଗୋଟିଏ ଇମିଟେସନ୍ ଚେନ୍ ଉଦ୍ଧାର କରାଯାଇଥିଲା। ଚୋରି ସୁନା ଅଳଙ୍କାରକୁ ମଙ୍ଗଳାବାଗର ବଣିଆକୁ ବିକ୍ରି କରିଥିବା ପୁଲିସ ଜାଣିବାକୁ ପାଇଥିଲା। ପୁଲିସର ଏକ ଟିମ୍ ମଙ୍ଗଳାବାଗରୁ ସୁନା ଦୋକାନୀ ମନୋଜକୁ ଗିରଫ କରି ଗୋଟିଏ ସୁନା ଚେନ୍ ଓ ୩ଟି ସୁନା ମୁଦି ଜବତ କରାଯାଇଥିଲା। ମନୋଜ ନାମରେ ପୂର୍ବରୁ ଲାଲବାଗ ଥାନାରେ ଏକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରିଛି ପୁଲିସ।

# ନାବାଳିକା ଅସଦାଚରଣକାରୀକୁ ୨୦ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୨୧।୮ (ସମିସ): ବାଲିପାଟଣା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଅସଦାଚରଣ ଘଟଣାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଆଡହକ ଆଡିସନାଲ ସେସ୍ସନ ଜଜ୍ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍‌ସୋ) ର ବିଚାରପତି ସରୋଜ କୁମାର ସାହୁ ମାମଲାର ବିଚାରକରି ଆସାମୀ ବିଶ୍ୱଜିତ ସେଠୀ ଓରଫ୍ ଚିକୁନ(୨୪) କୁ ୨୦ ବର୍ଷ ସଜା ଶୁଣାଇଛନ୍ତି।

ପୁଲିସ ସୂଚନା ଅନୁସାରେ, ଗତ ୨୦୨୨ ମସିହା ଜାନୁୟାରୀ ୧୪ ତାରିଖ ଦିନ ବାଲିପାଟଣା ଥାନା ଅଞ୍ଚଳର ୯ ବର୍ଷର ଝିଅ ଚିକୁନ ଘର ପଛପଟେ ଥିବା ନଳକୂପକୁ ଗାଧୋଇବାକୁ ଯାଇଥିଲା। ସେହି ସମୟରେ ଚିକୁନ ନାବାଳିକା ପୀଡ଼ିତାଙ୍କ ପାଟି ବନ୍ଦ କରି ଜୋରଜବରଦସ୍ତ ଉଠାଇ ନେଇ ଅସଦାଚରଣ କରିଥିଲା। ନାବାଳିକା ଘରକୁ ଫେରି କାନ୍ଦି କାନ୍ଦି ସବୁକଥା କହିବା ପରେ ତାଙ୍କ ବାପା ଚିକୁନ ଘରକୁ ଯାଇଥିଲେ। କିନ୍ତୁ ତାଙ୍କୁ ଦେଖି ଚିକୁନ ସେଠାରୁ ଖସି ପଳାଇ ଯାଇଥିଲେ। ପୀଡ଼ିତା ଯନ୍ତ୍ରଣାରେ ଛଟପଟ ହେବାରୁ ତାଙ୍କୁ ପ୍ରଥମେ ଅଠାନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନାବାଳିକାଙ୍କ ବାପାଙ୍କ ଅଭିଯୋଗ କ୍ରମେ ବାଲିପାଟଣା ଥାନା ପୁଲିସ ମାମଲା ରୁଜୁ କରିଥିଲା। ତତ୍କାଳୀନ ଥାନା ଅଧିକାରୀ ତଥା ଇନ୍ସପେକ୍ଟର କୃପାସିନ୍ଧୁ ବରାଡ଼ ଅଭିଯୁକ୍ତ ଚିକୁନକୁ ଗିରଫ କରିଥିଲେ। ୩୭୬(୨)(ଏମ୍), ୩୭୬-ଏବି ଆଇପିସି ଓ ୬ ପୋକ୍‌ସୋ ଆକ୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ୧୬ ଜଣ ସାକ୍ଷୀ ଓ ୬୦ ଗୋଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଚିକୁନକୁ ଦୋଷୀ ସାବ୍ୟସ୍ତ କରିଥିଲେ। ୬ ପୋକ୍‌ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମନା ଆଦେଶ ଦେଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅଧିକ ୩ ମାସ କାରାଦଣ୍ଡର ଆଦେଶ ଦେଇଛନ୍ତି। ନାବାଳିକା ପୀଡ଼ିତାଙ୍କ ଶାରୀରିକ ଓ ମାନସିକ ଆଘାତକୁ ବିଚାର କରି କ୍ଷତିପୂରଣ ବାବଦକୁ ୪ ଲକ୍ଷ ଟଙ୍କା ଦେବାକୁ ଜିଲ୍ଲା ଆଇନଗତ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ପ୍ରମୁଖ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ଜଳିଗଲା ଘର; ସର୍ବସ୍ୱ ହରାଇଲେ ପରିବାର

ହଂସପାଳ/ବାଲିଅନ୍ତା, ୨୧।୮ (ସମିସ): ପାହାଳ ଥାନା ଅଧୀନ ତିରଣପଦା ଗ୍ରାମରେ କୌଣସି କାରଣରୁ ନଗେନ ଦାସଙ୍କ ଘରେ ନିଆଁ ଲାଗିଯିବା ଫଳରେ ଘରର ସର୍ବସ୍ୱ ଜଳି ପୋଡ଼ି ଛାରକାର ହୋଇଯାଇଛି। ପାହାଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସୂଚନା ଅନୁସାରେ ନଗେନଙ୍କ ୩ ବଖରା ଚାଳଛପର ଘର ଥିଲା। ସେଠାରେ ସେ ପରିବାର ସହ ରହୁଥିଲେ। ଗୋଟେ ବଖରା ଘରେ ସେ ରହୁଥିବା ବେଳେ ଆଉ ଗୋଟେ ଘରେ ସେ ଧାନ, ଚାଉଳ, ଗୋରୁଙ୍କ ପାଇଁ ଚୋକୋଡ ରଖିଥିଲେ ଏବଂ ଅନ୍ୟଏକ ଘରେ ରୋଷେଇ କରୁଥିଲେ। ଗୁରୁବାର ସକାଳୁ ହଠାତ୍ କୌଣସି କାରଣରୁ ଘରୁ ଧୂଆଁ ବାହାରିଥିଲା ଏବଂ ସଙ୍ଗେ ସଙ୍ଗେ ଚାଳ ଘର ହେତୁ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲା। ଫଳରେ ନିଆଁ ବ୍ୟାପି ୩ ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ସମସ୍ତ ଆସବାପତ୍ର, ଧାନ, ଚାଉଳ, ଚୋକୋଡ, ରୋଷେଇ ସାମଗ୍ରୀ ସହ ସମସ୍ତ ନିତ୍ୟାବଶ୍ୟକ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ବିଧାୟକ ନବ କିଶୋର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ପ୍ରଶାସନ ସହିତ ଯୋଗାଯୋଗ କରି ଯଥାଶୀଘ୍ର କ୍ଷତି ପୂରଣ ଦେବାପାଇଁ କହିଥିଲେ। ଏହା ସହିତ ପରିବାରକୁ ଇନ୍ଦିରା ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ କୁ ଅବଗତ କରିଥିଲେ। ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ ପଞ୍ଚାୟତ ପକ୍ଷରୁ ୭ ଦିନ ପାଇଁ ରାସନ୍ ସାମଗ୍ରୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ ଜେନାମଣି, ପଞ୍ଚାୟତ ବିଜେଡି ସଭାପତି ରବୀନ୍ଦ୍ର ରାଉତରାୟ, ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ସମିତି ସଭ୍ୟ କୁନି ପ୍ରଧାନ ଉପସ୍ଥିତ ଥିଲେ। ବାଲିଅନ୍ତା ଅତିରିକ୍ତ ତହସିଲଦାର, ଆର୍ ଆଇ ସ୍ଥିତି ଅନୁଧ୍ୟାନ କରିବା ସହ କ୍ଷୟକ୍ଷତି ଆକଳନ କରିଥିଲେ।



## ଯୁବତୀଙ୍କୁ ପିଛା କରି ଯୁବକ ଗିରଫ

ଭୁବନେଶ୍ୱର, ୨୧।୮ (ସମିସ): ଯୁବତୀଙ୍କୁ ପିଛା କରି ଅଶ୍ଳୀଳ ଇଙ୍ଗିତ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଜଗତପୁରର ବିକ୍ରମ ବେହେରା (୨୫)। ପୁଲିସ ସୂଚନା ଅନୁସାରେ, ବିକ୍ରମ ଗତ ୨୦ ଦିନ ହେବ ଫାଳିକିଆ ବସ୍ତିର ଜଣେ ଯୁବତୀଙ୍କୁ ପିଛା କରୁଥିଲା। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଭୟଙ୍କର ପରିଣାମର ଧମକ ଦେଉଥିଲା। ବିଭିନ୍ନ ଫୋନ୍ ନମ୍ବରରୁ କଲ୍ କରି ହଇରାଣ କରୁଥିଲା। ଏନେଇ ସେ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ବିକ୍ରମକୁ ଗିରଫ କରିଥିଲା। ତା’ ଠାରୁ ଦୁଇଟି ମୋବାଇଲ୍ ଫୋନ୍ ଓ ଗୋଟିଏ କାର ଜବତ କରିଥିଲା।

## ଲାଇନ୍‌ମ୍ୟାନକୁ ଧମକ; ଜଣେ ଅଟକ

ନନ୍ଦନକାନନ, ୨୧।୮ (ସମିସ): ବାରଙ୍ଗ ବିଦ୍ୟୁତ ବିଭାଗ ଅଞ୍ଚଳ ଗଣ୍ଡରପୁର ଗ୍ରାମରେ ବେଆଇନି ବିଦ୍ୟୁତ କାଟ କରିବାରୁ ଜଣେ ବିଦ୍ୟୁତ କର୍ମଚାରୀଙ୍କୁ ଧମକଚମକ କରିବା ଅଭିଯୋଗରେ ନନ୍ଦନକାନନ ଥାନା ପୁଲିସ ଜଣକୁ ଅଟକ ରଖିଛି। ଅଟକ ଯୁବକ ଜଣକ ହେଲେ ଗଣ୍ଡରପୁର ଗ୍ରାମର ସୁବ୍ରତ ରାଉତ। ସେ କରିଥିବା କୁକୁଡ଼ା ଫାର୍ମକୁ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ କରିଥିଲେ। ବିଦ୍ୟୁତ କର୍ମଚାରୀ କାହ୍ନୁ ସୁତାର ଫାର୍ମରେ ଲାଗିଥିବା ବେଆଇନି ବିଦ୍ୟୁତ ସଂଯୋଗକୁ କାଟିବାରୁ ତାଙ୍କୁ ସୁବ୍ରତ ଓ ତାଙ୍କର ଅନ୍ୟ କିଛି ସହଯୋଗୀ ତାଙ୍କୁ ଧମକ ଚମକ ଦେଇଥିବା ନେଇ ନନ୍ଦନକାନନ ଥାନାରେ ଅଭିଯୋଗ କରିଛନ୍ତି। ନନ୍ଦନକାନନ ପୁଲିସ ସୁବ୍ରତକୁ ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡ଼ିଛି।

## ମେୟର୍ ବୁଲିଲେ ୨ ଓ ୩ ନମ୍ବର ୱାର୍ଡ



ଭୁବନେଶ୍ୱର, ୨୧।୮ (ସମିସ): ବିଏମ୍‌ସି ମେୟର ସୁଲୋଚନା ଦାସ ୨ ଓ ୩ ନମ୍ବର ୱାର୍ଡ ବୁଲି ବିଭିନ୍ନ କାର୍ଯ୍ୟ ତଦାରଖ କଲେ। ରାସ୍ତା, ଡ୍ରେନ, ରାସ୍ତାପାର୍ଶ୍ୱ ଆଲୋକ ବ୍ୟବସ୍ଥା, ଜବରଦଖଲ ଆଦି ବୁଲି ଦେଖିବା ସହ ସ୍ଥାନୀୟ ଲୋକଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ପରିଦର୍ଶନ ସମୟରେ ମେୟରଙ୍କ ସହ ସ୍ଥାନୀୟ କର୍ପୋରେଟର, ବିଏମ୍‌ସି ଅଧିକାରୀ ଓ ଇଂଜିନିୟରମାନେ ଉପସ୍ଥିତ ଥିଲେ।

## ‘ଯୁବପିଢ଼ି-ହତାଶା-ଜୀବନ’ ଆଲୋଚନାଚକ୍ର



ଭୁବନେଶ୍ୱର, ୨୧।୮ (ସମିସ): ଓଡ଼ିଶା ଅବସରପ୍ରାପ୍ତ ପୁଲିସ ପଦାଧିକାରୀ କଲ୍ୟାଣ ସମିତି ଆନୁକୂଲ୍ୟରେ 'ଯୁବପିଢ଼ି-ହତାଶା-ଜୀବନ' ଗଣମାଧ୍ୟମର ସାମାଜିକ ଦାୟିତ୍ୱବୋଧ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବୋଉ ଫାଉଣ୍ଡେସନ, ରାଜ୍ୟ ବରିଷ୍ଠ ନାଗରିକ ମହିଳା ସଂଘ, ରାଜ୍ୟ ବରିଷ୍ଠ ନାଗରିକ ଫେଡେରେସନ, ମା ଘର ଫାଉଣ୍ଡେସନ, ରାଜ୍ୟ ଘରୋଇ ବିଦ୍ୟାଳୟ ଅଭିଭାବକ ସଂଘ ଓ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସହଯୋଗରେ ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ଆୟୋଜିତ ହୋଇଯାଇଛି। ଅବସରପ୍ରାପ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତୀଶ ମହାନ୍ତି ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ରତ୍ନପର୍ଣ୍ଣା ମହାନ୍ତି ଅତିଥି ପରିଚୟ କରାଇଥିଲେ। ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଆତ୍ମାହୁତି ଖବରକୁ ଗଣମାଧ୍ୟମ ବହୁଳ ଭାବରେ ପ୍ରଚାର ନ କରି ସାଧାରଣ ଭାବେ କଲେ ଆତ୍ମାହୁତିକୁ ପ୍ରୋତ୍ସାହନ ମିଳିବ ନାହିଁ ବୋଲି ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ପ୍ରାକ୍ତନ ପୁଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର, ମହିଳା ସଙ୍ଘର ସଭାପତି ଡଃ ସେବା ମହାପାତ୍ର, ବରିଷ୍ଠ ସାମ୍ବାଦିକ ରବି ଦାସ, ମନୋରଞ୍ଜନ ମିଶ୍ର, ମାନସିକ ରୋଗ ବିଶେଷଜ୍ଞ ଡ. ଶୁଭେନ୍ଦୁ ମିଶ୍ର, ଡ. ଉଦିତ ପଣ୍ଡା, ପ୍ରାକ୍ତନ ସାମାଜିକ ବିଜ୍ଞାନ ପ୍ରଫେସର ଡ଼ଃ କୈଳାସ ନାଥ ସ୍ୱାଇଁ, ହୋମିଓପାଥିକ କଲେଜ ଅଧକ୍ଷ ଡଃ ବିଜୟଲକ୍ଷ୍ମୀ ବିଷୋୟୀ, ଯୁଗଳ କିଶୋର ସାହୁ, ନିରଞ୍ଜନ ପଣ୍ଡା ପ୍ରମୁଖ ତାଙ୍କ ବକ୍ତବ୍ୟରେ କହିଥିଲେ।

# ଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା

ଭୁବନେଶ୍ୱର, ୨୧।୮ (ସମିସ): ଗୁରୁବାର ସକାଳେ କିଟ୍ ଛକରେ ବିଏମ୍‌ସିର ଉଚ୍ଛେଦ ଅଭିଯାନକୁ ବିରୋଧ କରିଛନ୍ତି ଶତାଧିକ ଉଠାଦୋକାନୀ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜପନା ପ୍ରକାଶ ପାଇଥିଲା।

ସକାଳେ ହଠାତ୍ ଉଚ୍ଛେଦକାରୀ ଦଳ ଦୁଇଟି ଡୋଜର, ପୁଲିସ୍ ଫୋର୍ସ ସହିତ ପହଞ୍ଚି ରାସ୍ତାକଡ଼ ଦୋକାନୀଙ୍କୁ ଉଠିଯିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରିଥିଲେ। ସେହି ସମୟରେ ଦୋକାନୀମାନଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ଦୋକାନୀମାନେ କିଛି ଭାବିବା ପୂର୍ବରୁ ଉଚ୍ଛେଦକାରୀ ଦଳ ଦୋକାନୀମାନଙ୍କୁ ସମୟ ନ ଦେଇ ବୁଲଡୋଜର ସହାଯ୍ୟରେ ଗୋଟିଏ ପରେ ଗୋଟିଏ ଦୋକାନ ଉଚ୍ଛେଦ କରି ଚାଲିଥିଲେ। ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଚ୍ଛେଦ ବେଳେ ଶହ ଶହ ଦୋକାନୀ ଡୋଜର ଆଗରେ ଛିଡ଼ାହୋଇ ପ୍ରତିବାଦ କରିବାରୁ ବିଏମ୍‌ସି ଆଉ ଦୋକାନଗୁଡ଼ିକୁ ଉଚ୍ଛେଦ ନ କରି ଘଟଣାସ୍ଥଳରୁ ଫେରି ଯାଇଥିଲେ। ସନ୍ଧ୍ୟାରେ ବିଏମ୍‌ସି ଉଚ୍ଛେଦକାରୀ ଦଳ ଆସି ମା’ ଶିଖରଚଣ୍ଡୀ କ୍ଷୁଦ୍ର ବ୍ୟବସାୟୀ ସଂଘର ଭେଣ୍ଡିଂଜୋନଗୁଡ଼ିକୁ ଭାଙ୍ଗି ଦେଇଥିଲେ। ବିଏମ୍‌ସି ଅଧିକାରୀମାନେ ଯେଉଁଭଳି ଭାବରେ ଉଠାଦୋକାନ ଉଚ୍ଛେଦ କଲେ, ଏଥିରୁ ପ୍ରମାଣିତ ହେଉଛି ଯେ ବିଏମ୍‌ସି କମିସନର ଚଞ୍ଚଳ ରାଣା ଉଠାଦୋକାନୀ ଆଇନକୁ ଖୋଲାଖୋଲି ଉଲ୍ଲଘଂନ କରିବା ସହ ସମ୍ବିଧାନର ଧାରା ୧୯(୧)(ଛ)କୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ଯଦି ବିଏମ୍‌ସି କମିସନର ଆଇନ ନମାନି ଏହିଭଳି ଉଚ୍ଛେଦ ଜାରି ରଖନ୍ତି, ତେବେ ବାଧହୋଇ ଉଠାଦୋକାନୀ ମହାସଂଘରେ ଥିବା ୩୦ ହଜାର ସଦସ୍ୟ ସଦସ୍ୟା ଓ ସେମାନଙ୍କ ପରିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି ଶ୍ରୀଯୁକ୍ତ ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। କଳ୍ପନା ଅଞ୍ଚଳରେ ଉଠାଦୋକାନ ଉଚ୍ଛେଦ ସମୟରେ ମହାସଂଘର ଉପସଭାପତି ନିରଞ୍ଜନ ପାଣ୍ଡେ ଓ ସୂର୍ଯ୍ୟମଣି ସାହୁ, ମଞ୍ଜୁ ନାୟକ ବିଏମ୍‌ସି ଗାଡ଼ିକୁ ବିରୋଧ କରି ଫେରାଇ ଦେଇଥିଲେ।



**ଉଠାଦୋକାନୀଙ୍କ ବିରୋଧ**

**ଆଇନ ମାନୁନାହାଁନ୍ତି ବିଏମ୍‌ସି କମିସନର୍ : ସଂଘ**